ଫେବୃୟାରୀ ୨୦୨୨



Photo by Dr. Ranjit Ku Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆମେ ଓଡିଆ ସମସ୍ତେ ଖାଦ୍ୟ ପ୍ରେମୀ । କଥାରେ ଅଛି ନଅ ତିଅଣ ଛଅ ଭଜା ନହେଲେ ଓଡିଆ ଘରେ ଖାଇବା, ଖାଇବାରେ ଗଣା ହୁଏନା । କିଛି ନହେଲେ ବି ଭାତ, ଡାଲି, ଆଉ ପାଖରେ ଶାଗ ଭଜା, ଆଳୁ ଚକଟା ଆଉ ବଡି ଚୁନା ସାଙ୍ଗକୁ ଲଙ୍କା, ଲେମ୍ବୁ ଟିକେ ନରଖିଲେ ଖାଇବା ପାଟିକୁ ଯାଏନି । ରବିବାର ହେଲେ, ସକାଳୁ ସକାଳୁ ମାଛ ମାଂସ ବଜାରରେ ନାହିଁନଥିବା ଭିଡ । ସାଙ୍ଗକୁ ଚିଙ୍ଗୁଡି, କଙ୍କଡା, ଚିକେନ୍ ଇତ୍ୟାଦି କିଣିବାକୁ ସକାଳୁ ନଗଲେ ଭଲ ଜିନିଷ ମିଳେନାହିଁ । ତେଣୁ ବଜାର ମାନଙ୍କରେ ନାହିଁନଥିବା ଭିଡ । ଆଉ ସେଥି ସହିତ ମାଂସରେ ପାଣି ମିଶେଇ ଆଉ ବରଫ ଦିଆ ମାଛ ବିକି ଠକିବାକୁ କଂସେଇମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାନ୍ତି ଗରାଖ ମାନଙ୍କ ଆଗମନକୁ । ଆଉ ରବିବାରେ ନିଜ ମନ ପସନ୍ଦ ଖାଦ୍ୟ ଖାଇ ଟିକେ ବିଶ୍ରାମ କରିବାର ମଜା ଅତ୍ୟନ୍ତ ମଧୁର । ତେଣୁ ଦୋକାନ ବଜାର ଖୋଲା ଥିଲେ ବି ମାଲିକ ଖରାବେଳେ ଖାଇସାରିଲା ପରେ ଟିକେ ବିଶ୍ରାମ ନେଇଯାଏ । ଏପରିକି ରିକ୍ସା ଚାଳକମାନେ ମଧ୍ୟ ଗଛ ଛାଇରେ ହେଉ ମଧ୍ୟ, କିଛି ସମୟ ପାଇଁ ବିଶ୍ରାମ ନେଇଥାନ୍ତି ।

ଓଡିଶା ବାହାରେ ରହୁଥିବା ଓଡିଆ ମାନେ ମଧ୍ୟ ଏଥିରୁ ବାଦ ଯିବେ କେମିତି । ତେଣୁ ବଡ ବଡ ସହରରେ ଓଡିଆ ସଂସ୍ଥାରେ ଥିବା ସଦସ୍ୟ ମାନେ ବଣ ଭୋଜି ବା ଏକାଠି ମିଶି ଓଡିଆ ଖାଦ୍ୟ ତିଆରି କରି ଖାଇବା ପ୍ରାୟତଃ ଦେଖାଯାଇଥାଏ । ଏଥିପାଇଁ ଓଡିଆ ଖାଦ୍ୟ ବନେଇବା ପାଇଁ ଓଡିଆ ନନାଙ୍କ ଡିମାଏଣ୍ଡ ମଧ୍ୟ କହିଲେ ନସରେ । ପ୍ରତି ସହରରେ

ଓଡିଆ ଖାଦ୍ୟ ତିଆରି କରିବାପାଇଁ ଓଡିଆ ନନାଙ୍କୁ ଖୋଜିବା ନିହାତି ଦରକାର । ଆଉ ବାହାରେ ବନୁଥିବା ଖାଦ୍ୟରେ ଟିକେ ଆମିଷ ନହେଲେ ନଚଳେ । ସେଥିପାଇଁ ଭାତ, ଡାଲି, ଖଟା, ଖୀରି ସାଙ୍ଗକୁ ଖାସି ମାଂସ ଆଉ ଚଖଣାରେ ମାଛ ଭଜା ନିଷ୍ଚୟ ବନାଇବାକୁ ପଡେ ।

ଓଡିଶା ବାହାରେ ରହୁଥିବା ଅନେକ ଓଡିଆ ଏହି ଓଡିଆ ଖାଦ୍ୟର ମଜା ନେବାପାଇଁ ଓଡିଆ ସଂସ୍ଥା ତରଫରୁ ହେଉଥିବା ବିଭିନ୍ନ ପୂଜା ପର୍ବାଣୀ ସମୟରେ ଏକଜୁଟ ହୋଇଥାନ୍ତି ଆଉ ମନରେ ଥାଏ କେମିତି ଟିକେ ଓଡିଆ ଖାଦ୍ୟର ମଜା ନେବେ ଏତେଦିନ ପରେ । ବଡ ବଡ ମହାନଗରରେ, ଯେପରିକି ମୁମ୍ବାଇ, ନୂଆ ଦିଲ୍ଲୀ ଭଳି ଜାଗା ମାନଙ୍କରେ ଲୋକଙ୍କ ପାଖରେ ଛୁଟି ଦିନରେ କିଛିଟା ସମୟ ଥାଏ ଆଉ ସେହି ସମୟର ସଦୁପଯୋଗ ପାଇଁ ମାଡି ଯାଆନ୍ତି ପାଖରେ ଥିବା ଓଡିଶା ଭବନ ହେଉ କିମ୍ବା ଜଗନ୍ନାଥ ମନ୍ଦିର ହେଉ ଆଉ ସେଠି ପହଞ୍ଚି ଭରପୁର ମଜା ନିଅନ୍ତି ଓଡିଆ ଖାଦ୍ୟ ଖାଇସାରିବା ପରେ କିଛି ଓଡିଆ ମିଠାର ।

ଓଡିଆମାନେ ଖାଦ୍ୟ ପ୍ରେମୀ ଆଉ ସେଥିରୁ ଆମ ବଡ ଠାକୁର ବାଦ ଯିବେ କିପରି । ସେଥିପାଇଁ ଖାଦ୍ୟର ପ୍ରକାର ଆରମ୍ଭ ହୋଇଛି ଆମ କାଳିଆ ଠାକୁରଙ୍କ ଘରୁ । ଛପନ ପ୍ରକାରର ଭୋଗ ତିଆରି ହୋଇଥାଏ ଠାକୁରଙ୍କ ପାଇଁ । ତେଣୁ ସେହି ଛାପ ଆମ ପାଖରେ ବି ଟିକେ ରହିଯାଇଛି । ଆଉ ନଅ ତିଅଣ ଛଅ ଭଜା ଆମ ପାଇଁ ନିତିଦିନିଆ କଥା । ମାତ୍ର ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା ଯେ କୌଣସି ଜନତା କେବେ ଭୋକିଲା ନରୁହନ୍ତୁ ଏହି ଦୁନିଆରେ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....



| | | |
|---|---|---|
| ଭକ୍ତକବି ଦୀନକୃଷ୍ଣ ଦାସ | ବରଦା ପ୍ରସନ୍ନ ଦାସ | ୧୨ |
| କଦମ୍ବ-ପଣ | ଡ. ଶକୁନ୍ତଳା ନାଏକ ଗୁପ୍ତା | ୧୪ |
| କ୍ଷମା | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୬ |
| ଧନୁସଂକ୍ରାନ୍ତି ଓ ଧନୁଯାତ୍ରା | ଜୟଶ୍ରୀ ପଟ୍ଟନାୟକ | ୧୮ |
| ସମ୍ପର୍କ | କୁଞ୍ଜବିହାରୀ ରାଉତ | ୨୩ |
| ସମୟ ବଦଳୁଛି | ପୁଷ୍ପାଞ୍ଜଳି ପଣ୍ଡା | ୨୫ |
| ବର୍ଷର ଶେଷମାସ ଓ ଓମିକ୍ରନ୍ | ଡକ୍ଟର ବିଜ୍ଞାନୀ ଦାସ | ୨୮ |
| ଶ୍ରୀକ୍ଷେତ୍ରେ ବସିଛି | ଡ. ଅର୍ଜୁନ ଚରଣ ବାରିକ୍ | ୩୫ |
| ସମ୍ପର୍କର ପବିତ୍ରତା | ଡଃ ମାଙ୍ଗଳିକା ମହାପାତ୍ର | ୩୬ |
| ଲୁହ | କୀର୍ତ୍ତି ଦେବୀ | ୩୮ |
| ଅଦେଖା ଉପହାର | ଶାନ୍ତିଲତା ମିଶ୍ର | ୩୯ |
| ଶ୍ରୀମଦ ଭଗବଦ ଗୀତା | ବାସନ୍ତୀ ଲତା ଜେନା | ୪୩ |
| ଜୀବନଟା ନଦୀଟିଏ | ବିନୟ ମହାପାତ୍ର | ୪୬ |
| ଆସିଛି ନୂଆ ବରଷ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୪୮ |
| ଅସାଧାରଣ ସୁନ୍ଦରବନ [ଧାରାବାହିକ] | ଅଶୋକ ବିଶ୍ୱାଳ | ୪୯ |
| ଶ୍ରମିକ ତୁମକୁ ସଲାମ୍ | ଦଣ୍ଡାସି ପ୍ରଧାନ | ୫୬ |
| ପାରିବକି | ଡ. ଜ୍ଞାନେଶ୍ୱର ମିଶ୍ର | ୬୦ |
| ସ୍ୱାଗତମ ନୂଆ ବର୍ଷ | ଅଳକା ମହାନ୍ତି | ୬୧ |

| | | |
|---|---|---|
| କିଏ କହେ ନାରୀ ଦୁର୍ବଳା ? | ଶଶଧର ମହାପାତ୍ର | ୬୩ |
| ତୁମେ ଆସ ହେ ସଫଳତା | ବିନୋଦିନୀ ଦାଶ | ୬୭ |
| ଭାରତ ବର୍ଷ | ଡ. ପ୍ରସନ୍ନ କୁମାର ବଳ | ୬୯ |
| ଆଖି | ଅମ୍ବିକା ସ୍ୱାଇଁ | ୭୧ |
| ଭାରତ ବିଭାଜନ : ଏକ ପରାଭୂତ ସ୍ୱପ୍ନ | ପ୍ରିୟବ୍ରତ ପାତ୍ର | ୭୨ |
| ଦଶାବତାର | ଜୟନ୍ତୀ ଦେବୀ | ୭୭ |
| ଏ ଜୀବନ ଛନ୍ଦମୟ | ସଂଯୁକ୍ତା ସାହୁ | ୭୯ |
| ଅଧୁରା ସ୍ୱପ୍ନ | ବୀରକିଶୋର ନାୟକ | ୮୦ |
| ଈଶ୍ୱର ଅଛନ୍ତି | ସୁଷମା ପରିଜା | ୮୨ |
| ମୋତେ ଭୁଲିଗଲ କି | ସ୍ୱର୍ଣ୍ଣପ୍ରଭା ଖଟୁଆ | ୮୫ |
| ପରିଚୟ | ଡଃ ଅଭିମନ୍ୟୁ କାନୁନଗୋ | ୮୭ |
| ପ୍ରତିଶୃତି | ଆଦ୍ୟରଶ୍ମି କର | ୮୯ |
| ମାତୃଭୂମି ବୀର | ପୂର୍ଣ୍ଣଚନ୍ଦ୍ର ରଣା | ୯୦ |
| ମାଖନୁ ର ଜଡିବୁଟି | ଆଶୁତୋଷ ମେହେର | ୯୨ |
| ନୂଆବର୍ଷ | ସୁଲୋଚନା ବେହେରା | ୯୫ |
| ଭାବନାର ଗନ୍ତାଘର | ଛବିରାଣୀ ପତି | ୯୭ |
| ପହିଲି ଭୋଗ | ଅରୁଣ କୁମାର ମହାପାତ୍ର | ୯୯ |
| ନବନାଟ୍ୟ ଅନ୍ଦୋଳନରେ ‘ବାଦ’ ର ପ୍ରୟୋଗ | ଅଧ୍ୟାପକ ସୁବାଷ ବାରିକ | ୧୦୧ |
| ନିରୁଦ୍ଧିଷ୍ଟ ପଦଚିହ୍ନ | ଡା. ମଧୁମିତା ଷଢଙ୍ଗୀ | ୧୦୫ |
| ଇଗଲ ମାଡିଛି | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୦୭ |
| ସେ ନିଆଁ ଥିଲା କି ଛୁଆଁ ଥିଲା | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୦୯ |

| | | |
|---|---|---|
| ନାମ ଜୀବିକା | ତ୍ରିପତି ପ୍ରଧାନ | ୧୧୧ |
| ହଡାବଳଦର ଆତ୍ମକାହାଣୀ | ଅଧର ବିଶ୍ୱାଳ | ୧୧୩ |
| ଏ ଶୀତ | ଗଜାନନ ମିଶ୍ର | ୧୧୬ |
| ଶୀତୁଆ ସକାଳ | ପ୍ରଶାନ୍ତ କୁମାର ପାଢ଼ୀ | ୧୧୭ |
| ମନର ମାନସୀ | ପୁଷ୍ପାଞ୍ଜଳି ମିଶ୍ର | ୧୧୮ |
| ବିଶ୍ୱ ବନ୍ଦିତା | ମୀନାକ୍ଷି ପାଢ଼ୀ | ୧୨୦ |
| ଲଳିତ ନିବନ୍ଧ-ଭାଷାର ପରିଧି | ବଦ୍ରୀ ମହାନ୍ତି | ୧୨୧ |
| ମାଟି କହେ କୁମ୍ଭାରକୁ | ରାଧାମୋହନ ପୂଜାହାରୀ | ୧୨୫ |
| ପୁରୁଣା ସ୍ମୃତି | ସସ୍ମିତା ପଟ୍ଟନାୟକ | ୧୨୭ |
| ଟିକିଲି | ଦୀନବନ୍ଧୁ ପୋଇ | ୧୨୯ |
| ନାଟକ-<br>ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୦ |
| ବାପୁଜୀଙ୍କ ସ୍ୱପ୍ନର ଭାରତ | ହରେରାମ ପଣ୍ଡା | ୧୩୭ |
| ମାନସିକତା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୩୯ |
| ଚାନ୍ଦର ଚାନ୍ଦିନୀ | ନିରଞ୍ଜନ ସାହୁ | ୧୪୧ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୪୨ |
| ଜଳୁଛି ଜଙ୍ଗଲ | ଅମୂଲ୍ୟ କୁମାର ପଣ୍ଡା | ୧୪୮ |
| କବିର ଭାବ | ଦୀନବନ୍ଧୁ ପୋଇ | ୧୫୦ |
| ଜାଳେ ନିତି ଲୁହ ଦୀପ | ଗୌରୀ ମେହେର | ୧୫୧ |
| ତୁମେ ଗୋଟିଏ ଶବ୍ଦ କୁହ ନାହିଁ,<br>ତଥାପି, ଜଗତ ତୁମକୁ ବୁଝେ ! | ଅସିତ ମହାନ୍ତି | ୧୫୩ |
| ରଖିଥିବ ସଦା ମନେ | ରଘୁନାଥ ତ୍ରିପାଠୀ | ୧୫୭ |
| ଝିଲିମିଲି ସାହୁ | ଝିଲିମିଲି ସାହୁ | ୧୫୯ |
| ମଲାପରେ ହେବ ଦେଖା | ଜୟନ୍ତ କୁମାର ମଲ୍ଲିକ୍ | ୧୬୦ |

| | | |
|---|---|---|
| ସନ୍ଦିଗ୍ଧ ପ୍ରେମିକା - ଶ୍ରାବଣୀ ମିଶ୍ର | ସୁଶ୍ରୀୟା ପରିଡା | ୧୬୧ |
| ମୁଁ | ବୈଷ୍ଣବ ମେହେର | ୧୬୮ |
| ଉତ୍ତମ ଶିକ୍ଷକ | ଖଗେଶ୍ୱର ବାଗ | ୧୬୯ |
| ଶୀତ ର ଏ ଅଭୁଲା ସ୍ମୃତି | ଅଳକା ମହାନ୍ତି | ୧୭୧ |
| ଆମ ମାଟି | କୁମର ଲାଲ ରଣା | ୧୭୪ |
| ପ୍ରଭୂଙ୍କ ପାଖେ ଗୁହାରୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୭୫ |
| ସାରା ଦେଶରେ ପଡେ ଭାଳେଣି | ରାଜକିଶୋର ସାଇଁ | ୧୭୬ |
| ଛୋଟ ମୋର ନାଆଟି (ଧାରାବାହିକ ) | ପ୍ରଫେସର ଅନିତା ପଣ୍ଡା | ୧୭୮ |
| ସ୍ୱପ୍ନାଭିସାର | କୃଷ୍ଣ ଚନ୍ଦ୍ର ବାରିକ | ୧୮୯ |
| ବୁଦ୍ଧିଦିଅ ଜଗା କାଳିଆ | ଶିଶିର କୁମାର ପଣ୍ଡା | ୧୯୧ |
| ମଉନାବତୀ | ସରୋଜଲକ୍ଷ୍ମୀ ମହାନ୍ତି | ୧୯୨ |
| ଗୀତା କିପରି ମନକୁ ନିର୍ମଳ କରେ | ନରେନ୍ଦ୍ର ପ୍ରସାଦ ବେହେରା | ୧୯୫ |
| ଜୀବନ ଗୀତିକା | ଜନ୍ମଜୟ ନାୟକ | ୧୯୭ |
| କହ ରେ କାଳିଆ | ନନ୍ଦିନୀ ରାଉତ | ୧୯୯ |
| ଗାନ୍ଧାରୀଙ୍କର ଅଭିଶାପ ଓ ଶ୍ରୀ କୃଷ୍ଣଙ୍କର ପ୍ରବୋଧନା | ଅଲେଖ ମେହେର | ୨୦୦ |
| ଅଚିହ୍ନା ବନ୍ଧନ (ଧାରାବାହିକ ) | ଜୟଲକ୍ଷ୍ମୀ ସେଠୀ | ୨୦୩ |
| ରାଜା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ ) | ୨୦୭ |
| କଥା ତିନୋଟି | ବିନୟ ମିଶ୍ର | ୨୦୯ |
| ଧନ | ଅମରନାଥ ବାରିକ | ୨୧୦ |
| ବନ୍ଧୁତ୍ୱ | ଝରଣା ବାରିକ | ୨୧୧ |

| | | |
|---|---|---|
| ହେ ଶ୍ରୀନିବାସ | ପ୍ରଶାନ୍ତ କୁମାର ନାଥ | ୨୧୩ |
| ଲୁହ | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୫ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୧୭ |
| ସ୍ମୃତିରେ ପ୍ରାଧ୍ୟାପକ ରଙ୍ଗନାଥ ହୋତା | ଲକ୍ଷ୍ମୀନାରାୟଣ ପଟ୍ଟନାୟକ | ୨୧୯ |
| ମୋ ଦୁଃଖ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୨୨୩ |
| ନବ ବରଷ | ସାଇପ୍ରସାଦ ସାହୁ | ୨୨୪ |
| ଅନିର୍ଦ୍ଦିଷ୍ଟ ଯାତ୍ରା | ଅଭିମନ୍ୟୁ ଧଳ | ୨୨୫ |
| ଜୟ ମାଁ ସନ୍ତୋଷୀ | ରାମ ଚନ୍ଦ୍ର ପ୍ରଧାନ | ୨୨୬ |
| ଜୈବ ବିବିଧତା- ଅବଲୋକନ | ପ୍ରତାପ ଚନ୍ଦ୍ର ସାହୁ | ୨୨୮ |
| ଇଚ୍ଛାମୃତ୍ୟୁ | ଦୀନବନ୍ଧୁ ବେଜ | ୨୩୧ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୨୩୨ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କିଶୋର ମହାନ୍ତି | ୨୩୫ |
| ଆହେ ମହାବାହୁ | ଲଲାଟେନ୍ଦୁ ବାରିକ | ୨୩୯ |
| ଫୁଲ ତ କହୁଛି | ଅଜିତ ପାଢ଼ି | ୨୪୦ |
| ତୁମରି ଚରଣ ପଥେ | ବର୍ଷାରାଣୀ ଭଟାଗୁରିଆ | ୨୪୨ |
| ତିନି ପାଦର ପୃଥିବୀ | ଅଧ୍ୟାପକ ଅଶୋକ ମହାରଣା | ୨୪୪ |
| ଝରା ଶ୍ରାବଣ | ଶୁଭମ୍ କୁମାର ସାହୁ | ୨୫୧ |
| ଜଗନ୍ନାଥ ଜଣାଣ | ପ୍ରଦୀପ କୁମାର ଜିଲିକାରା | ୨୫୨ |
| ନାରୀ | ରୋଜାଲିନ୍ ମିଶ୍ର | ୨୫୪ |
| ଭୋକିଲା ପେଟ | ବିଶ୍ୱ ରଞ୍ଜନ ମହାନ୍ତି | ୨୫୬ |
| କୁହୁକ କଳ୍ପନା | ଅଜିତ ମହାପାତ୍ର | ୨୫୯ |
| ଅପ୍ରେମ | କିରଣ ମନିଷା ମହାନ୍ତି | ୨୬୧ |

| | | |
|---|---|---|
| ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ କଳାପଥର | କିଷାନ ମହାକୁର | ୨୬୨ |
| ହତଭାଗା ମଣିଷ | ସୁଚିସ୍ମିତା ପଟ୍ଟନାୟକ | ୨୬୫ |
| ସପ୍ତମାତୃକା | ସଂଘମିତ୍ରା କବି | ୨୬୯ |
| ଅପେକ୍ଷାରେ | ସମୀର ରଣା | ୨୭୧ |
| ଆସୁଛେ ନୂଆଁ ବରଷ | ଦେବାର୍ଚ୍ଚନ ମେହେର | ୨୭୨ |
| ଅନୁଭୂତିରେ ରାଣୀପୁର ଝରିଆଲ୍ | ଟଙ୍କଧର ସାହୁ | ୨୭୫ |
| ଜନ୍ମଦିନର ଶୁଭେଚ୍ଛା | ସରୋଜ କୁମାର ଜେନା | ୨୭୮ |
| ବଣ ଭୋଜି | ଟଙ୍କଧର ଶତପଥି | ୨୭୯ |
| ମାନ ଭଞ୍ଜନ | ତ୍ରିପତି ପ୍ରଧାନ | ୨୮୦ |
| ସନ୍ଦେହ | ମହେଶ୍ୱର ସାହୁ | ୨୮୧ |
| ଜୀବନର ରାହା | ଅଜୟ କୁମାର ପଧାନ | ୨୮୬ |
| ଶେଷ ନିଶ୍ୱାସ | ବିଶ୍ୱଜିତ୍ ନାୟକ (ଅମର) | ୨୮୮ |
| ମୁଁ ରାବଣ କହୁଛି | ଦେବାଶିଷ ଦାସ | ୨୯୦ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୨୯୪ |
| ଆହୁରି ରହିଛି ବାକି | ରାଧାରାଣୀ ରାଉଳ | ୨୯୮ |
| ପ୍ରଥମ ଅକ୍ଷର | ଦୁଷ୍ମନ୍ତ ବେହେରା | ୨୯୯ |
| ସ୍ମୃତି ର ନଇ କୂଳ | ଦୀପକ କୁମାର ନାୟକ | ୩୦୧ |
| ଅଘରିଆ ଜାତିର ଲୋକସଂସ୍କୃତି: ଅନୁଶୀଳନ | ସନ୍ତୋଷ କୁମାର ରାଉତ | ୩୦୩ |
| ଫେରି ଯାଉଛି ପୁରୁଣା ବର୍ଷ | ଦୁର୍ଯ୍ୟୋଧନ ଚଣ୍ଡୀ | ୩୦୭ |
| ମୋ ବାପା | ଲୀଳାବତୀ ପରିଡ଼ା | ୩୦୯ |
| କୁହୁଡ଼ି ଓ ଜୀବନ | ମନଜିତ ମୋହନ୍ ଚାନ୍ଦ | ୩୧୧ |
| ଗୋଲାପ ଗଛ | ସୂର୍ଯ୍ୟ ନାରାୟଣ ସାହୁ | ୩୧୨ |

| | | |
|---|---|---|
| ସ୍ୱାଗତ ନବବର୍ଷ | ନିକୁଞ୍ଜ କୁମାର ଘୋଷ | ୩୧୪ |
| କ୍ୟଲେଣ୍ଡର ବଦଳିଗଲା ବୋଲି | ପ୍ରବୋଧ କୁମାର ହୋତା | ୩୧୬ |
| ଆଶା | ସଙ୍ଗୀତା ମହାନ୍ତି | ୩୧୮ |
| ପରଦେଶୀ ଚଢେଇ | କ୍ଷୀରୋଦ୍ର କୁମାର ସାହୁ | ୩୧୯ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ସୁସ୍ଥ ପରିବେଶ ଓ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୨୪ |
| **ଆମ ହାଣ୍ଡିଶାଳ** | | |
| ହାଣ୍ଡିଶାଳ | ତ୍ରିପତି ପ୍ରଧାନ | ୩୨୮ |
| କ୍ୟାପସିକମ୍ ପନୀର | ଜୟନ୍ତୀ ଦେବୀ | ୩୩୦ |
| **ଆଞ୍ଚଳିକ** | | |
| ଜୀବନ୍  ଗଣିତ୍ | ବାଙ୍କାବିହାରି ମହାକୁର | ୩୩୨ |
| ସବରୀ | ଶୁଭେନ୍ଦୁ ମେହେର | ୩୩୪ |
| ପରଭୁ | ସୁନୀଲ କୁମାର ଅଗସ୍ତି | ୩୩୬ |
| **ଶିଶୁ ବିଭାଗ** | | |
| ତେନ୍ତୁଳି ନା ପାଚିଲା କଇଁଆ | ଡ଼ଃ ରଞ୍ଜିତ କୁମାର ସାହୁ | ୩୩୯ |
| ପଙ୍କରେ ପଙ୍କ | ନୀଳମଣି ଚାନ୍ଦ | ୩୪୩ |
| ଗରିବ ଛୁଆର କାଳୀପୂଜା | ଅଙ୍କିତା ପାଢ଼ୀ | ୩୪୫ |
| ଶିଶୁ ଅଧିକାର | ଦୁଷ୍ମନ୍ତ ବେହେରା | ୩୫୧ |
| ବାଲେରା ମୂଷାର ଫଳଖିଆ | ନୀଳମାଧବ ସାହୁ | ୩୫୩ |

| | | |
|---|---|---|
| ପ୍ରାଣୀ ଉଦ୍ୟାନ ନନ୍ଦନକାନନ | ଅମରନାଥ ବାରିକ | ୩୫୭ |
| ଜୀବନ – ଚିରସ୍ଥାୟୀ ନୁହେଁ | ପ୍ରତୀକ୍ଷା ଶତପଥୀ | ୩୫୯ |
| ଚିତ୍ର | ଅଭିକା ପଟ୍ଟନାୟକ | ୩୬୦ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୬୧ |
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୬୨ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୬୩ |
| ବେଦାନ୍ତୀ କ୍ଷୁଦ୍ରଗଳ୍ପ ବିଜେତା | ବେଦାନ୍ତୀ ପରିବାର | ୩୬୬ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ଭକ୍ତକବି
# ଦୀନକୃଷ୍ଣ ଦାସ



ବରଦା ପ୍ରସନ୍ନ ଦାସ

ମଧ୍ୟଯୁଗୀୟ ଓଡିଆ ସାହିତ୍ୟରେ କବି ଦୀନକୃଷ୍ଣ ଦାସ ଏକ ପ୍ରଚଣ୍ଡ ପ୍ରତିଭା । ବୈଷ୍ଣବ କାବ୍ୟଧାରାର ଅନ୍ୟତମ ଯୁଗପ୍ରବର୍ତ୍ତକ ଭାବରେ ସେ ଓଡିଆ କାବ୍ୟ ପରମ୍ପରାରେ ବୈଷ୍ଣବୀୟ ଭାବଚେତନାର ସୁଦୃଢ ଭିତ୍ତିସ୍ଥାପନ କରିଥିଲେ । ସଂସ୍କାର ପ୍ରୟାସୀ କବି ନିଜର ସାରସ୍ୱତ କୃତି ମଧ୍ୟରେ ସଦାଚାର ଓ ସୁନୀତିର ଅସୀମ ଉପାଦାନ ନିହିତ କରି ସମାଜରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜାଗରଣ ତଥା ପରିବର୍ତ୍ତନ ଆଣିବାକୁ ସତତ ଚେଷ୍ଟିତ ଥିଲେ । "କ" ଅନୁପ୍ରାସରେ ରଚିତ କୃଷ୍ଣ ଗୋପିକା ପ୍ରେମଭକ୍ତିମୂଳକ ଅନବଦ୍ୟ କାବ୍ୟଗ୍ରନ୍ଥ "ରସକଲ୍ଲୋଳ" ଏକ ଶାଶ୍ୱତ କଳାସଂପଦ ରୂପେ ଓଡିଆ ସାହିତ୍ୟରେ ପରିଗଣିତ । ଶୈଳୀଗତ ଲାଳିତ୍ୟ ଓ ଭାବମାଧୁର୍ଯ୍ୟରେ ସମୃଦ୍ଧ ଏହି ଅମର ସାରସ୍ୱତ ସମ୍ପଦ ତାଙ୍କ ଉତ୍ତୁଙ୍ଗ କବିତ୍ୱ ଓ ଅଗାଧ ପାଣ୍ଡିତ୍ୟର ପରିଚାୟକ । ଲୋକ ସଂସ୍କୃତି ଓ ବିଦଗ୍ଧ ରୁଚିବୋଧକର ସୁମଧୁର ସମନ୍ୱୟ ଘଟିଛି ଏହି ପ୍ରଖ୍ୟାତ ପ୍ରଜ୍ଞାପୁରୁଷଙ୍କ କାବ୍ୟ ସୃଷ୍ଟିରେ ।

ତାଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ ଗୁଣସାଗର, ଭାବସମୁଦ୍ର, ଭୂତକେଳି, ମୁକ୍ତି ସାଗର, ପ୍ରସ୍ତାବସିନ୍ଧୁ, ନାମରତ୍ନଗୀତା, ମହିମାସାଗର, ଜଗମୋହନ ଛାନ୍ଦ, ନାବକେଳି, ରସବିନୋଦ, ଜାମ୍ବବତୀ ବିଭା ଆଦି କାବ୍ୟଗ୍ରନ୍ଥ ଏବଂ ଚଉତିଶା ଓ ଗୀତିକବିତାମାନ ଉଲ୍ଲେଖଯୋଗ୍ୟ ।

ଏହି କାଳଜୟୀ କାବ୍ୟଶିଳ୍ପୀ ଏ ଜାତିର ଚରନମସ୍ୟ ।

"କେବଳ ସାଧୁ ସଙ୍ଗେ ସାଙ୍ଗେ ହୁଅ,
କୁଟିଳ ଲୋକ ପାଖକୁ ନ ଯାଅ,
କୋମଳ କରି କଥାମାନ କହ,
କୃଷ୍ଣ ଭଗତ ଜନମତ ମୋହ,
କୃଷ୍ଣକର ଧ୍ୟାନ,
କୃଷ୍ଣ ଚରିତମାନ କର ପାନ ।"

ମୋ: ୯୮୭୧୧୪୫୬୮୭

# କଦମ୍ବ-ପଣ



ଡ. ଶକୁନ୍ତଳା ନାଏକ ଗୁପ୍ତା

ତୁମେ ଆସିଲେ
ମଧୁ ବରଷଣ

ଟୁପୁଟୁପୁ ଧ୍ୱନମନ୍ତ ମଧୁରିମା
ମନ ଅଗଣାରେ ଅଫୁଟା କଳକା
ଅଣଫୁଟା ଚଟାଉ ପରିକା ଅଳପ ଦିନର ଦେଖା
ବାସନ୍ତୀ ବାସନ୍ତୀ ଦରପଣି ଭ୍ଷ
ପଦୁଅଁ ପତରେ ଲେଖା

ତୁମେ ଆସିଲେ
ଶୃଙ୍ଗାର ପସର୍

ବଇ ବାଡ଼ ମନ ଛନ ଛନ
ଚମ୍ପା ଗୁମେଲିର ଗନ୍ଧ ଆଥରଣ
ଅର୍ଏ ଅର୍ଏ ଡାଙ୍ଗର୍ ଗୋଲ୍‌ପି ତଡ଼ପ ତାଟ
ଗାଁ ଗୋଠେ ଠର୍ ଠରି କାରବାର
ଗୈର୍ ର୍‌ସମଣ୍ଡପରେ ନାଟ

ତୁମେ ଆସିଲେ
କଦମ୍ବ-ପଣ

ଚହଳ ପୁନଅଁ ରାତିର ତୁଠ
ସାତ ତାଳ ଦଳେ ଉଦନ୍ତ ଅଗିର
ପୁରତରେ ଜୁଆର ଉଠାଏ ଦଳପ ଶ୍ରାବଣ
ଅଣକାଫୁଲୀର ସପନ ସିରି ସିରି
ଝାଉଁବଣେ ଉତ୍ତାଳ ଭୀଷଣ

ଅଧାପିକା, ସେକ୍ଟର-୧, ରାଉରକେଲା, ଓଡ଼ିଶା

## କଚ୍ଛି ଶବ୍ଦାର୍ଥ ଭାଷାକୋଷରୁ:

ଧ୍ୱନମନ୍ତ - ଶବ୍ଦ କରୁଥିବା
ଟୁପୁଟୁପୁ - ଧୀରେ ଧୀରେ ବର୍ଷା ହେବାର ଶବ୍ଦ
ଆଥରଣ - ଆସ୍ତରଣ (ପ୍ରାଚୀନ ପ୍ରୟୋଗ)
ଦରପଣି ଲେଖା - ଦର୍ପଣ ଧଇଲେ ସେ ଦର୍ପଣରେ ଅକ୍ଷରମାନ ପ୍ରତିଫଳତ ହୋଇ ପଢ଼ାଯାଇ ପାରିବା ଭଳ ଲେଖା
ତଡ଼ପ - ଉତ୍ତମ ବସ୍ତ୍ର,
ଅଗିର - ସ୍ୱର୍ଗ, ଅଗ୍ନି, ରାକ୍ଷସ
ଅଣକାଫୁଲୀ - ହୁଣ୍ଡୀ

# କ୍ଷମା



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମହତ ହୃଦୟର ପ୍ରିତିପୂର୍ଣ୍ଣ ଗୀତି
ଉଦାର ମନ ଗହ୍ୱରରେ ଲିଖିତ
ଅସରନ୍ତ ଶିଳା ଲିପି
ଦିବ୍ୟ ପ୍ରାଣର
ସ୍ୱର୍ଗୀୟ ଅନୁଭୂତି, ସରଳ ମଣିଷର
ମଣିଷ ପଣିଆରେ ଜଡି ରହିଥାଏ
କ୍ଷମା ଦୁଇ ଅକ୍ଷର ଶବ୍ଦଟି।

ସାରା ସଂସାରଟା ନଜର ତାର
ଭାବନାରେ ନଇଁଯାଏ ସଂଜ
ରଡିଆସେ ମାଡ଼ି, ଘନ ଅନ୍ଧାର ରାତି
ନଯାଏ ସେ ଡରି, ଗୃହୁଁ ଗୃହୁଁ ରାତି,
ଯାଏ ସରି, ବିଞ୍ଚି ହୋଇପଡେ ସକାଳର
ନରମ ଖରା ଫୁଲପରି ତା ଘର ଅଗଣାରେ,
ଦରଦୀ ମଣିଷଟିଏ, ଲହୁଣୀ ପରି କୋମଳ ମନଟିଏ
ତାର, ମନ ତାର ଅସରା କ୍ଷମାର ପସରା,
କାହାକୁ ବା କରିବ ସେ ପର।

ବାଟ ଗ୍ଲୁଗ୍ଲୁ ଯିଏ ହାତ ଛାଡିଦେଲା,
ନା ରକ୍ତର ସାକ୍ଷର ହୋଇ ଯିଏ
ରକ୍ତକୁ ଭୁଲିଗଲା,

ନା ମିଠା କଥା କହି ବିଶ୍ୱାସରେ
ବିଷ ଭରିଦେଲା,
ନା ସମ୍ପର୍କର ଡୋରକୁ ଛିଡେଇ
ସ୍ୱାର୍ଥର ନଆଁରେ ଆହୁତି ବାଢ଼ିଲା,
ନା ବନ୍ଧୁ ପଣେ ବରିଥିଲା ଯାକୁ
ଶତ୍ରୁ ସାଜି ଭୁଷିଦେଲା ଛୁରୀ,
ହୃଦୟକୁ କଲା  ଶତଖଣ୍ଡ ।

ବୋଧ ଦେଲା ବାର ବାର ମନକୁ ତାର,
ପୋଛିଦେଲା ମନରୁ ସବୁ ବେରଙ୍ଗ ଦାଗ
ଆକାଶ ଠୁ ବିଶାଳ ମନଟିଏ ତାର,
କ୍ଷମାର ଗାଢ଼ ରଙ୍ଗରେ ଭରିଦେଲା
ମନର  କାନ୍ ଭାସ୍ କୁ
ଆଙ୍କିଦେଲା ଅସରା ପ୍ରେମର କଳାକୃତି
ହୃଦୟ କାନ୍ଥରେ, ଜାଳିଦେଲା ଆଲୁଅର
ଦିହୁଡ଼ି, ସଂସାର ହସିଲା ।।

ଶିକ୍ଷୟତ୍ରୀ
କେନ୍ଦ୍ରାପଡା, ଓଡିଶା

# ଧନୁସଂକ୍ରାନ୍ତୁ ଓ ଧନୁଯାତ୍ରା



ଜୟଶ୍ରୀ ପଟ୍ଟନାୟକ

ବହୁପ୍ରାଚୀନ କାଳରୁ ଧର୍ମ ସଂସ୍କୃତି ଓ ଜୀବନକୁ ଆଧାର କରି ଓଡିଶାର ଅଧିବାସୀମାନେ ନାନାପ୍ରକାର ପର୍ବ ପର୍ବାଣି ପାଳନ କରି ଆସୁଛନ୍ତି । ଏହି ପର୍ବ ପର୍ବାଣି ପାଳନ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୁଏ ମାନସିକ ଆନନ୍ଦ ମିଳେ । ଆମର ଅଧିକାଂଶ ପର୍ବ କୃଷି ସଂଲଗ୍ନ । ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ । ଓଡିଶାର କୃଷକମାନେ ନିଜର କର୍ମମୟ ଜୀବନକୁ ସରସ ସୁନ୍ଦର ଓ ମଧୁମୟ କରିବା ପାଇଁ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରିଥାନ୍ତି । ଏହି ପର୍ବ ପର୍ବାଣି ଗୁଡିକ ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟର ସ୍ମାରକୀ ରୂପେ ଗଢି ଉଠିଛି । ଆମର ଧର୍ମ ଧାରଣାକୁ ପ୍ରଭାବିତ କରିରଖିଛି । ପର୍ବପର୍ବାଣି ପାଳନ ଫଳରେ ଏକାତ୍ମ ଭାବ ମିଳିଥାଏ । ଆମ ସାମାଜିକ ଜୀବନରେ ଓଷାବ୍ରତର ଭୂମିକା ରହିଛି । ଏହାଫଳରେ ଆମେ ଆମ ସଂସ୍କୃତି ଓ ପର୍ବପର୍ବାଣି ସହିତ ଓତଃପ୍ରୋତ ଭାବେ ଜଡିତ ରହିବା ସହିତ ଧର୍ମଭାବନାକୁ ବିକଶିତ କରିପାରିବା । ଏହା ଆମକୁ ଦିଏ ଆଧ୍ୟାତ୍ମିକ ପ୍ରେରଣା । ଦେବଭୂମି ଉତ୍କଳରେ ବାରମାସରେ ତେରପର୍ବ ପାଳନର ଜନଶ୍ରୁତି ରହିଛି । ଆମର ସାମାଜିକ ଜୀବନକୁ ସରସ ସୁନ୍ଦର କରିବା ନିମନ୍ତେ ପର୍ବପର୍ବାଣି ସହାୟକ ହୁଏ । ସେମିତି ଏକ ପର୍ବ ହେଉଛି ଧନୁସଂକ୍ରାନ୍ତି । ମାର୍ଗଶୀରରେ ପଡେ ମାଣବସା ଲକ୍ଷ୍ମୀପୂଜା । ପୁଷ ସଂକ୍ରାନ୍ତିକୁ କୁହାଯାଏ ଧନୁସଂକ୍ରାନ୍ତି । ଜ୍ୟାତିଷ ଶାସ୍ତ୍ର ଅନୁସାରେ ଆମର ବାରୋଟି ରାଶି ଅନୁସାରେ ପଡେ ବାରୋଟି ସଂକ୍ରାନ୍ତି ଯଥା ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ,

ମକର, କୁମ୍ଭ ଓ ମୀନ ସଂକ୍ରାନ୍ତି । ବିଚ୍ଛା ଓ ମକର ସଂକ୍ରାନ୍ତି ମଧ୍ୟରେ ପଡେ ଧନୁ ସଂକ୍ରାନ୍ତି। ସୌର ଗଣନା ଅନୁଯାୟୀ ସୂର୍ଯ୍ୟଙ୍କର ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ ବା ସଂକ୍ରମଣକୁ କୁହାଯାଏ ସଂକ୍ରାନ୍ତି । ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟରାଶିକୁ ପ୍ରତ୍ୟେକ ମାସ ଚଳନ କରନ୍ତି ଏବଂ ସେହି ମାସର ରାଶି ଅନୁସାରେ ସଂକ୍ରାନ୍ତିର ନାମକରଣ ହୋଇଥାଏ । ବର୍ଷକ ବାରମାସ । ପୁଷ ସଂକ୍ରାନ୍ତିକୁ କୁହାଯାଏ ଧନୁ ସଂକ୍ରାନ୍ତି । ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲେ ଶ୍ରୀମନ୍ଦିରରେ ପହିଲି ଭୋଗ । ବିଶେଷକରି ଧନୁମୁଆଁ ଲାଗି କରାଯାଏ ପହିଲିଭୋଗରେ । ପ୍ରଥମେ ଜଗନ୍ନାଥଙ୍କ ଠାରେ ଲାଗି ହେଲାପରେ ଅନ୍ୟ ମନ୍ଦିର ମାନଙ୍କରେ ଲାଗି କରାଯାଏ । ଧନୁମୁଆଁର ମର୍ଯ୍ୟାଦା ଓଡିଶାରେ ରହିଛି । ନୂଆ ଧାନରୁ ଖଇ ପ୍ରସ୍ତୁତ ହୁଏ, ନୂଆ ଆଖୁରୁ ଗୁଡ ପ୍ରସ୍ତୁତ ହେଲାପରେ କାଜୁ କିସମିସ ଓ ଜୁଆଣି ଦେଇ ତିଆରି ହୁଏ ଧନୁମୁଆଁ ଯାହାକି ଲାଗି କରାଯାଏ ପହିଲିଭୋଗରେ । ଓଡିଶା କୃଷି ପ୍ରଧାନ ରାଜ୍ୟ । କୃଷିକୁ ନେଇ ଆମର ଅନୁଷ୍ଠିତ ଅନେକ ପର୍ବପର୍ବାଣି । ଧନୁ ସଂକ୍ରାନ୍ତି ମଧ୍ୟ ଏକ କୃଷିପର୍ବ । ମାର୍ଗଶୀର ମାସ ହେଉଛି ଧାନ ଅମଳ ହେବାର ବେଳ । ଧନୁ ସଂକ୍ରାନ୍ତି ଦିନ କୃଷକ ଖିରୀ ଖେଚେଡି ନେଇ ଗୋମୟରେ ଖଳାକୁ ଲିପି ଶେର, ଗୌଣି, ମାଣରେ ଚିତା ସିନ୍ଦୂର ଲଗେଇ ସଂଧ୍ୟାରେ ଧାନଖଳାରେ ମେରୀଖୁଂଟ ପୋତି ଶୁଭ ଅନୁକୂଳ କରି ଧାନ ବେଙ୍ଗଳାରେ ଲାଗେ । ଧନୁସଂକ୍ରାନ୍ତି ପାଳନ କରେ । ଏହି ସଂକ୍ରାନ୍ତିରେ ଦାନ ଧର୍ମ ପିତୃତର୍ପଣ କଲେ ପୁଣ୍ୟଫଳ ମିଳିଥାଏ ବୋଲି କୁହାଯାଏ । ଧନୁ ସଂକ୍ରାନ୍ତି ପ୍ରବେଶ ପରେ ଗୋଟେ ମାସ ଶୁଭକାର୍ଯ୍ୟ ବିବାହ, ବ୍ରତ ଗୃହ ପ୍ରତିଷ୍ଠା ଆଦି କରାଯାଏନି । ଧନୁ ସଂକ୍ରାନ୍ତି ପରେ ପ୍ରବେଶ କରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଉତରାୟଣ ଗତି ସରେ ଧନୁ ସଂକ୍ରାନ୍ତିରେ ।

ଧନୁଯାତ୍ରା ପଶ୍ଚିମ ଓଡିଶା ବରଗଡର ଲୋକପ୍ରିୟ ଯାତ୍ରା। ମୁକ୍ତ ରଂଙ୍ଗମଂଚରେ ପ୍ରଦର୍ଶିତ ହେଉଥିବା ଏକ ଲୋକନାଟ୍ୟ । ବରଗଡ ଓଡିଶାର ଏକ ସାଂସ୍କୃତିକ ପ୍ରାଣକେନ୍ଦ୍ର କଳା ସଂସ୍କୃ ତିର ପୀଠସ୍ଥଳୀ । । ଏହି ଯାତ୍ରା ପୌଷ ଶୁକ୍ଳ ୪ର୍ଥୀରୁ ଅରେମ୍ଭ ହୋଇ ପୌଷପୂର୍ଣ୍ଣିମା ପର୍ଯ୍ୟନ୍ତ ମହାସମାରୋହରେ ଚାଲେ । ଧନୁଯାତ୍ରାର ପଛରେ ବଳିଷ୍ଠ ପୌରାଣିକ

କିମ୍ବଦନ୍ତୀ ରହିଛି । ଏହାର କଥା ବସ୍ତୁ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାର କଥାବସ୍ତୁ ଅଟେ । ଦ୍ୱାପର ଯୁଗରେ ମଥୁରା ରାଜ୍ୟରେ କଂସ ନାମକ ଜଣେ ମହାପ୍ରତାପୀ ରାଜା ଥିଲେ । ତା' ର ଅତ୍ୟାଚାରରେ ପୃଥିବୀବାସୀ ଅତିଷ୍ଠ ହୋଇ ପଡୁଥିଲେ । ଦ୍ୱାପର ଯୁଗରେ କଂସ ନିଧନ ପାଇଁ ଭଗବାନ ଶ୍ରୀକୃଷ୍ଣ ଅବତାର ଗ୍ରହଣ କରିଥିଲେ । ସେହି ଅତ୍ୟାଚାରୀ ଶାସକ କଂସ ଶ୍ରୀକୃଷ୍ଣଙ୍କ ହାତରେ ମୃତ୍ୟୁବରଣ କରି ମୁକ୍ତିଲାଭ କରିବାକୁ ଚାହୁଁଥିଲା । ମହାପ୍ରତାପୀ କଂସ ନିଜ ଭଉଣୀ ଦେବକୀକୁ ବସୁଦେବ ସହିତ ବିବାହ ପରେ ତା' ରି ଅଷ୍ଟମ ଗର୍ଭର ସନ୍ତାନ ଦ୍ୱାରା କଂସର ମୃତ୍ୟୁ ହେବ ବୋଲି ଶୂନ୍ୟବାଣୀ ଶୁଣି ବିଚଳିତ ହୋଇ ପଡିଥିଲା । ନିଜ ଶତୃକୁ ବିନାଶ କରିବାକୁ ଯାଇ ଦେବକୀ ବସୁଦେବଙ୍କୁ ବନ୍ଦୀରେ ରଖିଲା । ଦେବକୀ ଙ୍କ ଔରସରୁ ଜାତ ସମସ୍ତ ସନ୍ତାନ ମାନଙ୍କୁ ବିନାଶ କଲା । ଦେବକୀର ଅଷ୍ଟମ ଗର୍ଭ ସନ୍ତାନ ଭାବରେ ଶ୍ରୀକୃଷ୍ଣ ଜନ୍ମ ହୋଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ଲାଳିତ ପାଳିତ ହୋଇଥିଲେ ଏକଥା କଂସ ଜାଣିଲାପରେ କୃଷ୍ଣଙ୍କୁ କୌଶଳରେ ବଧ କରିବା ପାଇଁ ନାନା ଉପାୟ ପାଂଚିଲା । ଏଥି ନିମନ୍ତେ ପୁତନା, ଅଘା, ବକା ଆଦି ରାକ୍ଷସମାନଙ୍କୁ ପ୍ରେରଣ କଲା। ଏଥିରେ ସଫଳ ନ ହେବାରୁ ସେ ଧନୁଯାତ୍ରାର ଆୟୋଜନ କଲା । ଏହି ଉତ୍ସବରେ ଯୋଗ ଦେବା ପାଇଁ କୃଷ୍ଣ ବଳରାମକୁ ଅକ୍ରୁର ଦ୍ୱାରା ନିମନ୍ତ୍ରିତ କରାଗଲା । କୃଷ୍ଣ ବଳରାମ ଦୁଇ ଭାଇ ଧନୁଯାତ୍ରାରେ ଯୋଗ ଦେବା ପାଇଁ ଅକ୍ରୁର ସାଥିରେ ରଥରେ ବସି ମଥୁରାକୁ ଗଲେ । ସେଠାରେ କଂସରାଜାଙ୍କ ଦ୍ୱାରା ନିଯୁକ୍ତ ଚାଣୁର ଆଦି ମଲ୍ଲଯୋଦ୍ଧା କୃଷ୍ଣ ବଳରାମଙ୍କ ସହିତ ଯୁଦ୍ଧ କରି ମୃତ୍ୟୁବରଣ କଲେ । ଏହାପରେ କୃଷ୍ଣ ବଳରାମ ରାଜା କଂସଙ୍କ ନିକଟକୁ ଯାତ୍ରାକଲେ । କୃଷ୍ଣଙ୍କୁ ଦେଖୁ ଦେଖୁ କଂସ ପ୍ରାଣ ଭୟରେ ବସିଥିବା ମଂଚାରୁ ତଳକୁ ଖସି ପଡି ଜୀବନ ହରାଇଲା । ଫଳରେ ତାର ଅତ୍ୟାଚାରରୁ ଲୋକମାନେ ରକ୍ଷା ପାଇଲେ । ଯେତେବେଳେ ଧର୍ମର ଗ୍ଲାନି ଘଟେ, ଅନ୍ୟାୟ, ଅତ୍ୟାଚାରରେ ଧରାପୃଷ୍ଠ ଅତିଷ୍ଠ ହୁଏ ସେତେବେଳେ ଭଗବାନ ମର୍ତ୍ତ୍ୟମଣ୍ଡଳରେ ଦେହ ଧରି ଜନ୍ମ ନିଅନ୍ତି ସେ ଆସୁରି ଶକ୍ତିର ବିନାଶ କରି ଧର୍ମ ସଂସ୍ଥାପନ କରନ୍ତି ଦ୍ୱାପର ଯୁଗରେ କଂସର ନିଧନ ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଜନ୍ମ ହୋଇଥିଲେ । ଏହି ବିଷୟବସ୍ତୁକୁ ଆଧାର କରି ଅନୁଷ୍ଠିତ ହୁଏ ବରଗଡର ପ୍ରସିଦ୍ଧ ଧନୁଯାତ୍ରା ।

ଏହିଯାତ୍ରାରେ ଶ୍ରୀକୃଷ୍ଣଙ୍କର ଗୋପପୁରର ଲୀଳା ସମୂହ ଠାରୁ କଂସବଧ ପର୍ଯ୍ୟନ୍ତ ଘଟଣାବଳୀ ଧନୁଯାତ୍ରାରେ ପ୍ରଦର୍ଶିତ ହୁଏ ନାଟ୍ୟରୂପରେ । ଏହି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ବରଗଡ ସହରକୁ ମଥୁରା ନଗରୀ ରୂପେ ସଜାଇ ଦିଆଯାଏ । ଅମ୍ବାପାଲିକୁ ଗୋପପୁର, ଜିରାନଦୀକୁ ଯମୁନା ନଦୀ ବୋଲି ବିବେଚନା କରାଯାଏ । ଏହି ସ୍ଥାନଗୁଡିକ ମହାନାଟକରେ ଖୋଲା ମଂଚ ଭାବରେ ପରିକଳ୍ପିତ ହୋଇଥାଏ । ହାଟପଦପଡା ପଡିଆରେ ତିଆରି ହୁଏ କଂସର ରାଜକୀୟ ସିଂହାସନ । ପଂଚାୟତ ଧର୍ମଶାଳା ହୁଏ କଂସର ରାଜପ୍ରସାଦ । ସମଲେଶ୍ୱରୀ ମନ୍ଦିର ହୁଏ କାରାଗୃହ ଏମିତି ପରିକଳ୍ପନାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ମୁକ୍ତ ରଙ୍ଗମଂଚର ଲୋକନାଟକ । ଧନୁଯାତ୍ରାର ଖଳନାୟକ ହେଉଛନ୍ତି ଜଣେ ମହାନାୟକ । ପ୍ରବଳ ପ୍ରତାପୀ କଂସର ଚରିତ୍ର ଅହଂକାର, କୃରତାର ପ୍ରତୀକ ଭାବରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ନାଟକରେ ଜଣେ ନ୍ୟାୟପ୍ରିୟ ପ୍ରଜା ମଙ୍ଗଳକାରୀ ରାଜା ଭାବରେ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥାଏ । ଏହିଯାତ୍ରାରେ କଂସରାଜାଙ୍କ ଆଦେଶକୁ ବରଗଡର ଅଧିବାସୀମାନେ ବିନା ଦ୍ୱିଧାରେ ପାଳନ କରିଥାଆନ୍ତି। କଂସର ଆଦେଶ ଅମାନ୍ୟ କରିଥିବା ବ୍ୟକ୍ତିକୁ ଦଣ୍ଡ ଦେବାକୁ ପଡିଥାଏ । ଜୋରିମାନା ଦେବାକୁ ପଡିଥାଏ । ତାଙ୍କର ନିର୍ଦ୍ଦେଶକୁ ସମସ୍ତେ ମାନିଥାନ୍ତି । ପ୍ରିତଦିନ ସଂଧ୍ୟାରେ କଂସ ମହାରାଜ ସିଂହାସନ ଆରୋହଣ କରିଥାନ୍ତି । ରାଜାଙ୍କ ମନୋରଂଜନ ନିମନ୍ତେ ପ୍ରତିଦିନ ଦରବାରରେ ନୃତ୍ୟ, ଗୀତ ବାଦ୍ୟର ଆୟୋଜନ କରାଯାଇଥାଏ । ରାଜା କଂସ ସୁସଜ୍ଜିତ ରଥ ବା ହାତୀରେ ନଗର ପରିକ୍ରମା କରନ୍ତି । ଆଧ୍ୟାତ୍ମିକ ଭାବନା ସହିତ ସାଂସ୍କୃତିକ ଓ ମନୋରଂଜନ କାର୍ଯ୍ୟକ୍ରମ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ । ଯାହା ଦର୍ଶକ ମାନଙ୍କୁ ଭରପୁର ଆନନ୍ଦ ଦେଇଥାଏ । ଓଡିଶାର ପ୍ରଖ୍ୟାତ ଶିଳ୍ପୀ କଳାକାର କବି ଲେଖକ ପ୍ରତିଭାଧାରୀଙ୍କୁ ନିମନ୍ତ୍ରଣ କରାଯାଇ କଂସ ରାଜସଭାରେ ସମ୍ମାନିତ କରାଯାଏ । ମୀନାବଜାର ଅପେରା ପାର୍ଟି ର ନାଚ ଗୀତ କାର୍ଯ୍ୟକ୍ରମରେ ବରପାଲି ସରଗରମ ହୋଇଯାଏ । ମହାରାଜ କଂସ ଲୋକ ମାନଙ୍କର ଦୁଃଖ ଦୁର୍ଦ୍ଦଶା ବୁଝନ୍ତି ଏବଂ ଉଚିତ ବ୍ୟବସ୍ଥା ମଧ୍ୟ କରିଥାନ୍ତି ଦୋଷୀକୁ ଦଣ୍ଡ ଦିଅନ୍ତି ଜୋରିମାନା ଧାର୍ଯ୍ୟ କରନ୍ତି । ପ୍ରଜାମାନେ ନିଜ ନିଜର ଅଭିଯୋଗ ଶୁଣାନ୍ତି ଫଳରେ ସାମାଜିକ ମୂଲ୍ୟବୋଧ ସୌହାର୍ଦ୍ଦ୍ୟ ସଂହତି ରକ୍ଷା

କରାଯାଏ । ଧାର୍ମିକ, ସାଂସ୍କୃତିକ ସାମାଜିକ ପରମ୍ପରା ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ । କଂସ ରାଜାଙ୍କ ଯାତ୍ରା ସମୟରେ ସମଗ୍ର ସହର ଏଗାରଟି ଅଂଚଳରେ ବିଭକ୍ତ କରାଯାଏ । ପ୍ରତ୍ୟେକ ସଂଧ୍ୟାରେ ମଥୁରା ନରେଶ ମହାପ୍ରତାପୀ କଂସ ନଗର ପରିକ୍ରମା କରି ସହର ପରିମଳ, ଟ୍ରାଫିକ ଯୋଗାଣ, ସ୍ୱାସ୍ଥ୍ୟସେବା ଅସହାୟ ପ୍ରଜାମାନଙ୍କର ଅଭିଯୋଗ ବିଚାର କରିଥାନ୍ତି । ଦୋଷୀକୁ ଉଚିତ୍ ଦଣ୍ଡ ପ୍ରଦାନ କରନ୍ତି । ପ୍ରଜାମାନେ କିପରି ଆନନ୍ଦରେ ରହିପାରିବେ ସେଥି ନିମନ୍ତେ ବିହିତ ପଦକ୍ଷେପ ନିଅନ୍ତି । ସେ ପାଲଟିଯାଆନ୍ତି ଧନୁଯାତ୍ରାରେ ଖଳନାୟକରୁ ମହାନାୟକରେ । ସ୍ୱେଚ୍ଛାଚାରୀ ଶାସନ ଚାଲେ ତାଙ୍କ ଆଦେଶରେ । ପରିଶେଷରେ ଧନୁଯାତ୍ରା ଶେଷହୁଏ ପୌଷ ପୂର୍ଣ୍ଣିମାରେ ଏଗାର ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ଏହିଯାତ୍ରାର ଶେଷରେ କଂସର ପିତୁଳିକା ଦାହ କରଯାଇ ଯାତ୍ରାର ଶେଷ କରାଯାଏ । ମଣିଷର ଆସୁରିକ ଶକ୍ତି ବିନାଶ କରି ସତ୍ୟ, ଧର୍ମ, ନ୍ୟାୟ ଓ ଶାନ୍ତି କିପରି ପ୍ରତିଷ୍ଠା କରିବା ହେଉଛି ଧନୁଯାତ୍ରାର ମୂଳ ଉଦ୍ଦେଶ୍ୟ । ଜାତି ଧର୍ମ ନିର୍ବିଶେଷରେ ଲକ୍ଷ ଲକ୍ଷ ଭକ୍ତ ଏଥିରେ ଭାଗ ନିଅନ୍ତି । ରାବଣ ପରି କଂସର ମଧ୍ୟ ଆସୁରକି ଶକ୍ତିର ବିନାଶ ହୋଇ ଧର୍ମ ପ୍ରତିଷ୍ଠା ହୁଏ ଅଧର୍ମ ଓ ଅନ୍ୟାୟର ପରାଜୟ ହୁଏ । ପରିଶେଷରେ ଧନୁଯାତ୍ରାରେ ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ସଂଳାପ କହିଥିବାରୁ କଂସ ଭୂମିକାରେ ଅଭିନୟ କରୁଥିବା ଅଭିନେତା ମନ୍ଦିରକୁ ଯାଇ କ୍ଷମା ଭିକ୍ଷା କରିଥାନ୍ତି । ମାତ୍ର ପରେ ପୁରୀମନ୍ଦିରକୁ ଯାଇ ଧନୁଯାତ୍ରାରେ ନିଜର ସ୍ୱେଚ୍ଛାଚାରୀ ଶାସନ ପାଇଁ କ୍ଷମା ପ୍ରାର୍ଥନା କରନ୍ତି । ସ୍ୱେଚ୍ଛାଚାରୀ ଶାସନର ଅନ୍ତ ଘଟେ । ପ୍ରଜାମାନେ ଶାନ୍ତିରେ ରୁହନ୍ତି । କୁକର୍ମ ଉପରେ ସୁକର୍ମର ବିଜୟ ହୁଏ । ଅଧର୍ମ ଉପରେ ଧର୍ମର ଜୟ ହୁଏ ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

# ସମ୍ପର୍କ



କୁଞ୍ଜବିହାରୀ ରାଉତ

ସମ୍ପର୍କ ସୃଷ୍ଟିହୁଏ
ହୃଦୟର ଖୋଲା ହସଟିରେ
ଶତ୍ରୁବି ବାନ୍ଧିହୁଏ ଆପଣାପଣରେ.....
ସମ୍ପର୍କକୁ ଉପେକ୍ଷା କରି
ବେଳ ନାହିଁ କହି
ଯିଏ ବି ସମୟକୁ ଆଡେଇ ଯାଆନ୍ତି
ତା' ପାଇଁ ଆପଣା ବି
ପର ହୋଇଥାନ୍ତି
ଅତି ନିଜର ବି ସନ୍ଦେହ କରନ୍ତି
କାରଣ ସମ୍ପର୍କ ଉପେକ୍ଷାକୁ
ପାରେ ନାହିଁ ସହି.........
ତେଣୁ ସମ୍ପର୍କ ଭାଙ୍ଗିବା ପୂର୍ବରୁ
ଆଉ ଥରେ ଭାବି ନିଅ
ହୁଏତ ଖୋଜିଲା ବେଳକୁ
ସମ୍ପର୍କ ହାତ ପାହାନ୍ତାରୁ
ଦୂରକୁ ଚାଲିଯାଇଥିବ
ସେତେବେଳେ ମନକୁ ହେଜି ହଉଥିବ
ଜୀବନଟା ମରୁଭୂମି ପାଲଟିବ........

ତେଣୁ ସମ୍ପର୍କର ମୂଲ୍ୟକୁ
ଅର୍ଥରେ ତଉଲିବାକୁ ନକର ପ୍ରଚେଷ୍ଟା
ଭାବର ଆଦାନପ୍ରଦାନ ହିଁ
ସମ୍ପର୍କର ମୂଳଦୁଆ ପକାଇବ
ଆଉ ଉପେକ୍ଷା,
ସମ୍ପର୍କର ସେତୁ ଭାଙ୍ଗିଦେବ
ତେବେ କୁହ ବନ୍ଧୁ
ସମ୍ପର୍କ ନା ଉପେକ୍ଷା
କାହାକୁ ବାଛିବ ???

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩,ମୋ=୯୦୯୦୦୯୦୨୨୫

# ସମୟ ବଦଳୁଛି



ପୁଷ୍ପାଞ୍ଜଳି ପଣ୍ଡା

ଏଥର ଚାରିଆଡ଼େ
ବିଛାଡିହୋଇ ପଡିଛି ଭୟ ।।
ସହଜେ ଶୀତ ବେଳା
ଫୁଙ୍ଗୁଳା ମୁକୁଳା ଅଛି
ଏଯାଏ ବି ଦେହ।।
କେମିତି ବଧେଇ ଦେବି
କେମିତି ବା ଢ଼ରିଢ଼ରି
ସ୍ୱାଗତ କରିବି।

ଏବେତ ଦୁରେ ଦୁରେ
ରହିବାର ବେଳ
ଜଡେଇ ଧରିବା
ଲାଜରେ ବୁଡିବା
ଜଡ଼ସଡ଼ ହୋଇଯିବା ବେଳର
ନିଆରା ଅନୁଭବ
କେମିତି ବା ଦେଖେଇ ପାରିବି...!!

ଆଗ ବେଳା ଅଛି କି ଆଉ,
ନାଚି ନଚାଇବା

ତମାମ୍ ଜୀବନ,
ଗୋଟିଏ ରାତିରେ ଜୀଇବା ।।

ନିଶ୍ୱାସ ନେବା ମାନେ ଜୀବନ କି!
ସବୁଠାରୁ ବଳବାନ
ସମୟ ପାଖରେ
ହାର ମାନି ନେବା ଜୀବନ କି!
ଯାହାର ରାଜୁତି ଚାଲେ
ଘଣ୍ଟା କଣ୍ଟା ସହ ଚାଲେ
ଦିନ ତିନିଶ ପଁଷଠି।।
ନୁଆ ଆସିବା
ପୁରୁଣା ଯିବା
ଚାଲିଛି ଏମିତି
କାହିଁ କେଉଁ କାଳୁ।।
ଖାଲି ଯାହା ସମୟ ବଦଳୁଛି
ମୋର, ଆମର, ତମର
ଆଉ ମିଛରେ
ହଉଛି ତଳଠୁ ଉପର।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ବର୍ଷର ଶେଷମାସ ଓ ଓମିକ୍ରନ୍



ଡକ୍ଟର ବିଜ୍ଞାନୀ ଦାସ

ଡିସେମ୍ବର ମାସ ଆରମ୍ଭ ହେବା ମାତ୍ରେ ସମସ୍ତଙ୍କ ମନରେ ଫୂର୍ତ୍ତି ଜାଗିଗଲା । କଏ କେଉଁଠିକୁ ବୁଲିଯିବ, କଏ କେଉଁ ପାର୍ଟି ଯିବ, କାହାପାଇଁ କେମିତି ଉପହାର କଣାଯିବ, ଏସବୁ ଭାବିବାରେ, ଯୋଜନା କରିବାରେ, ଆମେରିକା ଦେଶର ସମସ୍ତେ ସକ୍ରିୟ ହୋଇପଡିଲେ । କାରଣ ଏହିମାସଟି ବର୍ଷର ଶେଷମାସ । ଦୁଇଟି ବିଶେଷ ଛୁଟି ପଡେ, କ୍ରିଷ୍ଟମାସ୍ ଓ ନୂଆବର୍ଷ । ଡିସେମ୍ବର ମାସର ଶେଷ ସପ୍ତାହ ଦୁଇଟିରେ ଅନେକ ଅଫିସ୍ ସବୁ ନିୟମ କୋହଳ କରିଦେଇଥାନ୍ତି । କଏ କ୍ରୁଜ୍ ରେ ଯାଏ ତ କଏ ଅନ୍ୟ କେଉଁ ଦେଶ ଭ୍ରମଣ କରେ । ସମସ୍ତଙ୍କ ଘରସଜା ଆରମ୍ଭ ହୋଇଯାଏ, ବାହାରେ ଆଲୁଅସଜା ଆରମ୍ଭ ହୋଇଯାଏ । ଅନେକ ପରିବାରରେ କ୍ରିଷ୍ଟସ୍ ଗଛ ଅର୍ଥାତ୍ ପାଇନ୍ କ ସେଇ ଜାତିର ଗଛଟିଏ ରଖି ତାକୁ ବିଭିନ୍ନ ଆଲୋକମାଳାରେ, କଣ୍ଢେଇରେ ଓ ଅନ୍ୟାନ୍ୟ ଫୁଲ, ଛୋଟଛୋଟ ଖେଳନା ଇତ୍ୟାଦିରେ ସଜେଇଦିଆଯାଏ । ସେ ଗଛର ତଳେ ସମସ୍ତେ ନିଜନିଜର ଉପହାର ରଖିଦିଅନ୍ତି । କ୍ରିଷ୍ଟମାସ୍ ଦିନ ସେସବୁ ଉପହାର ଖୋଲାଯାଏ । କଏ କ୍ରିଷ୍ଟିଆନ୍ ହେଉ କ ନହେଉ, ଖୁସି ପାଇଁ ପ୍ରାୟତଃ ଅନ୍ୟ ସଂପ୍ରଦାୟର ଲୋକମାନେ ମଧ୍ୟ ନିଜ ଘରକୁ ସଜେଇ ଦିଅନ୍ତି । ପ୍ରତି ସହରରେ ନୂଆନୂଆ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ସଂଗୀତ ପ୍ରୋଗ୍ରାମ୍ ଇତ୍ୟାଦି କେତେ କଣ ମନୋରଞ୍ଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ । ଏ ବର୍ଷଟି ସ୍ୱତନ୍ତ୍ର ଥିଲା । ପ୍ରାୟଃ ଦେଢବର୍ଷର ଶଙ୍କିତ ଜୀବନଯାପନ ପରେ, ଲୋକମାନେ ସ୍ୱପ୍ନ ଦେଖିଆସୁଥିଲେ । ସମସ୍ତେ ପ୍ରାୟ ଦୁଇଟି ଟିକା ନେଇସାରିଥିଲେ । ଅନେକ ମଧ୍ୟ ବୁଷ୍ଟର୍ ନେଇଥିଲେ ଓ ସେଥିପାଇଁ କୋଭିଡ୍ ସଂକ୍ରମଣର ଭୟ ଏତେଟା ନଥିଲା । ସମସ୍ତଙ୍କ ମନରେ ଆନନ୍ଦ, ଆଗ୍ରହ ଭରିଆସୁଥିଲା । ହେଲେ ଏ ସମୟରେ ଏମିତି ହେବାର ଥିଲା ?

ଓମିକ୍ରନ୍, କରୋନା ଭୂତାଣୁର ନୂଆ ଏକ ପ୍ରଜାତି ବିଷୟରେ ଶୁଣାଯାଉଥିଲା । କିନ୍ତୁ ସେଇଟା ଏତେଶୀଘ୍ର ଯେ ଆମେରିକା ଦେଶରେ ବ୍ୟାପିଯିବ ତାହା କଳ୍ପନାତୀତ ଥିଲା । ଡିସେମ୍ବର ୧୨ ତାରିଖ ରବିବାର ଦିନ, ହିନ୍ଦୁ ମନ୍ଦିରରେ ମହାମନ୍ତ୍ର ଓ ଛପନ ଭୋଗ ଅର୍ପଣର କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ତୃପ୍ତି ଦାୟିତ୍ୱ ନେଇଥିଲା । ସେତେବେଳକୁ ଗୁଗୁଲ୍ ପୃଷ୍ଠାରେ ଅଧିକ ଲୋକ କେହି ଭୋଗ ତିଆରି କରିବାକୁ ଲେଖିନଥିଲେ । ସେଇକଥା ପଗ୍ଚରିବାକୁ ଛନ୍ଦା ତୃପ୍ତିକୁ ୧୧ ତାରିଖ ଦିନ ଫୋନ୍ କଲା । ତୃପ୍ତି ଜଣେଇଲା, "ଝିଅକୁ ଜ୍ୱର ହୋଇଛି । କରୋନା ବୋଲି ସନ୍ଦେହ କରାଯାଉଛି । ମୁଁ ତାକୁ ଯାଇ ତା କଲେଜ୍ ଡର୍ମରୁ ଆଣିଲି । ତାକୁ ସଙ୍ଗରୋଧରେ ରଖିଛି । କାଲି କରୋନା ଟେଷ୍ଟ କରେଇବି । ତେଣୁ ମୁଁ ମନ୍ଦିର ଯାଇପାରିବି କି ନା ଜାଣିନି ।'

ଛନ୍ଦା ଆଶ୍ୱାସନା ଦେଲା । "ହଉ, ତମେ ବ୍ୟସ୍ତ ହୁଅନି । କଲେଜ୍, ୟୁନିଭର୍ସିଟିରେ ତ ସବୁବେଳେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବାକୁ ପଡେ । ସେଇଥିପାଇଁ ବୋଧହୁଏ ତା ଦେହ ଏମିତି ଖରାପ ଅଛି । ମୁଁ ଅନ୍ୟମାନଙ୍କ ସହିତ କଥା ହେଉଛି । ଆମେ ଚଳେଇ ନେବୁ ।'

ଏମିତି ଭାବି ଯେଉଁ ଯେଉଁ ଭୋଗ ପଦାର୍ଥ ପାଇଁ କେହି ନାଁ ଲେଖିନଥିଲେ, ଛନ୍ଦା ସେସବୁରୁ କିଛିରେ ନିଜ ନାମ ଲେଖିଦେଲା । ତାପରେ ଅନ୍ୟମାନଙ୍କ ସହିତ ବି ଟିକେ କଥା ହୋଇଗଲା ଓ ତୃପ୍ତିର ପରିସ୍ଥିତି ବିଷୟରେ ଜଣେଇଦେଲା ।

ରବିବାର ଦିନ ମନ୍ଦିରରେ ତୃପ୍ତି ଅନୁପସ୍ଥିତ ରହିଲା । ସୋମବାର ଦିନ ତୃପ୍ତି ଜଣେଇଲା ଯେ ତା' ଝିଅର ଘରେ କରିଥିବା ଆଣ୍ଟିଜେନ୍ ଟେଷ୍ଟ ନେଗେଟିଭ୍ ଆସିଛି । "ଯାହାହେଉ, ଭଲ ହେଲା" କହି ଛନ୍ଦା ତାକୁ ଅଭିନନ୍ଦନ ଜଣେଇଲା ।

ହେଲେ ଦୁଇଦିନ ପରେ ତୃପ୍ତି ପୁଣି ଜଣେଇଲା ଯେ ତା' ଝିଅର ପିସିଆର୍ ଟେଷ୍ଟ କରୋନା ପଜିଟିଭ୍ ଆସିଲା । ସେ ସମୟ ବେଳକୁ କରୋନାର ଓମିକ୍ରନ୍ ପ୍ରତିରୂପ ଆମେରିକାରେ ଅନେକ ଲୋକଙ୍କୁ ସଂକ୍ରମିତ କରିସାରିଲାଣି । ବିଶେଷତଃ ନିୟୁର୍କ ସହରରେ ଅତିବେଗରେ ବ୍ୟାପୁଥିବାର ଖବର ପହଞ୍ଚୁଥିଲା । ମଝିଆଁ ଝିଅ ମିନୁର ଜନ୍ମଦିନ ଥିଲା ଡିସେମ୍ବର ୧୫

ତାରିଖରେ । ସେଥିପାଇଁ ସିଏ ରାତିରେ ଦୁଇଜଣ ସାଙ୍ଗଙ୍କ ସହିତ ରାତ୍ରଭୋଜନ ପାଇଁ ଏକ ଭୋଜନାଳୟ ଯିବ ବୋଲି କହୁଥିଲା । ତା' ସହିତ ବି ଟିନୁ ଓ ତା ସାଙ୍ଗ ଜନ୍ ଯିଏ ଲଣ୍ଡନ ସହରରୁ ଆସିଥିଲା ଓ ନ୍ୟୁୟର୍କରେ ସେ ସମୟରେ ରହୁଥିଲା, ସେମାନେ ଯୋଗଦେବାର ଥିଲା । ଛନ୍ଦା ସେମାନଙ୍କୁ ସାବଧାନରେ ରହିବାକୁ କହିଥିଲା ।

ଡିସେମ୍ବର ୧୬ ତାରିଖରେ ଟିନୁ ଜଣେଇଲା ଯେ ତା ସାଙ୍ଗ ଜନ୍‌ର କୋଭିଡ୍ ଟେଷ୍ଟ ପଜିଟିଭ୍ ଆସିଛି । ତେଣୁ ସିଏ ଆଉ ଲଣ୍ଡନ ଫେରିପାରିବନି । ସିଏ ଏବେ ଟିନୁର ଆପାର୍ଟମେଣ୍ଟରେ ସଙ୍ଗରୋଧରେ ରହୁଛି । ହେଲେ ଟିନୁର ସବୁ ନେଗେଟିଭ୍ ଆସିଛି । ସେଥିପାଇଁ ଟିନୁ ତାର ଆଉ ଜଣେ ସାଙ୍ଗର ଆପାର୍ଟମେଣ୍ଟରେ ରହୁଛି । ଛନ୍ଦା ଓ ଆକାଶ ଜନ୍‌କୁ ଡାକ ତା' ସହିତ କଥା ହେଲେ । ଆକାଶ ଅନେକଗୁଡିଏ ଉପଦେଶ ଦେଲେ, ଯଥା କାଢା ତିଆରି କରି ପିଇବା, ବିଶ୍ରାମ ନେବା, ନିୟମିତ ଭାବେ ପାଣି ପିଇବା, ଥଣ୍ଡା ଜିନିଷ ନ ଖାଇବା ଇତ୍ୟାଦି। ଜନ୍‌ର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରିବାରୁ ସିଏ ଜଣେଇଲା ଯେ ତାକୁ ଅଧିକ କଛି ଜଣାପଡୁନି । କେବଳ ଥଣ୍ଡା ହେଲେ ଯେମିତି ଜଣାପଡେ ସେମିତି ଲାଗୁଛି । ଯଦି ଅନ୍ତର୍ଜାତୀୟ ଯାତ୍ରା କରିବାର ନିୟମ ପାଇଁ କୋଭିଡ୍ ଟେଷ୍ଟ କରିନଥାନ୍ତା, ତେବେ ଜାଣିନଥାନ୍ତା ତାର କୋଭିଡ୍ ହୋଇଛି ବୋଲି ।

ଛନ୍ଦା ଓ ଆକାଶ ତାକୁ କୋଭିଡ୍‌ର କାରଣ କଣ ହୋଇପାରେ ପଚାରିବାରୁ ସିଏ ଉତ୍ତରଦେଲା ଯେ ସେମାନେ ଦୁଇଦିନ ତଳେ ଟିନୁର ଜଣେ ସାଙ୍ଗ ସହିତ ଭୋଜନାଳୟରେ ମିଶି ଖାଇଥିଲେ । ସେଇ ସାଙ୍ଗର ତା' ପରଦିନ କୋଭିଡ୍ ଲକ୍ଷଣ ଦେଖାଦେଇଥିଲା । ସିଏ ବି ସେ ଭୂତାଣୁ ତାର ଅନ୍ୟ ଜଣେ ସାଙ୍ଗଠାରୁ ଆଣିଥିଲା । "ଆରେ ବାପ୍ରେ, ଏ କୋଭିଡ୍ ତ ଅତି ଭୟଙ୍କର । ଦୁଇଦୁଇଟି ଟିକା ନେଇକ ବି ଏମିତି ମାଡିବସୁଛି ?' – ଏମିତି କହି ଜନ୍‌ର ଶୀଘ୍ର ଆରୋଗ୍ୟ କାମନା କରି ସେମାନେ ଫୋନ୍ ରଖିଥିଲେ ।

ଏମିତି ଚତୁପାର୍ଶ୍ୱରେ ସବୁ ଘଟଣା ଘଟିଯାଉଥିଲା । ସବୁଦିନ କଛିକଛି ନୂଆ ଘଟଣା, କଛିକଛି ବିସ୍ମୟକର ଓ କଛିକଛି ଭୟ ପ୍ରଦାୟକ । ଆଜି ଅମକର କୋଭିଡ୍ ହେଲା, କାଲି ସମକର ହେଲା, ଏମିତି ନିତିଦିନିଆ ଖବର ସବୁ ପହଞ୍ଚୁଥିଲା । ଏଣେ ସାରାଦେଶରେ

କ୍ରିଷ୍ଟମାସ୍ ପାଳବେ ବୋଲି ସମସ୍ତେ ପ୍ରସ୍ତୁତ ହେଉଥିଲେ । ନିଜନିଜର ସାଙ୍ଗସାଥୀ ମାନଙ୍କୁ ଡାକି ଦିନବାର ସ୍ଥିର କରୁଥିଲେ ।

ଡିସେମ୍ବର ୨୦ ତାରିଖରେ ଟିନୁ ଖବରଦେଲା ଯେ ତାର କୋଭିଡ୍ ଟେଷ୍ଟ ପଜିଟିଭ୍ ଆସିଲା । ତାକୁ ବି ପୂର୍ବଦିନ ରାତିରେ ଜ୍ୱର ହୋଇଥିଲା ଓ କାଶ ଥିଲା । ସିଏ କ୍ଲାନ୍ତ ଅନୁଭବ କରୁଥିଲା ଓ ସେଥିପାଇଁ ନିଜ ଆପାର୍ଟମେଣ୍ଟକୁ ଫେରିଆସିଥିଲା । ଏବେ ତାହେଲେ କଣ ହେବ ? ଟିନୁ ତ ଆଉ କ୍ରିଷ୍ଟମାସ୍ ବିତେଇବାକୁ ଆସିପାରିବନି ?

ଯେହେତୁ ଟିନୁର ଆଉ ୭ ଦିନ ପର୍ଯ୍ୟନ୍ତ ଆସିବାର ନଥିଲା ଓ ମିନୁର ଛୁଟି ଥିଲା, ସେଥିପାଇଁ ମିନୁକୁ ୨୧ ତାରିଖ ଦିନ ଘରକୁ ଆସିବାକୁ ଛନ୍ଦା ଓ ଆକାଶ ପରାମର୍ଶ ଦେଲେ । ମିନୁ ରାଜିହେଲା ଓ ୨୧ ତାରିଖ ଦିନ ଅପରାହ୍ନରେ ନିୟୁର୍କରୁ ବାହାରି ସିଏ ସନ୍ଧ୍ୟାବେଳକୁ ମେରୀଲାଣ୍ଡରେ ପହଞ୍ଚିବ ବୋଲି ଜଣେଇଲା । ତେବେ ସିଏ ଆସିଲେ ପ୍ରଥମେ କୋଭିଡ୍ ଟେଷ୍ଟ କରିବ । ଯଦି ନେଗେଟିଭ୍ ଦେଖାଏ, ତେବେ ସିଏ ତା' ନିଜ ରୁମ୍ ରେ ଆସି ରହିବ ଓ ସମସ୍ତଙ୍କ ସହିତ ମିଶାମିଶି କରିବ । ନହେଲେ ତଳେ ବେସମେଣ୍ଟ ରେ ରହିବ ।

ସେଇ ଅନୁଯାୟୀ ୨୧ ତାରିଖ ମଙ୍ଗଳବାର ସକାଳେ ଅଧାଦିନ ଛୁଟି ନେଇ ଛନ୍ଦା ବେସମେଣ୍ଟ ସଫାସଫି କଲା ଓ ମିଡିଆରୁମ୍‌ଟିକୁ ମିନୁ ପାଇଁ ସଜେଇଦେଲା । ହେଲେ ଘରେ କୋଭିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଇବା ପାଇଁ ଟେଷ୍ଟ କିଟ୍ ମେରୀଲାଣ୍ଡର ସବୁ ଦୋକାନ ଖୋଜିଖୋଜି କେଉଁଠି ବି ମିଳିଲାନି । ୱାଲ୍‌ଗ୍ରିନ୍‌ସ୍, ସିଭିଏସ୍, ଟାର୍ଗେଟ୍ ଷ୍ଟୋର୍, ଜାଏଣ୍ଟ ଫାର୍ମାସୀ, ସବୁଠି ଖୋଜିଖୋଜି ଅନେକ ସମୟ ବିତିଗଲା । ସବୁଠି ନିଜ କ୍ରେଡିଟ କାର୍ଡ ନମ୍ବର ପକେଇ କେତେ ଜାଗାରେ ରିଜର୍ଭ କରି ମଧ୍ୟ, ସେସବୁ ଦୋକାନରୁ ଖବର ଆସିଲା ଯେ ଟେଷ୍ଟ କିଟ୍ ସବୁ ସରିଯାଇଛି । ଏମିତିକି ଘରଠାରୁ ୪୦-୫୦ ମାଇଲ୍ ଦୂରରେ ଥିବା ଦୋକାନ ମାନଙ୍କରେ ମଧ୍ୟ ଚେଷ୍ଟା କରିଥିଲା ଛନ୍ଦା । ଏବେ ତାହଲେ ହବ କଣ ? ମିନୁର ତ ଆଉ ଘରେ ଟେଷ୍ଟ କରିହେବନି । ଟେଷ୍ଟ ସେଣ୍ଟର୍ ମାନଙ୍କରେ ସବୁ ଏତେ ଲମ୍ବା ଧାଡି ରହୁଥିଲା ଯେ, ସେଠି ଠିଆ ହୋଇ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି କୋଭିଡ୍ ହୋଇଯିବାର ସମ୍ଭାବନା ବି ରହୁଥିଲା ।

ହେଲେ ସେ ସମସ୍ୟାର ସମାଧାନ ଏମିତି ଭାବେ ହେଲା । ବଡଝିଅ ରେଣୁ ସେ ସମୟରେ ପେନ୍‌ସିଲ୍‌ଭାନିଆରୁ ଫେରୁଥିଲା । ସେଠି ତା' ଶାଶୁଘର ଓ ତା' ଶ୍ୱଶୁରର ସତୁରିତମ ଜନ୍ମବାର୍ଷିକୀ ପାଇଁ ସେମାନେ ଯାଇଥିଲେ । ସିଏ ଖବରଦେଲା ଯେ ସେଠି ସବୁ ଫାର୍ମାସୀରେ କୋଭିଡ୍ ଟେଷ୍ଟ କିଟ୍ ମିଳୁଛି । ତେଣୁ ସିଏ କିଛି କିଟ୍ ନେଇଆସିପାରିବ । ଛନ୍ଦା ଓ ଆକାଶ ତାକୁ ୧୫-୨୦ଟି ଟେଷ୍ଟ କିଟ୍ ନେଇଆସିବାକୁ କହିଲେ । ଏହାର କାରଣ ହେଲା, ଆସନ୍ତା ସପ୍ତାହ ଭିତରେ ଆଉ କିଛି ବନ୍ଧୁମିଳନୀରେ ଯୋଗଦାନ କରିବାର ଥିଲା ।

ଡିସେମ୍ବର ୨୧ ତାରିଖରେ ମିନୁ ଘରେ ଆସି ୫ଟା ବେଳେ ପହଞ୍ଚିଲା । ପ୍ରଥମେ ସିଏ ଯାଇ ବେସମେଣ୍ଟରେ ରହିଲା । ସେଇଠି ତାକୁ ଜଳଖିଆ ଖାଇବାକୁ ଦେଇ ସେମାନେ ରେଣୁର ଆସିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଲେ । ରେଣୁର ପହଞ୍ଚିବାର ସମୟ ଥିଲା ରାତି ୭ଟା । ରେଣୁ ପହଞ୍ଚିବା ପରେ ସେଥିରୁ ଗୋଟିଏ ଟେଷ୍ଟ କିଟ୍ ବାହାର କରି ମିନୁକୁ ଟେଷ୍ଟ କରିବାକୁ ଦିଆଗଲା । ପନ୍ଦର ମିନଟ୍ ପରେ ସେ ଟେଷ୍ଟ ନେଗେଟିଭ୍ ଆସିଲା ବୋଲି ମିନୁ ଜଣେଇଲା ।

ତା' ପରର ଆନନ୍ଦ ଦେଖେ କିଏ । ମିନୁ ଏବେ ଉପର ମହଲାକୁ ଆସିଲା । ତା' କୁକୁର ଲିଓ ବି ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ଏବେ ସମସ୍ତେ ସାଙ୍ଗ ହୋଇ ରାତ୍ରଭୋଜନ କଲେ। ଟିନୁକୁ ବି ଫୋନ୍ ଲଗେଇଦେଲେ । ଗୋଟିଏ ଦିନ ଭିତରେ ଟିନୁର ଅବସ୍ଥାରେ କିଛିଟା ପରିବର୍ତ୍ତନ ଆସିଥିଲା । ସିଏ ସୁସ୍ଥତା ଅନୁଭବ କରୁଥିଲା ବୋଲି ଜଣେଇଲା ।

ଏବେ ବିନା ଟିନୁରେ କ୍ରିଷ୍ଟମାସ୍‌ର ଉପହାର ଖୋଲିବା ପର୍ବଟି କେମିତି ପାଳନ କରାଯିବ, ସେଇ ବିଷୟରେ ଆଲୋଚନା ହେଲା । ଟିନୁ ପରାମର୍ଶ ଦେଲା ଯେ ସୁସ୍ଥ ହେବାପରେ ଓ ତାର ଘର କୋଭିଡ୍ ଟେଷ୍ଟ ନେଗେଟିଭ୍ ଆସିବା ପରେ ସିଏ ଆସନ୍ତା ସପ୍ତାହରେ ଘରକୁ ଆସିବ । ତେଣୁ ସବୁ ଉପହାର ଖୋଲିବାର କାର୍ଯ୍ୟକ୍ରମ ସିଏ ଆସିବା ପରେ ହେବ । ସମସ୍ତେ ଟିନୁର ପରାମର୍ଶ ମାନିଲେ । ସେଇଟା ହିଁ ଉତ୍ତମ ହେବ ।

ମିନୁର ଜଣେ ସାଙ୍ଗ ଯିଏ କାଲିଫର୍ଣ୍ଣିଆରୁ ଆସି ଡିସେମ୍ବର ୨୮ ତାରିଖରେ ପହଞ୍ଚିବାର ଥିଲା, ସିଏ ଓମିକ୍ରନ୍ ସଂକ୍ରମଣ ପାଇଁ ଟିକେଟ୍ କ୍ୟାନ୍‌ସଲ୍ କରିଦେଲା ବୋଲି

ଜଣେଇଦେଲା । ତାକୁ ନେଇ ଯେତେ ପ୍ରୋଗ୍ରାମ୍ ସବୁ କର୍‌ଯାଇଥିଲା, ସେସବୁ ବାତିଲ୍ କର୍‌ଗଲା । ଏବେ କ୍ରିଷ୍ଟମାସ୍ ଇଭ୍, ଡିସେମ୍ବର ୨୪ ତାରିଖ ଦିନ ରେଣୁ ତା' ଘରକୁ ସମସ୍ତଙ୍କୁ ଡାକଥିଲା । ସେଠି ଟିନୁକୁ ଫୋନରେ ରଖାଗଲା ଓ ସିଏ ସମସ୍ତଙ୍କ ସହିତ ସେମିତି ଭାବେ କ୍ରିଷ୍ଟମାସ୍ ବିତେଇଲା । ତା' ପରଦିନ ବି ଛନ୍ଦା ଓ ଆକାଶଙ୍କ ଘରେ କ୍ରିଷ୍ଟମାସ୍ ପାଇଁ ରେଣୁ ଓ ତାର ସ୍ୱାମୀ ଆସିଲେ । ସାର୍‌ଦିନ ଖାଇବାପିଇବା, କଲମ୍ବିଆର ଆଲୁଅସଜ୍ଜା ଦେଖିବାକୁ ଯିବା ଓ ଘରେ ସାଙ୍ଗ ହୋଇ ଗୋଟିଏ ଭଲ ସିନେମା ଦେଖିବାରେ କଟିଗଲା । ତାପରେ ରେଣୁ ଓ ତାର ସ୍ୱାମୀ ବିଦାୟନେଲେ ।

ଏବେ ସବୁଦିନ ଟିନୁ ସହିତ ଫୋନରେ ଖବର ଦିଆନିଆ ଚାଲିଥିଲା ପଜିଟିଭ୍, ନେଗେଟିଭ୍ ଫଳାଫଳ ବିଷୟରେ । ଶେଷରେ ସେ ଖୁସିର ଦିନ ଆସିଲା । ଡିସେମ୍ବର ୨୭ ତାରିଖ ସୋମବାର ଦିନ ତାର ଟେଷ୍ଟ ନେଗେଟିଭ୍ ଆସିଲା ବୋଲି ଟିନୁ ଜଣେଇଲା ଓ ତା' ପରଦିନ ଘରକୁ ଆସିବାକୁ ଚାହିଁଲା । ଆକାଶ ପ୍ରଥମେ ଡରିଲେ । "ତୋ ଆପାର୍ଟମେଣ୍ଟର ସବୁ ଜିନଷ ସାନଟାଇଜ୍ କରିଛୁ ନା ନାହିଁ, ନହେଲେ ସେଥିରୁ ଜୀବାଣୁ ଆମ ଘରକୁ ଆସିବେ ।'

ଟିନୁ ଜେଣେଇଲା, "ହଁ, ମୁଁ ସବୁ ସାନଟାଇଜ୍ କରିଛି । ତମେ ଡରନ ।'

ଡିସେମ୍ବର ୨୮ ତାରିଖ ମଙ୍ଗଳବାର ଦିନ ଆକାଶ ନ୍ୟୁର୍କ ଗଲେ ଓ ଟିନୁକୁ ଧରି ସନ୍ଧ୍ୟାବେଳେ ପହଞ୍ଚିଲେ । ଟିନୁ ଆସିବା ପରେ ପରବର୍ତ୍ତୀ ଦିନମାନଙ୍କ ପାଇଁ ପ୍ରୋଗ୍ରାମ୍ ତିଆରି କରିହେଲା । ଡିସେମ୍ବର ୨୯ ତାରିଖ, ବୁଧବାର ଦିନ ରାତିରେ ମିନୁର ଜନ୍ମଦିନ ପାଳନ କର୍‌ଯିବ । ରେଣୁ ଓ ତା' ସ୍ୱାମୀ ଆସି ସେଦିନ ରାତିରେ ରହିଯିବେ । ଡିସେମ୍ବର ୩୦ ତାରିଖ ସକାଳେ କ୍ରିଷ୍ଟମାସ୍‌ର ସମସ୍ତ ଉପହାର ଖୋଲାଯିବ । ସେଦିନ ଲଞ୍ଚ୍ ସମସ୍ତେ ଏକାଠି କରିବେ । ତାପରେ ସେମାନେ କଛି ସମୟ ସାଙ୍ଗ ହୋଇ କଟେଇବେ । ଡିସେମ୍ବର ୩୧ ତାରିଖରେ ନୂଆବର୍ଷ ପୂର୍ବଦିନ ପାଇଁ ରାତିରେ ମିନୁ ଓ ଟିନୁ ରେଣୁର ଘରକୁ ଯିବେ । ନୂଆବର୍ଷ ଦିନ ଅପରାହ୍ନରେ ସେମାନେ ନ୍ୟୁର୍କ ଫେରିଯିବେ ।

ସେମିତି ହିଁ ସବୁ କଛି ଘଟିଲା ଓ କେତେକ ଘଟିଲାନ । ଓମିକ୍ରନ୍‌ର ସଂକ୍ରମଣ ପାଇଁ ଡିସେମ୍ବର ୩୧ ତାରିଖରେ ଛନ୍ଦା ରଖିଥିବା ଦିନବେଳର ଭଜନ ସମାରୋହଟି ସ୍ଥଗିତ

ରହିଲା । ଯାହା ସହିତ କଥା ହେବାବେଳକୁ ସେମାନେ କହିଲେ ସେମାନେ ଓମିକ୍ରନ୍ ଏକ୍ସପୋଜ୍ଡ୍ । ପରିବାରରୁ କଏ କୌଣସି ପାର୍ଟିକୁ ଯାଇଥିଲେ । ସେଠି କାହାକୁ ଭେଟିଥିଲେ । ସେ ଲୋକର ଦେହ ଖରାପ । ସେଇ ଦୃଷ୍ଟିରୁ ସମସ୍ତେ ସାବଧାନତା ଅବଲମ୍ବନ କରୁଛନ୍ତି । "ଠିକ୍ କଥା । ଆଉ କଣ କରିବା ? ଏ ଓମିକ୍ରନ୍‌କୁ ଏଇ ସମୟରେ ଆସିବାର ଥିଲା ?'

ଯାହା ଯେମିତି ହେଉ, ନୂଆବର୍ଷ ଦିନ ଜଗନ୍ନାଥ ମନ୍ଦିରରେ ପୂଜା କିନ୍ତୁ ଅତି ଭଲରେ ହେଲା। ପୂଜା ସମୟ ଥିଲା ୧୦ଟାରୁ ଦୁଇଟା । ଅଧଘଣ୍ଟାଏ ପାଇଁ ଯାଇ ଫେରିଆସିବାକୁ ଭାବିଥିଲା ଛନ୍ଦା । ହେଲେ ସିଏ ୧୧ଟା ୩୦ରେ ପହଞ୍ଚିବା ବେଳକୁ ସେଠି କେହି ନାହାନ୍ତି । ତିନଟି ପରିବାର ବସି ଭଜନ କରୁଛନ୍ତି । ଛନ୍ଦା ପହଞ୍ଚିବା ପରେପରେ ଯଜ୍ଞ ଆରମ୍ଭହେଲା । ଯଜ୍ଞ ଅଧଘଣ୍ଟାଏରେ ସରିଲା ଓ ତାପରେ ପୁଣି ଥରେ ଭଜନ ଓ ଭଜନ ପରେ ମହାମନ୍ତ୍ର ଆରମ୍ଭହେଲା । ଦିନ ଗୋଟାଏ ବେଳକୁ ଅନେକ ଭକ୍ତ ପହଞ୍ଚିଗଲେ । ଗହଳ ବଢିଗଲା । ସେଥିପାଇଁ ଛନ୍ଦା ଡରିଗଲା ଓ ସମସ୍ତଙ୍କଠାରୁ ଦୂରେଇଦୂରେଇ ରହିଲା । ଛନ୍ଦା ସବୁ ସମୟରେ ପିଲାମାନଙ୍କ ମେସେଜ୍ ଦେଖୁଥାଏ । କାଳେ ସେମାନେ ଫେରିଆସିବେ । ସେମାନେ କିନ୍ତୁ ଫେରିନଥିଲେ । ଯଦିଓ ସେମାନଙ୍କ ପାଇଁ ସକାଳେ ରାନ୍ଧିଦେଇ ଯାଇଥିଲା ସିଏ, ତେବେ ସେମାନେ ନ୍ୟୁର୍କ ଫେରିଯିବା ପୂର୍ବରୁ ତ ଟିକେ ଦେଖାହେବା ଉଚତ୍ ।

ମନ୍ଦିରରୁ ସାଢେ ଗୋଟାଏ ବେଳେ ଫେରିଲା ଛନ୍ଦା । ପ୍ରାୟ ସାଢେ ଦୁଇଟା ବେଳକୁ ଫେରିଲେ ଟିନୁ ଓ ମିନୁ । ସେମାନଙ୍କର ତଥାପି ନିଜ ଜିନିଷ ପ୍ୟାକିଙ୍ଗ୍ ସରିନଥିଲା । ଆକାଶ ୩ଟା ବେଳକୁ ମନ୍ଦିରରୁ ଫେରିଲେ । ସେତେବେଳକୁ ପାଗ ଖରାପ ହୋଇଆସିଲା । ଛନ୍ଦା ମିନୁ ଓ ଟିନୁକୁ ସେଦିନଟା ରହିଯିବାକୁ କହିଲା ଓ ୨ ତାରିଖ ଦିନ ଭୋରୁଭୋରୁ ଫେରିବାକୁ ପରାମର୍ଶ ଦେଲା ।

ତା' ପରଦିନ ଅର୍ଥାତ୍ ରବିବାର ଦିନ ସକାଳେ ଟିନୁ ଓ ମିନୁ ନ୍ୟୁର୍କ ଫେରିଗଲେ । ସୋମବାର ଦିନ ଯେବେ ଅଫିସ୍ ଖୋଲିଲା ଓ ଗୁଗୁଲ୍ ମିଟ୍ ରେ ଛନ୍ଦାର ନିଜ ସହକର୍ମୀମାନଙ୍କ ସହିତ ବର୍ଷର ପ୍ରଥମ ମିଟିଙ୍ଗ୍ ହେଲା, ସମସ୍ତେ ଓମିକ୍ରନ୍ କାହାଣୀ ଆରମ୍ଭକଲେ । କାହାର ଝିଅକୁ ହୋଇଥିଲା ତ କାହାର ପୁଅକୁ । କିଏ ନିଜେ ସଂକ୍ରମିତ

ହୋଇଥିଲା ତ କାହାର ସାଙ୍ଗ ସଂକ୍ରମିତ ହୋଇଥିଲା । ଛନ୍ଦାର ଜଣେ ଭଲ ସାଙ୍ଗ ମାଇକ୍ ସେ ସମୟରେ ଅନୁପସ୍ଥିତ ଥିଲା । ଜଣାପଡିଲା କୋଭିଡ୍‌ର ତା' ଜେଜେମାଙ୍କର ଦେହାନ୍ତ ହୋଇଗଲା ଓ ତା' ମା' ଏବେ ହସ୍‌ପିଟାଲରେ ପଡିଛନ୍ତୁ । ସେଦିନ ମନଟା ଭାରାକ୍ରାନ୍ତ ଲାଗିଲା । କେଉଁ ଏକ ଅଜଣା ଭୟରେ, କୋଭିଡ୍‌ର ପୁଣି କେଉଁ ନୂଆ ପ୍ରତିରୂପର ଆଶଙ୍କାରେ ଦେହ ଶିହରି ଉଠିଲା ।

ନଭେମ୍ବର ମାସର ତୃତୀୟ ସପ୍ତାହଟି ଅତ୍ୟନ୍ତ ଆନନ୍ଦରେ କଟିଥିଲା । ହ୍ୟୁଷ୍ଟନ୍ ସହରରେ ହିଲ୍‌ଟନ୍ ହୋଟେଲରେ ସାଙ୍ଗସାଥୀଙ୍କ ମେଳରେ, ପରିବାରର ସମସ୍ତଙ୍କ ମେଳରେ ଅନେକ ଦିନ ପରେ ପୁଣି ହସଖୁସି, ମିଳମିଶି ଖିଆପିଆ, ଫଟୋ ଉଠେଇବା, ନାଚଗୀତ, ମଉଜରେ ସମୟ କେମିତି ବିତିଗଲା, ଜଣାପଡିଲାନି । ସେଇଟା ଥିଲା ଜଣେ ସାଙ୍ଗର ପୁଅର ବିବାହ ଉତ୍ସବ । ସେ ସମୟର ପରିସ୍ଥିତିକୁ ଆଧାର କରି, ଡିସେମ୍ବର ମାସ ପାଇଁ କେତେ କଣ ସ୍ୱପ୍ନ ଦେଖିଥିଲା ଛନ୍ଦା । ଭାବିଥିଲା, ଛୁଟି ତ ଅନେକ ଅଛି; ବର୍ଷର ଏ ଶେଷମାସଟିକୁ ଅତି ମଉଜ, ମଜ୍‌ଲିସରେ କଟେଇବ । ଗୋଟିଏ ସପ୍ତାହ ଛୁଟି ନେଇ ସିଏ ନୟୁର୍କରେ ଝିଅ ପାଖରେ ରହିବ । ପ୍ରତିଦିନ ଗୋଟିଏ ଗୋଟିଏ ବ୍ରୋଡ୍‌ୱେ ଶୋ ଦେଖିବ, ନୟୁର୍କ ସହରର ସାଜସଜ୍ଜା ବୁଲି ଦେଖିବ । ହେଲେ ଏବର୍ଷ ବି ସେ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ହୁଏତ ଆସନ୍ତା ବର୍ଷ ସେ ସ୍ୱପ୍ନ ପୂରଣ ହେବ ? ଏଇତ ଜୀବନ । ଆଗାମୀ ଭବିଷ୍ୟତର ସୁଖ ଆଶାରେ ବର୍ତ୍ତମାନର ଦୁଃଖ ଓ ଆଶଙ୍କାକୁ ଭୁଲିଯିବାର ପ୍ରୟାସ ତ ଜୀବନର ଅସଲ ମଞ୍ଜି ।

ଆସନ୍ତା ବର୍ଷ ପାଇଁ ସ୍ୱପ୍ନ ଦେଖୁଦେଖୁ ଛନ୍ଦାର ଆଖି ଲାଗିଯାଇଥିଲା । ଆକାଶଙ୍କ ଡକାରେ ତା' ନିଦ ଭାଙ୍ଗିଗଲା । ସିଏ ଚମକିପଡିଲା । ଆକାଶ କହୁଥିଲେ, "ସାଢେ ପାଞ୍ଚଟା ବାଜିଲାଣି। ଆଜି କଣ ଗୁହା ଦେବୁନି ନା କଣ ?'

ଓଡିଆରେ ଏକ ପ୍ରବାଦ ଅଛି, "ଜୀବ ଥିବା ଯାଏ ଲୋଭ ଅଛି' । ତେଣୁ ଏ ଜୀବନ ଥିବା ଯାଏ, ଖାଇବାପିଇବାର ଲୋଭକୁ କଣ ଅଟକାଇ ହେବ ? ଏମିତି ଭାବି ଛନ୍ଦା ଗୁହା ତିଆରି କରିବାକୁ ଉଠିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଶ୍ରୀକ୍ଷେତ୍ରେ ବସିଛି



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀକ୍ଷେତ୍ରେ ବସିଛି ଶ୍ରୀବତ୍ସ କାଳଆ ଭ୍ଇଭଉଣୀ ସଙ୍ଗର ।
ଅଚ୍ୟୁତ ଅନନ୍ତ ସେ କମଳାକାନ୍ତ ନରହରି ଦାମୋଦର ।୧ ।

ରବିନନ୍ଦନ ଦଣ୍ଡ ଖଣ୍ଡନକାରୀ ନୀଳମଣି ର୍ଧାଧବ ।
କ୍ଷତିପତି ହରି ମୁକୁନ୍ଦ ମୁର୍ରୀ ନରେ ଚନ୍ତ ବାସୁଦେବ ।୨ ।

ତରଣୀ ଭବସିନ୍ଧୁର ଶ୍ରୀୟାବର ନଟର୍ଜ ଚତୁର୍ଭୁଜ ।
ବାରିଦ ବରନ୍ କୃଷ୍ଣ ଶ୍ୟାମଘନ ଶ୍ରୀଧର ଗରୁଡଧ୍ୱଜ ।୩ ।

ରିପୁ ବିନାହନ ଗରୁଡ ଆସନ କ୍ଷୀର ସାଗର ଶୟନ ।
କରିତ କରମା ସେ କାଳଆ ସୁନା ନୀଳକନ୍ଦର ଶୋଭନ ।୪ ।

ସାର୍ଥକ କର ଜୀବନ ବାଇମନ ଚନ୍ତୁ ହରି ଜଗଦୀଶ ।
ମନମୋହନ ଶ୍ରୀକୃଷ୍ଣ ଜନାର୍ଦ୍ଦନ ଶ୍ରୀଧର ଜଗନ୍ନିବାସ ।୫ ।

ହୁଅ ସାବଧାନ ବେଳ ଥାଉଁଥାଉଁ ଭଜଣ କଞ୍ଜ ପୟର ।
ଥାଉ ତା ଦର୍ଶନ ଶ୍ରବଣେ ଯାନାମ କଳ କଳମଶ ହର ।୬ ।

ଆରତୀ ଆରତହାରୀ ଦନୁଜାରୀ ନଟବର ପଦ୍ମନାଭ ।
ଲୀଟ ସାଜମନ ତାରଙ୍ଗା ଚରଣ ନାର୍ୟଣ ସର୍ବଶୁଭ ।୭ ।

ଜିତେନ୍ଦ୍ରିୟ ହରି ମାଧବ ମୁରାରୀ ମୁକୁନ୍ଦ ମଧୁସୂଦନ ।
କେଂମତ ଠାକୁର ନାହିଁ ପଦକର ବିଜେ ରତ୍ନ ସିଂହାସନ ।୮।

ଦନୁଜ ନାଶନ ମଦନ ମୋହନ ଶ୍ରୀହରି ବିଶ୍ୱନାୟକ ।
ରାମରାବଣାରୀ ଶ୍ରୀକ୍ଷେତ୍ର ବିହାରୀ ଚଉବର୍ଗ ପ୍ରଦାୟକ ।୯।

ପରାଣ ବାନ୍ଧବ କୃଷ୍ଣ ଶ୍ରୀରାଧାର କଳାକର କଳା ମୁଖ ।
ଡାକୁଙ୍କ ଅଗ୍ରଣୀ ହରି ବେଣୁପାଣି ଭଜେ ଅର୍ଜୁନ ମୁରୁଖ ।୧୦।

ପ୍ରଶାନ୍ତ ଚଉ ଶ୍ରୀକୃଷ୍ଣ ନନ୍ଦସୁତ ସ୍ମରଣେ ହରେ ଦୂରୀତ ।
ଓଡିଶା ବଡ ଠାକୁର କମ୍ବୁକର ଶ୍ରୀୟାବର ଜଗନ୍ନାଥ ।୧୧।

ଡିମ୍ବ ଭରତିଆ ପକ୍ଷୀର ରଖିଲ୍ ଘଣ୍ଟ ଘୋଡାଇ ଶ୍ରୀକାନ୍ତ ।
ଶାରଙ୍ଗ ଧାରଣ ମଦନ ମୋହନ ହୃଷୀକେଶ ରାଧାକାନ୍ତ ।୧୨।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ-ମହୁ, ଜି-କେନ୍ଦ୍ରାପଡା

# ସମ୍ପର୍କର ପବିତ୍ରତା



ଡଃ ମାଙ୍ଗଳିକା ମହାପାତ୍ର

ଭଲପାଇବାର ମାନେ କ'ଣ
ଏବେ ତୁମଠୁ ଜାଣିଲି
ଅନ୍ତରର ଆନ୍ତରିକତା ତୁମ
ହୃଦୟରେ ଅନୁଭବ କଲି

ଜୀବନେ କାଟିଛି ଅନେକ ବସନ୍ତ
କଷ୍ଟରେ ବି ହୋଇଛି ହନ୍ତସନ୍ତ
ହଜାଇନି କେବେ ଆଶାର ଦିଗନ୍ତ
କରିଛି ନିଜର ରୁଚିକୁ ରୁଦ୍ଧିମନ୍ତ ...

କଥାକୁ ତୁମର ନେଇଛି ଆପଣେଇ
ଜାଣିଛି କେବେ ଦେବନି ଦୂରେଇ
ସ୍ନେହରେ ନିଜକୁ ଦେଇଛି ହଜାଇ
ଆଖିରେ ତୁମର ପ୍ରତିବିମ୍ବ ରଚଇ...

ମିଠା ଏ ସମ୍ପର୍କର ପରିଭାଷା
ମନେ ଜଗାଉଛି ଅସରନ୍ତି ଆଶା
କରିବାକୁ ତା ଉପରେ ଭରଷା
ହୃଦୟରେ ରଖିଛି ପ୍ରତ୍ୟାଶା...

ରେଭେନସା ବିଶ୍ୱବିଦ୍ୟାଳୟ

# ଲୁହ



କୀର୍ତ୍ତି ଦେବୀ

କେମିତି ପ୍ରକାଶ କରିବି ତୋ ଅନୁଭବକୁ "ଲୁହ"
ସର୍ବେ ଜାଣନ୍ତୁ ଉଣା ଅଧିକେ
ନଗାଡି ଦେଲେ ଆଖିରୁ ତୋତେ
ମନ ହୁଏ ଉଶ୍ବାସ ।
କେହି ବି ତୋ ସାଙ୍ଗରେ ହେବେନ ସମାନ
କେତେବେଳେ ତୁ ସୁଖର ଆଉ କେତେବେଳେ ଦୁଃଖର ସାଥୀ
ବେଳେବେଳେ ତୁ କରୁଣାର ବାରି
ଆମର ସହିତ ଜବାନ୍ ଙ୍କ ପାଇଁ
ଲୁହ ହୁଏ ଗର୍ବ ଓ ଗୌରବ
ଧରଣୀର ବକ୍ଷ ସିକ୍ତ ହୁଏ ତୋ ପାଇଁ
ତଥାପି ଛାତି କୁଣ୍ଢେ ମୋଟ ହୁଏ,
ତୋତେ କୋଳ କରି ।
କେମିତି ପ୍ରକାଶ କରିବି ତୋ ଅନୁଭବକୁ "ଲୁହ" ।

ସିଭିଲ୍ ଟାଉନସିପ୍, ରାଉରକେଲା

# ଅଦେଖା ଉପହାର



ଶାନ୍ତଲତା ମିଶ୍ର

ସୌନ୍ଦର୍ଯ୍ୟ, ବୟସ, ସାହାସ, ଉତ୍ସାହ ସମୟ ସହିତ ସବୁ ଏକ ସଙ୍ଗେ ତାଙ୍କ ଜୀବନରୁ ଏମିତି ଅନ୍ତର୍ଦ୍ଧାନ ହୋଇଯିବେ, ସେ କେବେ ବି ଭାବି ନଥିଲେ । ଏବେ ତ ଖାଲି ନସଙ୍ଗତା ସାଙ୍ଗକୁ ହତୋତ୍ସାହ । କନ୍ତୁ ବଞ୍ଚିବାତ ଛାଡି ହେବନି, ତାଙ୍କୁ ଯେମିତି ହେଉ ବଞ୍ଚିବାକୁ ହେବ । ଜୀବନ ସାରା ତ ସେ ଖାଲି ସଂଘର୍ଷ କରି ଜାଣିଚନ୍ତି ବଞ୍ଚିବା ପାଇଁ । ତେବେ ଆଜି କାହିଁକି ସେ ହାରିଯିବେ ! ଯୋଉ ରାସ୍ତାରେ ଏ ଯାଏ ସେ ଚାଲି ଚାଲି ଆସିଥିଲେ ସେ ଗତିପଥ ସେ ବଦଳେଇବେ । ଘର ବିକ୍ରି କରିବାକୁ ପଡିବ । ସେ ଆଉ ଉପାର୍ଜନ କରି ପାରିବା ଅବସ୍ଥାରେ ନାହାଁନ୍ତି ବୋଲି ତାଙ୍କର ମନେ ହୁଏ ।

ବାପା ଚାଲିଗଲା ପରେ ମା ସାନ ଦୁଇ ଭଉଣୀଙ୍କ ବୋଝ ଶୁଭାଶିନୀ ଅନାୟସରେ ଉଠେଇ ନେଇଥିଲେ । ସେ ଅଭିନୟ କରିବାରେ ପାରଙ୍ଗତା । ତାଙ୍କର ରୂପର ଚର୍ଚ୍ଚା ସବୁରି ମୁଖରେ। ପ୍ରସିଦ୍ଧା ଅଭିନେତ୍ରୀ ଭାବେ ଅଭିନୟ କରି ବେଶ୍ କଛି ଉପାର୍ଜନ କରି ନେଇଥିଲେ। ଦୁଇ ଭଉଣୀଙ୍କୁ ପାଠ ପଢେଇ ସେମାନଙ୍କ ବିବାହ ସରିବା ପରେ ମା'ର ଯତ୍ନ ନେବାରେ ନଜ ବିବାହ ପାଇଁ ସମୟ ନଥିଲା । ମା'କୁ ବି ସସମ୍ମାନେ ଏ ସସାଂରରୁ ବିଦାୟ ଦେଇଛନ୍ତି । କନ୍ତୁ ନଜ ପାଇଁ କଛି କରିବା ପାଇଁ ଭାବିବା ପୂର୍ବରୁ ସେଦିନ ଯେତେବେଳେ ସୁଟିଂ ସମୟରେ ଏକ ବଡ ଦୁର୍ଘଟାଣାରେ ଗୋଟାଏ ଗୋଡ ଭାଙ୍ଗି ପାରାଲାଇଜ୍ ହୋଇ ଯାଇଥିଲା, ସେତେବେଳେ ବହୁତ କଥା କରି ନପାରିଥିବାର ଅବଶୋଷରେ ଦିନ ରାତି ଶାରିରୀକ ଯନ୍ତ୍ରଣା ସହିତ ମାନସିକ ଯନ୍ତ୍ରଣାରେ ଛଟ୍‌ପଟ୍ ହୋଇ ପଡୁଥିଲେ ଶୁଭାଶିନୀ ।

ଭଉଣୀ ମାନଙ୍କ ପାଖରେ ସମୟ ନଥିଲା ତାଙ୍କର ଦେଖା ରଖା କରିବାକୁ । ମଝିରେ ମଝିରେ ଆସି ଭଲ ମନ୍ଦ ପଚାରି ଦେଇ ହାତରେ ପାଞ୍ଚଶହ କ ହଜାରେ ଧରେଇ ଦେଇ

ଘୁରି ଯାଉଥିଲେ । ଏଥିରେ ତାଙ୍କର ଦୁଃଖର ଉପସମ ହେଉ ନଥିଲା । ନଜର ସେବା ଯତ୍ନ ପାଇଁ ଘରିଜଣ ଲୋକ ରଖିଥିଲେ । ଡାକ୍ତର ଖର୍ଚ୍ଚ, ଘର ଖର୍ଚ୍ଚ ଇତ୍ୟାଦିରେ ସମସ୍ତ ସଞ୍ଚିତ ଅର୍ଥ ସରିବା ଉପରେ ।

ଦୀର୍ଘ ପାଞ୍ଚ ବର୍ଷ ପରେ ଏବେ ଟିକେ ଚଲାବୁଲା କରିବାକୁ ସକ୍ଷମ ହେଲେଣି । ସାହାଯ୍ୟ କରୁ ଥିବା ଲୋକ ମାନଙ୍କୁ ଦରମା ଦେବାରେ ଅସମର୍ଥ ହେବାରୁ ସେମାନଙ୍କୁ ଯିବାକୁ ଦେଲେ। ବଡ ଘରଟି ବିକ୍ରି କରି ଦେଇ ଛୋଟ ଘର ଟିଏ କଣି ରହିବାର ବ୍ୟବସ୍ଥା କରି ନେଲେ । ବଡ ଘରେ ଏକ ବହୁତ ବଡ ବଗିଘ୍ଚ ଥିଲା ସେଥିରେ ଅନେକ ପ୍ରକାର ଫୁଲ ଗଛ ଥିଲା ସେଥିରୁ ଗୋଲାପ ଗଛ ବହୁତ ଥିଲା । ଛାଡି ଆସିଲା ବେଳେ ବହୁତ ଦୁଃଖ ହୋଇଥିଲା । ତଥାପି ଦଶ ବାର ଟା ଗଛ କୁଣ୍ଡର ନେଇ ଆସିଥିଲେ ।

ପୂର୍ବର ସାଙ୍ଗ ସାଥି, ଚହ୍ନା ଜଣାଙ୍କୁ କହି କଛି ଫିଲ୍ମରେ ରୋଲ କରିବା ପାଇଁ ଅନୁରୋଧ କରି ନିରାଶ ହେବା ପରେ ପୁରା ଘରେ ବସି ରହିଲେ ସତ କନ୍ତୁ ତାଙ୍କ ଫୁଲ ଗଛର ସେବା ଯତ୍ନରେ ସମୟ ବିତେଇଲେ । ବାହାରେ ଚୌକି ପକେଇ ବସନ୍ତୁ ସେଇ ଗୋଲାପ ଫୁଲ ମାନଙ୍କୁ ତାଙ୍କ ଫିଲ୍ମ ଡାଇଲଗ ସବୁ ଶୁଣାନ୍ତୁ ।

ସେଦିନ ଭାଲେଣ୍ଟାଇନ ଡେ ଥିଲା । ବାହାରେ ବସି ବହୁତ କଥା ମନେ ପକୋଉଥିଲେ । ଶ୍ରୀରାମ ବାବୁଙ୍କ ଷ୍ଟୁଡିଓରେ ବଡ ପାର୍ଟି ହୁଏ ଥଟା ମଜ୍ଜା ଗପସପ ସିନେମା ଚର୍ଚ୍ଚା ସବୁ ହୁଏ। ଏବେତ ତାଙ୍କୁ କେହି ମନେ ରଖିଛନ୍ତୁ କ ନାହିଁ ତାଙ୍କର ସନ୍ଦେହ । ଏବେ ତ କାନ୍ଥ ବାଡରେ କେତେ ନୂଆ ହିରୋଇନ୍ଙ୍କ ଫଟ । ଦେଖିଲେ ରାଗ ମାଡେ, ଈର୍ଷା ହୁଏ ଆଖିରୁ ଲୁହ ବି ଝରି ଆସେ । ତାଙ୍କର ବି ଦିନ ଥିଲା ।

ହଠାତ ଆଣ୍ଟି ଶବ୍ଦରେ ସେ ମୁଣ୍ଡ ଉଠେଇ ବାହାରକୁ ଘହିଁଲେ । ଏକୋଇଶ ବା ବାଇଶ୍ ବର୍ଷର ପୁଅ ଟିଏ ହାତରେ ବହି ଧରି ସାଇକଲ ରେ ବସି କହୁଥାଏ ମତେ ଛଅ ଟା ଗୋଲାପ ଫୁଲ ଦେଇ ପାରିବେ । ମୁଁ ମୋ ଗ୍ୟାର୍ଲ ଫ୍ରେଣ୍ଡକୁ ଦେବି । ଆଜି ଭାଲେଣ୍ଟାଇନ ଡେ ମୁଁ ସଂପୂର୍ଣ୍ଣ ଭୁଲି ଯାଇଥିଲି । ଆଜି ତ ମୋ ପାଖରେ ବିଶେଷ ଟଙ୍କା ନାହିଁ ଶପଥ କରୁଛି କାଲି ଆସି କୋଡିଏ ଟଙ୍କା ଦେଇ ଯିବି । ପିଲା ଟିର ହସ ହସ ମୁଁହ ସରଳ କଥା ବାର୍ତ୍ତା

ତାଙ୍କୁ ମୁଗ୍ଧ କଲା ସତ କିନ୍ତୁ ଅଶୀସ୍‌ଙ୍କ କଥା ମନେ ପକେଇ ଦେଲା । ସେ ବି ପ୍ରତି ବର୍ଷ ଏପରି ଭାଲେଣ୍ଟାଇନ୍ ଡେ ରେ ଗୋଟିଏ ଗାଢ ନାଲି ରଙ୍ଗର ଗୋଲାପ ଟିଏ ଆଣି ଉପହାର ଦିଅନ୍ତି ଓ କୁହନ୍ତି ତୁମ ଉତ୍ତରର ଅପେକ୍ଷାରେ..... ।

ମନା କରି ପାରିଲେନ । ସଯତ୍ନ ବର୍ଦ୍ଧିତ ଫୁଲ ମାନଙ୍କୁ ହାତରେ ଛିଣ୍ଡେଇବାକୁ ଇଛା ହେଲା ନାହିଁ । ପିଲା ଟିକୁ ଗେଟ୍ ଖୋଲି ଭିତରକୁ ଆସି ତାର ପସନ୍ଦର ଫୁଲକୁ ତୋଳ ନେବାକୁ କହିଲେ । ସତରେ ପିଲାଟି ତା କଥା ରକ୍ଷା କରି ପରଦିନ ଆସି କୋଡିଏ ଟଙ୍କା ଦେଇ ଗଲା। ନବାକୁ ତା ଠାରୁ ଇଛା ନଥିଲେ ବି ନେଲେ କାରଣ ତାଙ୍କର ଟଙ୍କାର ଆବଶ୍ୟକତା ବର୍ତ୍ତମାନ ବହୁତ ବେଶୀ ।

ତାପରେ ସେ ପିଲାଟି ଅନେକ ଥର ଆସି ତାଙ୍କ ଠାରୁ ଗୋଲାପ ଫୁଲ କଣିକ ନେଇଛି । ଖାଲି ସେ ନଜେ ନୁହେଁ ତା ସାଙ୍ଗ ସାଥୀଙ୍କୁ ମଧ୍ୟ ନେଇ କ ଆସିଛି ସେମାନେ ବି ତାଙ୍କଠୁ ଗୋଲପ କଣିକ ନେଇଛନ୍ତି । କାରଣ ତାଙ୍କ ଫୁଲ ଗୁଡିକ ବଜାରରେ ମିଳୁଥିବା ଫୁଲ ଠାରୁ ଅପେକ୍ଷାକୃତ ବହୁତ ବଡ ଓ ତାଜା । ଏବେ ସେ ତ ମିଳୁଥିବା ଟଙ୍କାରେ ଆହୁରି ବିଭିନ୍ନ ପ୍ରକାର ଗୋଲାପ ଗଛ ଲଗେଇ ସାରିଲେଣି । ଆସ୍ତେ ଆସ୍ତେ ଅନେକ ଲୋକ ତାଙ୍କ ଫୁଲର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କଣିବାରେ ଲାଗିଲେଣି । କଛି କଛି ଉପାର୍ଜନ ବି ହବାରେ ଲାଗିଲାଣି ଓ ସମୟ ବି ଆନନ୍ଦରେ ଅତିବାହିତ ହେବାକୁ ଲାଗିଲାଣି ।

ସେଦିନ ଦାଣ୍ଡ କବାଟରେ ଖଟ୍ ଖଟ୍ ଶବ୍ଦ ଶୁଣି କବାଟ ଖୋଲି ଆବାକ୍ ହୋଇଗଲେ । ଆଜି ଜଣେ ଫୁଲ ନବାକୁ ନୁହେଁ ଦବାକୁ ଆସିଛି । ଗୋଛାଏ ଗାଢ୍ ନାଲି ରଙ୍ଗର ଗୋଲାପ ଫୁଲ ହାତରେ ଧରି ସମ୍ମୁଖରେ ଠିଆ ହୋଇଛି ସେ ଆଉ କେହି ନଥିଲେ ଆଶିସ୍ । କନ୍ତୁ ଆଶା ବାଡିର ସାହାଯ୍ୟ ନେଇ ଠିଆ ହୋଇଛନ୍ତି କଣ ପାଇଁ । ଆଶ୍ଚର୍ଯ୍ୟରେ ଅଭିଭୁତ ହେବା ପୂର୍ବରୁ ଆଶୀସ୍ କହି ଉଠିଥିଲେ: "ଶୁଭାଶିନୀ! ଏମିତି ମତେ ଆଶ୍ଚର୍ଯ୍ୟ ଭାବେ ଗୃହଁନା । ତୁମକୁ କେତେ ଖୋଜିଲା ପରେ ଆଜି ତମେ ମିଳଛ ଘର ଭିତରକୁ ଡାକବନ । 'ହଁ ଆସ ଆସ କନ୍ତୁ ମୁଁ ଶୁଣିଥିଲି ତୁମେ....... କଣ ମୃତ ବୋଲି କଥା ପୁରଣ କଲେ ଆଶିସ୍ । ନା ମୃତ୍ୟୁ ବି ମତେ ଗ୍ରହଣ କଲାନାହିଁ ।

ତୁମେ ଯେପରି ମୋ ବିବାହ ପ୍ରସ୍ତାବକୁ ମୁହଁ ବୁଲେଇ ଗ୍ଲି ଯାଇଥିଲ ମୃତ୍ୟୁ ବି ସେପରି ମୁହଁ ବୁଲେଇ ତା ବାଟରେ ଗ୍ଲି ଯାଇଥିଲା ମୋ ପାଖରୁ । ତୁମ ମୁଣ୍ଡର ଦାୟିତ୍ୱର ଅନେକ ବୋଝ ଥିବାରୁ ତୁମେ ବିବାହ କରିବାକୁ ସେତେବେଳେ ରାଜି ହେଲ ନାହିଁ । ତାପରେ ଏକ ଦୁର୍ଘଟଣାରେ ଭିଷଣ ଭାବେ କ୍ଷତ ବିକ୍ଷତ ହୋଇ ମୃତ୍ୟୁ ସହିତ ଯୁଦ୍ଧ କରି କରି ଶେଷରେ ବଞ୍ଚିଗଲି ସତ କିନ୍ତୁ ଅପାରଗ ଅବସ୍ଥାରେ ।

ତା ପରେ ବର୍ଷକ ପରେ ପଲ୍ଲବୀ ଠାରୁ ଶୁଣିଲି ତୁମେ ବି ଦୁର୍ଘଟଣାରେ ପଡି ଚକସ୍ୱାଧୀନ । ତାପର ଠୁ ବହୁତ ଲୋକଙ୍କୁ ତୁମ ଠିକଣା ପଗ୍ଚରି ନିରାଶ ହେଲା ପରେ, ତୁମର ଏକ ଫଟ ସହିତ ତୁମ ଫୁଲ ବଗିଚ୍ଚର ପ୍ରଶଂସା ଏକ ମ୍ୟାଗାଜିନରୁ ପାଇ ଏଠିକୁ ସିଧା ଆସିଛି । ଏବେ ଫୈସଲା ତୁମ ହାତରେ ।

କିଛି ସମୟ ନିରବତାର ବ୍ୟବଧାନ ପରେ ଶୁଭାଶିନୀ କହିଥିଲେ…ଆଉ ଫୈସଲା କଣ … ଫୈସଲା ତ ନିୟତି ଆମ ପାଇଁ କରି ଦେଇଛି । ତୁମେ ଅପାରଗ ଆଉ ମୁଁ ବି ଅପାରଗ । ତୁମେ ଏ ଦୁନିଆଁରେ ଏକାକି ମୁଁ ବି । ବାସ ସେତିକି ବାର୍ତ୍ତାଳାପ ପରେ ଆପେ ଆପେ ସବୁ ସମାଧାନ ହୋଇ ଯାଇଥିଲା ।

ନା ବେଦି ଥିଲା ନା ସାହାନାଇ ଥିଲା, ନା ବର ଯାତ୍ରୀ ଥିଲେ ନା କନ୍ୟା ଯାତ୍ରୀ ଥିଲେ କେବଳ ମନ୍ଦୀର ପୁଜାରୀ ଥିଲେ ଆଉ ଥିଲେ ତାଙ୍କ ଜୀବନର କାହାଣୀ ଲଖକ ସେଇ ଅଦୃଶ୍ୟ ନାଟ୍ୟକାର ଭଗବାନ, ଏକ ପଥର ମୁର୍ତ୍ତିର ଅନ୍ତରାଳରେ । ଦୁଇଟି ହୃଦୟ ସେଦିନ ଏକତ୍ରିତ ହୋଇ ଯାଇଥିଲା ସମସ୍ତଙ୍କ ଅଲକ୍ଷରେ, ଅଦେଖାରେ, ଅଜାଣତରେ ।

ଏବେ ତ ଗୋଲାପ ବଗିଚ୍ଚ ଦଶଗୁଣ ବଢି ଗଲାଣି ଅନେକ ଗ୍ରାହକ ହୋଇଗଲେଣି । ଆଗ ପରି ଜୀବନରେ ବିଶେଷ ସଂଗ୍ରାମ ବି ନାହିଁ ।

ରଚେଷ୍ଟର, ମିନେସୋଟା

# ଶ୍ରୀମଦ ଭଗବଦ ଗୀତା



ବାସନ୍ତୀ ଲତା ଜେନା

ଗୀତା ଭାଗବତ ତତ୍ୱ ଜ୍ଞାନ ସାର
ଭକ୍ତି ଯୋଗ କର୍ମ ଜ୍ଞାନ
ସବୁ ଶାସ୍ତ୍ର ମଧ୍ୟେ ଶ୍ରେଷ୍ଠ ଶାସ୍ତ୍ର ଅଟେ
ମୁକ୍ତି ପଥରେ ନିର୍ବାଣ ।୧।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ମୁଖ
ନିଃସୃତ ଏ ବାଣୀ ପରା
ମହାଭାରତ ଯେ ଧର୍ମ ଯୁଦ୍ଧ ଥିଲା
ଗୁଞ୍ଜରୀ ଉଠିଲା ଧରା ।୨।

ଅର୍ଜୁନଙ୍କ ରଥେ ସାରଥୀ ହୋଇଲେ
ସ୍ୱୟଂ ପ୍ରଭୁ ନାରାୟଣ
କୁରୁ ରଣ କ୍ଷେତ୍ର ମଧ୍ୟରେ ଅର୍ଜୁନ
ଦେଖି ସର୍ବ ପ୍ରିୟଜନ ।୩।

ଅସ୍ତ୍ର ଛାଡିବାକୁ ମନସ୍ତ କରିଲେ
ବୁଝାଇଲେ ଆର୍ତ୍ତ ତ୍ରାଣ
ଧର୍ମ ସଂସ୍ଥାପନା ଜଗତେ ସ୍ଥାପିତ
ଜନ୍ମ ନେଲି ଭଗବାନ ।୪।

ମୋହ ଗ୍ରସ୍ତ ହୋଇ ଅସ୍ତ୍ର ଛାଡ଼ ନାହିଁ
ଏଠି ନିଜ କେହି ନୁହେଁ
ପୁରାତନ ଛାଡି ନୂଆ ପରିଧାନ
ପିନ୍ଧି ଥାନ୍ତି ତ ସଭିଏଁ ।୪।

ତଥାପି ଅର୍ଜୁନ ମୋହ ନ ତୁଟିଲା
ଚିନ୍ତା କଲେ ଭଗବାନ
ମୁଁ ଅଟେ ସୃଷ୍ଟିର ସୃଷ୍ଟି ମୋର ମଧ୍ୟେ
ଶଙ୍କା ତେଜରେ ଅର୍ଜୁନ ।୬।

ଚଉଦ ବ୍ରହ୍ମାଣ୍ଡ ସଖା ମଧ୍ୟେ ଦେଖି
ଅଭିଭୂତ ଯେ ଅର୍ଜୁନ
ଧର୍ମ ରକ୍ଷା ପାଇଁ ଅସ୍ତ୍ର ଉଠାଇଲେ
ଅଧର୍ମୀ କଲେ ନିଧନ ।୭।

ଶ୍ରୀକୃଷ୍ଣଙ୍କ ବାଣୀ ଗୀତାରେ ଲିଖିତ
ଆତ୍ମା ପରତ୍ମା ବିଶ୍ୱାସ
ଗୁଢ ତତ୍ୱ ଅଟେ ଗୀତା ସାର ତତ୍ୱ
ପଠନେ ଆତ୍ମ ସନ୍ତୋଷ ।୮।
ଗୀତା ସାରତତ୍ୱ ସତ୍ୟ ଶାନ୍ତି ଦୟା
କ୍ଷମା ନିଃଶ୍ୱାର୍ଥ ପରତା
ସଂଯମ ଚରିତ୍ର ଗୁରୁଜନ ଭକ୍ତି
ପବିତ୍ର ଏ ଗୀତା କଥା ।୯।

କାମ କ୍ରୋଧ ଲୋଭ ମୋହ ହିଂସା ଦ୍ୱେଷ
ଅଧର୍ମ ମିଥ୍ୟା ଚରଣ
ଷଡ଼ ରିପୁ ଯଦି ସଂଯତ ନ ହୁଏ
ଯଶ ଖ୍ୟାତି ଯେ ମଳିନ ।୧୦।

ପ୍ରତିଟି ଅଧ୍ୟାୟ ପ୍ରତିଟି ଶ୍ଳୋକରେ
ମହତ୍ୱ ଜୀବ ଦର୍ଶନ
ଗୀତା ଜ୍ଞାନ ଯୋଗ ଧ୍ୟାନ ଯୋଗ ଅବା
ଭକ୍ତି କର୍ମ ଦିବ୍ୟ ଜ୍ଞାନ ।୧୧।

ଭଗବାନ ବାଣୀ ଭକ୍ତି ସର୍ବ ଶ୍ରେଷ୍ଠ
ମୁକ୍ତି ନିର୍ବାଣର ପଥ
ଭଜନ କୀର୍ତ୍ତନ ନାରାୟଣ ନାମ
ଆତ୍ମା ପରତ୍ମା ଯେ ସତ୍ୟ ।୧୨।

ଗାନ୍ଧୀନଗର, ନବରଙ୍ଗପୁର

# ଜୀବନଟା ନଦୀଟିଏ



ବିନୟ ମହାପାତ୍ର

ଜୀବନକୁ କିଏ ବା ବୁଝିଛି ଯେ
ଟିକି ନିଖି ବୁଝାଇ ଦେବ
ଆଲଜେବ୍ରାର ଫର୍ମୁଲାରେ
ଅବା ଲଜିକ୍ ର ଜଟିଳ ତର୍କରେ !
ଜୀବନଟା କଣ ?
କେବଳ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତର ପଥ ?
ଯାହା ସରି ଯିବ କିଛି ବର୍ଷ, କିଛି ମାସ,
ଅବା କିଛି ଦିନରେ ?
ପାନ୍ଥଶାଳାର ବନ୍ଦ କୋଠରୀରେ
ଅଳନ୍ଧୁ ଲଗା ବିବର୍ଣ୍ଣ କାନ୍ଥରେ
ଅନେକ ଅଜଣା ନାମ ସାଥେ
କେବଳ ନିଜ ନାମ ଲେଖି ଦେଇ
ପୁଣି ଭୂଲି ଯିବାକୁ ହୁଏ ।
ଯାତ୍ରା କେବେ, ଅକସ୍ମାତ ସରି ଯାଏ,
ବେଳ ଅବେଳରେ,
ପାନ୍ଥଶାଳା କିନ୍ତୁ ସେଇଠି ସେମିତି
ପଛେ ପଡି ରହେ,
କିଛି ନାମ ଇତିହାସ ହୁଏ,
ଆଉ କିଛି ସ୍ମୃତି,
ବିସ୍ମୃତିର ଅନ୍ଧକାରେ ହଜି ଯାଏ ।

ଜୀବନଟା କେବଳ,
ବୟସର ଲମ୍ବା ଗଣିତ ନୁହେଁ,
ଜୀବନଟା ମଣିଷର ଲକ୍ଷର ପରିଭାଷା ।
କଣ କହି ଗଲ, କେହି ବୁଝେନା
କେତେ ପଥ ଚାଲିଲ,
କେହି ହିସାବ ରଖନା,
କେବଳ ମନେ ରହେ
କେତେ କଣ ଦେଇ ଗଲ ଆଶା
କେତେ ଜିତିଲ ଅନ୍ୟର ଭରସା ।
ଜୀବନଟା କେତେ ଲମ୍ବା ହେଲା
ସେଥିରେ କିଛି ଫରକ ପଡେନା,
କେତେ ଏକାଠି କଲ
କେତେ ଖାଇ ଗଲ, ପିଇ ଗଲ
କିଏ ପଚାରେ ସେ କଥା,
ସବୁ କିଛି ଜଳି ଯାଏ, ଯେବେ ଜଳେ
ମଶାଣୀରେ ମଣିଷର ଚିତା ।
ଜୀବନଟା ନଦୀଟିଏ ପରି
ଲକ୍ଷ ତାର ବିଶାଳ ସମୁଦ୍ର
ନଦୀ କେବେ,
ପଚାରେନା ସମୁଦ୍ରର ପଥ ।
ଅର୍ଜୁନର ଆଖିରେ ଦିଶେ
ଜୁଳୁ ଜୁଳୁ ଚଢେଇର ଆଖି
ଲକ୍ଷ ଯାର ସ୍ଥିର
ଆପେ ଆପେ ମିଳି ଯାଏ ପଥ
ଚିନ୍ତା ନାହିଁ,
ଜନାର୍ଦ୍ଦନ ବାହି ନେବେ ରଥ ।

ପଟିଆ, ଭୁବନେଶ୍ୱର, ଓଡିଶା

# ଆସିଛି ନୂଆ ବରଷ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଦିନ ପରେ ମାସ
ଆଉ ମାସରୁ କେତୋଟି ନେଇ
ଏ ବର୍ଷକୁ ପଛରେ ପକାଇ
ଆଗେଇ ଆସିଛୁ ଆମେ
କିନ୍ତୁ ଆମ ସାଥେ
ମୋଟେ କିଛି ନାହିଁ ।
ପୁରୁଣା କ୍ଷତାକ୍ତ ସ୍ମୃତିଟାରୁ ମୁଠେ
ପକେଟରେ ମଇଳା କନ୍ଦରୁ
ମୁହଁ କାଢି ନିକୁଟି ହସୁଛି ।
ମଲମରେ ଶୁଖିଯାଏ ନାଲିଆ କ୍ଷତଟା,
ଦାଗଟାକୁ ପଛେ ଛାଡିଦେଇ
ରଖିଯାଏ ତା ସ୍ମୃତିରୁ ମୁଠାଏ ।
ସେପରି ଏ ପୁରୁଣା ବର୍ଷଟା
ମୁଠାରୁ କେବେ ଯେ ଖସିଛି,
ସେସବୁ ମନେ କିଛି ନାହିଁ ।
ଦିନ ଗଡି ଚାଲିଗଲା ପରେ
ହଠାତ୍ ପଛକୁ ଫେରି
ଏକୁଟିଆ ପାଇ
ମନେ ହେଲା ଏ ବର୍ଷଟା
ଗଲାକି ପଳାଇ ?

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଅସାଧାରଣ ସୁନ୍ଦରବନ– ୧୭



ଅଶୋକ ବିଶ୍ୱାଳ

ହଳଦୀବାଡିର ବଡବାବୁ ନିଜେ ଆସିଥିଲେ । ଏତେଗୁଡିଏ ଲୋକ ବାଲିଚଡାରେ ଫସିଯାଇଥିବା ଶୁଣି ସେ ବ୍ୟସ୍ତ ହୋଇଯାଇଥିଲେ । କିନ୍ତୁ ରାତିରେ କିଛି କରିବାର ଉପାୟ ନଥିଲା । ସକାଳୁ ସୁଯୋଗ ମିଳୁମିଳୁ ସେ ନିଜେ ଆସିଛନ୍ତି । ସେ ଜଣେ ମଧ୍ୟ ବୟସ୍କ ବ୍ୟକ୍ତି, ବୟସ ୩୫ ଡେଇଁଥିବ । ଶକ୍ତ ଶରୀର । ଆକାରରେ ଗେଡା । ଏମିତି ଲୋକମାନେ ଭଲ ନାବିକ ହୋଇପାରନ୍ତି ଆଉ କେଉଁ ବିପଦକୁ ଗ୍ରାଲିଯାଇ ପାରନ୍ତି । ତାଙ୍କୁ ମାଇତିବାବୁ ଆଉ ମଣ୍ଡଳବାବୁ ଭଲକରି ଜାଣି ଥିଲେ । ପ୍ରାଥମିକ ଅଭିବାଦନ ପରେ କୁଶଳ ମଙ୍ଗଳ ପଚ୍ଚାରି ପଚରି ହେଲେ । ବାବୁ ପାଓଲିଙ୍କ ବୋଟକୁ ଉଠି ଆସିଲେ । ବୋଟ ଡ୍ରାଇଭର ସହ କଥାବାର୍ତ୍ତା ହେଲେ ।

"ବୋଟ ବାହାରି ଯିବା କିନ୍ତୁ ପୂର୍ଣ୍ଣ ଜୁଆର ଦରକାର ।"– ସେ କହିଲେ ।

"ଏବେ ତ ବଡ଼ ଜୁଆର ଆସିବନି । ଅଷ୍ଟମୀ ନବମୀରେ ଛୋଟ ଜୁଆର ଆସେ । ଏବେ ଜୁଆରର ଆକାର କମିବ । ତେଣୁ ଟିକିଏ କଷ୍ଟ ହେବ । କିନ୍ତୁ ବୋଟ ବାହାରି ଯିବା ଏକଦମ ଠିକ ସମୟରେ ଚେଷ୍ଟା କରିବା ଦରକାର ।"– ସେ ନିଜର ଅଭିଜ୍ଞ ମତାମତ ଦେଉଥିଲେ ।

"ଆପଣ କଣ କହୁଛନ୍ତି ମାଇତିବାବୁ ? ଆପଣଙ୍କ ଭଳି ଆଉ ମଣ୍ଡଳବାବୁଙ୍କ ଭଳି ଅଭିଜ୍ଞବ୍ୟକ୍ତି ସାରା ସୁନ୍ଦରବନରେ ନାହାନ୍ତି । ସବୁ ନାଳ ତ ଆପଣଙ୍କୁ ଜଣା ।"– ବଡବାବୁ ମାଇତିବାବୁଙ୍କ ଜ୍ଞାନକୁ ପ୍ରଶଂସା କରୁଥିଲେ । ଜୁଆର ଭଟ୍ଟା କଥା ମାଇତିବାବୁ ଭଲକରି ଜାଣନ୍ତି । କାଲି ରାତି ନହୋଇଥିଲେ ବୋଟକୁ ସହଜରେ ବାହାର କରିଦିଆଯାଇ ପାରିଥାନ୍ତା। କିନ୍ତୁ ରାତି ଯୋଗୁ ଦିଗ ଭୁଲ ହୋଇଗଲା ।

"ବୋଟ ବାହାରିଯିବ । କିନ୍ତୁ ବେଳ ଲାଗିବ ।"– ମାଇତିବାବୁ କହିଲେ ।

ବଡବାବୁ ଆଉ ତାଙ୍କ ଦଳକୁ ଗୁହା ପରଶି ଦିଆଗଲା । ସେ ଗୁହା ପିଉ ପିଉ ନିଜ କଥା ଆଉ ଅନ୍ୟମାନଙ୍କ କଥା ବହୁତ କହିଲେ । ଦେବଲ ତାଙ୍କ ସହ ଯିବା ପାଇଁ ପ୍ରସ୍ତୁତ ହେଉଥିଲା । ଦେବଲ ଆଉ ତା'ର ସାଥି ରମେଶ ସେମାନଙ୍କ କାମ କରିବେ । ପାଓଲି ଆଉ ସପନବାବୁ ବୋଟରେ ରହିବେ । ପାଓଲିଙ୍କୁ ଏମିତିଆ ଡିଙ୍ଗି ବୋଟରେ ନେଇ ହେବନି । ତାପରେ ସେମାନେ ବାହାରିଗଲେ । ସଂନ୍ଧ୍ୟାରେ ବୋଟ ନେଇ ପାଓଲି ହଳଦିବାଡି କ୍ୟାମ୍ପରେ ପହଞ୍ଚିବେ ।

ଭାଗ୍ୟକୁ ଆଉ କିଛି ଅସୁବିଧା ହୋଇନି । ସେମାନେ ବୋଟକୁ ଠିକ ସମୟରେ ବାହାର କରିନେଲେ । ଦିନ ସାଢେ ତିନଟା ବାଜିଗଲା ଆଉ ବୋଟ ଗଭୀର ପାଣିରେ ଥିଲା । ସେମାନେ ପାଣି ବାରି ବାରି ଆଗକୁ ଯାଉଥିଲେ । ଯେଉଁଠି ଲସ୍କରର କିଛି ସନ୍ଦେହ ହେଉଥିଲା ସେଇଠି ବାବାୟା କାତ ଧରି ଆଗରେ ଠିଆ ହୋଇଯାଉଥିଲା । କାତମାରି କହୁଥିଲା ଏପଟେ କମ ପାଣି ଅଛି । ଦୁଇ ତିନଥର ଦିଗ ବଦଳାଇବାକୁ ପଡିଲା । କିନ୍ତୁ ସେମାନେ ଗୋଆସାବାର ଗହୀର ଧାରକୁ ଆସିଗଲେ । କିଛି ଦୂରରେ ଏକ ଟ୍ରଲର ମାଛ ଧରୁଥିଲା । ଏପଟେ କିଛି ଅସୁବିଧା ନାହିଁ । ବୋଟ ଆଗକୁ ଗ୍ଲିଲା ଆଉ ରାତି ପ୍ରାୟ ୭ଟା ବେଳେ ହଳଦିବାଡି କ୍ୟାମ୍ପରେ ପହଞ୍ଚିଲା ।

## ହଳଦୀବାଡିରେ ସକାଳ

ସୁନ୍ଦରବନର ସକାଳ ଥିଲା ଯାଦୁକରୀ । ଆଲୋକ ଝରି ଆସୁଥିଲା ଆଉ ସବୁକିଛି ଧଳା ଚାଦର ତଳେ ଶୋଇ ରହିଥିଲା । କିଛିଟା ଗଛ ଅସ୍ପଷ୍ଟ ଭାବେ ମୁଣ୍ଡ ଟେକିଥିଲା ।ଏକ ନାଳ ବୋହିଯାଇଥିଲା ହଳଦୀ ନଦୀକୁ । କୂଳରେ କ୍ୟାମ୍ପ । ସେପଟେ ନଦୀ ବେଶ ବିସ୍ତୃତ ଥିଲା। ଏପଟେ ଛୋଟ ନାଳରେ ଲାଗିଥିଲା ଏକ ଜାଲ, ପାଣି ଭିତରକୁ ଓହଳ ଯାଇଥିଲା । ପାମ ଗଛ ପାଣି କାଦୁଅ ଭିତରୁ ବାହାରି ଆସିଥିଲା ।

"ଏମିତି ଜାଲ ପାଣି ଉପରେ!"– ପାଓଲି କହିଲେ । ତାଙ୍କ ସ୍ୱରରେ ବିସ୍ମୟ ଥିଲା । ହେବାର କଥା । ହଳଦୀବାଡି କ୍ୟାମ୍ପ ଚାରିପାଖରେ ଅନ୍ୟ କ୍ୟାମ୍ପମାନଙ୍କ ଭଳି ଉଚ୍ଚ ଲୁହାଜାଲି ଲାଗିଛି । ଯେଉଁଆଡେ ରାସ୍ତା ଅଛି ସବୁଆଡେ ଲୁହାର କବାଟ ଲାଗିଛି । ବଡବାବୁ ପାଓଲିଙ୍କୁ କ୍ୟାମ୍ପର ଲୁହା ଗେଟ ଖୋଲି ଓ୍ୟାଚ ଟାୱାର ଆଡକୁ ନେଉଥିଲେ । ସକାଳେ ସେମାନେ କିଛି ଜୀବ ଜନ୍ତୁ ନିରୀକ୍ଷଣ କରିବେ । ସକାଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ

ସବୁଠାରୁ ପ୍ରକୃଷ୍ଟ ସମୟ । ସେମାନେ ଦିନର ପ୍ରଥମ ଆଲୋକ ସହ ଚଳ ଚଞ୍ଚଳ ହୋଇଯାଆନ୍ତୁ । ସହରର ମଣିଷଭଳ ଲମ୍ବା ଶୁଅନ୍ତୁ ନାହିଁ । ଗେଟରୁ ଏକ ସିମେଣ୍ଟ ରାସ୍ତା ଓ୍ୟାଚ ଟାୱାର ଆଡକୁ ଯାଇଥିଲା । ପ୍ରଥମେ ଏକେ ଛୋଟ ନାଳ ତାପରେ ରାସ୍ତା ଆଗେଇ ଯାଇଥିଲା । ପାଓଲି ସେହି ନାଳ ଉପରେ ଥିବା ଛୋଟ ସିମେଣ୍ଟ ପୋଲ ଉପରେ ଠିଆ ହୋଇ ଏଣେ ତେଣେ ଦେଖୁଥିଲେ । ଅନେକ ପକ୍ଷୀ କେଉଁ ପନ୍ଧ ଗହଳରୁ ଡାକୁଥିଲେ । ହଳଦୀ ନଦୀର ପାଣି ଉପରେ କୁହୁଡି ଘୋଡାଇ ହୋଇ ରହିଥିଲା । ସେପଟ କୂଳ ପ୍ରାୟ ଦେଖା ଯାଉ ନଥିଲା । ଏପଟେ ଜଙ୍ଗଲଧଳା କୁହୁଡିରେ ଗାଧୋଇଥିଲା । ସେ ଭିତରେ ଏକ ଛୋଟ ନାଳ ବୋହି ଆସିଛି ଆଉ ନାଳ ଉପରେ ପାଣିକୁ ଲଗାଇ ମୋଟା ନାଇଲନ ଜାଲ ଲଗାଇ ଦିଆଯାଇଛି । ସେ ନାଇଲନ ଜାଲ କାଟି ହଠାତ୍ କେଉଁ ଜଙ୍ଗଲୀ ଜୀବ ଭିତରକୁ ଆସି ପାରିବନ । ପାଣିରେ ପହଁରି ମଧ ଭିତରକୁ ଆସି ପାରିବନ । ହଳଦୀ ନଦୀ ଆଡକୁ ଦୁଇଟା ବୋଟ କୂଳରେ ବନ୍ଧା ଯାଇଛି । ସେଥିରେ ଏକ ସ୍ପିଡ ବୋଟ ଅଛି । କାହାର କଛି ଅସୁବିଧା ହେଲେ ସେଥିରେ ଷ୍ଟାଫଙ୍କୁ ଡାକ୍ତରଖାନା ପର୍ଯ୍ୟନ୍ତ ଜଲଦି ଜଳପଥରେ ନେଇ ହେବ ।

"ନାଳ ଦେଇ ବାଘ ଆସିଯିବ ପରା । ବାଘ ମଣିଷ ଶିକାରପାଇଁ ଛକ ରହିଛି । "- ବଡବାବୁ କହିଲେ । ପୋଲଟା ଏକ ଛୋଟ ଅର୍ଦ୍ଧବୃତ୍ତ ଆକାରରେ ତିଆରି କରାଯାଇଛି । ଦୁଇପାଖରେ ବାଡା । ଗଛସବୁ ନାଳର ଧାରରେ ପାଣି ଆଡକୁ ନଇଁ ଆସିଛି । ଜଙ୍ଗଲ ପଟକୁ କୂଳ ଆଡକୁ ମୋଟା ଜାଲର ପାଚେରୀ ତିଆରି କରାଯାଇଛି । ସେମାନେ ଜଙ୍ଗଲଦେଇ ଯାଇଥିବା ଏକ ସମେଣ୍ଟ ରାସ୍ତାରେ ଗ୍ଲିବାକୁ ଲାଗିଲେ । ରାସ୍ତାର ଦୁଇ ଧାରରେ ଖୁବ ଉଚ୍ଚ ଲୁହା ଜାଲି ଲାଗିଥିଲା । ରାସ୍ତାର ଧାରରେ କେତେଟା ସୁନ୍ଦରୀ ଗଛ । ଏ ଜଙ୍ଗଲରେ ତାହେଲେ ସୁନ୍ଦରୀ ଗଛ ଅଛି । ସବୁ ଜଙ୍ଗଲରେ ସୁନ୍ଦରୀ ଗଛ ମିଳେନା । ଜାଲି ପଛରେ ଜଙ୍ଗଲ ପ୍ରାୟ ୨୦-୩୦ ଫୁଟ ସଫା କରାଯାଇଛି ।

ପାଓଲି ସେ ଖୋଲା ଅଞ୍ଚଳକୁ ଅନାଇ ରହିଲେ । ଯାଗାଟା କଣ ଏମିତି ସଫା ନା ଗଛ କଟାଯାଇ ସଫା କରାଯାଇଛି  ନା ଆଉ କଛି କାରଣ ଅଛି ? ମଝିରେ କେତେଟା ଛୋଟ ଗୁରା ଗଛ ଥିଲା । ବଡ଼ ଗଛମାନଙ୍କୁ କାଟି ଦିଆଗଲା ଭଳ ଜଣା ପଡୁଥିଲା । ଲୁଣା ଜଙ୍ଗଲରେ ଏତେ ଖୋଲା ଯାଗା ମିଳବା କଥା ନୁହେଁ । ଦୁଇଧାରରେ କେମିତି ଗଛ ସବୁ କମ ହୋଇଯିବ ? ଗଛ ସବୁ କାଟି ଦିଆଯାଇଛି ବୋଧହୁଏ ।"- ପାଓଲି ପଗ୍ଭରିଲେ ।

ବଡବାବୁ ମୁଣ୍ଡ ହଲାଇଲେ । ସେମାନଙ୍କ ଗୋଡ ଟିକଏ ଅଟକ ଗଲା । ସେ ଲୁଣା ଜଙ୍ଗଲକୁ ଅନାଇ ରହିଲେ । ପାଓଲିଙ୍କୁ ଜଙ୍ଗଲ ଧାରରେ ଲାଗିଥିବା ନାଇଲନ ଜାଲିକୁ ଦେଖାଉଥିଲେ। ହଳଦିଆ ମୋଟା ନାଇଲନ ଜାଲି ଜଙ୍ଗଲ ଧାରରେ ବାଉଁଶ ଖୁଣ୍ଟ ପୋତି ଲଗାଇ ଦିଆଯାଇଛି। ଦୁଇ ଜାଲି ମଧ୍ୟରେ କୋଡିଏ ତିରିଶ ଫୁଟ ଖୋଲା ଯାଗା । କାଦୁଆ ଜମି । ମନ୍ଦାଏ ମନ୍ଦାଏ ପାଣି ଜମି ଯାଇଛି ।

"ଏମିତି ଜାଲି ଲଗାଇବାର ଉଦ୍ଦେଶ୍ୟ ?"– ପାଓଲି ପଚାରିଲେ ।

"ବାଘ ହଠାତ୍ ଆକ୍ରମଣ କରି ପାରିବ ନାହିଁ । ବାଘ ଛପିରହି ମଣିଷ ପାଖେଇ ଆସିବାକୁ ଅପେକ୍ଷା କରେ । କନ୍ତୁ ଛପିକରି ଏକଦମ ପାଖରେଆଉ ଅପେକ୍ଷା କରିବା ସମ୍ଭବ ନୁହେଁ । ଆଗରୁ ଗୋଟାଏ ଧାଡି ଲୁହା ଜାଲି ଥିଲା । ଜଙ୍ଗଲ ଲାଗିକରି ଥିଲା । ଅନେକ ଥର ବାଘ ଜାଲିରେ ଥାବା ମାରିଥିଲା ।"– ବଡବାବୁ କହିଲେ ।

"ବଡ଼ ଡର ଲାଗିଥିବ ତ ?" – ପାଓଲି କହିଲେ ।

"ଆଉ କହୁଛନ୍ତୁ । ଆମେ ଏତେ ଅଭିଜ୍ଞ ହୋଇମଧ୍ୟ ଜଙ୍ଗଲରେ ବାଘକୁ ସବୁବେଳେ ଠଉରାଇ ପାରୁ ନାହୁଁ । ଏ ନାଇଲନ ଜାଲି ଲଗାଇଲା ପରେ ବାଘ ଆକ୍ରମଣ ପ୍ରାୟ ବନ୍ଦ ହୋଇଯାଇଛି । ନାଇଲନ ଜାଲି ପରେ ସାମାନ୍ୟ ଖୋଲା ଯାଗା । ତେଣୁ ବାଘ ଲୁଚବା ସମ୍ଭବ ନୁହେଁ । ବାଘର ଗୁଣ ହେଲା ଲୁଚ ହଠାତ୍ ଆକ୍ରମଣ କରିବା ଲୁଚବା ସମ୍ଭବ ନହେଲେ ସାଧାରଣତଃ ବାଘ ଶିକାର ଉପରେ ଆକ୍ରମଣ କରିବ ନାହିଁ । ଖୋଲା ଯାଗାରେ ବାଘ ଧରା ପଡିଯିବା ତେଣୁ  ବାଘ ଆଉ ଆକ୍ରମଣ କରୁନାହିଁ ।"– ବଡବାବୁ କହିଲେ ।

"ବାଘର ସବୁଠାରୁ ଶକ୍ତଶାଳୀ ଆକ୍ରମଣ ପ୍ରଣାଳୀ ମଣିଷର ବୁଦ୍ଧି ଆଗରେ ହାର ମାନଛି।"– ପାଓଲି କହିଲେ । ତାଙ୍କ ଆଖିରେ ପ୍ରଶଂସା ଥିଲା । ଏକ ସାମାନ୍ୟ ଉଦ୍ୟମ । କନ୍ତୁ କେତେ କାର୍ଯ୍ୟକାରୀ । ଏକ ଜୀବ ବିଷୟରେ ଜାଣିଲେ  କେତେ କମ ଡର ଲାଗେ ? ଏମିତିବି ମଣିଷ ବହୁତ ଜିନଷ ବୁଝିପାରେ ନାହିଁ ଆଉ କେତେ କାହାଣୀ ଯେ ସୃଷ୍ଟି କରେ ।

ପାଓଲି ଆଗକୁ ଅନାଇଲେ । ସରୁ ସିମେଣ୍ଟ ତିଆରି ରାସ୍ତା କୁହୁଡି ଭିତରକୁ ଚାଲି ଯାଇଛି । ସେ କୁହୁଡି ଭିତରେ ଏକ କୋଠା ଅଳ୍ପ ଦେଖାଯାଉଛି । ସେଇଟା ଓ୍ୟାଚ ଟାଓ୍ୱାର । ସେଇଠୁ ନରୀକ୍ଷଣ ପଟ୍ଟୀ ଆଉ ପୋଖରୀ ଚାରିପାଖରେ ଥିବା ଖୋଲାଯାଗାକୁ ଲକ୍ଷ୍ୟ କରିହେବ ।

ସେଇଠୁ ଜୀବ ଜନ୍ତୁ ଭଲ ଦେଖାଦେବେ । ମଝିରେ ମଝିରେ କିଛି ପକ୍ଷୀ ଡାକୁଥିଲେ । ସେମାନେ ଉପରେ ଚଢି ଜଙ୍ଗଲକୁ ଅନାଇଲେ । ଗ୍ରୁରିଟା ଚଉଡା ପଟ୍ଟୀ ପ୍ରାୟ ୧୦୦ ମିଟର ହିସାବରେ ସିଧା ଲମ୍ବି ଯାଇଥିଲା । ଡାହାଣରୁ ଦ୍ୱିତୀୟ ପଟ୍ଟୀରେ ଏକ ପ୍ରାଣୀ ଗ୍ରୁଲିଲା ଭଳି ଲାଗୁଥିଲା ।

"ଏଇଟା ବାଘ ନୁହେଁ ତ ?"– ପାଓଲି ଧିରେ ପଗ୍ଗ୍ରରିଲେ । ପବନରେ କୁହୁଡି ମୁହଁରେ ବାଜି ମୁହଁଟାକୁ ଓଦା କରି ଦେଇଥିଲା । ମଝି ପଟ୍ଟୀରେ କିଛି ଗୋଟାଏ ଧିରେ ଗ୍ରୁଲୁଥିଲା ଭଳି ଲାଗୁଥିଲା । ଏତେ ଦୂରରୁ କିଛି ଭଲକରି ଜାଣି ହେଉ ନଥିଲା । ଗ୍ରରିଆଡେ କୁହୁଡି ।

ସପନବାବୁ ଆଉ ବଡବାବୁ ନରିଖେଇ ଗ୍ରହିଁଲେ । ଜୀବଟା ମଝିରେ ମଝିରେ ରହିଯାଉଥିଲା ।

"ବେକ ସରୁଆ ଆଉ ଲମ୍ବା ଦେଖାଯାଉଛି ।"– ସପନବାବୁ କହିଲେ ।

"ବାଘ ଛପି ଆଗଉନ ତ"– ପାଓଲି କହିଲେ । ଆଗରେ ହୁଏତ ବାଘ କାହାକୁ ଲକ୍ଷ୍ୟ କରିଥିବ । ଶିକାର କରିବା ସମୟରେ ତା' ବେକ ଆଗୁଆ ହୋଇଯାଏ ।

ଜନ୍ତୁଟା କୁହୁଡିରେ ଭ୍ରସିବାଭଳି ଲାଗୁଥିଲା । ଗୋଡ ତଳକୁ ମାଟି ଉପରେ ଧଳା ପରସ୍ତ । ତା' ଭିତରେ ସାମାନ୍ୟ ଆକାର ଦୃଶ୍ୟ ହେଉଛି । ଜନ୍ତୁଟା ଧିରେ ଗ୍ରୁଲୁଛି ।

"ଜନ୍ତୁଟା ହରିଣ ହୋଇଥିବ ।"– ବଡବାବୁ କହିଲେ । ତାଙ୍କର ଆଖି ବଡବଡ ହୋଇଯାଇଥିଲା । ସେ ମୁହଁ ପୋଛି ପକାଇଲେ । କମ ଆଲୋକରେ କ୍ୟାମେରା ଆପେରଚର ବଡ଼ କଲାପରି ସେ ନଜର ଆଖିର ଡୋଳାକୁ ବଡ଼ କରିଦେଇଥିଲେ ଯେମିତି ବେଶି ଆଲୋକ ଆଖି ଭିତରକୁ ଆସିପାରିବ । ଓଦା ମଇଳଆ ଲେନସକୁ ସଫାକଲାପରି ସେ ଆଖିକୁ ଖୋଲିଲେ ବନ୍ଦ କଲେ । ମୁହଁକୁ ରୁମାଲରେ ପୋଛିନେଲେ ଆଉ ଜନ୍ତୁଟାକୁ ଭଲଭାବେ ଅନାଇଲେ ।

"ଏଇଟା ହରିଣ । ବାଘ ଏତେ ସମୟ ଖୋଲାରେ ଧିରେ ଗ୍ରଲନ୍ତାନ । ଆକ୍ରମଣ କରିବାକୁ ହେଲେ ଏତେବେଳକୁ ପେଟେଇ ପେଟେଇ ଆଗେଇବା କଥା ।"– ସେ ଧିରେ କହିଲେ । ସମସ୍ତେ ନଜର ନିଃଶ୍ୱାସକୁ ସହଜ କରିନେଲେ ।

ଏକ କାଉ କୁଆଡୁ ଆସି କା କା କଲା । ସବୁ ଶବ୍ଦ ଚପିଯାଇ ଖାଲି କା କା ଶୁଣାଯାଉଥିଲା ।

"ଆରେ ସୁନ୍ଦରବନ କଣ ଗାଁ ହୋଇଗଲାଣି ।"- ପାଓଲି କହିଲେ । ପାଓଲି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାହିଁ ଶହେ କଲୋମିଟର ଦୂରରେ ବୋଧହୁଏ ଗାଁ ଥିବ । ଏଠି ଜଙ୍ଗଲରେ କାଉ ଡାକୁଛି । ଜଙ୍ଗଲରେ ଆଗରୁ ସେ କାଉ ଡାକ ଶୁଣି ନଥିଲେ । ଜଙ୍ଗଲରେ କାଉ ଅଛନ୍ତି ବୋଲି ଜାଣି ନଥିଲେ ।

"ଜଙ୍ଗଲୀ ଡାମର୍ କାଉ । ଏମାନେ ଗାଁର କାଉ ନୁହଁନ୍ତି ।"- ବଡବାବୁ କହିଲେ । ଡାମର୍ କାଉର ରାବଟା ବଡ଼ କର୍କଶ । ସାଧାରଣ କାଉଠାରୁ ବଡ଼ ଆଉ ବର୍ଣ୍ଣରେ ଗାଢ଼ କଳା । ପାଓଲିଙ୍କ ଆଖି କାଉର କା କା କରୁଥିବା ଦିଗ ଆଡକୁ ବୁଲିଯାଇଥିଲା । କିନ୍ତୁ ସେ କାଉକୁ ଖୋଜି ପାଉନଥିଲେ ।

"ସୁନ୍ଦରବନରେ ଦିନେ କେଉଁଠି କେଉଁଠି ଜନବସତି ଥିଲା ।" ବଡବାବୁ କହିଲେ ।

"କଣ କହୁଛନ୍ତି?"- ସପନବାବୁ କହିଲେ ।

"ଆପଣ ଏ ସୁନ୍ଦରବନର ଜଙ୍ଗଲ ଭିତରେ କେଉଁଠି କେଉଁଠି ଇଟାର ଭଙ୍ଗା ଘର ପାଇବେ । ଏଇ ଭଙ୍ଗା ଘର ଅର୍ଥ ହେଉଛି ଏ ଅଞ୍ଚଳରେ କେବେ ଏଣେ ତେଣେ ଜନବସତି ଥିଲା । ଏବେ ସବୁ ହଜି ଯାଇଛି ।"- ବଡବାବୁ କହୁଥିଲେ । କଥାଟା ବଡ଼ ଆଶ୍ଚର୍ଯ୍ୟଜନକ ଥିଲା । କଣପାଇଁ କିଏ ଏ ଘନଘୋର ଅରଣ୍ୟ ଭିତରେ ରହିବାକୁ ଆସିଥିଲା ? ବାଘ ଆକ୍ରମଣ ଆଉ ସାପ ଆକ୍ରମଣ ନଥିଲା କି? କଣ ଖାଇବାକୁ ପାଉଥିବେ? କଣ କିଛି ନୌବାଣିଜ୍ୟ ହେଉଥିଲା ? ଜଳଦସ୍ୟୁମାନେ କଣ ସବୁ ବୁଡାଇଦେଲେ? ଫିରଙ୍ଗୀ ଜଳଦସ୍ୟୁମାନେ ଦିନେ ଏଠି ବୁଲୁଥିଲେ । ବର୍ମାର ଆରାକାନରୁ ମଧ୍ୟ ଜଳଦସ୍ୟୁ ଆସୁଥିଲେ ।

"ଏଠି ଆଗରୁ ତ ବାଘ ନଥିଲା । ଏଇଟା ଶୁଣିବା କଥା । ଏ ବାଘ ଭିତରେ ମଣିଷ ବଞ୍ଚିପାରିବ ନାହିଁ ।"- ବଡବାବୁ କହିଲେ । ସୁନ୍ଦରବନର ଏକ ନୂଆ ଦିଗ । କଥାଟା ଶୁଣାକଥା ବୋଲି ପ୍ରଥମରୁ କହିଦେଲେ ।

"ଅତି ଆଶ୍ଚର୍ଯ୍ୟ ବିଷୟ କହୁଛନ୍ତି ।"- ପାଓଲି କହିଲେ । ତାଙ୍କର ଓଦାଳିଆ ଆଖି ବଡ଼ ହୋଇଯାଇଥିଲା । ଆକଶରୁ ଝରି ପଡୁଥିଲା କେଇଟା ଆଲୋକର ରେଖା । ସବୁକିଛି ଅସ୍ପଷ୍ଟ। ନିରୀକ୍ଷଣ ପଟୀଦେଇ ଯେମିତି ଆଲୋକ ମାଟି ଉପରକୁ ଓହ୍ଲାଇ ଆସୁଛି ।

ବଡବାବୁ ସେ କରୀକ୍ଷଣ ପଟ୍ଟୀକୁ ଅନାଇଲେ । ଆଉ ତିନଟା ଜୀବ ଆସିଲେଣି । ଏଗୁଡାକ ଅନେକ ସାନ । ଜଙ୍ଗଲୀ ବାରହା । ପ୍ରଥମେ ଦେଖିଥିବା ଜନ୍ତୁ ବୋଧହୁଏ ହରିଣ ଥିଲା ।

"ବାଘ ପ୍ରଥମେ ଏଠି ନଥିଲା । ରାଜାଙ୍କ ବାଘକୁ ଏଠି ଛାଡି ଦିଆଯାଇଥିଲା ।"– ବଡବାବୁ କଥାଟାକୁ ଟିକିଏ ବନେଇ ଚୁନେଇ କହୁଥିଲେ ।

ସେ ଆଗର ପୋଖରୀ ଆଡକୁ ଅନାଇଲେ । ଛୋଟ ପୋଖରୀ । ପୋଖରୀ କୂଳରେ ଏକ ଶୁଖିଲା ଗଛ । ସେଥିରେ ଦୁଇଟା କାଠହଣା ପକ୍ଷୀ ଗଛ ଗଣ୍ଡିରେ ଚପିହୋଇ ବସିଥିଲେ । ଏ ପକ୍ଷୀଗୁଡାକ ସିଧା ଗଛରେ ଚପିହୋଇ ବସି ଯାଆନ୍ତି । ତାପରେ ସମତଳ ମାଟିରେ ଚାଲିଲା ଭଳ ସିଧା ଡାଳରେ ଖୋଜ ପକାଇ ଚାଲନ୍ତି । ଏମିତି ଆଉ କେଉଁ ପକ୍ଷୀ କରି ପାରିବେ ନାହିଁ । କଜର ଡାମ୍ଫଣ ଭଳଆ ଗୋଡ ନଖରେ ଜୋରରେ ଗଛକୁ ଧରିଥାନ୍ତି । ସଦା ଗଛରୁ ପୋକ ଜୋକ ଖୋଜି ଖାଆନ୍ତି ।

ବଡବାବୁ ସପନବାବୁ ଆଉ ପାଓଲିଙ୍କ ଆଡକୁ ଅନାଇଲେ ଆଉ କହିବାକୁ ଲାଗିଲେ – "ଏଠି କେବେ ରାଜାମାନେ ରହୁଥିଲେ । ଏଠି ଅର୍ଥାତ ସୁନ୍ଦରବନରେ । ଜଣେ ରାଜାଙ୍କର ଏକ ପୋଷା ବାଘୁଣୀ ଥିଲା । ସେ କେମିତି ସୁନ୍ଦରବନକୁ ଖସି ପଳାଇଲା । ଆଉ ତା'ଠାରୁ ସୁନ୍ଦରବନର ଏ ବାଘବଂଶ ଆରମ୍ଭ ହେଲା ।"

ବଡବାବୁଙ୍କ କଥା ବଡ଼ ସ୍ୱଷ୍ଟ ଥିଲା । କଜର କହିବା କଥା ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଭଳ ଲାଗୁଥିଲା । ଏତିକ ଖାଲି ସେ କଥାକୁ ଶୁଣା କଥା କହିଥିଲେ । ନହେଲେ ପାଓଲି ତାଙ୍କ କଥାକୁ ବିଶ୍ୱାସ କରିଥାନ୍ତେ ।

ପାଓଲିଙ୍କ ଆଖି ଚାରିଆଡେ ବୁଲୁଥିଲା । କାହିଁ ବାଘ ଦେଖା ଯାଆନ୍ତା କି? କରୀକ୍ଷଣ ପଟ୍ଟୀରେ ହରିଣ ଚାଲୁଥିବାର ଲାଗୁଥିଲା । ବାରହାମାନେ ଲୁଚ ଯାଇଥିଲେ । ପୋଖରୀ କୂଳରେ କଛି ଜୀବ ନଥିଲେ । ଜଳୀୟ ବାଷ୍ପଲାଗିଥିବା ପବନଖାଇ ସେମାନଙ୍କର ଶ୍ୱାସ ମେଣ୍ଟିଯାଇଥିବ । ଏକ ବୁଲବୁଲ ପକ୍ଷୀ ପାଖ ଗଛର ଡାଳରେ ବସି ଅନାଇଥିଲା । ତା'ର ମୁଣ୍ଡର କଳା ଚୂଳ ଏପଟ ସେପଟ ହେଉଥିଲା । ପକ୍ଷୀର ମୁଣ୍ଡରେ ରାଜାର ମୁକୁଟ ଲାଗିଲା ପରି ଲାଗୁଥିଲା ।

"ଏ ବାଘମାନେ ସେହି ଦିନରୁ ସୁନ୍ଦରବନ ଭିତରେ ରହୁଛନ୍ତି ଆଉ ମଣିଷମାନେ ଏତେ ଭିତରୁ ଦୂରକୁ ଗ୍ଭଲିଯାଇଛନ୍ତି ।"- ବଡବାବୁ ବଡ଼ ବିଶ୍ୱାସର ସହ କହୁଥିଲେ । ଏତେ ଭିତରେ କେବଳ କଥାସବୁ ଶୁଣିହେବ । କଛି ପରଖି ହେବନ । ସାଧନ କାହିଁ ? ବାଘ ହୁଏତ ପ୍ରାକୃତିକ ଭାବେ ଏଠି ରହିଥିବ ଆଉ ଲୋକମାନେ ନିଜ ହିସାବରେ ଏକ ବିଶ୍ୱାସ ଭିତରକୁ ନେଇ ଆସିଛନ୍ତି ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

# ଶ୍ରମିକ ତୁମକୁ ସଲାମ୍



ଦଣ୍ଡାସି ପ୍ରଧାନ

ଶ୍ରମିକ ! ପରିଶ୍ରମ ସାରଥିଟିଏ-
ସମୂହ ସେବାରେ ।
କର୍ମଯଜ୍ଞାନୁଧ୍ୟାନ ଯନ୍ତ୍ରୀଜଣେ
କ୍ଷିତି ଓ କ୍ଷେତ୍ରର ପ୍ରୟୋଗଶାଳାରୁ ଯନ୍ତ୍ରାଳୟଯାଏ ।
ସେ'ଯେ ସ୍ୱର୍ଣ୍ଣ ପରଶର ଅନୁପମ ପ୍ରାଣଟିଏ -
ଲୁହା, ଲହୁଲୁହାଣରେ ରକ୍ତକୁ ଜାଳ ;
ଝାଳରେ ରୂପ ରୂପାନ୍ତରିତ କରିବାରେ,
ଧୁରନ୍ଧର ଧୂରିଣ ଜୀବନ୍ତମୂର୍ତ୍ତି, ଭବ୍ୟ ନିର୍ମାଣର ।
ସାଥୀ ଜିନିଷ ସହିତ ଜୀବନକୁ,
ତୂଲ୍ୟ ଅତୂଲ୍ୟର ମୂଲ୍ୟାଙ୍କନ ନିମିତ୍ତ -
ସୁତୀକ୍ଷ୍ଣ ସୁକ୍ଷ୍ମ ଚେତନାର ବିନ୍ଧାଣିଟିଏ,
ନିପୁଣ କଳା କାରିଗର ଖଞ୍ଜାରେ ।୦୧

ଶ୍ରମିକ ! କାର୍ଯ୍ୟକର୍ମଣର, କରିତ୍ କର୍ମାଟିଏ ;
ମାଟିରୁ ମହାକାଶଯାଏ --
ଚର୍‌ଚର ସୁକ୍ଷ୍ମ କଣିକାରୁ ସ୍ଥୁଳ/ଆଦ୍ୟରୁ ପ୍ରାନ୍ତ --
ଅତଳ ଭୂତଳରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ।
ନବୀନ ପ୍ରଜ୍ଞା ନାଇବାରେ,
ସେ'ପର୍‌ରୂପ ଓ ପ୍ରତିର୍‌ୋପଣ
ତଥା ଉତକ୍ଷେପଣ ଗୁଣନିଧି ,
ଶିଳା, ଶିଳ୍ପ, ଶରୀରରୁ ଶାଳଗ୍ରାମ ଯାଏଁ--

କୁଶଳୀ ବିଶ୍ୱାସ ବୈକୁଣ୍ଠ , ଭୂସ୍ୱର୍ଗ ନିର୍ମାତା--
କୀର୍ତ୍ତିର କୋଣାର୍କ।  ।୦୨

ସେ ସମୟ ଅସମୟକୁ ସ୍ୱୀକାର କରେନାହିଁ।
ବରଂ ସେ'ଠି ହିଁ ନବ ଆହ୍ୱାନରେ ବାର୍ତ୍ତାଦିଏ;
"କର୍ମକୁଣ୍ଠର, ଆକଣ୍ଠ ଭୋଜନ କରିବାକୁ
ଅଧିକାର ଆସିଲା କେଉଁଠୁ ??"
ନିତିଦିନ କେତେବେଳେ ସଞ୍ଜରୁ ସକାଳ ଉଏଁତ
ସକାଳରୁ ସଞ୍ଜ ନଇଁଆସେ,
ଘଡି ଧାଏଁ ତା'ର ଅଲକ୍ଷରେ।
ପରିଶ୍ରମର ପରାକାଷ୍ଠା--
ତା'ର ଜୀବନ ଜିଇଁବାରେ ସନ୍ତୁଷ୍ଟ ମାପକାଠି,
ସୃଷ୍ଟି ଆରମ୍ଭରୁ। । ୦୩

ଶ୍ରମିକ ! ସେ'ଯେ ଯୁଗ, ଜୀବନ, ଯନ୍ତ୍ରଣା ଜାଲରୁ
ମୁକୁଳିବାକୁ ସୂତ୍ରଧରଟିଏ ;
ଆଉ ଶୁଭ, ଶୁଦ୍ଧ ଓ ସିଦ୍ଧହସ୍ତ ହସ୍ତୀଜଣେ,
ଶାସ୍ତ୍ରୀୟ ସିଦ୍ଧାନ୍ତ ଧାର୍‌ରେ ଅର୍ପି ଗ୍ଭଲିଛି
ସର୍ବପଣଙ୍କୁ ଉତ୍ସର୍ଗୀକୃତ ଶ୍ରମ ସେବା—
କର୍ମବନ୍ଧନ ମୁକ୍ତ—ସମର୍ପଣର ପରମ ନୈବଦ୍ୟ।୦୪


ଶ୍ରମିକ ! ସୁଖ, ଶିରୀ, ସମ୍ପତ୍ତିରେ,
ଶୌର୍ଯସୁନ୍ଦର ଐଶ୍ୱର୍ଯ୍ୟ ସୃଜି ଗ୍ଭଲିଥାଏ, ଅନବରତ--
କେବଳ ମନୁଷ୍ୟ ନିମିତ୍ତ;
ଅନୂରତ ସାମ୍ୟ ସନ୍ତୋଳିତ ପବିତ୍ର ବ୍ୟକ୍ତିତ୍ୱ,
ଶୂନ୍ୟରୁ ପୂର୍ଣ୍ଣଯାଏ। ।୦୫

ଜାତି-ଧର୍ମ-ବର୍ଣ୍ଣ-ଲିଙ୍ଗ 'ନିର୍ବିଶେଷବାଦ'--
ତା'ର ପବିତ୍ରତାରେ ପରିଚିତି।
ସମାନତାର ପ୍ରକାଶତା'ର ଅହଂକାର।
ଆମ ଝୁଲାର ମୁଠାମୁଠା ଖୁସିରାଶି,
ତା'ର ଶ୍ୱାସ ପ୍ରଶ୍ୱାସ ସ୍ପର୍ଶରେ, ହୃଦସ୍ପନ୍ଦନ ସମ୍ବେଦନା।
ତା'ର ପ୍ରତିଦାନାର ଦାନ,
ତରଳ କଠିନ ସମଷ୍ଟି ସମୀକରଣରେ,
ଧୂର୍ତ୍ତ ଆଉ ଅମୂର୍ତ୍ତର ସନ୍ଧାନ।
ତା'ର ସ୍ୱପ୍ନ,
ତନ୍ଦ୍ରା ତମିସ୍ରାର ଚନ୍ଦ୍ରମାରେ
ଯେତିକି ସଞ୍ଚାଳିତ---
ବାସ୍ତବତାର ଜାଗ୍ରତରେ ସେମିତି ବର୍ଣ୍ଣନାତୀତ। । ୦୬

ଆଜି ବିଶ୍ୱସ୍ୱାସ୍ଥ୍ୟ ଦରବାରରେ ଶ୍ରମଜୀବୀ ଜୀବନ
ପିରାମିଡ୍ ପରି ପ୍ରଶ୍ନଚିହ୍ନ !
'କୋରୋନା' ଓମିକ୍ରନ ଆକ୍ରମଣ ଆତଙ୍କ;
କାଳ କବଳିତ ବିପନ୍ନ ପ୍ରାଣ ସଂଗ୍ରାମ କରିଚାଲିଛି
କର୍ତ୍ତବ୍ୟ ଆହ୍ୱାନରେ।
ସତରେ ସେ ଆଜିକାର ଯୋଦ୍ଧାଟିଏ
ଜିଇଁବା ମରିବା ଏକାକାର କରି।
ତା'ର ଶ୍ରଦ୍ଧା ଆଉ ବିଶ୍ୱାସ
ସଫଳତାର ସନ୍ତୁଷ୍ଟିରେ ସଲାମ୍ ନେବ।
ସଭିଙ୍କ ମୁହଁରେ ଆହାର ଯୋଗାଇ
ପୁଣି କର୍ମ ମୁଖରିତ ହେବ ପୃଥ୍ୱୀ!! ୦୭

ଉପାନ୍ତ ସାହିତ୍ୟ ସଂସ୍କୃତି ସେବା ସଂସଦ,
ପାତ୍ରପୁର, ଗଞ୍ଜାମ।
ଭ୍ରାମ୍ୟଭାଷ୍ୟ 8660194967 Dpradhan@gmail.com

# ପାରିବକି



ଡ. ଜ୍ଞାନେଶ୍ୱର ମିଶ୍ର

ହେ ଦୁଇହଜାର ବାଇଶି !
ମନେ କଂପା ନାହିଁ ତୁମ ଖୁସି
ତୁମେ ଆମ ପାଇଁ ନୂତନ ବରଷ
ମୁଖେ କଂପା ବୋଳଅଛ ଓମକ୍ରନ ବିଷ
ତୁମ ଆକାଶରେ ଅମଣିଷ ପଣିଆର
କଳା ବାଦଲ ଢାଙ୍କିଛି
ଘଡଘଡି ଯୁଦ୍ଧର ଡାକର୍ ହେଉଛି
ତାଲିବାନ୍, ପାକସ୍ଥାନ, ଋଷ ଆମେରିକା
ଘନଘନ ବିଜୁଳୀ ତା ସୂଗୁଇ ଦେଉଛି
ତୁମ ହୃଦୟ ସ୍ପନ୍ଦନ
ସ୍ପଷ୍ଟ ଉତ୍ତର ଦେଉଛି, ଆଜି ଏ ମଣିଷ
ଉଗ୍ରପନ୍ଥୀ, ସନ୍ତ୍ରାସବାଦୀ କବଳରେ
ଅତି ତୁଚ୍ଛ ପଶୁଠାରୁ ହୀନ
ସାର୍ ବିଦ୍ବ ଉଦବେଳତ
ଆତ୍ମବଡିମା, ଗର୍ବ, ଅହଂକାର ଚଣ୍ଡ
ବିଶ୍ୱାସ ହେଉନ, ଆଖି ବି ପାଉନ
କେବେ ହେବ ଏହାର ସମାପ୍ତ
ଏକୋଇଶି କ୍ୟାଲେଣ୍ଡର ବିଦାୟ ଦେଇଛୁଁ
ମନରେ ନୂତନ ଆଶା, ସ୍ୱପ୍ନ ଭରି
ତୁଅକୁ ସ୍ୱାଗତ କରୁଛୁଁ
ହେ ଦୁଇହଜାର ବାଇଶି
ଏସବୁକୁ ପାରିବକି ନାଶି
ବିଶ୍ୱଜନ ପ୍ରାଣୀ ଜୀବନରେ
ଫେରାଇ ପାରିବକି
ବିଶ୍ୱାସ, ହସ ଆଉ ଖୁସି

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

# ସ୍ୱାଗତମ ନୂଆ ବର୍ଷ



ଅଳକା ମହାନ୍ତ

ବରଷ ବିତିଲା କେତେ ସ୍ମୃତି ଦେଲା,
ବଦଳିଲା ଦିନ ରାତ୍ର ।
ବଦଳିଲେ ନାହିଁ ତୁମେ ଆଉ ମୁଁ
ନା ବଦଳିଲେ ସୂର୍ଯ୍ୟ ଚନ୍ଦ୍ର ।

କେତେ ଉତ୍ସାହ ରେ ସ୍ୱାଗତ କରିବା
ନୂଆ ବର୍ଷ ନୂଆ ଦିନ ।
ଭୁଲି ଯିବା ଆମେ ପୁରୁଣା କ୍ଳେଶ କୁ
ନୁହେଁ ସ୍ମୃତି ଏକ ରୂପା ଜହ୍ନ ।

ଜୀବନ ନୌକା, ଜୀବନ ର ରେଖା
କେବେ ଚାଲେ ନାହିଁ ସମତଳ,
ଜୁଆର ଆସିଲେ ଭଟ୍ଟା ଟିଏ
ସାଥେ ଆସି କରେ ସମତୁଲ ।

ସ୍ନେହ ପ୍ରୀତି ସବୁ ଅନୁଭବ ହୁଏ
ସାଥେ ଥିଲେ ଅଭିମାନ,

ସୁଖର ସମୟ ବିହ୍ୱଳିତ କରେ
ଯେବେ ଦୁଃଖେ ବିତିଥାଏ ଦିନ।

ଇଶ୍ୱର ଙ୍କ ଠାରେ ଏତିକି ପ୍ରାର୍ଥନା
ସୁଖେ ଯାଉ ନୂଆ ଦିନ,
ବଡ ଦିନ ବଡ ସମ୍ଭାର ଆଣି
ମନ ବାଞ୍ଛା କରୁ ପୂର୍ଣ୍ଣ।

ଭୂଲିଯାଅ ମିତ କାମ କ୍ରୋଧ ମୋହ
ହିଂସା, ଦ୍ୱେଷ ଅପମାନ,
ଆମେ ପରା ସବୁ ଶକ୍ତ ହିମାଳୟ
ନୁହେଁ ତ ଭଷା ବାଦଲ।

ସ୍ୱାଗତ କରୁଛି ନୂଆ ସକାଳ କୁ
ଇଶ୍ୱରଙ୍କୁ ଧ୍ୟାନ କରି,
ପ୍ରଭୁ ଦୟାମୟ ସୁଖ ଶାନ୍ତି ଦେଉ
କରୁ ଭବ ସାଗର ରୁ ପରି।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# କଏ କହେ ନାରୀ ଦୂର୍ବଳା ?



ଶଶଧର ମହାପାତ୍ର

ଦିନେ ମହେଶ୍ୱରବାବୁ ତାଙ୍କ ସ୍ତ୍ରୀ "ସୁଚିତ୍ରା'ଙ୍କୁ ଅତି ଶ୍ରଦ୍ଧାରେ ଡାକି କହିଲେ - ହଇହେ ! ଶୁଣୁଛ ! ଚାଲ ଆମେ ଦିନେ ବାହାରକୁ ବୁଲିଯିବା, କୁଆଡେ ତୀର୍ଥକରି ଯିବା । ପିଲାଦିହେଁତ ବଡ ହେଲେଣି, ଯାହା ପାଠସାଠ ପଢିବା କଥା ପଢି ସାରିଲେଣି, ଚାକିରି କଲେଣି, ତାଙ୍କ ମୁଣ୍ଡକୁ ହାତପାଇଗଲାଣି, ପିଲାଛୁଆଙ୍କର ଜଞ୍ଜାଳ କମିଗଲାଣି, ଆଜିକା ପିଲା, ବାହା ହେବେକି ନାହିଁ ତାଙ୍କ ହାତରେ କଥା । ପିଲା ଦିହେଁ ତ ଜନ୍ମ ହେଲେ ଏ' ଦେଶରେ, ବଢିଲେ ଏ' ଦେଶରେ, କୋଉ ଆମକଥା ଯେ ମାନୁଛନ୍ତି । କେତେବେଳେ କହୁଛନ୍ତି ବାହାହେବେ, କେତେବେଳେ କହୁଛନ୍ତି ବାହାହେବେନି । ହଁ, ଆମେ ସିନା ଜନ୍ମ ଦେଇଛନ୍ତି, କିନ୍ତୁ, ତାଙ୍କ କର୍ମଫଳ ତ ସେମାନେ ଭୋଗିବେ ? ତାଙ୍କ ଭାଗ୍ୟରେ ଯଦି ଥିବ ବା' ହେବାକୁ ତେବେ ବା' ହେବେ, ନହେଲେ ନାହିଁ । ଆମେ କାହିଁକି ସେ' ଚିନ୍ତାରେ ସବୁଦିନ ଏମିତି ଘାରି ହେଉଥିବା । ସେମାନଙ୍କ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡିଦିଅ। ବାପା-ମା' ହିସାବରେ ଯାହା ଆମର ଦାଇତ୍ୱ ଥିଲା ତା'କୁ ଆମେ ଅଳ୍ପ ବହୁତ ତୁଲେଇ ସାରିଲେଣି । ଏବେ ସମୟ ଆସିଛି ଦିନେ କିଛି ଲୋଭ ଓ ଲାଭକରି କମେଇଥିବା, ପେଟରୁକାଟି ସଞ୍ଚିଥିବା ଧନର ସଦୁପଯୋଗ କରିବା, ଆମ ଦିହିଙ୍କପାଇଁ ସେଥିରୁ କିଛି ଖର୍ଚ୍ଚ କରିବା । ଏ' ଦେଶରେ ଡଲାର ଖୋଜୁଖୋଜୁ ଓ ସାଉଁଟୁ ସାଉଁଟୁ ଉତ୍ତୁରିଗଲା ଆମ ବୟସ, କହିଲେ ମହେଶ୍ୱରବାବୁ ।

ସ୍ତ୍ରୀ କହିଲେ- ଏଯାଏ କୋଉଠି ଶୋଇଥିଲକି ? ଏବେ ତୁମର ମନେ ପଡିଲା ? ନେଲା ବେଳେତ ନେଲନି, ଏବେ ମୋ'ର ଆଣ୍ଠୁଗଣ୍ଠି ଧରିଲାଣି, ଆଉ କି ବୁଲେଇ ନେବ ? ମୁଁ ମନମାରି ଦେଇଛି । ଏବେ ତମ ଶ୍ରଦ୍ଧା ବୋହି ପଡିଲା । ଆଉ ଶୁଣାନା ତୁମର କାରନାମା। ସେ'ସବୁ ଏବେ ଦାଣ୍ଡର ପଡି ହାଟରେ ଗଡୁଛି । ତମକୁ ସରମଟିକେ ଲାଗିବା କଥା ।

ମହେଶ୍ୱରବାବୁ ମନେ ମନେ ଭାବୁଥିଲେ ଏ କଥା । ଏ' ଦେଶକୁ ଯେତେବେଳେ ଗ୍ରାଜୁଏଟ୍ ଷ୍ଟୁଡେଣ୍ଟ ହୋଇ ଆସିଥିଲେ, ନଥିଲା ସେତେବେଳେ ତାଙ୍କ ପାଖରେ ପଇସା । ଯାହା ସ୍କଲାରସିପ୍ ମିଳୁଥିଲା ସେତକ ଅଣ୍ଟୁ ନଥିଲା । ଯାହା ମାଇପି ଭାଷାରେ କହନ୍ତି- "ଅଳପ ଧନ ବିକଳ ମନ' । ଏବେ ପାଖରେ ଦି' ପଇସା ଥିଲାବେଳେ "ଅର୍ଥ ହିଁ ଅନର୍ଥର କାରଣ' ହେଇଛି । ଟେନ୍‌ସନ୍ କମିବ କ'ଣ ବଢିଯାଇଛି । ଭାରି ଟେନ୍‌ସନ୍ । ଘରେ ଟେନ୍‌ସନ୍, ଅଫିସରେ ଟେନ୍‌ସନ୍, ଯୁଆଡେଗଲେ ବାହାରେ ବି ଟେନ୍‌ସନ୍ । ପୋଷ୍ଟ ଗ୍ରାଜୁଏସନ୍ ପରେ ବି ତାଙ୍କୁ ଅନେକ କଷ୍ଟକରିବାକୁ ପଡିଲା, ଏମିତିକି ବହୁତ ବର୍ଷ ଲାଗିଗଲା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବାକୁ, ନିଜଗୋଡରେ ଦମ୍ଭହେଇ ଛିଡାହେବାକୁ । ଆଜକୁ ୩୬ ବର୍ଷ ତଳେ ଯେତେବେଳେ ସିଏ ଏ' ଦେଶକୁ ଗ୍ରାଜୁଏଟ୍ ଷ୍ଟୁଡେଣ୍ଟଭାବେ ଆସିଥିଲେ, ସେତେବେଳେ ସେ' ଥିଲେ ଗରିବ । ଦି' ହଜାର ମସିହା (ୱାଇ.ଟୁ.କେ) ବେଳକୁ ଯେଉଁ ଭାରତୀୟ ଭାଇ, ବନ୍ଧୁମାନେ ଇନ୍‌ଫର୍ମେସନ ଟେକ୍‌ନଲଜିରେ ଚାକିରିପାଇ ଆସିଗଲେ, ସେମାନେ ଆସୁଆସୁ "ଟୟଟା", "ହଣ୍ଡା" ଗାଡି କିଣି ଆରାମରେ ରହିବାର ଦେଖି ତାଙ୍କ ମନରେ କେବେ ଈର୍ଷା ହେଇନଥିଲା ବରଂ ତାଙ୍କୁ ବହୁତ ଖୁସି ଲାଗିଥିଲା । ଅନ୍ତତଃ, ସେ' ଭାରତୀୟ ଭାଇ, ଭଉଣୀମାନଙ୍କୁ ତାଙ୍କଭଳି ସେମିତି କଷ୍ଟ କରିବାକୁ ପଡିଲାନି ।

ସୁଚିତ୍ରା କ'ଣ ସବୁ ଗରଗର ହେଇ କହିଯାଉଥିଲେ, ମହେଶ୍ୱରବାବୁ ଉଁ କି ଚୁଁ କିଛି କହୁ ନଥିଲେ । ସେ'କଥା ଆଉ କିଛି ଶୁଣୁନଥିଲେ । ଖାଲି ଆଁ କରି ଚାହିଁ ରହିଥିଲେ । ସତେକି ସେ' ଯେମିତି ଗୋଟିଏ ମୂର୍ତ୍ତିର ପାଲଟି ଯାଇଛନ୍ତି । ତାଙ୍କର ଇଚ୍ଛା କେବେ ନଥିଲା ଝଟାପଟା ଲଗେଇ କଳି କରିବାକୁ । ସେ' ସୁଚିତ୍ରା'ଙ୍କ ସହ କଳି କରୁଥିଲେ କି ତାଙ୍କ କଥା ସବୁ ଶୁଣୁଥିଲେ ବୋଧେ ସେ' କେବେଠୁଁ ପାଗଳଖାନାରେ ଭର୍ତ୍ତି ହେଇସାରିଥାନ୍ତେ । ତାଙ୍କ ସ୍ତ୍ରୀ'ଙ୍କ ପାଟିରୁ ଥରେ କଥା ବାହାରିଲେ ଆଉ ସହଜରେ ବନ୍ଦ ହୁଏନା । ଏତେ ସମୟ ପାଟିକରି ତଥାପି ଟିକିଏ ହେଲେ ଥମି ନାହିଁ ସେ' ପାଟି ।

ସ୍ତ୍ରୀ କହୁଥିଲେ - ମୋ' ଭାଗ୍ୟ ଆକାଶରେ ନା ଆଉ ସିନ୍ଦୁରା ଫାଟିବ, ନା ମୁଁ ସୂର୍ଯ୍ୟୋଦୟ ଦେଖିବି ? ତୁମ ଭଳି ଡାହା ମିଛୁଆ ମୁଁ ଜୀବନରେ କେବେ ଦେଖିନାହିଁ । ତୁମେ ଜଣେ ମୁଖାପିନ୍ଧା ମଣିଷ । ତୁମର ମତଲବ ଭିନ୍ନ । ତୁମର ବାହାରେ ଗୋଟିଏ କଥା କିନ୍ତୁ, ପେଟ ଭିତରେ ଆଉ ଗୋଟିଏ କଥା । ସେ' ମଧୁର କଥା ମୋତେ କହି ଏ'ଯାଏ ଯେତେ ଯାହା

ଭୁଲେଇଛ ଭୁଲେଇଛ, ଆଉ ନୁହେଁ । ତୁମକୁ ଆଉ ବିଶ୍ୱାସ କରିବାର ନାହିଁ । କାହିଁକି କେଜାଣି ତୁମକୁ ବାହାହେଲି ? ଅତି ଅଳ୍ପ ବୟସରୁ ମୁଣ୍ଡବାଳ ସବୁ ମୋ'ର ଝୋଟ ହେଲାଣି, ଆଖିରେ ମୋଟା ଚଷମା ଲାଗିଲାଣି, ଆଖିରୁ ପାଣି ବୋହିଲାଣି । ଡାକ୍ତର କହୁଛି ଟିକିଏ ଦାମୀ ପ୍ରୋଗେସିଭ୍ ଲେନ୍ସ୍ ଲଗା, ଆଖିକୁ ଭଲ ଦେଖାଯିବ ଓ ଆଖି ଉପରେ କମ୍ ପ୍ରେସର ପଡିବ । ମୋ'ପାଇଁ ଭଲ ଚଷମା ହଲେ କିଣିପାରୁନାହଁ ଏତେ କହି କହି ! "ୱାଲ୍‌ଗ୍ରୀନ୍' ଷ୍ଟୋର୍‌ରୁ ଷୋହଳ ଟଙ୍କିଆ ଚଷମା କିଣି ଲଗୋଉଛି । ତୁମେତ ମୋତେ ଓଡିଶାରେ କେଉଁଠି ବୁଲେଇ ନେଇନାହଁ, ବାହାର ଦେଶ କ'ଣ ବୁଲେଇବାକୁ ନେବ ? ମୁଁ କେତେ ବରଷ ହେଲା ଶୁଣି ଆସୁଛି କାଳେ ୟୁରୋପ ଆଉ ଅଷ୍ଟ୍ରେଲିଆ ବୁଲେଇ ନେବ ବୋଲି । ସେ' ସବୁ ଶୁଣିଶୁଣି ମୋ' କାନ ବଧିରା ହେଇଗଲାଣି । ଏବେ ହାତ, ଗୋଡ ସବୁ ଥରିଲାଣି । ଆଣ୍ଠୁ ଗଣ୍ଠି ସବୁ ବିନ୍ଧିଲାଣି । ନା ତୁମେ ଦେଖେଇବ, ନା ମୁଁ ଦେଖିବି । ନା ତୁମ ମୁହଁରେ ଲାଜ ଅଛି, ନା ମୋ' ମୁହଁରେ । କାହିଁକି ମୋ' ବାପା-ମା' ମୋତେ ଏତେ ସ୍ୱପ୍ନ ଦେଖେଇ ତୁମ ହାତ ଧରେଇ ଦେଇଥିଲେ କେଜଣି ? ତୁମେ କାଳେ ମାଛିକୁ "ମ' କୁହନାହଁ ବୋଲି ମୋତେ ଦିନେ କହିଥିଲେ । ମୁଁ ତାଙ୍କ କଥାରେ ଢଳି ଯାଇଥିଲି । ତାଙ୍କ କଥାରେ ମୁଁ ସେତେବେଳେ ଭୁଲିଯାଇଥିଲି । ମୋତେ ସେତେବେଳକୁ ମାତ୍ର ୨୦ ବର୍ଷ ଛୁଇଁଥିଲା । ଦୁନିଆ କ'ଣ ମୁଁ ଭଲଭାବେ ଜାଣି ନଥିଲି । ଗଙ୍ଗା ଗଲି ଯେତେ ଫଳ ପାଇଲି ସେତେ । ସତ କହୁଛି । ଆଜିକା ସମୟରେ ହେଇଥିଲେ ବରଂ ଜୀବନ ସାରା ମୁଁ କୁଆଁରୀ ହେଇରହିଥାନ୍ତି କିନ୍ତୁ, ତୁମ ହାତ କେବେ ଧରି ନଥାନ୍ତି ।

ମହେଶ୍ୱର ବାବୁ ଦେଖିଲେ କଥାଟା ଟିକେ ସରଳରୁ କମ୍ପ୍ଲେକ୍ସ ଆଡକୁ ଯିବାକୁ ବସିଲାଣି । ତାଙ୍କ ବୟସ ଏବେ ପଞ୍ଚଷଠି ଟପିଲାଣି, ତେଣୁ ତର୍କ, ବିତର୍କର ବୟସ ସୀମା ଲଂଘିଗଲେଣି। ଯାହା କିଛି କହିଲେ ବି କଥାଟା ବଢିବ ସିନା କମିବାର ନାହିଁ । ସହଜରେ ସୁଚିତ୍ରାଙ୍କୁ ବୁଝେଇଲା ଭଳି ମରଦ ଏ' ସଂସାରରେ କେହି ଜନ୍ମ ହେଇ ନାହାଁନ୍ତି । ତାଙ୍କ ଛାତିରେ ଛନକା ପଶିଲା । ଆଉ ବେଶୀ କିଛି ତାଙ୍କ ପାଟିରୁ ବାହାରିଲେ ସୁଚିତ୍ରା ଅର୍ଥକୁ ଅନର୍ଥ ବୁଝିବେ । ଭୋକରେ ତାଙ୍କ ପେଟଭିତରେ ଚୂଟିଆ ମୂଷା ଦୌଡିଲାଣି । ମହେଶ୍ୱର ବାବୁ ତଥାପି ଟିକେ ଚୁପ୍ ହେଇଗଲେ । ସେ' ଯଦି ପାଟି ଖୋଲନ୍ତି ତେବେ ଯେତେବେଳେ ଯାହା ଦି'ଟା ଖାଇବାକୁ ମିଳୁଛି ସେତିକ ଆଉ ମିଳିବ କି ନାହିଁ ! ମହେଶ୍ୱର ବାବୁ ମନେମନେ କିଛି ସମୀକ୍ଷା କରୁଥିଲେ । ଏଯାଏ କ'ଣ ସେ' କେବଳ ନିଜକୁ ଚିହ୍ନିଲେ,

ଜାଣିଲେ ? କେବେ ନୁହେଁ ! ସିଏ ଯାହା କରିଛନ୍ତି କେବଳ ପରିବାରର କଲ୍ୟାଣ ପାଇଁ ସବୁବେଳେ କରିଛନ୍ତି । ସ୍ୱାର୍ଥପର ହେଇ ନିଜପାଇଁ କିଛି ତ କରିନାହାଁନ୍ତି ! ଗାନ୍ଧୀଙ୍କ ଜୀବନ ଦର୍ଶନ ମାର୍ଗରେ ସେ' ସବୁବେଳେ ବିଶ୍ୱାସ ରଖିଥିଲେ, ତେଣୁ ଏକ ସରଳ, ସୁନ୍ଦର ଜୀବନକୁ ବୁଝିବାକୁ ଓ କାଟିବାକୁ ସବୁବେଳେ ଚେଷ୍ଟାକରିଥିଲେ । ଗାନ୍ଧିଜୀ ଯେମିତି କସ୍ତୁରବାଙ୍କ ମନକୁ କେବେ ବୁଝିପାରିନଥିଲେ ସେମିତି ସେ' ବୋଧହୁଏ ତାଙ୍କ ସ୍ତ୍ରୀ'ର ମନକଥା କେବେ ବୁଝିପାରିଲେ ନାହିଁ ! ସ୍ତ୍ରୀ'ଙ୍କ ସହ ତୀର୍ଥଗାଡିରେ ବସି ଯେଉଁ ପୂଣ୍ୟର ଗଙ୍ଗୋତ୍ରୀ ପାରିହେବାର ସ୍ୱପ୍ନ ଦେଖୁଥିଲେ, ସେହି ଆଶା ସ୍ୱପ୍ନରେ ରହିଗଲା । ମନେ ମନେ କହୁଥିଲେ – କିଏ କହେ ନାରୀ ଦୂର୍ବଳା ?

ହିଡେନ୍ ଭ୍ୟଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

# ତୁମେ ଆସ ହେ ସଫଳତା

ବିନୋଦିନୀ ଦାଶ

ମନ ସିନା ଡାକେ ହେ ମୋ ଅତି ପ୍ରିୟ
ସଫଳତା ତୁମେ ପାଖକୁ ଆସ
ମାତ୍ର କର୍ମେ ଯଦି ନିଷ୍ଠା ନ ରହିଲା
ସେଥୁ ନ ମିଳଇ ଖୁସି ପରଶ ।

ସମୟୋପଯୋଗୀ ସାଜି ଉଦ୍ ଯୋଗୀ
ତାହାକୁ ସିନା ଡାକିଲେ ପାଖକୁ
ଆସି ସେ ହରଷେ ଧରାଦେଇ ହାତେ
ବାଟ କାଢ଼ି ନେଇଯିବ ଆଗକୁ ।

କର୍ମ ହିଁ ଜୀବନ କର୍ମ ଭଗବାନ
ଉଦ୍ୟମ ସାହସ କର୍ମଠ ଗୁଣେ
ଜଣେ ଚଢ଼ିଚଢ଼ି ସଫଳତା ଶିଢ଼ି
ଶିଖର ଚୁମଇ ତା' ବୁଦ୍ଧି ଜ୍ଞାନେ ।

ବିଫଳ ହେଲେ ବି ଯେ ତା'ର ପ୍ରଚେଷ୍ଟା
ଜାରି ରଖେ ମନ ଊଣା ନକରି
ବିଫଳତା ପରା ସଫଳତା ମାଆ
ଉଚ୍ଚକୁ ଉଠାଏ ତା' ହାତ ଧରି ।

ସାଥେସାଥେ ରହି ସଫଳତା ଫୁଲ
ନିତି କେତେ ତୋଳି ଅଣ୍ଟି ଭରଇ

ପ୍ରତିଟି ସୁକର୍ମ ସାଧନାର ବଳେ
ତା'ର ସୁବାସରେ ମହକିଥାଇ ।

ସତ୍କର୍ମୁ ବିଚ୍ୟୁତ ପାଇଛି କି କେହି
ଜୀବନରେ କେବେ ତା' ମଧୁ ଛୁଆଁ
ସଫଳତାମୃତ ନା ସ୍ରବୀ ପାରିଛି
ଶୁଷ୍କ ସବୁବେଳେ ମନ ପଡ଼ିଆ ।

ସତ୍ୟାନୁସରଣ ବିନା ସଫଳତା
ଜୀବୋନ୍ନତି ମାର୍ଗେ ସାଜେ ବାଧକ
ବୃଥା ହୋଇଥାଏ ଜନମ ଜୀବନ
ଛୁଟି ନପାରି ତାହାଠୁ ମହକ ।

କୁରୁଆଁ, ମୁଗପାଳ, ଯାଜପୁର

# ଭାରତ ବର୍ଷ



ଡ. ପ୍ରସନ୍ନ କୁମାର ବଳ

ସ୍ରଷ୍ଟାଙ୍କର ଏକ ନଖୁଣ ସୃଷ୍ଟି ନାମ ତ ଭାରତବର୍ଷ,
ସକୁନ୍ତଳା ଦୁଷ୍ମନ୍ତଙ୍କ ସୁସନ୍ତାନ ଭରତ ନାମେ ନାମିତ ।୧।
ଭରତ ବି ଥିଲେ କୌରବ ପାଣ୍ଡବ ବଂଶର ହିଁ ଏକ ଗର୍ବ,
ଯାହାର ନାମରେ ଏ ଦେଶ ନାମିତ ଆମେ ହିଁ ସବୁ ଗର୍ବିତ ।୨।
ଯାହାର ଶିରରେ ମୁକୁଟରେ ଶୋଭା ଦିଏ ପୁଣି ହିମାଳୟ,
ପାଦକୁ ଯାହାର ସଦା ଧୋଇଥାଏ ଭାରତ ମହାସାଗର ।୩।
ପୂରବ ଦିଗରେ ବଙ୍ଗୋପସାଗର କରଇ କର ମର୍ଦ୍ଦନ,
ପଶ୍ଚିମେ ଆରବ ସାଗରତ ପୁଣି କରେ ମନ ବିମୋହନ ।୪।
ସନ୍ତାନ ଯାହାର ଅଗଣିତ ପ୍ରାୟ ତା ନାମ ଭାରତ ମାତା,
ଏକଶ ତିରିଶ କୋଟି ସନ୍ତାନଙ୍କ ସର୍ବଦା ସାହା ଭରଷା ।୫।
ଭାବିଲେ ସତରେ ଗରବ ହୁଅଇ ଏ ଦେଶର ଇତିହାସ,
କା ନାମ ଧରିବି କା ନାମ ଛାଡିବି ଭାବି ନ ପାରଇ ସତ ।୬।
ଏ ଦେଶ ବିଷୟ ମନକୁ ଆସିଲେ ପ୍ରଥମେ ଆସଇ ବାପୁ,
ଗାନ୍ଧୀ ନାମେ ଯିଏ ବିଶ୍ୱେ ପରିଚତ ଅହିଂସାହିଁ ସର୍ବେ ଶିଖୁ ।୭।
ନେହୁରୁ, ପଟେଲ, ଶାସ୍ତ୍ରୀ ବି ଆସିବେ ମାନସ ପଟରେ ସଦା,
ବିବେକାନନ୍ଦଙ୍କୁ କେ ଭୁଲିପାରିବ, ସଙ୍ଗେ ସୁବାଷ ବୋଷ ପରା ।୮।
ଦେଶତ ଆଗେଇ ଚାଲିଛି ସତରେ କେତେ ପ୍ରଗତିର ପଥେ,
ପୂଣ୍ୟ ଭୂମି ଏହି ଭାରତ ବର୍ଷତ ବିଶ୍ୱେ ହିଁ ରାଜିବ ସତେ ।୯।

ଗୌତମ ବୁଦ୍ଧଙ୍କ ଜନ୍ମଭୂମି ଇଏ ସାର୍ ବିଶ୍ୱରେ ବିଦୃତ,
କେତେ ବାହ୍ୟ ଦେଶ ବୁଦ୍ଧ ଧର୍ମ ନେଇ ହୁଏତହିଁ ଆନନ୍ଦୀତ ।୧୦।
ବିଜ୍ଞାନ କ୍ଷେତ୍ରରେ ଭାରତ ଆଗୁଆ ଅନ୍ୟ କେତେ ଦେଶଠାରୁ,
ଚନ୍ଦ୍ର, ମଙ୍ଗଳରେ ପହଞ୍ଚିବାଟା ତ କେତେ ସହଜରେ କରୁ ।୧୧।
ଆର୍ଥିକ ଦିଗରେ ଭାରତ ତ ପୁଣି କରଇ ବିକାଶ ମାନ,
ନଷ୍ଟେ ଏକ ଦିନ ଆସିବ ସନ୍ଦେ ବିଶ୍ୱ ଦେବ ହିଁ ସମ୍ମାନ ।୧୨।
ଆମେ ସବୁ ମିଶି ଏକଜୁଟ ହୋଇ ପ୍ରଗତି କରିବା ସତ,
ପ୍ରାକୃତିକ ବିପର୍ଯ୍ୟୟକୁ ହିଁ ପୁଣି କରିବା ହିଁ ପ୍ରତିହତ ।୧୩।
ମରୁଡି, ବାତ୍ୟା, ବନ୍ୟାକୁ ପୁଣି ସାମନା କରିବା ଆସେ,
ଯେତେ ରୋଗ ଆସୁ ହେଲେ ବି ଅସାଧ କରିବାହିଁ ସାଧ ସର୍ବେ ।୧୪।
କରୋନା, ଡେଲଟା, ଓମିକ୍ରନ୍ ପରି ଯେତେ ରୋଗ ଆସୁ ପଛେ,
ମନବଳ ନେଇ ବୁଦ୍ଧି ଖଟାଇ ସାମନା କରିବା ଆସେ ।୧୫।
ଏ ବିଶାଳକାୟ ଜନ ଅମାଜକୁ ଟିକା ଦେବାର ହିଁ ପଣ,
ସମ୍ଭବ ହୋଇଛି ଏ ଭାରତ ବର୍ଷେ ରଚଛି ଉଦାହରଣ ।୧୬।
ଏକା ଟିକା ନେଇ ଏ ଦେଶ ବସିନ ଚୂପ୍ ଚୁପ୍ ହୋଇ ପୁଣି,
ବିଶ୍ୱର ହିତରେ ଉଦ୍ୟମ କରୁଛି ଟିକା ଆବଣ୍ଟନ କରି ।୧୭।
ବିଭିନ୍ନ କ୍ଷେତ୍ରରେ ଅଗ୍ରତି କରି ରଚଛି ଉଦାହରଣ,
ବିଶ୍ୱର ହିତରେ କେତେ କାମ କରି ଶୀର ଉଚ୍ଚା କରେ ତାର ।୧୮।
ଆମ୍ଭମାନଙ୍କର ଜୀବନ ହିଁ ଧନ୍ୟ ଭାରତରେ ଜନ୍ମ ନେଇ,
ଭାରତ ମାତାର ସେବା ହିଁ କରିବା ସତ ଅଭିପ୍ରାୟ ନେଇ ।୧୯।
ତେବେ ଯାଇ ଜନ୍ମ ସାର୍ଥକ ହୋଇବ ଆମ୍ଭମାନଙ୍କର ଭାଇ,
ଆଗାମି ପିଢୀର ପଥ ପ୍ରଦର୍ଶକ ହୋଇ କ ପାରିବା ନାହିଁ?

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ଆଖି



ଅମ୍ବିକା ସ୍ୱାଇଁ

ଏଇ ଆଖି ସବୁ ସାକ୍ଷୀ
ନୀରବରେ ଦେଖୁ ଥାଏ
କେତେ କଥା ନିତି ନିତି,
ମନେ ମନେ ଭାବୁ ଥାଏ ।
କଥା କୁହା ଏଇ ଆଖି
ଚାହିଁ ଦେଲେ ବୁଝି ଦିଏ
ମନ କଣ କହୁ ଥାଏ
ଆଖିରେ ସେ ଧରା ଦିଏ ।
ଦୁଃଖ, ସୁଖ, ଭଲ, ମନ୍ଦ
ସ୍ନେହ, ପ୍ରେମ, ପ୍ରିୟା, ପ୍ରୀତି
ସବୁ ବୁଝେ ଏଇ ଆଖି
ତା"ପାଶେ ରହେନା ଲୁଚି ।
ଚାହିଁ ଦେଲେ ଜାଣି ଦିଏ
ଠା ରି, ଠା ରି କଥା କୁହେ
ଏଇ ଆଖି ସବୁ ସାକ୍ଷୀ

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଭାରତ ବିଭାଜନ : ଏକ ପରାଭୂତ ସ୍ୱପ୍ନ

ପ୍ରିୟବ୍ରତ ପାତ୍ର

ଊନବିଂଶ ଶତାବ୍ଦୀର ଆରମ୍ଭରେ ସାରା ବିଶ୍ୱରେ ଜାତୀୟତାବାଦର ବହୁଳ ପ୍ରଚାର ହେଉଥିଲା ଏବଂ ଭାରତ ଇଂରେଜଙ୍କ ଦ୍ୱାରା ଶାସିତ ହେଉଥିବା ଯୋଗୁଁ ତାର ସିଧାସଳଖ ପ୍ରଭାବ ମଧ୍ୟ ଏଠାରେ ପଡିଥିଲା । କନ୍ୟାକୁମାରୀରୁ ହିମାଳୟ ପର୍ଯ୍ୟନ୍ତ, ବର୍ମା ସୀମାନ୍ତରୁ ଆଫଗାନ୍ ସୀମା ପର୍ଯ୍ୟନ୍ତ ବିଶାଳ ଭାରତ ବର୍ଷ ଗୋଟିଏ ରାଜନୈତିକ ଶକ୍ତିର ଛତ୍ରଛାୟା ତଳେ ଏକଜୁଟ ହେଉଥିଲା – ଫଳରେ ଜାତୀୟତାବାଦର ପ୍ରସାର ହୋଇ ପାରିଥିଲା । ରାଜ୍ୟ ଓ ରାଜାମାନେ ପରସ୍ପର ମଧ୍ୟରେ ଯୁଦ୍ଧ ନକରି ପରସ୍ପରକୁ ବୁଝିବାକୁ ଓ ଦେଖିବାକୁ ସୁଯୋଗ ପାଇଲେ । ଇଂରେଜୀ ଶିକ୍ଷାର ପ୍ରଚଳନ ଯୋଗୁଁ ଭାରତରେ ଗୋଟିଏ ଶିକ୍ଷିତ ଗୋଷ୍ଠୀ ବାହାରିଲେ ଯେଉଁମାନେ ଭାରତକୁ ପୁନଃ ଆବିଷ୍କାର ପାଇଁ ମନ ବଳେଇଲେ ଏବଂ ସଂସ୍କୃତିକ ପୁନଃ ଜାଗରଣରେ ଜୀବନ ଉତ୍ସର୍ଗ କଲେ । ଜାତୀୟତାବାଦ, ଗଣତନ୍ତ୍ର, ମାନବର ମୁକ୍ତି, ସାମାଜିକ ମୁକ୍ତି, ସାମାଜିକ ସମତା ଆଦି ନୂଆଁ ନୂଆଁ ଚିନ୍ତାଧାରାର ବାର୍ତ୍ତାବହ ଭାବେ ଏହି ଶିକ୍ଷିତ ବର୍ଗ ସାରା ଭାରତରେ ନେତୃତ୍ୱ ନେବାକୁ ବାହାରିଲେ । ପ୍ରାଚୀନ ଭାରତର କଳା, ସଂସ୍କୃତି ଭାସ୍କର୍ଯ୍ୟ, ସାହିତ୍ୟ ସହ ଆର୍ଯ୍ୟ ଚେତନା ଓ ହିନ୍ଦୁତ୍ୱକୁ ନେଇ ଖୁବ୍ ଆଲୋଚନା ଚାଲିଲା ।

ଏହି ସମୟରେ ରକ୍ଷଣଶୀଳ ମୁସଲିମ୍ ମାନଙ୍କୁ ଆଧୁନିକ ଶିକ୍ଷା ଓ ବିଜ୍ଞାନ ସହ ପରିଚିତ କରାଇବା ପାଇଁ ଜନନାୟକ ମାନେ ବାହାରିଲେ । ସୟେଦ୍ ମହମ୍ମଦ୍ ଖାନ୍ ଥିଲେ ଏଥିରେ ଅଗ୍ରଣୀ । ସବୁ ସଂପ୍ରଦାୟଙ୍କ ଠାରୁ ଚାନ୍ଦା ସଂଗ୍ରହ କରି ଆଲିଗଡ ଠାରେ ମୁସଲିମ୍ କଲେଜ ସ୍ଥାପନ କଲେ – ଉଦ୍ଦେଶ୍ୟ ଥିଲା ଶିକ୍ଷା ଦୀକ୍ଷାରେ ଇଂରେଜଙ୍କ ସମକକ୍ଷ ହେବା । ୧୮୮୫ ମସିହାରେ ଆଲାନ୍ ଅକଟୋଭିଆନ୍ ହ୍ୟୁମ୍ ଙ୍କ ଚେଷ୍ଟାରେ ଭାରତୀୟ ଜାତୀୟ କଂଗ୍ରେସ ସୃଷ୍ଟି ହେଲା । ପ୍ରଥମେ ଏହି କଂଗ୍ରେସ ଭାରତରେ ରାଜନୈତିକ ଚେତନା ସୃଷ୍ଟି କଲା । ତା ପରେ ଜାତୀୟ ଆନ୍ଦୋଳନରେ ଭାଗନେଲା ଏବଂ ଶେଷରେ ଭାରତର ସ୍ୱାଧୀନତାର ଗୁରୁ ଦାଇତ୍ୱ

ବହନ କଲା । ଜାତୀୟ କଂଗ୍ରେସ ଯେତେବେଳେ ଅଧିକରୁ ଅଧିକ ରାଜନୈତିକ ସ୍ୱାଧୀନତା ଚାହିଁଲା, ମୁସଲିମ୍ ନେତାଗଣ ଆତଙ୍କିତ ହୋଇ ପଡିଲେ । ହିନ୍ଦୁ ବହୁଳ ଥିବା କଂଗ୍ରେସ ଦଳ ଯେ ଦିନେ ହିନ୍ଦୁଙ୍କ ପାଇଁ ଅଧିକ ସଂଗ୍ରାମ କରିବ ଏବଂ ସେମାନଙ୍କ ଅଧିନରେ ସଂଖ୍ୟାଲଘୁ ମୁସଲମାନ ମାନେ ଦିନେ ବିପର୍ଯ୍ୟସ୍ତ ହୋଇପଡିବେ – ଏକଥା ସୟଦ୍ ଅହମ୍ମଦ ଅନୁମାନ କରିନେଲେ । ତେଣୁ ସେ ନିଜ ସ୍ୱର ବଦଳେଇ ଜାତୀୟ କଂଗ୍ରେସରେ ଯୋଗ ନଦେବାକୁ ଓ ଇଂରେଜ ମାନଙ୍କୁ ବିରୋଧ ନକରିବାକୁ ନିବେଦନ କଲେ ।

୧୮୮୫ ରୁ ୧୯୦୫ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସରେ ନରମପନ୍ଥୀମାନେ ନେତୃତ୍ୱ ନଇଥିଲେ । କିନ୍ତୁ ତା ପରଠୁ ଯେଉଁ ତରୁଣମାନେ ଯୋଗଦେଲେ ସେମାନେ ସିଧାସଳଖ ଇଂରେଜଙ୍କ ବିରୋଧ କଲେ । ୧୯୦୫ ରେ Lord Curzon ବଙ୍ଗଭଙ୍ଗର ପ୍ରସ୍ତାବ ରଖି ଏହି ଶୋଇ ପଡିଥିବା ବିରୁଡି ବସାକୁ ଉତକ୍ଷିପ୍ତ କରିଦେଲେ । ବିଲାତ ଫେରନ୍ତା ଶ୍ରୀ ଅରବିନ୍ଦ ଘୋଷ ଏହି ତରୁଣ କଂଗ୍ରେସର ନେତୃତ୍ୱ ନେଲେ ଏବଂ ସଶସ୍ତ୍ର ସଂଗ୍ରାମ ପାଇଁ ଡାକରା ଦେଲେ । ମୁଷ୍ଟିମେୟ ଲୋକଙ୍କୁ ପ୍ରତିନିଧିତ୍ୱ କରୁଥିବା ଜାତୀୟ କଂଗ୍ରେସକୁ ସମାଲୋଚନା କରାଗଲା ଓ ପୂର୍ଣ୍ଣ ସ୍ୱାଧୀନତା ହାସଲ ପାଇଁ ରକ୍ତ ଓ ଅଗ୍ନିରେ ଝାସ ଦେବା ନିମନ୍ତେ ଆହ୍ୱାନ କରାଗଲା । ଲର୍ଡ କର୍ଜନ ବଙ୍ଗଭଙ୍ଗରେ ଅସଫଳ ହେଲେ କିନ୍ତୁ "Divide and Rule" ଫର୍ମୁଲା ଲାଗୁ କରିବା ପାଇଁ ହିନ୍ଦୁ ମୁସଲିମ୍ ଙ୍କ ଭିତରେ ତିକ୍ତତା ବଢାଇବା ପାଇଁ ଚାହିଁଲେ । ଘନ ଘନ ପୂର୍ବ ବଙ୍ଗ ଗସ୍ତ କରି ମୁସଲିମ୍ ସଭାରେ କହିଲେ – "ତୁମେ ଜାତୀୟ କଂଗ୍ରେସ ଠାରୁ ଦୂରରେ ରହ, ଆମଠୁ ପ୍ରୋତ୍ସାହନ ପାଇବ ଓ ହିନ୍ଦୁ ଶୋଷକଙ୍କଠୁ ରକ୍ଷା ପାଇବ ।

୦୧.୧୦.୧୯୦୬ ରେ ସିମଳା ଠାରେ ପଞ୍ଚ ତିରିଶି ଜଣ ବଛା ବଛା ମୁସଲିମ୍ ନେତା, ଭାଇସରାୟ ଲର୍ଡ ମିଣ୍ଟୋଙ୍କୁ ଭେଟିଲେ । ହିନ୍ଦୁଙ୍କ ଠାରୁ ଅଲଗା ରହି, ନିଜର ଅଲଗା ରାଜନୈତିକ ଭିତ୍ତିଭୂମି ସୃଷ୍ଟି କଲେ ଇଂରେଜମାନେ ସେମାନଙ୍କ ସୁରକ୍ଷା ଦାୟିତ୍ୱ ନେବେ ବୋଲି ମିଣ୍ଟୋ ସହେବ ପ୍ରତିଶୃତି ଦେଲେ । ୩୦ ଡେସେମ୍ବର ୧୯୦୬ ରେ, ଢାକାର ନବାବଙ୍କ ନେତୃତ୍ୱରେ ସର୍ବଭାରତୀୟ ମୁସଲିମ୍ ଲିଗ୍ ଗଠନ କରାଗଲା । ସେମାନେ ଜାତୀୟ କଂଗ୍ରେସ, ସ୍ୱଦେଶ ତଥା ଜାତୀୟତାବାଦକୁ ବିରୋଧ କଲେ ଏବଂ ବଙ୍ଗଭଙ୍ଗକୁ ସମର୍ଥନ କଲେ । ମର୍ଲେ-ମିଣ୍ଟୋ ଶାସନ ପ୍ରଣାଳୀରେ ହିନ୍ଦୁ ଓ ମୁସଲିମ୍ ଅଲଗା ଅଲଗା ଭୋଟର୍ ଭାବେ ନିଜ ନିଜ ଧର୍ମର ପ୍ରତିନିଧିଙ୍କୁ ବାଛିବାର ବ୍ୟବସ୍ଥା ରହିଲା । ଏହି ବ୍ୟବସ୍ଥା ହିଁ

ପରବର୍ତ୍ତୀ କାଳରେ ଭାରତ ବିଭାଜନ ପାଇଁ ରାସ୍ତା ପ୍ରସ୍ତୁତ କଲା । ଖିଲାଫତ୍ ଆନ୍ଦୋଳନରେ ସାମିଲ ହୋଇ ଗାନ୍ଧିଜୀ ଭାରତରେ ହିନ୍ଦୁ ମୁସଲିମ୍ ଏକତା ବଜାୟ ରଖିଲେ । ମୁସଲିମ୍ ଲିଗ୍ ର ଶତଚେଷ୍ଟା ସତ୍ତ୍ୱେ ଜାତୀୟ କଂଗ୍ରେସ ହିଁ ବିଶାଳ ମୁସଲିମ୍ ସଂପ୍ରଦାୟକୁ ପ୍ରତିନିଧିତ୍ୱ କରିଥିଲା । ମୁସଲିମ୍ ଲିଗ୍ ରେ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଯୋଗଦାନ ଫଳରେ ଭାରତରେ ହିନ୍ଦୁ ମୁସଲିମ୍ ଙ୍କ ଭିତରେ ଦୂରତା ବୃଦ୍ଧି ପାଇଥିଲା । ତାହା ହିଁ ବିଭାଜନର ମୁଖ୍ୟ କାରଣ ।

୧୮୭୬ ମସିହାରେ କରାଚୀରେ ଜନ୍ମିତ ଜିନ୍ନାଙ୍କ ପୂର୍ବପୁରୁଷ ଗୁଜରାଟର କାଥିଆବାଡର ଅଧିବାସୀ ଥିଲେ ଓ ହିନ୍ଦୁ ଥିଲେ । ବିଲାତରେ ଓକିଲାତି ପଢିବା ପରେ ବମ୍ବେରେ ସେ କାର୍ଯ୍ୟ କରୁଥିଲେ । ହିନ୍ଦୁ-ମୁସଲିମ୍ ଏକତା ମଞ୍ଚରେ ସେ ଥିଲେ ଅଗ୍ରଦୂତ । ପ୍ରଥମ ବିଶ୍ୱଯୁଦ୍ଧ ପରେ ଦେଶର ଜନପ୍ରିୟ ନେତା ଗାନ୍ଧୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପ୍ରତି ଜିନ୍ନାଙ୍କର ଶ୍ରଦ୍ଧା ନଥିଲା । ଅସହଯୋଗ ଆନ୍ଦୋଳନ, ବିଦେଶୀ ବସ୍ତୁ ବର୍ଜନ ଆଦି କାର୍ଯ୍ୟକ୍ରମରେ ଜିନା ହତୋତ୍ସାହ ହୋଇ ପଡିଥିଲେ । ଏ ପଟେ କଂଗ୍ରେସରେ ଉଗ୍ର ଜାତୀୟବାଦ, ହିନ୍ଦୁତ୍ୱର ପୁନଃ ଜାଗରଣ ଜିନ୍ନାଙ୍କୁ ଅନିଶ୍ଚିତ ଭବିଷ୍ୟତ ଆଡେ ଠେଲି ନେଉଥିଲା । ଦୃଢମନା ଜିନ୍ନା, ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ପରି ଗାନ୍ଧୀଙ୍କ ପଛରେ ଧାଇଁବାକୁ ପସନ୍ଦ କରିଉନଥିଲେ । ୧୯୩୦-୧୯୩୧ ର ଗୋଲଟେବୁଲ୍ ବୈଠକରେ ଯୋଗଦେବାକୁ ଜିନ୍ନା ଇଂଲଣ୍ଡ ଗଲେ ଏବଂ ସେଠାରୁ ଫେରି କହିଥିଲେ - "ହିନ୍ଦୁ ଭାବନା, ବିଗ୍ରହ ଓ ହିନ୍ଦୁତ୍ୱର ଉତଥାନ ଦେଖି ମୋତେ ଲାଗିଲା ଯେମିତି ଭାରତର ମୁସଲିମ୍ ଙ୍କ ଆଉ ଜାଗା ନାହିଁ, ସେମାନଙ୍କ ପାଇଁ ଚନ୍ତା କରିବାକୁ କେହି ନାହାନ୍ତି" । ୧୯୩୫ ମସିହାରେ ଧର୍ମ ଭିତ୍ତିକ ନିର୍ବାଚନରେ ମୁସଲିମ୍ ଲିଗ୍ ଜିନ୍ନାଙ୍କ ନେତୃତ୍ୱରେ ଲଢିଲା । ଯଦିଓ ମାତ୍ର ପାଞ୍ଚ ପ୍ରତିଶତ ଭୋଟ ପାଇଥିଲା - ତଥାପି ଏହି ପରାଜୟ ଜିନ୍ନାଙ୍କୁ ଏକ ଅଲଗା ମଣିଷ ଭାବେ ଗଢି ତୋଳିଲା । ପ୍ରଚଣ୍ଡ ସଂପ୍ରଦାୟିକତାରେ ପୂର୍ଣ୍ଣ ଭାଷଣ ଦେଇ ଜିନ୍ନା ମୁସଲିମ୍ ମାନଙ୍କୁ ଆନ୍ଦୋଳିତ କଲେ ଏବଂ ଜାତୀୟ କଂଗ୍ରେସକୁ ହିନ୍ଦୁମାନଙ୍କର ଏକ ଗୋଷ୍ଠୀ ବୋଲି ଘୋଷଣା କଲେ । ୧୯୩୩ ମସିହାରେ ଚୌଧୁରୀ ରେହମତ୍ ଅଲ୍ଲି, ଏକ ଅଖ୍ୟାତ ପତ୍ରିକାରେ ଚାରିପୃଷ୍ଠା ବ୍ୟାପୀ ଏକ ପ୍ରବନ୍ଧ ଲେଖିଥିଲେ । ମୁସଲିମ୍ ମାନଙ୍କୁ ନେଇ "ପାକସ୍ଥାନ" ନାମକ ଏକ ଅଲଗା ଦେଶ ଗଢାଯିବା ଉଚିତ ବୋଲି ସେଥିରେ ସେ ଉଲ୍ଲେଖ କରିଥିଲେ । ମୁସଲିମ୍ ଲିଗ୍ ଏହି ପ୍ରସ୍ତାବକୁ ଗ୍ରହଣ କଲା ଏବଂ ୧୯୪୦ ମସିହାରେ ସମସ୍ତଙ୍କୁ ତାଜୁବ୍ କରିଦେଇ ଜିନ୍ନା ସ୍ୱତନ୍ତ୍ର ପାକସ୍ତାନ ଗଠନର ଆହ୍ୱାନ ଦେଲେ । ୨୩.୦୩.୧୯୪୦ ରେ ଲାହୋର ମୁସଲିମ୍ ସମ୍ମିଳନୀରେ ଏହା ନିଷ୍ପତ୍ତି ହେଲା

ଯେ – ଭାରତର ପଶ୍ଚିମରେ ଥିବା ପଞ୍ଜାବ, ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳ, ବେଲୁଚସ୍ଥାନ, ସିନ୍ଧ କୁ ନେଇ ଏବଂ ପୂର୍ବପଟେ ବେଙ୍ଗଲ ଓ ଆସାମକୁ ନେଇ ପାକସ୍ଥାନ ଗଠନ ହେବ । ଗାନ୍ଧୀ ତଥା କଂଗ୍ରେସର ଅନ୍ୟ ମୁସଲିମ୍ ନେତାଙ୍କ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଜିନ୍ନା କହିଲେ – "ଆମେ ଆମର ସମସ୍ତ ଧାର୍ମିକ, ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବଜାୟ ରଖି ଏକ ସ୍ୱତନ୍ତ୍ର ଭୂଖଣ୍ଡର ସ୍ୱାଧୀନ ଅଧିବାସୀ ହେବାକୁ ଚାହୁଁ ।" ୧୯୪୩ ମସିହାରେ ଲର୍ଡ ୱେଭଲେ ନାମକ ଜଣେ ଭଦ୍ରଲୋକ ଭାଇସ୍ ରାୟ ହୋଇ ଆସିଲେ । ତାଙ୍କ ଆଗରେ ଦୁଇଟି ଦାବୀ ଥିଲା । କଂଗ୍ରେସ କହୁଥିଲା – ଭାରତ ଛାଡ, ମୁସଲିମ୍ ଲିଗ୍ କହୁଥିଲା – ବିଭାଜନ କର ଓ ଭାରତ ଛାଡ । ୱେଭଲେ ମହାଶୟ ଶେଷ ପର୍ଯ୍ୟନ୍ତ ବିଭାଜନକୁ ରୋକିବାକୁ ଚାହୁଁଥିଲେ । କିନ୍ତୁ ଇଂଲଣ୍ଡରେ ଚର୍ଚ୍ଚିଲ ତାହା କରିବାକୁ ଦେଲେ ନାହିଁ ।

ସବାଶେଷରେ ଆସିଲେ ମାଉଣ୍ଟବେଟନ୍ । ୧୯୪୬ ଅଗଷ୍ଟରେ ମୁସଲିମ୍ ଲିଗ୍ ର ପ୍ରତ୍ୟକ୍ଷ କାର୍ଯ୍ୟକ୍ରମ ଡାକରାରେ କଲିକତାରେ ଦଙ୍ଗା ଲାଗିଗଲା ଓ ଗୋଟିଏ ଦିନରେ ୬୦୦୦ ଲୋକ ମରିଗଲେ । ସାରା ଦେଶରେ, ବିଶେଷକରି ପଞ୍ଜାବରେ ଏହି ସାଂପ୍ରଦାୟିକ ଦଙ୍ଗା ଭୀଷଣ ରୂପ ନେଲା । ଭାରତ ବିଭାଜନ ହେବାର ନିଷ୍ପତ୍ତି ନିଆଗଲା – କିନ୍ତୁ ଜିନ୍ନାଙ୍କ ପରିକଳ୍ପିତ ପାକସ୍ଥାନ ଗଠନ ହେଲାନାହିଁ । ହିନ୍ଦୁ ବହୁଳ ପଞ୍ଜାବର ଅଧା ଓ ବଙ୍ଗଳାର ଅଧା ଭାରତରେ ରହିଲା । ଜିନ୍ନା ଏହାକୁ "ଘୁଣଖିଆ ପାକସ୍ଥାନ" ବୋଲି କହିଲେ – କିନ୍ତୁ ଅନନ୍ୟୋପାୟ ହୋଇ ତାହାକୁ ଗ୍ରହଣ କରିବାକୁ ବାଧ୍ୟ ହେଲେ ।

ଗାନ୍ଧୀ ଏହି ବିଭାଜନକୁ ତୀବ୍ର ବିରୋଧ କରୁଥିଲେ । ଚତୁର ମାଉଣ୍ଟବେଟନ୍ ଜାଣିଶୁଣି ଗାନ୍ଧୀଙ୍କୁ ଦୂରେଇ ଦେଉଥିଲେ ଓ ନେହେରୁ, ପାଟିଲଙ୍କ ଭଳି ତୁଙ୍ଗ ନେତାଙ୍କୁ ବିଭାଜନର ଆବଶ୍ୟକତା ବିଷୟରେ ହୃଦୟଙ୍ଗମ କରାଉଥିଲେ । ବିଭାଜନ ପୂର୍ବରୁ ମାଉଣ୍ଟବେଟନ୍ କହିଥିଲେ – "ଏହା ଏକ ଚରମ ପାଗଳାମି । ଉଗ୍ର ସାଂପ୍ରଦାୟିକତା ଓ ଧାର୍ମିକ ଅନ୍ଧତ୍ୱ ଛଡା ଅନ୍ୟ କୌଣସି ବ୍ୟକ୍ତି ବା ପରିସ୍ଥିତି ମତେ ଏହା କରିବାକୁ ବାଧ୍ୟ କରୁନାହାନ୍ତି, ମୋ ପାଇଁ ଅନ୍ୟ ରାସ୍ତା ମଧ୍ୟ ନାହିଁ । ଏହି ବିଭାଜନ ପାଇଁ ସାରା ପୃଥିବୀ ଭାରତୀୟଙ୍କୁ ଉତ୍ତରଦାୟୀ କରିବ ଏବଂ ଦିନ ଆସିବ ସମସ୍ତେ ଏହି ଐତିହାସିକ ଭୁଲ ପାଇଁ ପଶ୍ଚାତାପ କରିବେ ।"

ଗାନ୍ଧୀ ସେତେବେଳେ କହିଥିଲେ - "ବିଭାଜନକୁ ଯେ କୌଣସି ମୂଲ୍ୟ ଦେଇ ରୋକାଯିବା ଦରକାର। ଯଦି ତାହା ନକରାଯାଏ ସମସ୍ତଙ୍କୁ ପଶ୍ଚାତାପ କରିବାକୁ ପଡିବ ଏବଂ ମୂଲ୍ୟ ଦେବାକୁ ପଡିବ ।" ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ରାତିରେ - ନଜର କଛି ହିନ୍ଦୁ ଓ ମୁସଲିମ୍ ସତ୍ୟାଗ୍ରହୀଙ୍କ ସହ ଗାନ୍ଧୀ ଥିଲେ ଦିଲ୍ଲୀର ୧୫୧ ବେଲିଆଘାଟ ରୋଡ କଡେ ଏକ ଅଖ୍ୟାତ କୁଟୀରରେ। ଏହି ବିଭାଜନ ଓ ସ୍ୱାଧୀନତାକୁ ଗାନ୍ଧୀ ସ୍ୱୀକାର କରୁନଥିଲେ। ତାଙ୍କ କୁଟୀରରେ ଗୋଟିଏ ବି ଦୀପ ବା ମହମବତୀ ଜଳୁନଥିଲା । ଠିକ୍ ମଧ୍ୟରାତ୍ରୀ ବେଳକୁ ଭାରତ ଯେତେବେଳେ ଜାଗ୍ରତ ହେଉଥିଲା ଜୀବନ ଓ ମୁକ୍ତିକୁ ନେଇ, ଗାନ୍ଧୀ ସେତେବେଳକୁ ଗଭୀର ନିଦ୍ରାରେ ଶୋଇ ଯାଇଥିଲେ। ଷ୍ଟିଲ ଫ୍ରେମ୍ ଲଗା ଚଷମାଟି ସନ୍ଧ୍ୟାକାଳୀନ ପ୍ରାର୍ଥନା ବେଳୁ "ଗୀତା" ଉପରେ ସେମିତି ରହି ଯାଇଥିଲା।

ଶ୍ରୀ ଅରବିନ୍ଦ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏଭଳି ଏକ ପ୍ରଚଣ୍ଡ ବ୍ୟକ୍ତିତ୍ୱ ଥିଲେ ଯେ ସମୟକ୍ରମେ ତାଙ୍କର ଦୁଇଟି ବିପରୀତ ଧର୍ମୀ ପ୍ରତିଧ୍ୱନୀ ରୂପେ ଦୁଇଜଣ ମହାନାୟକ ଆବିର୍ଭାବ ହୋଇଥିଲେ - ଗାନ୍ଧିଜୀ ଓ ସୁଭାଷ ବୋଷ । ବୋଧେ ଏହି ମହାନାୟକଙ୍କ ଭାରତ ସ୍ୱାଧୀନତା ପ୍ରତି ଅବଦାନକୁ କୌଣସି ଗୋଇନ୍ଦା ସୂତ୍ରରୁ ବା ବୁଦ୍ଧିଜୀବିଙ୍କ ସୂତ୍ରରୁ ଖବର ପାଇ ମାଉଣ୍ଟବେଟନ୍ ତାଙ୍କ ଜନ୍ମ ଦିନକୁ ସ୍ୱାଧୀନତା ଦିବସ ରୂପେ ଘୋଷଣା କରିଥିଲେ। ସ୍ୱାଧୀନତା ଦିବସରେ ସମଗ୍ର ଭାରତବାସୀଙ୍କ ପାଇଁ ଶ୍ରୀ ଅରବିନ୍ଦଙ୍କ ବାର୍ତ୍ତା ତ୍ରିଚନାପଲ୍ଲୀର ରେଡିଓ ଷ୍ଟେସନ୍ ରୁ ପ୍ରଚାର କରାଯାଇଥିଲା । ସେ ଭବିଷ୍ୟବାଣୀ କରୁଥିଲେ - "ବିଭାଜନ ସଂପୂର୍ଣ୍ଣ ଭାବେ ଏକ ଅବସ୍ତବ ସତ୍ୟ। ଭବିଷ୍ୟତରେ ପାକସ୍ଥାନ ବୋଲି କୌଣସି ଦେଶ ରହିବନି ଓ ପୂର୍ଣ୍ଣାଙ୍ଗ ଭାରତ ନିଶ୍ଚିତ ଭାବେ ଗଠନ ହେବ।" ଏହି ଭବିଷ୍ୟତବାଣୀ କେବେ ସଫଳ ହେବ ତାହା ନିର୍ଭର କରୁଛି - ଏହି ବିଶାଳ ଉପମହାଦେଶରେ ରହୁଥିବା ଜନତାଙ୍କ ଚେତନା ଓ ଅଭୀପ୍ସା ଉପରେ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଦଶାବତାର
## (ରାଗ ଗୈଖ୍)



ଜୟନ୍ତୀ ଦେବୀ

ମୀନ ରୂପ ଧରି ହରି ଶଙ୍ଖାସୁର ବଧ କରି
ବେଦ ନେଇ ସମର୍ପିଲେ ଧାତାଙ୍କ କର ।
ପଦ୍ମଯୋନୀ ଖୁସି ହୋଇ ତୋଷ କଲେ ଭାବଗ୍ରାହୀ
କୁସୁମ ବର୍ଷଣ କଲେ ଶ୍ରୀହରି ଶିର ।
ବିଭୁ ହେଲେ ମତ୍ସାବତାର, ବ୍ରହ୍ମା ହରଇନ୍ଦ୍ର ବନ୍ଦନ୍ତି ଯା ପୟର ।୧।
କଚ୍ଛପ ରୂପକୁ ଧରି ପୃଷ୍ଠେ ବହି ମେରୁଗିରି
ଦେବାସୁର ବିବାଦରେ ଭାର୍ଗବୀ ବର ।
ବାସୁକୀକୁ କରି ଡୋରୀ ସାଗର ମନ୍ଥନ କରି
ପୀୟୂଷ ପରଶିଲେ ଦେବଙ୍କୁ ଶ୍ରୀଧର
ମୋହିନୀ କନ୍ୟା ସୁରେଶ୍ୱର, ମୋହିଲେ ଶିବଙ୍କ ମନ କମଳା ବର ।୨।
ବିଶାଳ ବରାହରୂପ ଧରି ହରି ବିଶ୍ୱବ୍ୟାପ
ଧରଣୀ ନେଇ ବସାଇ ଦନ୍ତାଗ୍ର ପର
ହିରଣ୍ୟ ଓ ହୀରଣାକ୍ଷ ବଧିଲେ ସେ ପଙ୍କଜାକ୍ଷ
ପଦ୍ମାଳୟା ବସାଇଲେ କନ୍ଧ ଉପର
ଲକ୍ଷ୍ମୀ ବରାହ ରୂପ ସାର, ପ୍ରସାର ଲଭିଲା ପରା ଅବନୀପର ।୩।
ବାମନ ରୂପେ ଶ୍ରୀହରି ବଳି ଦୁଆରେ ଭୀକାରୀ
ସାଜି ତିନିପାଦ ଭୂମି ମାଗି ତତ୍ପର ।
ବଳି ଗରବ ଖରବ କଲେ ହରି ରମାଧବ
ପେଶିଦେଲେ ନେଇ ତାକୁ ପାତାଳ ପୁର ।
ନାଭିରୁ ପଦେକ ବାହାର, କରି ବଳି ରାଜା ଶିରେ ଦେଲେ ଶ୍ରୀଧର ।୪।
ନରହରି ରୂପ ହୋଇ ଶ୍ରୀହରି କଳାକହ୍ନାଇ
ପ୍ରହ୍ଲାଦେ ଆହ୍ଲାଦିବାକୁ ସେ ଶ୍ରୀୟାକର
ହିରଣ୍ୟ ଦଇତବକ୍ଷ ବିଦାରି ପୁଣ୍ଡରୀକାକ୍ଷ
ଉପବୀତ କଲେ ଅନ୍ତ ନାଡିକୁ ପର ।

କଷଣ ହରି ଧରଣୀର, ନୃସିଂହ ରୂପେ ହୋଇଲେ ଖମ୍ବୁ ବାହାର ।୫।
ରାମ ଅବତାର ଧରି ପିତୃସଦ୍ୟ ପାଳିକରି
ରାବଣ କଲେ ନିଧନ ଜାନକୀ ବର ।
ସେତୁବନ୍ଧ ସ୍ଥାପି ରାମ ରାଘବ ପୁରୁଷୋତ୍ତମ
ସୀତା କଲେ ଉଦ୍ଧାରଣ ଶ୍ରୀ ରଘୁବୀର
ଶ୍ରୀରାମ ଅଯୋଧ୍ୟା ଠାକୁର, ଅହଲ୍ୟା କଲେ ତାରଣ ରଙ୍ଗାଅଧର ।୬।
ଜମଦଗ୍ନି ସୁତ ହୋଇ ପର୍ଶୁରାମ ରୂପେ ସେହି
ନିକ୍ଷେତ୍ରୀ କରିଲେ ଧରା ଏକବିଂଶ ବାର
ପିତାଙ୍କର ଆଜ୍ଞାମାନି ମାତାଭ୍ରାତା ଶିର ହାଣୀ
ପୁଣି ଜୀବନ୍ୟାସ ଦିଆଇଲେ ସତ୍ୱର
କଳାନେଇ ବୈଦେହୀ ବର, ବନକୁ ପେଶିଲେ ପର୍ଶୁରାମ ନିକର ।୭।
ବଳରାମ ଅବତାର ସେ ହଳ ମୂଷଳ କର
ସ୍ୱାଭାବେ ଅଗ୍ରଜ ସେହ୍ନ ଅନନ୍ତ ଶିର
ବଳେ ସେହି ବଳୀୟାର ଦେବ ରୋହିଣୀ କୁମର
ବଳଦେବ ନାମକ୍ଷାତ ସାରା ମହୀର
କାମପାଳ ରେବତୀବର, ବୋଲାଇଲେ ଜ୍ୟେଷ୍ଠଶ୍ରେଷ୍ଠ ଯୁଗ ଦ୍ୱାପର ।୮।
ବଉଦ୍ଧ ରୂପ ହୋଇଣ ଦୟାମୟ ନାରାୟଣ
ଭାଇଭଉଣୀ ବେନିଙ୍କୁ ସାଥିରେ ନେଇ
ଚତୁର୍ଦ୍ଧା ରୂପ ହୋଇଣ ସାଥେ ଚକ୍ର ସୁଦର୍ଶନ
ରହିଣ ସେ ନୀଳକନ୍ଦର, ଶ୍ରୀମନ୍ଦିରେ ମୋପ୍ୟକଲେ ଶ୍ରୀପଦକର ।୯।
କଳକୀ ରୂପ ହୋଇଣ କଳିଯୁଗେ ନାରାୟଣ
ରାମକୃଷ୍ଣ ରୂପେ ବିଶ୍ୱର ପର୍ଯ୍ୟଟନ
କଳାଧଳା ଅଶ୍ୱାରୋହୀ ବାରହାତ ଖଣ୍ଡା ନେଇ
ମ୍ଳେଛ କରିବେ ସଂହାର ବେନି ସୋଦର
ଧଳକଳା ରୂପ ତାଙ୍କର,
ଧରଣୀରେ ସଂସ୍ଥାପିବେ ଧ୍ୱଜା ଧର୍ମର ।୧୦।

ମାର୍ଫତ୍ - ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

# ଏ ଜୀବନ ଛନ୍ଦମୟ



ସଂଯୁକ୍ତା ସାହୁ

ଏ ଜୀବନଟା ଭାରି ଛନ୍ଦମୟ
ସମୟର ଅନାସକ୍ତ ଅବ୍ୟକ୍ତ
ପୁଣି ଆସକ୍ତର ନଇର ସୁଅରେ
ଯେଉଁ ଦୁର୍ବାର ଏକାନ୍ତର ବଞ୍ଚିବା
ବାଣ୍ଟି ବାଣ୍ଟି ନିଜ ଦୁଃଖର ଛାଇରେ
ଏମିତି ଫେରୁଥିବ ଆଉ ଯାଉଥିବ
ନିର୍ଜନତା ଆତ୍ମାର ଗୀତ ଗାଏ
ନିଜର କୃତକର୍ମର କର୍ମଫଳ ସବୁ
ଏଇ ସବୁଜ ସୁନ୍ଦର ଧରଣୀ ରେ
ଘଟଣା ଦୁର୍ଘଟଣାର ସାମ୍ନାସାମ୍ନି
କେତେ ଲୁହ ନିଭୃତରେ ଲୀନହୁଏ
କିଛି ସମ୍ବେଦନା ଅକୁହା ଆବେଶରେ
ହଜିଯାଏ ଏକାନ୍ତରେ, ନିଃଶବ୍ଦରେ
ଅନେକ ସଂଘାତର ଝଡଝଞ୍ଜାରେ
ଆଘାତମାନେ ରୂପାନ୍ତର ଦିଶୁଥିବେ
ବିଫଳତାର ବୈରାଗରେ ପରାସ୍ତ
ସୈନିକ ପରି ମର୍ମସ୍ପର୍ଶୀ ହେଉଥିବେ
ଏତେ ଘାତ ପ୍ରତିଘାତ ସହି ସହି ବି
ଜୀବନକୁ ଉପଭୋଗ କରିବାରେ
ଦୁର୍ବାର କାମନା ବାସନାକୁ ପିଇଯାଇ
ଝୁଣ୍ଟି ପଡୁଥାଉ ପଛେ ପୁଣି ଉଠି
ପଡି ମରୀଚିକାରେ ଧାଉଁ ଧାଉଁ
ବାରମ୍ବାର ଛନ୍ଦି ହୋଇ ପଡୁଥାଏ
ପ୍ରକୃତରେ ଏ ଜୀବନ ଛନ୍ଦମୟ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମ, ଜଗତସିଂହପୁର

# ଅଧୁରା ସ୍ୱପ୍ନ



ବୀରକଶୋର ନାୟକ

ଜୀବନ ଏମିତି ସ୍ୱପ୍ନରେ ଭାସେ
ଆଙ୍କେ କଳପନା ଛବି,
ସେଇଥିରେ ଭରା ଅସରା ଆହ୍ୱାନ
ରହିବାକୁ ତାକୁ ବଞ୍ଚି ।
ସପନ ନଥିଲେ ଜୀବନର ସ୍ୱାଦ
ବୁଝିହୁଏନାହିଁ କେବେ,
ପାଉ ବା ନପାଉ ହେଉ ବି ଅଧୁରା
କିଛି ବି ପୂର୍ଣ୍ଣତା ଲଭେ ।
ବଡ ହେବା ପାଇଁ ସପନ ଦେଖେ ସେ
ଆଶା ଗଢିବାକୁ ତାଜ,
ପ୍ରୀତିର ସ୍ମୃ ଝିରେ ଗଢିବାକୁ ଇଛା
ହୋଇ ଜଣେ ଅଧୀରାଜ ।
ପହିଲି ଯୌବନେ ଦେଖେ ସେ ସପନ
ସାଥିଟିଏ ଅନୁପମା,
କେତେ ଯେ ରଜନୀ ସ୍ୱପ୍ନ ଭରିଥାଏ
ଆସି ତାର ପ୍ରିୟତମା ।
କାହାର କଳ୍ପନା ସଫଳ ହୁଅଇ
କିଏ ଲଭେ ବିଫଳତା,
କାହା ଆକାଶରେ ଜୋଛନା ଖେଳଇ
କାହାପାଇଁ ଅମାବାସ୍ୟା ।
ତଥାପି ମଣିଷ ଭାଙ୍ଗିଯାଏ ନାହିଁ
ଅଧୁରା ସପନ ପାଇଁ,

ଏମିତି ଗଢ଼ା ଯେ ମଣିଷର ମନ
କେବେ ମରିଯାଏ ନାହିଁ ।
ସତେ କି ଯେମିତି ସ୍ୱଭାବ ତାହାର
ଭାଙ୍ଗି ବି ଗଢ଼ଇ ନୂଆ,
ପୂର୍ଣ୍ଣତା ଆଶାରେ ଧାଉଁଥାଏ ସଦା
ସପନ ତା ଅମାନିଆ ।
ଅଧୁରା ସପନ ହୋଇଥାଏ ସଦା
ସଫଳତା ପାଇଁ ସ୍ତମ୍ଭ,
ବିଫଳତା ଦିଏ ବିଜୟର ସ୍ୱାଦ
ମନେ ଭରି ଦୃଢ଼ ଦମ୍ଭ ।
କାହା କାହା ମନେ ଅଧୁରା ସପନ
କରଇ ଗଭୀର କ୍ଷତ,
ଜୀବନେ ଭରଇ ଅସହ୍ୟ ଯନ୍ତ୍ରଣା
ଚେଇଁ ଚେଇଁ ସେ ଅତୀତ ।
କାହା ଜୀବନରେ ଶତ ପ୍ରତିଶତ
ସ୍ୱପ୍ନ ହୁଏନାହିଁ ସତ୍ୟ,
ଅଧୁରା ସପନ ହୋଇଯାଏ କିଛି
ଦେଇ ଜୀବନେ ଆଘାତ ।

ଖଣ୍ଡବନ୍ଧ, ଢେଙ୍କାନାଳ

# ଈଶ୍ୱର ଅଛନ୍ତି



ସୁଷମା ପରିଜା

ଭୋର୍ ପାଞ୍ଚଟା ବେଳକୁ ଲ୍ୟାଣ୍ଡ ଫୋନ୍ ର ଲଗାତାର କର୍କଶ ରିଙ୍ଗ୍ ଟୋନ୍ ରେ ନିଦ ଭାଙ୍ଗିଥିଲା ସମସ୍ତଙ୍କର । ସମସ୍ତେ ନିଜ ନିଜର ଶୋଇବା ଘରୁ ଉଠି ଡ୍ରଇଁରୁମ୍ ରେ ପହଞ୍ଚିଲା ବେଳକୁ ଡ୍ୟାଡି ଫୋନ୍ ଉଠାଇ ସାରିଥିଲେ। ତାଙ୍କ ମୁହଁ କୁ ଲକ୍ଷ୍ୟ କଲେ ସ୍ପଷ୍ଟ ବୁଝି ହେଉଥିଲା ସେପଟରୁ କିଛି ଦୁଃସମ୍ବାଦ ଆସିଛି । ସଦା ଗମ୍ଭୀର ଡ୍ୟାଡି ମୁହଁ ତଳକୁ ପୋତି ବେଡ୍ ରୁମ୍ କୁ ପଶୁ ପଶୁ ଅସ୍ପଷ୍ଟ ସ୍ୱର ରେ ଗୁଣୁଗୁଣେଇଲେ "ସଦେଇ ଚାଲିଗଲା"। ପ୍ୟାଣ୍ଟ୍ ସାର୍ଟ୍ ପିନ୍ଧି ତରତରରେ ଘରୁ ବାହାରିଗଲେ ଡ୍ୟାଡି । ବୋଧହୁଏ ସଦେଇ ର ଘରକୁ ଗଲେ କି କ'ଣ । ସିଲୁ ବୁଝି ପାରୁ ନଥିଲା ସେ ଖୁସି ହେବ ନା ଦୁଃଖ କରିବ ନା ଗୋଟାଏ ଶାନ୍ତି ର ନିଶ୍ୱାସ ପକାଇବ। ବେଡ୍ ଉପରେ ଚିତ୍ ହୋଇ ପଡି ସେ କେବଳ ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଥିଲା ଘରର ଛାତକୁ।

ତା' ଆଖିରେ ଦିଶି ଯାଉଥିଲା ସଦେଇ ର ମୁହଁ । ଡ୍ୟାଡି ବାହାରେ ଚାକିରୀ କରୁଥିବାରୁ ପିଲାଦିନୁଁ ମାମୁଁ ଘରେ ରହୁଥିଲେ ସେମାନେ, ଉଚ୍ଚ ପଦାଧିକାରୀ ଅଜାଙ୍କର ଅର୍ଥ ପ୍ରତିପତ୍ତି କେଉଁଥିରେ ଅଭାବ ନଥିଲା, ମମ୍ମି ମଧ୍ୟ ଚାକିରୀ କରୁଥିଲେ । ଅଜାଙ୍କ ଘରେ ଦୁଇ ଜଣ ଅଡର୍ଲି, ଜଣେ ଡ୍ରାଇଭର । ସିଲୁ ବୋଧହୁଏ ଦୁଇ ବର୍ଷର ହୋଇଥିଲା ସତର ବର୍ଷ ର ସଦେଇ ଆସିଥିଲା ଅଜାଙ୍କ ଘରେ କାମ କରିବା ପାଇଁ । ମାମୁଁ ଘରେ ସିଲୁ ଆଉ ବଣ୍ଟି ଙ୍କ ବ୍ୟତୀତ ଛୋଟ ପିଲା ନଥିଲେ, ତେଣୁ ଖୁବ୍ ଗେହ୍ଲା ରେ ବଢୁଥିଲେ ଭାଇ ଭଉଣୀ । ଅଜା ଙ୍କ ଅବସର ପରେ ସରକାରୀ ସୁଖ ସୁବିଧା ଚାଲିଗଲା। ଏବେ ସଦେଇ ହାତରେ ଘର କାମ କରିବା ସହିତ ପିଲାମାନଙ୍କ ଦାୟିତ୍ୱ ପଡିଲା। ସିଲୁ, ବଣ୍ଟି ଙ୍କୁ ଖୁଆଇବା ଗାଧୋଇବା, ଏମିତିକି ତାଙ୍କର ଝାଡା ପରିଶ୍ରା ସଫା କରିବା ଇତ୍ୟାଦି କାମ ମଧ୍ୟ ନିର୍ବିକାର

ଭାବରେ କରୁଥିଲା ସଦେଇ। ସିଲୁ ଛଅ ବର୍ଷର ଆଉ ବଣ୍ଟି ଦୁଇ ବର୍ଷର ହେଲା ବେଳକୁ ଅଜା ଚାଲିଗଲେ। ସାମ୍ରାଜ୍ୟ ଭୁଷୁଡି ପଡିଲା ତା' ସହିତ ଅନୁଶାସନ ମଧ୍ୟ।

ସେତେବେଳକୁ ସିଲୁ ସ୍କୁଲ୍ ଯାଉଥାଏ। ଛୋଟ ଝିଅ ସିଲୁ ଅନୁଭବ କଲା ଏବେ ସଦେଇ ଖୁବ୍ ଗେହ୍ଲା କରୁଛି ତା'କୁ, ନିଇତି ଚକୋଲେଟ୍ ଦେଉଛି ତା' ସହିତ ବେଳେ ବେଳେ ସଦେଇ ଏମିତି କିଛି କାମ କରୁଛି ଯାହା ତା'କୁ ଭଲ ଲାଗୁନି। ହୁଏତ ତାହା ସଦେଇ କୁ ଭଲ ଲାଗୁଛି । ସଦେଇ ତା'କୁ କେବେ ଚକୋଲେଟ୍ ତ ଆଉ କେବେ ପେଡା ଦେଇ ତା'କୁ ବାରଣ କରୁଛି ସେ କଥା କାହାକୁ ନକହିବା ପାଇଁ । ଚକୋଲେଟ୍ କୁ ଖୁବ୍ ଲୋଭ ସିଲୁର । ସେଇ ପେଡା, ଚକୋଲେଟ୍ ର ମୋହରେ ସିଏ ଚୁପ୍ ରହିଲା। କ'ଣ ଘଟୁଛି ତା' ସହିତ ସିଲୁ ବୁଝି ପାରୁନଥିଲା ହେଲେ ଧୀରେ ଧୀରେ ତା'ର ଆଦତରେ ପଡିଗଲା ସଦେଇର ସେ ଭଲ ପାଇବା। କ୍ରମେ କ୍ରମେ ବଡ ହେଉଥିଲା ସିଲୁ, ଧୀରେ ଧୀରେ ଜାଣି ପାରୁଥିଲା ସଦେଇ ଯାହା କରୁଛି ସିଏ ଭଲ କାମ ନୁହେଁ କିନ୍ତୁ ସେ ବାରଣ କଲେ ଏବେ ସଦେଇ ଧମକ ଦେଉଥିଲା କାହାକୁ ଏ ବିଷୟରେ କିଛି କହିଲେ ସେ ବଣ୍ଟି କୁ ଜୀବନରୁ ମାରିଦେବ। ଭୟ ରେ ଚୁପ୍ ରହୁଥିଲା ସିଲୁ। ତା'କୁ ଆଉ ସଦେଇ ମୋଟେ ଭଲ ଲାଗୁନଥିଲା କିନ୍ତୁ ପରିବାର ଲୋକ ମାନଙ୍କର ତା'ପ୍ରତି ଥିବା ବିଶ୍ୱାସ କୁ ଦେଖି କାହାକୁ କିଛି କହିବାର ସାହସ ମଧ୍ୟ ଜୁଟେଇ ପାରୁନଥିଲା । ବାଧ୍ୟ ହୋଇ କଷ୍ଟ ସହୁଥିଲା । ଅନ୍ୟ ପୁଅ ମାନଙ୍କୁ ଦେଖିଲେ ତା'କୁ ଲାଗୁଥିଲା ସେମାନେ ବି ସଦେଇ ଭଳି ଆଚରଣ କରିବେନି ତ' ! ସେ ଡରି ଯାଉଥିଲା, କ୍ଲାସ୍ ରେ ମଧ୍ୟ ପୁଅ ସାଙ୍ଗ ମାନଙ୍କ ସହିତ ମିଶି ପାରୁନଥିଲା, ବନ୍ଧୁ ବାନ୍ଧବ ରେ ମଧ୍ୟ ପୁଅ ମାନଙ୍କୁ ଦେଖିଲେ ଭୟ ଲାଗୁଥିଲା ତା'କୁ । ହଠାତ୍ ଦିନେ କ'ଣ ହେଲା କେଜାଣି ସଦେଇକୁ ମାମୁଁ ଘରୁ ବାହାର କରିଦେଲେ। ସେ ଯାଇ ରହିଲା ନିଜର ଗାଆଁ ରେ। ସିଲୁ ଆଶ୍ୱସ୍ତ ହେଲା। ଦୁଃସ୍ୱପ୍ନ ଭଳି ଭୁଲି ଯାଇଥିଲା ସେ ଘଟଣା ସବୁ।

ୟା ଭିତରେ ଅନେକ ଦିନି ବିତି ଯାଇଛି। ସିଲୁ ଏବେ ବଡ ହୋଇଛି, ସବୁ ବୁଝି ପାରୁଛି। ସଦେଇ ର ସେ ଆଚରଣକୁ ମଧ୍ୟ ପାପ ବୋଲି ଜାଣୁଛି । ସିଲୁ ମନରୁ ସଦେଇ ଅଧ୍ୟାୟ ଲିଭି ଆସିବା ବେଳକୁ ଦିନେ ଆଇ ଫୋନ୍ କଲେ। ଜାଣିଲୁ ସିଲୁ, ଏଇ ଆଠ ଦିନ ତଳେ ସଦେଇ ର ଘରୁ ଖବର ଆସିଥିଲା ସଦେଇ ଗୁରୁତର ଅସୁସ୍ଥ, କିଛି ଆର୍ଥିକ ସାହାଯ୍ୟ ଦରକାର। ପୁରୁଣା ମାଲିକ ହିସାବରେ ମୁଁ ହଜାରେ ଟଙ୍କା ପଇସା ପଠାଇଦେଇଛି ତାଙ୍କ

ଘର ଠିକଣା ରେ। ଆଉ କ'ଣ ଆଗ କଥା ଅଛି ନା' ମୋ' ପାଖରେ ଅର୍ଥ ବଳ ଅଛି? ଈଶ୍ୱର ଭଲ କରି ଦିଅନ୍ତୁ ସଦେଇ କୁ"। ସିଲୁ ମନେ ମନେ ଭାବୁଥିଲା ଈଶ୍ୱର କ'ଣ ତା'ହେଲେ ସଦେଇ ପାପ ର ଦଣ୍ଡ ଦେବେ ନି ? ସେ ଚାଲିଯିବ ସେମିତି ?

ତା'ପରେ ଆଉ କିଛି ଖବର ନଥିଲା । ଆଜି ଆଇ ସଦେଇ ର ମୃତ୍ୟୁ ଖବର ଦେଇଛନ୍ତି, ଖୁବ ଯନ୍ତ୍ରଣାଦାୟକ ମୃତ୍ୟୁ ପାଇଛି ସଦେଇ । ସିଲୁ ଭାବୁଥିଲା ଈଶ୍ୱର ବୋଲି କେହି ଜଣେ ନିଶ୍ଚିତ ଭାବରେ ଅଛନ୍ତି । କେହି ନ ଦେଖିଲେ କି ନ ଜାଣିଲେ ବି ସବୁ ପାପର ଦଣ୍ଡ ସେ ନିଶ୍ଚୟ ଦିଅନ୍ତି ।।

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

# ମୋତେ ଭୁଲିଗଲ କି



ସ୍ୱର୍ଣ୍ଣପ୍ରଭା ଖଟୁଆ

ଅହରହ ଗର୍ଜନ
ଆଜିର ତାଜା ଖବର
ଅନ୍ୟାୟର ବିଲୋପ
ନ୍ୟାୟର ବିଜ ରୋପଣ
ଖବର କାଗଜର ହେଡଲାଇନ୍
ଫେସବୁକ୍
ଟେଲିଭିଜନ ସବୁଠି
ଆର୍ତ୍ତଚିତ୍କାର
ନ୍ୟାୟ ପାଇଁ
ଅନବରତ ପ୍ରଚେଷ୍ଟା
କେବଳ କାନ ନିକଟରେ
ବିରତି ନେଇଛି
ଏ ବାର୍ତ୍ତା
ଶାସକ ଶାସିତ
ସମସ୍ତେ ଏଠି
ଆତ୍ମସ୍ୱାର୍ଥରେ ଜୁଡୁବୁଡୁ
ଫାଙ୍କା ଆୱାଜ
ଶୁଣି ଶୁଣି ବଧିର

ସାଜିଲେଣି ପୀଡିତା
କାନଶୁଣା କାହାଣୀ
ଅକ୍ଷରର ସାହାରା ନେଇ
ଆଖିଯାଏ ପହଞ୍ଚି
ଚାଲିଛି ବାରବାର
କିନ୍ତୁ
ରଙ୍ଗମଞ୍ଚ ଆଜିବି ଶୂନ୍ୟ
ନାୟିକା ମୃତ
ନାୟକ ସ୍ୱାର୍ଥଲୋଭୀ କୁସଂସ୍କାରୀ
ସମାଜର କୁମ୍ଭୀରକାନ୍ଦଣା
ଖଳନାୟକ ଏଣ୍ଡୁଅପରି
ବଦଳେଇ ଚାଲିଛି ସାତରଙ୍ଗ… ॥

ସାହାସପୁର (ତୁରଙ୍ଗ), ଜିଲ୍ଲା -ଯାଜପୁର
(ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
କେନ୍ଦୁଝରରେ ଓଡିଆ ଭାଷାସାହିତ୍ୟରେ ଗବେଷଣାରତ )

# ପରିଚୟ



ଡଃ ଅଭିମନ୍ୟୁ କାନୁନଗୋ

ସନ୍ତାନେ ପାଳନ ପୋଷଣ ଯେହ୍ନୁ କରଇ ।
ଉଚିତ ଶିକ୍ଷା ଆବର ପୁତ୍ରେ ପ୍ରଦାନଇ ।୧।

ସନ୍ତାନ ହୀତ କାରଣ ପିତା ଅଟେ ଜାଣ ।
ଗଠନେ ଜୀବନ ସନ୍ତାନର ସେ ପ୍ରଧାନ ।୨।

ଯେ ପିତା ଆଜ୍ଞା ପାଳନ କରଇ ସେ ପୁତ୍ର ।
ଇହଲୋକେ ପରଲୋକେ ସେ ସାଧଇ ହୀତ ।୩।

ପୁତ୍ର ସେ ଯେ ପିତା ଆଜ୍ଞା କରଇ ପାଳନ ।
ପିତାମନ ଜାଣି କରଇ ତାହା ପୂରଣ ।୪।

ଯେ ବିଶ୍ୱାସ ଘାତକତା ନକରେ ସେ ମିତ୍ର ।
ମିତ୍ର ସୁଖ ଦୁଃଖ କାଳେ ସଦା ଉପଗତ ।୫।

ପତିକୁ ଯେ ଦୁଃଖି କରେନାହିଁ ସେହି ପତ୍ନୀ ।
ସଦା ସେ ପତର ସୁଖକରଇ ସମ୍ପ୍ରତି ।୬।

ପତ୍ନୀ ସମ ମିତ୍ର ନାହିଁ ଏ ସଂସାର ।
ଦୟା ଭଳି ଧର୍ମ ନାହିଁ ଏହା ହେତୁ କର ।୭।

ଦୟାର ସ୍ୱରୂପ ଏକା ଅଟନ୍ତି ମାଧବ ।
ଦୟା ଶ୍ରେଷ୍ଠ ଧର୍ମ ବୋଲି ଜାଣ ହେ ସାଧବ ।୮ ।

ସ୍ୱାଧୀନତା ଭଳି ସୁଖ ନାହିଁ ଏ ଜଗତେ ।
ଗାର୍ହ୍ୟସ୍ଥ୍ୟ ଆଶ୍ରମ ଶ୍ରେଷ୍ଠ ଅଟଇ ଯୁବତେ ।୯ ।

ଶ୍ରେଷ୍ଠ ବନ୍ଧୁ ମିତ୍ର ଯେଣୁ ପତ୍ନୀଟି ଅଟଇ ।
ତେଣୁ ପତ୍ନୀ ସୁଖେ ସୁଖିଦୁଃଖେ ଦୁଃଖି ହୋଇ ।

ଗୃହସ୍ଥ ଜୀବନ ଗୋଟି ଆଦର ସୁଜନ ।
ଗୃହସ୍ଥାଶ୍ରମେ ରହିଣ ଅତିଥି ସେବନ ।୧୧ ।

ଅତିଥି ଅଟନ୍ତି ଯେଣୁ ଗୃହସ୍ଥର ସ୍ୱାମୀ ।
ଅତିଥି ପରମେଶ୍ୱର ପ୍ରଭୁ ଅନ୍ତର୍ଯ୍ୟାମୀ ।୧୨ ।

ପ୍ରସାର ଭାରତୀ (ଆକାଶବାଣୀ)

# ପ୍ରତିଶୃତି



ଆଦ୍ୟରଶ୍ମି କର

ମୁଁ ମୋ ପାଖକୁ ଖୁବ୍ ଶୀଘ୍ର ଫେରି ଆସିବାର
ପ୍ରତିଶୃତି ଦେଇ ଯାଇଥିଲି, ଯେ ଯାଇଥିଲି
ଅନେକ ବର୍ଷରୁ ଦ୍ୱନ୍ଦ୍ୱରେ ଥିବା ଓ ବିଶ୍ୱାଷ ଆଉ
ଜନ୍ମଜନ୍ମାନ୍ତରରୁ ବନ୍ଦୀ ପଡିଥିବା ମୋର ଆତ୍ମା ପାଖକୁ
ମୁଁ କାକର ବିନ୍ଦୁ ପାଲଟି ଗଲି, ମୋର ଆତ୍ମା ଆଉ ବିଶ୍ୱାଷ ପାଖରେ
ମୁଁ କିଛି କ୍ଷଣ ଲୁହର ବଗିଚାରେ ଶୋଇ ପଡିଲି
ତଥାପି ବି ମୁଁ ଡରିଲି ନାହିଁ, ନାଁ ସମାଜକୁ, ନାଁ ସମ୍ପର୍କକୁ
ଖୋଲିବାକୁ ପାଣ୍ଡୁରାର ବାକ୍ସ ପରି ଆତ୍ମାର ତାଲାକୁ
ହଜି ଯାଇଥିବା ନିଃଶ୍ୱାଷର ବିଶ୍ୱାଷକୁ
ମୁଁ ସମସ୍ତଙ୍କ ପାଖରେ ଠିଆହେଲି, କୃଶବିଦ୍ଧ ଯେଶସ୍ ଙ୍କ ପରି,
ମଜବୁତ୍ ଖୁଣ୍ଟ ପରି,
ଆସ, ଫିଟେଇ ଦେବା ଆଜି ସବୁ ବନ୍ଧୁତ୍ୱରୁ ବନ୍ଧନକୁ
ମୁଁ ଜିତିବାର ଯିଦ୍ ନେଇ ପ୍ରତିଶୃତି ପାଖେ ବନ୍ଧା ପଡିଥିବା ମନଟିଏ
ହାରିବାର ଘୃଣ୍ୟତାକୁ ରୋକିବାର ଇଚ୍ଛାଟିଏ,
ହାରିବାର ଘୂଣପୋକ କାଟି ସାରିଲାଣି ବାକି ପଡିଥିବା ଜୀବନର
ଅବଶିଷ୍ଟ ଆୟୁଷକୁ
ହେଉପଛେ ଟିକେ ଡେରି,
ଆତ୍ମା ବନ୍ଧନ ମୁକ୍ତ ହେଉ,
ମୋ ବଗିଚାର ନୂଆ ଗଛରେ ପତ୍ରଟିଏ କଅଁଳିଲା ପରି,
ମୋ ବିଶ୍ୱାଷ, ମୋ ବଗିଚାର ଫୁଲଘଛ ପରି ସୁନ୍ଦରତାରେ
ବିଞ୍ଚି ହୋଇଯାଉ "ବିବେକ୍" ର ଚାଦରରେ ।

ସୁନ୍ଦରପଦା, ଭୁବନେଶ୍ୱର, ଓଡିଶା

# ମାତୃଭୂମି ବୀର



ପୂର୍ଣ୍ଣଚନ୍ଦ୍ର ରଣା

ଜନ୍ମ ଜନ୍ମାନ୍ତ
ମାତୃକା ସଦା ନମନୀୟ
ପୁଷ୍ପିତ ତା'ର ଚଲାପଥ
କଣ୍ଟକିତ ନୁହେଁ କେବେ
ପଦ ସ୍ପର୍ଶ ପଥ ତା'ର
ସେ ବୀରଷୁ
ଔରସରୁ ଜାତ ଶତକୋଟି ବୀର
ଯେଙ୍କେ ଉଜ୍ଜ୍ୱଳିତ କରିବାକୁ
ଜନନୀର ଭବିଷ୍ୟତ
ଅମୃତର ଧାର ପିଇ
ବୀର ହୋଇଛନ୍ତି ବଳିଷ୍ଠ
କରିବାକୁ ସଦା ଏ ମାତୃଭୂମିର ସେବା
ମାତୃକାର ବକ୍ଷେ ତ୍ରିରଙ୍ଗାର ଆବରଣ
ଅତି ଯେ ସୌନ୍ଦର୍ଯ୍ୟ
ସେ ଯେ ଉଡେ ଫରଫର
କେବଳ ସେ ପଣତ
ପରିଧାନ କରିବାକୁ
ମୋ ମାତୃଭୂମିର ଅଧିକାର
ମାତୃଭୂମିର ବୀର
ବୀରଷୁକୁ ରଖିଛନ୍ତି ହସ୍ତ ଆଞ୍ଜୁଳାରେ

ତା'ର ପାଦ ପୂଜା ପାଇଁ
ମାତା ମୋର ଅତି ଯେ କୋମଳ
ଆଉ କଣ୍ଠେ ତା'ର ବସନ୍ତ କୋକିଳ
ମିଠା ମିଠା ଭାଷା ତା'ର ଦିଏ କେତେ ଖୁସି
ସର୍ବ ଓଠେ ଭରେ ଅମୃତର ବିନ୍ଦୁ
ସେ ଜଗତ ଜନନୀ
ସେ ଚିର ବନ୍ଦିତା
ସଦା ବିଜୟିନୀ ସେ ଶତୃ ନାଶିନୀ
ମାତୃକାର ସେବା ନିମନ୍ତେ
ବୀର ଆମ ସଦା ଯେ ପ୍ରସ୍ତୁତ
ହସ୍ତେ ଧରି ଅସ୍ତ୍ରଶସ୍ତ୍ର
ଜନନୀ ବକ୍ଷରେ ହୋଇଗଲେ କ୍ଷତ
ବୀର ସନ୍ତାନ ତା'ର ହୁଏ ଯେ ଅଧର୍ଯ୍ୟ
ବାଜି ଲଗାଏ ନିଜ ଜୀବନକୁ
କ୍ଷତ ଭରିବାକୁ
ଆଉ ଏ ମାତୃଭୂମିକୁ ଚଖେଇବାକୁ
ଟିକେ ବିଜୟର ସ୍ୱାଦ ।

ହାଟସିଂହାପୁର, ଯାଜପୁର

# ମାଖନୁ ର ଜଡିବୁଟି



ଆଶୁତୋଷ ମେହେର

ସବୁ ଜିନିଷ ର ଗୋଟାଏ ଗୋଟାଏ ମଜା ଥାଏ । ତାକୁ ଖୋଜି ନେଇ ଜାଣିବା କଥା। ଆଉ ଏବକାର ଥଣ୍ଡା ପାଗରେ ଥଣ୍ଡାର ମଜାଦାର ମହକ ନିଆରା! ସେଇଟା ନେବା ପାଇଁ ତ ପ୍ରତୀକ ବୁଲିବାହାରିଛି ନୃସଂହନାଥ ର ମନ୍ଦିର ସାମ୍ନା ବଜାର ର ଭିଡ ଭିତରକୁ। ଏମିତି ତ ଏଇଠି ସୂର୍ଯ୍ୟ ଜଲଦି ଢଳି ପଡନ୍ତି ଉଚ୍ଚ ପାହଡ ଉହାଡରେ..ସନ୍ଧ୍ୟା ବେଳା ଥଣ୍ଡା ପଡେ ରିତିମତ। ଆଉ ତା ଉପରେ... ଏବେ ତ ଶୀତ ଦିନ । ଡିସେମ୍ବର ମାସର ବଢିଲା ଶୀତରେ ଥଣ୍ଡା ଟିକିଏ ବେଶୀ ଜଣା ପଡିଲେ ବି ତାକୁ ଉପଭୋଗ କରିବା ର ମଜା ଏକ ଦମ୍ ଅଲଗା। ସହରରେ ତ ଏ ସୁଯୋଗ ମିଳିବା ମୁସ୍କିଲ।

ବଣଜଙ୍ଗଲ ଘେରା ପରିବେଶରେ ଗୋଟାଏ ସାହିତ୍ୟ ଆସରରେ ଯୋଗ ଦେଇ ତାର ସାଙ୍ଗ ସବୁ ଫେରିଗଲେ ଯେ ଯାହା ବାଟରେ । ହେଲେ ସେ ରହିଗଲା। ତା ମନ ଡାକିଲା ରହିଯିବାକୁ... ଏଠିକାର ରାତିକୁ ଟିକିଏ ଭୋଗିବାକୁ। ଏମିତି ସୁଯୋଗ କଣ ମିଳେ ସହଜରେ !!

ସନ୍ଧ୍ୟାରେ ସାତଟା ପାଖାପାଖି ମନ୍ଦିରରେ ଆଳତୀ ଦେଖି ସାରିଲା ପରେ ସେ ହଜିଗଲା ମନ୍ଦିର ସମ୍ମୁଖ ମାହୋଲରେ।ଏଇଠି ସେଇଠି ସୁନ୍ଦର ସୁନ୍ଦର ଜଗା ଦେଖି କିଛି ସେଲ୍ଫି ବି ନେଇଗଲା ସ୍ମୃ ତିରଖିବାକୁ।

ଆଗରେ ରାସ୍ତା କଡ ଚା ଦୋକାନରେ ଗରମା ଗରମ କଫିରେ ଚୁସକି ମାରି ପ୍ରତୀକ ଦେଖୁଥିଲା ରାସ୍ତା ଦୁଇ କଡରେ ଲମ୍ବିଯାଇଥିବା ମନୋହାରୀ ଦୋକାନ ସବୁ ର ଝଲକ। ଏଲଇଡି ଲାଇଟ ର ଚକମକ ଆଲୁଅରେ ଝଟକୁଛି ପିଲାଙ୍କ ଖେଳନା ସହ ଆଉ କେତେ

ଘରକରଣା ଜିନିଷ। ସେ ସବୁ ପିଲାଙ୍କ ଆଉ ତୀର୍ଥଯାତ୍ରୀଙ୍କ ଆକର୍ଷଣ ର ଜିନିଷ... ତା ମନ କୁ ବା ଆସିବ କୁଆଡୁ ?

କଫି ର ପଇସା ଦେଇ ସାରି ସେ ଠିକ କଲା ଘେରେ ଆଗକୁ ବୁଲି ଆସିଲେ ଭଲ ହୁଅନ୍ତା। ମଫଲର୍ ଟା ବେକରେ ଗୁଡାଇ ଦେଇ ବଢିଗଲା ସେ।

ଏତେ ଆଲୁଅ ଭିତରେ ଆଖିରେ ପଡିଲା ଛୋଟିଆ ଏକ ତାରପୁଲିନ ଭିଡା ଦେକାନକୁ। ଗୋଟାଏ ଛୋଟ ପୁରୁଣା ଖଟୁଲି ଉପରେ ବୁଢା ଜଣେ ବସି ବିକୁଛନ୍ତି କିଛି ବିଚିତ୍ର ଜିନିଷ ସବୁ। ତାଙ୍କ ସହରରେ ଏମିତି ଜିନିଷ ର ଦୋକାନ ମିଳିବା କଷ୍ଟ। ଆଗରୁ ସେ ଶୁଣିଥିଲା ପାଇକମାଳ ନୃସିଂହନାଥ ଅଞ୍ଚଳରେ ମିଳେ ବିଭିନ୍ନ କିସମର ଜଙ୍ଗଲି ଔଷଧ ଓ ଜଟିବୁଟି ସବୁ। ଏଇଟା ସେ ସବୁର ଦୋକାନ ବୋଧେ!

ତାକୁ ପାଖକୁ ଆସିବା ଦେଖି ବୁଢା ଜଣକ କହିଲେ... କଣା ଖୁଜୁଛ ଭାଏଲ ? ତୁମର ରୋଗ ବଇରାଗ ର କଥା କହ...ଆର୍ ମୁଇ କଡା ଓଷେ ଖୁଜିକରି ଦେମି। ଝଟ କରି ସଲଖି ଠିକ ହେଇ ଯିବା ସବୁ।

ପ୍ରତୀକ ବୁଝିଗଲା ଏଇଟା ସେ ମଉସାଙ୍କ ପ୍ରାକୃତିକ ଔଷଧାବଳୀ  ଜଡିବୁଟି ର ଦୋକାନ ଆଉ ସ୍ଥାନୀୟ ଭାଷାରେ କଥା ହେଉଛନ୍ତି ସେ। ସେ କହିଲା...ନାଇଁ ମଉସା ମୁଁ ତ ଏଠି ନୂଆଁ ଲୋକ। ବୁଲିବୁଲି ଦେଖୁଛି ଯାହା...ଏମିତି କିଛି କିଣିବାର ନାହିଁ।

....ହଁ ତେନେ ଦେଖ...ଇଟା ଗୁଟେ ଗଛର ଛାଲି..ଇଟାକେ ପଏନ୍ ଥିଁ ଫୁଟେଇ କରି ପାନେ ଦୁଇ ପାନ ପିଇ ଦେଲେ ପେଟର ସବୁ ବେମାରୀ ଏକଦମ୍ ଖତମ୍....ଆର୍ ଇଟା ଥଣ୍ଡା ଲସମ୍ ଜର୍ ହେଉଥିଲେ......

ଏମିତି କେତ କଥା କହି ଚାଲିଥିଲେ ବୁଢା ମଉସା ଜଣକ ନିଜ ସ୍ଥାନୀୟ ଭାଷାରେ। କୌତୁହଳ ମେଣ୍ଟାଉଥିଲା ପ୍ରତୀକ । ଅଧ ଘଣ୍ଟା ସମୟ ହେଲାଣି କେହି ଜଣେ ବି କିଛି କିଣୁ ନ ଥିଲେ ବି...ବୁଢା ମଉସା ଜଣକ ବଡ ଉତ୍ସାହରେ କରିଚାଲିଥିଲେ ନିଜ କାମ।

କାହାର ପାଦ ଶବ୍ଦ ଶୁଣି.... ବୁଲି ଚାହିଁଲା ପ୍ରତୀକ..କେହି ଅଜଣା....ପୁରୁଷ ସ୍ତ୍ରୀ ଦୁଇଜଣ ବଢି ଆସୁଥିଲେ ସେ ଦୋକାନ ପଟକୁ। ନୂଆଁ ବାହାସାହା, ଜଣାପଡୁଥିଲେ ତାଙ୍କ ଆବଭାବରୁ। ପୁରୁଷ ଟା ଚୁପଚାପ ଆସି ବୁଢା ମଉସାଙ୍କ କାନରେ ମୁହଁ ଲଗାଇ କଣ ସବୁ କହିଗଲା ନିଃଶବ୍ଦରେ। ବୁଢା ମଉସା ବି ଶୁଣି ଚାଲିଥିଲେ ମନ ଧ୍ୟାନ ଦେଇ। ସ୍ତ୍ରୀ ଲୋକ ଜଣକୁ ଟିକିଏ ଆଗକୁ ଠିଆ ହୋଇ ରହିଥିଲେ।

....ଚିନ୍ତା ନେ କର ବୁଆ। ମୋର ପାଖେ ଇଥିର ଲାଗି ବଢିଆ ଓଷୋ ଅଛେ। ଟିକେ ଟାକ.... ଖୁଜି କରି ଦେଉଛେଁ। ତିନ ମାସ ତକ ତୁମେ ଦୁହି ଝନ ଇତାକେ ସବୁ ଦିନେ ଗାଧି ପାଧି ସାରଲେ..ଦିନ ବେଲା ଥି ଖାଏବ...ଦେଖବ ଚାଏର୍ ମାସ୍ ଭିତରେ ଫଲ ନେ ଫଲଲେ ମତେ ଆସି କରି କହେବ। ମୋର ଦୁକାନ୍ ପଚାଶ ବଛର୍ ପୁରାନା। ଇ ଆଖେ ପାଖେ ମାଖନୁ ର ଜଡିବୁଟି ଦୁକାନ ବଏଲେ ସଭେଁ ମତେ ଚିନଭେ ଯେ!! ମୁଇଁ କାହାକେ ନିରାଶ ନେ କରି କେଭେ।

ସେ ଦେଖିଲା...ସେ ଛୋଟିଆ ଦୋକାନ ଭିତରେ ପଶି କଣ ସବୁ ଅଣ୍ଡାଳି ଆଣିଲେ ବୁଢା ମଉସା। ବଢାଇ ଦେଲେ ସେ ପୁରୁଷ ଙ୍କ ହାତକୁ। ପ୍ରତୀକ ଦେଖିପାରୁଥିଲା ପୁରୁଷ ଲୋକ ଟା ମୁହଁରେ ଅନେକ ସଂଭାବନା ର ଛାଇ। ପକେଟ ରୁ ବାହାର କରି ବୁଢା ମଉସାଙ୍କ ହାତରେ ଗୁଞ୍ଜି ଦେଲା ସେ, ପାଞ୍ଚଶ ଟଙ୍କିଆ ନୋଟ ଖଣ୍ଡେ। ବୁଢା ମଉସା ବି ଖୁସିରେ ଅଣ୍ଟାରେ ଗୁଞ୍ଜି ଦେଲେ ନୋଟ୍ ଖଣ୍ଡକୁ।

ପ୍ରତୀକ ଦେଖିଲା ହାତଘଣ୍ଟା ରେ ସମୟ ରାତି ଆଠଟା ପାଖାପାଖି।ଥଣ୍ଡା ବଢିଗଲାଣି।ରାସ୍ତାରେ ମଣିଷଙ୍କ ଭିଡ ବି ପତଳା ହେଲାଣି। ସେ ଫେରିବାକୁ ପ୍ରସ୍ତୁତ ଏବେ ତା ରହଣୀ ଯାଗାକୁ। ବୁଢା ମଉସା ବି ଛିଣ୍ଡା ପାଲ ଭିଡି, ତାଙ୍କ ଦୋକାନ ବନ୍ଦ କରିବାକୁ ଆରମ୍ଭ କରୁଥିଲେ ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ବର ୭୫୧୦୨୪

# ନୂଆ ବର୍ଷ



ସୁଲୋଚନା ବେହେରା

ପ୍ରାଚୀ ନଦୀ ତଟେ ଦିବାକର ଉଠେ
ଜଗତ ହସି ଉଠିଲା
ବିହଙ୍ଗ କାକଳି ଶଙ୍ଖ ହୁଳହୁଳି
ପାଦପ ସ୍ୱାଗତ କଲା ।

ନୀର୍ଝରିଣି ତାନ ମନ୍ଦାଳସେ ଜାଣ
ତଟିନୀ ଚଳ ଚଞ୍ଚଳ
ସକଳ ଜୀବନ ଉଲ୍ଲସିତ ମନ
ମୁଖର ଗ୍ରାମ ସହର ।

ନୂତନ ଭାବନା ନୂଆ ଉଦ୍ଦିପନା
ଆନନ୍ଦ ମାହୋଲ ଆଣି
ନୂଆ ବରଷରେ ନବୀନ ସୂରୁଜ
ଖୁସି ରେଣୁ ଯାଏ ବୁଣି ।

ସୁମନେ ବିଚାରି ସୁକର୍ମ ଆଦରି
ବଦଭ୍ୟାସ ଦେବା ଛାଡି
ଦୃଢ଼ ମନୋବଳେ ସନ୍ତୋଷ ଲଭିବା
ବିତୁ ବର୍ଷ ସୁଖେ ବୁଡ଼ି ।

ଦୟା ଧର୍ମ କ୍ଷମା ବାଜୁ ମନବୀଣା
ଦୁଃଖି ରଙ୍କିଠାରେ ସେବା
ସ୍ୱଚ୍ଛ ପ୍ରିତି ଥୋଇ ସ୍ନେହ ଶ୍ରଦ୍ଧା ଦେଇ
ଉଚ୍ଚ ନିଚ୍ଚ ଭୁଲିଯିବା।

ଗୁରୁ ପିତା ମାତା ମଣିବା ଦେବତା
ଭକ୍ତି ଅର୍ଘ୍ୟ ସମର୍ପିବା
ବିଭୁ ଚିନ୍ତନରେ ନିମଗ୍ନ ନିର୍ମଳେ
ସାଦରେ ଭାବ ଥୋଇବା।

ବଇଁଚୁଆ, ବାଳକାଟି, ଖୋର୍ଦ୍ଧା

# ଭାବନାର ଗନ୍ତାଘର



ଛବିରାଣୀ ପତି

ମହା ନାଟକରେ ମଣିଷ ଜୀବନ
ଭାବନାର ଗନ୍ତାଘର
କେବେ ଏଠି ଝରେ ଲୁହର ଶ୍ରାବଣୀ
କେବେ ପଡେ ସୁଖ ଝର ।

ଦଣ୍ଡେ ନିମିଷରେ ପୃଥିବୀ ଭ୍ରମଇ
ଏ, ଚଞ୍ଚଳା ଚଗଲା ମନ
ଜହ୍ନ ତୋଳି ଆଣି ଧରିବାକୁ ହାତେ
ଉଛର୍ନ ହୁଅନ୍ତି ଜନ ।

ପକ୍ଷୀରାଜ ଘୋଡ଼ା ଚଢିବାକୁ ସଦା
କରେ କେତେ ମନ ଆଶା
ମଙ୍ଗଳ ଗ୍ରହରେ ଜେଗାଟେ କିଣନ୍ତା
ଗଢ଼ିବାକୁ ଏକ ବସା ।

ଲଗାମ ହିନ ଏ' ମନ ଉଡ଼େ ବୁଡେ
ମାନେନା ଅନୁଶାସନ
ଶୁଖିଲା ସୁଖଦ ଦିବାସ୍ୱପ୍ନ ଦେଖି
ବୁଝାଏ ଅବୁଝା ମନ ।

ଦୁଃଖ ହାଟେ ବୁଲି କରେ ସୁଖ ସୌଦା
ଭାଙ୍ଗି ଶୃଙ୍ଖଳାର ବେଡି
ସୀମା ସରହଦ ଡେଇଁ ବାରମ୍ବାର
ମୃତ୍ୟୁ ଦ୍ୱାର ଯାଏ ଚଢି ।

ତେଣୁ ଆସ ଆମେ ସଞ୍ଜମତା ରଖି
ଗଢ଼ିବା ଭାବନା ରାଜ୍ୟ
କାୟ ମନ ବାକ୍ୟେ ସତ ଚିତ୍ ରଖିବା
ନ'କରି ନିଜକୁ ଭାଜ୍ୟ ।

ନିତି, ନିୟମ ଓ ଧର୍ମ, ସଂସ୍କାରରେ
ରଖି ନିଜ ପରିଚୟ
କଳ୍ପନା ଠୁଁ ଦୂର ଭାବନା ରାଜ୍ୟକୁ
କରବା ଅମୃତମୟ ।

ମଧଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୬୦

# ପହିଲି ଭୋଗ



ଅରୁଣ କୁମାର ମହାପାତ୍ର

ମହାପ୍ରଭୁଙ୍କର ପ୍ରଥମ ପସନ୍ଦ
ପହିଲି ଭୋଗ ନାମରେ
କାକରା ଅମାଲୁ ପ୍ରସ୍ତୁତ ହୁଅଇ
ପ୍ରତି ପ୍ରଭାତ ପ୍ରହରେ ।
ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି
ପ୍ରଭାତ ଦୁଆର ଫିଟା
ଗୋପାଳ ବଲ୍ଲଭ ଭୋଗ ପରେ ହୁଏ
ପହିଲି ଭୋଗ ବ୍ୟବସ୍ଥା ।
ମାଆ ଯଶୋଦାଙ୍କ ସ୍ନେହ ନିଦର୍ଶନ
ପହିଲି ଭୋଗ ରୂପରେ
ଧନୁ ମାସେ ହୁଏ ମନ୍ଦିରେ ପାଳିତ
ଭାବେ ସକାଳ ଧୂପରେ ।
ମାଆର ମମତା ଅଟଇ ଅତୁଲ୍ୟ
ମାଆ ପରଷା ତତ୍ ସମ
କି ବର୍ଣ୍ଣିବା ପ୍ରଭୁ ଅବତରି ମର୍ତ୍ତ୍ୟେ
କରନ୍ତି ଲୀଳା ଅସୀମ ।

ସକଳ ଜନଙ୍କ ମାନସ ପଟରେ
ହୁଅଇ ଭାବ ଉଦୟ
ପତ୍ନୀଙ୍କ ଅନୁପସ୍ଥିତିରେ ମାଆଙ୍କ
ହୃଦ ହୁଅଇ ଅଥୟ।
ଯଶୋମତି ମାଆ ସେ ଭାବରେ ବନ୍ଧା
ଲୋଭ ପୁତ୍ର କହ୍ନେଇରେ
ପ୍ରଭାତୁ ପରଷି ଦିଅନ୍ତି ହରଷେ
ନାନା ବିଧ ବ୍ୟଞ୍ଜନରେ।
ସେ ପହିଲି ଭୋଗ ପାଇଛି ଯେ ଥରେ
ଅଭୁଲା ତା ସ୍ମୃତି ସତେ
ଜୟ ଜୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ଚରଣକୁ ସଦା ଚିନ୍ତେ ।

# "ନବନାଟ୍ୟ ଅନ୍ଦୋଳନରେ 'ବାଦ' ର ପ୍ରୟୋଗ"

ଅଧ୍ୟାପକ ସୁବାଷ ବାରିକ

ମଣିଷ ମାତ୍ରକେ ପରିବର୍ତ୍ତନଶିଳ । ସମୟର ଗତିରେ ମଣିଷର ରୁଚ ଜୀବନଯାପନ ଶୈଳୀ ତା ସହିତ ସଭ୍ୟତାର ଅଗ୍ରଗତି ସହ ସାମାଜିକ ରୀତିନୀତିରେ ପରିବର୍ତ୍ତନ ହୋଇଥାଏ । ଫଳତଃ ସମାଜ ସାହିତ୍ୟରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳଥାଏ । ଆଲୋଚନା ପରିସର କୁ ଆଣୁଛି ସାମ୍ପ୍ରିତକ ତଥା ସ୍ୱାଧିନତାର ପରବର୍ତ୍ତୀ ସମୟରେ ଓଡିଆ ନବନାଟ୍ୟରେ ଯେଉଁ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଦେଖାଦେଇଥିଲା ତାହା ପ୍ରାଚୀନ କାଳରେ ପ୍ରଚଳତ ଯାତ୍ରା, ସୁଆଙ୍ଗ, ଦାଶ କାଠିଆ, ଲୀଳା ଆଦି ପାରମ୍ପାରିକ ଲୋକ ନାଟ୍ୟରୁ ପରିବର୍ତ୍ତନ ହୋଇ ନାଟକରୁ ପରବର୍ତ୍ତି ସମୟରେ ଅବସାଡ ନାଟକ ଆଡକୁ ଅଗ୍ରଗତି ହୁଏ । ବିଂଶ ଶତାବ୍ଦିରୁ ଷଷ୍ଠ ଦଶକରେ ନାଟକ ରୀତିନୀତି ସମ୍ପୂର୍ଣ୍ଣ ଭାବରେ ବଦଳଯାଏ ଯାହାକୁ ଉଦ୍ଭଟ ନାଟକ କୁହାଯାଏ । ସାଧାରଣତଃ ଅପାରମ୍ପାରିକ ନାଟକ ବୋଲି ବୁଝିଥାଉ । କେତେକ ଏହାକୁ ନବନାଟ୍ୟ ବୋଲି କହିଥାନ୍ତୁ । ଦାର୍ଶନିକ ମାଟି ଏସିଲିନ କୁହନ୍ତୁ– **"Absurd is that which is devoid of purposed,cut from religious metaphysical and transcendent roots. Man is lost all his action become senseless absurd, useless"** ସୁତାରଂ ପ୍ରଚଳତ ମୁଲ୍ୟବୋଧକୁ ଦୂରେଇଦେଇ ମନୁଷ୍ୟ ସମାଜର ସାଂସ୍କୃତିକ ମନୋଭୂମିର ଆବଶ୍ୟକତା ଓ ପ୍ରତିରୂପ ପ୍ରଦର୍ଶନ କୁ ଉଦ୍ଭଟ ଭାବରେ ଗ୍ରହଣ କରିଛି । ପୁନଶ୍ଚ ଆରଭିଂ ତାଙ୍କ **New EnglishDramatst** ରେ କୁହନ୍ତୁ –'ବାହ୍ୟ ଅପେକ୍ଷା ଅର୍ନ୍ତଜଗତର ରୂପଚନ୍ଦ୍ର କଥନ ଓ ପରିବେଷଣ ହିଁ ବକ୍ତବ୍ୟଧର୍ମି, ସାମୁଏଲଙ୍କ ଭଳ ଉଚ୍ଚାକାଂକ୍ଷି ନାଟ୍ୟକାର ଉଦ୍ଭଟ ନାଟକକୁ-ଶୁନ୍ୟବାଦୀ ନୈରାଶ୍ୟ ବୋଧକ୍ରାନ୍ତ ମଣିଷର ଅନ୍ତର୍ଗତ ଭବନାକୁ ଗ୍ରହଣ କରିଛନ୍ତୁ –**"Nothing is more real than nothing"**ନବନାଟ୍ୟଧାରାର ଆନ୍ଦୋଳନ ଉପରେ ଅନେକେ ମତ ମନ୍ତବ୍ୟ ଦେଇଥିଲେ ମଧ ତାର କ୍ରୟଦ୍ଂଶ ଏଠାରେ ଅବଗତି କରାଯାଇଛି ।

ଅପରନ୍ତୁ ନବନାଟ୍ୟ ଆନ୍ଦୋଳନର ପ୍ରତ୍ୟେକ ନାଟକକୁ ଉଉଙ୍ଗ ନାଟକ ଭାବରେ ଗ୍ରହଣ କରାଯାଇ ନପାରେ । ଓଡିଆ ନାଟ୍ୟକାରମାନେ ପାଶ୍ଚାତ୍ୟ ନାଟ୍ୟ ଶୈଳର ଅନୁଶରଣ କରି ପରୀକ୍ଷା ନରିକ୍ଷା କରିଥିଲେ ଫଳରେ ବହୁ ପରୀକ୍ଷା ଧର୍ମି ନାଟକ ରଚତ ହୋଇଛି । ଏହି ନବନାଟ୍ୟ ପୁରୋଧା ମାନଙ୍କ ମାଧରେ ଅଗ୍ରଗାମି ବାର୍ତ୍ତାବହ ରୂପେ ମନୋରଞ୍ଜନ ଦାଶ ବେଶ ପ୍ରତିଷ୍ଠିତ ବ୍ୟକ୍ତତ୍ୱ ସମସାମୟୀକ ନାଟ୍ୟକାର ଭାବେ ବଳରାମ ମିଶ୍ର, ଯଦୁନାଥ ଦାଶ ମହାପାତ୍ର, ବିଶ୍ୱଜିତ ଦାଶ, ରମେଶ ପାଣିଗ୍ରହି, ରତ୍ନାକର ଚଇନ, କାର୍ତ୍ତକ ଚନ୍ଦ୍ର ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏହି ନାଟ୍ୟକାର ବିଭିନ୍ନ ନାଟ୍ୟସଂସ୍ଥା ସହିତ ତଥା ସୃଜନୀ, ଏବଂ ଆମେ, ଫ୍ରେଣ୍ଡସ୍ ୟୁନୟନ, ଶତାବ୍ଦୀର କଳାକାର, ସଙ୍କେତ ଆଦି ନାଟ୍ୟସଂସ୍ଥା ସହିତ ନାଟକ ଗୁଡିର ପରୀକ୍ଷା ନରିକ୍ଷା କରୁଥିଲେ ।

ନବନାଟ୍ୟ ଗଣ ତାଙ୍କ ନାଟକ ଗୁଡିକରେ ଯାତ୍ରା ନାଟକ ଶୈଳୀକୁ ପ୍ରୟୋଗ କରୁଥିଲେ । କଥାବସ୍ତୁରେ ଘଟଣା ବା ସମସ୍ୟାର ସୂକ୍ଷ୍ମ ବ୍ୟାକ୍ଷା ଓ ବିଶ୍ଳେଷଣ କରି ଯାତ୍ରା ଶୈଳୀ ମାଧମରେ ପରିବେଶଣ କରାଇ ଦର୍ଶକର ଭାବଭୂମିକୁ ନାଟକ କରି ଅନୁକୁଳ କରୁଥିଲେ । ପୁନଶ୍ଚ ନାଟକ ଗୁଡିକ ନର୍ଦ୍ଧିଷ୍ଟ ସମୟରେ କଥାବସ୍ତୁରେ ସମୟ ହୀନତା ଟେକ୍ନକ ସାର୍ବଜନୀନ ଭାବ ସତ୍ୟକୁ ପ୍ରକାଶ କରି ଚରିତ୍ର ସୁକ୍ଷ୍ମ ମାନସିକ ଚନ୍ତାକୁ ମଞ୍ଚ ମଧରେ ପ୍ରକାଶ କରୁଥଲେ । ସମୟର ପ୍ରବାହମାନରେ ଏହି ନବନାଟ୍ୟଗଣ ତାଙ୍କର ନାଟକ ଗୁଡିକରେ ବିଭିନ୍ନ ପ୍ରକାର ବାଦର ବ୍ୟବହାର କରିଥିବା ଦୃଷ୍ଟି ଗୋଚର ହୋଇଥାଏ । ମୁଖ୍ୟତଃ ଏମାନେ ବାସ୍ତବବାଦୀ, ସ୍ୱଭାବବାଦୀ, ଅଭିବ୍ୟକ୍ତବାଦ, ସାଙ୍କେତିକ ବାଦର ପ୍ରୟୋଗ ଦେଖିବାକୁ ମିଳେ । ପ୍ରଥମତଃ, ମୁଁ ଆଲୋଚନା ପରିସରକୁ ବାସ୍ତବାଦ ବିଷୟରେ ବ୍ୟାକ୍ଷା କରୁଛି । ଏହି ବାସ୍ତବାଦ କହିଲେ ମନୁଷ୍ୟ ପାଇଁ ଯାହା ମଙ୍ଗଳ କର ତାହିହିଁ ବାସ୍ତବାଦୀ ଚେତନା ତଥା ବ୍ୟକ୍ତ ରଙ୍ଗ ମଞ୍ଚରେ ନଜର ଚରିତ୍ରକୁ ଦେଖିବାକୁ ପାଇଲା । ଏଠି ଦେଶର ଅବହେଳତ ଅସାହ୍ୟ ନରନାରୀ ର ମୁଖ୍ୟ ଚରିତ୍ର ଭାବରେ ପରିପ୍ରକାଶ କଲା ଯାହା ଫଳରେ ନାଟକରେ ଚତ୍ତାକର୍ଷକ କାହାଣୀ ପରିବର୍ତ୍ତେ ଜୀବନଚର୍ଚ୍ଚା ପ୍ରତି ଅଧିକ ଗୁରୁତ୍ୱ ଦିଆଗଲା । କାରଣ ଏହା ଏକମାତ୍ର ଲକ୍ଷ ହେଲା ସତ୍ୟର ଉଦ୍‌ଘାଟନ କରିବା । ବିଶ୍ୱ ଯୁଦ୍ଧର ପରବର୍ତ୍ତୀ ସମୟରେ ଏସବୁ ଚରିତ୍ର ଓଡିଆ ନାଟକରେ ଦେଖିବାକୁ ପ୍ରାୟତଃ ମିଳଲା । ଦ୍ୱିତୀୟତଃ– ସ୍ୱଭାବବାଦ କହିଲେ ବାସ୍ତବବାଦି ନାଟକର ଏହା ଏକ ଉପନଦୀ ବାସ୍ତବତାର ଭିତ୍ତିଭୂମି ଉପରେ ପର୍ଯବେଶିତ ଜୀବନର ସମସ୍ତ ସତ୍ୟ ଓ ବାସ୍ତ ଘଟଣାକୁ

ନାଟକରେ ପ୍ରତିଫଳତ କରଯାଇଥାଏ । ଏହି ନାଟକରେ ମନୁଷ୍ୟ ଚରିତ୍ରର ସ୍ଖଳନ, ପାପପୁଣ୍ୟ, ଯୌନଲିପ୍ସା, ମାନସିକ ବିକୃତି ପ୍ରଭୃତି ସ୍ଥାନ ପାଇଥାଏ । ତୃତୀୟତଃ- ଅଭିବ୍ୟକ୍ତବାଦ ତତ୍ୱଟି ପ୍ରଥମେ ଜର୍ମାନରେ ଜନ୍ମଲଭ କଲ୍‌ । ଏହାର ପରୀକ୍ଷା କଲେ **Weekind, A drama play** ନାଟକରେ **From the morning till midnight adding machine** ପ୍ରଭୃତି ଏ ଧରଣର ନାଟକ ମନୁଷ୍ୟ ମନର ଅବଚେତନ ମନର ଚନ୍ତା ଚେତନା ରୂପ ପାଇଲ୍‌ । ଏହି ନାଟକରେ ବ୍ୟକ୍ତ ଅପେକ୍ଷା ଶ୍ରେଣୀକୁ ପ୍ରଧାନ୍ୟ ଦିଆଗଲ୍‌, ଏମିତିକ ସ୍ୱପ୍ନାବସ୍ଥାର ଚନ୍ଦ ନାଟକରେ ଦିଆଗଲ୍‌ । କଥାବସ୍ତୁ ସରଳ ନହୋଇ ବୃତ୍ତାକର ହେଲ୍‌ । ଓଡିଆ ନାଟକରେ ମଧ ଏହାର ପ୍ରଭ୍ବ ପଡିଥିଲ୍‌, ମନୋରଞ୍ଜନଙ୍କର "ବନହଂସି", ଜଗନ୍ନାଥ ଦାଶଙ୍କ "ଅଥବା ଅନ୍ଧାର", ନାଟକଟିରେ ସୁତ୍ରଧର ଅବତାରଣ କର୍‌ଯାଇଛି । ନାଟକ ଗୁଡିକ ମଞ୍ଚସ୍ଥ କଲାବେଳେ ଆଲୋ୍କ ସଞ୍ଜିତ ଦୃଶ୍ୟସଜ୍ଜା ପ୍ରତ୍ୟେକ କ୍ଷେତ୍ରରେ ଯାନ୍ତ୍ରୀକ କୌଶଳ ର ପ୍ରୋୟଗ ଦେଖିବାକୁ ମିଳଥାଏ । ଫ୍ଲାସ୍‌ବ୍ୟାକ୍‌ ସହିତ ମୁଖାର ପ୍ରଚଳନ ନାଟକ ଗୁଡିକରେ ଦେଖିବାକୁ ମିଳଥାଏ । ଚତୁର୍ଥତଃ-ଏହି ସମୟର ନାଟକ ଗୁଡିକରେ ସଙ୍କେତବାଦର ବହୁଳ ପ୍ରୟୋଗ ଦୃଷ୍ଟି ଗୋଚର ହୁଏ । କ୍ଷୁଦ୍ର ମଧରେ ବୃହତ୍ତର ସୀମା ମଧରେ ଅସୀମର ରୁପ ମଧରେ ଅପରୂପର ଦର୍ଶନ ସାଙ୍କେତିକ ନାଟକର ଏକ ମାଧମ ପାଶ୍ଚାତ୍ୟ ସାହିତ୍ୟ ସ୍ରଷ୍ଟାର ତଥା ଇପସନ, ଷ୍ଟର୍ଣ୍ଣବର ପ୍ରଭୃତି ଏହିଧାର ପ୍ରଚଳନ କଲେ । ତାଙ୍କର ନାଟକ ଗୁଡିକ ସ୍ଥିତିଶିଳ ଭ୍ଷା ସାଙ୍କେତିକ ଏହାକୁ କେବଳ ଅନୁଭବ କରିହୁଏ । ବୌଦ୍ଧିକ ଦର୍ଶନ ଏ ଧରଣର ନାଟକ ଲ୍‌ଗି ଉଦ୍ଧିଷ୍ଟ ଏହାର ମଞ୍ଚସଜ୍ଜା ସରଳ ଓ ବ୍ୟୟ ବହୁଳ ନୁହେଁ ଓଡିଆ ନାଟ୍ୟକାର ଶ୍ରୀ ମନୋରଞ୍ଜନଙ୍କ "ଅମୃତସ୍ୟଃପୁତ୍ର" ରେ ସାଙ୍କେତବାଦ ଗ୍ରହଣ କାର୍‌ଯାଇଛି, "ଅରଣ୍ୟଫସଲ"ରେ ଛେଳ ଗୋଟିଏ ଦୃଶ୍ୟର ସଙ୍କେତ ଗତାନୁଗତିକ ଶୈଳୀ ବିରୁଦ୍ଧରେ ଏକ ବିଦ୍ରୋହ ପୁନଶ୍ଚ ଏ ନବନାଟ୍ୟକାରଗଣ କଥାବସ୍ତୁରେ ସଙ୍କେତିକ ବ୍ୟବହାର କରିବା ସଙ୍ଗେ ସଙ୍ଗେ ନାଟକର ନାମକରଣରେ ସାଙ୍କେତିକାର ପ୍ରୟୋଗ ଦେଖିବାକୁ ମିଳଥାଏ ।

ନବନାଟ୍ୟ ଆନ୍ଦୋଳନର ଅନ୍ୟ ଏକ ବିଶେଷତ୍ୱ ଯେ, ପୁର୍‌ଣ ଆକ୍ଷାନ ର ବିଶେଷତ୍ୱ ନାଟକ ଗୁଡିକରେ ପୁର୍‌ଣ ବା ମିଥ୍‌ର ବ୍ୟବହାର ଅନେକନ୍ଦ ଦେଖାଦେଇଛି । ନାଟ୍ୟକାର ରତ୍ନାକର ଚଇନଙ୍କ "ପୁନଶ୍ଚ ପୃଥିବୀ", ରମେଶ ପାଣିଗ୍ରାହିଙ୍କ "ଧୃତର୍‌ଷ୍ଟ୍ରର ଆଖି", ମନୋରଞ୍ଜନ ଙ୍କ "ନନ୍ଦିକାକେଶରୀ", ନାଟକ ଗୁଡିକରେ ମିଥ୍‌ର ବ୍ୟବହାର ଦୃଷ୍ଟି ଗୋଚର ହୁଏ ।

ବାସ୍ତବିକ ଏହି ନବନାଟ୍ୟଗଣ ସ୍ୱାଧିନତାର ଗାଣତାନ୍ତ୍ରୀକ ସାଶନ ବ୍ୟବସ୍ଥା ନାରେ କ୍ଷମତା ଲିପ୍‌ସୁ ରାଜନୈତିକ ଅସ୍ଥିରତା ଅମଲାତାନ୍ତ୍ରିକ ଶୋଷଣ ଓ ଜୀବନ ଧାରଣାର ସ୍ୱପ୍ନହୀନ ନର୍ରଥକ ଆଦିକୁ କେନ୍ଦ୍ରକରି ସମଗ୍ର ଦେଶରେ ଯେଉଁ ଏକାକତ୍ୱବୋଧ ପ୍ରକାଶିତ ହେଲା ତାହା ସାହିତ୍ୟରେ ନବନାଟ୍ୟ ରୂପ ଧାରଣ କଲା । ଏକ ଆଦର୍ଶ ବାସ୍ତବ ବାଦ ଥିଲା ଏହାର ଲକ୍ଷ ସତ୍ୟ, ନ୍ୟାୟ, ସୌନ୍ଦର୍ଯ୍ୟ ଆଦି ଚରାଚରିତ ନୈତିକ ମୂଲ୍ୟବୋଧ ଥିଲା ଏହାର ଗତି ଓ ପ୍ରକୃତିର ନିୟମ, ନାଟକ ଥିଲା କାହାଣୀଧର୍ମୀ ଘଟଣା ପ୍ରଧାନ ଦ୍ୱନ୍ଦସଙ୍ଘାତ ଓ ଘଟଣା ଘାତ ପ୍ରତିଘାତରେ ଦର୍ଶକର ଉତ୍କଣ୍ଠା ଆବେଗ ଓ ବିସ୍ମୟ କୌତୁହଳର ସଂଗ୍ରରଥିଲା ଏହି ଶୈଳୀର ଲକ୍ଷ କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଆଞ୍ଚଳିକ ଗ୍ରାମ ପଞ୍ଚାୟତ+୩ କଳା ମହାବିଦ୍ୟାଳୟ
ଘଣ୍ଟାପଡା, ବୌଦ୍ଧ (ଓଡ଼ିଶା)
ମୋ- ୭୭୪୯୮୦୨୯୧୧

# ନିରୁଦ୍ଦିଷ୍ଟ ପଦଚିହ୍ନ



ଡା. ମଧୁମିତା ଷଡଙ୍ଗୀ

ସେଦିନ ବି ମୁଁ ହଜିଥିଲି
ଉଡିବାକୁ ଚେଷ୍ଟା କରିଥିଲି
ମଧୁମାଳତୀର ବିଭୋର ବାସ୍ନାରେ
ଉଡ଼ି ବୁଲୁଥିଲି ଭୂମିରୁ ଭୂମା ପର୍ଯ୍ୟନ୍ତ
ସାଉଁଟିଥିଲି ଉଧାର ପୀରତି ॥

ବିସ୍ମିତ ହୋଇଥିଲି
ସ୍ୱାତିଲଗ୍ନା ସନ୍ଧ୍ୟାରେ
ତମାଳ ତଟର ସମ୍ମୋହନରେ
ଜୀବନର ଅଙ୍କା ବଙ୍କା ଗତିରେ
ମଗ୍ନ ଗୋଧୂଳୀର ଭଗ୍ନ ଶିଳାରେ
ତୁମର ସେ ପ୍ରତିଛବି ଦେଖି ।

ସାନ୍ତ୍ୱନା ଦେଇଥିଲି ଆଖିକୁ
କୋହ ଆଉ ଲୁହ ରୋକିବାକୁ
ଓଠକୁ...
ଛାତି ତଳ ବ୍ୟଥା ଚାପିବାକୁ
ବାହୁକୁ....
ନିସ୍ତବ୍ଧ ରାତିରେ ନିଜକୁ ଆଉଁସି ଦେବାକୁ ।

ଅଳସ ବୟସରେ
ଜହ୍ନର ବି ମନ ଝୁରେ
ଏତେ ସବୁ ତାର ଫୁଲ ଥାଇ
ନିଃସଙ୍ଗ ରାତି ଚୌହଦିରେ
ସ୍ମୃତି ଦିଏ ଜୁଆନ ଜଖମ
ସ୍ୱପ୍ନ ତାର ନିଆଁ ଧାର ତଳେ
ନିରୁଦ୍ଦିଷ୍ଟ ପଦଚିହ୍ନ ଖୋଜେ
ନିରୁଦ୍ଦିଷ୍ଟ ପଦଚିହ୍ନ ଖୋଜେ ॥

ମାଣିକଗୋଡା
ଖୋର୍ଦ୍ଧା

# ଇଗଲ ମାତିଛି



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ମାତିଛି ଇଗଲ ମାତିଛିରେଭାଇ !
ଝଡର ବେଗ୍ରେ ଧାଇଁଛି;
ସନ୍ତ୍ରାସବାଦ ମୂଳପୋଛ ପାଇଁ
ବଜ୍ର ଶପଥ ନେଇଛି ।
କହରେ ଇଗଲ ! କହ,
ସନ୍ତ୍ରାସବାଦୀ ମଣିଷ ଗୁଡାକୁ
ଗଢିଛି କଏସେ କହ ।
ଧର୍ମ ନାମରେ ନରସଂହାର
ଚ୍ଲିଛିରେ ଏଠି ଚ୍ଲିଛି;
ନିରୀହ ଜନତା ବିନା ଦୋଷେ ଏଠି
ଝରିପୋକ ପରି ମରୁଛି ।
ଶାସନ ନାଁଆରେ ଶକୁନିଗୁଡାକ
କପଟ ପଶାରଏ ମାତିଛି;
କ୍ଷମତା ଲୋଭରେ ମଣିଷଗୁଡାକୁ
ଛାଗ, ମେଷ ପରି କାଟୁଛି ।
ଆରେ ମୋ ଇଗଲ ! ଉଡି ଉଡି ଥରେ
କାଶ୍ମୀର ଆଡେ ଯିବୁ;
ଭୂସ୍ୱର୍ଗ-କାଶ୍ମୀର ମାଟିରୁ ମୁଠାଏ
ହାତରେ ଚପୁଡି ଦେବୁ;
ଟପ ଟପ ହୋଇ ଝରି ପଡିବରେ
ନିରୀହ ମଣିଷ ରକ୍ତ;
ବର୍ଷ ବର୍ଷ ଧରି ଭାରତ ମାଟିରେ

ବହିଗ୍ଲାଲିଛିରେ ଆତଙ୍କଗ୍ରଜର ସ୍ରୋତ ।
ଆମେରିକା ଆଜି ଦୋହଲିଯାଇଛି,
ପୃଥ୍ୱୀବିଟା ଧରି ଉଠିଛି;
ଧ୍ୱଂସ ସ୍ତୁପତଳୁ ଅତୃପ୍ତ ଆତ୍ମାର
କରୁଣ ଚତ୍କାର ଶୁଭୁଛି ।
ସେତ ମଣିଷର କାନେ କହୁଛି,
ଆତଙ୍କବାଦର ମୂଳପୋଛ ପାଇଁ
ଭାରତ ଶପତ ନେଇଛି ।
କାବୁଲ କାନ୍ଧାର କମ୍ପିଉଠେ ଆଜି,
ଇରାନରେ ବୋମା ଗର୍ଜୁଛି;
ଆଫଗାନ ଆଜି ଜଳୁଛି ଇଗଲ !
ସେଠି ତାଲିବାନୀ-ରାଜ ଗ୍ଲାଲିଛି;
ଅସଂଖ୍ୟ ଜନତା ଶରଣାର୍ଥୀ ସାଜି
ଆଶ୍ରୟ ଟିକଏ ଖୋଜୁଛି ।
ମୋ ସୁନା ଇଗଲ ! ମାତିଛୁ ତୁ ଯଦି
ସାନ କୁହା ମୋର ମାନବୁ;
ସାନ୍ତ୍ରାସବାଦୀ ଦାନବ ଗୁଡାକୁ
ଖୋଜି ତୁ ବାହାର କରିବୁ
ସନ୍ତ୍ରାସବାଦ ମୂଳପୋଛ କରି
ସାମ୍ୟ-ଗୀତି ତୁ ଗାଇବୁ;
ସାରା ବିଶ୍ୱରେ ଶାନ୍ତିର ବୀଜ
ବୁଣିବୁ ଇଗଲ ! ବୁଣିବୁ ।
ଅଭିଯାନ ତୋର ସଫଳ ହୋଇବ,
ନବୀନ ତପନ ଉଇଁବ;
ସନ୍ତ୍ରାସବାଦ ଅପସରି ଯିବ,
ପୃଥ୍ୱୀବୀଟା ହସି ଉଠିବ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

# ସେ ଧଆଁ ଥିଲ୍ କି ଛୁଆଁ ଥିଲ୍



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ସେ ଧଆଁ ଥିଲ୍ କି ଛୁଆଁଥିଲ୍
ସେ ସୁଖ ଦେଲ୍ କି ଦୁଃଖ ଦେଲ୍
ମନ ଦେଲ୍ କି ମନ ନେଲ୍
ମାତିଗଲ୍ କି ମତେଇଲ୍
ବରଷା ଭିଜା ରାତି ସେ ଗପ ଲେଖିବ ।

ସେ ମିତର ନା ଶୀତର
ସେ ସକାଳର ନା ରାତିର
ଦୁଃଖର ନା ସୁଖର
ସମୟର କି ସମ୍ଭୋଗର
ସେ କଥା ଉଷୁମ ଶୀତ ରାତି କହିବ ।

ସେ ମଳୟର କି କୋକିଳର
ବକୁଳର କି ଫଗୁଣର
ରଙ୍ଗର କି ଅବିରର
ଲୁଚକାଳର କି ଜହ୍ନର
ସେ କଥା ଫଗୁଣର ମଧୁଝରା ରାତି
ଝୁମି ଝୁମି ନାଚ ନାଚ ଗାଇବ ।

ସବୁ ଛୁଆଁ କଥାର୍ କଥାର୍
ସବୁ ବାସ୍ନା ମାଟିମଗ୍ନା
ସବୁ ଲେଖା କେବେ କେବେ
ଗୀତ ହୋଇଯାଏ
ପୁଣି କେବେ ହସ ତଳେ ଲୁହକୁ ଲୁଚ୍ଛଏ ।
ଚୁପଚାପ ରହିଥିବ କେହି
ସଂସାର ହାଟରେ କିଛି ଅଧା
କିଛି ପୁରା ହୋଇଥାଏ ।
କେଉଁଠି ଅଶ୍ରୁ ଢଳଢଳ ତ
କେଉଁଠି ହସର ଜୀବନ ଭୂଗୋଳ
ବୁଝାମଣାରେ ଜୀଇଁବାକୁ ହୁଏ
ତମାମ ଜୀବନ ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁନବିଲେଜ,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର

# ନାମ ଜୀବିକା



ତ୍ରିପତି ପ୍ରଧାନ

ଜୟ ଜୟ ଜଗବନ୍ଧୁ
ଜଗତ ତାରଣ
ଜୀବନ ଦେଇଛ ତୁମ୍ଭେ
ଜୀବିକା ମୋ କର୍ମ (୧)
ସତ କାର୍ଯ୍ୟେ ସତ ପଥେ
ସଦା ରହୁ ମତି
ସକଳ ଜୀବେ ସୁଦୟା
ସ୍ମର ମହାମତି (୨)
ଯଅ ଜାବୁଡି ଧରିଛି
ଯଥାର୍ଥକୁ ଛାଡି
ଯମ ଯାତନା ହରିବ
ଯଦୁପତି ହରି (୩)
ଗମଇ ଗହନ ବନ
ଗାରିମା ଦେଖାଇ
ଗଭୀର ଗର୍ତ୍ତୁ ଉଦ୍ଧାର
ଗିରିଧାରୀ ସାଇଁ (୪)
ତୋ ନାମ ଜୀବିକା ହୋଇ
ତରୁ ଏ ଜୀବନ
ତମ ନାଶି ତତ୍ୱ ଦିଅ
ତୁଣ୍ଡେ ନାରାୟଣ (୫)
ଭକତ ତୋ ନୁହଁ ମୁହିଁ

ଭବେ ବନ୍ଧା ହୋଇ
ଭଜିନି ତୋ ନାମାଭୟ
ଭକ୍ତ ଭାବଗ୍ରାହୀ (୬)
ମଗ୍ନ କର ମନ ମୋର
ମୋହନ ତୋ ନାମେ
ମଜ୍ଜି ମାଝିବି କଲୁଷ
ମକରନ୍ଦପାନେ (୭)
କାମନା ନାଶ କରହେ
କାଳୀୟ ଦଳନ
କୃଷ୍ଣ ନାମ ଗାଇ ଗାଇ
କରିବି ମରଣ (୮)

ସଂସ୍କୃ ତଶିକ୍ଷକ, ଚିକିଟି

# ହଡାବଳଦର ଆତ୍ମକାହାଣୀ



ଅଧର ବିଶ୍ୱାଳ

ଏ ନିଆଁଲଗା ମାଛିଗୁଡାକ ଆଜି ରଖେଇ ଦେଉନାହାନ୍ତି । ବଳିଆ କି ଡାମରାର ଦେଖାନାହିଁ । ଲାଞ୍ଜରେ ଗୋବର ଲାଗି ଶୁଖିଗଲାଣି । ଆଉବି ବଳପାଉନି ଲାଞ୍ଜ ଟେକିବାକୁ । ବଳିଆଟା ଥିଲେ ଭୋଭୋ କରି ଦେହରେ ଦେହ ଘଷି ମାଛିଗୁଡାକ ଘଉଡ଼ାଇ ଦିଅନ୍ତା, ଡାମରାଟା କା କା କରି ଟିଙ୍କଗୁଡାକ ଖୁଣ୍ଟିଦିଅନ୍ତା । ଆଜିବୋଧେ ମଢ଼ ପଡିଆରେ ମଢ଼ ପଡିଛି । ହେଲେ ବଳିଆଟାତ କେବେ ମଢ଼ ଖାଇବାକୁ ଯାଏନି । ଡାମରାଟାକୁ ଭରସା ନାହିଁ, ସେ ନିଶ୍ଚୟ ଯାଇଥିବ । ବଳିଆଟା ପିଲାଦିନରୁ ମୋପାଖରେ ନସରପସର ହୁଏ । ଯେତେବେଳେ ଯିଏ ତାକୁ ମାରିଗୋଡ଼ାଏ, ମୋପାଖକୁ ପଳାଇଆସେ । ମୋ ପାଖରେ ଶରଣ ପସିଛି ମାନେ କେହି ତାକୁ ମାରି ପାରିବେନି । ଶିଙ୍ଗ ଦେଖାଇ ଖଣ୍ଡେବାଟ ଦହଡିଯାଏ । ଏବେ ଆଉ ସେ ବଳ ନାହିଁ, ସେ ବି ମୋତେ କାହିଁକି ପଚାରିବ । ଯେତେବେଳେ ବଳଥିଲା ସମସ୍ତେ ମତେ ଭଲ ପାଉଥିଲେ, ଆଦର କରୁଥିଲେ । ମନେପଡେ ସେ ଦିନ, ମାଲିକ ଯେବେ ମୋତେ ହାଟରୁ କିଣିକି ଆଣିଥିଲା । ମାଲିକାଣି ହଳଦୀପାଣିରେ ଗାଧୋଇ ଦେଇ, ମୁଣ୍ଡରେ ସିନ୍ଦୁରମାରି ଧୂପଦୀପ ଦେଇ ଗୁହାଳ ପ୍ରବେଶ କରାଇଥିଲା । ସେତେବେଳେ ମୋର ବୟସ ମାତ୍ର ପାଞ୍ଚବର୍ଷ ଥିଲା । ହେଲେ ଏତେ ସ୍ନେହଶ୍ରଦ୍ଧା ପାଇଥିଲି ଯେ, ମୁଁ ମୋ ବୁଢ଼ିମା ଓ ପୁରୁଣା ମାଲିକକୁ ଭୁଲିଯାଇଥିଲି । ସେଇଦିନଠାରୁ ଆରମ୍ଭହେଲା ମୋର ଜୀବନଯାତ୍ରା । ମାଲିକ ମୋତେ ପ୍ରତିଦିନ ମଣ କରିବାକୁ ବିଲକୁ ନିଏ । କାନ୍ଧରେ ଜୁଆଳି ଦିଏ । ଖାଡ଼ି ଜୋତଟାକୁ ହାଲକାକରି ବାନ୍ଧେ । ମୋତେ ଭାରି ଅବାଗିଆ ଲାଗେ, ମୁଁ ଅମାନିଆ ହୋଇ କାନ୍ଧରୁ ଜୁଆଳି ଖସାଇଦିଏ । ହେଲେ କଣ ହେବ, ମାଲିକ ଜବରଦସ୍ତି କରି, ପାଞ୍ଚଣରେ ହାଲକା କରି ମୋ ପିଠିରେ ପାହାର ବସାଇ ମଣକରେ । ହେଲେ ସନ୍ଧ୍ୟାବେଳେ ମୋ କାନ୍ଧରେ ତେଲ ମାଲିସି କରେ, ମାଲିକାଣି କୂର୍ଚି କରିଦିଏ । ଆସ୍ତେଆସ୍ତେ ମୋର ଅଭ୍ୟାସରେ ପଡିଗଲା, ମାଲିକର କାର୍ଯ୍ୟଭାର ମୁଁ ସମ୍ଭାଳିଲି । ମାଲିକର ସବୁଠାରୁ ମୁଁ ଗେଲ୍ହାପୁଅ ।

ବଉଳା କ୍ଷୀରଦେଲେ କଣହବ, ମୋର ଭାଗ ବେଶି । ଗହ୍ମାପୁନେଇ ଓ ଅଗିରା ପୁନେଇ ଦିନ ମୋର ଆନନ୍ଦ କହିଲେ ନସରେ । ମାଲିକ ମୋତେ ନଇରେ ଘଷିମାଜି ଗାଧୋଇଦିଏ, ମୋ ଶିଙ୍ଗରେ ଢାଉ ରଙ୍ଗ ଦେଇ ବେକରେ ଫୁଲମାଳ ଦିଏ । ମାଲିକାଣି ବନ୍ଦାପନା କରି ଖିରି ଖୁଆଏ । ବଉଳା ଓ ସୁରୁ ମା ମୋଆଡକୁ ଅନିଶା କରି ରହିଥାନ୍ତି । ତାଙ୍କ ପାଳି ପଛରେ ପଡେ । ମାଲିକାଣି ଖିରି ଗାଙ୍ଗୁଲାଟାକୁ ରଖିଦେଇ ଗଲେ, ମୁ ସେଥିରୁ କିଛି ବଳିଆପାଇଁ ବଳେଇକି ରଖିଥାଏ । ସେ ଆସିଲେ ତାକୁ ଆନନ୍ଦରେ ଚାଟିଚାଟି ଖାଏ । ଆନନ୍ଦରେ ମୋ ଛାତି କୁଣ୍ଢେମୋଟ ହୋଇଯାଏ । ମାଲିକ ବି ମୋତେ ନେଇ ବହୁତ ଗର୍ବ କରେ । ହଳ, ମଇ, ବିଦା ଓ ବେଙ୍ଗଳାରେ ମୁଁ ଧୁରନ୍ଧର । ବେଙ୍ଗଳାରେ ମୁଁ ମେରିଆ ଯାଏ । ମୋର ସାଙ୍ଗ ବଳଦମାନେ କେହି ମେରିଆ ଯାଇପାରନ୍ତି ନାହିଁ । ତେଣୁ ମେରିଆ ପାଇଁ ଅନ୍ୟମାନେ ମାଲିକ ପାଖକୁ ଆସନ୍ତି ମୋତେ ନେବାପାଇଁ । ମାଲିକ କଡା ତାଗିଦି କରି ମୋତେ ଦିଏ । ମୋ ବଳଦ ପାଟିରେ ତୁଣ୍ଡି ବନ୍ଧା ହେବନି କି ପାଞ୍ଚଣ ଗାର ପଡିବନାହିଁ ।

ଥରେ ଜଣେ ମଜୁରିଆ ଯିଏ ମାଲିକର ହଳ କରେ, ମୋ ଗୋଡ଼ରେ ଲଙ୍ଗଳ ବଜାଇଦେଲା । ସେଦିନ ମାଲିକର ରାଗ କହିଲେ ନସରେ । ତାକୁ ତ ଯା ଗାଳି କଲାକଲା, ମାଲିକାଣି ଉପରେ ବହେ ବର୍ଷିଗଲା, କାହିଁକି ମୋତେ ଗରମ କୁଟି ଦିଆହୋଇନି ବୋଲି । ତିନିଦିନ ପର୍ଯ୍ୟନ୍ତ ମୋତେ ହଳକୁ ଛାଡ଼ିଲାନି । ବହୁତ ସେବାଯତ୍ନ କଲା । ମାଲିକ ମୋତେ କେବେ ବାଡେଇଛି ବୋଲି ମୋର ମନେପଡୁନାହିଁ । ହଁ ଥରେ ତା ପୁଅ ଟିଂକୁକୁ ଶିଙ୍ଗରେ ଠେଲି ଦେଇଥିଲି ବୋଲି ମୋତେ ଅମରୀ ବାଡ଼ିରେ ଚାରିପାଞ୍ଚ ପାହାର ପକାଇଥିଲା, ହେଲେ ସନ୍ଧ୍ୟାବେଳକୁ ପୁଣି ମୋ ପିଠିରେ ତେଲ ମାଲିସି କରିଥିଲା ।

ସବୁକଥା ମୋ ଆଖିଆଗରେ ନାଚିଯାଉଛି । ଏବେ ମାଲିକର ସ୍ନେହଶ୍ରଦ୍ଧା କମିଗଲାଣି । ମୋତେ ଆଉ ଗୁହାଳେ ବାନ୍ଧୁନାହିଁ । ମୁଁ ତ ତାର କୋଉ କାମରେ ଆସୁନାହିଁ , ସେ ବି ମୋତେ କାହିଁକି ପଚାରିବ । ବଉଳା ବି ଦେଖିଲେ ମୁହଁମୋଡି ପଳେଇଯାଉଚି । ପ୍ରାୟ ଛମାସ ହେଲାଣି ମାଲିକର ହାତ ମୋ ଦେହରେ ପଡିନାହିଁ । ଦୟାହେଲେ କେତେବେଳେ କେମିତି ଛଣ କିମ୍ବା ବିରିବୋଡି ମୁଠେ ଫୋପାଡ଼ି ଦେଇ ଯାଉଛି । ଆଉକଣ ଦାନ୍ତ ଅଛି ଯେ ଛଣ ନା ବୋଡି ଚୋବେଇବି । ଭୋକ ଲାଗିଲେ ଜୀବନ ବିକଳରେ ଗିଳିପକାଏ । ଆଉ ହଜମ ବି ହେଉନି । ମାଲିକାଣିର ପେଜପାଣି ମୁନ୍ଦାକ ପାଇଁ ଅପେକ୍ଷା କରିଥାଏ । ହେଲେ

ମାଲିକାଣି ଏବେ ବଉଳାକୁ ଆଗ ଦେଉଛି । ବଳିଲେ ମୋପାଖରେ ମୁନ୍ଦାଏ ଫୋପାଡ଼ି ଦେଇଯାଏ । ଦେଲାବେଳେ କୁହେ ଏଟା ମରୁନି କାହଁକି । ମରଣ କଣ ମୋ ହାତରେ ଅଛି ଯେ ମରିବି । ହାତରେ ଥିଲେତ ମୁଁ କେବେଠାରୁ ମରିସାରନ୍ତିନି । ଦିନରାତି ଖାଲି ସେ ମରଣକୁ ଅପେକ୍ଷାକରିଛି । ମାଲିକପାଇଁ ଗର୍ବକରି ଅନ୍ୟମାନଙ୍କୁ ଯେତିକି ବେଖାତିରି କରିଥିଲି, ମୋତେ ତ ତା ଫଳ ଭୋଗିବାକୁ ପଡିବନାଁ । ଆଖି ବନ୍ଦ ହୋଇଯାଉଛି । ମାନସପଟରେ ସେ ମଢ଼ପଡିଆର ଦୃଶ୍ୟ ନାଚିଯାଉଛି । ଗୋଟିଏପଟରେ ଜଗା ହାଡ଼ି ମୋ ଚମଡା ଛାଲିବାକୁ ଛୁରୀଧରି ଠିଆହୋଇଛି ଓ ଅନ୍ୟପଟରେ ଡାମରା ଓ ବଳିଆ ମଢ଼ ଖାଇବାକୁ ପ୍ରସ୍ତୁତ ।

ଜୟଦେବ ବିହାର, ଭୁବନେଶ୍ୱର

# ଏ ଶୀତ



ଗଜାନନ ମିଶ୍ର

କମୁଛି ନା ବଢୁଛି
ହେଉ ନି ଜାଣି!
ଅଷ୍ଟାଙ୍ଗଯୋଗରେ କିନ୍ତୁ
ସମଗ୍ରତାର କଥା ଚାଲିଛି।

ଏ ଶୀତରେ
ଅମୃତ ମହୋତ୍ସବ ଜବରଦସ୍ତ,
ଆଜାଦୀର ସୂର୍ଯ୍ୟ ନମସ୍କାର
ପୂରା ହେଉଛି କୋଉଠି ଆଉ!

ସତ ଚିରୁଛି ଛାତି,
ଚପଲକୁ ରଖା ହୋଇ
ସିଂହାସନରେ ଶୁଣା ଚାଲିଛି ଭାଷଣ!
ଯାଇଛି ଯେ ଆଉ ଫେରି ନି ନାରଣ!

କଥା କଥାରେ ଏଇଠି
ଏତେ ସେତେ ଘଣ୍ଟାଘଣ୍ଟି,
ଥାଉ, ଚାଲିଥାଉ
ଯେମିତି ଯାହା ଯୋଉଠି।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

# ଶୀତୁଆ ସକାଳ



ପ୍ରଶାନ୍ତ କୁମାର ପାଢୀ

ଶୀତୁଆ ସକାଳର ସୁଲୁ ସୁଲିଆ ପବନ
ଇଷତ୍ ନୀଳ ଆକାଶର ପ୍ରସସ୍ଥ ଛାତିତଳେ
ବିହଙ୍ଗ ମେଳିର ସେହି ଅପାସୋରା ଦୃଶ୍ୟ
ବେଶ୍ ଉପଭୋଗ୍ୟ କିଛି ଅବୁଝା ଶବ୍ଦ ସଂଯୋଜନାରେ
ତାଙ୍କ ଭାବର ପରିପ୍ରକାଶ ସାଂକେତିକ ଭାଷାରେ ।୦।
ନୀରବେ ବସିଥିଲି ମୋ ଅଗଣାରେ
ଅବଚେତନ ମନଟା ଚେତନା ଛୁଆଁରେ ବି ଜାଗ୍ରତ
ଉପଭୋଗ କରୁଥିଲି ପ୍ରକୃତି ର ବିସ୍ମରା ଶୋଭାକୁ
ପୁଣି କାକର ଭିଜା ସକାଳର କୋଳାହଳ
ଆଉ ବିହଙ୍ଗ ଙ୍କ ସକାଳର ସଙ୍ଗୀତକୁ ।୧।
ବୁଝି ବି ଅବୁଝା ହେଉଥିଲି ତାଙ୍କର ଭାଷାର ପରିପ୍ରକାଶରେ
କିଏ ଡେଣା ଝାଡୁଥିଲା ତ ମୁଣ୍ଡ ହଲାଉଥିଲା
ତଳେ ଗଡିଯାଇ କିଏ କାହାକୁ ବି ଚୁମ୍ବନ ଦେଉଥିଲା
ବଡ ଅଜବ ତାଙ୍କର ସେ ସାଂକେତିକ ଭାଷା
ସୁଚାଉଥିଲେ ମନର ଭାବକୁ ସେହି.... ଶୀତୁଆ ସକାଳକୁ ।୨।

ଶିକ୍ଷକ, କାକୁଡିକୁଦ, ଯାଜପୁର

# ମନର ମାନସୀ



ପୁଷ୍ପାଞ୍ଜଳି ମିଶ୍ର

ନୀଳ ନୟନା ଗୋ ତନ୍ଦ୍ରା ପ୍ରଲମ୍ବିନୀ
ତୁମକୁ ଦେଖିନି କେବେ
ବାହୁ ବନ୍ଧନ ରେ ଯାବୁଡି ନିବିଡେ
ଅଳିକ ସ୍ୱପ୍ନ ସାଥେ
କି ବର୍ଣ୍ଣିବି ତୁମ ରୂପର ମାଦକ
ଭ୍ରୁରୁ ନିଜେ ଇନ୍ଦ୍ରଧନୁ
ଅୟୁତ ରାତ୍ରି ର ତନ୍ଦ୍ରା ଗୋ ତୁମେ
କୁମୁଦ ଚାନ୍ଦର ତନୁ
ନୟନ ତୁମର ସୁନୀଳ ସାଗର
ନାଶିକା ଗିରିର ଶିଖା
ଦୁଇ ଓଠ ଧାର ଆହା କି ସୁନ୍ଦର
ମାନସୀ ଗୋ ଚନ୍ଦ୍ର ଲେଖା
ମନର କଥା ମାନସୀ ଆଗୋ ରାଜହଂସୀ
କି ସୁନ୍ଦର ରାଧା ପାଦ
ଘନ କେଶ ତୁମ ଉଛୁଳି ପଡୁଛି
ଆହା କି କେଡେ ଆହ୍ଲାଦ
ଯଦି କେବେ ପ୍ରିୟ ହୋଇ ଦେଖା ହୁଅନ୍ତକି
ଅନ୍ତରଙ୍ଗ ମୂହୁର୍ତ୍ତ ରେ
ସେହିଦିନ ସବୁ ସମର୍ପି ଦିଅନ୍ତି
ମିଠା ମିଠା ଆଳାପରେ
ନିଶୂନ ରାତ୍ରି ର ନିଃଶବ୍ଦ ପ୍ରହରେ
ଘମା ଅନ୍ଧକାର ପୁଣି

ରିମଝିମ ବର୍ଷା ବରଷୁ ଥିବ ଯେ
ମେଘ ଓଢଣୀ ଟା ଟାଣି
କିଛି କିଛି କଥା କହୁଥିବ ତୁମେ
ଲାଜର ଗହଣା ଟାଣି
ସତ ଇନ୍ଦ୍ରଧନୁ ଆକାଶେ ଦିଶିବ
ପାହୁଥିବ ପୁଣି ରାତି
ଦେଖା ହେଲେ ସଖି ସେ ଦିନ କହିବି
ମୋ ପ୍ରେମର ଅନୁଭୂତି

ସୁକନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
9556643921



ମୀନାକ୍ଷି ପାଢ଼ୀ

# ବିଶ୍ୱ ବନ୍ଦିତା

ମାଘମାସ ଶୁକ୍ଳ ପଞ୍ଚମୀ ତିଥିରେ
ମରତ ଭୁବନେ ଆଜି,
ମାଆ ସରସ୍ୱତୀ କରିଛନ୍ତି ବିଜେ
ବିଦ୍ୟା ଅଧିଷ୍ଠାତ୍ରୀ ସାଜି।

ଶ୍ୱେତାମ୍ବରୀ ବୀଣାବାଦିନୀ, ଆରୁଢ଼ା
ହଂସ ପୃଷ୍ଠେ ସୁଶୋଭିତା,
କମନୀୟ ରୂପ କାନ୍ତି ପଦ୍ମେସ୍ଥିତା
ହସ୍ତେ ପୁସ୍ତକ ରଞ୍ଜିତା।

ବକ୍ଷ ସ୍ଥଳେ ମୋତି ଝଲସାଏ ଜ୍ୟୋତି
ବିଦ୍ୟା ବୁଦ୍ଧି ପ୍ରଦାୟିନୀ,
ତବ ଦିବ୍ୟ ଜ୍ଞାନ ଲଭିଲେ, ହୋଇବେ
ମହାମୂର୍ଖ ମହାଜ୍ଞାନୀ।

ଘେନ ମୋ ପ୍ରଣତି ସାରଦା, ବରଦା
ଭକ୍ତି ପ୍ରିୟା ମହାଶ୍ୱେତା,
ସ୍ଥାବର, ଜଙ୍ଗମ, କୀଟ, ପ୍ରାଣୀ ନିତ୍ୟ
ବିଶ୍ୱ ଭୁବନ ବନ୍ଦିତା।

ଶିକ୍ଷୟିତ୍ରୀ, ଚକଟୀ,ଗଞ୍ଜାମ
ମୋ: ୯୭୭୬୫୪୫୦୦୧

# ଲଳିତ ନିବନ୍ଧ-
# ଭାଷାର ପରିଧି



ବଦ୍ରୀ ମହାନ୍ତି

ନିଜର ଭାବନା ସହିତ ଚିନ୍ତା ଚେତନାକୁ ଅନ୍ୟ ସାମ୍ନାରେ ଓ ସଂସାରର ବିସ୍ତୃତ କ୍ୟାନଭାସରେ ଚତ୍ରିତ କରିବାପାଇଁ ଲୋଡାହୁଏ ଗୋଟାଏ ମାଧ୍ୟମ। କେଉଁ ଅନାଦି କାଳରୁ ଏ ମାଧ୍ୟମଟି ଧୀରେ ଧୀରେ ବିକଶିତ ହୋଇ ବର୍ତ୍ତମାନ ସ୍ଥିତିରେ ଆସି ପହଂଚିଛି ତାହା ନିର୍ଣ୍ଣୟ କରିବା ଆଜି ସହଜସାଧ୍ୟ ନହେଲେ ସୁଦ୍ଧା ଆମ ହାତ ପାଆନ୍ତାରେ ରହିଛି ଏହାର ବିକାଶ ପର୍ବର କାହାଣୀ। ଆଦିମାନବ ଠାରୁ ସର୍ବାଧୁନିକ ଯାତ୍ରାପଥରେ ବହୁ ଦନ୍ତୁରିତ ପଥ ଅତିକ୍ରମ କରି ଅପୂର୍ବ ଭାବ ଭଙ୍ଗୀ ରଙ୍ଗ ରସରେ ରଞ୍ଜିତ ହୋଇ ସଶକ୍ତ ମାଧ୍ୟମ ରୂପେ ଉପନୀତ ହୋଇଛି ଭାଷା। ମଣିଷ ଅସମ୍ପୂର୍ଣ୍ଣ ହୋଇଯାଏ ଭାଷାର ଅନୁପସ୍ଥିତିରେ। ବିଚ୍ଛିନ୍ନ ହୋଇପଡେ ନିଜର ଇତିହାସ ସଂସ୍କୃତି ଓ ପରମ୍ପରାଠାରୁ। ଆଦିମ କାଳରୁ ଏ ପର୍ଯ୍ୟନ୍ତ କ୍ରମଗାତ ଭାବେ ବିକଶିତ ହୋଇ ସବୁଠୁ  ବିଶ୍ୱସନୀୟ ସର୍ବଗୃହୀତ ମାଧ୍ୟମ ଭାବରେ ଆମର ଅନ୍ତର୍ଚେତନ ନିର୍ମାଣ ବିକାଶ ସ୍ୱାଭିମାନ ଓ ସାମାଜିକ ପରିଚୟ ସୃଷ୍ଟି କରିଛି ଭାଷା।

ରକ୍ଷଣଶୀଳ ସାହିତ୍ୟିକ ଭାଷା ଓ ଅପେକ୍ଷାକୃତ ଗତିଶୀଳ କଥିତ ଭାଷା ଉଭୟ ସମାଜ ଜୀବନର ଗୁରୁତ୍ୱପୂର୍ଣ ଅଙ୍ଗ ଭାବରେ ବିବେଚିତ ହୁଅନ୍ତି। ଭାଷାରେ ଲାଳିତ୍ୟ, ସରଳତା, ବୋଧଗମ୍ୟତା କବିତାର ଭାଷା ହୋଇଥିବା ବେଳେ ସ୍ଥୂଳତା ଗଦ୍ୟ ଭାଷାର ଅଙ୍ଗ। ଉଭୟ ମଣିଷର ଅନ୍ତରଙ୍ଗ। ପ୍ରୟୋଜନୀୟତା ଓ ପ୍ରାସଙ୍ଗିକତା ହିଁ ଭାଷା ପ୍ରୟୋଗ କୁ ସ୍ଥିର କରିଥାଏ। ଭାବର ବାହକ ଏହି ଭାଷା ଇନ୍ଦ୍ରିୟ-ଚେତନା ଓ ମାନସ ଜଗତରେ ବିଚରଣ କରି ନିଜର ଅନୁଭବ ଓ ଉପଲବ୍ଧିର ପରିପ୍ରକାଶ ପାଇଁ ଲୋଡୁଥାଏ ଶବ୍ଦ ଓ ବାକ୍ୟ । ଏହାସହିତ ଲିଖିତ ରୂପବିନ୍ୟାସ ପାଇଁ ଭାଷାକୁ ଲିପିର ଆବଶ୍ୟକତା ପଡିଥାଏ। ସମ୍ପ୍ରତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଭୂତ ପୂର୍ବ ବିକାଶ ଫଳରେ ଭାଷାର ଯାନ୍ତ୍ରିକ ପ୍ରତିବେଦନ

ଆମ ଚିନ୍ତା ଓ ଚଳଣିରେ ବୈପ୍ଳବିକ ପରିବର୍ତ୍ତନ ଆଣିଦେଇଛି। ଏ ମହାସତ୍ୟକୁ ଆଜି ଆମକୁ ସ୍ୱୀକାର କରିବାକୁ ହେବ। ମାତ୍ର ବାଇ ମହାନ୍ତି ଙ୍କ ଦୃଷ୍ଟିରେ ଭାଷା ଧୀରେ ଧୀରେ ହରାଇବସୁଛି ତାର ମୌଳିକତା କାଳର ପ୍ରବାହରେ। ଏହା ଅବକ୍ଷୟ ଓ ଅପସଂସ୍କୃତିର ରାସ୍ତା ପ୍ରଶସ୍ତ କରୁଛି। ବହୁ ଭାଷା ଏ ଶଗଡ଼ ଗୁଳାରେ ପଡିଯାଇଛନ୍ତି ନିଜ ଅଜାଣତରେ।

ଆକଳନ କରାଯାଉଛି ଆମ ଗ୍ରହର ପ୍ରାୟ ଛ ହଜାର ଭାଷା ମଧ୍ୟରୁ ଚଳନ୍ତି ଶତାବ୍ଦୀର ଶେଷ ଆଡକୁ ଆଉ ମାତ୍ର ରହି ଯାଇଥିବ ତିନିଶହ ଭାଷା। ଭାରତବର୍ଷର ପ୍ରାୟ ଷୋହଳ ଶହ ମଧ୍ୟରୁ କେତେ ବଞ୍ଚ ରହିବ ଏଥିରୁ ସହଜରେ କଳ୍ପନା କରାଯାଇପାରେ। ଆମ ସମାଜ ଜୀବନରେ ପାଶ୍ଚାତ୍ୟ ପ୍ରଭାବ ସହିତ ଇଂରେଜ ଭାଷା ବଜାର ଭିତରେ ହଜି ଯାଉଛି ଆଞ୍ଚଳିକ ଭାଷା। ବିଶେଷତଃ ପ୍ରିୟ ଓଡ଼ିଆ ଭାଷା ଏକ ଶୋଚନୀୟ ସ୍ଥିତିଦେଇ ଗତି କରୁଛି। ଶାସ୍ତ୍ରୀୟ ମାନ୍ୟତା ଓ ନାନାଦି ପ୍ରୋତ୍ସାହନ ସତ୍ୱେ ଭାଷା ଓ ସାହିତ୍ୟର ସଂରକ୍ଷକ ମାନଙ୍କର ଅପରିଣାମଦର୍ଶିତା ଓ ଖିଆଲ ମନୋବୃତ୍ତି ଯୋଗୁଁ ଗୋଟାଏ ଉତ୍କଟ ସଂକଟର ସାମ୍ନା କରିବାକୁ ଯାଉଛି ଆମ ଭାଷା। କେବଳ ଓଡ଼ିଆ ନୁହେଁ ସମସ୍ତ ପ୍ରନ୍ତୀୟ ଭାଷା ମନେ ଏକ ଦୁର୍ଦ୍ଦିନମୟ ଆସନ୍ତାକାଲି କୁ ଅପେକ୍ଷା କରିଛନ୍ତି। ପାଶ୍ଚାତ୍ୟ ପ୍ରଭାବ ଉଦାର ଅର୍ଥନୀତି ଓ ପ୍ରଯୁକ୍ତି ବିଦ୍ୟା ମାନଙ୍କ ଉପରେ ଦୋଷ ଲଦିଦେଇ ନିଜ ଭାଷାର ଦୟନୀୟ ସ୍ଥିତିକୁ କୌଣସି କାଳେ ଗ୍ରହଣ କରାଯାଇ ନପାରେ।

ପ୍ରିୟ ଓଡ଼ିଆ ଭାଷାର ଜନ୍ମଜାତକ କଥା ବିଚାର କଲେ ଆମକୁ ବିସ୍ମିତ ହେବାକୁ ପଡେ। ଆଦିଭାଷା ସଂସ୍କୃ ତପାଲି ଓ ଓଡ୍ର ବର୍ଣ୍ଣାଳୀ ଭିତର ଦେଇ ପ୍ରସ୍ଫୁଟିତ ହୋଇଥିବା ଓଡ଼ିଆ ନିଜ ଚଳାପଥରେ ଭେଟିଛି ଅନେକ ସଙ୍କଟ ଓ ସଂଘାତ। ଇତିହାସର କାଳଚକ୍ରରେ କମ୍ ଅପମାନ ଅପବାଦ ନିନ୍ଦା ଅସୁୟା ଓ ଜଘନ୍ୟ ଷଡଯନ୍ତ୍ର ର ଶିକାର ହୋଇନି ଆମ ଭାଷା। ମାତ୍ର ଏ ମନୋରମ ଭାଷା ନିଜର ସ୍ୱକୀୟତା ଓ ସ୍ୱତନ୍ତ୍ରତା ନିମନ୍ତେ ଖୁବ ଲଢେଇ କରିଛି। ଓଡ଼ିଆ ଜାତି ସୁଦ୍ଧା ଏ ମହାଯଜ୍ଞରେ ନିଜକୁ ସାମିଲ କରି ନୂଆ ଇତିହାସ ସୃଷ୍ଟି କରିପାରିଛି। ସ୍ୱର୍ଦ୍ଧିତ ଓଡ଼ିଆର ସ୍ୱାଭିମାନ ସାମ୍ନାରେ ସମସ୍ତ ରାଜନୈତିକ ଦୁରଭିସନ୍ଧି ପଦାନତ ହୋଇଛି। ଭାଷାର ମୌଳିକତା ଯୋଗୁଁ ଭୌଗଳିକ ସୀମାରେଖା ଅଙ୍କିତ ହେବା ସହିତ ଅବଲୀଳା କ୍ରମେ ପାଇଛି ଶାସ୍ତ୍ରୀୟ ମାନ୍ୟତା। ଏ ସବୁ ସତ୍ୱେ ତାର ଅର୍ତ୍ତ ଚିତ୍କାର ଓ କରୁଣ ନିବେଦନ ଅନେକଙ୍କୁ ଶୁଭୁନାହିଁ। ମିଥ୍ୟା ସଂସ୍କାର ଓ ଛଳନାର ଅର୍ଗଳୀରେ ବନ୍ଧା ପଡିଛି ଆମ ମାତୃଭାଷା। ରାଜନୈତିକ ଅଭିସନ୍ଧିରେ ଛନ୍ଦି ହୋଇ ତଥାକଥିତ ସଂସ୍କାରବାଦୀ ବିଜ୍ଞଜନଙ୍କ

ହାତରେ ଭୟାନକ ଅସନ୍ତାକାଲିକୁ ସାମ୍ନା କରିବାକୁ ପ୍ରସ୍ତୁତ ହେଉଛି। କତିପୟ ଏହାକୁ ସମୟର ଆବେଦନ ଓ ବର୍ତ୍ତମାନର ଆବଶ୍ୟକତା ରୂପେ ଗ୍ରହଣ କରିବା କଣ ଯଥାର୍ଥ ?

ବ୍ରିଟିଶ ଶାସନ କାଳରେ ଇଂରାଜୀ ଭାଷା ମାଧ୍ୟମରେ ପାଶ୍ଚାତ୍ୟ ଚିନ୍ତା ଧାରାର ପ୍ରଭାବ ଓ ପ୍ରସାର ଯୋଗୁଁ ପ୍ରଭାବିତ ହେଲା ଓଡ଼ିଆ ଭାଷା। ସୃଜନଶୀଳ ସ୍ରଷ୍ଟା ସହିତ ପାଠକୀୟ ଦୃଷ୍ଟିକୋଣର ପରିବର୍ତ୍ତନ ମୌଳିକ ଧାରା ଠାରୁ ଦୂରେଇ ଦେଲା। ଫଳସ୍ୱରୂପ ସଂସ୍କୃତ ଚର୍ଚ୍ଚା ହୋଇଉଠିଲା କ୍ଷୀଣରୁ କ୍ଷୀଣତର। ଶହ ଶହ ବର୍ଷ ଧରି ଆଞ୍ଚଳିକ ଭାଷା ମାନଙ୍କୁ ପଲ୍ଲବୀତ ଓ ପ୍ରଭାବିତ କରିଥିବା ସଂସ୍କୃତ ଭାଷା ସାହିତ୍ୟ ର ବନ୍ଧନ ଶିଥିଳ ହୋଇପଡିଲା। ବର୍ଣ୍ଣ ବିଭାରେ ବିଭୂଷିତ ରସୋତ୍ତୀର୍ଣ୍ଣ ମଧ୍ୟଯୁଗୀୟ ସାହିତ୍ୟ ମନେହେଲା ବନ୍ଧ ପଲ୍ୱଳ ପରି। ଏହାକୁ ଶିକ୍ଷିତ ଓ ସଚେତନ ଗୋଷ୍ଠୀ ହୃଦୟଙ୍ଗମ କରି ପ୍ରନ୍ତୀୟ ଭାଷାର ବିକାଶ ଓ ସୁରକ୍ଷା ନିମନ୍ତେ ନାନା ଉପାୟ ଖୋଜିଲେ ଓ କେତେକାଂଶରେ ସଫଳ ହେଲେ ମଧ୍ୟ। ମାତ୍ର ସ୍ୱାଧୀନୋତ୍ତର କାଳରେ ରାଷ୍ଟ୍ରଭାଷା ରାଜଭାଷା ଓ ପ୍ରାଦେଶିକ ଭାଷାର ଚକ୍ରବ୍ୟୂହ ଭିତରେ ଜୟଯୁକ୍ତ ହେଲା ହିନ୍ଦୀ ଭାଷା। ସରକାରଙ୍କ ନୀତି ଓ ପ୍ରୋତ୍ସାହନ ଦ୍ୱାରା ହିନ୍ଦୀ ଭାଷା ସମଗ୍ର ଭାରତ ବର୍ଷରେ ଯେପରି ପ୍ରଚାରିତ ଓ ପ୍ରସାରିତ ହେଲା ଅନ୍ୟ କୌଣସି ପ୍ରନ୍ତୀୟ ଭାଷା ସେପରି ସୁଯୋଗ ପାଇଲେ ନାହିଁ।

ବଜାର ସଂସ୍କୃତି ଓ ଉଚ୍ଚ ରୋଜଗାର ପାଇଁ ଓଡ଼ିଶାର ପରିସୀମା ଓ ସାଧନ କମ୍ ପଡୁଥିବାରୁ ବିଦେଶୀ ଭାଷାକୁ ଅପଣେଇ ନେବାକୁ ବାଧ୍ୟ ହେଉଛି ବର୍ତ୍ତମାନର ଯୁବ ସମାଜ। ତା ସହିତ ନିଜ ମାନସ ପଟରୁ ଅପସୃତ ହୋଇ ଯାଉଛି ନିଜର ମାତୃଭାଷା। ବେଳେବଳେ ସଫଳତାର ଶୀର୍ଷରେ ପହଂଚି ଭୁଲି ଯାଉଛି ନିଜର ଜନ୍ମଜାତକ ଓ ପ୍ରିୟ ଭାଷାଟିକୁ। ପାଶ୍ଚାତ୍ୟ ଭାଷା ଓ ସଂସ୍କୃତିକୁ ତୁଳନା କରି ଓଡ଼ିଆ କହୁଥିବା ଲୋକଙ୍କୁ ତୁଚ୍ଛ ନିମ୍ନ ଓ ମୂର୍ଖ ବୋଲି ବିବେଚନା କରୁଛି। ଅବଶ୍ୟ ଏହା ପ୍ରତିକ୍ଷେତ୍ରରେ ସତ୍ୟ ନୁହେଁ। ବିଦେଶ ମାଟିରୁ ସୁଦ୍ଧା ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ବହୁବିଧ ପ୍ରୟାସ ଓ ସଫଳ ରୂପାୟନ ପ୍ରଣିଧାନ ଯୋଗ୍ୟ।

ଭାଷାରେ ଅନୁପ୍ରବେଶ ଏକ ସହଜାତ କ୍ରିୟା। ସମୃଦ୍ଧ ଓ ବିକଶିତ ହେବା ପାଇଁ ଅନ୍ୟ ଭାଷାର ପ୍ରଭାବ ଓ ଅନୁପ୍ରବେଶକୁ ଆମକୁ ସ୍ୱୀକାର କରିବାକୁ ହେବ। ପଡୋଶୀ ପ୍ରନ୍ତୀୟ ଓ ବିଦେଶୀ ଶବ୍ଦ ମାନଙ୍କୁ ମୌଳିକତା ଓ ରାକ୍ଷଣଶୀଳତା ନାମରେ ଗ୍ରହଣ ନକଲେ ବିଶ୍ୱ

ପରିପ୍ରେକ୍ଷୀରେ ଆମେ କିପରି ସମୃଦ୍ଧ ହେବୁ ? ପରୋକ୍ଷରେ ଓ ପତ୍ୟକ୍ଷରେ ଏହା ଚାଲୁଥିବା ସତ୍ତ୍ୱେ ଅନେକ ଏହାକୁ ସହୃଦୟତାର ସହ ଗ୍ରହଣ କରିପାରୁନାହାନ୍ତି। ଏ ଏକ ମିଥ୍ୟା ଅଭିମାନ। ଆମକୁ ବହିର୍ମୁଖୀ ହେବାକୁ ପଡ଼ିବ। ମୌଳିକ ଶବ୍ଦ ନିର୍ମାଣ ସହିତ ଚାରିପାଖରେ ଘଟୁଥିବା ପରିବର୍ତ୍ତନ ଓ ଧାରା ସହିତ ଆମ ଭାଷାକୁ ନଯୋଡ଼ିଲେ କେମିତି ସଶକ୍ତ ହେବ ଆମ ଭାଷା ! ଶୁଦ୍ଧତା ନାମରେ ଓଡିଶା ଭୂଖଣ୍ଡରେ ପ୍ରଚଳିତ ସମସ୍ତ ଭାଷାମାନଙ୍କୁ ଆଦର ନକଲେ ଆମର ବିକଶିତ ସ୍ୱରୂପ କେମିତି ପ୍ରକାଶ ପାଇବ ? ସମ୍ବଲପୁରୀ ବ୍ରହ୍ମପୁରୀ କଟକୀ ବାଲେଶ୍ୱରୀ ଆଦିବାସୀ ସଭିଙ୍କୁ ଗୋଟାଏ ସୂତ୍ରରେ ଶ୍ରଦ୍ଧାର ସହ ବାନ୍ଧିପାରିଲେ ଓଡ଼ିଆ ସମୃଦ୍ଧ ସଡକ ରେ ନିଜ ଗାଡି ଦଉଦେଇ ପାରିବ।

ଚକ୍ରାନ୍ତ ଓ ପାତର ଅନ୍ତର ନୀତିର ପରିଣାମ ଚିରକାଳ ଭୋଗ କରିଛି ଓଡ଼ିଆ ଭାଷା। ଧୀରେ ଧୀରେ ସ୍କୁଲ ଓ କଲେଜ ମାନଙ୍କରୁ ଏହାର ପ୍ରଭାବ ହ୍ରାସ ହେବା ସହିତ ଅବକ୍ଷୟ ଆଡକୁ ଗତିଶୀଳ ଭାଷା ଆଶା କରୁଛି ସୁରକ୍ଷା। ଅନ୍ଧଗଳିରେ ଅବସ୍ଥାନ କରି ସହାରା ଚାହୁଁଥିବା ଭାଷାକୁ ଦେଖି ବାଇ ମହାନ୍ତି କହନ୍ତି, "ହେ ଭାଷା ରକ୍ଷକ ମୁଣ୍ଡିଆଳ ଗଣ ! ପ୍ରଥମେ ଆମ ଭିତରେ ଲୁଚିଥିବା ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନ, ସେମାନଙ୍କ ନିହିତ ସ୍ୱାର୍ଥପରତା କୁ ଆଖି ଖୋଲି ଦେଖ । ସେମାନେ ରାଜବାଟିରେ ଥାଆନ୍ତୁ ବା ବିଶ୍ୱବିଦ୍ୟାଳୟରେ, ମିଡ଼ିଆ ହାଟରେ ବା ସଚିବାଳୟରେ; ଯେଉଁଠିଥାନ୍ତୁ ବିଚ ବଜାରକୁ ଡାକ, ସେମାନଙ୍କ କର୍ମକରଣୀ ଥାଟପାଟ ରଂଗରସକୁ ଡ଼ାକବାଜି ଯନ୍ତ୍ରରେ ସଭିଙ୍କ କାନ ରେ ତୁହାକୁ ତୁହା ଶୁଣାଅ । ତେବେସିନା ତୁମ ଦୀର୍ଘଦିନ ର ସଞ୍ଚିତ ସ୍ୱପ୍ନ ସାକାର ହେବ। ପ୍ରିୟ ଭାଷା ଆଉ କରୁଣ ଦୃଷ୍ଟିରେ କାହାର ସୁରକ୍ଷା ଭିକ୍ଷା କରିବ ନାହିଁ।"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028
badrimohanty60@gmail.com

# ମାଟି କହେ କୁମ୍ଭାରକୁ...



ରାଧାମୋହନ ପୂଜାହାରୀ

ମାଟି କହୁଅଛି କୁମ୍ଭାରକୁ ଆଜି
ଶୁଣ ମୋ କୁମ୍ଭାର ଭାଇ,
ଧନ୍ୟ ହେବି ତୋ'ର ହାତର ପରଶେ
ରୂପ ସୌନ୍ଦର୍ଯ୍ୟ ଟେ ପାଇ । (୧)

ମୋ ଦେହରେ ମିଶା ଗୋଡ଼ି ପଥର ତୁ
ମୋ ଦେହୁ ଦୂରେଇ ଦେ,
ମୋତେ ତୁ ଚକଟି ମାଟିପିଣ୍ଡ କରି
ତୋ ଚକେ ଘୁରେଇ ଦେ । (୨)

ଘୋରି ହୋଇ ଯେବେ ରୂପ ମୁଁ ପାଇବି
ରବିକରେ ଦେବୁ ଥୋଇ,
କିଛି କାଳ ପାଇଁ ସେ କରେ ରହିବି
ଅଳପ ଓଦା ମୁଁ ହୋଇ । (୩)

ପରେ ପିଣ୍ଡ, ଗେଣ୍ଡା, ପିଟଣା ମାଧ୍ୟମେ
ଚିକ୍କଣ କରିବୁ ମୋତେ,
ହାଣ୍ଡି ମାଠିଆର ରୂପେ ସଜେଇବୁ
ନେହୁରା ହେଉଛି ତୋତେ । (୪)

ଭାଟି ମଧ୍ୟେ ରଖି ମୋତେ ତୁହି ଗୋଟେ
ପରେ ଗୋଟେ ଯୋଡ଼ି ଦେବୁ,
ଶକ୍ତ ହେବା ପାଇଁ ନିଆଁ ଦେଇ ମୋତେ
ତା' ଭିତରେ ପୋଡ଼ି ଦେବୁ । (୫)

ପୋଡ଼ିବା ସମୟେ ମୋତେ କିନ୍ତୁ ତୁହି
ଥିବୁ ଭାଇ ସାବଧାନ,
ପୋଡ଼ିଗଲା ପରେ ଭାଟିରୁ କାଢ଼ିକି
ବଢ଼ାଇବୁ ମୋର ମାନ । (୬)

ଘଣାଶାଳେ ବସି ରହିଛି ମୋ ବାଟ
ଚାହିଁ କେଉଟୁଣୀ ବୁଢ଼ୀ,
କାଠ ଜାଳି ମୋତେ ଉତ୍ତପ୍ତ କରି ସେ
ମୋ ଦେହେ ଭାଜିବ ମୁଢ଼ି । (୭)

ସେ ଭଜା ମୁଢ଼ିକୁ ଆନନ୍ଦେ ଚୋବାନ୍ତି
ପିଲା ଠାରୁ ବୁଢ଼ା ଯାଏଁ,
ଗରମ ଗରମ ପାଟିକୁ ଆରାମ
ଲାଗେ ସେ ଆପଣାଛାଏଁ । (୮)

ଗାଁ ମୁଣ୍ଡ ସେ ଘରେ ବୁଢ଼ୀ ମାଁ ମୋ ଦେହେ
କ୍ଷୀର ସିଝାଇବ ବୋଲି,
ଚାହିଁ ରହିଥାଏ ମୋ ବାଟକୁ ସିଏ
ଆନନ୍ଦେ ତା' ମନ ଖୋଲି । (୯)

ଭାତ ବାଢ଼ିଦେଇ ମାଁ ଡାକେ ଛୁଆଙ୍କୁ
ଆସରେ ପିଲାଏ ଆସ,
ତୁମ ପାଇଁ କେତେ ସରାଗେ ରାନ୍ଧିଛି
ଆଜି ମାଟିହାଣ୍ଡି ମାଂସ । (୧୦)

କୁମ୍ଭାର ଭାଇ ମୋ ରୂପ ଦେଇ ମୋତେ
ଶୀଘ୍ର ତୁହି ବିଦା କର,
ଡାକେ ଆମ୍ବଡାଳ ଡାକେ ନାରିକେଳ
ଡାକିଲାଣି ପୂଜାଘର । (୧୧)

ଖରାର ଦାଉରୁ ବାଟୋଇ ଭାଇ ଟା
ବିକଳେ ମାଗୁଛି ପାଣି,
ଥଣ୍ଡା ପାଣି ମୁନ୍ଦେ ଦେବି ବୋଲି ତା'କୁ
ଜଳଛତ୍ର ଡାକିଲାଣି । (୧୨)

ଅଧୁନା ଷ୍ଟିଲ୍ ଓ ଆଲୁମିନିୟମ୍
ବାସନର ମୁହଁ ଚାହିଁ,
ଭାବେ ମୁଁ ମାଠିଆ, ସୁରେଇ, ମହଣା,
ହାଣ୍ଡି ଯୁଗ ଆଉ ନାହିଁ । (୧୩)

କୁମ୍ଭାର ଭାଇ ମୋ ଭାବନାଟା କିନ୍ତୁ
ଭୁଲ୍ ଆଜି ହୋଇଅଛି,
ଏ ଯୁଗରେ ମଧ୍ୟ ଲୋକଙ୍କ ହୃଦୟେ
ମୋର ମୂଲ୍ୟ ରହିଅଛି । (୧୪)

ନୁହେଁ ମୁଁ ଅଖୋଜା ନୁହେଁ ମୁଁ ଅଲୋଡ଼ା
ନୁହେଁ ମୁଁ ଅଦରକାରୀ,
ମୋ ମୂଲ୍ୟକୁ ବୁଝି ଏ ସଂସାର ଆଜି
ଡାକୁଛି ତା' ହାତ ଠାରି । (୧୫)

ରୂପ ଓ ଆକାର ଦେଇ ମୋତେ ବିଦା
କର ତୁ କୁମ୍ଭାର ଭାଇ,
ତୋର ଆଶୀର୍ବାଦେ ସଂସାରେ ସଭିଙ୍କ
ସେବା କରିବି ମୁଁ ଯାଇ । (୧୬)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର (ଅନୁଗୋଳ)

# ପୁରୁଣା ସ୍ମୃତି



ସସ୍ମିତା ପଟ୍ଟନାୟକ

କିଛି ମୁହୂର୍ତ୍ତ ପାଇଁ ବି ହଉ
   ଖେଳି ଯାଇଥିଲା ଏକ ଖୋଲା ହସ ଆମ ମାନଂକ ଭିତରେ,
ଦୀର୍ଘ କୋଡିଏ ବର୍ଷର
   ଗପସପର ପେଡି ଖୋଲି ଦେଇଥିଲୁ ବନ୍ଧୁ ମିଳନର ଆସରରେ !!

ସମସ୍ତେ ଥିଲୁ କାତର
   ନିଜ ବିଗତ ସମୟର କାହାଣୀ ଖୋଲି ଦେବାକୁ
ସିମିତ ସମୟର ଯେମିତି
   ପୁରା ପୁରି ସଦୁପଯୋଗ କରିବାକୁ !!

ଜଣ ଜଣଙ୍କର କଥାର
   ତାଳେ ତାଳେ ସ୍ମୃ  ଙ୍କୁ କରିଥିଲୁ ସଜାଗ
କିଛି ବର୍ଷର ଭିନ୍ନ ସ୍ୱାଦର
   ଭିନ୍ନ ଦୁନିଆକୁ ଦେଇ ଦେଇଥିଲୁ "କେବଳ" ଗୋଟିଏ ଦିଗ !!

ଜଣେ ଆର ଜଣକୁ
   ଚିଡ଼ାଇବାରେ ଲାଗି ଯାଇଥିଲୁ ଅଜାଣତରେ,
କିନ୍ତୁ କାହିଁକି କେଜାଣି
   ବୁଡ଼ି ଯାଇଥିଲୁ ସମ୍ପୂର୍ଣ ଆନ୍ତରିକତାରେ !!

ସମୟ ବିତି ଯାଇଥିଲା ଆଖି ପିଛୁଳାକେ
ଝାଡିଝୁଡି ହେଇ ପ୍ରସ୍ତୁତ ହେଇଥିଲୁ ନିଜ ନିଜ ନୀଡ଼ ଆଡକୁ,
କିନ୍ତୁ ଗୋଟିଏ ପ୍ରତିଶୃତି ନେଇଥିଲୁ
ଏମିତି ବ୍ୟସ୍ତ ଜୀବନରୁ କିଛି ମୁହୂର୍ତ୍ତ ମଝିରେ ମଝିରେ କାଢିବାକୁ!!

ଅକାଳେ କାଳେ ହଉ
ପୁଣି ଥରେ କେବେ ଏକତ୍ରିତ ହେବାକୁ
ଅକୁହା ରହି ଯାଇଥିବା
କିଛି ସ୍ମୃତିକୁ ପୁଣି ସମସ୍ତଙ୍କ ସହ ବାଣ୍ଟିବାକୁ !!

ଭୁବନେଶ୍ୱର

# ଟିକଲି



ଦୀନବନ୍ଧୁ ପୋଇ

ଟିକିଲି ସୌନ୍ଦର୍ଯ୍ୟ ବଢ଼ାଇ ଦିଅଇ
ମଥାରେ ନାଇଲେ କନିଆ
ଆପଣାର ତାକୁ ମଣିବେ ସଭିଏଁ
ହସୁଥିବ ଏଇ ଦୁନିଆଁ ।।
ନୀଳ ନାଲି ଆଉ ସବୁଜ ରଙ୍ଗର
ଯେତେ ଥାଏ କରେ ଆଦର
ପିଲା ଖେଳ ତାର କେତେ ସୁଖ କର
କରେ ତା ମନରେ ବିଚାର । ।
ଠିକିରି ତାରକା ଆଉ ଗୋଲାକାର
ପାନ ପରି ତାର ଆକାର
ଭଳି ଭଳି ଏହା କିଣି ଆଣେ ଯାଇ
ପାଖେ ଥିବା ହାଟ ବଜାର ॥
ବିବାହ ବନ୍ଧନେ ଯେବେ ବାନ୍ଧି ହୁଏ
କପାଳେ ଲଗାଏ ସିନ୍ଦୂର
ହଜାଇ ଦେଇ ତା ଟିକିଲି ମଥାରୁ
ବୁଝିବାକୁ ଦିଏ ସଂସାର ॥

ପ୍ରୀତି ପ୍ରଣତିରେ ବାନ୍ଧି ହୋଇ ଧିରେ
ନୂଆ କଥା କରେ ଚିନ୍ତନ
ସିନ୍ଦୂର କନିଆ ରୂପ ବଦଳାଇ
ଦିଏ ତାକୁ ମାଆ ସମ୍ମାନ ॥

ତୋରଡାପାଳ
ଢେଙ୍କାନାଳ
ଦୂରଭାଷ ୯୯୩୮୮୦୨୪୧୨

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୧୫ ଦୃଶ୍ୟ ।।

(ମଧୁଯାମିନୀ, ନବବଧୂ ଭାବେ ସୀମା ଅପେକ୍ଷା କରିଥାଏ।
ରମଣ ଛପି ଛପି ଆସି ସୀମାର ଆଖି ବନ୍ଦ କରି ଧରେ।)

ସୀମା- ଆରେ ରମଣ, ମୋ ଆଖି ଛାଡ଼।

ରମଣ- ଉଁ ହୁଁ

ସୀମା- ତୁମେ ମୋ ଆଖିରୁ ହାତ ହଟେଇବ ନାହିଁ ତ ମୁଁ ତୁମକୁ ମନ ଭରି ଦେଖିବି କେମିତି ?

ରମଣ- ପୂର୍ବରୁ ତ ବହୁତ ଦେଖିଛ ଆଜି ମୁଁ ଏମିତି କୋଉ ମହା ପୁରୁଷ ହୋଇଗଲି ଯେ ମନଭରି ଦେଖିବାକୁ ଇଚ୍ଛା କରିଛ।

ସୀମା- ମହାପୁରୁଷଙ୍କ ବିଷୟରେ ଅନେକ ଜାଣିଛି।ହେଲେ ଆଜି ମୁଁ ମୋ ଈଶ୍ୱରଙ୍କୁ ଦେଖିବି।

ରମଣ- ନା ନା ସୀମା ମୁଁ ଈଶ୍ୱର ନୁହେଁ କି ମହାପୁରୁଷ ନୁହେଁ ତୁମରି ଭଳି ଜଣେ ସାଧାରଣ ମଣିଷ।(ସୀମା ଆଖିରୁ ହାତ ଛଡ଼ାଇନିଏ)

(ସୀମା ରମଣକୁ ପ୍ରଣାମ କରିବା ସମୟରେ ତଳୁ ଉଠାଇ) ଏ କଣ ସୀମା, ତୁମେ ବି ସେଇ ଓଲ୍ଡ ଟ୍ରେଡିସନରେ ରହିଛ। ଯେଉଁଠି ଦୁଇଟି ଆତ୍ମାର ମିଳନ ସ୍ୱାମୀ ସ୍ତ୍ରୀର ପବିତ୍ର ବନ୍ଧନକୁ ସୁଦୃଢ଼ କରେ ସେଠାରେ ତୁମପାଇଁ ମୋ ପାଦ ଧୂଳିର କଣ ଆବଶ୍ୟକ?

ସୀମା- ତୁମେ ତ ମୋ ସାତ ଜନ୍ମର ଦେବତା।ତୁମ ପାଦ ଧୂଳି ମୋ ମଥାରେ ଲାଗିଲେ ନିଜକୁ ଭାଗ୍ୟବତୀ ମନେକରିବି।

ରମଣ- ସେ ମସିହା କଥାକୁ ମୁଁ ଏକସେପ୍ଟ କରେନାହିଁ।ଏବେର ସମୟ ସଂପୂର୍ଣ୍ଣ ବଦଳି ଯାଇଛି।ସେଦିନ ଆଉ ଏ ଦିନ ମଧ୍ୟରେ ଆକାଶ ପାତାଳର ଫରକ।

ସୀମା- ତଥାପି ଓଲ୍ଡ ଇଜ ଗୋଲ୍ଡ।

ରମଣ- ସତରେ ତୁମକୁ ଯୁକ୍ତିରେ ପାରିବା ମୋ ଦ୍ୱାରା ବୋଧହୁଏ ସମ୍ଭବ ନୁହେଁ।ଆଛା ସୀମା ତୁମେ ସତ କହିବ?

ସୀମା- କଣ?

ରମଣ- ତୁମେ ମୋତେ ପାଇ ସୁଖୀ ତ?

ସୀମା- ହୁଏତ ମୋଠାରୁ ଆଉ କେହି ବେଶୀ ସୁଖୀ ହୋଇନଥିବ।

ରମଣ- ମିଛ!ଏ ଘରର ଏରୁଣ୍ଡି ବନ୍ଧ ଡେଇଁବା ପୂର୍ବରୁ ସାନ ମମ୍ମିଙ୍କ ଶାସନ ଚକ୍ଷୁରେ ଶିକାର ହୋଇ କେହି କଣ କେବେ ସୁଖରେ ରହିବ ବୋଲି କଳ୍ପନା କରିପାରେ?

ସୀମା- ନିମ ପିତା ମଳୟ ପବନର ସଂସ୍ପର୍ଶରେ ଆସିଲେ ଚନ୍ଦନ ହୋଇଯାଏ।ଆଜି ସିନା ସେ ମୋତେ ଘୃଣା କରୁଛନ୍ତି ଦିନ ଆସିବ ତୁମେ ଦେଖିବ କେମିତି ଆପଣାର କରି କୋଳେଇ ନେବେ।

ରମଣ- ସେଦିନ ସାନ ମମ୍ମି ମୋତେ ସଉତୁଣୀ ପୁଅର ଆଖ୍ୟା ଦେଇ ଦୂରେଇ ଚାଲିଗଲେ।ଜାଣେନି ତାଙ୍କ ରାଗ କେବେ ଶାନ୍ତ ହେବ ସେ ତୁମକୁ ଆପଣାର କରିବେ?

ସୀମା- ସବୁ ଠିକ ହୋଇଯିବ ରମଣ ତୁମେ ଆଦୌ ବ୍ୟସ୍ତ ହୁଅନା।ତୁମେ ଆମ ବାପ ଝିଅ ପ୍ରତି ଯେଉଁ ମହାନ ତ୍ୟାଗ କରିଛ ସେ ତ୍ୟାଗର ମୂଲ୍ୟ ଶୁଝିବା ପାଇଁ ମୁଁ ସାନ ମମ୍ମିଙ୍କର ଗାଳି,ରୁକ୍ଷ,କଟାକ୍ଷ ସବୁକିଛି ସହିବି।

ରମଣ- ତୁମ ଭାଗରୁ ମୋତେ କଣ ଟିକେ ଅଧିକାର ଦେବନି ?

ସୀମା- ଏ ଶରୀର ଏ ମନ ଏ ହୃଦୟ ପ୍ରତି ତୁମର ସଂପୂର୍ଣ୍ଣ ଅଧିକାର ଅଛି।ହେଲେ ତୁମ ମୂଲ୍ୟର ମୂଲ ଶୁଝିବାରୁ ଭାଗ ଛଡେଇ ନେବାର ଅଧିକାର ମୁଁ ତୁମକୁ ଦେଇପାରିବି ନାହିଁ। ପ୍ଲିଜ ରମଣ ସେତକ କରିବାକୁ ମୋତେ ଅଧିକାର ଦେବ।

ରମଣ- ସ୍ତ୍ରୀଠାରୁ ସ୍ୱାମୀ କେବେ ମୂଲ୍ୟ ଚାହେଁନା ସୀମା ବରଂ ସ୍ୱାମୀ ପାଇଁ ସ୍ତ୍ରୀ ହେଉଛି ମୂଲ୍ୟାଙ୍କନ,ଅର୍ଦ୍ଧାଙ୍ଗିନୀ,ଜଣେ ଜଣକର ପରିପୂରକ।(ଆଲିଙ୍ଗନ କରି)

ସୀମା- ରମଣ....

ରମଣ- ତୁମେ ଜାଣ ସୀମା ଆଜି ଆମର କି ଦିନ ?

ସୀମା- ଉଁ ହୁଁ

ରମଣ- ମୁଁ ଯଦି କହେ ଆଜି ଆମର ମଧୁଯାମିନୀ....

ସୀମା- ହୋଇପାରେ....

ରମଣ- ଏଇ ଦିନରେ ମୁଁ ଯଦି ତୁମକୁ...(କିସ ମାରିବା ବେଳେ)

ସୀମା- ହେତ.... (ମଧୁର ଗୀତର ତାଳେ ତାଳେ ଦୁହେଁ ଆଲିଙ୍ଗନ)

(ମଞ୍ଚ ଅନ୍ଧାର)

।। ୧୬ ଦୃଶ୍ୟ ।।

(ମଞ୍ଜରୀ କୈକେୟୀର ମୁଣ୍ଡ ମାଲିସ କରୁଥିବା ଅବସ୍ଥାରେ କହି ଉଠେ।)

ମଞ୍ଜରୀ- କଣ ଏତେ ଭାବୁଛ ସାନ ମା'?ଭାବି ଭାବି ଦେଖୁଛ ମୁଣ୍ଡ କେମିତି ବିନ୍ଧୁଛି।ମୋ କଥା ତ ସଭିଙ୍କୁ ଅସୁନ୍ଦର ଲାଗୁଛି। ହେଲେ ମୁଁ ସେମିତି ଘରର ଝିଅ ନୁହେଁମ...

କୈକେୟୀ- ତୋ ମୁହଁ କଣ କେହିବେଳେ ବନ୍ଦ ରହିବନି ମଞ୍ଜରୀ?

ମଞ୍ଜରୀ- ଚାକରାଣୀର ମୁହଁ ସିନା କେବେ ବନ୍ଦ ହୋଇଯିବ ସାନ ମା', ହେଲେ ସମାଜର ମୁହଁକୁ କଣ ବନ୍ଦ କରିପାରିବ?

କୈକେୟୀ- ମଞ୍ଜରୀ...!

ମଞ୍ଜରୀ- ତୁମେ ତ ସାକ୍ଷାତ ଦେବୀ ପ୍ରତିମା।ସାନ ବାବୁଙ୍କର ଭୁଲ କୁ ଭୁଲି ଦୁହିଙ୍କୁ ଆପଣାର କରିନେଇଛ।

କୈକେୟୀ- ତୁ କଣ କହିବାକୁ ଚାହୁଁଛୁ?

ମଞ୍ଜରୀ- ମୁଁ ସେମିତି ଘରର ଝିଅ ନୁହେଁମ...ଯାହା କହିବି ସତ ସତ କହିବି।

କୈକେୟୀ- ହଉ କଣ କହୁଛୁ କହ?

ମଞ୍ଜରୀ- ବଡ଼ ବାବୁ ଆଜି ସକାଳେ ଓକିଲ ବାବୁଙ୍କୁ ଫୋନରେ କହୁଥିଲେ....

କୈକେୟୀ- କଣ କହୁଥିଲେ?

ମଞ୍ଜରୀ- ସାନ ବାବୁଙ୍କ ନାଁରେ ସମସ୍ତ ସମ୍ପତ୍ତି ଉଇଲ କରିଦେବେ।

କୈକେୟୀ- ଏଥିରେ ଖରାପ ଆଉ କଣ ହେଲା?ଏ ବଂଶର ବଡ଼ ପୁଅ ହିସାବରେ ରମଣ ସବୁକିଛି ଦାୟିତ୍ୱ ନେବନାହିଁ ତ ଆଉ କିଏ ନେବ?

ମଞ୍ଜରୀ- ତୁମେ ଭାରି ସରଳ ସାନ ମା'।ଏତେ ସରଳ ହେଲେ ସବୁ କିଛି ଓଲଟ ପାଲଟି ହୋଇଯିବ।ଆମ ଛୁଆ ବାବୁଙ୍କ କଥା କିଛି ଭାବିଛ ନା ନାହିଁ?ଦୁଧରୁ ମାଛିକୁ କାଢ଼ି ଫୋପାଡ଼ି ଦେବା ପରି ତାଙ୍କୁ କଣ ଫିଙ୍ଗିଦେବ?

କୈକେୟୀ- ମୋ ମନରେ ନିଆଁ ଲଗେଇବା ବ୍ୟତୀତ ତୋର କଣ ଆଉ କିଛି କାମ ଧନ୍ଦା ନାହିଁ?

ମଞ୍ଜରୀ- ଇଲୋ ମୋ ବୋଉଲୋ,ମୁଁ ସେମିତି ଘରର ଝିଅ ନୁହେଁମ।ମୁଁ କଣ କିଛି ମିଛ କହୁଛି?ନିଆଁ ତ ଭିତରେ ଭିତରେ କୁହୁଳୁଛି ସାନ ମା' କିନ୍ତୁ ତୁମକୁ ମୋ କଥା ସବୁବେଳେ ଖରାପ ଲାଗୁଛି।ହେଲେ ମୁଁ କହିଦେଉଛି ଦିନେ ଭାବିବ ମୁଁ ସତ କହୁଛି କି ମିଛ।ସେଦିନ ନେଡି ଗୁଡ଼ କହୁଣୀ କୁ ବହି ସାରିଥିବ।

କୈକେୟୀ- ମଞ୍ଜରୀ!!

ମଞ୍ଜରୀ- ତୁମେ ସାନ ବାବୁଙ୍କୁ ବହୁତ ସିଧାସାଦା ଭାବିଛ ନୁହେଁ କିନ୍ତୁ ସେ ଯେ ଭିତରେ ଭିତରେ ଏତେ ବଙ୍କାଟଙ୍କା ତାହା ତୁମେ କେମିତି ବୁଝିବ।

କୈକେୟୀ- ତୁ ଏସବୁ କଣ କହୁଛୁ ମଞ୍ଜରୀ!ତୁ ଜଣେ ମଣିଷ ନା ନିଆଁ ଲଗା ମାଚିସ।

ମଞ୍ଜରୀ-ମୁଁ ସେମିତି ଘରର ଝିଅ ନୁହେଁ ମ ସାନ ମା' ଯାହା କହିବି ହକ କଥା କହିବି।ହେଇଟି ସାନ ମା' ମୁଁ କହିଦେଉଛି ଜାଣିଥାଅ ଛୁଆ ବାବୁଙ୍କୁ ଖରାପ କରିବା ମୂଳରେ ସାନ ବାବୁଙ୍କର ହାତ ଅଛି।

କୈକେୟୀ- ତୁ କେମିତି ଜାଣିଲୁ?

କାଶୀ(ପ୍ରବେଶୀ)- ଆଲୋ ଏଥିରେ ଜାଣିବାର କଣ ଅଛି?ଭାଇ ଆଉ ଓକିଲଙ୍କ ଭିତରେ ସଲାସୁତରା ହେଲେଣି ରମଣ ନାଁ ରେ ସବୁ ସମ୍ପତ୍ତି ଉଇଲ କରିଦେବେ।

କୈକେୟୀ- ହଉ ଭଲ କଥା।ରମଣ ଏ ଘରର ବଡ଼ ପୁଅ।ତା ନାଁରେ ସବୁ ଅଚଳାଚଳ ସମ୍ପତ୍ତି ଉଇଲ ହେବ।

କାଶୀ- ମୋ ନିଜ ଦେଇଲୋ ତୁ ଏତେ ନିର୍ମଳ ହେଲେ ସବୁ ସରି ଯିବଲୋ।କିଲୋ ରମଣ ଭାରତକୁ ଖରାପ କଥା ଶିଖାଇଲା।ଖରାପ କାମ କରିବାକୁ ପ୍ରବର୍ତ୍ତାଇଲା।ବୁଝିଲୁ ଲୋ ଦେଇ ରମଣ ମୋ ନିଜ ଭଣଜାକୁ ମଦ ପେଇ ପେଇ ପୂରା ସର୍ବନାଶ କରି ଦେଲା।ଯାହାଫଳରେ ଭାଇ ଆମର ଭାରତକୁ ଘୃଣା କଲେ ଆଉ ରମଣ ହେଲା ସୁନା ପୁଅ।ପୁଣି ଏବେ ତା ନାଁରେ ସବୁ ସମ୍ପତ୍ତି ଇଉଲ କରିବାକୁ ବସିଲେଣି।

ଭାରତ-(ମଦ ନିଶାରେ ଟଳି ଟଳି ଆସେ)- ଆବେ ମଞ୍ଜରୀ,ଲଛୁ ଆବେ କୁଆଡେ ଗଲ?ଆରେ ମମ୍ମି ମୋ ପ୍ୟାରୀ ମମ୍ମି।

କୈକେୟୀ- ଦୂର ହୋଇଯା ମୋ ସାମନାରୁ।ତୋତେ ଟିକେ ଲଜ୍ୟା ସରମ ଲାଗୁନି।କେତେ ମଦ ପିଇଛୁ?

ଭାରତ- କାହିଁକି ମଦ ପିଇ ଘରକୁ ଫେରିବା କଣ ଅପରାଧ?ଶଳା ଯାହାକୁ ରାଜା ମହାରାଜାମାନେ ପିଉଥିଲେ ତାକୁ ତୁ ମଦ କହି ଏମିତି ଅପମାନିତ କରନା ମମ୍ମି।(ଟଳି ଟଳି ପଡିଯିବା ବେଳେ କାଶୀ ଧରିନିଏ)

କାଶୀ- ଆ ହା ହା ମୋ ନିଜ ଭଣଜାରେ କେତେ ସରି ହେଲାଣି ବିଚରା।

ଭାରତ- ବୁଝିଲ ମାମା,ମମ୍ମିକୁ କୁହ ମଦ ନକହି ଗୋଟେ ସିଷ୍ଟମେଟିକ ଭାଷାରେ ହ୍ୱିସ୍କି,ରମ, ବିଅର, ସାଂପେନ ବୋଲି କହୁ।

କୈକେୟୀ- ହୁଁ ମଦକୁ ଆଉ କେତେ ପ୍ରକାର ନାଁରେ କହିବି।ମଦୁଆ କୋଉଠିକାର।ଏଭଳି ପରିସ୍ଥିତି ତୋ ଡାଡି ଦେଖିଲେ କଣହେବ ଥରେ ଚିନ୍ତା କରିଛୁ?

ଭାରତ- କଣ ହେବ ମୋର?ସେ ଓଲ୍ଡ ମେନ ମୋର କଣ କରିବ?

କୈକେୟୀ- ଭାରତ!ଯାହା ହେଲେ ବି ସେ ତୋର ଡାଡି।କେତେଦିନ ଯାଏ ତୋର ଏଭଳି ହରକତକୁ ପଣତ କାନି ତଳେଘୋଡାଇ ରଖିବି?ମୋ କଥା ମାନ ବାପା ରମଣ ଭଳି ସୁନା ପୁଅ ହୋଇଯା ।

ଭାରତ- ରମଣ (ଆ)ଓହୋ ମମ୍ମି ତୁ ଯେ କଣପାଇଁ ସବୁବେଳେ ରମଣ ର ବଢ଼େଇ କରୁ ମୁଁ କିଛି ବୁଝିପାରେ ନାହିଁ!ତୁ ତାକୁ କଣ ଭାବିଛୁକି?....

କୈକେୟୀ- ଦେବତା

ଭାରତ- ଆଉ ମୁଁ?...

କୈକେୟୀ- ଦାନବ।

ଭାରତ– ମମ୍ମି!!ଶୁଣୁଛ ମାମା ମୋ ମମ୍ମି କିପରି ତା ନିଜ ପୁଅକୁ ଦାନବ କହୁଛି।

ମଞ୍ଜରୀ– ତୁମେ ଚାଲିଲ ଛୁଆ ବାବୁ ଟିକେ ଶୋଇପଡିବ।

ଭାରତ– ତୁ ରହ ମଞ୍ଜରୀ ଆଜି ମୋ କଥାର ଗୋଟେ ଫଇସଲା ହେବା ଦରକାର।

ମଞ୍ଜରୀ– ଓ ହୋ ଚାଲ ଶୋଇ ପଡିବ କାଲି ସବୁ ଫଇସଲା ହେଇଯିବ।

ଭାରତ– ତୁ ସତ କହୁଛୁ ମଞ୍ଜରୀ।କାଲି ଫଇସଲା ହେବ?

ମଞ୍ଜରୀ– ହଁ ଚାଲ(ଭାରତକୁ ନେଇଯାଏ)

କାଶୀ– ମୋ ନିଜ ଦେଇଲୋ ତୁ ଏ କଣ କହୁଛୁ ନିଜ ପୁଅଟାକୁ କଞ୍ଚା ଲଙ୍କା ପରି ଦଳି ଦେଲେ କଣ କିଛି ସମାଧାନ ହେବ?

କୈକେୟୀ– ଚୁପକର! ତୁମେମାନେ ସବୁ ମିଶି ମୋ ମୁଣ୍ଡଟାକୁ ଖରାପ କରିଦେଲଣି। କାଶୀ– ଆ ହା ମୋ ନିଜ ଦେଇଲୋ,ଅଯଥାରେ ମୁଣ୍ଡଟା କାହିଁକି ଖରାପ କରୁଛୁ।ମୁଁ ତୋ ନିଜ ଭାଇ ଥାଉ ଥାଉ ମୁଣ୍ଡ ଖରାପ କରିବୁ, ତାହା କଣ ମୁଁ ସହି ପାରିବି!ଆଦୌ ବ୍ୟସ୍ତ ହୁଅନା, ତୁ ଦେଖିବୁ ରହ ମୁଁ କଞ୍ଚା ଲଙ୍କା ପରି ଦଳି ମକଚି ସବୁ ଓଲଟ ପାଲଟ କରିଦେବି।

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି–୭୪, ସେକ୍ଟର–୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

# ବାପୁଜୀଙ୍କ ସ୍ୱପ୍ନର ଭାରତ



ହରେରାମ ପଣ୍ଡା

ବାପୁଜୀ ହେ ତୁମେ ଦେଖିଯାଅ ଥରେ
ତୁମ ସପନର ଭାରତକୁ
ଗଣତନ୍ତ୍ର ନାମେ ପ୍ରବଞ୍ଚନା ଖାଲି
ଧନୀ ଲୁଟୁଛନ୍ତି ଦେଶଟାକୁ ।
ବିଧାନସଭା ତ କ୍ରିକେଟ ପଡ଼ିଆ
ନେତାଙ୍କର ଏଠି ଦାଦାଗିରି,
ପୁଲିସି ଢୋଳାଏ ଥାନା ଚିଆରରେ
ସୁରକ୍ଷିତ ଏଠି ନୁହେଁ ନାରୀ ।
ଶିକ୍ଷକ ଶ୍ରେଣୀରେ ନ ପଢ଼େଇ ପାଠ
ଟିଉସନରେ ତ ମାତିଥାଏ,
ଜାପାନୀ ଜରରେ ମରୁଅଛି ଶିଶୁ
ତା ହିସାବ ଅବା ରଖେ କିଏ ?
ନିର୍ବାଚନ ନାମେ ଚାଲିଛି ଭଣ୍ଡାମି
ମଦ ମାଉଁସର ସୁଅ ଛୁଟେ,
ଚିଟ୍ ଫଣ୍ଡ ମାମଲା ଘୁଞ୍ଚିଘୁଞ୍ଚି ଯାଏ
ଜମାକାରୀ ଯାହା ମୁଣ୍ଡ ପିଟେ ।
ଡାକ୍ତର ଶୋଷୁଛି ରୋଗୀର ରକତ
ବେପାରୀ ଲୁଟୁଛି ଗରାଖକୁ ,
ସୀମାରେ ଯବାନ ପ୍ରାଣବଳି ଦିଏ
ଆସେନି କାହାରି ନଜରକୁ ।

ଚାଷୀ ଦୁଃଖ କେହି ବୁଝିବାକୁ ନାହିଁ
ସବୁ ପ୍ରତିଶ୍ରୁତି ହୁଏ ମିଛ,
କି ଗୁଣ ଗାଇବି ଖଜୁରୀ ଗଛର
ମୂଳରୁ ତ ପାହାଚ ପାହାଚ ।
ଅନ୍ୟାୟ,ଅନୀତି,ଠକାମୀ ଯେ କରେ
ସେହି ମାନଙ୍କୁ କିଏ ଧରିବ ?
ତଳ ଠୁଁ ଉପର ସବୁ ତ ମୁତୁରୀ
ହେଁସ କାଇଁ ପାଇଁ ଧୋଇବ ?
ସପନ ତୁମର ସପନେ ରହିଲା
ଯେତେ ବିପରୀତ ଘଟୁଛି,
କାନ୍ଥରେ ତୁମର ଫଟୋଟି ଦେହରେ
ଫୁଲମାଳ ଖାଲି ଝୁଲୁଛି ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ମାନସିକତା



ଭାସ୍କର ଚନ୍ଦ୍ର ଖଣ୍ଡା

ପାରିଥାନ୍ତି କରି ଯଦି ବଶୀଭୂତ
ହୋଇଥାନ୍ତା ବଶବର୍ତ୍ତୀ
କରାୟତ କରିଥାନ୍ତି ତାକୁ
ହେଲେ ସେତ ମୁକ୍ତ ଆକାଶର ବିହଙ୍ଗ
ଉଡୁଛି ସ୍ୱାଧୀନ ଭାବରେ
ଅହୋ କି କ୍ଷୀପ୍ର ଗତି ତା'ର
କେ ଅଛି କରିବାକୁ ତା ସଂଗେ ପ୍ରତିସ୍ପର୍ଦ୍ଧା
ଚାଖିବାକୁ ସ୍ୱାଦ ପରାସ୍ତ ସୈନିକର ।୧।

ବଦଳାଇ ରଂଗ ତା'ର
ଖେଳେ ହଁ ଆଉ ନା ର ଲୁଚକାଳି ଖେଳ
ଭକ୍ତିପୂତ ହୃଦୟରେ
କେତେବେଳେ ଢାଳି ଦିଏ ଅର୍ଘ୍ୟ
ପୈଶାଚିକ ମନୋବୃତ୍ତି ନେଇ
ସଇତାନ୍ ର ରୂପ ଧରି
ହୋଇଥାଏ କେତେବେଳେ ରକ୍ତ ପିପାସୁ ।୨।

ଧରି ଛଦ୍ମ ବେଶ
କରେ ନାରୀର ଅପହରଣ
କରେ କେତେବେଳେ ଅଟଳ ପ୍ରତିଜ୍ଞା

ଶୋଇ ରହେ ଶର ଶଯ୍ୟାପୋରେ
ଦେଖିବାକୁ ଅନ୍ତିମ ଯୁଦ୍ଧର ବିରାମ ।୩।

କେତେବେଳେ ବଖାଣେ ସତ୍ୟକୁ
ହୁଏ ପୁଣି ଅସତ୍ୟର ବଶବର୍ତ୍ତୀ
ପାରିବକି କରି ନିରୂପଣ
ସେ ମାନସିକତାର ଆକଳନ
ଆଜିର ଉଦ୍ଭାବନ
ମିଥ୍ୟା ଅନୁସନ୍ଧାନକାରୀ ଯନ୍ତ୍ର ? ।୪।

ହେ ମାନସିକତା !
କରିବୁ କିପରି ତୋତେ ବଶବର୍ତ୍ତୀ
ଅନ୍ୟାୟ ର ବିରୋଧାଚରଣ
ହେ ଭଗବାନ !!
ନେଇ ଯାଅ ସେଇ ରାଜ୍ୟକୁ
ଯେଉଁଠି କରିବେ ସଭିଏଁ
ସତ୍ୟର ଅନୁସନ୍ଧାନ ଆଉ ଧର୍ମର ପାଳନ
ନେଉ ଜନ୍ମ
ସେଇ ମାନସିକତା ।୫।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁରା
ଭୁବନେଶ୍ୱର

# ଚାନ୍ଦର ଚାନ୍ଦିନୀ

ନିରଞ୍ଜନ ସାହୁ

ଜହ୍ନକୁ ଚାହିଁଲେ ଜହ୍ନ ହସିଦିଏ
ତାତ୍ସଲ୍ୟ ଲାଗଇ ମୋତେ
ଜହ୍ନ ବୋଧହୁଏ ଜାଣି ଦେଇଅଛି
ଭୁଲି ପାରୁନି ମୁଁ ତୋତେ ।

ଜହ୍ନ ତ ଦେଖାଏ ସଭିଙ୍କୁ ସପନ
ମୋତେ ବି ଦେଖାଇଥିଲା
ମାୟାବିନୀ ରାତି ଆଖିରୁ ମୋହରି
ନିଦକୁ ଚୋରାଇ ନେଲା
ଜହ୍ନ ସହ ଯେବେ ଆଖି ମିଶିଯାଏ
ଲାଜେ ମୁଁ ମୁହଁକୁ ପୋତେ ।

ଜହ୍ନ ସାଥେ କଇଁ ଭାବ ଦିଆନିଆ
ଏ କଥା ଦୁନିଆ ଜାଣେ
ସେଥିପାଇଁ ସିଏ ଅମର ପ୍ରେମକୁ
ଦର୍ଶାଏ ଆପଣା ଟାଣେ
ଜହ୍ନ ଆଲୁଅରେ ସ୍ମୃତି ଚାଷ ଜମି
ଚଷିବାକୁ ହଳ ଯୋତେ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୫ )

ବିବେକା ମାଷ୍ଟର ଥରେ ମାତ୍ର  ବିହଙ୍ଗମ ଦୃଷ୍ଟି  ପହଁରେଇ ଆଣି ପିଲାଙ୍କର ଉପସ୍ଥିତି ସଂଖ୍ୟାର ସ୍ଥିତି  ଜାଣି ଯାଆନ୍ତି । ଉର୍ବର ମୁଣ୍ଡରେ, ଆଉ ଜୀଭ ଅଗରେ ପିଲାଙ୍କ ଚେହେରା, ନାମ, ଘର  ତାଙ୍କର ପରିସ୍ଥିତି ସବୁ ମୁଖସ୍ଥ ହେଇ ରହିଥାଏ  । ରେଜିଷ୍ଟର୍ ନଥାଏ  । ହାତଗଣତି ପିଲାଙ୍କ ପାଇଁ ରେଜିଷ୍ଟର୍ କଣ ହେବ ଉ଼ଃ ।

-  ହଇରେ ବନ, ସେ ଚଗଲୁ କାଇଁକି ଆସିନାହିଁ କିରେ  ?

- ସାର୍, ତାଙ୍କର ଗାଇ କଅଁଳେଇଛି  । କଣ ବେରାମ ହେଲା ଯେ ଇଚ୍ଛାପୁର ଗାଁକୁ ଯାଇ ଉଷୁଦ ଆଣିବ  ।

- ଆଉ ସେ ରାମ ନାଇକ  ?

- ସେ ସାର୍ ଆଜି ଆସି ପାରିବ ନାଇଁ । ତାଙ୍କର ଭାଗ ଜମିରେ ଆଜି ତଳି  ରୁଆ ବିହିଡ଼ା ହେବ  ।

- ହେ ହେ ଟୋକା, ଏଇ ତୁ ତୁଉଉ, ଚଇନୁ  । ତୋ ବାପା କଣ କହୁଥିଲା ତୁ ଦିପହର ସାରା ମିଶ୍ର ଘର ତୋଟାରୁ ଆମ୍ବ ଚୋରି କରୁଛୁ  । ନାଠିମ (ନଟୁ) ଘୁରଉଛୁ  । ପାଠରେ ମନ ନାଇଁ କିରେ,  ହେଁ  ?  ପାଠ ଦି ଅକ୍ଷର ନ ପଢ଼ିଲେ କେହି ପଚାରିବେନି ବାପା  ।

ଉନ୍ନତି ହେବନାହିଁ କେବେ । ଜେଜେ ମୂଲିଆ, ବାପ ମୂଲିଆ, ପୁଣି ପୁଅ ବି ମୂଲିଆ । ଏଥିରୁ ଆଗକୁ ବଢ଼ିବ ନା ନାହିଁ ?

- ନାଇଁ ସାର୍, ସେ ବୁଧନି ଆଇ କହିଲା ତ ଆମ୍ଭ ସଢ଼। କରବ ବୋଲି । ଆଉ କାଇଁ ସାର୍, ମୋ ପାଖରେ ନାଠିମ କାହିଁ ? ସେଇ ବାଙ୍କର ନାଠିମଟା ମୁଁ ଧରି ଦେଖୁଥିଲି ଟିକେ ନାକୁ ନା ।

- ହଉ ହଉ, ଆଉଉଉ ? ଏଇ ସନ କାହାର୍ ଆଇଁଷ୍ ପାଣିରେ ଆଙ୍ଗୁଳି ଡୁବୁଛି କିରେ ? (ଅର୍ଥାତ, କାହା ଘରେ ବାହା ବ୍ରତ ହେଉଛି )

- ଆମର, ମୋ ଅପାକୁ ଦେଖିବାକୁ କୁଣିଆ ଆଇଥିଲେ ପା ।

ଗୁଣ କହି ଉଠେ ।

ଏଇ ହେଲା ଆମର ଶୂନ୍ୟକାଳରେ ଶୂନ୍ୟ ଆଳାପ । ଆଜିକାଲି ଯାହା କୁହନ୍ତି, ଜୀରୋ ପିରିୟଡ଼ ।

ଗୋଟା ଗୋଟାକରି ନାମ ଡାକିଯିବେ ସାର୍,

- ବାଙ୍କ ବିହାରୀ ମହାନ୍ତି,

- ଜୟ ଭାରତ୍

- ଟଙ୍କଧର ପରିଡ଼ା

- ଜୟ ଭାରତ୍

- ଖଗେଶ୍ୱର ପାତ୍ର .........

.........

ତାପରେ ଆରମ୍ଭ ହେବ ହସ୍ତାକ୍ଷର ଖାତା ଦେଖିବା । ଏଇଟା ସବୁଠାରୁ ମହତ୍ୱପୂର୍ଣ୍ଣ ବିଷୟ ବିବେକା ମାଷ୍ଟର ଲାଗି । ଟିକେ ଆଡାତେଢା ଅକ୍ଷର ହେଲେ, କିମ୍ବା ଗାର ଭିତରୁ ଅକ୍ଷର ଟିକେ ବାହାରିଗଲେ ଆଙ୍ଗୁଠିକୁ ମୋଡ଼ି ଦିଅନ୍ତି । ନହେଲେ ପିଠିରେ ଦୁଲ୍ ଦାଲ୍ ବିଧା ଥୋଇ ଦିଅନ୍ତି ଗୋଟେ ହାତକୁ ପିଠି ଆଡ଼କୁ ମୋଡ଼ି । ଆମକୁ ଡୋର ଉପରେ ସନ୍ତୁଳନ ରଖି ଚାଲିବା ପରି ଲାଗେ, ଯେମିତି ଆମେ ଦେଖୁଁ ଫୋକଟିଆ ସରକସ୍ ରେ । ବାଉଁଶରାଣୀକୁ ବି ।

ମୋତେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବହି ନଦେଖି ଛଅ ଛଅଟା ଶ୍ରେଣୀର ସମସ୍ତ ପାଠ ତାଙ୍କୁ ଆସୁଛି କେମିତି ? ପୃଥିବୀର ସବୁ ଦେଶ ତଥା ଭାରତର ସବୁ ରାଜ୍ୟର ରାଜଧାନୀର ନାମ ତାଙ୍କର ମୁହଁରେ ମୁହଁରେ । ମସିଆ ମାଟିଆ ହେଇ ଯାଇଥିବା କୋଉ କାଳର ମାନଚିତ୍ରରେ କୌଣସି ଗୌଣରୁ ଗୌଣ ଜାଗାର ସ୍ଥିତି ତାଙ୍କର ଅଙ୍ଗୁଳି ଟିପରେ ।

ଆମ ଆଡ଼କୁ ଚାହିଁଥିବେ, କହୁଥିବେ ଆଫ୍ରିକାର ନୀଳନଦୀ ସମ୍ବନ୍ଧରେ ଆଉ ସାଇଡ କାନ୍ଥରେ ଟଙ୍ଗା ମାନଚିତ୍ରରେ ସଜରେ ବୋହି ଯାଉଥିବ ତାଙ୍କର ବିଷଆଙ୍ଗୁଳିଟା ନୀଳନଦୀର ପାଣି ସହିତ । ଆମକୁ କହୁଥିବେ ଭାରତର ପ୍ରଥମ ଇସ୍ପାତ କାରଖାନା ଜାମଶେଦପୁର ବୋଲି, ଆଙ୍ଗୁଳି ଯାଇ ସ୍ଥିର ହେଇ ଯାଇଥିବ ଠିକ୍ ଜାମଶେଦପୁର ଉପରେ ।

ପ୍ରଥମ ଶ୍ରେଣୀର କ୍ୱଚିତ ଛୁଆ ପାଖରେ ବର୍ଣ୍ଣବୋଧ ଥାଏ । ସେ ବି କେତେ ହାତ ହେଇ ଆସିଥାଏ କିଏ କହିବ । କେତେ ମଲାଟ ଲାଗି କେତେ ଉତୁରି ଥାଏ । କେତେ ନାମ କଟା ହେଇ ତା ତଳକୁ ଆଉ ଗୋଟାଏ ନାମ ଲେଖା ହେଇଥାଏ ।

ଏଇ ପ୍ରଥମ ଶ୍ରେଣୀରେ ସମଗ୍ର ସ୍କୁଲର ଶତକଡ଼ା ପଚାଶ ପିଲା, ଯେମିତି ଯେମିତି ଶ୍ରେଣୀ ମାନେ ଉପରଗାମୀ ହୁଅନ୍ତି, ପିଲାମାନେ ସେମିତି ସେମିତି ଖସିବାକୁ ଲାଗନ୍ତି ଗୋଟିଏ ଗୋଟିଏ ।

ଆଉ, ଇତିହାସ ?

କି ସ୍ମରଣ ଶକ୍ତି କି ହୋ ?

ହଳଦୀଘାଟି ଯୁଦ୍ଧ, ସବୁ ପାନିପଥ ଯୁଦ୍ଧ, ଆମେରିକା ସ୍ୱାଧୀନତା ଆନ୍ଦୋଳନ, ଔଦ୍ୟୋଗିକ କ୍ରାନ୍ତି ଯେଉଁ ବିଷୟରେ କହିବାକୁ କହିବ ଅନର୍ଗଳ ଗାଇ ଯିବେ ତ । ତୁମେ ହାଁ କରି ଅନେଇ ଥା ।

ମେହେରଙ୍କ ତପସ୍ୱିନୀ, ଗୋପବନ୍ଧୁଙ୍କର କାରା କବିତା, ଭଞ୍ଜ ସାହିତ୍ୟ, ସାରଳା ମହାଭାରତ, ଦାଶ ଭାଗବତ ଆହୁରି କେତେ କଣ, ସବୁ ମୂଖସ୍ଥ । ଇଂରାଜୀ, ସଂସ୍କୃତରେ ବି ପାରଙ୍ଗମ ।

ଚଇନୁ କୁହେ ,

- ଆବେ ଜାଣିଛୁ ? ସେଦିନ କୂଅରୁ ବାଲ୍ଟି କାଢ଼ିବା ନାଗି କଣ୍ଟା (ବିଲେଇ) ଆଣିବା ପେଇଁ ଯାଇଥିଲି ସାରଙ୍କ ଘରୁକୁ, ତାଙ୍କ ସରୁଆ କୋଠରୀରୁ ଝୁଣା, ଚୁଆ ଚନ୍ଦନର ବାସନା ଖଣ୍ଡ ମଣ୍ଡଳ କମ୍ପେଇ ଦେଉଥିଲା । ଜଳାବାଟେ ଅନେଇ ଦେଖିଲି, ଧୋବ ଫରଫର ନୁଗା ପିନ୍ଧି, ଧଳା ହଁସ ଉପରେ ମାଆ ସରସ୍ୱତୀ ବଇଛନ୍ତି । ସାର୍ ସତରେ ସରସ୍ୱତୀ ସାଧନା କରନ୍ତି। ଦେଖୁନ, କି ଅଗାଧ ଜ୍ଞାନ ଲୋକଟାର । ଶଳା ଆମେ ଛଅକ ପଣିକାରେ ଦଶଥର ଝୁଣ୍ଟେଇ ହେଉଛୁ ଆଉ ଲୋକଟା ଛପନକ ପଣିକା ବି କହି ଦେଉଛି ।

- ହେଶ୍, ଭୁରୁଡ଼ଉଛୁ । ଉଡ୍ଡେଇ କହିବାଟା ତୋର ଗୋଟାଏ ଖୋଇ ।

- ଆବେ, ସତ । ଆଖି ଛୁଉଁଛି ।

ମୁଁ ଭାବୁଥାଏ, କେମିତି ସରସ୍ୱତୀ ସାଧନା କରନ୍ତି ଟିକେ ବତେଇ ଦିଅନ୍ତେ ହେଲେ । ମୁଁ ବି କରନ୍ତି । ଆଉ ମାଷ୍ଟରଙ୍କ ଭଳିଆ ଅନର୍ଗଳ ପାଠ ହୁଅନ୍ତା ମୋର ବି । ସେଥିପାଇଁ ମୁଁ

ବିବେକା ମାଷ୍ଟରଙ୍କ ପଛେ ପଛେ ବୁଲେ । ତାଙ୍କର ଛେଳି ପାଇଁ କରଞ୍ଜଡାଳ ଆଣେ । ତାଙ୍କର ଶାଗ କିଆରୀରେ ଯାଇ ପାଣି ମଡେଇ ଦିଏ । ତାଙ୍କର ସଉଦା ଆଣିଦିଏ ।

ସେଦିନ କଷ୍ଟିଆ ଶତକଡ଼ା ଅଙ୍କଟିଏ ମୁଁ କରି ପାରୁ ନଥିଲି । ଶତକଡ଼ା ଅଙ୍କ ପଢ଼ିବା ପାଇଁ ମୋ ଛଡ଼ା ଆଉ କେହି ନଥିଲେ ଶ୍ରେଣୀରେ । ସଂସାର ହଳରେ ଅଧିକାଂଶ ଯୋଚା ହେଇ ସାରିଥିଲେ । କିଛି ମୋ ତଳ ଶ୍ରେଣୀରେ ରହି ଯାଇଥିଲେ । ମୋ ବାପା କିନ୍ତୁ ଚାହିଁ ନଥିଲେ ଏହା । ତାଙ୍କର ଆଖିରେ ମୋ ପାଇଁ ଥିଲା ବଡ଼ ବଡ଼ ସ୍ୱପ୍ନ । ଅଣଜେଜେ ସମୟର ସମୃଦ୍ଧି ଆଣିବାକୁ ଚାହୁଁଥିଲେ ସେ । ଭାଗ୍ୟର ବିଡ଼ମ୍ବନାରୁ ସିନା ସେ ଆଜି ମୂଲିଆ । ତାଙ୍କ ବାପା ଯଦି ତାଙ୍କୁ ଏତେ ଗେହ୍ଲା କରି ନଥାନ୍ତେ କାହିଁକି ତାଙ୍କର ପରିସ୍ଥିତି ଏଇଆ ହେଇ ଥାନ୍ତା । ଯାହା ହେଉ ପଛେ, ମୋତେ ପାଠ ପଢେଇବେ । ମୂଲିଆ ହେବାକୁ ଦେବେନାହିଁ ଜମା ।

ମୁଁ ତନ୍ମୟ ହେଇ ଅଙ୍କ କଷୁଥିଲି,

ବେଳ ବୁଡ଼ି ଆସୁଥିଲା ।ଅଭିନୁ ଯାଇ ଛୁଟି ଘଣ୍ଟି ବଜେଇ ଦେଇଥିଲା ସାରଙ୍କ ଇଶାରା ପାଇ।

ହୋ ହାଲ୍ଲା କରି ପିଲାଏ ଖାଲି କରି ଦେଇଥିଲେ ସ୍କୁଲ୍ । ମୋର କିନ୍ତୁ କୁଆଡ଼କୁ ନିଘା ନଥିଲା । ଖାତାରେ ବାରମ୍ବାର ଅଙ୍କଟାକୁ କଷି ଚାଲିଥିଲି । ସମାଧାନର ସୂତ୍ର ହାତରେ ପଡୁ ନଥିଲା ।

ବିବେକା ମାଷ୍ଟର ଯେ କେତେବେଳୁ ଆଣ୍ଠୁରେ ଦୁଇ ହାତ ଭାରା ଦେଇ ନଇଁ ପଡ଼ି ମୋ ଖାତାକୁ ଦେଖୁଛନ୍ତି ମୋର ହେତୁ ନାହିଁ । ଦୁଃଖା ଡାକିବାକୁ ଆସିଥିଲା, କୁଆଡ଼େ ସାର୍ ତାକୁ ଇଶାରାରେ ପଠେଇ ଦେଇଥିଲେ ।

ମୁଁ ପରେ ଜାଣିଲି ଏକଥା । କିଛି ସମୟ ଉତ୍ତାରୁ ସାର୍ ମୋତେ ଡାକିଲେ,

– ଅଭି, ମୁଁ ଶୁଣି ପାରିଲି ନାହିଁ । ମୋର କାନ୍ଧ ଧରି ହଲେଇ ଦେଲେ ।

- ଅଭିମନ୍ୟୁ, ଅଭି ରେ । ତୁ ଅଙ୍କଟାର ପୁରା ଶେଷ ଆଡ଼କୁ ବାଟ ଭାଙ୍ଗୁଛୁ ଯେ । ସିଧା ବାଟରେ ନଯାଇ ବଙ୍କେଇ ତେଢେଇ କାହିଁକି କଷୁଛୁ ? ଆଉ ଗୋଟାଏ ଧାଡ଼ିରେ ପରା ସମାଧାନ ।

ଦୁନିଆଟାକୁ ସରଳ ଭାବରେ ନେଲେ ଜୀବନ ଜୀଇବା ସହଜ ବାପା । ମୂଳରୁ ଯଦି ତାକୁ ଜଟିଳ ବୋଲି ଭାବିଲ ତେବେ ବାଟବଣା ହେବା ଥୟ । ଲକ୍ଷ୍ୟଚ୍ୟୁତ ହେବ ତୁମେ ।

ସେହି ଗୋଟାଏ ଉପଦେଶରେ ମୋର ସେହି ଅଙ୍କର ସମାଧାନର ସୂତ୍ର ତ ମିଳି ଯାଇଥିଲା। କିନ୍ତୁ ସେହି ଗୋଟିଏ ଉପଦେଶ ଏ ପର୍ଯ୍ୟନ୍ତ ମୋତେ କେବେ ବାଟବଣା ହେବାକୁ ଦେଇ ନାହିଁ । ଯେବେବି ମୋ ଜୀବନରେ ମୁଁ କୌଣସି ଜଟିଳ ପ୍ରଶ୍ନର ସମ୍ମୁଖୀନ ହୁଏ ସେହି ବିବେକା ମାଷ୍ଟରଙ୍କ ଛବି ମନେ ପଡ଼ି ଯାଏ । ଧୋବ ଫରଫର ଧୋତି । ଆଣ୍ଠୁ ଉପରେ ଦୁଇ ହାତ ଭରା ଦେଇ ମୋତେ ଚାହିଁ ରହିଛନ୍ତି ସେ । ମୋର ସମସ୍ୟାର ସମାଧାନ ଛାଏଁ ଛାଏଁ ମିଳିଯାଏ ।

ଆଜି ବିବେକା ସାର୍ ନାହାନ୍ତି ସତ କିନ୍ତୁ ତାଙ୍କର ଉପଦେଶ ମୋର କାନରେ ଏପର୍ଯ୍ୟନ୍ତ ପ୍ରତିଧ୍ୱନିତ ହେଉଛି । ଜୀବନଟା ପ୍ରକୃତରେ ସରଳ । ଆମେ ହିଁ ତାକୁ ଜଟିଳତା ଆଡ଼କୁ ଟାଣିନେଉ । ମୁଁ ସେହିଦିନ ତାଙ୍କର ସାଧନା ପଥର ସନ୍ଧାନ ମଧ୍ୟ ପାଇଥିଲି ।

ମୁଁ ସାରଙ୍କୁ ପଚାରି ଥିଲି -

କ୍ରମଶଃ .....

ବସନ୍ତ ବିହାର
ନୂଆଦିଲ୍ଲୀ

# ଜଳୁଛି ଜଙ୍ଗଲ...



ଅମୂଲ୍ୟ କୁମାର ପଣ୍ଡା

ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ
ସବୁଠି ଅନଳ ଧାସ
ବାଘ ଭାଲୁ ହାତୀ ହରିଣ ଠେକୁଆ
ହରାଇଲେ ତାଙ୍କ ବାସ
ସଭିଏଁ ଦେଖନ୍ତି ଚାହିଁ
ଲିଭାଇବା ପାଠ ଯଦି ଜାଣିନାହଁ
ନିଆଁ ଲଗାଇଲ କାହିଁ ?

ନିଜ ସ୍ୱାର୍ଥ ପାଇଁ ନିଆଁ ଲଗାଇଲ
ସବୁ ଯାଉଅଛି ଜଳି
ବଡ ଠାରୁ ଛୋଟ ପତଳାରୁ ମୋଟ
ବୃକ୍ଷ ପଡୁଅଛି ଟଳି
ଅଙ୍ଗାରକାମ୍ଳରେ ଧରା
ଜୈବମଣ୍ଡଳରେ ସନ୍ତୁଳନ ନାହିଁ
ବଢ଼ଇ ଉତ୍ତାପ ଖରା ।

ଜୀବନ ବିକଳେ ହିଂସ୍ର ବନ୍ୟ ଯନ୍ତୁ
ଗାଆଁ ଓ ସହର ମୁହାଁ
ନିଶ୍ୱାସ ପ୍ରଶ୍ୱାସ ନେଇ ହଉ ନାହିଁ
ଚାରିଆଡ଼େ ଖାଲି ଧୂଆଁ

ଚିନ୍ତା କରନ୍ତିନି କେହି
ପରିବେଶ ରକ୍ଷାକାରୀ ବୃକ୍ଷ ଲତା
ପାଉଁଶ ଯାଉଛି ହୋଇ।

ବିଶ୍ୱ ତାପମାତ୍ରା ବଢ଼ିବଢ଼ି ଚାଲେ
ଅମ୍ଳଜାନ କମେ ଆଜି
ଧ୍ୱଂସର ତାଣ୍ଡବ ରଚୁଛି ମଣିଷ
ଭସ୍ମାସୁର ନିଜେ ସାଜି
ବେଶି ନୂହେଁ ଆଉ ଦୂର
ନ ଚେତିଲେ ଏବେ ପ୍ରଳୟ ଆସିବ
ପ୍ରକୃତି ହୋଇବ କ୍ରୁର ।

ଅରଙ୍ଗାବାଦ, ବରୀ, ଯାଜପୁର

# କବିର ଭାବ



ଦୀନବନ୍ଧୁ ପୋଇ

ନୁହେଁ କବି ଅବା ଲେଖକ
ନୁହେଁ କାହା ଅରାତି
ଭାବି ଭାବି କିଛି ଲେଖଇ
ଯେବେ ମିଳେ ବିରତି ॥

ଘଟଣା ଯା 'ଘଟେ ସମାଜେ
ଶବ୍ଦ ଦେଲେ ସଜାଡ଼ି
ପଢ଼ିବେ କବିତା ପାଠକେ
ତାକୁ ଧାଡ଼ି କି ଧାଡି ।।

ସ୍ୱାସ୍ଥ୍ୟ ଶିକ୍ଷା ନାରୀ ଚରିତ୍ର
ଲେଖା ସଂସ୍କାର ବାଦୀ
ସୁଖ ଶିରୀ ସଦା ମିଳିବ
ଗଲେ ହୃଦୟେ ଭେଦୀ ।।

ପ୍ରତିପାଦ ଭାବ ରସକୁ
ଗାଏ ନର ଆଦରି
ଗାଇଲେ କବିର କବିତା
ମାନ ଯାଏ ବିତରି ।।

ପାଠକ ମୋ ଅଟେ ଜୀବନ
ତାଙ୍କ ହିତେ ଲେଖିବି
ମାଆ ବିଣାପାଣୀ ଚରଣେ
ମଥା ମୁଁ ନୁଆଉଁଥିବି ।।

ଗୋରଡା ପାଳ, ଢେଙ୍କାନାଳ
ଦୂରଭାଷ - ୯୯୩୮୮୦୨୪୧୨

# ଜାଳେ ନିତି
# ଲୁହ ଦୀପ



ଗୌରୀ ମେହେର

ଭକତି ଘେନ ଆହେ ଜଗନ୍ନାଥ,
ତୁମେ ତ ଜଗତ ଠାକୁର!!!
ଦୁନିଆ ଯାକର ନାଥ ହୋଇ କିଆଁ,
ମୋ ବେଳକୁ ହେଲ ପଥର।।। ୧

କପାଳ ଦେଇଛ ଆହେ ବିଶ୍ୱନାଥ,
ହେଲେ ଭାଗ୍ୟ ଦେଇନାହଁ ମୋତେ!!
ଦୁଃଖ ର ନିଆଁରେ ନିତି ଜଳୁଛି ମୁଁ,
ଜାଣି ପାରୁନ କି ସତେ।।। ୨

ଫୁଲ ସଜ୍ଜାପଥ ପାଇବି ବୋଲି କି
ନିତି ଝୁଣ୍ଟି ଝୁଣ୍ଟି ଉଠି ଚାଲୁଛି!!!
କିନ୍ତୁ କାହିଁ ସେ ପଥ, ଆଖି ମୋ ପାଏନି,
ନିତି ବିଶ୍ୱାସ ମୋ ମରୁଛି।।। ୩

ଆଶା ମୋ ଭାଂଗୁଛି, ଭରଷା ତୁଟୁଛି,
ଆତ୍ମା ମୋ ଗଲାଣି ଥକି!!!
ଜୀବନ ପଥ ମୋ ଭାରି ପଡିଲାଣି,
ଆଉ କି ଦୁଃଖ ରଖିଛ ବାକି।। ୪

ସକାଳ ର ଦୀପ, ସଞ୍ଜ ର ଆଳତୀ
ଜାଳେ ମୁଁ ଆଖି ଲୁହରେ!!
ସୁଖର ରୂପରଂଗ ଜାଣି ମୁଁ ପାରିନି,
ତାହା ନାହିଁ ମୋ ପୋଡା ଭାଗ୍ୟ ରେ।। ୫

ନିତି ବୋହି ବୋହି ଆଖି ଲୁହ ଶୁଖିଲାଣି
ବାରେ କୃପାନେତ୍ର ଦେ ଅନାଇ!!!
ଜଗତପାଲକ ଉପାଧି ପାଇ ତୁ କିଆଁ,
ଖାଲି ବସିଛୁ ଯେ ଭୁଜ ମେଳେଇ।।। ୬

ଗମ୍ଭାରୀଗୁଡା, ନୂଆପଡା

# ତୁମେ ଗୋଟିଏ ଶବ୍ଦ କୁହ ନାହିଁ, ତଥାପି, ଜଗତ ତୁମକୁ ବୁଝେ !



ଅସିତ ମହାନ୍ତ

ଏକଦା ବିଶ୍ୱର ଶ୍ରେଷ୍ଠତମ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟିନ ଚାର୍ଲି ଚାପଲିନଙ୍କୁ ଭେଟିଥିଲେ ଏବଂ ତାଙ୍କୁ କହିଥିଲେ "ମୁଁ ତୁମର କଳା ବିଷୟରେ ଯାହାକୁ ଅଧିକ ପ୍ରଶଂସା କରେ, ତାହା ହେଉଛି ସାର୍ବଭୌମିକତା । ତୁମେ ଗୋଟିଏ ଶବ୍ଦ କୁହ ନାହିଁ, ତଥାପି, ଜଗତ ତୁମକୁ ବୁଝେ !" ଉତ୍ତରରେ ଚାର୍ଲି ଚାପଲିନ୍ କହିଥିଲେ -"ଏହା ସତ, କିନ୍ତୁ ତୁମର ଖ୍ୟାତି ଆହୁରି ବଡ! ଦୁନିଆ ତୁମକୁ ପ୍ରଶଂସା କରେ, ଯେତେବେଳେ କେହି ତୁମକୁ ବୁଝନ୍ତି ନାହିଁ!" ଏତିକି କଥାରୁ ଜାଣି ହୁଏ ଯେ ଚାର୍ଲି ଚାପଲିନଙ୍କର ବ୍ୟକ୍ତିତ୍ୱ ବିଷୟରେ । ସାର୍ ଚାର୍ଲ୍ସ ସ୍ପେନ୍ସର ଚାପଲିନ୍ (୧୬ ଏପ୍ରିଲ ୧୮୮୯- ୨୫ ଡ଼ିସେମ୍ବର ୧୯୭୭)ଜଣେ ଚଳଚିତ୍ର ନିର୍ଦ୍ଦେଶକ, ସିନେମାଟୋଗ୍ରାଫର ଏବଂ ଏପରିକି ଜଣେ ରଚନାକାର ଭାବରେ ନୀରବ ଚଳଚିତ୍ରର ବିକାଶଶୀଳ କଳା ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ଏଥିସହ, ୧୯୧୯ ମସିହାରେ ୟୁନାଇଟେଡ୍ ଆର୍ଟିଷ୍ଟର ସହ-ପ୍ରତିଷ୍ଠାତା ଭାବରେ ଚାପଲିନ୍ ଚଳଚିତ୍ର ନିର୍ମାଣ ବ୍ୟବସାୟରେ ଜଣେ ଅଭିନବ ବ୍ୟକ୍ତିତ୍ୱ ଥିଲେ । ଏହି ଅସାଧାରଣ ବ୍ୟକ୍ତିତ୍ୱର ଧନୀ ଚାର୍ଲି ଚାପଲିନ ୨୫ ଡ଼ିସେମ୍ବର ୧୯୭୭ ରେ ଏହି ଦୁନିଆ ଛାଡି ଯାଇଥିଲେ । ଛାଡ଼ିଯାଇଥିଲେ ଅଗଣ୍ୟ ଅଭୁଲା ସ୍ମୃତି ଯାହା କେବଳ କଳାପ୍ରେମୀ ମାନଙ୍କୁ ନୁହେଁ ବରଂ ସାଧାରଣ ମନୁଷ୍ୟ ମନକୁ ଆନ୍ଦୋଳିତ କରେ । କାରଣ ତାଙ୍କର ଚରିତ୍ରରେ ଥିଲା ମନୁଷ୍ୟ ଏବଂ ମାନବ ସମାଜ ପ୍ରତି ଅଥକ ଭଲପାଇବା । ମାନବ ସ୍ଥିତିରେ ଚାପଲିନ୍‌ଙ୍କ ବ୍ୟଙ୍ଗାତ୍ମକ ଭାବନା ସିନେମାକୁ ରୂପାନ୍ତରିତ କରିଥିଲା, ମୁଖ୍ୟତଃ ହାସ୍ୟ ଅଭିନୟ, ଏକ ନୂତନତ୍ୱରୁ ଏକ ୟୁଏଟିକ ଆର୍ଟ ଫର୍ମରେ ପରିଣତ ହୋଇଥିଲା, କାରଣ ତାଙ୍କ ଚଳଛିତ୍ରଗୁଡ଼ିକ ଡାଇମେନ୍ସନାଲ୍ ଚରିତ୍ରମାନଙ୍କ ସହିତ ପ୍ରକୃତ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇଥିଲେ ଯାହା ବିଷୟରେ କଥାବାର୍ତ୍ତା କରିବା ସହଜ ହୋଇଥିଲା । ସେ କେବଳ ହଲିଉଡରେ ସିନେମାର

ଚେହେରାକୁ ସବୁଦିନ ପାଇଁ ବଦଳାଇ ନଥିଲେ ବରଂ ବିଶ୍ୱବ୍ୟାପୀ ମଧ୍ୟ ପ୍ରଭାବ ପକାଇଥିଲେ । ତାଙ୍କର ଦକ୍ଷତା ତାଙ୍କର ନିତିଦିନିଆ ସଂଘର୍ଷ ଏବଂ ଦୁଃଖଦ ଘଟଣାରେ ଏକ ବ୍ୟଙ୍ଗ ବ୍ୟକ୍ତିତ୍ୱର ଚରିତ୍ରରେ ମିଶ୍ରଣ କରିବାର ଅନ୍ତର୍ନିହିତ ଦକ୍ଷତା ମଧ୍ୟରେ ରହିଥିଲା ଯାହା ତାଙ୍କୁ ଏକ ସମୟରେ ମଜାଳିଆ କରିଥିଲା, କିନ୍ତୁ ସେଇ ମଜାଳିଆ କଥା ଭିତରେ ସତ୍ତା ସାମ୍ନାରେ ତାର ଦୋଷ ଏବଂ ଦୁର୍ବଳତାକୁ ତୋଳି ଧରୁଥିଲେ ।

ଚାର୍ଲି ଚାପଲିନ୍ ସର୍ବଶ୍ରେଷ୍ଠ ତଥା ବହୁଚର୍ଚ୍ଚିତ ନୀରବ ଚଳଚ୍ଚିତ୍ର ତାରକାମାନଙ୍କ ମଧ୍ୟରୁ ଜଣେ । "ଇଜି ଷ୍ଟ୍ରିଟ୍" (୧୯୧୭) ରୁ "ମଡ଼ନ ଟାଇମ୍ସ" (୧୯୩୬) ପର୍ଯ୍ୟନ୍ତ ସେ ତାଙ୍କ ସମୟର ଅନେକ ମଜାଳିଆ ଏବଂ ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ସେ ତାଙ୍କ ଚରିତ୍ର, ନିର୍ବୋଧ ଏବଂ ପ୍ରେମୀ ଲିଟିଲ୍ ଟ୍ରମ୍ପ ପାଇଁ ବେଶ୍ ଜଣାଶୁଣା । ଚାର୍ଲି ଚାପଲିନ୍ ଚଳଚ୍ଚିତ୍ର ଚଳଚ୍ଚିତ୍ର ଇତିହାସରେ କେତେକ ସ୍ମରଣୀୟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଲେଖିଥିଲେ ଏବଂ ନିର୍ଦ୍ଦେଶନା ଦେଇଥିଲେ, ଯେପରିକି କିଡ୍ (୧୯୨୧), ଗୋଲ୍ଡ ରଶ୍ (୧୯୨୫), ସିଟି ଲାଇଟ୍ (୧୯୩୧), ମଡର୍ନ ଟାଇମ୍ସ (୧୯୩୬), ଦି ଗ୍ରେଟ୍ ଡିକ୍ଟେଟର୍ ( ୧୯୪୦), ଯେଉଁଥି ପାଇଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ.. ଚାର୍ଲି ଚାପଲିନଙ୍କ ଚରିତ୍ରର ମୁଖ୍ୟ ଦିଗ ହେଉଛି, ବ୍ୟକ୍ତିଗତ ଜୀବନ ଏବଂ ଚଳଚିତ୍ର ଜୀବନ ଉଭୟ ଏକ ଥିଲା । ତାଙ୍କର ବହୁ ପ୍ରଶଂସିତ ଚଳଚିତ୍ର 'ଦ ଗ୍ରେଟ୍ ଡିକ୍ଟେଟର୍' ଯାହା କେବଳ ୫ ମିନିଟର ଭାଷଣ ଯାହା ଫିଲ୍ମକୁ ସମାପ୍ତ କରେ । ଏଠାରେ ଚାପଲିନ୍ ତାଙ୍କର ବ୍ୟଙ୍ଗ ମାସ୍କ ଛାଡି ସିଧାସଳଖ ବିଶ୍ୱ ସହିତ କଥା ହୁଅନ୍ତି, ଯାହା ତାଙ୍କ ମତକୁ ଦର୍ଶାଇଥାଏ ଯେ ଲୋକମାନେ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ଉଠିବେ ଏବଂ ଶାନ୍ତିରେ ଏକଜୁଟ ହେବେ । ଅର୍ଥାତ ସିଧା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ । ସେହି ୫ ମିନିଟ ର ଭାଷଣକୁ ଯେଉଁମାନେ ଶୁଣିଛନ୍ତି ସେମାନେ ଏହି ପ୍ରକୃତ ହିରୋଙ୍କୁ ଭୁଲିପାରିବେ ନାହିଁ । ଏହାହିଁ ହେଉଛି କାରଣ ଚାର୍ଲି ଚପଲିନଙ୍କୁ ଅନେକ ଥର ବିଭିର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି । କିନ୍ତୁ ସେସବୁକୁ ଭୃକ୍ଷେପ ନକରି ସେ ଚଳଚିତ୍ର ମାଧ୍ୟମରେ ତାଙ୍କ କଥାକୁ ନିଡର ଭାବରେ ରଖିଥିଲେ । ଏପରି ବ୍ୟକ୍ତିତ୍ୱ ଇତିହାସରେ ବିରଳ ।

ଏଠାରେ 'ଦ ଗ୍ରେଟ୍ ଡିକ୍ଟେଟର୍' ର କିଛି ଅଂଶ ଲେଖୁଛି ଯାହା ସେହି ମହାନ ବ୍ୟକ୍ତିତ୍ୱକୁ ବୁଝିବାପାଇଁ ସହାୟତା କରିବ। "ମୁଁ ଅତ୍ୟନ୍ତ ଦୁଃଖିତ । ମୁଁ ସମ୍ରାଟ ହେବାକୁ ଚାହେଁ ନାହିଁ। ତାହା ମୋର ବ୍ୟବସାୟ ନୁହେଁ । ମୁଁ କାହାକୁ ଶାସନ କରିବାକୁ କିମ୍ବା ଜିତିବାକୁ ଚାହେଁ ନାହିଁ । ମୁଁ ସମସ୍ତଙ୍କୁ ସାହାଯ୍ୟ କରିବାକୁ ଚାହେଁ । ସେ ଗୋରା ହୁଅନ୍ତୁ ବା କଳା, କିମ୍ବା ୟୁହୁଦୀ ବା ଅଣୟୁହୁଦୀ। ଆମେ ସମସ୍ତେ ପରସ୍ପରକୁ ସାହାଯ୍ୟ କରିବାକୁ ଚାହୁଁଛୁ । ମନୁଷ୍ୟ ସ୍ୱଭାବରେ ସେହିଭଳି ଅଟନ୍ତି । ପରସ୍ପରର ଦୁଃଖ ଦ୍ୱାରା ଆମେ ପରସ୍ପରର ସୁଖରେ ବଞ୍ଚିବାକୁ ଚାହୁଁଛୁ । ଆମେ ପରସ୍ପରକୁ ଘୃଣା କରିବାକୁ ଚାହୁଁନାହୁଁ । ଦୁନିଆରେ ସମସ୍ତଙ୍କ ପାଇଁ ସ୍ଥାନ ଅଛି ଏବଂ ଆମ ପୃଥିବୀ ସମୃଦ୍ଧ । ଏହା ସମସ୍ତଙ୍କ ପାଇଁ ସବୁକିଛି ଯୋଗାଇପାରେ । ଜୀବନଶୈଳୀ ମୁକ୍ତ ଏବଂ ସୁନ୍ଦର ହୋଇପାରେ, କିନ୍ତୁ ଆମେ ବାଟ ହରାଇଛୁ । ଲୋଭ ମନୁଷ୍ୟକୁ ବିଷାକ୍ତ କରିଦେଇଛି, ଘୃଣା ସହିତ ଦୁନିଆକୁ ଅବରୋଧ କରିଛି ।ଆମେ ଆମର ଗତିକୁ ବିକଶିତ କରିଛୁ, କିନ୍ତୁ ଆମେ ନିଜକୁ ବନ୍ଦ କରିଛୁ। ଯନ୍ତ୍ର ଯାହା ପ୍ରଚୁରତା ଦିଏ ତାହା ଆମକୁ ଅଭାବ ଦେଇଛି । ଆମର ଜ୍ଞାନ ଆମକୁ ଅସନ୍ତୁଷ୍ଟ କରିଛି । ଆମେ ଅଧିକ ଚିନ୍ତା କରୁ ଏବଂ ବହୁତ କମ୍ ଅନୁଭବ କରୁ । ଚତୁରତା ଅପେକ୍ଷା ଆମକୁ ଦୟା ଏବଂ ଭଦ୍ରତା ଦରକାର। ଏହି ଗୁଣଗୁଡିକ ବିନା ଜୀବନ ହିଂସାତ୍ମକ ହେବ ଏବଂ ସମସ୍ତେ ନଷ୍ଟ ହୋଇଯିବେ ...... ବିମାନ ଏବଂ ରେଡିଓ ଆମକୁ ନିକଟତର କରିଛି । ଏହି ଉଦ୍ଭାବନଗୁଡିକର ପ୍ରକୃତି ସାଧାରଣ ଲୋକମାନଙ୍କ ପାଇଁ ଉତ୍ତମତା ପାଇଁ ଚିତ୍କାର କରେ ଆମ ସମସ୍ତଙ୍କ ଏକତା ପାଇଁ ବିଶ୍ୱ ଭାଇଚାରା ପାଇଁ ଚିତ୍କାର କରେ । ବର୍ତ୍ତମାନ ସୁଦ୍ଧା ମୋର ସ୍ୱର ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚୁଛି, ଲକ୍ଷ ଲକ୍ଷ ହତାଶ ପୁରୁଷ, ମହିଳା ଏବଂ ଛୋଟ ପିଲା- ପୁରୁଷଙ୍କ ନିର୍ଯାତନା ଏବଂ କାରାଗାରରେ ପୀଡିତ । ଆପଣମାନେ ମେସିନ୍ ନୁହଁନ୍ତି । ଆପଣମାନେ ଗାଈ ଗୋରୁ ନୁହଁନ୍ତି! ତୁମେ ମନୁଷ୍ୟ ! ତୁମର ହୃଦୟରେ ମାନବିକତାର ପ୍ରେମ ଅଛି! ତୁମେ ଘୃଣା କର ନାହିଁ! ଦାସତ୍ୱ ପାଇଁ ଯୁଦ୍ଧ କର ନାହିଁ! ସ୍ୱାଧୀନତା ପାଇଁ ସଂଗ୍ରାମ କର! ତୁମ ଭିତରେ, ଲୋକମାନଙ୍କର ଶକ୍ତି ଅଛି – ମେସିନ୍ ତିଆରି କରିବାର ଶକ୍ତି । ସୁଖ ସୃଷ୍ଟି କରିବାର ଶକ୍ତି! ଆପଣମାନେ, ଏହି ଜୀବନକୁ ମୁକ୍ତ ଏବଂ ସୁନ୍ଦର କରିବା, ଏହି ଜୀବନକୁ ଏକ ଚମତ୍କାର ଦୁଃସାହସିକ କାର୍ଯ୍ୟ କରିବାର ଶକ୍ତି ଅଛି ।

ଗଣତନ୍ତ୍ର ନାମରେ - ଆସନ୍ତୁ ସେହି ଶକ୍ତି ବ୍ୟବହାର କରିବା - ଆସନ୍ତୁ ସମସ୍ତେ ଏକଜୁଟ ହେବା । ଆସନ୍ତୁ ଏକ ନୂତନ ବିଶ୍ୱ- ସୁନ୍ଦର ଦୁନିଆ ପାଇଁ ଲଢ଼ିବା ଯାହା ଲୋକମାନଙ୍କୁ କାମ କରିବାର ସୁଯୋଗ ଦେବ - ଯାହା ଯୁବକମାନଙ୍କୁ ଭବିଷ୍ୟତ ଏବଂ ବୃଦ୍ଧାବସ୍ଥାକୁ ସୁରକ୍ଷା ଦେବ । ଏହି ଜିନିଷଗୁଡ଼ିକର ପ୍ରତିଜ୍ଞା ଦ୍ୱାରା, ବର୍ବରମାନେ କ୍ଷମତାକୁ ଆସିଛନ୍ତି । କିନ୍ତୁ ସେମାନେ ମିଛ କୁହନ୍ତି! ସେମାନେ ସେହି ପ୍ରତିଜ୍ଞା ପୂରଣ କରନ୍ତି ନାହିଁ । ସେମାନେ କଦାପି କରିବେ ନାହିଁ! ଏକଛତ୍ରବାଦୀମାନେ ନିଜକୁ ମୁକ୍ତ କରନ୍ତି କିନ୍ତୁ ସେମାନେ ଲୋକମାନଙ୍କୁ ଦାସ କରନ୍ତି! ଏବେ ସେହି ପ୍ରତିଜ୍ଞା ପୂରଣ କରିବା ପାଇଁ ଆମକୁ ଲଢ଼ିବାକୁ ହେବ! ଆସନ୍ତୁ ବିଶ୍ୱକୁ ମୁକ୍ତ କରିବା ପାଇଁ ଯୁଦ୍ଧ କରିବା - ଜାତୀୟ ପ୍ରତିବନ୍ଧକକୁ ଦୂର କରିବା - ଲୋଭ, ଘୃଣା ଏବଂ ଅସହିଷ୍ଣୁତା ଦୂର କରିବା । ଆସନ୍ତୁ ଏକ କାରଣ ପାଇଁ ଏକ ଦୁନିଆ ପାଇଁ ଯୁଦ୍ଧ କରିବା, ଯେଉଁଠାରେ ବିଜ୍ଞାନ ଏବଂ ପ୍ରଗତି ସାଧାରଣ ମନୁଷ୍ୟ ପାଇଁ ହେବ, ସାଧାରଣ ମନୁଷ୍ୟ ଏହାର ସ୍ୱାଦ ଚାଖିପାରିବେ । ସୈନ୍ୟମାନେ, ଗଣତନ୍ତ୍ର ନାମରେ, ଆସନ୍ତୁ ସମସ୍ତେ ଏକଜୁଟ ହେବା ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ରଖିଥିବ ସଦା ମନେ



ରଘୁନାଥ ତ୍ରିପାଠୀ

ସୃଷ୍ଟିକର୍ତ୍ତା ପ୍ରଭୁ ସୃଷ୍ଟି କଳପନା
କରି ସୃଜିଲେ ଏ ଧରା
ସୂର୍ଯ୍ୟ ଚନ୍ଦ୍ର ପରା ତାଙ୍କରି ଆଦେଶେ
ସଂସାରକୁ କଲେ ତୋରା ।
କୀଟଠାରୁ ନର ଜଙ୍ଗମ ସ୍ଥାବର
ତରୁଲତା କଲେ ସୃଷ୍ଟି
କେତେ ଯତନରେ କେତେ ଆଦରରେ
ସରଜିଲେ ପରମେଷ୍ଠୀ ।
ପିତାମାତା ଆମ ଚଳନ୍ତି ଦେବତା
ରଖିଥିବ ସଦା ମନେ
ଜନମ ଦେଇଣ କେତେ ଦୁଃଖ ସହି
ବଡ଼ଟେ କଲେ ସେମାନେ ।
ମୁଣ୍ଡର ଝାଳକୁ ତୁଣ୍ଡରେ ଯେ ମାରି
ଯା ଦେଲେ ଆମକୁ ଶିକ୍ଷା
ଜୀବନର ସେହି ପ୍ରଥମ ଗୁରୁଙ୍କ
ବଚନ କରିବା ରକ୍ଷା ।
ପିତାମାତା ସିନା ଜନ୍ମଦାତା ଆମ
ଗୁରୁ ପରା ଜ୍ଞାନଦାତା
ମାଟି ପିଣ୍ଡୁଳାରୁ ମୂରତି ଗଢ଼ନ୍ତି
ତାଙ୍କ ପାଦେ ଆମ ମଥା ।

ଶିକ୍ଷକ ଅଟନ୍ତି ଜ୍ଞାନର ଭଣ୍ଡାର
ତାଙ୍କୁ ନ୍ୟୁନ ନ ମଣିବ
ଅନ୍ଧାରରୁ ନେଇ ଆଲୋକେ ଛାଡ଼ନ୍ତି
ପିଲାଏ ମନେ ରଖିବ ।
ମାଆ ଆଉ ଜେଜ ଭାଇ ଓ ଭାଉଜ
କକା, ଖୁଡୀ, ଅଜା, ଆଇ
ସର୍ବେ ଗୁରୁଜନ ଆଶିଷ ଢାଳନ୍ତି
ପାଶେ ଅବା ଦୂରେ ଥାଇ ।
ଉପକାରୀ ଆଉ ବିଶ୍ୱାସୀ ବନ୍ଧୁଙ୍କୁ
କେବେ ପର ନ କରିବ
ଅବିଶ୍ୱାସୀ ଜନେ ବିଶ୍ୱାସେ ନ ନେବ
ଯେତେଦିନ ଥିବ ଜୀବ ।
ଦେଶର ସେବକ ଚାଷୀ ଓ ସୈନିକ
ଡାକ୍ତର ସେବିକାଗଣ
ଜାଗ୍ରତ ପ୍ରହରୀ ପୁଲିସି ମାନଙ୍କୁ
ସଦା ଦେବ ସନମାନ ।
ଦେହେ କ୍ଷତ ହେଲେ ଔଷଧ ବଳରେ
ଚାଲିଯାଏ ସିନା ବ୍ୟଥା
ଭରେନାହିଁ ଦୁଃଖ ମନେ ସୃଷ୍ଟ କ୍ଷତ
ଶୁଣି ଟାଣ କଟୁ କଥା ।
ଜଳଧାରା ସମ ଅଫେରା ସମୟ
ଗଲେ ଫେରେନାହିଁ ଦିନେ
ଦେବତାଙ୍କୁ ଭକ୍ତି ରଖି ମନେ ସଦା
ଆଗେଇଯାଅ ଜୀବନେ ।

ବାଲିସାହି, ମଧୁପାଟଣା, କଟକ

# ଆଦର୍ଶ ଶିଶୁ



ଝିଲିମିଲି ସାହୁ

ଶିଶୁ ହସରେ ଦୁନଆଁ ସାରା
ଖୁସିର ଲହରୀ ଖେଳେ
ତା କୋମଳ ହୃଦୟ ମନ
କୋଟି ପରାଣ ଜିଣେ ।୧।

କଥାକୁହା ତାର ଆଖି ଦୁଇଟି
ସଜାଏ କେତେ ଯେ ସ୍ୱପ୍ନ
ଲକ୍ଷ୍ୟ ପଥେ ଆଗେଇ ନେବା
ସାଜିଣ ନୂତନ ପଥ ।୨।

ଅନୁସରଣ କରି ସଭିଙ୍କୁ
କର୍ମରେ ହେବ ସେ ବ୍ରତୀ
ସ୍ଥଳେ, ଜଳେ ଅବା ଆକାଶରେ
ରଚବ ଅନେକ କୀର୍ତ୍ତି ।୩।

ଆଦର୍ଶ ଆଉ ସଂସ୍କାର ସାଥେ
ଗଢି ତୋଳବା ଆସ
ଫୁଟିବ ଦିନେ କୋମଳ କଢି
ବିତରି ତାର ବାସ ।୪।

କୁହୁକ ହସେ କୁନ ପିଲାଟି
ନଶ୍ଚୟ ଆଣିବ ଯଶ
ବିଶ୍ୱ ଦେଖି ହେବ ଚକତ
ଦେଖି ତା ସଫଳତାର ଶୀର୍ଷ ।୫।

ଶିକ୍ଷୟିତ୍ରୀ, ନୟାଗଡ

# ମଲ୍‌ପରେ ହେବ ଦେଖା



ଜୟନ୍ତ କୁମାର ମଲ୍ଲିକ୍

ଅଛି ସେହିଘର ଅଛନ୍ତୁ ସମସ୍ତେ
ହୋଇ ମୁଁ ପାରୁନ ଖୁସି
ତୁମେ ଗଲ୍ ପରେ ଆମ ପରିବାର
ଭାବୁଛନ୍ତୁ ଏଠି ବସି ।
ଥିଲ୍ ବେଳେ ତୁମେ କେତେ ଭଲ ଲାଗେ
ହସୁଥିଲ୍ ଆମ ଘର
କେଉଁଠୁ ଆସିଲ୍ ଅଦିନଆଁ ଢେଉ
ଆମକୁ କରିଲ୍ ପର ।
ଠାକୁର ଘରେ ମୋ ଅଳନ୍ଧୁ ଜମିଲ୍
କରିବ ଆଉକେ ପୂଜା
ଫୁଲ ତୁଳସୀରେ ଠାକୁର ମୋହର
କେମିତି ହୋଇବେ ସଜା ?
ଭାବୁଅଛି ଆଜି କ ଦୋଷ କରିଛି
କପାଳେ ଥିଲ୍କ ଲେଖା
ଯେଉଁଠି ଥିଲେ ବି ଭେଟ ମୁଁ କରିବି
ମଲ୍‌ପରେ ହେବ ଦେଖା ।

ଶୂରଡିହ, ନନ୍ଦିପୁର, ଯାଜପୁର

# ସନ୍ଦିଗ୍ଧ ପ୍ରେମିକା

## ଶ୍ରାବଣୀ ମିଶ୍ର



ସୁଶ୍ରୀୟା ପରିଡା

ତରତର ହୋଇ ବସ୍ ରୁ ଓହ୍ଲାଉ ଥାଏ ସଂଜୀବ । ସାଙ୍ଗ ମନୁ କେତେବେଲୁ ଆସି ବସ୍ ଷ୍ଟପରେ ୱେଟ କରିଛି । ଫୋନ୍ କରି ବିରକ୍ତ କରି ସାରିଲାଣି ଯେ କେତେବେଳେ ବସ୍ ଯାଇ ଲାଗିବ ଶାନ୍ତିପଡା ଛକରେ! ତରତର ହୋଇ ବ୍ୟାଗ୍ ଟିକୁ କାନ୍ଧରେ ଗଳାଉ ଗଳାଉ ସଂଜୀବର ନଜର ପଡ଼ିଲା ପାଖ ସିଟରେ ପଡ଼ିଥିବା ଏକ ନୀଳ ଲଫାପା ଉପରେ । ଥରେ ଆଖି ବୁଲାଇ ଆଣିଲା  ଲଫାପାରେ ଲେଖାଥିବା ନାଁ ଉପରେ । ଲେଖାଥିଲା ଶ୍ରାବଣୀ ମିଶ୍ର, ସି. ଡି. ଏ କଟକ ।

କେଜାଣି କାହିଁକ କଛି ନାଭିବି ଲଫପାଟିକୁ ଉଠାଇ ନେଇ ବ୍ୟାଗ୍ ଚେନ୍ ଖୋଲି ରଖିଦେଇ, ବସ୍ ରୁ ଓହ୍ଲାଇଲା । ସାଙ୍ଗ ମାନୁକୁ କଉଠି ଦେଖିବାକୁ ନପାଇ ତାକୁ ଫୋନ ଲଗାଇବାକୁ ବାହାରିଲା ବେଳକୁ ସେତିକବେଳେ ମନୁ ଆସି ତା ପାଖରେ ଗାଡି ବ୍ରେକ୍ ମାରିଲା । "କଣ କରେ ସଂଜୁ ବାବା ! ରାଜଧାନୀ ହାୱାରେ ପୁରା ପୁରି ବଦଳ ଗଲୁଣି, ଆଉ ତୁ ସେଇ ଗାଁ ରେ ଝିଅ ପିଲାଙ୍କ ସହ ଲୁଚକାଳ ଆଉ ବୋହୁଚରୀ ଖେଳବା ସଂଜୁ ହେଇକ ନାହୁଁରେ ।" ମନୁ ତାର ଗୁଟୁଖା ଖିଆ ନାଲି ଦାନ୍ତ ଦେଖେଇ ଥଟ୍ଟାରେ କହିଲା । ସଂଜୀବ ହସି ହସି କହିଲା ତୁ ଆଉ କଉ ବଦଳଛୁ କ ? ସେଇ ଛୀଗୁଲିଆ କଥା ଗୁଡା ଏଯାଏଁ ତୋର ବି ଗଲାନ, ମନେ ନାଇଁକ ସେ ପଣ୍ଡା ଘର ଝୁନୀକୁ ଯଉ ଲୁଚେଇଚଠି ଦେଇଥିଲୁ କନ୍ତୁ ସେ ବୋକ ତାକୁ ନେଇ ତା ଜେଜେମା ହାତରେ ଦେଇ ଦେଲାରୁ ତା ପରେ ଝୁନୀର ଦାଦା ତୋର ସାର୍ଟ ପ୍ୟାଣ୍ଟ ଖୋଲି ଯଉ ଗାଁ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଚଲେଇ ଥିଲା । ସତରେ ଭାରି ମଜା ଲାଗେ ସେ କଥା ଭାବିଲା ବେଳକୁ, ମନୁଆକୁ ଭାରି ଲାଜ ଲାଗିଲା ବୋଧେ ନା କଣ! ତେଣୁ ସେ ଆଉ କଛି ନ କହି କହିଲା, ହଉ ହଉ ଜଲଦି ଗାଡ଼ିରେ ବସ୍ । ସେପଟେ ସାବି ଖୁଡି ଅନେଇଥିବେ ତୋ ଆସିବା ବାଟକୁ । ଆଉ ଆସିଲା ବେଳକୁ ବଜାରରୁ ସଜ ତୋଳା ଛତୁ ନେବାକୁ କହିଛନ୍ତୁ, ତାଙ୍କ ଗେଲ୍ହା ସଂଜୁକୁ କୁଆଡେ ଛତୁ ବେସର ଭାରି ପସନ୍ଦ । ହଉ ଗ୍ଭଲ

କହି ବ୍ୟାଗକୁ କାନ୍ଧରେ ଗଳେଇ ବାଇକ ପଛରେ ବସି ପଡିଲା ସଂଜୁ । ବହୁତ ଦିନ ପରେ ଗାଁକୁ ଫେରୁଛି ତାର ନଜର ପରିଚତ ସେଇ ଗଛଗୁଡ଼ାସବୁ ଯେମିତି ତାର ଆସିବା ଖବର ପାଇ ଖୁସିରେ ତାକୁ କୋଳେଇ ନେବାକୁ ପୂର୍ବ ପ୍ରସ୍ତୁତି କରି ବସିଛନ୍ତି । ଗଛର ଶାଖାମନେ ବି ଯୋଡି ଯୋଡି ହୋଇ ହାତ ମେଲେଇ ସୂର୍ଯ୍ୟ କରଣକୁ ଅଟକାଇ ଗଛଗୁଡ଼ାସବୁକୁ ନଜ ଛନ୍ଦଛାୟାରେ ଘୋଡାଇ ରଖିଛନ୍ତି ଆଉ ପବନବି ଖୁସିରେ ଝୁମି ଝୁମି ଗୀତ ଗାଇ ଗାଇ ସଂଜୀବର ଦେହକୁ ଛୁଇଁ ପୁଣି ଗଛକୋଳକୁ ଫେରି ଯାଉଛନ୍ତି ।

ୟା ଭିତରେ ଚଣ୍ଡୀ ମନ୍ଦିର ଗଡ଼ାଣିରେ ମନୁର ଗାଡି ଗଡି ଗାଁର ଆରମ୍ଭ ମୁଣ୍ଡ ଧଇଲା । ସେ ସେଇଠି ଗାଡିରେ ବସି ଚଣ୍ଡୀ ମାଙ୍କୁ ଜୁହାରଟିଏ ହେଲା । ଧୀରେଧୀରେ ଗାଁ ଭିତରକୁ ପଶିଲା ବେଳକୁ ଆଖିରେ ପଡିଲା ପ୍ରଧାନ ବୁଢ଼ୀର କାକୁଡି ଭାଡ଼ି ଉପରେ । ଦେଢ଼ ମାସ ତଳେ ବୋଉ ଫୋନରେ କହିଥିଲା କି ପ୍ରଧାନ ବୁଢା ବାତରୋଗରେ ଆଖିବୁଜି ଦେଲା । ତାର ମନେ ପଡିଲା ପିଲାବେଳେ କେତେଥର ଏଇ ବୁଢ଼ି ବାଡିରୁ କାକୁଡି ଚୋରି କଲାବେଳେ ସେ ଧରା ପଡିଛି ଆଉ କାନ ଧରି ଉଠବସ ହେଇଚି । କିନ୍ତୁ ପ୍ରଧାନ ବୁଢ଼ୀ ଭାରି ସ୍ନେହୀ । ତାର ପିଲାଛୁଆ କେହି ନଥିବାରୁ ସେ ଗାଁ ପିଲାଙ୍କୁ ଭାରି ସ୍ନେହ କରେ, ବୁଢା ନଥିଲା ବେଳେ ଗୋଟେ ଦୁଇଟି ସଜାତୋଳା କାକୁଡି ଖାଇବାକୁ ଦିଏ । ସେପାଇଁ ଗାଁର ସବୁ ଛୁଆ ତାକୁ ସଜ କାକୁଡି ବୁଢ଼ୀ ବୋଲି ଡାକନ୍ତି ।

ପରେ ପରେ ସଲିମ ଚାଚାର ମାଂସ ଦୋକାନ ଓ ପାଖକୁ ଲାଗି ଦାମ ସାହୁର ଚା ଆଉ ବରା ପକୁଡି ଦୋକାନ । ବିଶେଷ କିଛି ବଦଳିନି, ହଁ ଖାଲି ଯାହା ସାହୁ ଜେଜର ଚାଳ ଦୋକାନକୁ ସେ ସିମେଣ୍ଟ ପଲସ୍ତର୍ କରି ଦେଇଛି ।

ତାପରେ ଧରମାବୋଉ ଡିହ ଟପିଲେ ତାଙ୍କ ବ୍ରାହ୍ମଣ ସାହି ଗଳ ପଡେ, ଗଳର ପ୍ରଥମ ଘରଟି ତାଙ୍କର । ପୁଅ ଆସିବା ଖବର ପାଇ ସାବି ଖୁଡି ମାନେ ସଂଜୁ ବୋଉର ଗୋଡ଼ ତଳେ ଲାଗୁ ନଥାଏ । ପୁଅଟା ବାହାରେ ରହି କଣ ଭଲମନ୍ଦ ଟିକେ ଖାଇ ପାରୁ ନଥିବ । ତେଣୁ ତାକୁ ଯାହା ଯାହା ପସନ୍ଦ ସବୁ ଥିରୁ ଗୋଟିଏ ଗୋଟିଏ ଥାଳ ପାଖେ ସଜେଇ ରଖିଥାନ୍ତି ସୋ ସଂଜୁ ଘରେ ପହଂଚ ଆଗେ ଗୋଡ଼ହାତ ଧୋଇ ଖାଇ ବସିଲା । ପରିବାର କହିଲେ ବୋଉ, ବାପା ଆଉ ସାନ ଭଉଣୀ ସୁମି । ସାନ ଭଉଣୀର ଗଲା ମଗୁଶିରରେ ବାହାଘର ସରିଛି ।

ବୋଉ ପାଖରେ ବସି ଗୋଟା ବାଇଗଣ ଭଜା କେମିତି ହେଇଛି, ବଢ଼ିଚୁର୍ରେ ଲୁଣ ଠିକ ଅଛି ନାଁ ନାଇଁ ଆଉ ଛତୁ ବେସରରେ ଝାଗ ଠିକ ଅଛି ନାଁ ନାଇଁ ତା ସହ ତାର ଭଲମନ୍ଦ ପଚ୍ଚାରୁଥାନ୍ତି । ସଂଜୁ ବି ଖାଇବା ସହ ଘର କଥା ଆଉ ଗାଁ କଥା ପଚ୍ଚାରୁଥାଏ ।

ତା ପରେ ସେ ବସ୍ ରେ ଆସି ଥକ ଯାଇଥିବାରୁ ବିଶ୍ରାମ କରିବାକୁ ତା ରୁମ୍ କୁ ଚ୍ଚାଲିଗଲା । ଉପରଓଳ ଗାଁ ନଈପଠା, କେନାଲ ବନ୍ଧ, ଆଉ ଗାଁ ଶେଷମୁଣ୍ଡ ବାୟାବାବା ମଠ ଆଡେ ଘେର୍ଏ ବୁଲି ଦେଇ ଆସିଲା । ରାଜଧାନୀର ରଙ୍ଗୀନ ପରିବେଶଠୁ ଢେର ଆନନ୍ଦ ମିଳେ ଏକ ଦରପାଠୋଇ ଝିଅର ଲାଜ ପରି ତା ଗାଁର ପରିବେଶ । ବୋଉର କଡା ତାଗିଦ ଥାଏ ବେଶି ସଞ୍ଜ ଯାଏଁ ବାହାରେ ନ ରହିବାକୁ, ତେଣୁ ସେ ସଞ୍ଜ ଲେଉଟାଣି ଘରକୁ ଚ୍ଚାଲି ଆସିଲା । ଘରେ ପହଂଚବା ପରେ ବୋଉ ଶିଝେଇ ରଖିଥିବା ସିଝା ବାଦାମରୁ ଗିନାଏ ତା ହାତକୁ ବଢ଼ାଇ ଦେଲା ସେ ତାକୁ ନେଇ ତା ଶୋଇବା ଘରକୁ ଚ୍ଚାଲିଗଲା । ସେଠି ବସୁ ବସୁ ତାର ମନେ ପଡିଲା ବାପାଙ୍କ ପାଇଁ ଆଣିଥିବା କଛି ଉପହାର ପାଇଁ, ତେଣୁ ସେ ବ୍ୟାଗ ଖୋଲି ସେସବୁକୁ ବାହାର କଲା ବେଳେ ହଠାତ ଖସି ପଡିଲା ସେଇ ନୀଳ ଲଫାପାଟି । ପୁଣି ସେ ଲଫାପା ଉପରେ ଥିବା ନାଁ ଶ୍ରାବଣୀ ମିଶ୍ର ଉପରେ ନଜର ଅଟକ ଗଲା ।

କଏ ଏ ଶ୍ରାବଣୀ ମିଶ୍ର ? କେମିତି ହୋଇଥବ ସେ ! ଏଇ ଶ୍ରାବଣୀ ନାଁରେ ଏତେ ମାଦକତା କାହଁକି! ଲଫପାର ଠିକ ତଳେ ଫୋନ ନମ୍ବର ବି ଲେଖା ଥିଲା । ଭାବିଲା ଫୋନ କରି ବୁଝିବକ ? ହେଲେ ଯଦି ସେପଟରୁ ଉତ୍ତର ଆସେ ସେ କଏ ଆଉ କେଉଁ ଉଦେଶ୍ୟରେ ସେ ଫୋନ କରିଛି ? ତେବେ ସେ କଣ ଉତ୍ତର ରଖିବ ? ବରଂ ଥାଉ ଆଉ କେବେ ଦେଖିବା କହି ଲଫାପାଟିକୁ ଅତି ଯତ୍ନରେ ସାଇତି ଦେଲା ତାର ବିଛଣା ତଳେ । ହେଲେ ମନରେ ତ ଖାଲି ସେଇ ନୀଳ ଲଫାପାର ପ୍ରତିଛବି ଭାସି ଉଠୁଥାଏ । କାହାର ଆକର୍ଷଣ ଅଧିକ ? ସେଇ ନୀଳ ଲଫାପାର ନାଁ ତା ଉପରେ ମାଲିକାନା ଜାହିର କରୁଥିବା ନାଁ ଶ୍ରାବଣୀର  ? ନଜେ ବି ଏଇ ପ୍ରଶ୍ନ ଭିତରେ ନରୁଦିଷ୍ଟ ଥିଲା ସଂଜୀବ । ସତରେ କଣ ଏଇ ନୀଳ ଲଫାପାରେ କଛି ଯାଦୁଗରୀ ଅଛି  !! ସେ କାହିଁ ଏମିତି ଆନମନା ହଉଛି ସାମାନ୍ୟ ଗୋଟେ ଲଫାପା ପାଇଁ? ଏମିତି ଭାବୁ ଭାବୁ କେତେବେଳେ ଯେ ନଦ୍ରା ଦେବୀ ତାକୁ କୋଳେଇ ନେଲେ ସେ ଜାଣିନ ।

ଦୁଇ ଚ୍ଚାରିଦିନ ଗାଁରେ ରହି ସେ ଫେରି ଆସିଲା ରାଜଧାନୀ, ତାର କର୍ମକ୍ଷେତ୍ରକୁ । ଅଫିସର କାମ ଚ୍ଚାପରେ ରହି ସେ ଲଫାପା କଥା ପୁରାପୁରି ଭୁଲି ଯାଇଥିଲା, ଯାହାକୁ ସେ ଘରୁ ଫେରିଲା ବେଳେ ଅତି ସନ୍ତର୍ପଣର ସହ ଲୁଚ୍ଚାଇ ବ୍ୟାଗରେ ନେଇ ଆସି ଥିଲା । ନଜ ଚ୍ୟାମ୍ବରରେ ବସି ଥିବା ସମୟରେ ପିଅନ ନୀଳମଣି ଆସି କହିଲା, "ହେଡ୍ ସାର ମହାନ୍ତି

ବାବୁ ଆପଣଙ୍କୁ ସେ ନୀଳ କଭରର ଫାଇଲ୍ ଧରି ତାଙ୍କ ଚ୍ୟାମ୍ବରକୁ ଯିବାକୁ କହିଛନ୍ତୁ ।" ଟେବୁଲ ଉପରୁ ଫାଇଲ ଗୁଡିକ ଭିତରୁ ସେଇ ନୀଳ କଭରର ଫାଇଲଟିକୁ ଖୋଜୁ ଖୋଜୁ, ହଠାତ ତାର ସେ ନୀଳ ଲଫାପା କଥା ମନେ ପଡିଲା ।

ନାଇଁ, ଆଉ ନୁହେଁ ବହୁତ ହେଇଗଲା ଏତେ ଦିନ ଧରି ସେ ଲଫାପା ଆଉ ତା ମନରେ ଥିବା କୌତୁହଳର ଛକପଞ୍ଝା ଗଣିତ ଖେଳ । ଆଜି ହିଁ ଯେ ସବୁକୁ ତାର ଜୀବନ ପାଟୀ ଗଣିତର ସୂତ୍ର ପକାଇ ସେ ସମାଧାନ କରି ଆବିଷ୍କାର କରିବ ସେ ଲଫାପାରେ ଲେଖା ଥିବା ଶ୍ରାବଣୀ ନାମକ ଚରିତ୍ର ରୂପୀ ଭାଗଶେଷକୁ ।

ସେହି ରାତିରେ ରୁମ୍ କୁ ଫେରି ଫ୍ରେଶ୍ ହେଇ ବ୍ୟାଗରୁ ସେଇ ଲଫାପାଟିକୁ ବାହାର କରିଲା । ଲଫାପାଟିରେ ତାର ଧ୍ୟାନ କେନ୍ଦ୍ରିତ କରୁଥିବା ନାଁ ଶ୍ରାବଣୀ ! ଓଃ ସେଇ ନାଁ ହିଁ ତାକୁ ଏତେ ଆନମନା କରି ଦଉଛି କାହିଁ ସତେ ଯେମିତି କେଉଁ କାଉଁରୀ ସ୍ପର୍ଶ ଭରି ରହିଛି ସେଇ ନାଁରେ ।

ସେଇ ନମ୍ବରରେ ଆଜି କଲ କରିବ ଭାବି ମୋବାଇଲରୁ ନମ୍ବରଟି ଡାୟଲ୍ କଲା । ଆରପଟରୁ ମୋବାଇଲରେ ଟ୍ରିଙ୍ଗ ଟ୍ରିଙ୍ଗ ଶବ୍ଦ ସହ ସଂଜୁ ଛାତିର ସ୍ପନ୍ଦନ ବି ବଢ଼ି ଚାଲିଥାଏ ।

ଶେଷରେ ସ୍ପନ୍ଦନଗତିର ଗଣିତରେ ଅତଏବ ଦେଇ ସେପଟରୁ ଜଣେ ତରୁଣୀ କଲ୍ ରିସିଭ୍ କଲେ ।

- ହ୍ୟାଲୋ କଏ ?

ତାଙ୍କ କଣ୍ଠ ଲାଳିତ୍ୟର ମାଧୁର୍ଯ୍ୟରେ ସଂଜୁ ସେଇଠି ହଜିଗଲା, ଠିକ ଯେମିତି ପଥିକଟିଏ ଅଗନାଗନ ବନସ୍ତରେ ନିଜ ଗନ୍ତବ୍ୟସ୍ଥଳ ଭୁଲି ସେଇ ସବୁଜ ବନାନୀରେ ହଜି ଯାଏ ।

ସେପଟରୁ ପୁଣି ଶୁଭିଲା

- ହ୍ୟାଲୋ..... ହ୍ୟାଲୋ...

କାହାକୁ ଖୋଜୁଛନ୍ତି ?

ଏଥର ବାସ୍ତବତାକୁ ଫେରିଲା ସଂଜୁ ।

- ହ୍ୟାଲୋ !! ମୁଁ ସଂଜୁ, ଆଇ ମୀନ୍ ସଂଜୀବ ମହାପାତ୍ର । ଫ୍ରମ୍ ଭୁବନେଶ୍ୱର ।

- କାହାକୁ ଖୋଜୁଛନ୍ତି ??

– ଶ୍ରା.... ଶ୍ରା.... ବ.... ଶ୍ରାବଣୀ ମିଶ୍ର !

– ହଁ ମୁଁ ଶ୍ରାବଣୀ ମିଶ୍ର କହୁଛି । କଣ ନାଁ ଟା କହିଲେ ଆପଣଙ୍କର ? ସଂଜୀବ ମହାପାତ୍ର ! କୋଉ ସଂଜୀବ ମହାପାତ୍ର ? କଣ କାମ ଅଛି ମୋ ପାଖେ ? ମୋ ନମ୍ବର କଉଠୁ ପାଇଲେ…?

ଏକାବେଳେ ଏତେ ଗୁଡିଏ ପ୍ରଶ୍ନ ସମ୍ଭାରର ପ୍ରତିଉତ୍ତର ସେ କପରି ରଖିବ ଭାବି ସେ ଏକପ୍ରକାର ହଡ଼ବଡେଇ ଗଲା । ପୁଣି ନିଜକୁ ସମ୍ଭାଳି କଥା ଆରମ୍ଭ କଲା ।

– ମୁଁ ଜାଣେ ଆପଣଙ୍କୁ ମୋ କଥା କଉ ଜହ୍ନମାମୁଁ ବହିର ରାଜକୁମାର ଗପ ଭଳି ଲାଗିପାରେ, କେମିତି ଗୋଟେ ରାଜକୁମାର ସମୁଦ୍ରର କୂଳରୁ କେଉଁ ଅଜଣା ତରୁଣୀର ପାଦର ପାଉଁଜି ପାଇ ସେଇଠି ତାର ତନୁ ମନ ହଜେଇ ବସେ ।ସେଇ ପାଉଁଜି ଯାହା ପାଦର ଦାସୀ ତାକୁ ଖୋଜି ତାକୁ ତାର ନିଜର ହୃଦୟ ଗଡ଼ର ରାଣୀର ମାନ୍ୟତା ଦେବାକୁ ଚାହେଁ । ଠିକ ସେହିପରି କପରି ସେ ବସ୍ ସିଟରୁ ଏକ ନୀଳ ଲଫାପାର ଠିକଣା ପାଇ ଆଜି ଖୋଜି ଖୋଜି ଆସି ତାର ରାଜକୁମାରୀକୁ ଆବିଷ୍କାର କରିଲା ସେସବୁର କାହାଣୀ ଶୁଣେଇଲା ।

x x x x x x x x x x x x

ଯେଉଁଦିନଠାରୁ ସଂଜୀବ ଆଉ ଶ୍ରାବଣୀ ମଧ୍ୟରେ ଫୋନରେ ଭାବ ବିନିମୟ ଘଟିଲା, ଦୁହିଁଙ୍କ ଅଜାଣତରେ ଗଢିଉଠୁଥିଲା ଏକ ନୂତନ ଅଶାର ସୌଧ ।

ଏମିତି ଦୀର୍ଘଦିନ ଧରି କେହି କାହାକୁ ଦେଖି ନଥିଲେ । କେବଳ ଦୁହିଁଙ୍କ ଭିତରେ ରହି ଯାଇଥିଲା ସମ୍ପର୍କର ଏକ ଉଦାର ରାଗିଣୀ । ନିର୍ଜୀବ ଫୋନ ଭିତରେ ଦୁଇଟି ଜୀବନର ଛନ୍ଦ ସତେ ଯେପରି ଦୈନିକ ଯିବିତ ଥିଲା ।

ଦିନେ ସଂଜୀବ କହିଲା, ଶ୍ରାବଣୀ ଏମିତି ଆଉ କେତେଦିନ ଏ ସମ୍ପର୍କ ଚାଲିଥିବ ? ଅନେକ ଦିନ ହେଇଗଲା, କେହି କାହାକୁ ପରସ୍ପରକୁ ଦେଖିପାରିଲେ ନାଇଁ । କେବଳ ସ୍ୱର, ଭାବନା, ଚେତନାରେ ଯାହା ଉଭୟଙ୍କୁ ଜାଣିଛେ । ମୁଁ ଆଶା କରୁଛି ଏହି ଛଦ୍ମତାର ଅବସାନ ହେଉ ।

ସେପଟରୁ କୌଣସି ଉତ୍ତର ମିଳଲା ନାହିଁ ସଂଜୀବକୁ । ସଂଜୀବ ମନରେ ଛନକା ଆସିଲା ସେ ଠକ ଯାଇନତ ? ରାଜକୁମାରୀର ସନ୍ଧାନରେ ଯାଇଥିବା ରାଜା ପୁଅ କଉ ଗୋଟେ ରାକ୍ଷସୀର ମାୟାଜାଲରେ ପଡି ଯାଇନତ ! ଆଜିକାଲି ତ ଇଏ ଏକ ଟ୍ରେଣ୍ଡ ।

- ନାଁ ମୁଁ ତୁମକୁ ଦେଖା ଦେଇ ପାରିବି ନାହିଁ । ଶ୍ରାବଣୀ କହିଲା ।

- ଦୀର୍ଘଦିନ ଧରି ତୁମକୁ ଦେଖିବାକୁ ତ ମନ ବ୍ୟାକୁଳ ଥିଲା । ଦେଖାହେଲେ କ୍ଷତି କଣ ? କଥାବାର୍ତ୍ତାରେ ଶହଶହ ଘଣ୍ଟା ବିତିଛି । ଦେଖାହେଲେ ତ ମୁଁ ତୁମକୁ ମୋର ମନକଥା କହିବି।

- ନାଁ ସଂଜୀବ ମୋତେ ଭୁଲିଯାଅ । ମୁଁ ତୁମକୁ ଦେଖା ଦେଇପାରିବି ନାହିଁ ।

ସଂଜୀବ ମୁଣ୍ଡରେ ବଜ୍ର ପଡିଲା । ତାହେଲେ ସେ ପ୍ରତାରିତ ହେଇଗଲା । ଛିଃ... ଦୁନିଆ କ ବେଇମାନ....!

ହଠାତ୍ ଫୋନ ରିଂ ହେଲା ।

- ସଂଜୀବ, ଦୁଃଖ କଲ ବୋଧହୁଏ ।

- ତୁମେ ଏତେ ଧୋକେବାଜ ବୋଲି ମୁଁ ଜାଣିନଥିଲି । ତୁମକୁ ନେଇ ମୁଁ ମୋ ସ୍ୱପ୍ନର ସୌଧ ଗଢିଥିଲି । ସବୁ ଧୂଳିସାତ ହେଇଗଲା ।

- ତୁମ ମନରେ ମୁଁ ଅଯଥା ଦୁଃଖ ଦେଲି । ଠିକ ଅଛି, ଆସନ୍ତାକାଲି ରାତିରେ ଲୁମ୍ବିନୀ ପବ୍ଲିକ ସ୍କୁଲପାଖ, ଶୈଳଶ୍ରୀ ବିହାର ଠାରେ ତୁମକୁ ଦେଖା କରିବି ।

- ରାତିରେ କାହିଁକ ?

ନିରବ ରହିଲା ଶ୍ରାବଣୀ ।

ରାତି ଦଶ ବାଜିଲାଣି । କାହିଁ ଶ୍ରାବଣୀର ଦେଖା ନାଇଁ । ସଂଜୀବ ମନରେ ଅନେକ ପ୍ରଶ୍ନ । ଶ୍ରାବଣୀ ରାତିକୁ କାହିଁ ପ୍ରିଫର କଲା ?

କାହାର କୋମଳ କଣ୍ଠରେ ଚମକ ପଛକୁ ଚାହିଁଲା ସଂଜୀବ । ନା, କେହି ତ ନାହାନ୍ତି । ତେବେ ଏ କାହାର କଣ୍ଠ ?

- ମୁଁ ଶ୍ରାବଣୀ ଆସିଛି । କଥା ଦେଇଥିଲି ଏଠାକୁ ଆସିବା ପାଇଁ । ତେଣୁ ଆସିଲି ।

ସଂଜୀବ ପଛକୁ ବୁଲି ଚାହିଁଲା । ଅନ୍ଧାର ଭିତରେ କାହାରି ମୁହଁ ଦେଖା ଯାଉନ ।

ସେଇ ପରିଚତ ସ୍ୱର ।

ଜାଣିବାରେ ଭୁଲ ହେଲାନ ଯେ, ଏହି ସ୍ୱର ଶ୍ରାବଣୀର । କ୍ରମଶଃ କାହା ହାତର ସ୍ପର୍ଶ ଅନୁଭବ କଲା ସଂଜୀବ ।

ତୁମେ ଅନ୍ଧାରରେ ଆସିବାକୁ କାହିଁକି ଚାହିଁଲ ? ଆଲୋକକୁ ଭୟ କର ? ତୁମେ କଣ ସନ୍ଦିଗ୍ଧ ପ୍ରେମିକା ?

- ନା ।

- ଶ୍ରାବଣୀର ମୁହଁକୁ ନିଜ ଫୋନର ଉଜ୍ଜ୍ୱଳ ଆଲୋକରେଖାଟିଏ ପକାଇଲା ସଂଜୀବ । ଏ କଣ ? କଳା କଟକଟ ଝିଅଟାଏ ତା ଆଗରେ ଠିଆ ହୋଇଛି ।

- କଣ ହେଲା ? ଚମକ ପଡ଼ିଲ ? ମୁଁ ଖୁବ ଅସୁନ୍ଦରି । ଭାଗ୍ୟହିନା । ଠିକ ଏକ କାଗଜର ଫୁଲ ପରି । କାଗଜ ଫୁଲଟି ଯେତେ ନିଜକୁ କୃତ୍ରିମ ରଙ୍ଗରେ ସଜେଇଲେ ବି ସେଥିରୁ କେବେ ମହକ ଆସେନି ସଂଜୀବ । ସେ କେବଳ ଘରକୋଣର ଫୁଲଦାନୀରେ ସଜା ହୋଇପାରେ, କେଉଁ ଦେବତାର ପୂଜାରେ ନୁହେଁ । ସେଥିପାଇଁ......

- ଚୁପ ରୁହ, ଛାଡ଼ ସେକଥା । ସଂଜୀବକୁ ଆଜି ଯାଏଁ ତୁମେ ତାହାଲେ ଚିହ୍ନି ପାରିଲନି । ମୁଁ ଜୀବନକୁ ଭଲପାଏ, ଛଦ୍ମତାକୁ ନୁହେଁ ।

କ୍ରମଶଃ ଦୁଇଟି ପ୍ରାଣ ଅନ୍ଧାରରେ ଲୀନ ହେଇ ଯାଉଥିଲେ । ଆଉ ସେମାଙ୍କର ମିଳନର ମୁକ ସାକ୍ଷୀ ସାଜିଥିଲେ ରାଜଧାନୀର ଏନ୍. ଏଚ୍ ଆଉ କାଳୀ ନାଗୁଣୀ ରୂପୀ ରାତ୍ରିର ଅମା ଅନ୍ଧକାର ।

ଆଳ, କେନ୍ଦ୍ରାପଡ଼ା

# ମୁଁ



ବୈଷ୍ଣବ ମେହେର

ମୁଁ କୋଉ ଭାସ୍ବତୀର ସ୍ରୋତ ?
ଅବା ତିମିରର ତିମିରିତ ପୁତ !
ମୋ ଜୀବନ, ଫୁଲର ବିନ୍ୟାସ,
ନା.....
ମଉଳା ଫୁଲର ବର୍ଜିତ ଅବଶେଷ ।

ମୋ ପରିଚୟ, ମୋ ଅସ୍ତିତ୍ୱ,
ଖୋଜୁ ଖୋଜୁ ମୁଁ କ୍ଲାନ୍ତ ।
ନିରନ୍ତର ଖୋଜେ ମୁଁ କିଏ ?
ହେଲେ...
ଶୂନ୍ୟତାର କଣ ସୀମା ଥାଏ !

ବେଳେବେଳେ ଭାବେ ମୁଁ ସର୍ବସ୍ୱ,
ମୁଁ ଅଗାଧ ଜ୍ଞାନର ଭଣ୍ଡାର,
ପୁଣି...
ମୁଁ ଶତ ହସ୍ତୀର ବଳ,
ମୁଁ ସମ୍ରାଟ ସମଗ୍ର ସୃଷ୍ଟିର ।
କିନ୍ତୁ;
ଖଦ୍ୟୋତକୁ ଡରୁଥିବା ମଣିଷ ମୁଁ,
ମୋର ଅବା କି ମୂଲ ।

ଗଣ୍ଡାବାହାଲି, ନୂଆପଡା

# ଉତ୍ତମ ଶିକ୍ଷକ



ଖଗେଶ୍ୱର ବାଗ

ଦେଖିଛି ଜୀବନେ କେତେ ଯେ ଉତ୍ତମ
ଶିକ୍ଷକ ଅଛନ୍ତି ରହି
ବଚନେ କରମେ ତାଳମେଳ ତା'ଙ୍କ
ଅବହେଳା କେବେ ନାହିଁ ।।
ନୀତି ନିତିଦିନ ଆଚରଣେ ସିଦ୍ଧ
ସମୟାନୁବର୍ତ୍ତୀ ସତେ
ଅମାୟିକ ଭାବ ସରଳ ସ୍ୱଭାବ
ଆନ କେ ଅଛି ଜଗତେ ।।
ସମଭାବ ଦୃଷ୍ଟି ପିଲାଙ୍କ ଉପରେ
ସଭିଏଁ ଯେ ଆପଣାର
ଗୁରୁ ରୂପେ ଗୁରୁଦାୟିତ୍ୱ ତୁଲାନ୍ତି
ଯଶ ଉଡ଼େ ଯା'ଙ୍କ ଚର ।।
କର୍ମ ଭଗବାନ କର୍ମ ହିଁ ଜୀବନ
ମୂଳମନ୍ତ୍ର ଏହି ଧରି
ଏକ ଲକ୍ଷ୍ୟ ରଖି ଗିରି ନଦୀ ବନ
ଯା'ନ୍ତି ଅତିକ୍ରମ କରି ।।
ବ୍ୟକ୍ତି ନିର୍ମାଣ କର୍ମ ଯେ କଠିନ
କରିଥା'ନ୍ତି ନିରନ୍ତର
ସେଭଳି ଶିକ୍ଷକ ହେବାକୁ ସଂକଳ୍ପ
ଅଛି ହୃଦୟରେ ମୋର ।।
ଗର୍ବ ଅହଙ୍କାର ପରଶ ନକରୁ

ନହେଉ ବିବ୍ରତ ମନ
ଭୁଲି ମୁଁ ନଯାଏ କରତବ୍ୟ ମୋର
ବ୍ୟର୍ଥ ନଯାଉ ଜୀବନ।।
ପିଲା ପେଟମାରି ମଧ୍ୟାହ୍ନ ଭୋଜନେ
ହେବା ପାଇଁ ଲାଭବାନ
ୟୁନିଫର୍ମ ଆଉ ଆନ ଅନୁଦାନେ
ନଯାଉ ସହ ମନ ନୟନ।।
ଜୀବନରେ ଛାତ୍ରୀ ପ୍ରତି ମନ୍ଦଭାବ
ଜାଗ୍ରତ ନହେଉ ହୃଦେ
ଛାତ୍ରାବାସେ ଅନ୍ତଃସତ୍ତ୍ୱା କଳଙ୍କିତ
ଶିକ୍ଷକ ନଶୁଣୁ ପଦେ।।
ନଶାସେବନେ ମୁଁ ନହୁଏ ଅଭ୍ୟସ୍ତ
ଅପଯଶ ରଚବାକୁ
ମଦ୍ୟପାନ କରି ରାସ୍ତା କଡେ ପଡି
କ ଶିକ୍ଷା ଦେବି କାହାକୁ।।
ଚଉଦିଗେ ନାମ ଉଡଇ ମୋହର
ଗରବ ଏହି ନଆସୁ
କୂପମଣ୍ଡୁକ ବି ନହୋଇ କରମ
ସଭିଙ୍କ ମନ ମନ ପରଶୁ।।
ଉତ୍ତମ ଶିକ୍ଷକ ହେଲେ ସିନା ଭବେ ଉତ୍ତମ ଶିକ୍ଷାର୍ଥୀ ହେବେ
ସେ ଶିକ୍ଷକ ସିନା ଚର ବନ୍ଦନୀୟ ଯା'ନାମ ତୁଣ୍ଡେ କହିବେ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ଶୀତ ର ଏ ଅଭୁଲା ସ୍ମୃତି



ଅଳକା ମହାନ୍ତ

ଗାଡ଼ି ରୁ ଓହ୍ଲାଇ ଝିଅ ଉପର ଘର ବାଲକୋନୀ କୁ ଅନେଇଲା, ଚୁପଚାପ୍ ଆମ ସହିତ ଉପରକୁ ଗଲା। ଅପେକ୍ଷା କଲା, କିଏ କଲିଙ୍ଗ ବେଲ୍ ଶୁଣି କବାଟ ଖୋଲିବାକୁ। ଆମେ ସବୁ ମେନ୍ ଗେଟ୍ ଖୋଲି ଭିତରକୁ ଗଲା ବେଳେ ତାର ବ୍ୟବହାର ରେ ପରିବର୍ତ୍ତନ ଆଉ ଆମ ହୃଦୟ ର ଯନ୍ତ୍ରଣା ରେ କ୍ଷତ ବିକ୍ଷତ ହୋଇ ସ୍ମୃତି ସବୁକୁ ମୁଁ ଦେଖୁଥିଲି। କିଛି କୁଣ୍ଡ ରେ ଫୁଲ ମାନେ  ଯେମିତି ଅପେକ୍ଷା କରିଛନ୍ତି ତାଙ୍କ ପିତା ମାତା ସଦୃଶ ସେ ଘର ର ମାଲିକଙ୍କୁ। ସକାଳୁ  ସକାଳୁ, ତାଙ୍କ ପିତା ମାତା ଙ୍କ  କୋମଳ  ସ୍ପର୍ଶ କୁ  ଯେମିତି ତଲାସ କରୁଛନ୍ତି, ଖିଲି ଖିଲି ହସି ଫୋଟୋ ଉଠାଇବାକୁ, ପୋଜ ମାରିବାକୁ ପ୍ରତୀକ୍ଷା କରିଛନ୍ତି। ପାଖରେ ଥିବା ଆମ୍ବ ଗଛ ମଧ୍ୟ ଭାବୁଛି,ବଉଳ ହୋଇ ସାରି  ଟିକେ ଟିକେ କଷି ହେବାକୁ ଲାଗିଲାଣି, ମୋର ଫୋଟୋ କେବେ ଉଠା ହେବ!!

ଫେସବୁକ୍ ଆଉ ଫେମିଲି  ୱାଟସ୍ଆପ  ଗ୍ରୁପ ମଧ୍ୟ ଭାବୁଛନ୍ତି, ଶୋଭା ପାଉଥିବା  ବିଭିନ୍ନ ପ୍ରକାରର ଗେଣ୍ଡୁ, ସେବତୀ, ଗୋଲାପ, ଡାଲିଆ, ଚୀନ୍ ର କମଳା,  ଲିଲୀ ତଥା କୁଣ୍ଡ ରେ ହେଉଥିବା ଅନେକ ପନିପରିବା ଓ ଆମ୍ବ ଗଛର ବଉଳ ଠାରୁ ପାଚିଲା ଆମ୍ବ ର ଫୋଟୋ ସବୁ   ପୋଷ୍ଟ କାହିଁକି ହେଉନି। ଆଉ ସେ ତଳ ଘରେ ଥିବା କେୟାର ଟେକର ଟା, ଯିଏ ୨୪ ଘଣ୍ଟା ତାର ଡ୍ୟୁଟି ଚାଲିଥାଏ। ରାତି ଦିନ ରୋଗୀ ଙ୍କ ଭିଡ଼। ତାର ହାତ, ଗୋଡ଼ ପାଟି କୁ ବିଶ୍ରାମ ନଥାଏ।

-- ଆରେ ଆରେ, ଗେଟ ଟା ଦେଇ କି ଆସନ୍ତୁ,

ପାନ ଛେପ ଏଇଠି ପକାନ୍ତୁ ନାହିଁ।

ବାବୁ ଶୋଇଛନ୍ତି, ବାବୁ ବାହାରକୁ ଯାଇଛନ୍ତି କାଲି ଆସ,

ଗାଡ଼ି ଯେ ଗେଟ୍ ପାଖରେ କେମିତି ପାର୍କ କଲ?? ଉପରକୁ ଯିବା ଆଗରୁ କଲିଁ ବେଲ୍ ମାରନ୍ତୁ। ଆପଏଣ୍ଟ ମେଣ୍ଟ ନ ନେଲେ ବାବୁ ଦେଖିବେନି, ମାଆ, ସେ ମେଡ଼ିସିନ୍ representative ଆସିଛି, କହୁଛି ଏବେ ଦେଖା କରିବ, ମୁଁ ମନା କଲି, କହିଲି, ବାବୁ ଉଠନ୍ତୁ, ଆସିବ। ଏମିତି ବକ ବକ କରୁଥାଏ।

ସବୁ ବର୍ଷ ଶୀତ ଦିନେ ବଡ଼ ଦିନ ଛୁଟି ହୁଏ। ଓଡିଶା ରେ  ପାଣିପାଗ ଭଲ ରହେ ବୋଲି, ଆମେ ଏହି ଶୀତ ଦିନେ ଯାଉ। ଗଲେ ଆଗ କଟକ ରେ ନଣନ୍ଦ ଙ୍କ ଘରେ ରହୁ। ମନ ପୁରିଗଲେ, ଆଉ ଯେଉଁ ଠିକୁ ଯାଉ। ଆମ ଝିଅ ଗେଟ ପାଖରେ ଏଣ୍ଟ୍ରି କରୁ କରୁ ଡାକୁ ଚିଲେଇବ, "ବଡ଼ ଅପା, ପିଇସା ଆମେ ଆସିଗଲୁ, କଲିଙ୍ଗ ବେଲ୍ ର ଦରକାର ପଡେନି। ଉପରୁ ସଦ୍ୟ ପ୍ରସ୍ଫୁଟିତ ଫୁଲ ପରି ହସ ହସ  ମୁହଁରେ  ତାର ଅପା ପିଇସା, ବାଲକନୀ ରୁ ଗ୍ରିଲ୍ ବାଟେ ଦେଖି ଘରେ ଥିବା ପିଲାକୁ କୁହନ୍ତି ଜଲଦି ଗେଟ୍ ଖୋଲ। ବାସ୍ ତାପରେ ଆଉ କଣ, ଖିଆ ପିଆ, ଗପ ସପ, ତାସ ଖେଳ, ବୁଲାବୁଲି, ସେ ସବୁର ଆନନ୍ଦ କହିଲେ ନ ସରେ।

କିପରି  ଦିନ କଟିଯାଏ, ଜଣା ପଡ଼େନି। ତାର ପିଇସା ତଳେ ରୋଗୀ ଦେଖି ତୁରନ୍ତ ଉପରକୁ ପଳେଇ ଆସିବେ, ତା ସହିତ ତାସ ଖେଳିବେ, ପଢ଼ିବେ, ଗପିବେ। ଆସିଲା ବେଳେ ଝିଅ କହିବ ଆଉ ଟିକେ ରହିବା, ମାମା!

ମୁଁ କହେ, ପୁଣି ଆସିବା, ଅପା ପିଇସା ବି ଆସିବେ ଆମ ପାଖକୁ। ଏପରି ଆମର ଯିବା ଆସିବା ଲାଗି ରହେ। ବର୍ଷ କୁ ବର୍ଷ।

ଏ ବର୍ଷ ଶୀତ ଆସିଛି, ଆମେ ଆସିଛୁ। ଆଉ ଶୀତରେ ଗଛ ନୂଆ ନୂଆ କିଣା ହୋଇ ଆସିନି, ଫୁଲ ଫଳ ର ଫୋଟୋ ଉଠୁନି, ସମସ୍ତେ ନିସ୍ତେଜ୍, ହତବାକ୍, ହଠାତ୍ ସବୁ କିଛିର ପରିସମାପ୍ତି। ଅକସ୍ମାତ ହସ୍ପିଟାଲ୍ ଯାଇ କିଛି ଦିନରେ କଣ କିଏ ଚାଲିଯାଏ। ସମସ୍ତଙ୍କର ପ୍ରାର୍ଥନା ଆଉ ଆଶୀର୍ବାଦ ର ଶକ୍ତି ଆଗରେ ମୃତ୍ୟ ତାଙ୍କ ମୁଣ୍ଡରେ ବିଜୟ ଟୀକା ଲଗାଇ ଦେଇ ସାଥୀରେ ନେଇ ଯାଇଛି। ଆଉ ସାଥୀରେ ନେଇ ଯାଇଛି ଆମ ଦମ୍ଭ, ଆଶ୍ରୟ ଦାତା, ଆମ ଦିଗଦର୍ଶକ, ମାର୍ଗ ଦର୍ଶକ, ଆଉ ପିତୃ ପ୍ରତିମ ବଡ଼ ଭାଇ।

ତାଙ୍କ ଅନ୍ତେଷ୍ଟି କ୍ରିୟା ରେ ଯୋଗ ଦେବାକୁ  ଆସି, ସେ କାର୍ଯ୍ୟ  ସାରି ଫେରିଯିବୁ । ଅପା ବି ଆମେରିକା ଯିବେ। ଜୀବନର ସାୟଂ କାଳରେ ସାଥୀ ହୀନ ଜୀବନ କାହାକୁ ବା ଗ୍ରହଣୀୟ। ଏକା କିପରି ଜୀବନ କାଟିବ ଏତେ ବଡ ଘର ଟାରେ। ସେଥିପାଇଁ ମଧ୍ୟ ବିରାଟ ପ୍ରସ୍ତୁତି ଆମେରିକା ରେ ପିଲାଙ୍କ ସହିତ ଶେଷ ଜୀବନ କାଟିବା ପାଇଁ।

ସମସ୍ତେ ଚାଲି ଯିବେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ । ପ୍ରତ୍ୟେକ ବର୍ଷ ଶୀତ ଆସିବ। ନା ଆମେ ଆସିବୁ ଶୀତ କାଳୀନ ଛୁଟି କାଟିବାକୁ। ନା ଆସିବେ କେହି ଆତ୍ମୀୟ ସୋଦର। କେବଳ ପଛରେ ରହିଯିବ ଅନେକ ବର୍ଷ ର ସ୍ମୃତି ଅରସନ୍ତି,  ପ୍ରତୀକ୍ଷା ନେଇ ପଡ଼ି ରହିବେ ସେ ଘର, ସେ ଗଛ, ସେ ଫୁଲ ଆଉ ସେ କେୟାର ଟେକର। ଆଉ ମୋ ଝିଅ କେବେ ବି କଟକ ଘର କୁ ଯାଇ ଡାକି  ଡାକ ପକାଇବ ନାହିଁ, "ବଡ଼ ଅପା, ପିଇସା, ଆମେ ଆସିଗଲୁ" ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ଆମ ମାଟି



କୁମର ଲାଲ ରଣା

ଆମ ମାଟି ସୁନା
ପବିତ୍ର ସ୍ୱରୂପ
ଆମପାଇଁ ସୃଷ୍ଟି ରଙ୍ଗ ।
ଆମ ଚକ୍ର ଅଟେ
ଆମର ଗରବ
ଦିଅଇ ସମ୍ବଳ ଭଗ ।

ବିଷ୍ଣୁଙ୍କ କପାଳ
ତେଜର ମଇଳା
ମାଟିର ପ୍ରଭବ ସୃଷ୍ଟି ।
ରୁଦ୍ର ପାଳ ରୂପ
ବିକାଶ ହୋଇଲା
ପ୍ରକାଶି ମହାନ ମୂର୍ତ୍ତି ।

ଆମ ସୁରସେନ
ଚକ୍ର ମହାପୁଣ୍ୟ
ବିଷ୍ଣୁ ଭଗବାନ ଦେଲେ ।
ରୁଦ୍ରପାଳ ହାତେ
ସମରପି ପ୍ରଭୁ
କୁମ୍ଭ ଗଢ଼ ହେ ବୋଇଲେ ।

ମାଟିର ଜାଗ୍ରତ
ମାଟିର ତେଜକୁ
କୁମ୍ଭ ଜ୍ଞାନ ହିତ ପାଇଁ ।
କୁମ୍ଭକାରଦେବ
ଯେଉଁ ରୁଦ୍ରପାଲ
କୁମ୍ଭ ହାତରେ ଗଢଇ ।

ମାଟିର ପ୍ରଭବ
ପାଇଣ କୁମ୍ଭାର
ତିଆରିଲା କୁମ୍ଭ ଭଣ୍ଡ ।
ବିକବାରେ କୁମ୍ଭ
ହାଟ ଘାଟ ବାଟ
ଗହଳରେ ପୁରେ ଦାଣ୍ଡ
କୁମରଲାଲ ରଣା
ମହୁଆ ଭଟା ନୂଆପଡ଼ା

ମହୁଆ ଭଟା, ନୂଆପଡା, ଓଡିଶା

# ପ୍ରଭୁଙ୍କ ପାଖେ ଗୁହାରୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ବିଜେ କରିବେକ ପ୍ରଭୁ ମର୍ତ୍ତ୍ୟପୁରେ
ଧରି ନୂଆ ଅବତାର
ପାପର ଭାରରେ ଅଥୟ ହେଲାଣି
ବଢିଲାଣି ପାପଭାର ।
ମାନବ ବେଶରେ ଦାନବ ମାନଙ୍କ
ଦୌରାତ୍ମ୍ୟ ଗଲାଣି ବଢି
ସତେକ ସଂସାର ସାଜିଛି ଯେମିତି
ପାପର ଗୋଟିଏ ପଡି ।
ରାମ ଅବତାରେ ତ୍ରେତୟା ଯୁଗରେ
ରାବଣକୁ କଲ ବଧ
ସଂସାରରେ ଶାନ୍ତି ବିରାଜିବା ପାଇଁ
କରିଛ କେତେ ଯେ ଯୁଦ୍ଧ ।

ଦ୍ୱାପର ଯୁଗରେ କୃଷ୍ଣ ଅବତାରେ
ପୁତନା, କଂସ ନିଧନ
ସଂସାରେ ପ୍ରତିଷ୍ଠା ଶାନ୍ତିର ସ୍ଥାପନା
ସବୁ ତ ତୁମରି ଦାନ ।
ସତ୍ୟର ଯୁଗରେ ବ୍ରାହ୍ମଣ ବେଶରେ
ବଳିକୁ କଲ ନିପାତ
ସତ୍ୟ, ଧର୍ମ, ଶାନ୍ତି ଅହିଂସାର ପଥ
ଦେଖାଲ ସାରା ଜଗତ ।
ଆସ ପ୍ରଭୁ ଥରେ ନୂଆ ଅବତାରେ
ପାପୀଙ୍କ ସଂଘାର ପାଇଁ
ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା ହେଉହେ
ଅନୀତୀ ଯାଉ ଦୂରେଇ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ସାରା ଦେଶରେ ପଡେ ଭାଳେଣି



ରାଜକିଶୋର ସାଇଁ

ଶୁଣ ମୋ ଭାଇଭଉଣୀ
ରାସ୍ତା ଦୁର୍ଘଟଣା ଦୁଃଖ କାହାଣୀ(ଭାଇ ଭଉଣୀ)
ସାରା ଦେଶରେ ପଡେ ଭାଳେଣି (ଭାଇ ଭଉଣୀ) ।୧ ।
ନ ମାନିବାରୁ ନିୟମ
ଦୁର୍ଘଟଣା ଘଟଇ ଘନଘନ
କେତେ ସଂସାର ହୁଏ ଉଚ୍ଛନ୍ନ ।୨ ।
ସେଥିପାଇଁ ସାରା ଦେଶ
ପାଳଇ ସଡକ ସୁରକ୍ଷା ମାସ
ଆମ ପ୍ରାଣ ନ ହେବାକୁ ନାଶ ୩ ।
ଆଜି ସମଗ୍ର ଦେଶରେ
ରାସ୍ତା ଦୁର୍ଘଟଣା ମୃତ୍ୟୁହାରରେ
ଆମ ରାଇଜ ଅଛି ଆଗରେ ।୪ ।
ଯିଏ ବେପରୁଆ ହୋଇ
ଟ୍ରାଫିକ୍ ନିୟମ ମାନଇ ନାହିଁ
ମହା ବିପତ୍ତିକୁ ଡାକେ ସେହି ।୫ ।
ନିଶା ଯେ ସେବନ କରି
ଅବା କଥା ହୁଏ ମୋବାଇଲ୍ ଧରି
ଦ୍ରୁତ ଗତିରେ ଚଳାଏ ଗାଡି ।୬ ।
ଏପରି ଗାଡି ଚାଳନା
ଡାକି ଆଣଇ ରାସ୍ତା ଦୁର୍ଘଟଣା
ଜୀବନ ଯିବାର ସମ୍ଭାବନା ।୭ ।

ନହେଲେ ଆମେ ସଜାଗ
ସ୍ଥିତି ପୂର୍ବପୂରି ବିଗିଡିଯିବ
ଯେତେ କାନ୍ଦିଲେ ଦୁଃଖ ନଯିବ ।୮।
ଚଳାଇଲା ବେଳେ ଗାଡି
ନିୟମକୁ ଜମା ଯିବାନି ଭୂଲି
ତେବେ ଦୁର୍ଘଟଣା ଦେବା ଏଡି ।୯।
ହେଲେ ସର୍ବେ ସଚେତନ
ସୁଧାର ଆସିବ ସ୍ଥିତିରେ ଜାଣ
ରକ୍ଷା ପାଇବ ଆମ ଜୀବନ ।୧୦।
ସଭିଙ୍କୁ ଦେଉ ଚେତାଇ
ସେବାରୁ ନିବୃତ୍ତ ପୁଲିସି ଭାଇ
ଭୁଲିବନି ଏ ବାରତା କେହି ।୧୧।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ପୁରୁଣା ଖେଳନା :-

ସୁସ୍ଥ ହୋଇ ହଷ୍ଟେଲକୁ ଫେରି ଆସିବା ପରେ ଖୁସି ହେବା କଥା । ମାତ୍ର ଖୁସି ବଦଳରେ ନିଜକୁ ଖୁବ୍ ଦୋଷୀ ସାବ୍ୟସ୍ତ କରୁଥିଲି । ଏଇ ଅନାଗତ ରୋଗଟି ମତେ ଗ୍ରାସି ନଥିଲେ ମହୁଆ ବଞ୍ଚି ଯାଇଥାଆନ୍ତା । ମହୁଆ ମୋର ଗୋଟିଏ ରୋଗୀ । ପିଲାଟି ଦିନୁ କୌଣସି କାରଣରୁ ଗୋଟିଏ ଆଖି ହରାଇ ବସିଥିଲା । ସେଥିପାଇଁ ସେ ଯେତେ ମାନସିକ ଚାପରେ ନ ଥିଲା ତା'ଠାରୁ ବେଶୀ ଥିଲେ ତା'ର ବାପା ମା' । ମହୁଆର ବାପା ମୂଲ ଲାଗେ । ଯେତିକି ରୋଜଗାର କରେ ସେତିକିରେ ପୁ ପରିବାର ପେଟ ମଧ୍ୟ ପୁରେନା । ମହୁଆ ଦେଖିଛି, ତା' ମା' ନିଜେ ନ ଖାଇ ତାକୁ ଖୁଆଇ ଥାଏ । ମହୁଆଟା ଚବର ଚବରୀ ଟାଏ । ସବୁବେଳେ କିଛି ନା କିଛି କହୁଥାଏ । ମା'କୁ କହେ, "ତୁ ଉପାସ ରହି ମତେ ଆଉ ବାପାଙ୍କୁ ଖୁଆଉଛୁ। ମୁଁ ସେମିତି କରିବିନି । ଆଗେ ନିଜ ପେଟ । ପେଟ ନ ପୁରିଲେ ନାଟ କେମିତି କରିବି । ମା' ତା' ମୁଣ୍ଡରେ ହାତ ବୁଲାଇ ଆଣି କହେ, "ଭଗବାନ୍ କରନ୍ତୁ, ସେଦିନ ଖୁବ୍ ଶୀଘ୍ର ଆସିଯାଉ ।

ମହୁଆ ଏ କଥାର ମର୍ମ୍ମ ବୁଝି ନ ଥାଏ । ପୁଣି ମା'କୁ କହେ, ମୁଁ ବାପା ସାଂଗେ ଯାଇ ମୂଲ ଲାଗିବି । ଦିଗୁଣା ପଇସା ମିଳିବ । ଆମେ ଭଲରେ ରହି ପାରିବା । ନା ଲୋ ମା', ତୁ ମୂଲ ଲାଗିଲେ କ'ଣ ପୁରା ପଇସା ମିଳିବ । ତୁ ପରା ମାଇକଣା ଝିଅଟା । ମାଇକଣା ମାନଙ୍କୁ ଅଧା ମୂଲ ମିଳେ । ତା'ଛଡ଼ା ଏବେ ତୋ ବାହାଘର ଖୋଜା ହେଉଛି । ମୂଳରୁ ତ ଗୋଟିଏ

ଆଖି ନାହିଁ ବୋଲି ବାଚ୍ଛନ୍ଦ କରନ୍ତୁ । ଉପରକୁ ତୋ ଶଶୁର ଘରେ ଜାଣିବେ ଯଦି ତାଙ୍କର ହବାକୁ ଯାଉଥିବା ବୋହୂଟି ମୂଳ ଲାଗୁଛି, ସେ ବାହାଘର ପ୍ରସ୍ତାବ ଭାଙ୍ଗି ଦେବେ ।

ଆଖି ନଷ୍ଟ ହେବା ତ ଦଶ ବାର ବର୍ଷ ହୋଇଗଲାଣି । ମୋ'ର ତ ଗୋଟିଏ ଆଖିରେ ସବୁ କାମ କରିବା ଅଭ୍ୟାସରେ ପଡ଼ି ଗଲାଣି ମା' । ମା' ଚୁପ୍ ରହେ ।

ମହୁଆର ବାହାଘର ପ୍ରାୟସ୍ଥିର ହୋଇଯାଇଥିଲା । ତା' ଶାଶୁ ଶଶୁର ବୋହୂ ଦେଖିବାକୁ ଆସିଥିଲେ । ମୁଣ୍ଡରେ ଓଢ଼ଣା ଟାଣି ନ ଥିଲେ ମଧ ମା ' କହିଥିଲା ଶାଢ଼ୀ କାନଟାକୁ ଜବର କରି ଧରିବୁ । ପ୍ରଥମ ଥର ପାଇଁ ମୁଣ୍ଡରେ ଲୁଗା ଦେଉଛୁ । ଖସି ଯିବ ଯଦି ତତେ ଉର୍ଦ୍ଦଣ୍ଡୀ କହିବେ । ମହୁଆ ନିଜ ମନକୁ ବୁଝେଇ ଦେଇଥିଲା । ମାତ୍ର ଘଣ୍ଟାଟାଏ ତ । ମା' କଥା ମାନିନେବି । ଏମିତି ତ ଚବର ଚବର ହୁଏ ବୋଲି ଗାଁଟା ଯାକ ତାକୁ ଉର୍ଦ୍ଦଣ୍ଡୀ କହିଥାନ୍ତି ।

ଗୋଟିଏ ଗୁଉଳରେ ଗଢ଼ା ମହୁଆ । ଗୋରା ତକ ତକ ଚେହେରା । ଚମ ଲହୁଣୀ ଭଳି ନରମ । ମନେ ହୁଏ କେହି ଛୁଇଁ ଦେଲେ ଯେମିତି ମଇଳା ଲାଗିଯିବ । ବାହାଘର ହୋଇଯାଇଥିଲା । ପରେ ପରେ ଶଶୁର ଘର ଲୋକେ ଜାଣି ଯାଇଥିଲେ ମହୁଆ କାଣୀ । କାଣୀ ଝିଅଟିକୁ ଉଠେଇବା ପାଇଁ ତା' ବାପା ମା' ଆମକୁ ପ୍ରତାରଣା କରିଛନ୍ତି । ପ୍ରଥମେ ପ୍ରଥମେ ବାପା ମା'ଙ୍କ ଉପରେ ଲାଞ୍ଛନା ମହୁଆକୁ ଖୁବ୍ ଅଡୁଆ ଲାଗୁଥିଲା । ବିରକ୍ତ ସହ ମନକୁ ମନ କହେ ନିଜେ ଦେଖି ଗୁହିଁ ତ ପସନ୍ଦ କରିଛ । ଆଜି ମୋ' ବାପା ମା'ଙ୍କର ଅପବାଦ କାହିଁକି କରୁଛ । ପରେ ନିଜର ଭୂଲ ବୁଝି ପାରିଥିଲା । ତା' ପଣତ କାନିରେ ନଷ୍ଟ ଆଖିଟି ଲୁଚ ଯାଇଥିଲା । ଶାଶୁ, ସ୍ୱାମୀଙ୍କ ଠାରୁ ସବୁଦିନ ଗଞ୍ଜଣା ସହିବାକୁ ହୁଏ । ମହୁଆର ଶ୍ୱଶୁର ସରକାରୀ ସ୍କୁଲ୍‌ରେ ହେଡ଼ମାଷ୍ଟ୍ର । ପୁଅ ପୋଷ୍ଟ ମାଷ୍ଟର । ଘରର ଚଳଣୀ ମନ୍ଦ ନୁହେଁ । ବୁଲନ୍ଦ ସହରରୁ ତା' ଶ୍ୱଶୁର ବାଙ୍କ ବିହାରୀ ବାବୁ ତାକୁ ଡାକ୍ତରଖାନାକୁ ଚକସ୍ତା ପାଇଁ ଆଣିଥିଲେ । ମହୁଆର ବୁରାବସ୍ଥା ଦେଖି ମୋ ଆଖିରେ ପାଣି ଜମି ଯାଇଥିଲା। ସିଧା ତାକୁ ପ୍ରଫେସରଙ୍କ ପାଖକୁ ନେଇଥିଲି । ପ୍ରଫେସର ସାନ୍ତ୍ୱନା ଦେଇଥିଲେ। ଅପରେସନ୍ ପରେ ସବୁ ଠିକ୍ ହୋଇଯିବ ।

ମାତ୍ର ମୃତ ବ୍ୟକ୍ତି ଠାରୁ ଖୁବ୍ ଭଲ ଆଖି ମିଳବା ଦରକାର । ନେତ୍ରକୋଷରେ ନାମ ଲେଖାଇ ଶ୍ୱଶୁର ବୋହୂକୁ ନେଇ ଚାଲି ଯାଇଥିଲେ । ଅସୁସ୍ଥତା ଡାଃ ଅନାମିକା ନଜ ଯୋଗୁ ଓ୍ୱାର୍ଡ଼ରେ ଭର୍ତ୍ତୀ ହୋଇଥିବା ସମୟରେ ଥରେ ଆସି ସେମାନେ ମତେ ଖୋଜିଥିଲେ । ଡ଼ାକ୍ତରାଣୀ ଛୁଟୀରେ ଅଛନ୍ତି । ତାଙ୍କ ସଂଗେ ଦେଖା ଦେବା ପାଇଁ ପନ୍ଦର କୋଡ଼ିଏ ଦିନ ଲାଗିଯିବ ବୋଲି ନେତ୍ର କୋଷର ଟେକ୍‌ନସିଆନ୍ କହିଥିଲେ । ଡିସ୍‌ଚାର୍ଜ ହେବା ପରଦିନ ଖବର ପାଇ ମୁଁ ମହୁଆର ଶ୍ୱଶୁରଙ୍କ ପାଖକୁ ଟେଲିଗ୍ରାମ୍ କରାଇ ଡକାଇ ଥିଲି । ମହୁଆର ଶ୍ୱଶୁର ଓପିଡ଼ିକୁ ଆସିଥିଲେ । ସାଂଗରେ ଗୋଟିଏ ଅବଗୁଣ୍ଠନବତୀ ନାରୀ । ମହୁଆ ତ କେବେ ଓଢ଼ଣା ଟାଣି ଆସେନା । ଆଜି ହୁଏତ ସାଂଗରେ ଶ୍ୱଶୁରଙ୍କ ବ୍ୟତୀତ ଅନ୍ୟ କେହି ଅଛନ୍ତି । ଆଜି ମହୁଆକୁ ଭର୍ତ୍ତୀ କରି ଦିଅନ୍ତୁ । ଆମ ପ୍ରଫେସରଙ୍କ ପାଖକୁ ଗୋଟିଏ ଭଲ ଆଖି ଆସିଛି । ମୋ' ଅନୁରୋଧରେ ସେ ମହୁଆ ପାଇଁ ତାହା ରଖିଛନ୍ତି । କହିଲେ ଡାଃ ଅନାମିକା।

ଡେ଼ରି ହୋଇଗଲା ଡାକ୍ତରାଣି । ମୋ' ସଂସାର ଉଜୁଡ଼ି ଗଲା । ମହୁଆ ଆଉ ଏ ସଂସାରରେ ନାହିଁ । ତା' ଉପରେ କିରାସିନ ଅଜାଡ଼ି ଜାଳ ମାରି ଦେବା ଅପରାଧରେ ମୋ' ସ୍ତ୍ରୀ ଆଉ ପୁଅ ହାଜତରେ । ଏ ଝିଅଟି ମୋ'ର ଗୋଟିଏ ଛାତ୍ରୀ । ଏଇ ଝିଅଟିର ଅପରେସନ୍ କରାଇ ଦିଅ । ତା' ଅବସ୍ଥା ପୁଣି ମହୁଆ ଭଳି ନ ହେଉ ।

ମହୁଆକୁ ଜାଳି ମାରି ଦେଇଛନ୍ତି! ଯେଉଁ ଚମକୁ ଛୁଇଁ ଦେଲେ ମଇଳା ହେବାର ସମ୍ଭାବନା ଥିଲା ସେଇ ଶରୀରଟିକୁ ଜାଳି ପୋଡ଼ି ଅଂଗାର କରି ଦେଇଛନ୍ତି ।

ଯାହା ମୋ' ଭାଗ୍ୟରେ ଥିଲା ହୋଇଗଲା । ଏ ଝିଅଟିକୁ ସାହାଯ୍ୟ କର ।

ନେତ୍ର କୋଷର କାନୁନ୍ ହିସାବରେ ଆମେ ବର୍ତ୍ତମାନ ୟା'ର ଅପରେସନ୍ କରାଇ ପାରିବୁନି। ସେଥିପାଇଁ ତାକୁ ଆମ ନେତ୍ର କୋଷରେ ନାମ ଲେଖାଇବାକୁ ହେବ । ମହୁଆ ଭଳି ମୁଁ ବି ଗୋଟିଏ ଦୁଃଖିନୀ ମା' । ଭଗବାନ୍ ତ ତା' ପାଇଁ ଗୋଟିଏ ଆଖି ଛାଡ଼ି ଦେଇଥିଲେ । ମୁଁ ସେଥିରୁ ମଧ୍ୟ ବଞ୍ଚିତା । ଆମେ ବାପା ମା'ଙ୍କର ଚାରି ଝିଅ । ମୁଁ ସବୁଠୁ ବଡ଼ । ସ୍କୁଲ୍ ଯାଉଥିଲି । ଆମ ସ୍କୁଲ୍‌ର ଜଣେ ପୁରୁଣା ଶିକ୍ଷକ ମୋ' ସଂଗେ ଖରାପ ସଂପର୍କ ରଖିବା ପାଇଁ

ଇଚ୍ଛା ପ୍ରକାଶ କଲେ । ମୁଁ ହେଡ଼ମାଷ୍ଟ୍ର ସାର୍‌ଙ୍କୁ ଏ କଥା କହିଥିଲି । ସେ ଶିକ୍ଷକ ଜଣକ ସେଇ ଗାଁରେ ରହୁଥିଲେ । ସାର୍ ତାଙ୍କୁ ଡକାଇ ଧମକାଇଥିଲେ । ସେଇଦିନ ସଂଧ୍ୟାରେ ମୁଁ ମନ୍ଦିରକୁ ଫେରିବା ରାସ୍ତାରେ ମତେ ଜବରଦସ୍ତ ଉଠାଇ ତାଙ୍କ ଘରକୁ ନେଇ ଯାଇଥିଲେ । ତା'ପରେ ପାଶବିକ ଅତ୍ୟାଚାରର ପ୍ରଚେଷ୍ଟା । ମୁଁ ଚିତ୍କାର କରିବାରୁ ମୋ' ପାଟିରେ ପୁରା ଗୋଟାଏ ବୋତଲ ଏସିଡ୍ ଅଜାଡ଼ିବାର ପ୍ରୟାସ କଲେ । ମୁଁ ପାଟି ବନ୍ଦ କରିବାରୁ ପୁରା ବୋତଲ ଯାକ ଏସିଡ୍ ମୋ'ର ସଂପୂର୍ଣ୍ଣ ମୁହଁଟିକୁ ଜାଳ ଦେଇଥିଲା । ଯନ୍ତ୍ରଣାରେ ମୁଁ ଏମିତି ଛଟପଟ ହଉଥିଲି ଯେ ସେ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ କରି ପାରିଲେନ । ମତେ ଉଠାଇ ନେଇ ଗୋଟିଏ ନଈକୂଳରେ ଫୋପାଡ଼ି ଦେଇ ଆସିଥିଲେ । ଆଉ ଆଗକୁ କହି ପାରି ନ ଥିଲା ଅଂଜୁ ।

ମୁଁ ତୁମ ନାମ ଆଜି ଲେଖାଇ ଦେଉଛି । ତୁମର ଦୁଇଟି ଯାକ ଆଖି ନାହିଁ । ତେଣୁ ତୁମର ନମ୍ବର ଖୁବ୍ ଶୀଘ୍ର ଆସି ଯିବ ।

ସେଦିନ ମୋ ଏମରଜେନ୍‌ସି ଡିଉଟିଥିଲା । ସିନଅର ରେସିଡେଣ୍ଟ ମାନଙ୍କୁ ଡିଉଟି ରାତିରେ ହସ୍‌ପିଟାଲ୍‌ରେ ରହିବାର ଆଦେଶ ଥିଲେ ମଧ୍ୟ ନାଇଟ୍ ରାଉଣ୍ଡ ଶେଷ କରି ପ୍ରାୟତଃ ସମସ୍ତେ ହଷ୍ଟେଲ୍ କିମ୍ବା ନିଜ ଘରକୁ ଚାଲିଯାଇଥାନ୍ତି । ରାତି ଦୁଇଟା । କାଜୁଆଲ୍‌ଟିରୁ କାହାର ଜୋର୍ ଜୋର୍‌ରେ କାନ୍ଦୁଥିବା ଡିଉଟି ରୁମ୍‌କୁ ଶୁଣାଗଲା । ଯାଇ ପହଞ୍ଚିଲି ମତେ ତାଙ୍କୁ ଦେଖି ଜୁନିଅର ଡାକ୍ତର ଜଣକ ଅପ୍ରତିଭ ହୋଇ କହିଲା, ମାତ୍ର ୨୦% ବର୍ଣ୍ଣ । ମୁଁ ଔଷଧ ଲଗାଇ ଦେଇଛି । କାଲି ସକାଳେ ଓପିଡ଼ିରେ ଦେଖାଇବାକୁ କହୁଛି ମାତ୍ର ସେ ଶୁଣିବାକୁ ନାରାଜ୍ ।

କେହି ବି ବର୍ଣ୍ଣ କେସ୍ ଏମ୍‌ରଜେନ୍‌ସି ସୁରେଶ । ଆଡ଼ମିସନ୍ ସ୍ଲିପ୍ ରେଡ଼ିକରି ୱାର୍ଡ଼ ସିଷ୍ଟରକୁ ଖବର ଦିଅ । ଏତିକ କହି ମୁଁ ରୋଗୀଟିକୁ ପରୀକ୍ଷା କରିବା ଆରମ୍ଭ କଲି । ସୁରେଶ ଠିକ୍ କହୁଥିଲା, ମାତ୍ର କୋଡ଼ିଏ ପରସେଣ୍ଟ ବର୍ଣ୍ଣ । ହେଲେ ନିଶ୍ଚିତ ଭାବେ କୌଣସି ପାୱାରଫୁଲ୍ ଏସିଡ୍ ।

ସଲଫୁରିକ ଏସିଡ୍ ମାଡ଼ାମ୍ ।

ତୁମେ କେମିତି ଜାଣିଲ ?

ମୋ' ଭାଇ ଲାବୋରେଟୋରୀରେ କାମ କରନ୍ତି । ନୀହାର ସଂଗେ ତାଙ୍କ କ'ଣ ପୁରୁଣା ଦୁଶମନୀ । ମୁଁ ଭାଇ ସଂଗେ ଏକାଠି ଘରକୁ ଫେରେ । ତେଣୁ ଅପେକ୍ଷା କରିଥିଲି । ନୀହାର ସଲଫୁରିକ୍ ଏସିଡ୍ ବୋତଲଟା ଉଠାଇ ମୋ' ଆଡ଼କୁ ଆସିଲା । ରୁମ୍ ଭିତରୁ ବାହାରକୁ ଯିବାର ଉପାୟ ନ ଥିଲା । ଜୋର୍‌ରେ ମୁଣ୍ଡ ତଳକୁ କରି ଆଖି ଦିଟାକୁ ବନ୍ଦ କରି ଚକ୍ରାର କଲି । ଭାଇ ବାହାରୁ ଦଉଡ଼ି ଆସିଲେ । ସେତେବେଳକୁ ସେ ପୁରା ବୋତଲଟି ମୋ' ମୁଣ୍ଡ ଉପରେ ଅଜାଡ଼ି ସାରିଥିଲେ ।

ଅଲଟ୍ରା ସାଉଣ୍ଡ କରାଗଲା । ଦୁଇଟି ଯାକ ଆଇ ବଲ୍ ଠିକ୍ ଥିଲା; ମାତ୍ର ଉପର ତଳପତା ଗୁଡ଼ିକ ଯୋଡ଼ି ହୋଇ ଯାଇଥିଲା । ଶଲ୍ୟ ଚକତ୍ସା ଦ୍ୱାରା ଝିଅଟିର ଆଖି ପତା ଗୁଡ଼ିକୁ ଅଲଗା କରିଥିଲେ । କର୍ଣ୍ଣିଆ ଅଳ୍ପ ପ୍ରଭାବିତ ହୋଇଥିଲା । ଔଷଧ ବ୍ୟବହାର ପରେ ଠିକ୍ ହୋଇ ଯାଇଥିଲା ।

ଲେକ୍‌ଚରର ହୋଇ ଜଏନ୍ କରିବାର ମାତ୍ର ଚାରିଟି ମାସ ହୋଇଥିଲା । ଚାକରୀ ୬ ମାସରୁ କମ୍ ହୋଇଥିଲେ ଖରା ଛୁଟୀ ମିଳେନା । ତେଣୁ ମତେ ଛୁଟୀ ମିଳି ନ ଥିଲା । ପ୍ରଫେସର ଛୁଟୀରେ ନ ଥିଲେ ମଧ ଆଡ଼ମିନଷ୍ଟ୍ରେଟିଭ୍ କାମରେ ବହୁ ବ୍ୟସ୍ତ ରହନ୍ତି କେବଳ ଅତି ଦରକାରୀ କେଶ୍ ଦେଖିବାକୁ କ୍ଲନକ୍ ଆସି ଥାଆନ୍ତି । ତେଣୁ ସିନଅର ରେସିଡ଼େଣ୍ଟ ମାନଙ୍କ ସାହାଯ୍ୟରେ ମତେ କର୍ଣ୍ଣିଆ କ୍ଲନକ୍ ଚଳାଇବାକୁ ପଡ଼ିଥାଏ । ପ୍ରତ୍ୟେକ କ୍ଲନକ୍‌ରେ ନୂଆ ପୁରୁଣା ମିଶି ପ୍ରାୟ ଶହେ ରୋଗୀ । ହଠାତ୍ ବାହାରେ ପାଟିଗୋଳ ଶୁଣି ମୁଁ ବାହାରକୁ ଗଲି। ରୋଗୀଟି ଖୁବ୍ ଜୋର୍‌ରେ ରେକର୍ଡ଼ କ୍ଲର୍କକୁ ଗାଳ ଗୁଲଜ୍ କରୁଛି ।

କ'ଣ କଥା ଜଗଦୀଶ ?

ସାଢ଼େ ଚାରିଟା ବାଜିଲାଣି ମାଡ଼ାମ୍ । ଇଏ ଜିଦି କରୁଛନ୍ତି ଆଜି ଫାଇଲ୍ ତିଆରି କରିବାକୁ । ସମୟ ଗଡ଼ି ଗଲାଣି କହିବାରୁ ଅସଭ୍ୟ ଭାଷା ମଧ ବ୍ୟବହାର କରୁଛନ୍ତି ।

"ଠିକ୍ ଅଛି, ତୁମେ ଯାଅ । ମୁଁ ବୁଝୁଛି ।" କହି ରୋଗୀଟିର ଆଟେଣ୍ଡାଣ୍ଟକୁ ରୋଗୀକୁ ଭିତରକୁ ଆଣି ଚେୟାର ଉପରେ ବସାଇବାକୁ କହିଲି । ଚେୟାର୍ ଉପରେ ବସି ରୋଗୀଟି ଖୁବ୍ ଭଦ୍ର ଭାବରେ କହିଲା, ଆପଣ ଅନାମିକା ମାଡ଼ାମ୍ ତ! ଆପଣଙ୍କ ସହ ପରାମର୍ଶ ପାଇଁ ମୁଁ ଦରଭଙ୍ଗାରୁ ଆସିଛି । ଆପଣ ସମସ୍ତ ରୋଗୀ ଦେଖି ସାରି ଅନ୍ୟମାନଙ୍କୁ ବାହାରକୁ ଯିବାକୁ କୁହନ୍ତୁ, କିଛି ଗୁପ୍ତ ପରାମର୍ଶ ।

ଆଖି ରୋଗୀର ପୁଣି ଗୁପ୍ତ ପରାମର୍ଶ! କେତେଜଣ ଜୁନିଅର ରେସିଡ଼େଣ୍ଟ ନିଜ ନିଜ ଭିତରେ ଆଲୋଚନା ଆରମ୍ଭ କଲେ । ସେମାନଙ୍କୁ ଠାରରେ ଚୁପ୍ ରହିବାକୁ କହି ଅନ୍ୟ ରୋଗୀ ମାନଙ୍କର ପରୀକ୍ଷା ଆରମ୍ଭ କଲି ।

ଆଚ୍ଛା ଏବେ କୁହ । ଆଉ କେହି ଏଠାରେ ନାହାନ୍ତି ।

ସତ କହୁଛନ୍ତି ତ! ମୁଁ ତ ଦେଖି ପାରୁନି । ମତେ ମିଛ କହି ଭୁଲାଇ ଦେଉ ନାହାନ୍ତି ତ ।

ରୋଗୀ ସହିତ ପରିହାସ କରା ଯାଏନା ସବିତା ।

ମୁଁ ଗ୍ୟାଙ୍ଗ୍ ରେପ୍‌ର ଶୀକାର ହୋଇଥିଲି ମାଡ଼ାମ୍ ।

କେବେ? ଏଇ ଅବସ୍ଥାରେ?

ନାଁ, ସେତେବେଳେ ମୁଁ ନୂଆ କରି ସ୍କୁଲ୍‌ରେ ଶିକ୍ଷୟତ୍ରୀ ଭାବେ ନିଯୁକ୍ତା ହୋଇଥିଲି । ବାହାଘରର ମାତ୍ର ଦୁଇଟି ବର୍ଷ ହୋଇଥିଲା । କୋଳରେ ତିନିମାସର ପୁଅଟିଏ । ମ୍ୟାଟର୍ନିଟି ଲିଭ୍ ପରେ ଜଏନ୍ କରିଥିଲି । ସେଇଦିନ ଛଅଜଣ ଗୁଣ୍ଡାଙ୍କର ଶୀକାର । ଭୂଇଁରୁ ଉଠିବାକୁ ଚେଷ୍ଟା କରୁଥିଲି । ଗୁଣ୍ଡାମାନେ ଚାଲିଯାଇଥିଲେ । ହଠାତ୍ ଶୁଣି ପାରିଲି, "ସେମିତି ଛାଡ଼ନାରେ, ଶାଳୀ ଆମକୁ ଧରା ପକେଇ ଦବ ।" ତା'ପରେ ପରେ ଗୁଡ଼ାଏ ଗନ୍ଧ ତରଳ ପଦାର୍ଥରେ ପୁରା ମୁହଁଟା ଭିଜି ଯାଇଥିଲା । ଏସିଡ୍ ନିଶ୍ଚୟ । ସେଇଠି ଛଟପଟ ହେଉଥିଲି। ଟୁନି ଅପା, ସତୀଶ୍ ଭାଇ ମତେ ହସ୍ପିଟାଲ୍ ନେଇ ଯାଇଥିଲେ । ପରେ ପରେ ପରିବାରର

ସମସ୍ତେ ସେଠାକୁ ଆସିଥିଲେ । ସ୍ୱାମୀ ଘ୍ରତିରେ ରହିଲେ । ତାଙ୍କୁ ଏକା ଦେଖି ସବୁ କଥା ଗୋଟି ଗୋଟି କରି କହିଥିଲି । ତା'ପରଦିନ ଠାରୁ ଆଉ ପରିବାର ସଦସ୍ୟ ମତେ ଦେଖିବାକୁ ଆସି ନ ଥିଲେ । ଡାକ୍ତରଖାନା ଅଧିକାରୀଙ୍କର ସାହାଯ୍ୟରେ ଗୋଟିଏ ଅନାଥାଶ୍ରମରେ ଠାବ ମିଳଥିଲା । ବହୁଦିନ ପରେ ଜାଣି କୁ ପାଇଲି ପୁଅଟି ମଧ୍ୟ ଆଉ ଏ ଇହ ସଂସାରରେ ନାହିଁ । ସ୍ୱାମୀ ଦ୍ୱିତୀୟ ବିବାହ କରିଛନ୍ତି । ସତୀଶ ଭାଇଙ୍କର ବଦଳ ହୋଇଯାଇଥିଲା । ତେଣୁ ଟୁନ ଅପା ମଧ୍ୟ ସହର ଛାଡ଼ି ଗ୍ଭଲି ଯାଇଥିଲେ । ବହୁଦିନ ପରେ ଦିନେ ଟୁନ ଅପା ମତେ ଭିକାରୀ ମାନଙ୍କ ମେଳରେ ଦେଖି କହିଥିଲେ ତୋର ଆଖି ନାହିଁ ମୋ'ର ନୟନ ପିତୁଳୀ ନାହିଁ । ଦୁହେଁ ଅନ୍ଧ। ଏକ ବିରାଟ ଦୁର୍ଘଟଣାରେ ସତୀଶ୍ ମତେ ଛାଡ଼ି ଗ୍ଭଲି ଯାଇଛନ୍ତି । ଆପଣଙ୍କ ପ୍ରଶଂସା ମୁଁ ଟୁନ ଅପାଙ୍କ ଠାରୁ ଶୁଣିଛି । ଆପଣଙ୍କ ପାଦ ଧରୁଛି ମାଡ଼ାମ୍ । କେମିତି କରି ମତେ କେତେଦିନ ପାଇଁ ଦେଖିବାର ସୁଯୋଗ ଦିଅନ୍ତୁ । ସେ ପାପୀ ମାନଙ୍କୁ ମୁଁ ଆଜି ବି ଚହ୍ନି ପାରିବି । ସେମାନଙ୍କୁ ଉପଯୁକ୍ତ ଦଣ୍ଡ ଦିଆଇବା ପରେ ଆପଣ ମୋ'ର ଦୃଷ୍ଟି ଶକ୍ତ ଫେରାଇ ନେଇ ଅନ୍ୟ କେଉଁ ଦୁଃଖିନୀକୁ ଦେଇଦେବେ । ଏ ଦୁନିଆରେ କ'ଣ ମୁଁ ଏକା! ସବୁ ଗଳ କନ୍ଦିରେ ଆପଣ ମୋଭଳ ଅଭାଗିନୀ ଦେଖିବାକୁ ପାଇବେ । କଏ ପେଟରେ ରଖୁଛି ।

ବିଶେଷ ବାକ୍ୟ ବ୍ୟୟ ନ କରି ପରୀକ୍ଷା କଲି । ବିଜୟା ମୋ' ଓ୍ୱାର୍ଡ଼ରେ ନର୍ସ । ମଝିରେ ମଝିରେ ସବୁ ଓ୍ୱାର୍ଡ଼ରେ ନର୍ସ ମାନଙ୍କର ବଦଳ ହୋଇଥାଏ । ମାତ୍ର ମୋ'ର ବିଶେଷ ଅନୁରୋଧକ୍ରମେ କେହି ତା'ର ବଦଳ କରନ୍ତୁନ । କର୍ଣ୍ଣିଆ ଗ୍ରାଫ୍‌ଟିଙ୍ଗ୍ ରୋଗୀ ମାନଙ୍କର ସେବା ଅନ୍ୟ ଆଖି ରୋଗୀମାନଙ୍କଠାରୁ ନିଆରା(ଭିନ୍ନ) । ଅପରେସନ୍ ପୂର୍ବରୁ କେଉଁ ପରୀକ୍ଷା କରାଯିବ, କ'ଣ ଔଷଧି ଦିଆଯିବ । ତାକୁ ସବୁ ଜଣା ।

ବିଜୟାର ପିଲାଦିନର ନୀଜି ଜୀବନ ଖୁବ୍ ଦୁଃଖମୟ ଥିଲା । ମା' ପକ୍ଷଘାତ ରୋଗୀ । ବାପାଙ୍କର ଖୁବ୍ ଗୋଟିଏ ଛୋଟିଆ ଗ୍ଭକରି । ମାସ ଶେଷରେ ଘରକୁ ଯାହା ଗଣ୍ଡାଏ ପଇସା ଆଣନ୍ତୁ ତାହା ତିନିଜଣଙ୍କ ପେଟକୁ ଅଣ୍ଟେନା । ତେଣୁ ଘରେ ଗ୍ଭକର ଗ୍ଭକରାଣୀ ରଖିବା ସମ୍ଭବ ହୁଏନା । ପିଲାଟି ଦିନରୁ ବିଜୟା ଘର କାମ ସବୁ ନିଜେ କରିଥାଏ । ସେଇଦିନ ମାନଙ୍କରେ ଡାକ୍ତରୀ ପ୍ରଫେସନର ସ୍ଥାନ ବହୁ ଉଚ୍ଚରେ ଥିଲା । ବିଜୟା ଖୁବ୍ ଭଲ ଛାତ୍ରୀ ଥିଲା । ତେଣୁ ଭବିଷ୍ୟତରେ ଡାକ୍ତର ହୋଇ ତା' ମା' ଭଳ ବହୁ ରୋଗୀଙ୍କର ସେବା କରିବ

ବୋଲି ଧରି ନେଇଥିଲା । ମାତ୍ର ତାହା ସମ୍ଭବ ହୋଇପାରି ନ ଥିଲା । ତା' ହାଇସ୍କୁଲ ପରୀକ୍ଷା ପରେ ଅକସ୍ମାତ ବାପାଙ୍କର ଦେହାନ୍ତ ହୋଇଯାଇଥିଲା । ବିଜି କହେ, ବାପାଙ୍କର ନିଶ୍ଚିତ ଭାବେ କିଛି ଗୋଟାଏ ମାରାତ୍ମକ ରୋଗ ଥିଲା । ଅର୍ଥ ଅଭାବରୁ ଯାହାର ସେ ଉପଚାର କରାଇ ପାରି ନ ଥିଲେ । ବାପାଙ୍କ ମୃତ୍ୟୁ ପରେ ରୋଗୀଣୀ ମା'କୁ ନେଇ ଡାକ୍ତରୀ ପାଠ ପଢିବା ତା'ର ସ୍ୱପ୍ନରେ ରହି ଯାଇଥିଲା । ବହୁ କଷ୍ଟରେ ନର୍ସିଂ ଟ୍ରେନିଂ ନେଇଥିଲା । ଈଶ୍ୱରଙ୍କ ଅସୀମ କରୁଣା । ଏ.ଆଇ.ଆଇ.ଏମ୍.ଏସ୍ ରେ ତାକୁ କାମ କରିବାର ସୁଯୋଗ ମିଳିଥିଲା । ତା' କାର୍ଯ୍ୟକଳାପରେ ହସ୍ପିଟାଲ୍‌ର ସମସ୍ତେ ଖୁସି । ପରେଶ ଥିଲା ସିନିଅର୍ ଟେକ୍‌ନିସିଆନ୍ । ଦୁହେଁ ପଡ଼ୋଶୀ । କଥାରେ ଅଛି ମନ ବୁଝୁଥିବା ପଡ଼ୋଶୀ ଏବଂ ମାଲିକ ମନ ମୁତାବକ ସହାୟକଟିଏ ମିଳିବା ଭାଗ୍ୟରେ ଥିଲେ ମିଳିଥାଏ । ବିଜୟାର ଭଲ ମନ୍ଦରେ ପରେଶ ତା' ପାଖେ ପାଖେ । ବିଜି ଖୁବ୍ ଆତ୍ମ ନିର୍ଭରଶୀଳ । ଯେତେ ଆତ୍ମନିର୍ଭରଶୀଳ ହେଲେ ମଧ୍ୟ ମଣିଷକୁ ସହାୟତା ଆବଶ୍ୟକ । କଥା କଥାରେ ସେ ପରେଶର ଅହରହ ପ୍ରଶଂସା କରିଥାଏ ।ପରେ ଶୁଣିଥିଲି ସେ ପରେଶ୍ ସହ ବିବାହ କରିଥିଲା । ବହୁଦିନ ପରେ ସେଦିନ ସଂଧ୍ୟାରେ ରାଉଣ୍ଡ ନେଇ ବାହାରକୁ ଆସୁଥିଲି । ସାଥିରେ ଅନ୍ୟ କେହି ନ ଥିଲେ । ପଛରୁ ବିଜୟାର କଣ୍ଠସ୍ୱର ।

କ'ଣ ହେଲା ବିଜି ?

ପରେଶ୍‌ର ବ୍ୟବହାର ଦିନକୁ ଦିନ...

ଜାଣିଛି... ଅନେକ ସମୟରେ ମୁଁ ତାକୁ ସୁନୀତା ସହ ଦେଖିଥାଏ । ତୁମର ନିଜୀ ମାମଲା ମନେ କରି ତୁମକୁ କିଛି କହୁ ନ ଥିଲି । ସୁନୀତା ତ ଆମ ହସ୍ପିଟାଲ୍‌ର । ତୁମେ ଖୁବ୍ ସନ୍ତର୍ପଣ ସହ ପରେଶକୁ ସୁନୀତା ସହ ମିଳିବାର ସୁଯୋଗ ନ ଦେବାକୁ ଚେଷ୍ଟା କର ।

ଏପ୍ରିଲ୍ ୧୭ରୁ ୧୯ ଅରଲାଣ୍ଡୋରେ କନ୍‌ଫରେନ୍ସ ଥିଲା । ଆମେରିକା ପାଇଁ ଆମ ଟିକେଟ୍ ଭାୟା ଆମଷ୍ଟାଡ଼ମ୍ ଥିଲା । ମୋ'ର ଗ୍ୟରିଟା ପ୍ରେଜେଣ୍ଟେସନ୍ । ତେଣୁ ତିନିଦିନ ଯାକ ଆମେ କୁଆଡ଼େ ଯାଇ ପାରି ନ ଥିଲୁ । ସେଠାରେ ଦୁଇଦିନ ବୁଲାବୁଲି କରି ଆମେ (ମୁଁ, ନମ୍ରତା, ଡାଃ ବାଜପେୟୀ) ଫୋର୍ଟ ଲଡରେଡ଼େଲ୍‌ରେ ଆର୍‌ଭୋ କନ୍‌ଫରେନ୍ସ ପାଇଁ ୨୨ ତାରିଖରେ ବସ୍

ଯାତ୍ରା କଲୁ । ବସ୍ ଟିକେଟ୍ ଜଣକା ପଚ୍ଚିଶ ଡଲାର । ମଝିରେ ଲଞ୍ଚ ପାଇଁ ବସ୍ ଅଟକିଲା । ସ୍ଥିର କଲୁ ଲାଇଟ୍ ଲଞ୍ଚ କରିବୁ । ଏତେ ବେଶୀ ବେଶୀ ଡଲାର୍ ଖର୍ଚ୍ଚ କରିବାକୁ ପଡୁଛି । ଖୁବ୍ କମ୍ କମ୍ ଖାଇଥିଲେ ମଧ୍ୟ ଷାଠିଏ ଡଲାର ଲାଗିଥିଲା । ଫୋର୍ଟ ଲରେଡେଲ୍ର ହୋଟେଲ୍ ଅର୍ଲାଣ୍ଡୋର ହୋଟଲ୍ ଅପେକ୍ଷା ଶସ୍ତା ଥିଲା । ଡାଃ ମହେନ୍ଦୁ (ମୋ'ର ଜଣେ ପୁରୁଣା ବନ୍ଧୁ)ଙ୍କ ସାହାଯ୍ୟରେ ଖୁବ୍ ବୁଲାବୁଲି କରି ଚବିଶ ତାରିଖରେ ଆର୍ଭ୍ୱେର ସ୍ପେଶିଆଲ୍ ମିଟିଙ୍ଗରେ ଭାଗନେଲୁ । ପଚଶ୍ ଏପ୍ରିଲ୍ ପାଇଁ ଆମ ଟିକେଟ୍ (ଅର୍ଲ୍ୟାଣ୍ଡୋ) ଫ୍ଲୋରିଡ଼ାରୁ ଆମ୍ସ୍ଟାର୍ଡ଼ମ ଥିଲା । ପଚଶରେ, ବସ୍ରେ ଗଲେ ମିଟିଙ୍ଗ୍ ମିସ୍ କରିବାକୁ ହେବ। ମୋ' ମନକୁ ଗୋଟିଏ ଆଇଡ଼ିଆ ଆସିଲା । ଗତ ଆମେରିକା ଟ୍ରିପ୍ରେ ମୋ'ର ଜଣେ ବନ୍ଧୁଙ୍କ ପାଇଁ ମୁଁ ଲାଷ୍ଟ ମିନଟ୍ ଡଟ୍ କମ୍ ରେ ଗୋଟିଏ ଶସ୍ତା ଟିକେଟ୍ କରି ପାରିଥିଲି। ନେଟ୍ ଫ୍ୟାସିଲିଟି ଖୋଜିବା ପାଇଁ ନମ୍ରତାକୁ ପଠାଇ ମୁଁ ଫ୍ରି ଫୋନ୍ର ସନ୍ଧାନ କଲି । ସାଧାରଣତଃ ଏୟାର ପୋର୍ଟରେ ଫ୍ରି ଫୋନ୍ର ସୁବିଧା ଥାଏ । ଚେଷ୍ଟା ଚଳାଇଲି । ପଚଶ୍ ତାରିଖ ସକାଳ ଆଠଟାରେ ଫୋର୍ଟ ଲରେଡ଼େଲ୍ରୁ ଅର୍ଲାଣ୍ଡୋକୁ ଦୁଇଟି ଟିକେଟ୍ ମିଳିଲା । ଗୋଟିକର ଦାମ୍ ତିରିଶ୍ ଡଲାର୍ । ବୁକ୍ କରି ଏୟାର୍ ପୋର୍ଟରେ ପେ କରିବା ପାଇଁ ପ୍ରତିଶ୍ରୁତି ଦେଲି । ଆମ ପାଇଁ ଏଇଟା ଗୋଟାଏ ବଡ଼ ଖୁସି ଖବର ଥିଲା । କାରଣ ଆମେ ଜଣ ପିଛା ଚାଳିଶ୍ ଡଲାର୍ ସେଭ୍ କରିବୁ, ଟିକେଟ୍ରେ କୋଡ଼ିଏ ଡଲାର୍ ଖାଇବା ପିଛା ଆଉ କୋଡ଼ିଏ । ତା'ଛଡ଼ା ଅର୍ଲାଣ୍ଡୋ ଏୟାର୍ ପୋର୍ଟ ଯିବା ପାଇଁ ଟ୍ୟାକ୍ସି ଖର୍ଚ୍ଚ ମଧ୍ୟ ବଞ୍ଚିଲା । ଡିଉଟି ଫ୍ରି ସପ୍ରେ ମନଇଚ୍ଛା ସପିଙ୍ଗ୍ ମଧ୍ୟ କରିପାରିବୁ । ମୋ' ପାଖେ ଛୋଟ ଷ୍ଟୁଲି ବ୍ୟାଗ୍ ନ ଥିଲା, ଡିଉଟି ଫ୍ରି ସପ୍ରେ ଗୋଟିଏ ଦେଖିଲି, ଖୁବ୍ ପସନ୍ଦ ଆସିଲା । ଦାମ୍ ଥିଲା ମାତ୍ର ତିରିଶ୍ ଡଲାର୍ । ତଥାପି ମଧ୍ୟ ମୁଁ ବ୍ୟାଗ୍ଟିକୁ ଛାଡ଼ି ଚାଲି ଆସିଲି । ସେଇ ତିରିଶ୍ ଡଲାର୍ରେ ମୁଁ ନମ୍ରତାର ଛୋଟ ଝିଅ ପାଇଁ କିଛି ଜିନଷ ଏବଂ ମୋ' ପୁଅ ପାଇଁ ଚକ୍ଲେଟ୍ କିଣି ପାରିବି । ବହୁ ସମୟ ବୁଲାବୁଲି କରି ଆମେ ବୋର୍ଡ଼ିଙ୍ଗ୍ ପାସ୍ ପାଇଁ ଗଲୁ । ଦେଖିଲି ସେଇ ବ୍ୟାଗ୍ଟି ନମ୍ରତା ହାତରେ "ସବୁ ଜିନଷ ଗୁଡ଼ା ଏଇ ବ୍ୟାଗ୍ରେ ରଖି ଦିଅନ୍ତୁ ମ୍ୟାଡ଼ାମ୍। ଆପଣଙ୍କ ହାତ ଖାଲି ହୋଇଯିବ ।"

ମାତ୍ର....

ଆପଣ ତ ବର୍ଷରେ ତିନଥର ବିଦେଶ ସତେଇଶ୍ ଥର ଦେଶରେ ଲେକ୍‌ଚର ଦେବାକୁ ଯାଇଥାନ୍ତି । ଅର୍ଥାତ୍ ଗୋଟିଏ ଟ୍ରିପ୍ ପାଇଁ ଗୋଟିଏ ଡଲାର୍ । ବିଦେଶରେ ତ ଟ୍ରଲି ପାଇଁ ତିନ ଡଲାର୍ ଦେବାକୁ ହୋଇଥାଏ । ହଁ, ଏ ଟ୍ରଲି ବ୍ୟାଗ୍ ପାଇଁ ମୁଁ ଡଲାର ଖର୍ଚ୍ଚ କରିନି ମ୍ୟାମ୍ । ବରଂ ମତେ ଦଶ ଡଲାର୍ ଲାଭ ହୋଇଛି ।

କ'ଣ କହୁଛୁ ମୁଁ କିଛି ବୁଝି ପାରୁନି ନମ୍ରତା ।

ଫୋର୍ଟ ଲରେଡ଼େଲ୍‌ରୁ ଅର୍ଲାଣ୍ଡୋ ଟ୍ରିପ୍‌ରେ ମୋ'ର ଗ୍ଯାରଶ ଡଲାର୍ ବଞ୍ଚିବ ।

ଦୁହେଁ ଖୁବ୍ ଜୋର୍‌ରେ ହସିଲୁ । ନମ୍ରତାର ସେଇ ଗିଫ୍ଟ ମୁଁ ଆଜି ବି ସାଇତି ରଖିଛି । ଗୋଟାଏ ଚକ ଭାଙ୍ଗି ଗଲାଣି ।

ସେଦିନ ଗୁରୁବାର ଥିଲା । ଶୀଘ୍ର ରାଉଣ୍ଡ ନେଇ ଓପିଡ଼ି ଯିବା କଥା । ମାତ୍ର ବିଜୟାର ଦେଖା ନ ଥିଲା । ଅନୁଭବ କରିଥିଲେ ମଧ୍ୟ କାହାକୁ କିଛି ପ୍ରଶ୍ନ କରି ନ ଥିଲି । ଇ.ଏଚ୍.ଏସ୍ ବେଡ୍‌ରେ ଗୋଟିଏ ରୋଗୀକୁ ଦେଖିବା ପାଇଁ ଅଧିକାରୀଙ୍କର ହୁକୁମ୍ । କହିଲା ଆଶୁତୋଷ ।

ଅପ୍‌ଥାଲ୍ମୋପ୍ଲାଷ୍ଟି ପେସେଣ୍ଟ! ହୁଏତ କର୍ଣ୍ଣିଆରେ କିଛି ଅସୁବିଧା ଅଛି ।

ତା'ଠାରୁ ଟିକଏ ହିଷ୍ଟ୍ରି ଶୁଣି ସାରିବା ପରେ ଆଶୁତୋଷକୁ କହିଲି, "ଆମ ୱାର୍ଡ଼କୁ ଟ୍ରାନ୍ସଫର କରିଦିଅ ।" ହଠାତ୍ ଅନୁଭବ କଲି ମୋ ହାତକୁ ରୋଗୀଟି ଜୋର୍‌ରେ ଭିଡ଼ି ଧରିଛି ।

ଆପଣ ମଧ୍ୟ ବିଜୟାକୁ ଚିହ୍ନି ପାରିଲେନି ମ୍ୟାଡ଼ାମ୍...

ବିଜୟା.. ଏସିଡ୍ ବର୍ଣ୍ଣ । ନିଜ ଅଜାଣତରେ ପାଟିରୁ ବାହାରି ଆସିଲା, "ପରେଶ୍, ଦ ସ୍କାଉଣ୍ଡ୍ରେଲ୍" । ନାରୀ ଜୀବନ ସହ ଖେଳିବା କ'ଣ ପୁରୁଷ ଗୋଷ୍ଠୀଙ୍କର ଧର୍ମ! ଛୋଟ ପିଲାଟି ନୂଆ ଖେଳନାଟିଏ ଦେଖିଲେ ଅଳି କରି ବସେ । ହାତରେ ଆସିଗଲେ ଖୁବ୍

ଉଲ୍ଲାସିତ ସହ ଖେଳଥାଏ । ପୁରୁଣା ହୋଇଗଲେ ଅନ୍ୟ ଏକ ନୂଆ ଖେଳନା ପାଇଁ ଜିଦି କରେ । ମାତ୍ର ଜାଣି ଶୁଣି ଖେଳନାଟିକୁ ଜଳାଇ ଦେଇ ନ ଥାଏ । ତେବେ ନାରୀ କ'ଣ ଖେଳନା ଠାରୁ ହୀନ!

ଖୁବ୍ ପିଲାଦିନ କଥା ମନେ ପକାଇଥିଲି । ଚୁଲୀ ଜଳାଇବା ବେଳେ କାଠ କଞ୍ଚା ଥିଲେ ନାନୀ ତା' ଉପରେ ଟିକଏ ସ୍ପିରିଟ୍ କମ୍ବା କରାସିନ ଢାଳ ଜଳାଇବାକୁ କହିଥାଏ । ତେବେ ନାରୀ ଶରୀର କ'ଣ ଖଣ୍ଡେ କଞ୍ଚା କାଠ!!!

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ସ୍ୱପ୍ନାଭିସାର



କୃଷ୍ଣ ଚନ୍ଦ୍ର ବାରିକ

ନିରବ ନିସ୍ତବ୍ଧ ନିଳୟ ପ୍ରକୋଷ୍ଠ
ନିମିଲିତ ବେନି ଆଖି
କମିଆ କରିଣ କେମିତି ଆସିଲ
ସତ ଲାଗୁଥିଲା ସଖି

ସରସ ଶୃଙ୍ଗାର ଶିହ୍ଲାର ଜଗାଇ
ପୁଲକତା ଦେଲା ଭରି
ଫିଟି ପଡ଼ି ଥିଲା ଶ୍ରୀଅଙ୍ଗ ଭୂଷଣ
    କବରୀ ପଡ଼ିଲା ଖୋଲି

କଟିର କିଙ୍କିଣୀ ପାଦର ପାଉଁଜି
ନାଚୁଥିଲେ ନାନା ଛନ୍ଦେ
ଅମୃତ କଳସୀ ସୁଧା ପାନ କରି
ହସୁ ଥିଲା ମନ୍ଦେ ମନ୍ଦେ

ଚୁମ୍ବନ ପୁଷ୍କର ବର୍ଷି ଯାଉଥିଲା
ସିକ୍ତ ଥିଲା ଆମେ ଦୁହେଁ
ନାଭି ଚକ୍ରେ ଭ୍ରମି ପଞ୍ଚ ପୁଷ୍ପ ଶର
ନିରେଖି ଅନ୍ତରେ ଗୃହେଁ

ଅନ୍ତରେ ପ୍ରବେଶି ଦରଣ୍ଡି ଖୋଜିଲ୍
କସ୍ତୁରୀ ଯେ ସନ୍ତର୍ପଣେ
ପର୍‌ଗ ରେଣୁ ଲେ୍ ପଡ଼ିଲ୍ ଛିଟିକ
ବିମୋହିତ ସମ୍ମୋହନେ

କାହିଁକ କେଜାଣି କୁକ୍କୁଟ ର୍‌ବିଲ୍
ସ୍ୱପ୍ନ ଗଲ୍ ମୋର ଭଜି
ପଲଙ୍କ ଚଟାଣ କୋଣ ଅନୁକୋଣ
ପାଇଲି ନ ତୋତେ ଖୋଜି

ଅଙ୍ଗ ବାସ ଯେବେ ସଜାଇ ପିନ୍ଧିଲି
ଗଡ଼ି ଗଲ୍ ଖୃରିପିନ
ସେହି ଦିନ ଠାରୁ ଆଜି ବି ଗଡୁଛି
ହେଉ ଅଛି ହୂର୍ ଗୁନ ।

ସାରସମାଲ, ଏସ୍ ର୍‌ମପୁର,
ସୁବର୍ଣ୍ଣପୁର

# ବୁଦ୍ଧିଦିଅ ଜଗା କାଳିଆ



ଶିଶିର କୁମାର ପଣ୍ଡା

ବାପା କରିଦେଲେ ମୋ ବାହାଘର
ବୟସ ହେବାରୁ କୋଡ଼ିଏ
ବରଷ ପୁରିନି ଭାରିଯା କୋଳରେ
ଯାଆଁଳା ଛୁଆରୁ ଯୋଡ଼ିଏ ।
ଗୁଜୁରାଟରେ ମୁଁ କାମ କରୁଥିଲି
ବଡ଼ ଗୋଟେ ସୂତା କଳରେ
ଘରକୁ ଆସିଛି କେତେମାସ ହେଲା
କରୋନା ମାତିବା ଫଳରେ ।
ରୋଜଗାର କରି ଯାହା ସଞ୍ଚିଥିଲି
ସିଏ ସରି ସରି ଆସୁଛି
ବୋଉକୁ ନେବି ମୁଁ ଡାକତରଖାନା
ତିନିଦିନ ହେଲା କାଶୁଛି ।
ବାପାଙ୍କର ହୁଏ ଫିଜିଓଥେରାପି
ଧରୁଛି ବୋଲିକି କମର
କହୁଛନ୍ତି ସିଏ ପନ୍ଦର ଦିନକୁ
ଖରଚ ଲାଗିବ ଡମର ।
କୋଉଠୁ କେମିତି ପଇସା ଆସିବ
ବୁଦ୍ଧି ଦିଅ ଜଗା କାଳିଆ
ହସିଉଠୁ ତୁମ ଆଶୀଷରେ ପ୍ରଭୁ
ମୋହର ଏ ଭଙ୍ଗା ଚାଲିଆ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ମଉନାବତୀ



ସରୋଜଲକ୍ଷ୍ମୀ ମହାନ୍ତ

ଜୀବନର କିଛି ଅବାଞ୍ଛିତ  ଇଚ୍ଛା
ପ୍ରାଞ୍ଜଳ କରିବାର ଚେଷ୍ଟାକରି
ଥକି ଯାଆନ୍ତି ମୁକ୍ତ  ମୁହୂର୍ତ୍ତ  ମାନେ
ଆଖିଲୁହ କୁ ପେଟେ ପିଇ
ତୁଠ ପଥର ପରି ପାଲଟି ଯାଆନ୍ତି ମୁକ, ମଉନ
ତୁମେ ଏବେ ଥରଟିଏ ଆଖି ଖୋଲ ମଉନାବତୀ
ଦେଖ ତୁମ ଚାରି ପାଖେ
କଇଁ ଫୁଲ ପରି  ଧପ ଧପ ଖରା
ଆଉ କଣ ଥୁରୁ ଥୁରୁ ଶିରାଳ ଶୀତ ଅଛି
ନା ଅଛି ଉଦାସୀ  ମାଇ ସଞ୍ଜ ବେଳା
କାକର ର ବୁନ୍ଦା ବୁନ୍ଦା ଛିଟା ଥଣ୍ଡା ବୟସ୍କ ରାତ୍ରୀ
ନା ବରଷା ର ଟୁପୁରୁ ଟାପର ମିଠା ଶିହରଣ
ନା ଝାଞ୍ଜି ର ଘର୍ମାକ୍ତ ଉଷ୍ଣତା
ମଶାଣି ର ଅରକ୍ଷ ଫୁଲ ମାନେ
ଧୂଳି ଝାଡି ଫୁଟିଲେଣି
ଏବେ ଏଠି ଖାଲି ନବ ବସନ୍ତ  ର ବଉଳ ବାସର
ଚିର ଯୌବନା ଅଙ୍ଗେ ଅଙ୍ଗେ
ଥରେ ଆଖି ଖୋଲି ଦେଖ ମଉନାବତୀ
ଦେଖ ସବୁ କଂସା କବାଟ ର କୋଲପ ମୁକୁଳା
ଏ କାଉଁରୀ କୁହୁକ ରାଇଜେ
କଳା ଫଗୁଆ ର କଳା ଭଅଁର
କିଟି ମିଟି ଅନ୍ଧାର  ର ନିଶାରେ ପ୍ରମତ୍ତ

ସେମାନଙ୍କ  ଡର ପ୍ରତିକ୍ଷା, ପ୍ରହସନ କୁ ଆଉ ଭୟ ନାହିଁ
ଥକିଲା ଆଖିର ନିଳପତା  ଉପରେ ଏବେ
କୋଳାହଳ ର ବହଳ ପ୍ରଲେପ
ଆଉ ନିରବତାର  ଆବଦ୍ଧ  ବଳୟ ନାହିଁ
ତୁମେ ଏବେ ଲଂଘି ସାରିଛ ସମ୍ପର୍କ  ର ସୁଦୀର୍ଘ ସେତୁ
ସ୍ନେହ,  ମମତା, କାମ, ଅଭିମାନ, ମୋହ
ପ୍ରେମ, ଲୁହ, ଲହୁ ସବୁ ମୂଲ୍ୟହୀନ  ଏଠି
ଦେଖ ଖାଲି ରୋଷଣୀ ର ମେଳା
ଭଳି ଭଳି ଆଲୋକ ର ପଟୁଆର
ରମ୍ଭା ମେନକାଙ୍କ ଖୁବ୍ ଭିଡ ଜମିଛି
ସତୀ ଚଉରା ଚାରିପଟେ
ଭଳି ଭଳି ଫୁଲ ଙ୍କର ମିଠା ମିଠା ବାସ୍ନା
ଚିନ୍ତା ଚେତନା ର ଅବକାଶ  ନାହିଁ
ତୁମେ ଏବେ ମନଖୋଲି ଦେଖିପାର
ହସି ପାର, ନାଚିପାର, ଗାଇ ପାର
କହିପାର ଅସରନ୍ତି  ଅକୁହା କାହାଣୀ
କେହି ଶୁଣନ୍ତୁ ବା ନ ଶୁଣନ୍ତୁ ତୁମକୁ
ଶୁଣିପାର ଗୀତା ଭାଗବତ, ବାଇବେଲ, କୋରାନ
ଅବା କେଉଁ ପୁରୁଣା ସିନମାର  ପ୍ରଣୟ ବହ୍ଲରୀ
ଅଝରା ଲୋତକ ଶୁଖିବାକୁ ଦିଅ ମଉନାବତୀ
ପଥୁରି ଯାଇଥିବା ଆଖି କୁ ବିରାମ ଦିଅ ଏଥର
କେବେ ମଉନ ଭାଙ୍ଗିବ ତୁମର କୁହ
ସବୁନିଗାଡି ଦେଇ ଆସିଚ ସେଇ  ସୀମା ସରହଦ ସେପଟେ
ତୁମେ ଦୂରେଇ ପାରିବ ତମାମ ତମସା ର
ତିଳ ତିଳ ତିତିକ୍ଷା
ତୁମେ ଯେ ଚଞ୍ଚଳା, ମଞ୍ଜୁଳା, ଶାନ୍ତିପ୍ରିୟା
ତୁମ  ଦେହରେ ଝୀନବାସ ର ଉଜ୍ଜ୍ୱଳତା ର ଚମକ

ଝୁଣା ଧୂପ ର ମହକ ରେ
ନିଜକୁ ହଜେଇ ଦିଅ, ସଜେଇ ଦିଅ ମଉନବତୀ
ଦେଖିବ କାନ ପରଦା ଧୀରେ ଧୀରେ ଖୋଲିଯିବ
ଶୁଭିବ ଖାଲି ମୋହନ ର ମଧୁର ମଧୁର ବଂଶୀ ସ୍ୱନ
ଦିଶିବ ଖାଲି କୁଞ୍ଜବନ
ଯମୁନା ର କଳ କଳ  ଗୀତ ର ସରଗମ
ଏବେ ବାନ୍ଧିଦିଅ ପାଦରେ  ଘୁଙ୍ଗୁର
ତୁମେ ପାରିବ ମଉନାବତୀ
ତୁମେ ନିଶ୍ଚୟ ପାରିବ
ଜୀବନର ସଂଳାପ  ଲେଖି
ତୁମେ ନାଚିବ ତା'ର ସୁର ଲୟ ତାଳ ରେ
ପାଦରେ ପାଦ ମିଶାଇ
ତୁମେ ସର୍ବଂସହା ମଉନାବତୀ
ତୁମେ ପରିବ୍ୟାପ୍ତ  ଭୂମି ରୁ ଭୂମା
ତୁମେ ମା' ନୁହେଁ ଖାଲି,  ପ୍ରୀୟା ନୁହେଁ, ନୁହେଁ ରାଜକନ୍ୟା
ତୁମେ ଦେବୀ, ସମ୍ପୁର୍ଣ୍ଣା, ସ୍ୱୟଂସିଦ୍ଧା
ଆଜି କଥାକୁହ ମଉନାବତୀ
ଥରେତ କୁହ ମୁକ୍ତି  ଅନିରବାର୍ଯ୍ୟ,
ସତ୍ୟ, ସତ୍ୟ ତ୍ରୀବାର ସତ୍ୟ
ମୁକ୍ତି ର ଶ୍ୱାଦ ନିଅ ମଉନାବତୀ
ସ୍ୱାଗତ  କର ବାହୁ ପ୍ରସାରି
ଏ ସମୟ ଖାଲି ତୁମର ଆଉ ତୁମର
ଅନ୍ତ ହୋଇଛି ଅନ୍ତହୀନ ନିରବତାର
କଥା କୁହ, ତୁମେ କଥା କୁହ
ଅନ୍ତଃତ  ଶେଷ ଥର ପାଇଁ।

ଭୁବନେଶ୍ୱର

# ଗୀତା କପରି ମନକୁ ନର୍ମଳ କରେ



ନରେନ୍ଦ୍ର ପ୍ରସାଦ ବେହେରା

ଗୋଟିଏ ଗ୍ରାମରେ ଜଣେ ବୃଦ୍ଧ କୃଷକ ରହୁଥିଲେ । କୃଷକଙ୍କ ପରିବାର କହିଲେ, ତାଙ୍କର ଜଣେ ନାତି ଥିଲା । ନାତି ପିଲାଟି ଦିନେ କୃଷକଙ୍କୁ କହିଲା, ଜେଜେବାପା ମୁଁ ଆପଣଙ୍କ ଭଳି ସବୁଦିନ ଭଗବତ୍ ଗୀତା ପଢୁଛି । କିନ୍ତୁ ସେଥିରୁ ବିଶେଷ କିଛି ବୁଝିପାରୁନାହିଁ । ତେଣୁ ମୁଁ ଭାବୁଛି ଗୀତା ପଢିବା ଲାଭ କ'ଣ ?

ନାତି ଜଣକ ଏହି କଥା କହୁଥିବା ବେଳେ ବୃଦ୍ଧ କୃଷକ ଚୁଲିରେ କୋଇଲା ଭରୁଥିଲେ । କୋଇଲା ଝୁଡିଟିକୁ ନାତି ହାତକୁ ଧରାଇ ଦେଇ ସେ କହିଲେ, ଯା' ପୁଅ ଏହି ଝୁଡିରେ ଥିବା କୋଇଲାତକ ନଦୀରେ ଢାଳିଦେଇ ଆସିବୁ ଏବଂ ନଦୀରୁ ଝୁଡିଏ ପାଣି ଆଣିବୁ । ପିଲାଟି ସେହିପରି କଲା । ମାତ୍ର ସେ ଯେତେଥର ଝୁଡିରେ ପାଣି ଭର୍ତ୍ତି କରି ଆଣୁଥାଏ, ସବୁତକ ପାଣି ରାସ୍ତାରେ ଢାଳି ହୋଇଯାଉଥାଏ ।

ପିଲାଟି ବାରମ୍ବାର ଏପରି କରି ହାଲିଆ ହୋଇଗଲା । ଶେଷରେ ସେ ଖାଲି ଝୁଡି ଧରି ଜେଜେବାପାଙ୍କ ନିକଟରେ ଉପସ୍ଥିତ ହେଲା ଏବଂ କହିଲା, ମୁଁ ବାରମ୍ବାର ଚେଷ୍ଟା କଲି କିନ୍ତୁ ନଈରୁ ଝୁଡିଏ ପାଣି ଆଣିପାରିଲି ନାହିଁ । ବୃଦ୍ଧ କୃଷକ ଜଣକ ଏଥର ନାତି ଆଡକୁ ଚାହିଁ କହିଲେ, ପୁଅ ଏଥର ଟିକିଏ ଝୁଡି ଆଡକୁ ଚାହଁ । ପିଲାଟି ଝୁଡିକୁ ଚାହିଁଲା । ଦେଖିଲା,

ଯେଉଁ ଝୁଡିଟି ସବୁବେଳେ କୋଇଲାରେ ଭର୍ତ୍ତି ହୋଇ କଳା ହୋଇଯାଇଥିଲା, ତାହା ପାଣିରେ ଧୋଇ ହୋଇ ସମ୍ପୂର୍ଣ୍ଣ ସଫା ହୋଇଯାଇଛି । ପିଲାଟି ମୁହଁରେ ଏକ ଉଜ୍ଜ୍ୱଳ ଭାବ ଦେଖାଦେଲା ।

ଏଥର ବୃଦ୍ଧ କୃଷକ ନାତିପିଲାକୁ ବୁଝାଇ କହିଲେ, ଭଗବତ୍ ଗୀତା ଭଳି ଗ୍ରନ୍ଥ ଥରେ କିମ୍ବା ଦୁଇ ଥର ପଢିଦେଲେ, ତୁମେ ହୁଏତ' କିଛି ବୁଝିନପାର । କିନ୍ତୁ ବାରମ୍ବାର ପଢିବା ଦ୍ୱାରା ତୁମର ମଳିନ ମନ ଏହି କୋଇଲା ଝୁଡି ଭଳି ଦିନେ ସଫା ହୋଇଯିବ । ତୁମେ ଏହି ପବିତ୍ର ଗୀତାରୁ ଜୀବନର ରାହା ପାଇଯିବ । ସେଦିନ ହିଁ ତୁମେ ଗୀତାର ମହତ୍ୱ ବୁଝିପାରିବ ।

ଆଳଦା, ଖଇର୍,ବାଲେଶ୍ୱର

# ଜୀବନ ଗୀତିକା



ଜନ୍ମଜୟ ନାୟକ

ଲୁହର ହାଟରେ ଜୀବନ ବାଟରେ
ଏକା ମୁଁ ବାଟୋଇ,
ଖୁସିର ସଉଦା କେମିତି କରିବି
ବୁଦ୍ଧି ମୋ ହଜଇ।

ଅବିଶ୍ୱାସ ଫାଶେ ଛନ୍ଦିବାନ୍ଧି ହୋଇ
ଯାଇଛି ମୁଁ ହାରି,
ଶିଥିଳ ହେଉଛି ସେନେହ ସିକୁଳି
ସଂପର୍କର ଡୋରି।

ମାୟା ମରୀଚିକା ପଛେ ଧାଇଁ ମୁହିଁ
ପଡିଛି ତ ଥକି,
କିଏ କାଚ ପୁଣି କିଏ ସେ କାଞ୍ଚନ
ପାରୁନି ପରଖି।

ଜୀଅନ୍ତା ଶବଟି ପରି ମୁଁ ବଞ୍ଚିଛି
କାନ୍ଦିବା ତ ମନା,
ମନର କୋହକୁ ଛାତିରେ ସାଇତି
ମିଛେ ହସେ ସିନା।

ଏଣ୍ଟୁଡି ନିଆଁରୁ ଜୀବନ ଆରମ୍ଭ
ମଶାଣୀରେ ଶେଷ,
କୁଡିଆ ଘରକୁ ନିଅଁଟ ଆୟୁଷ
କି ହେବ ଉଆସ ।

କହିବି କାହାକୁ ଶୁଣିବ ବା କିଏ
ଦୁଃଖ ବ୍ୟାକରଣ,
ଅହରହ ସିନା ନିଜେ ମୁଁ ଘୋଷଇ
ଦେଇ ମନ ପ୍ରାଣ ।

ନିଜ ଛାଇ ମୋତେ ଉପହାସ କରେ
କି ଦୋଷ ମୋର,
କପାଳଲିଖନ ଭୋଗି ଚାଲେ ସିନା
ହେଲିଣି ପଥର ।

ହୃଦୟ କନ୍ଦରେ ଭକତି ଦୀପାଳି
ଜାଳି ବନ୍ଦେ ନିତି,
ଲୁହରେ ଭିଜଇ ଦୁଃଖ ନ ସରଇ
ପାହିଯାଏ ରାତି ।

ନିୟତି ବିଧାନ କିପାଇଁ ଦାରୁଣ
ସରେନି କଷଣ,
ଜଟିଳ ଜୀବନ ଅଙ୍କ କଷି ଚାଲେ
ନାହିଁ ସମାଧାନ ।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# କହ ରେ କାଳଆ



ନନ୍ଦିନୀ ରାଉତ

କହ ରେ କାଳିଆ କେଉଁ ଦୋଷ ପାଇଁ
ଦୁଃଖ ପରେ ଦୁଃଖ ଦେଉ
କେଉଁ ଅପରାଧ କଲି ରେ ତୋହର
ସୁଖ କୁ ଛଡାଇ ନେଉ.... 1

ଜନମ କାଳରୁ ଏନ୍ତୁଡ଼ି ଶାଳ ରୁ
ମାଆ କୁ ଛଡେଇ ନେଲୁ
ଅଜ୍ଞାନ ଶିଶୁର ହସ ଛଡ଼ାଇଣ
କେତେ ସୁଖ ତୁ ପାଇଲୁ..... 2

ପିତା ମାତା ଆଉ ବନ୍ଧୁ ପରିଜନ
ହୋଇଲେ ମୋ ଠାରୁ ଦୂର
କାହିଁକି ଡାକିବି କାଳିଆ ସୁନା ରେ
ତୋତେ ମୁଁ ବଡ଼ ଠାକୁର.... 3

ଜୀବନ ଯମୁନା ଉଜାଣି ବହିଲା
ଖୁସି ସବୁ ଦେଲା ଧୋଇ
ଏଇ ଜନମ ରେ ବହୁତ ସହିଲି
ପାରୁନାହିଁ ଆଉ ସହି.....

ନ୍ୟାୟ ଦଣ୍ଡ ଧାରୀ ଜାଣନ୍ତି ସଭିଏଁ
କିଏ ସେ ଡ଼ାକିବ ଆଉ
ପତିତପାବନ ଦୁଃଖ ହାରି ତୋର
ନାମେ କଳଙ୍କ ନ ରହୁ..... 5

କେତେ ଦୁଃଖୀ ରଙ୍କି ଦୁଃଖେ ସଢ଼ି ସଢ଼ି
ଯାଆନ୍ତି ରେ ଏଠି ମରି
ତୋ ପରି ଠାକୁର ମଉନ ରହିଲେ
ଯମ ତ ହେଲା ଭଗାରୀ.... 6

ନାମରେ ତୋହର କଳଙ୍କ ନ ଲାଗୁ
ଯେତେ ଦେଲେ ଦୁଃଖ ଦେ
ନୀଳାଚଳ ନାଥ ଦୟାକରି ଏହି
ବିଶ୍ୱ ର ଦୁଃଖ ତୁ ନେଏ.... 7

ବାଲିପଙ୍ଗା, ଅନୁଗୁଳ

# ଗାନ୍ଧାରୀଙ୍କର ଅଭିଶାପ ଓ ଶ୍ରୀ କୃଷ୍ଣଙ୍କର ପ୍ରବୋଧନା



ଅଲେଖ ମେହେର

ଶତପୁତ୍ର କାଳ ଗର୍ଭେ ଲୀନ ଦେଖି ଶୋକାତୁର ମାତା ଗାନ୍ଧାରୀ
ବିକ୍ଷଣେ କେଶବ କ୍ରୋଧିତ ଯେସନେ ଅହି ନକୁଳର ଅଇରି।
ତାଣ୍ଡବ,କରେ କ୍ଷୋଭ ଶୋକ ବିକାର,
ଭାଷିଲେ ବ୍ୟଥିତ ସ୍ୱର ରେ ଜନନୀ ଏହା କି ଅଟଇ ବିଚାର।
ସର୍ବମୟ କର୍ତ୍ତା ହୋଇ ପକ୍ଷପାତ ଏକି ହରି ତୁମ୍ଭ ବିଧାନ,
ବିନା ଯୁଦ୍ଧେ କୁରୁ ପାଣ୍ଡବ ସେନାରେ ଥିଲା ସମ୍ଭବ ସମାଧାନ।
ଚାହିଁଲେ, ବନପତି ସାଥେ ମୃଗର,
ସମନ୍ଧ ଯୋଡିବ ଅମରବନ୍ଧନେ ଯେହ୍ନେ ମାନୀ ସାଥେ କର୍ଣ୍ଣର
ଜାଣି ଶୁଣି ମୋର ବଂଶ ନାଶ କରି କେଉଁ ଯଶ ବାନା ଉଡିଲା
ଭ୍ରାତା ଭାତୃ ସ୍ନେହ ଅତୁଟ ସମ୍ପର୍କେ ତବ କୃପା ବାରି ନୋହିଲା
କେଶବ, ଘଟାଇଲ ମହାଭାରତ,
ସେ କାରଣ ଅର୍ଥେ ଘେନ ଅଭିଷାପ ହୃଦୟରୁ ଯାହା ସମ୍ଭୁତ।
ସତ୍ୟେ ଯଦି ଛାୟାକାନ୍ତ ଆତଯାତ ତମସା ହରିବା ସକାଶେ,
ନିଶିମୁଖେ ଆସି ତିମିର ବିଧ୍ୱଂଶି ଇନ୍ଦୁ ଜ୍ୟୌସ୍ନା ଢାଳେ ହରଷେ।
ମାଧବ, ଘେନ ଅଭିଶାପ ମୋହର,
ଯଦୁବଂଶର ହୋଇଯାଉ ବିନାଶ ଅନ୍ୟଥା ନୋହିବ ଏ ଗୀର।
ମୁଣ୍ଡପାତି ହରି କରିଲେ ସ୍ୱିକର ମନୁ ଛାଡି ଭ୍ରାନ୍ତି ବିକାର,
ଅଭିଯୋଗ ସତ୍ୟ ନୁହଇ ଜନନୀ ସବୁ ସେଇ କର୍ମ ଫଳର।

ଆସିଛି, ଦୂତହୋଇ ହସ୍ତିନାପୁର,
ଯେଉଁ ସନମାନ କଲା ତୋ'ନନ୍ଦନ ଜୀବନେ ନୋହିବ ପାଶୋର।
କୃତ କର୍ମଫଳ ଭୋଗକରେ ନର ପ୍ରାରବ୍ଧକୁ ଘେନି ମୁଣିରେ,
ସରିଗଲେ ହାଟ ତୁଟିଯାଏ ବାଟ ବାହୁଡଇ ଆପଣା ପୁରେ।
ଯେସନେ, ଅଭିନୟ ଶେଷେ ନାଟୁଆ,
ଯାତ୍ରା କାହାଣୀର ଚରିତ୍ର ବରଜି ସ୍ୱ-ନାମରେ ଫୁଲାଏ ହିଆ।
ଭବ ଶୟଳରେ କିଏ ବା କାହାର ମାୟାକୁ ଆବୋରି ପରାଣୀ,
ମୋର ମୋରବୋଲି ଛାଡେ ଘୋରରଡି ନବୁଝି ସତ୍ୟର କାହାଣୀ
ଆୟତ୍ତ, କାଳର ବିଧାନେ ସରବେ।
ବୃଜିନ କରମ ଆଚରି ମାନବ ଶିର ଉଚ୍ଚ କରେ ଗରବେ।
ସପ୍ତରଥୀ ମିଳି ଭଣଜାକୁ ମୋର ଅଧର୍ମେ ନାଶିଲେ ସମରେ,
ଅଳିଅଳି ଭଗ୍ନି ବକ୍ଷରତ୍ନ ହାର ଛଡାଇ ହସିଲେ ଉଚ୍ଚରେ ।
କିରିଟି, ତନୟ ନୁହେଁ କି ତୁମ୍ଭର,
ସୋମବଂଶ କୁଳ ଗଉରବ ଭୁଲି ଏକି ବଡଲୋକି ଆଚାର ।
ତନୟ ବିଚ୍ଛେଦେ ଶୁଭଦ୍ରା ବିଳାପ ଆଜ ବି ବାଜୁଛି କର୍ଣ୍ଣରେ,
ଅଭିମନ୍ୟୁ ନାମ ଉଚ୍ଚରେ ଉଚ୍ଚାରି ଲୋଟିପଡୁଥିଲା ଭୂମିରେ।
ସହିଲି, ଏତେ ବଡ ଦୁଃଖ ଦାରୁଣ,
ଶିର ନତକରି ଅଭିଶାପ ନେଲି ହୃଦୁ ତେଜ ଖେଦ ବହନ।
କର୍ମ ବିଧାନରେ ଭୂମଣ୍ଡଳପରେ ଫସଲ ହୁଅଇ ଅମଳ,
ଧର୍ମ ପଥ ହୁଡି ବୃଜିନରେ ବୁଡି ଅରଜିଲେ ନାଗ ଗରଳ।
ଅବଶ୍ୟ, ପିଇବାକୁ ପଡେ ତାହାକୁ,
ଭାଗ୍ୟର ଲେଖନୀ ଲିହିଛି ବିରଞ୍ଚି ତୁଚ୍ଛେ ଦୋଷଦିଅ ଆମ୍ଭକୁ।
କାହା କର୍ମଫଳ ବିଅର୍ଥେ ସମର୍ଥ ନୁହଇ ଦେବକୀ ନନ୍ଦନ,
ଶ୍ରମ କାଳ ଅର୍ଥ ଦିଅଇ ଅବଶ୍ୟ ଯେସନେ ପୁର ମହାଜନ ।
ତେସନେ, କୁରୁକୁଳ କଲେ ବିଧାନ

ବାହୁଡିଲେ ନିଜ ଫଳ କରି ଭୋଗ ହୋଇ ସୁଦ୍ଧ ଅନ୍ତଃକରଣ।
ମନଜାଣି ଫଳ ଦାନକରେ ଉର୍ବୀ ଭାନୁକୁ ଅର୍ପିଲା କମଳ
ଅହିରାଜ ମୁଖେ ଅନିଚ୍ଛାର ସତ୍ୱେ ସ୍ୱହସ୍ତେ ସମର୍ପି ଗରଳ।
ଯୋଡିଲା, କୁମୋଦିନୀ ଇନ୍ଦୁ ପ୍ରଣୟ,
ବାରିଦ ଗର୍ଜନ ସହିତ କେକୀର ଅଭୁଲା ସ୍ନେହ ସୁଧାମୟ।
ଖୋଲି ବସୁନ୍ଧରା ଆଣି ପୟଃ ଧାରା ଚାଷିକରେ ବିଲେ ଫସଲ,
କୁଟୁମ୍ବ ପାଳଇ ଆନନ୍ଦ ମନରେ ବୁହାଇ ସ୍ୱେଦର କଲ୍ଲୋଳ ।
ଲିହିଛି, କରମ ଅନୁଯାୟୀ ଫଳ,
ସରିଗଲେ ଭୋଗ ବାନ୍ଧଇ ସମନ ମିଛେ କର କାନ୍ଦ କଟାଳ।

ସୋହେଲା, ବରଗଡ

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଜଗନ ..... ଜଗନ ..... ଟିକିଏ ମୋ କଥା ମାନରେ .... ପୂଜା ଆଖିରୁ ଲୁହର ବର୍ଷା ଝରି ପଡୁଥିଲା । ମାନସିକତା ଦୁର୍ବଳ ହୋଇ ଆସୁଥାଏ । ଉପାୟଶୂନ୍ୟ ହୋଇ ଗୋଲାପ ଫୁଲ ଗଛ ମୂଳରେ ବସିପଡିଲା ପୂଜା । ଆମିଷ ଖାଇବାକୁ ନେଇ ଜଗନ ଗୋଧୂଳିର ଛାଟିରେ ଗୋଡ କଚାଡି ଚାଲିଯାଉଛି ଭୁବନେଶ୍ୱର, ଦୁଃଖ ଅଭିମାନରେ ଇନ୍ଦୁମତୀ ଭୋ ଭୋ କାନ୍ଦି ଉଠିଲେ । ସିଦ୍ଧେଶ୍ୱରବାବୁ କହିଲେ - ତୁମ ସଂସ୍କାରୀ ପୁଅ ତ ? ଆଉ ଟିକିଏ କାନ୍ଦ । ଦେଖ କେମିତି ଗୋଇଁଠା ମାରି ଚାଲିଗଲା । ରକ୍ତକୁ ଝାଳ କରି ବୁହାଇ ଦେଇଥିଲ ପୂରା, ଏବେ କାନ୍ଦ । ଝିଅମାନଙ୍କୁ ପଢେଇଥିଲେ କେତେ ଆନନ୍ଦ ମିଳିଥାନ୍ତା ହେଲେ ସେ ଦିନ କହୁଥିଲ ନା ପୁଅ ଚାକିତି କଲେ ପୋଷିବ । ଚିନ୍ତାକର ତୁମମାନଙ୍କ ପରି କେତେଜଣ ମା ମାନେ ଝିଅ ପୁଅର ସମସ୍ୟା ସୃଷ୍ଟି କରନ୍ତି । ଯାହା ଫଳରେ ଝିଅମାନେ ନିଜର ଅଧିକାରରୁ ବଞ୍ଚିତ ହୋଇ ପରାଧୀନତାକୁ ନିଜର କରିନିଅନ୍ତି । ଆଉ ପୁଅମାନଙ୍କୁ ଅଧିକ ସ୍ୱାଧୀନତା ଦେଇ ସମାଜରେ ତଥା ପରିବାରରେ ଅଶାନ୍ତିର କାରଣ ହୋଇ ଯାଆନ୍ତି ।

ପୂଜା କହିଲା - ବାପା ଆଉ ରାଗନ୍ତୁ ନାହିଁ । ଯାହା ହୋଇଛି, ତାକୁ ବଦଳାଇ ପାରିବା ନାହିଁ । ଚାଲନ୍ତୁ ଟିକିଏ ବିଶ୍ରାମ କରିବେ । ଆପଣଙ୍କ ଦେହ ଖରାପ ହୋଇଯିବ । ସିଦ୍ଧେଶ୍ୱରବାବୁଙ୍କ ଆଖିରୁ ଲୁହ ପୋଛି ପୂଜା, ଜିନା, ସିନା ନେଇ ଦାଣ୍ଡ ଘରେ ଶୋଇବାକୁ କହିଲେ । ଇନ୍ଦୁମତୀ କହିଲେ - ମା ରେ, ତୁମମାନଙ୍କୁ ନେଇ ମୋ ମନରେ ଯେଉଁ ଅଭିଯୋଗ ଥିଲା ଆଜି ତୁମ ବାପା ମୋ ଆଖି ଖୋଲିଦେଲେ । ମୁଁ ପୁଅ ସ୍ନେହରେ ଅନ୍ଧ ହୋଇ ତୁମମାନଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିଦେଇଛି ତା ପରିଣାମ ଜଗନ ମତେ ଦେଇଗଲା । ଜିନା କହିଲା, ମାଆ ଏମିତି କୁହନା । ଆମ୍ଭମାନଙ୍କୁ ଯେତିକି ପଢାଇଛ, ବହୁତ । ଏତେ ପିଲାଙ୍କୁ କଣ ସବୁ ପଢାଇ ହେବ ? ଆଉ ଦୁଃଖ କରନା ମାଆ ।

ସିନା କହିଲା – ହଁ ମା, ଆମେ ଇଂଜିନିୟର ହୋଇପାରିବୁନି ସିନା ହେଲେ ପେଟ ପୋଷିବାକୁ ଶିକ୍ଷା ପାଇସାରିଛୁ । ମୁଁ ବ୍ୟାଙ୍କରେ ଚେଷ୍ଟା କରୁଛି । ତୁ ଜମାରୁ ବ୍ୟସ୍ତ ହୁଅନା । ଦେଖିବୁ ଆମ୍ଭେମାନେ ଉପଯୁକ୍ତ ଜାଗାରେ ଛିଡା ହୋଇପାରିବୁ । ଇନ୍ଦୁମତୀ କହିଲେ – ତୁମେମାନେ ତ ମୋ ଜୀବନ । ଭାବିନଥିଲି ଜଗନ ପରି ପିଲା ଏମିତି ବଦଳିଯିବ । ସ୍ନେହ ପୁଟୁଳି ଆଖିରେ ବାନ୍ଧି ଗାନ୍ଧାରୀ ହୋଇ ସର୍ବନାଶର କାରଣ ହୋଇଗଲି । ସଂସ୍କାରୀ ଜୀବନ କରିବାକୁ ଯାଇ ହାରିଗଲିରେ । ଗାଆଁରେ ମୁଣ୍ଡ ଟେକି ଚାଲି ପାରିବିନାହିଁ । ବହୁତ ଦୁଃଖ ଲାଗୁଛି । ବିକଳରେ କାନ୍ଦି ଉଠିଲେ ଇନ୍ଦୁମତୀ ।

ପୂଜା କହିଲା – ମାଆ, ଏମିତି ଭାଙ୍ଗିପଡିଲେ ଆମ୍ଭେମାନେ କଣ କରିବୁ ? ବାପା ତ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡିଛନ୍ତି । ତୁ ଆଉ ଅଧିକ ଚିନ୍ତା କରନା । ବି.ପି. ବଢିଯିବ ମୁଣ୍ଡ ରୋଗ ପୁଣି ବାହାରିବ । ସିନା ପାଣି ଗ୍ଲାସଟେ ମାଆକୁ ବଢେଇ ଦେଇ ପିଇବାକୁ କହିଲା । ଇନ୍ଦୁମତୀ ପାଣି ପିଇ ସାରି କହିଲେ ଗାଁ ସାରା ଲୋକ ସବୁ ସମାଲୋଚନା କରୁଛନ୍ତି । ବାହାରକୁ ଯିବାକୁ ଲାଜ ଲାଗୁଛି । ସେ ଝିଅ ନାଁରେ କିଏ କେତେ କଥା କହିଯାଉଛନ୍ତି । ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନାହିଁ । ପୂଜା ମା, କଣ କରୁଛୁ କିଲୋ ? ଡାକ ପକାଇ ଘର ଭିତରକୁ ଚାଲିଆସିଲା ଝୁମୁରୀନାନୀ । ଜିନା କହିଲା ତାଙ୍କ ମୁହଁରେତ ବାଡବତା ନାହିଁ । ଯାହାପାରି ତାହା କହିବେ । ମାଆ ତୁ ଭିତରକୁ ଗଲୁ । ପୂଜା କହିଲା – ବଡ ଲୋକଙ୍କ କଥାରେ ବେଶୀ ପ୍ରତିବାଦ କରିବା ଠିକ୍ ନୁହେଁ ଜିନା, ତୁମେ ଦୁଇଜଣ ଯାଅ ଆଜି ରୋଷେଇ କର ମାଆକୁ ଟିକିଏ ବିଶ୍ରାମ ଦରକାର । ହଉ ଦିଦି ଯାଉଛି । ଜିନା, ସିନା ରାତି ପାଇଁ ରୋଷେଇ କରିବାକୁ ଚାଲିଗଲେ । ଇନ୍ଦୁମତୀ କହିଲେ – ନାନୀ ଏଇଠି ବସ । ସନ୍ଧ୍ୟାବେଳେ ଚାଲିଆସିଲ ଯେ । ଝୁମୁରି ନାନୀ କହିଲା – ନାଇଁରେ ପୂଜା ମା ମୋର ଆଉ କିଏ ଅଛି ଯେ, ଗୋଟିଏ ବୋଲି ପୁଅ ତ ଯାଇ ଦିଲ୍ଲୀରେ କାମ କରୁଛି । ବେଳେବେଳେ ମନ ହେଲେ ଫୋନ୍ କରୁଛି, ନହେଲେ ନାହିଁ । ବରଷରେ ଥରେ ବି ମାଆକୁ ଦେଖିବାକୁ ଆସୁନାହିଁ । କହିଲେ କହିବ ମୋ ପିଲାର ପରୀକ୍ଷା ଚାଲୁଛି । ପାଠ ପଢା କ୍ଷତି ହବ । ଅଭିମାନି ମାଆ ମନ ତ କାନ୍ଦି କାନ୍ଦି ବଞ୍ଚିବା ଛଡା ଆଉ କଣ ମୁଁ କରିପାରିବି ? ଦେଖିଲ ତ ଜଗନ ତା ସ୍ତ୍ରୀକୁ ନେଇ ଚାଲିଗଲା । ଭାବିଲି ତୁମମାନଙ୍କ ପାଖରେ ଆସି ଦୁଃଖ ବାଣ୍ଟିନେବି । ପୂଜାକୁ ତ ମୋର ଝିଅ କରିଛି । କେମିତି ରହିପାରିଥାନ୍ତି କହିଲୁ ।

ମୋ ଭାଗ୍ୟଟା ପୋଡା ମୋ ନାନୀ, ଇନ୍ଦୁମତୀ କହିଲା ।

ଝୁମୁରୀ ନାନୀ କହିଲେ – ନାଇଁ ଲୋ ପୂଜା ମା ଜମାରୁ ଭାଙ୍ଗି ପଡନାହିଁ । ନହେଲେ ଆମ୍ଭମାନଙ୍କୁ ଦୁର୍ବଳ ଓ ଅସହାୟ କହି ଅପନ୍ତରାକୁ ଫିଙ୍ଗିଦେବେ । ଏ ସମାଜର ଆମର ସମ୍ପୂର୍ଣ୍ଣ ଅଧିକାର ଅଛି । ନିଜକୁ ଦୁର୍ବଳ କରି ଚୁପ୍ ହୋଇଗଲେ ପୁରୁଷମାନଙ୍କୁ ସଂସ୍କାର ଦେଇପାରିବାନାହିଁ । ନାରୀମାନଙ୍କୁ ସୁରକ୍ଷା ଦେଇପାରିବା ନାହିଁ । ପ୍ରତିଦିନ ଘଟୁଥିବା ନାରୀ ଧର୍ଷଣ, ଭ୍ରୁଣହତ୍ୟା, ଯୌତୁକ ନିର୍ଯ୍ୟାତନା ଆଦି ଯେତେକ ନାରୀ ବିରୋଧି ସବୁ ଆଉଗୋଟେ ନାରୀ ଦ୍ୱାରା ହିଁ ଘଟିଥାଏ । ଇନ୍ଦୁମତୀ କହିଲେ – ଠିକ୍ କହିଲ ନାନୀ । ମୋ ପରି କେତେକ ମା ପୁଅ ସ୍ନେହରେ ଅନ୍ଧ ହୋଇ ତାକୁ ବଡ କରିବାର ଅଭିମାନ ଅହଂକାର ଆଜି ମୋ ପରିବାରର ସବୁ ସୁଖକୁ ଭାଙ୍ଗି ଦେଇ ଚାଲିଗଲା । ଭୋ ଭୋ ହୋଇ କାନ୍ଦି ଉଠିଲେ । ଝୁମୁରିନାନୀ ଲୁହ ପୋଛି ଦେଇ କହିଲେ, ଛି ପୂଜା ମା, ଆଉ କାନ୍ଦ ନାହିଁ । ଆମେ ତ ଏହି କର୍ମ କରିଛେ ବହିବା କାହାକୁ । ପ୍ରତ୍ୟେକ ନାରୀ ସଚେତନ ହେବା ଦରକାର ଯେଉଁ ଶିକ୍ଷା ପିଲାମାନଙ୍କୁ ଦେଉଛେ ସେଗୁଡିକ ସଂସ୍କାରପୂର୍ଣ୍ଣ ତ ? ସମାଜର ତଥା ପରିବାରକୁ ସୁରକ୍ଷିତ କରିପାରିବ ତ? ସେମାନଙ୍କ ଦ୍ୱାରା ଅନ୍ୟକୁ ଦୃଢଭାବରେ ପ୍ରତିବାଦ ଓ ଦଣ୍ଡ ଦେଇପାରିଲେ ସମାଜକୁ ସୁରକ୍ଷା କରିବାକୁ ଆଉ ଆଇନର ଆଶ୍ରୟ ନେବାକୁ ପଡନ୍ତା ନାହିଁ । ଯିଏ ମାତୃଭୂମିର ସୁରକ୍ଷା କରିବାକୁ ମାନସିକତା ସୃଷ୍ଟି କରିବସେ, ମା, ଭଉଣୀ, ଝିଅ ଓ ସ୍ତ୍ରୀ ର ଉପଯୁକ୍ତ ସମ୍ମାନ କରିପାରିବ । ଇନ୍ଦୁମତୀ କହିଲେ – ଠିକ୍ କଥା ନାନୀ, ନାରୀମାନଙ୍କର ସୁରକ୍ଷା ପାଇଁ ନାରୀଙ୍କୁ ହିଁ ପ୍ରଥମେ ସଚେତନ ହେବାକୁ ପଡିବ । ମଦ ପିଇବା ଠାରୁ ଆରମ୍ଭ କରି ନାରୀ ଅତ୍ୟାଧୁନିକ କଣ ଯିଏ ଯେତେ ସବୁ କଳୁଷିତ ଭାବନାକୁ ପ୍ରତ୍ୟେକ ଘରର ନାରୀମାନଙ୍କୁ ଦୃଢଭାବରେ ସଜାଡିବା ଦରକାର । ଯାହା ଫଳରେ କୌଣସି ବାପା ମାଆଙ୍କୁ ବୃଦ୍ଧାଶ୍ରମକୁ ଯିବାକୁ ପଡିବ ନାହିଁ କି କୌଣସି ମା କୁ ଭ୍ରୂଣ ହତ୍ୟା କରିବାକୁ ବାଧ୍ୟ କରା ହେବନାହିଁ । ଯୌତୁକ ପାଇଁ ଜୀବନ ଦେବାକୁ ପଡିବ ନାହିଁ କି କାମୁକ ପୁରୁଷର ସ୍ୱୀକାର ହେବାକୁ ପଡିବ ନାହିଁ ।

ସିନା ଚା ଆଣି ସମସ୍ତିଙ୍କୁ ପିଇବାକୁ ଦେଇ କହିଲା – ଠିକ୍ କଥା କହିଲ, ଝିଅ, ପୁଅ ସବୁ ସମାନ । ପୁଅର ଯେତିକି ଅଧିକାର ଝିଅମାନଙ୍କର ସେତିକି ଅଧିକାର । ଜାଣିଛ ସାନ ବୋଉ ମୋ ସାଙ୍ଗ ମିନୁକୁ ତା ମା ଜମାରୁ କିଛିରେ ହେଳା କରନ୍ତି ନାହିଁ । ତା ଭାଇ ରାମୁ

ଦୁଇଜଣଙ୍କୁ ସବୁବେଳେ ସମାନ ଜିନିଷ ଦେବାଠାରୁ ପାଠ ପଢାରେ ମଧ୍ୟ ପାତର ଅନ୍ତର କରନ୍ତି ନାହିଁ। ରାମୁ ପାଇଁ ଯାହା କରନ୍ତି ମିନୁ ପାଇଁ ମଧ୍ୟ ସେହିପରି କରିଥାନ୍ତି। ଚା ପିଉପିଉ ଝୁମୁରି ନାନୀ କହିଲା - ହଁ ରେ ସିନା ଆମ୍ଭେମାନେ ପୁତ୍ର ସ୍ନେହରେ ଅନ୍ଧ ହୋଇ ଅନେକ ପାପ କରି ଅନୁତାପ କରୁଛେ। ତୁମ୍ଭେମାନେ ସେମିତି କିଛି କରିବ ନାହିଁ। ହଉରେ ମା ବହୁତ ରାତି ହେଲାଣି, ମୁଁ ଯାଉଛି। ଘରେ କେତେ କାମ ପଡିଚି।

ସିଦ୍ଧେଶ୍ୱରବାବୁ କହିଲେ - ନାନୀ, ଏଇଟି ଖାଇଦେଇ ଯିବ ରୁହ। ରାତି ବେଶୀ ହେଲାଣି କେତେବେଳେ ରାନ୍ଧି ଖାଇବ। ପୂଜା .... ପୂଜା .... ଟିଭି ଲଗାଇଦେରେ ନାନୀ ଦେଖିବେ। ମୁଁ ରୋଷେଇ ସାରି ଦେଉଛି, କହି ଇନ୍ଦୁମତୀ ଉଠିଗଲେ। ଝୁମୁରିନାନୀ କହିଲେ - ହଉ। ଏଇଠି ଦିଟା ଖାଇ ଦେଇ ଯିବି। ଏକା ଏକା କିଛି କରିବାକୁ ଇଚ୍ଛା ହେଉନାହିଁ। ସିଦ୍ଧେଶ୍ୱରବାବୁ କହିଲେ, ଯାଅ ନାନୀ, ପୂଜା ଟିଭି ଦେଇଦେଲାଣି ଦେଖିବ ଯାଅ। ମୋର ଲେଖାଲେଖି କାମ କିଛି ଅଛି ସାରି କରି ଆସୁଛି।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

# ରାଜା



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

(1)

ବହୁ ବର୍ଷ ପୂର୍ବେ
ରାଜା ଜଣେ ଥିଲେ
ଛଦ୍ମ ବେଶେ ବୁଲୁଥିଲେ
ଲୋକଂକ ସଂଗରେ
ମିଳ ମିଶି ସିଏ
ରାଜ୍ୟ କଥା ଜାଣୁଥିଲେ।

ରାଜକୁମାରଟା
ବଡ ସ୍ୱାଭିମାନୀ
ରାଜାଂକୁ ପଚାରି ଥିଲା
"ଦିନରେ ନ ଯାଇ
ରାତିରେ ଯାଉଛ
କ ଲାଭ ପାଉଛ ଭଲା ???"

ରାଜା କହିଥିଲେ
"କେହି ଜାଣନ୍ତୁନ
ମୁଁ ତାଂକର ରାଜା ବୋଲି
ଭଲ ମନ୍ଦ ଯାହା
ହେଉଛି ତାଙ୍କର
କହନ୍ତୁ ସେ ମନ ଖୋଲି।
ଯଦି ସେ ଜାଣିବେ
ମୁଁ ତାଂକର ରାଜା
ପ୍ରସଂଶା କରିବେ ମୋତେ
ମୁହଁ ଖୋଲି କେବେ
କଛି କହିବେନ
ଦୁଃଖଟା କାହାର କେତେ।

ତାଂକ ଦୁଃଖ ସୁଖେ
ଭାଗୀ ହୋଇ ମୁହିଁ
ଶାସନଟା କରିଥାଏ
ସାଧୁକୁ ପ୍ରସଂଶା
କରୁଥିବା ବେଳେ
ଦୋଷୀଂକୁ ଶାସ୍ତି ମୁଁ ଦିଏ।

ଧନୀ ଠୁଁ ଗରିବ
ସମସ୍ତଂକ ପାଇଁ
ନ୍ୟାୟତା ସମାନ ହୁଏ
କାଳେ କେଉଁ ବେଶେ
ଯାଇଥିବି ମୁହିଁ
ସଭିଙ୍କର ଭୟ ଥାଏ।

ମୋହ ଅନ୍ତେ ଯେବେ
ତୁ ରାଜା ହୋଇବୁ
ବୁଝିବୁ ପ୍ରଜାଂକ କଥା
ଉଆସରେ ଶୋଇ
ଅନୀତି ବଢାଇ
ଦେବୁ ନାହିଁ ତାଂକୁ ବ୍ୟଥା।

ମନ୍ତ୍ରୀ ପରିଷଦ
ଯେତେ ଗୁଟୁକାର
ଫାଇଦା ଉଠାଇ ନେବେ
ଅବଶେଷେ ତୋତେ
ଭ୍ରଷ୍ଟ ରାଜା କହି
ବଦନାମ କରିଦେବେ।

ମୋ ନଂ 9937462507

# କଥା ତିନୋଟି



ବିନୟ ମିଶ୍ର

ମୁହଁରୁ ବାହାରିଗଲେ ଥରେ
ବାକ୍ୟ ଆଉ ଲେଉଟଇ ନାହିଁ,
ଧନୁରୁ ଶରଟି ଥରେ ଗଲେ
ଗ୍ଭଲି ଆଉ କ ଫେରି ଆସଇ।

ସମୟର ସୁଅ ଅଣଲେଉଟିଆ
ଆସେନାହିଁ ଆଉ ଫେରି,
ସୁଯୋଗ ଜୀବନେ ଥରେ ଆସିଥାଏ
ଫେରେନାହିଁ ପୂର୍ବ ପରି।

ମିଥ୍ୟା ଆଚରଣ ଜାଳେ ଜୀବନକୁ
ଗର୍ବ ଠେଲିଦିଏ ତଳେ,
ଅହଂକାର ନିଆଁ ହୁତୁ ହୁତୁକରି
ଜୀବନକୁ ନିତି ଜାଳେ।

ଧୈର୍ଯ୍ୟ ବନ୍ଧକୁ ସୁଦୃଢ଼ କରିବା ଆଶା
ରଖିଥିବା ମନେ,
ସତ୍ୟପଥେ ସାଧୁଭାବ ହୃଦୟରେ
ଚଳୁଥିବା ସନମାନେ।

ନିଆଳି, ଖୋର୍ଦ୍ଧା

# ଧନ



ଅମରନାଥ ବାରିକ

ଧନ ନିଜକୁ ବାଧ୍ୟ କରେ,
ଅନ୍ୟ ପାଖରେ
ହାତ ପତେଇବା ପାଇଁ ।
ଧନ ନିଜକୁ ବାନ୍ଧା ପକେଇ ଦିଏ
ଅନ୍ୟ ପାଖରେ,
ପେଟର ଭୋକ ମେଣ୍ଟେଇବା ପାଇଁ ।
ଧନ ନିଜକୁ ଖୁନୀର
ମୁଖା ପିନ୍ଧେଇ ଦିଏ,
ପରିବାର ଭରଣ ପୋଷଣ କରିବା ପାଇଁ ।
ଧନ ନିଜକୁ
ଗୁଲାମୀ କରିଦିଏ,
ଅନ୍ୟର ପାଦ ଚାଟିବା ପାଇଁ ।
ଧନ ପାଇଁ ସମସ୍ତେ
ପାଗଳ ହୁଅନ୍ତି,
ଧନ ରୋଜଗାର କରିବା ପାଇଁ ।

ଧନ ପାଇଁ ନିଜ ଛୁଆକୁ
ବିକିବାକୁ ପଡେ,
ମା ପେଟର ଯନ୍ତ୍ରଣା ଦୁର କରିବା ପାଇଁ ।
ଧନ ପାଇଁ ନିଜର ଚରିତ୍ର
ନଷ୍ଟ କରିବାକୁ ପଡେ,
ମନର ବେଦନା ଲିଭେଇବା ପାଇଁ ।
ଧନ ପାଇଁ ନିଜର
ସ୍ୱାର୍ଥ ଭୁଲିବାକୁ ହୁଏ,
ସତ ଇଚ୍ଛା ମଧ୍ୟ ଥାଇ ।

ଯାଜପୁର, ମଙ୍ଗଳପୁର, କୟାଁ

# ବନ୍ଧୁତ୍ୱ



ଝରଣା ବାରିକ

ସେଦିନ ବସରେ ବସି ବସି ଟିକିଏ ଆଖି ଲାଗି ଯାଇଥିଲା। ସୁଲୁ ସୁଲିଆ ପବନରେ ତା ଅଦେଖା ମୁହଁ ର ଗୋଟିଏ ସୁନ୍ଦର ପ୍ରତିଛବି ଟେ ମନରେ ଝଲସି ଉଠୁଥିଲା। ଦେଖା ହେଲେ ମୁଁ ତାକୁ କେମିତି ଚିହ୍ନି ବି ସେଇଆ ଭାବୁଥିଲି। ସିଏ ମତେ ଚିହ୍ନି ପାରିବତ ? ଏମିତି ଭାବୁ ଭାବୁ ଠିକଣା ଜାଗାରେ ଆସି ପହଞ୍ଚି ସାରିଥିଲା ବସ। ସେଇଠୁ କିଛି ବାଟ ଗଲେ ତା ସହିତ ମୋର ଦେଖା ହେବ।ଚିଠି କେଇ ଖଣ୍ଡ କୁ ନେଇ ତାର ମୋର ସମ୍ପର୍କ। ମନ ଟା ଭାରି ବ୍ୟସ୍ତ ଲାଗୁଥିଲା। ନିଜକୁ ନିଜେ ବେଶ ସଜେଇ ହେଉଥିଲି। ଅଟୋରେ ଥିବା ଆଇନାକୁ ଦେଖି। ସେଦିନ ଗୋଟିଏ ବଡ କାର୍ଯ୍ୟକ୍ରମ ରଆୟୋଜନ ହୋଇଥାଏ। ବହୁତ ଲୋକଙ୍କ ଗହଳି ଥିଲା ସେଇଠି। ତା ଭିତରେ ତାକୁ ଖୋଜିବା ମତେ ଅସମ୍ଭବ ମନେ ହେଉଥାଏ। ଚେହେରା ଦେଖି ଚିହ୍ନି ବା ମୋ ପାଇଁ କଷ୍ଟକର । ତା ଅକ୍ଷର ସହିତ ମୁଁ ବେଶ ପରିଚିତ। ମତେ ସିଏ ଚିହ୍ନି ବା ପାଇଁ ତା'ର ଚିଠି ଟିଏ ମୁଁ ସାଙ୍ଗରେ ଆଣିଥାଏ। ଏତିକି ହିଁ ଯଥେଷ୍ଟ ମୋ ପାଇଁ। ସମସ୍ତ ଙ୍କ ସହିତ ଦେଖାହେଲା ଭାରି ଖୁସି ଲାଗୁଥାଏ। କିନ୍ତୁ ଯାହାକୁ ମୁଁ ମନେ ମନେ ଖୋଜୁଥିଲି ତାକୁ ଏ ପର୍ଯ୍ୟନ୍ତ ଦେଖି ପାରିଲିନି। ସିଏ କ'ଣ ଆସିନି । କିଛି ପିଲାଙ୍କୁ ତା ବିଷୟରେ ପଚାରିଲି । ମତେ କେହି କିଛି କହିଲେନି। ସେତିକି ବେଳେ ଜଣେ ସାଙ୍ଗ ମତେ ଆସି କହିଲା ପଚାଶ ଟଙ୍କା ଲେଖାଏଁ ଚାନ୍ଦା ହୋଇଛି। ତମେ ଦେଲଣି, ମୁଁ କହିଲି ନାହିଁ ଦେଇନି। ଚାନ୍ଦା ଟା ଆଗ ଦେଇ ଦିଅ ତାପରେ ପ୍ରୋଗ୍ରାମ ଆରମ୍ଭ ହେବ।

ରେଜିଷ୍ଟ୍ରାର ରେ ସମସ୍ତ ଙ୍କ ନାଁ ଲେଖା ହେଉଥିଲା। ମୋ ନାଁ କହିବା ପୂର୍ବରୁ ମୋ ନାଁ ଲେଖି ସାରି ମତେ ଟିକେ ଚାହିଁଲା ଟଙ୍କା ଟା ନେବା ଉଦେଶ୍ୟ ରେ। ତା ହାତ ଲେଖା ଅକ୍ଷର ଦେଖି ମୋ ଖୁସି ଟା ଦୁଇ ଗୁଣା ହେଇଗଲା। ଯେଉଁ ସୁନ୍ଦର ପ୍ରତିଛବି ଟି ତାର ମୋ ମନ ଭିତରେ

ଆଙ୍କି ଥିଲି ତାଠୁ ଥିଲା ସେ ଖୁବ ସୁନ୍ଦର। ପକେଟ୍ ରୁ ଟଙ୍କା ଟା କାଢି କି ଦେଲା ବେଳକୁ ପଚାରି ଦେଲି ତମେ ଚୁମକି ନା?

ଜୋରରେ ହସି ଦେଇ ମୋତେ କହିଲା ତମେ ମତେ ଚିହ୍ନି ପାରିଲ? ମୁଁ ଉତ୍ତର ଦେଲି ଏ ଅକ୍ଷର ଦେଖି ଭଲ ଭାବରେ ଚିହ୍ନି ଦେଲି। ମୋ ସହିତ ହାତ ମିଳାଇ କହିଲା ମୁଁ କେତେବେଳୁ ତମକୁ ଖୋଜୁଥିଲି। ହେଲେ ତମେ ଆସିବାକୁ ବହୁତ ଡେରି କରିଦେଲ। କିଛି ସମୟ ପରେ ପ୍ରୋଗ୍ରାମ ଆରମ୍ଭ ହେଲା। ତା ସହିତ କେତେ  ସମୟ ବିତାଇ ଥିଲି ସେଦିନ। ସେ ମୂହୁର୍ତ୍ତ ଆଜି ବି ମନରୁ ଲିଭିନି।ତା ସହିତ ଆଉ ଦେଖା ହୋଇନି।

ସେଇ ଦିନଠାରୁ ସିଏ ମୋର ଅତି ଘନିଷ୍ଠ ବନ୍ଧୁ ହୋଇ ଯାଇଥିଲା। ତା ମନ ଭିତରେ ଥିଲା ଖୁବ୍ ସୁନ୍ଦର ବନ୍ଧୁତା ର ଅନୁଭବ ଟିଏ। ମୁଁ ବି ତାକୁ ବହୁତ ଭଲ ଭାବରେ ଗ୍ରହଣ କରି ନେଇଥିଲି ମୋ ସାଙ୍ଗ ହିସାବରେ। ତାପରେ ଆଉ ତା ସହିତ ମୋର ଦେଖା ହୋଇନି। କେବେ ଦେଖିବି ବୋଲି ବି ଭାବି ନଥିଲି। ହଠାତ୍ ଦିନେ ସନ୍ଧ୍ୟାରେ  ତାର ଫଟୋ ଦେଖିଲି। ଫେସବୁକ ରେ । ଦୀର୍ଘ କୋଡ଼ିଏ ବର୍ଷ ପରେ। friend request ପଠେଇଲି ସିଏ ବି ଗ୍ରହଣ କଲା।

ଆଜି ପୁଣି ତାକୁ ଫେରିପାଇ ମୁଁ ବହୁତ ଖୁସି।

ସମଲ, ତାଳଚେର, ଅନୁଗୋଳ

# ହେ ଶ୍ରୀନିବାସ



ପ୍ରଶାନ୍ତ କୁମାର ନାଥ

କେତେ କେତେ ଜ୍ଞାନୀ ଏ ଦେଶରେ ଜନ୍ମି
 ଲେଖି ଯାଇଛନ୍ତି ନାମ
ତାଙ୍କ ମଧ୍ୟେ ଏଠି ଗଣିତଜ୍ଞ ଭାବେ
 ଶ୍ରୀନିବାସ ତାଙ୍କ ନାମ।

ଚପଳ ମତି ସେ ଅଳପ ବୟସେ
 କରିଗଲେ ଶ୍ରେଷ୍ଠ କାମ
ବିଶ୍ୱ ଦରବାରେ ଗଣିତଜ୍ଞ ଭାବେ
 ରଖିଗଲେ ତାଙ୍କ ନାମ।

ଧନ୍ୟ ହେଲୁ ଆମେ ତାଙ୍କୁ ପାଇ ସର୍ବେ
 ଗଣିତର ସୂତ୍ର ମାନ
ଆଜି ବି ସେ ସୂତ୍ର ଗଣିତ ପୁସ୍ତକେ
 ହେଉ ଅଛି ବିଦ୍ୟ ମାନ।

ଭୁଲି କି ପାରିବ ଏ ଭାରତ ଭୂମି
 ଗଣିତ କାରୀଙ୍କ ନାମ
ଯୁଗ ଯୁଗ ପାଇଁ ରହିବ ଅମ୍ଳାନ
 ମୂତ୍ର ଧରଙ୍କର ନାମ।

ସେ ସୂତ୍ର ଧରଙ୍କ ସୂତ୍ରକୁ ଧରିଣ
କଷୁଛନ୍ତି ଅଙ୍କ ମାନ
ତ୍ରିକୋଣ ଜ୍ୟାମିତି ପରିମିତ ସବୁ
ତାଙ୍କରି ସୂତ୍ରର ମାନ ।

ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ଜି
କରିଲେ ଘୋଷଣା ଜାଣି
ଶ୍ରନିବାସଙ୍କର ଜନ୍ମ ତାରିଖକୁ
ଘୋଷଣା କରିଲେ ପୁଣି ।

ରାଷ୍ଟ୍ରୀୟ ଗଣିତ ଦିବସ ଭାବରେ
ପାଳନ କରୁଛୁ ଆମେ
ଡିସେମ୍ବର ବାଇଶି ପ୍ରତି ବରଷ
ସର୍ବେ ଭାରତୀୟ ଆମେ ।

ସ୍ୱର୍ଣ୍ଣାକ୍ଷର ନାମ ଲିପିବଦ୍ଧ କରି
ଚାଲିଗଲ ତୁମେ ସତ
ସେ ପୂଣ୍ୟ ଆତ୍ମାକୁ ଶ୍ରଦ୍ଧା ସୁମନରେ
କରୁଅଛୁ ପ୍ରଣିପାତ ।।

ଜୁଣଗଡି (ରାଜନଗର), କେନ୍ଦ୍ରାପଡ଼ା

# ଲୁହ



ସିଦ୍ଧେଶ୍ୱର ତ୍ରିପାଠୀ

ଆଜି କାଇଁ କାନ୍ଦିବାକୁ ଭାରି ଇଚ୍ଛା ହୁଏ
ଦୁଃଖ ରେ ନାଁ ସୁଖରେ
ପ୍ରାପ୍ତିରେ ନାଁ ଅପ୍ରାପ୍ତିରେ
ଅଭାବ ନାଁ ଭାବରେ
ଅଭିମାନରେ ନାଁ ଅଭିଯୋଗରେ
ମୁଁ ତ ଜାଣିନି କହିବି କେମିତି ଯେ,

ମାଆର ପଣତ କାନି ଧରି
ଆଖି ଲୁହ ପୋଛିବାର
ବୟସ ଆଉ ନାହିଁ
ସେ ସମୟ ଆଉ ନାହିଁ
ବାପାଙ୍କ ଗାମୁଛାରେ
ହଜେଇ ଦେବାକୁ
ଲୁହର ସଂଜ୍ଞା ପ୍ରକୃତି ପରିସର ।

ଗଡି ଯାଇଛି ସମୟ ବଢି ଯାଇଛି ବୟସ
ଗୁନ୍ଥା ହୋଇଛି ଅନେକ ଦାୟିତ୍ୱ
ବାକି ଅଛି ଅନେକ ଆଶା
ମୋ ଉପରେ କେତେ ଭରଷା ।

କ'ଣ ପାଇଛି କ'ଣ ହରେଇଛି
କ'ଣ ନେଇଛି କ'ଣ ଦେଇଛି
ଦୁନିଆ କହିବ ସମାଜ ଚାହିଁବ
ମୁଁ ଗଲାପରେ ମୁଁ ମଲାପରେ ।

କେତେ ମୋହ କେତେ ଭୟ
କିଛି ଦୁର୍ବଳତା କିଛି ସ୍ନେହ
କିଏ ଶତ୍ରୁ କିଏ ମିତ୍ର
କେଉଁଟା ଭଲ କେଉଁଟା ଭେଲ
ବିଚାର ହେବ କିଛି ତଳେ କିଛି ଉପରେ
ମୁଁ ଗଲାପରେ ମୁଁ ମଲାପରେ ।

ଲୁହ ଏବେ ଝରିବ ନିଶ୍ଚୟ
ଭିଜେଇବ ଦେହକୁ
ହେଲେ ଓଦା ହେବ ମନ
ହଉପଛେ ଦୁଇ ଆଖି
ଲୁହ ଝରଝର
ଆପେଆପେ ବୁଝିଯିବ ମନ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

ଆଜିଠାରୁ ଗଣି - ବାର-ସପ୍ତମେ - ଅହି ଶିରୋମଣି ତକ୍ଷକ ନାମେ
ହେବ ତାହା ଦଂଶନରେ ମରଣ ଅନ୍ୟଥା ନହେବ ବଚନ ଜାଣ ସେ
କାହିଁରେ ନୋହିବ ଟାଳି ଯେ
ଏ କାଳରେ ଭଙ୍ଗ ଶମୀକ ସମାଧି ଗଳେ ଦେଖି ସର୍ପମାଳି ଯେ ।୨୬।

ଚଞ୍ଚଳରେ ସନ୍ଧ୍ୟା ସ୍ନାହାନ ସାରି - ରୋଷଭରା ଚିତ୍ତେ ଆସିଲେ ଫେରି
ପିତା ସନ୍ନିକଟେ ମିଳି ବହନ - ବିଲୋକିରେ ଭାଙ୍ଗିଛି ଯୋଗଧ୍ୟାନ ସେ
ବିସ୍ମିତ ଭରେ ନିରେଖେ ଯେ
ମୃତ ଅହି କାଢି ସ୍ୱ-ଗଳାରୁ ମୁନି ଭୂମିପରେ ଦେଲେ ରଖି ଯେ ।୨୭।

ଶିଷ୍ୟଙ୍କ ଅଗ୍ରତେ ପୁଛିଲେ ଋଷି - ଏ ବିନୋଦନ କିଏ କଲା ଆସି
ସର୍ବ ଶିକ୍ଷାର୍ଥୀ ଭାଷିଲେ ଉତ୍ତର - ଅଲେ ଅଜଣା ଏକ ନୃପବର ସେ
ହେବ କ୍ରୁର ଅଭିମାନୀ ଯେ
କୃତକର୍ମ ଫଳ ଅବଶ୍ୟ ଭୁଞ୍ଜିବ ବଳିଲେ କୁମାର ମୁନି ଯେ ।୨୮।

ମୂଢ଼ ରାଜନ ପାପିଷ୍ଠ ଅଜ୍ଞାନୀ – ବିଲୁପ୍ତ ହେବ ତାହାର ଜୀବନୀ
ସପ୍ତମ ବାସରେ ନାଗ ତକ୍ଷକ – ଦଂଶିବ ହୋଇ ବିଗ୍ରହ ଭକ୍ଷକ ସେ
ଫଳିବ ମୋ ଶାପବାଣୀ ଯେ
ବିସ୍ମୟ ଚକିତେ ମହର୍ଷି ପୁଚ୍ଛିଲେ ତାଙ୍କୁ ଅଛକି କେ ଜାଣି ଯେ ।୨୯।


ବିଲୋକି ଶୃଙ୍ଗୀଙ୍କୁ ପୁଚ୍ଛିଲେ ଗିର – ସେ କେଉଁ ରାଇଜର ମହୀଧର
ଜାଣିଛ କି ବାବୁ କୁହ ସତ୍ୱର ନାହିଁ ବୋଲିଣ ଭାଷିଲେ ଉତ୍ତର ସେ
ଅବନତ କରି ଶିର ଯେ
ସ୍ଥିର ଦୃଢ଼ ଯତୀନ୍ଦ୍ର ଧ୍ୟାନ ଯୋଗେ ବସି ଚିନ୍ତିଲେ ତା ଉତ୍ତର ଯେ ।୩୦

ବରପଦର, ଗୋବିନ୍ଦପୁର, ବରଗଡ

# ସ୍ମୃତିରେ ପ୍ରାଧ୍ୟାପକ ରଙ୍କନାଥ ହୋତା



ଲକ୍ଷ୍ମୀନାରାୟଣ ପଟ୍ଟନାୟକ




**"Time and tide waits for none"** ପୁଣି **T.S. Eliot** ଙ୍କ ଉକ୍ତ **"Time present and time past are both perhaps present in time future"** ସତରେ ଏମିତି କେତେଯେ ଅଭୂଲ୍ ସ୍ମୃତି ସବୁ ମନରେ ବସାବାନ୍ଧି ରହି ଯାଇଛି ଚରକାଳ ପାଇଁ । ଗୁହୁଁ ଗୁହୁଁ ଆଜିକୁ ଠିକ ବର୍ଷେ ବିତିଗଲ୍ ହୋତା ସାରଙ୍କ ଦେହାନ୍ତ ହେବାର । ହୋତା ସାର କହିଲେ ସମଗ୍ର ବାଣପୁର ଅଞ୍ଚଳର ପ୍ରତିଟି ମନରେ ଆପେ ଆପେ ଉଦଭ୍ଭସିତ ହୋଇଉଠେ ଗୋଟେ ନଆର୍ ଶିକ୍ଷାବିତର କୋମଳ ଚରିହ । ବାଣପୁର ନକଟସ୍ଥ ପୁଞ୍ଜିଆମା ଶାସନରେ ୦୬-୦୩-୧୯୪୦ ରେ ଜନ୍ମଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟରେ ସ୍ନାତୋକତ୍ତର ଶିକ୍ଷା ଶେଷକରି ଅଧ୍ୟାପନା କ୍ଷେତ୍ରରେ ଯୋଗ ଦେଇଥିଲେ । ଇଂରାଜୀ ସାହିତ୍ୟର ଜଣେ ପ୍ରବୀଣ ପ୍ରାଧ୍ୟାପକ ହିସାବରେ ତାଙ୍କର କର୍ମମୟ ଜୀବନକାଳରେ ଓଡିଶାର ବିଭିନ୍ନ ଅଞ୍ଚଳ ମଧ୍ୟରୁ

ଜଗତସିଂହପୁର, ଭଞ୍ଜନଗର, ବାଲୁଗାଁ ଓ ବାଣପୁର ଠାରେ ଥିବା ମହାବିଦ୍ୟାଳୟ ଗୁଡିକରେ ସେ କାର୍ଯ୍ୟ କରିବା ସହ ସାଉଁଟିଥିଲେ ଅନେକ ଦୁର୍ଲ୍ଲଭ ସ୍ମୃତି ଓ ଅନୁଭୂତି ।

ସେ ଜଣେ ଜ୍ଞାନୀ, ଗୁଣୀ, ବାଗ୍ମୀ, ସାହିତ୍ୟାନୁରାଗୀ, ବନ୍ଧୁବତ୍ସଳ ଓ କ୍ରୀଡାପ୍ରେମୀ ବ୍ୟକ୍ତି ଭାବେ ବେଶ ପରିଚିତ ଥିଲେ । ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ଇଂରାଜୀ ଶ୍ରେଣୀରେ ତାଙ୍କ ପଠନଶୈଳୀ ଛାତ୍ରଛାତ୍ରୀ ମାନଙ୍କୁ ଖୁବ ସହଜରେ ଆକର୍ଷିତ କରୁଥିଲା । ଛାତ୍ରଛାତ୍ରୀ ମାନଙ୍କ ସହିତ ତାଙ୍କର ପ୍ରେରଣାଦାୟୀ ବାର୍ତ୍ତାଳାପ ସେମାନଙ୍କ ଚରିତ୍ର ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲା । ଅନେକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ତାଙ୍କ ନୀତି ଉପଦେଶର ପ୍ରଚ୍ଛନ୍ନତାକୁ ଆଜିବି ସ୍ୱୀକାର କରନ୍ତି ସେଇମାନେ, ଯେଉଁମାନେ ଆଜି ଓଡିଶାର ବିଶିଷ୍ଟ ରାଜନେତା, ପ୍ରଶାସକ, ଶିକ୍ଷାବିତ ଓ ସମାଜସେବକ ଭଳି ଭିନ୍ନ ଭିନ୍ନ ସୋପାନରେ ପ୍ରତିଷ୍ଠିତ।

ସେ ଥିଲେ ଖୁବ ସରଳ, ଅମାୟିକ, ନିଷ୍କପଟ, ନିର୍ଭୀକ ଓ ଧୈର୍ଯ୍ୟବାନ ବ୍ୟକ୍ତିତ୍ୱ । କ୍ଷମତା ଆସକ୍ତି ଓ ଅର୍ଥଲିପ୍ସା ଠାରୁ ଅନେକ ଦୂରରେ ରହୁଥିଲେ ସେ । ଆଧାତ୍ମିକ ଚେତନାରେ ଉଦ୍ବୁଦ୍ଧ ଜଣେ ଉଦାରବାଦୀ ଚରିତ୍ରର ଏକ ବଳିଷ୍ଠ ଉଦାହରଣ ଥିଲେ ହୋତା ସାର । ତାଙ୍କର ଦୃଢ ଯୁକ୍ତି ଥିଲା, "କ୍ରୀଡା ଓ ଖେଳ କସରତ ଯୁବ ବ୍ୟକ୍ତିତ୍ୱକୁ ଯଥେଷ୍ଟ ବିସ୍ତାରିତ କରିପାରିବ" । ତେଣୁ ଦୈନନ୍ଦିନ ଜୀବନଚର୍ଯ୍ୟା ମଧ୍ୟରୁ ସେଥିପାଇଁ ସେ ସମୟ ବାହାର କରି ସାଙ୍ଗସାଥି ମାନଙ୍କ ଗହଣରେ ବ୍ରିଜ, ଟେବୁଲଟେନିସ ଓ ବ୍ୟାଟମିଣ୍ଟନ ଆଦି ଖେଳୁଥିଲେ । ଏପରିକି ଜାତୀୟସ୍ତରରେ ସେ ବ୍ରିଜ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଓଡିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମଧ୍ୟ ଲାଭ କରିଥିଲେ ।

କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ସ୍ୱର୍ଗତ ମନୋଜ ଦାସଙ୍କ ପ୍ରିୟ ଛାତ୍ର ଥିଲେ । ମନୋଜ ଦାସଙ୍କ ପ୍ରେରଣା ତାଙ୍କୁ ପରବର୍ତ୍ତୀ ସମୟରେ ଅଧ୍ୟାପନା କ୍ଷେତ୍ରରେ ଯଥେଷ୍ଟ ସଫଳତା ଆଣିଦେଇଥିଲା । ୧୯୭୦-୭୧ ମସିହାରେ

ହାଇଦ୍ରାବାଦସ୍ଥିତ **English and Foreign Languages University** ରେ **PGDTE** ପାଠ୍ୟକ୍ରମରେ ପଢୁଥିବା ସମୟରେ ସେ ପ୍ରଫେସର ନାଦକର୍ଣ୍ଣୀଙ୍କ ପ୍ରିୟ ସ୍କଲାର ଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଏହି ଦୁଇଜଣ ପ୍ରିୟ ଗୁରୁ ପ୍ରଫେସର ନାଦକର୍ଣ୍ଣୀ ଏବଂ ପ୍ରଫେସର ମନୋଜ ଦାସଙ୍କ ସହ ପଣ୍ଡିଚେରୀସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମରେ ଅନେକ ଅନ୍ତରଙ୍ଗ ମୂହୁର୍ତ୍ତ ଅତିବାହିତ କରିଥିଲେ । ଗୁରୁଶିଷ୍ୟର ନିବିଡ ସମ୍ପର୍କକୁ ସେ କେବେ ବି ଭୁଲି ନଥିଲେ ତାଙ୍କ ଜୀବନରେ । ଅନୁରୂପ ଭାବେ ନିଜର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ହୋତା ସାରଙ୍କ ହୃଦୟରେ ମଧ ଅନାବିଳ ସ୍ନେହ ଶ୍ରଦ୍ଧାର ଆବେଗ ସର୍ବଦା ସୃଷ୍ଟି ହେଉଥିଲା । ଗୁରୁଶିଷ୍ୟ ସମ୍ପର୍କର ସଂଜ୍ଞାକୁ ସେ ଖୁବ ଭଲଭାବେ ବୁଝିଥିଲେ ।

ଜଣେ ଉଚ୍ଚଶିକ୍ଷିତ ହୋଇ ସୁଦ୍ଧା, ହୋତା ସାର ଥିଲେ ଅତ୍ୟନ୍ତ ମେଳାପୀ ଓ ନିରହଙ୍କାରୀ । ସବୁବର୍ଗର ଲୋକଙ୍କ ସହ ଖୁବ ସହଜରେ ସେ ମିଶି ପାରୁଥିଲେ । ସେ ନିଜ ଗାଁ ମାଟିକୁ ଜୀବନଠୁ ଅଧିକ ଭଲ ପାଉଥିଲେ । ଅନ୍ୟମାନଙ୍କ ସୁଖଦୁଃଖରେ ଭାଗିଦାର ହେଉଥିଲେ । ଜୀବନରେ କେବେ ଯଦି କୌଣସି ଜଟିଳ ସମସ୍ୟା ଆସୁଥିଲା, ଧୈର୍ଯ୍ୟର ସହ ଖୁବ ସହଜରେ ସବୁ ସମସ୍ୟାର ମୁକାବିଲା କରିପାରୁଥିଲେ । ପାଶ୍ଚାତ୍ୟ ଇଂରାଜୀ ଭାଷା-ସାହିତ୍ୟ ପ୍ରତି ତାଙ୍କର ଗାଢ ଅନୁରାଗ ଥିବା ସତ୍ୱେ ସେ ନିଜ ମାଆମାଟିର ଭାଷା-ସାହିତ୍ୟ ଓ ସଂସ୍କୃତିକୁ ସବୁଠାରୁ ଅଧିକ ଭଲପାଉଥିଲେ । ସେ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ଥିଲେ । ଭାରତୀୟ ସଂସ୍କୃତିର ମହାନତାକୁ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ଏବଂ ପାଶ୍ଚାତ୍ୟ ସଂସ୍କୃତିପ୍ରତି ତାଙ୍କର ଯଥେଷ୍ଟ ସମ୍ମାନବୋଧ ରହିଥିଲା । ଶ୍ରୀ ରାମକୃଷ୍ଣ ପରମହଂସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ଓ୍ୱିଲ ଡୁରାଣ୍ଟ ଓ ବଟ୍ରାଣ୍ଡ ରସେଲ ତାଙ୍କର ଅତି ପ୍ରିୟ ଦାର୍ଶନିକ ଥିଲେ । ସେମାନଙ୍କ ଆଦର୍ଶକୁ ସେ ସର୍ବଦା ଅନୁସରଣ କରୁଥିଲେ ।

ହୋତା ସାରଙ୍କ ପାଇଁ ସବୁଠାରୁ ବଡ ଅନୁଭବ ଥିଲା, ମଣିଷର ବ୍ୟବହାର ଓ ମାନବିକତା। ହିପୋକ୍ରିସିକୁ ସେ ନାପସନ୍ଦ କରୁଥିଲେ । ଅନେକ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ଭାବେ

ଜଡିତ ହୋଇ ଜନମଙ୍ଗଳ ଦିଗରେ ନିଜକୁ ମଧ୍ୟ ନିୟୋଜିତ ରଖୁଥିଲେ । ସେ ଯେଉଁଠି ପାଦ ଥାପୁଥିଲେ, ସେଠାରେ ସେ ଆତ୍ମୀୟତାର ବାତାବରଣ ସୃଷ୍ଟି କରୁଥିଲେ ।

ଆଜକୁ ଠିକ ଏକବର୍ଷ ପୂର୍ବେ ଆଜିର ଦିନରେ ସେ ବିଦାୟ ନେଇ ସାରିଛନ୍ତି ଇହଧାମରୁ । ସେହି ମହାନ ବ୍ୟକ୍ତିତ୍ୱ ପ୍ରିୟ ହୋତା ସାର ଆଜି ଆମଗହଣରେ ନାହାନ୍ତି ସତ, ହେଲେ ଛାଡି ଯାଇଛନ୍ତି ସବୁ ସ୍ମୃତି ଅନୁଭୂତି ଓ ଭାବ ପ୍ରୀତି । ଆଜିବି ଝୁରୁଛନ୍ତି ସେଇ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନେ ହୋତା ସାରଙ୍କ ସ୍ୱଭାବ ସୁଲଭ ହ୍ୟୁମର ପାଇଁ । ଗପ କହି ସେଇ ଦିନମାନଙ୍କରେ ସେ ହସାଉଥିଲେ ସେମାନଙ୍କୁ । ତାଙ୍କ ସ୍ନେହ ଶ୍ରଦ୍ଧାର ଯାଦୁକାରୀ ସ୍ପର୍ଶ ଆଜି କୁଆଡେ ଉଭେଇ ଯାଇଛି ସେମାନଙ୍କ ନିକଟରୁ । ଖୁବ ଝୁରୁଛନ୍ତି ସେମାନେ ଆଜି ହୋତା ସାରଙ୍କୁ । ତାଙ୍କ ଜୀବନରେ ଅଧ୍ୟାପନାକୁ ସେ କେବେଳ ବୃତ୍ତି ବୋଲି ସ୍ୱୀକାର କରିନାହାନ୍ତି । ଅଧ୍ୟାପନା ତାଙ୍କପାଇଁ ଥିଲା ନିଶା ଓ ତପସ୍ୟା । ସେ ଥିଲେ ଚରିତ୍ର ଗଠନର ଜଣେ ସଫଳ ବିନ୍ଧାଣୀ । ସେହି ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

ଇରିଗେସନ କଲୋନୀ, ଖୋରଧା

# ମୋ ଦୁଃଖ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

କିଏ ବା ପୋଛିବ

ମୋ ଆଖିର ଲୁହକୁ

କିଏ ବା ବୁଝିବ

ମୋ ମନର କୋହକୁ

କାହାକୁ ଜଣାଇବି

ମୋ ଅନ୍ତରର ବ୍ୟଥାକୁ

କାହାକୁ ଶୁଣାଇବି

ମୋ ଦୁଃଖଭରା ଗାଥାକୁ

ଜଣାଇବି ଯଦି ପ୍ରଭୁ କେବଳ ତୁମକୁ

ମୋ ଦୁଃଖଭରା ସବୁ

ଅନ୍ତ କରିବାକୁ

ମଠସାହି, ତୁଳସିପୁର

# ନବ ବରଷ....



ସାଇପ୍ରସାଦ ସାହୁ

ଆଶାର ଆଲୋକ ଉଦ୍ଦୀପନା ନେଇ
ଆସିଅଛି ନବବରଷ,
ନୂଆ ସମ୍ଭାବନା ନୂଆ ଆଶ୍ୱସନା
ଭରିଅଛି ମନେ ହରଷ ।

ନବବରଷର ପ୍ରଥମ ଦିନରେ
ସଭିଏଁ ଶପଥ ନେବା,
ଆଜି କାର୍ଯ୍ୟ ଆଜି ସାରିଦେବା
କାଲି ପାଇଁ ନ ରଖିବା ।

ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁଙ୍କ ପରି
ତାଙ୍କ ପଥେ ସଭେ ଯିବା
ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ ଯୋଗାଇ
ରୋଗୀଙ୍କ ସେବା କରିବା ।

ଏ ନବବରଷେ ଏତିକି କାମନା
ସଭିଙ୍କ ମନରେ ଥାଉ
ଏସନ ବରଷ ସମସ୍ତଙ୍କ ପାଇଁ
ହସଖୁସି ଆଣି ଦେଉ ।

ଆସିଛି ନୂଆବରଷଟି
ଦୁଃଖ, ସୁଖ ସବୁ ନେଇ
ସୁଖ ଓ ଶାନ୍ତିରେ ରହିବା ସଭିଏଁ
ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇ ।

ସିନ୍ଧେକେଲ୍,ବଲାଙ୍ଗୀର
ଭ୍ରାମ୍ୟ ଭାଷ - ୯୯୩୭୦୩୪୭୪୨

# ଅନର୍ଦ୍ଦିଷ୍ଟ ଯାତ୍ରା



ଅଭିମନ୍ୟୁ ଧଳ

ସହରଟା ସୁପ୍ତପ୍ରାୟ । ନିଶୁତି କ୍ରମଶଃ କାୟା ମେଲୁଛି
କେଉଁ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶ ବା ତାହା ଇଚ୍ଛାକୃତ- ଜାଣିନି
ମୁଁ ଚାଲିଛି ଶିଳ୍ପ ଆବର୍ଜନାମୟ ସହରର ପ୍ରଶସ୍ତ ରାଜରାସ୍ତାରେ, ଲକ୍ଷ୍ୟ- ଅନିର୍ଦ୍ଦିଷ୍ଟ
ସତେକି ମୁଁ ଅଣନିଃଶ୍ୱାସୀ - ଏ ସହରର ବିଷବଳୟରେ
ନିଜ ମନକୁ ମାରି, କାହା ସ୍ୱାର୍ଥ ପାଇଁ ମୁଁ କାର୍ଯ୍ୟରତ ?
କ'ଣ ମୁଁ ଖୋଜୁଛି ? କାହିଁକି ଖୋଜୁଛି ? ଜାଣେନା
ପ୍ରାପ୍ତିର ଆଶା, ଅପ୍ରାପ୍ତିର ଦୁଃଖରେ ଜୀବନ ଆଜି ବିପନ୍ନ
କିଏ ଏଠି ନିଜର ? କିଏ ଏଠି କାହାର ? କିଏ ବା ବିଶ୍ୱସ୍ତ ?
ନୀତି - ନୈତିକତା- ମୂଲ୍ୟବୋଧର ସ୍ୱର ଆଜି ନିଶ୍ଚିହ୍ନ
ଆଦର୍ଶର ମୁଖଟା ଆଜି ହୋଇଛି ଏକ ଆବଶ୍ୟକୀୟ ଉପାଦାନ
ସମୟ ଓ ପରିସ୍ଥିତିର ଚାପରେ ପଛ ପରିବର୍ତ୍ତନ ଘଟେ ମୁଖାପିନ୍ଧା ମଣିଷର
ସୁବର୍ଣ୍ଣ ସକାଳର ମୋହରେ ମୋହବିଷ୍ଟ କରିନିଏ ମଧୁର ବାକ୍ୟ ବିନିମୟରେ
ବୋକା ଇନ୍ଦ୍ରିୟଗଣ ବୁଝିପାରନ୍ତି ନାହିଁ- ଏ ସବୁ ଷଡ଼ଯନ୍ତ୍ର
ଅବଶେଷରେ ସାମ୍ନା କରିବାକୁ ହୁଏ ଅନ୍ଧକୂପ ହତ୍ୟାର
ସବୁଶେଷ । ଅପହରଣ ହୁଏ ବଚନ ପ୍ରକାଶର ସ୍ୱାଧୀନତା
ଏ ସମସ୍ତ ଘଟଣାବଳୀର ପ୍ରତ୍ୟକ୍ଷଦର୍ଶୀ ହେବା ମୋର ଅପରାଧ
ସମ୍ଭବତଃ ସେଥିରୁ ମୁକ୍ତି ପାଇବାକୁ ଏ ଯାତ୍ରାର ପ୍ରୟୋଜନ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ(ଦ୍ୱିତୀୟ ବର୍ଷ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା

# ଜୟ ମାଁ ସନ୍ତୋଷୀ



ରାମ ଚନ୍ଦ୍ର ପ୍ରଧାନ

ଭୁବନ ମୋହିନୀ ସଂସାର ପାଳିନୀ
ଜୟ ଜୟ ମାଁ ସନ୍ତୋଷୀ
ତୁମ କୃପା ବଳେ ଏ ଭବ ସଂସାରେ
ଖେଳିଯାଏ ହସଖୁସି ।
ନାଲି ମନ୍ଦାରରେ ତୁମେ ସୁଶୋଭିତା
ହେ ଗଣନାଥ ଦୁହିତା
ଶୁକ୍ରବାର ଦିନ ଅଟେ ତୁମ ପୂଜା
ତୁମେ ତ ବିଶ୍ୱ ବନ୍ଦିତା ।
ଯିଏ କରେ ତୁମ ଷୋଳ ଶୁକ୍ରବାର
ତା' ଠାରେ ତୁମେ ପ୍ରସନ୍ନ
ବିପଦେ ଆପଦେ ସାହା ହୋଇ ତୁମେ
ପୁରାକର ତା'ର ସ୍ୱପ୍ନ ।
ଶୋଭା ପାଉଥାଏ ମଥାରେ ମୁକୁଟ
ଗଳାରେ ତୁମର ହାର
ହାତେ ଦାନାପାଣି ଖଡ୍‌ଗ ତ୍ରିଶୂଳ
ପାପୁଲିରେ ପୁଣ୍ୟ ଝର ।

ପାପ ବିନାଶିନୀ ଶକ୍ତି ସ୍ୱରୂପିଣୀ
ଜୟ ମାଁ ସନ୍ତୋଷୀ ମାଆ
ପାଦ ଦୁଇ ତୁମ ପୁଣ୍ୟର ପାହାଚ
ତୁମେ ସଭିଙ୍କର ସାହା ।
ଏ ଅଧମ ଆଜି ମାଗୁଛି ତୁମକୁ
ଦିଅ ମାଁ ଅଭୟ ବର
କରୁଣା ବରଷି ଏ କଳି କାଳରେ
ସଭିଙ୍କୁ ଉଦ୍ଧାର କର ।

ଶିକ୍ଷକ,ସାନ୍ତରାପଲ୍ଲୀ,
ଗଞ୍ଜାମ,ମୋ:9861638736

# ଜୈବ ବିବିଧତା- ଅବଲୋକନ



ପ୍ରତାପ ଚନ୍ଦ୍ର ସାହୁ

ଜୀବ ମାନଙ୍କ ମଧ୍ୟରେ ଥିବା ବିବିଧତା ଓ ପରିବର୍ତନ ସିଲତା କୁ "ଜୈବ୍ ବିବିଧତା " କୁହାଯାଏ। ଏହାର ବିଭିନ୍ନ ଦିଗ ଗୁଡିକ ହେଲା - ଆନୁବନ୍ସିକ୍, ପରିସ୍ଥିତି, କ୍ରିୟାତ୍ମକ ଏବଂ ଜୈବ ରାସାୟନିକ । ଜିନ ଠାରୁ ଆରମ୍ଭ କରି ଜାତି, ଗୋଷ୍ଠୀ, ପରିସଂସ୍ଥା ପରି ବିଭିନ୍ନ ସ୍ତରରେ ବିବିଧତା(ଭିନ୍ନତା)ଦେଖା ଯାଇ ଥାଏ। ଜୈବ ବିବିଧତାର ଏକ ବିଶିଷ୍ଟ ଦିଗ ହେଉଛି- ଜିନିୟ ବିବିଧତା(genetic diversity)।

ଏହି ଜିନିୟ ବିବିଧତା ଯୋଗୁଁ ହିଁ ଜୀବ ମଣ୍ଡଳ ରେ ଏତେ ପ୍ରକାର୍ ଭେଦ ସମ୍ଭବପର ହୋଇପାରିଛି। ମଣିଷ ର ଅବିଚାରିତ ହସ୍ତକ୍ଷେପ ଓ କାର୍ଯ୍ୟ କଳାପ ଯୋଗୁଁ ବନ୍ୟ ଜନ୍ତୁ ଓ ଉଦ୍ଭିଦ ମାନଙ୍କର ବିଲୋପ ଘଟିବା ସହ ସେମାନଙ୍କ ମଧ୍ୟରେ ଥିବା ଜିନିୟ ଗୁଣବତ୍ତା ବି ଲୋପ ପାଉଛି।

ପୃଥିବୀ ପୃଷ୍ଠ ରେ ପ୍ରାୟ ୯୦୦ ବନ୍ୟ ଜନ୍ତୁଙ୍କର ଜିନିୟ ଗୁଣ ବତ୍ତା ସମ୍ପନ୍ନ ସହ ଯିବ ମାନଙ୍କର ବିଲୋପ ଘଟିଛି। ଅନେକ ବିପଦ ଗ୍ରସ୍ତ ମଧ୍ୟ ହୋଇଛନ୍ତି। ତେଣୁ ଜୈବ ବିବିଧତା ର ସରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡିଛି। ସରକ୍ଷଣ ନିମନ୍ତେ ଯିବ ମଣ୍ଡଳ ରେ ସନରକ୍ଷିତ ସ୍ଥାନ ରହିଥାଏ। ଆମେ ଜାନୁ ଯେ ଜୈବ ବିବିଧତା ହେଉଛି, ଉଦ୍ଭିଦ, ପ୍ରାଣୀ ଓ ଅନୁଜିବ ମାନଙ୍କର ପ୍ରକାର ଭେଦ। ଯିବ ମଣ୍ଡଳର ସ୍ଥାନ ସେଇ ଅଞ୍ଚଳ ର ଜୈବ ବିବିଧତା ଓ ସଂସ୍କୃତି ର ସୁରକ୍ଷା ରେ ସହାୟକ ହୋଇଥାଏ। ଗୋଟିଏ ଜୀବ ମଣ୍ଡଳ ସଂରକ୍ଷିତ ସ୍ଥାନ ରେ ଏକାଧିକ ସୁରକ୍ଷିତ ଅଞ୍ଚଳ ରହିଥାଏ। ଉଦାହରଣ ସ୍ଵରୂପ ସିମିଳିପାଳ। ପ୍ରତ୍ୟେକ ଜୀବ ପାଇଁ ତାର ନିଜସ୍ଵ ପରିବେଶ ସର୍ବୋତ୍କୃଷ୍ଟ। ଏଣୁ କୌଣସି

ପରିସ୍ଥିତି ରେ ସେମାନଙ୍କୁ ହଇରାଣ ବା ଅସୁବିଧା ରେ ପକାଇବା ଅନୁଚିତ। ନିର୍ଦ୍ଦିଷ୍ଟ ଅଞ୍ଚଳ ରେ ରହୁଥିବା ଉଦ୍ଭିଦ ତଥା ପ୍ରାଣୀ ମାନଙ୍କୁ ସେଇ ଅଞ୍ଚଳର ଉଦ୍ଭିଦ ସମୂହ ଓ ପ୍ରାଣୀ କୂଳ କୁହାଯାଏ। ମଣିଷ ନିଜର ସ୍ୱାର୍ଥ ସାଧନ ନିମନ୍ତେ କୌଣସି ପ୍ରକାର ଅନିଷ୍ଟକାରି କାର୍ଯ୍ୟ କଳାପ ରେ ଆଦୌ ଜଡିତ ହେବା କଥା ନୁହଁ।

ଜୈବ ବିବିଧତା ର ସଂରକ୍ଷଣ ନିମନ୍ତେ ଏଇ ସବୁ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ— ସଂରକ୍ଷଣ, ଅନୁଧ୍ୟାନ ଓ ବ୍ୟବହାର। ଜୈବ ବିବିଧତା ର ସଂରକ୍ଷଣ ପାଇଁ ଚିନ୍ତା କଲାବେଳେ ଏଇ ତିନୋଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ ସେଗୁଡିକ ହେଲା–ନୈତିକ ଦାୟିତ୍ୱ, ଆର୍ଥିକ ପ୍ରୋତ୍ସାହନ ଏବଂ ସମୁଚିତ ପରିସଂସ୍ଥା ସେବା ଯୋଗାଣ। ବନ୍ୟ ଜନ୍ତୁ କହିଲେ ଆମେ ସାଧାରଣତଃ ଜଙ୍ଗଲ ର ପ୍ରାକୃତିକ ପରିବେଶ ରେ ବାସ କରୁ ଥିବା ନାନା ପ୍ରକାର ପ୍ରାଣୀ କୁ ବୁଝାଇ ଥାଏ। " ଜାତୀୟ ବନ୍ୟ ଜନ୍ତୁ ସଂରକ୍ଷଣ ବୋର୍ଡ " ଅନୁଯାୟୀ ବନ୍ୟ ଜନ୍ତୁ ର ଅର୍ଥ ହେଉଛି – ଚାଷ କରାଯାଉ ନଥିବା ବା ପାଳନ କରାଯାଉ ନ ଥିବା ସମସ୍ତ ବୃକ୍ଷ ଲତା ଓ ଜିବଜନ୍ତୁ । ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ, ମୃର୍ତ୍ତିକା କ୍ଷୟ ଓ ମାରୁ ପ୍ରସାର ତଥା ବନ୍ୟ ଜିବଜନ୍ତୁ ମାନଙ୍କର ପ୍ରାକୃତିକ ବସତି ନଷ୍ଟ କରିବା ଆଦି ଯୋଗୁଁ ବନ୍ୟ ଜିବଜନ୍ତୁ ମାନଙ୍କର ସଂଖ୍ୟା ଦିନକୁଦିନ ହ୍ରାସ ପାଇବା ରେ ଲାଗିଛି। ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତା ର ବିଷୟ ପାଲଟିଛି।

୧୯୪୮ ମସିହା ରେ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ନିମିତ୍ତ ଏକ ଆନ୍ତର୍ଜାତୀୟ ସଂଗଠନ ( I u c n) ଗଠନ କରାଯାଇ ଥିଲା। ସେମାନେ ଏକ ରେଡ ଡାଟା ବୁକ ତିଆରି କରିଛନ୍ତି। ଏଥିରେ ବିଲୁପ୍ତ ହୋଇଥିବା ଜିବଜନ୍ତୁ, ବିଲୁପ୍ତ ଜିବଜନ୍ତୁ ଓ ବିରଳ ଜିବଜନ୍ତୁ ଙ୍କର ଏକ ତାଲିକା ଲିପିବଦ୍ଧ ହୋଇ ରହିଛି।ଏହା ସହିତ ଏଇ u n e p – united nations environmental programme ସଂସ୍ଥା ୧୯୮୦ ରୁ ବନ୍ୟ ଜିବଜନ୍ତୁ ର ହିତରେ କାର୍ଯ୍ୟ କରି ଆସୁଛି।

ବନ୍ୟ ଜିବଜନ୍ତୁ ପରିଚାଳନା ମୁଖ୍ୟତଃ ଦୁଇଟି ବିଷୟ ବସ୍ତୁ ଉପରେ ଆଧାରିତ –ବିଭିନ୍ନ ଜିବଜନ୍ତୁ ର ସଂରକ୍ଷଣ ଓ ପରିସ୍ଥାନ ସଂରକ୍ଷଣ। ବନ୍ୟ ଜିବଜନ୍ତୁ ପରିଚାଳନା ନିମିତ୍ତ ବନ୍ୟ ଜିବଜନ୍ତୁ ସୁରକ୍ଷା ଆଇନ ୧୯୭୨ ପ୍ରଣୟନ କରାଯାଇଛି। ଓଡ଼ିଶା ରେ ଅନ୍ୟୂନ ୬୫

ଜାତିର ସ୍ତନ୍ୟପାୟୀ ପ୍ରାଣୀ ୪୪୬ ଜାତିର ପକ୍ଷୀ ଏବଂ ୮୪ ଜାତିର ସରିସୃପ ଦେଖା ଯାଏ। ଆମ ରାଜ୍ୟ ରେ ଦୁଇଟି ଉପାୟ ରେ ବନ୍ୟ ଜିବଜନ୍ତୁ ସଂରକ୍ଷଣ କରାଯାଏ। ଏକ - ବାହ୍ୟ ସ୍ଥାନ ଦ୍ୱିତୀୟ ଟି ହେଲା- ସ୍ୱସ୍ଥାନ ସଂରକ୍ଷଣ । ଓଡିଶା ର ଦୁଇଟି ମୁଖ୍ୟ ଜାତୀୟ ଉଦ୍ୟାନ ରୁ କେବଳ ସିମିଲିପାଳ କୁ ସଂରକ୍ଷିତ ଜୈବ ମଣ୍ଡଳ ଭାବେ ଘୋଷଣା କରଯାଇଛି। ଅନ୍ୟ ଜାତୀୟ ଉଦ୍ୟାନ ଟି ହେଲା ଭିତରକନିକା। ୧୯୬୦ ରେ ପ୍ରତିଷ୍ଠିତ ହୋଇଥିବା ଅନ୍ୟ ଏକ ଯିବ ଉଦ୍ୟାନ ହେଲା ନନ୍ଦନକାନନ। ଏହା ବ୍ୟତୀତ ଗହିରମଥା, ବଡ ରମା, ବାଲୁ ଖଣ୍ଡ, ଚନ୍ଦକା, ନଳ ବନ, ଆଦି ଅନେକ ଅଭୟାରଣ୍ୟ ରହିଛି। ଚିଲିକା ରେ ଅନ୍ୟୁନ୍ ୧୫୦ ଜାତିର ପକ୍ଷୀ ଦେଖା ଯାନ୍ତି। ସେଥିରୁ ୨୭ ଟି ସ୍ଥାନୀୟ ଓ ବାକି ୧୨୩ ଟି ପରିବ୍ରାଜି ପକ୍ଷୀ। ପରିବ୍ରାଜି ମାନେ ସାଧାରଣତଃ ସୈବେରିଆ ର ପିନତେଲ୍, ଡକ୍, ଫ୍ଲେମିଙ୍ଗୋ, ଦିଭ୍, ରୁଷିଆ ରୁ ନୀଳ ପକ୍ଷୀ ଟିଲ୍, ଓ ସାଧାରଣ ଟିଲ୍।

ବାୟୁ ମଣ୍ଡଳ, ଜଳ ମଣ୍ଡଳ ଓ ଅସ୍ମ ମଣ୍ଡଳ ର ମିଳନ ସ୍ଥଳ ତଥା ଜୀବନ ର ଆଶ୍ରୟ ଦାୟକ ସ୍ଥାନ ଭାବେ ପରିଗଣିତ ଅଞ୍ଚଳକୁ "ଜିବମଣ୍ଡଳ" କହୁ। ଏହା ହେଉଛି ଜୈବ ଗଠନ ର ସର୍ବୋଚ୍ଚ ସ୍ତର । ଏକ ନିର୍ଦ୍ଦିଷ୍ଟ ସ୍ଥାନ କୌଣସି ଗୋଟିଏ ଜାତିର ଜୀବ ମାନଙ୍କର ସମଷ୍ଟି କୁ ଯିବ ସଂଖ୍ୟା କୁହାଯାଏ। ସେହି ଅଞ୍ଚଳର ବିଭିନ୍ନ ଜାତିର ଯିବ ସଂଖ୍ୟା ର ସମାହାର କୁ ଗୋଷ୍ଠୀ ଏବଂ ଗୋଷ୍ଠୀ ଓ ପରିବେଶ କୁ ନେଇ ପରିସଂସ୍ଥା ଗଠିତ। ପୃଥିବୀ ରେ ଥିବା ସମସ୍ତ ପରିସଂସ୍ଥା ର ସମଷ୍ଟି ହେଉଛି ଆମ ଜୈବ ମଣ୍ଡଳ। ପରିସଂସ୍ଥା ହେଉଛି ପ୍ରାକୃତିକ ଯଥା ବନ ପାହାଡ, ଝରଣା, ନଦୀ ଓ ଜଙ୍ଗଲ। ମନୁଷ୍ୟ କୃତ ହେଲା - କୃଷି କ୍ଷେତ୍ର, ଜଳ ଜିବ ଶାଳୀ, ଉଦ୍ୟାନ ଆଦି ହୋଇପାରେ। ବାସ ସ୍ଥାନ ଅନୁଯାଇ ପୃଥିବୀ ସମସ୍ତ ପରିସଂସ୍ଥା କୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ। ଯଥା- ଜଳୀୟ ଓ ସ୍ଥଳିୟ ପରିସଂସ୍ଥା। ଜଳୀୟ ପରିସଂସ୍ଥା କୁ ପୁଣି ଦୁଇ ଭାଗ କରାଯାଇ ପାରେ ଏକ ମଧୁର ଜଳ ପରିସଂସ୍ଥା ଓ ସମୁଦ୍ରିକ ଜଳ ପରିସଂସ୍ଥା। ସ୍ଥଳୀୟ ପରିସଂସ୍ଥାର ଭୌଗଳିକ ଆକାର ଓ ସେଠା କାର ଜଳବାୟୁ ଆଦି କାରକ କୁ ନେଇ ଏମାନଙ୍କୁ ଜିବାଲି ରୂପେ ନାମିତ କରା ଯାଇଛି। ଯଥା - ତୁନ୍ଦ୍ରା ଜିବାଲି, ଅଲ ପୈନ୍ନ ଜିବାଲି। ଉସ୍ମ ମଣ୍ଡଳିୟ ଜିବାଲି (ସାଭାନା) ଏବଂ ମରୁଦ ଜିବାଲି।

ନବରଙ୍ଗପୁର

# ଇଚ୍ଛା ମୃତ୍ୟୁ



ଦୀନବନ୍ଧୁ ବେଜ

ଗୋଟେ ମେସିନ ଆସନ୍ତା କି  !
ମୂହୁର୍ତ୍ତକେ ଘେନି ଯାଆନ୍ତା ଜୀବନ
ଯେପରି ଜୀବନ ବଂଚାଇବା ପାଇଁ
ଆକୂଳ ପ୍ରାର୍ଥନା କରୁଥିବା
ଦୂରାରୋଗ୍ୟ ବ୍ୟାଧିରେ ପିଡ଼ିତ
ଚାହିଁ ରହିଥିବ ସିଏ
କେବେ ସୁସ୍ଥ ହେବ !
ଜଦି ସୁସ୍ଥ ହେଲା ତେବେ
କେଉଁ ଭାଷାରେ ଭଗବାନଙ୍କୁ
ଧନ୍ୟବାଦ ଦେବ ଭାଷା ପାଏନା ।
ଠିକ ସେହି ପରି କିଛି ବ୍ୟକ୍ତିଙ୍କ
ଶରୀର ପ୍ରସ୍ତରର ମୂର୍ତ୍ତିପରି
ଶ୍ୱାସ ଚାଲି ଥିଲେବି ସ୍ଥାଣୁ,
ନାଡି ଚାଲି ଥିଲେବି ନିରବ ।
ବର୍ଷ ବର୍ଷ ଧରି ହୋଇଛି
ତାଙ୍କର ଅନନ୍ତ ସୟନ
ନା ସେ ବିଷ୍ଣୁ ନା ଭଗବାନ !
ସାଧାରଣ ମଣିଷ ଟିଏ
ଅନ୍ତରରେ ବହିଥାଏ ତାଙ୍କର
ଅବ୍ୟକ୍ତ ନିରବର ଝଡ଼......।

କିନ୍ତୁ ଅଯାଚିତ କଷ୍ଟ ଉପାର୍ଜନ
ସେମାନଙ୍କ ପାଇଁ ଯନ୍ତ୍ରଣା ପାହାଡ଼ ।
ଗୋଟେ ମେସିନ ଆସନ୍ତା କି,
ନିମିଷକେ ନେଇ ଯାଆନ୍ତା ଜୀବନ
ପଡ଼ି ଯାଆନ୍ତା ହୀମପରି ଜାଡ
କଷ୍ଟପଥ ଯାତ୍ରୀ ଅବା
ଲକ୍ଷପଥ ସହଯାତ୍ରୀ .........।
ସମସ୍ତଙ୍କ ପାଇଁ ହୁଅନ୍ତା ଯୁକ୍ତିଯୁକ୍ତ
ନିୟମକାରୀ ଗ୍ରହଣ କରନ୍ତେ କି
ସେମାନଙ୍କ ପାଇଁ ଏହି ଇଚ୍ଛାମୃତ୍ୟୁ ।

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ

# ଭାଗବତ
# ଅମୃତ ଧାର



ବିଜୟ କୁମାର ସାହୁ

## ଚତୁର୍ଥ ସ୍କନ୍ଧ

ଦେଖ ଅଭାଗ୍ୟ କର୍ମ ମୋର । ତପେ ତୋଷିଲି ଚକ୍ରଧର ॥
ଜନନୀ ସପତ୍ନୀର ଛଳେ । ମୋକ୍ଷ ନ ମାଗି ବିଷ୍ଣୁ ତୁଲେ ॥
ଲଭିଲି ଧ୍ରୁବ ଅଧିକାର । ଦେଖ ଅଭାଗ୍ୟ କର୍ମ ମୋର ॥
ବ୍ରାହ୍ମଣେ ଜିହ୍ୱା ଇନ୍ଦ୍ରି ବଶ । ହୋଇଣ କର୍ମେ ଯିବେ ନାଶ ॥
ବେଦକୁ ବିକ୍ରୟ କରିବେ । ବ୍ରହ୍ମଚାରୀ ଅନ୍ୟାୟୀ ହୋଇବେ ॥
ସନ୍ନ୍ୟାସୀମାନେ ଅନ୍ୟାଚାରୀ । କୁଟୁମ୍ବ ଘେନି ଗୃହକରି ॥
ଲୋଭେ ବୈଶ୍ୟବୃତ୍ତି କରିବେ । ଭେକ ଧରି ନାମ କହିବେ ॥
ଶୂଦ୍ରମାନେ ତପସ୍ୱୀ ହେବେ । ଦାନ ପ୍ରତିଗ୍ରହ କରିବେ ॥
ସେମାନେ ଉଚ୍ଚସ୍ଥାନେ ଥିବେ । ଧର୍ମାଦି ନ୍ୟାୟ ଯେ ବହିବେ ॥
ସଂସାରେ ବଡ ବୋଲାଇବେ । ସମସ୍ତେ ସେ ବୋଲ ପାଳିବେ ॥
ଆପଣା ପିତା ମାତା ମାରି । ସୁଖରେ ଭୁଞ୍ଜିବେ ସେ ଶିରୀ ॥
ପିତାମାତା ବୃଦ୍ଧ ହୋଇଲେ । ତାହାଙ୍କୁ ନ ପୋଷିବେ ଭୋଳେ ॥
ଏ କଳିଯୁବେ ଏକାସାର । ଭଜନ ଶ୍ରୀକୃଷ୍ଣ ପୟର ॥
ଏ ବିନା ଅନ୍ୟ ଗତି ନାହିଁ । ଭଜ ସୁଜନେ ମନଦେଇ ॥
ସତ୍ୟଯୁଗର ଧ୍ୟାନ ଫଳ । ତ୍ରେତାରେ ଯଜ୍ଞାଦି ସକଳ ॥
ଦ୍ୱାପରେ ହରି ପୂଜା ଦାନ । କଳିଯୁଗେ ନାମ କୀର୍ତ୍ତନ ॥

## ଅଷ୍ଟମ ସ୍କନ୍ଧ

ଯେ ହରି ସଂସାର କାରଣ । ତା ପାଦେ ପଶିଲି ଶରଣ ॥
ରଖୁ ନ ରଖୁ ସେ ଜାଣଇ । ତା ବିନା ଅନ୍ୟ ଗତି ନାହିଁ ॥
ମୁଁ ଯାକୁ ଅନୁଗ୍ରହ କରେ । ସର୍ବ ସମ୍ପଦ ବେଗେ ହରେ ॥
ବିଷ୍ଣୁ ମହିମା କେ କହିବ । ଯାହା ନ ଜାଣେ ବ୍ରହ୍ମା ଶିବ ॥
ଭୂମିରେ ରେଣୁ ଅଛି ଯେତେ । ଆକାଶେ ନକ୍ଷତ୍ର ସହିତେ ॥
ମେଘ ବରଷା ଯେତେ ଧାର । ଯେ ବିନ୍ଦୁ ପ୍ରକାଶେ ବିହାର ॥
ଏହା ଗଣିତ ଅତିରେକେ । ଜଗତେ ଅଛନ୍ତି ବା ଥୋକେ ॥
ହରି ମହିମା ସଂଖ୍ୟାକାରୀ । ନାହିଁ ସଂସାରେ ଦେହ ଧରି ॥
ସେ ହରି ଚରଣେ ସରୋଜେ । ବ୍ରାହ୍ମଣ ଜଗନ୍ନାଥ ଭଜେ ॥

## ଦଶମ ସ୍କନ୍ଧ

ଦେଖ ମରଣ କାଳ ମୋର । ପ୍ରତ୍ୟେକ୍ଷେ ତେଜିଲି ଆହାର ॥
ହରି ଚରିତ ସୁଧାବାରି । ତୋର ବଦନୁ ପାନ କରି ॥
ଜଗତ ସଂହାରିଣୀ କ୍ଷୁଧା । ସେ ମୋତେ ନ କରଇ ବାଧା ॥
ଏହାଙ୍କ ସଙ୍ଗେ ଯାର ଭାବ । ସେ ଘୋର ସଂସାରୁ ତରିବ ॥
ଏ ଦେହ ଅଟଇ କାହାର । ମାତା ପିତା ବା ବନ୍ଧୁଙ୍କର ॥
ଅଥବା ବଳ ଅଛି ଯାର । ତାହାର ଏଥେ ଅଧିକାରେ ॥
ନିଜର ନୁହେଁ ଏହି ଦେହ । ବୁଝିବା ଅଟଇ ସନ୍ଦେହ ॥
ଜନ୍ମ ଅବ୍ୟକ୍ତ ବସ୍ତୁରୁହିଁ । ଲୋପ ହୁଅଇ ପୁଣି ତହିଁ ॥
ସୃଷ୍ଟି ପାଳିଣ କରୁ ଅନ୍ତ । ତୁ କାଳ ରୂପୀ ଗୋପୀନାଥ ॥
ଭୋ ନାଥ କମଳ ଲୋଚନ । ଅଶେଷ ପାପ ବିମୋଚନ ॥
ତୋହର ଆଦି ଅନ୍ତ ନାହିଁ । ପ୍ରକୃତି ତୋତେ ନ ଜାଣଇ ॥
ଏମନ୍ତ ବୋଲୁ କାହିଁ ପାଇଁ । ତୋ ତହୁଁ ଅନ୍ୟ ଗତି ନାହିଁ ॥
ଆମ୍ଭେ ଛାଡିଲୁ ମୋହ ଫାଶୀ । ତୋହର ପାଦ ତଳେ ଆସି ॥
ତୋହର ରରଣ ତୁଳସୀ । କବରୀ ଭାରେ ଥିବୁ ଖୋସି ॥

ଇଷ୍ଟ କୁଟୁମ୍ବେ କାର୍ଯ୍ୟ ନାହିଁ । ବଞ୍ଚିବୁ ତୋ ମୁଖ ଅନାଇ ॥
ଯେ ପ୍ରାଣ ନିଜ କର୍ମ ଛାଡି । ଅନ୍ୟ ଜୀବିକା କରେ ଲୋଡି ॥
ଦୁର୍ଗତି ପଥ ଆବୋରନ୍ତି । ଯେସନେ ବିଟପୀ ଯୁବତୀ ॥
ଇନ୍ଦ୍ର ଯେ ତପେ ବଡ ପଣ । ଜଗତ ବିଷ୍ଣୁର ଭିଆଣ ॥
ତୋର ଶରଣ ଅନ୍ୟ ନାହିଁ । ରଖ ଗୋକୁଳ ଭାବଗ୍ରାହୀ ॥
ଇନ୍ଦ୍ରର ହୋଇଲୁ ବଇରୀ । ବୁଡିଲା ଗୋପପୁର ଶିରୀ ॥
ସକଳେ ହୋଇଲୁ ନିରାଶ । ଛାଡିଲୁ ଜୀବନର ଆଶ ॥
ଗୋପର ଦେଖିଣ ବିକଳ । ହସି କହନ୍ତି ଆଦିମୂଳ ॥
ଏ ଅପରତୁ ବରଷଣ । ପ୍ରଚଣ୍ଡ ପବନ ପାଷାଣ ॥
ବରଷା ଋତୁ ଏ ନୁହଁଇ । ଇନ୍ଦ୍ର ବରଷେ କୋପବହି ॥
ବାସବ ମୋତେ ନ ଜାଣଇ । ମନୁଷ୍ୟ ପ୍ରାୟ ସେ ମଣଇ ॥
ମୋହର ଜୀବନ ଗୋକୁଳ । ଏହାଙ୍କୁ କରଇ ବିକଳ ॥
ଏହାର ଗର୍ବ ଆଜି ନାଶି । ପୁଣି ସ୍ଥାପିବି ମୁଁ ଆଶ୍ୱାସି ॥
ଗର୍ବ ଗଞ୍ଜନ ବାନା ମୋର । ଦୁଷ୍ଟ ଦଳେନ ଅବତାର ॥
ମୋର ସମ୍ପଦ ଗୋପପୁରୀ । ମୁହିଁ ଯେ ଗୋପପୁର ଶିର୍ ॥
ହେ ତାତ ମାତ ଗୋପବାଳେ । ବହନ ପଶ ଗିରି ତଳେ ॥
ଗୋରୁ ଗୋପାଳ ଆଦି କରି । ସର୍ବ ସମ୍ପଦ ନରନାରୀ ॥
ସମସ୍ତେ ଘେନି ତୁମ୍ଭେ ପଶ । ମନେ ନ କରି କିଛି ତ୍ରାସ ॥
ତୁମ୍ଭେ ଯେ ମୋହର ବିଶ୍ୱାସ । ହସି କହନ୍ତି ପୀତବାସ ॥
ଶୁଣ ପରୀକ୍ଷ ନରନାଥ । କୃଷ୍ଣ ଚରିତ ଭାଗବତ ॥
ଗୋବିନ୍ଦ ବିଚାରନ୍ତି ମନେ । ଆଜ ରମିବା ବୃନ୍ଦାବନେ ॥
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପ କରି ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ହଜି ଯାଇଥିବା ଈଶ୍ୱର

[ଏକ ପ୍ରତୀକଧର୍ମୀ ନାଟକ]



ଡକ୍ଟର କଶୋର ମହାନ୍ତ

ଭୂମିକାରେ.....

ପ୍ରବୀଣାନନ୍ଦଜୀ - ସାଧୁ

ନିର୍କାର - ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ - ଯୁବକ

ବିପ୍ଳବ - ଯୁବକ

ବୃଦ୍ଧା - ମା

ନାରୀ - ଯୁବତୀ

(ମଂଚରେ ଆଲୋକ ଆସିଲା ପରେ ଦେଖାହେଲା - ଜଣେ ବ୍ୟକ୍ତି ଦୂରରେ କଣ ଖୋଜି ଚାଲିଛନ୍ତି - ସେତିକିବେଳେ "କୋଇଲି କେଶବ ଯେ ମଥୁରାକୁ ଗଲା" ଗୀତଟି ପ୍ରତିଧ୍ୱନିତ ହେଉଥିବ - ଏବଂ କିଛି ଆଳାପ ଶୁଭୁଥିବ - ସୀତାରରେ ଧୁନ)

ନିରାକାର - ଦେଖିଲେ ଦେଖିଲେ - ଏ ତ ପ୍ରବୀଣାନନ୍ଦ ଜୀ ।

ନାରୀ - ହଁ ତ ତାଙ୍କରି ପରି ଜଣା ଯାଉଛନ୍ତି

ନିରାକାର - ସେ କଣ ଖୋଜିବାରେ ଲାଗିପଡିଛନ୍ତି ।

ନାରୀ - ସୁନା ରୁପା ଅସରିପି କାଳେ ମିଳିଯାଇପାରେ ।

ନିରାକାର - ନା ସେ ଏସବୁକୁ ତୁଚ୍ଛ ମଣନ୍ତି । ତାଙ୍କର ଆଦୌ କାମନା, ବାସନା, ଲୋଭ ମୋହ କିଛି ନାହିଁ । ସେ କାହିଁକି ସେ ମାୟାରେ ପଡିବେ !

ନାରୀ - ନା ଆପଣ ଜାଣି ନାହାଁନ୍ତି, ମଣିଷର ବିଚିତ୍ର ମନ । କେତେବେଳେ ବଦଳି ବସିଯିବ କେହି ଭାବିପାରିବେ ନାହିଁ ।

ନିରାକାର -ମୁଁ ତାଙ୍କ ସହ ଯେତିକି ମିଶିଛି ସେ ଆମ ତୁମ ଭଳି ନୁହଁନ୍ତି । ତାଙ୍କର ସ୍ଥାନ ଖୁବ୍ ଉଚ୍ଚରେ । ତାଙ୍କ ଭଳି ଯୋଗୀ ସାଧୁ ପୁରୁଷ ଏଠି ମିଳିବା ଏତେ ସହଜ ନୁହେଁ ।

ନାରୀ - ହୋଇପାରେ, ନରକଥା ନାରାୟଣଙ୍କୁ ଅଗୋଚର । ତାହାହେଲେ ସାଧୁ ନିଜେ ସମାଧି ନେବେ ।

ନିରାକାର - ସେ କଥା ତ ସାଧୁବାବା ଆମ ସହ ପରାମର୍ଶ କରିଥାନ୍ତେ । ଆମେ କଣ ତାଙ୍କର ଏତେ ପର ହୋଇଗଲୁ । ଏତେ ଉପଦେଶ ଦେଲେ.... ଅଥଚ.... କିନ୍ତୁ ମୁଁ ଭଲ ଭାବରେ ଜାଣେ - ତାଙ୍କର ପ୍ରତିଟି କଥା, ମଣିଷକୁ ସତ ପଥରେ ଯିବା ପାଇଁ ସମସ୍ତଙ୍କୁ କହିଛନ୍ତି । ସେ କହନ୍ତି-ଭକ୍ତି ବିନା ଶକ୍ତି ନାହିଁ । ଆପଣଙ୍କ କହିବା ଅନୁସାରେ ସିଏ ଯଦି ସମାଧି ନେବେ, ଆମେ ରହିବା କାହିଁକି । ଆମମାନଙ୍କ ଦ୍ୱାରା କି ପ୍ରକାର ଅଶେଷ କାର୍ଯ୍ୟ ସାଧନ ହୋଇପାରିବ କହିଲେ?

ନାରୀ - ପୃଥିବୀକୁ ନୂଆ କରି ଦେଖିବାର ସ୍ୱପ୍ନ ଆମର ଏମିତି ଅଧୁରା ହୋଇ ରହିଯିବ ତାହାହେଲେ ।

ବିପ୍ଲବ + ବିସ୍ମୟ - (ପ୍ରବେଶି) କୁଆଡେ ଗଲେ? କୁଆଡେ ଗଲେ ପ୍ରବୀଣାନନ୍ଦଜୀ? କାହିଁ କେଉଁଠାରେ ??

ନିରାକାର - (ମୁହଁରେ ହାତ ଦେଇ "ଚୁପ୍" କରିବା ଭଙ୍ଗୀରେ) ଏ ଦେଖନ୍ତୁ ପ୍ରବୀଣାନନ୍ଦଜୀ କେମିତି ଅନବରତ ଭାବେ ଖୋଳି ଚାଲିଛନ୍ତି ମାଟିକୁ !

ବିପ୍ଳବ – ସେଥିରୁ କଣ ପାଇବେ !

ବିସ୍ମୟ – ଆରେ ଦେଖତ – ତାଙ୍କ ଆଡକୁ ଚାହିଁ, ସେ କିପରି ଭାବବିହ୍ୱଳ ହୋଇଯାଉଛନ୍ତି ।

ନିରାକାର – ମୁଁ ଯାଉଚି ତାଙ୍କ ପାଖକୁ ।

ନାରୀ – ନା ଆପଣ ସେଠାକୁ ଯାଆନ୍ତୁନି, ତାଙ୍କ କାର୍ଯ୍ୟରେ ଆମେ କାହିଁକି ବାଧା ଦେବା ! ଆମେ କେବଳ ସାଧାରଣ ଦର୍ଶକ ଖାଲି ସହଯୋଗୀ ତାଙ୍କର । ସେ ଯାହା ଆଦେଶ ଦେବେ, ତାକୁ ହିଁ ମାନିନେଇ ଆମେମାନେ କାମ କରିବା ।

ନିରାକାର – ନା, ନା, ମୁଁ ଯିବି । ମୁଁ ଯିବି ତାଙ୍କ ପାଖକୁ (ଯିବାକୁ ଉଦ୍ୟତ ହେବା ସମୟରେ ଓଁକାର ଧ୍ୱନି ଉଚ୍ଚାରିତ ହେଲା)

ପ୍ରବୀଣାନନ୍ଦଜୀ – (ନଇଁପଡି ଅତି ସନ୍ତର୍ପଣରେ ଗୋଟିଏ ବାକ୍ସ ଧରି ଉପରକୁ ଉଠିଲେ । ଉଜ୍ଜ୍ୱଳ ଆଲୋକ ସେଇ ବାକ୍ସ ଉପରେ ଖେଳିଗଲା = ଓଁକାର ଧ୍ୱନି ସହ ବେଦ ଉଚ୍ଚାରିତ ହେଲା) (ଖୁସିରେ) ମୁଁ ପାଇଯାଇଛି, ମୁଁ ପାଇ ଯାଇଛି ।

ନିରାକାର – କଣ ପାଇଛନ୍ତି!

ପ୍ରବୀଣାନନ୍ଦ – ସେଦିନ ମୁଁ ଯାହା ସ୍ୱପ୍ନ ଦେଖିଥିଲି ।

ନାରୀ – ଆପଣଙ୍କ ସ୍ୱପ୍ନ ସତରେ ସଫଳ ହେଲା ମହାଭାଗ ।

ବିସ୍ମୟ – ତାହାହେଲେ ଆମେମାନେ କଣ କରିବା ?

ବିପ୍ଳବ – କୁହନ୍ତୁ ସାଧୁ ମହାଶୟ – ଆମକୁ ବାଟ ବତେଇ ଦିଅନ୍ତୁ । ଆମେ ଏବେ କଣ କରିବୁ ?

ପ୍ରବୀଣାନନ୍ଦ – ଥୟଧର । ଆମେ ଏବେ ଏକ ନୂଆ ପୃଥିବୀ ଗଢ଼ିବା – ହୀରା ନୀଳା ମୋତି ମାଣିକ୍ୟର ବିଶ୍ୱ । ସ୍ୱର୍ଣ୍ଣ ଖଚିତ ସିଂହାସନରେ ମୋ ପ୍ରଭୁ ବିଜେ ହେବେ । ମୁଁ ତାଙ୍କର ପାଦସେବା କରିବି !

ନାରୀ – ମହାଭାଗ, ଭୋଗବାଦୀ ମଣିଷ ଆମେ... ଆମ ଆଖିରୁ ଏବେ ଅନ୍ଧପୁଟୁଳି ଖୋଲି ଦିଅ ଆମେ ଟିକିଏ ଆଲୋକ ପାଉ । ନିଜକୁ ଭଲଭାବରେ ଦେଖୁ ସତରେ ଆମେ କିଏ ? ଆମର ସ୍ଥିତି କଣ ?

ପ୍ରବୀଣ – ଦେଖିବ ଦେଖିବ ଆସ ଥରେ, ଦେଖିନିଅ ଆଖି ପୁରାଇ । ଏଇବାଟ ତ ଆନନ୍ଦ ନଗରକୁ – ତୁମେମାନେ ସମସ୍ତେ ସଚ୍ଚିଦାନନ୍ଦଙ୍କର ଲାବଣ୍ୟମୟ ରୂପକାନ୍ତିରେ ଆହ୍ଲାଦିତ ହୋଇଯିବ ।

(ସେ ଆସ୍ତେ ଆସ୍ତେ ପେଟିକାକୁ ଖୋଲିବାର ଅଭିନୟ ସହ ଅତି ସନ୍ତର୍ପଣରେ କୌଣସି ଏକ ବସ୍ତୁକୁ ଉଠାଇ ଆଣିବା ଭଙ୍ଗୀରେ) (ଅଳ୍ପହସି) ଦେଖ, ଦେଖ ପାଖକୁ ଆସି ଦେଖ, କି ଅପରୂପ ଲାବଣ୍ୟ, କିଶୋଭାଶ୍ରୀ !

କ୍ରମଶଃ........

ସି.ଡି.ଏ, କଟକ

# ଆହେ ମହାବାହୁ




ଲଲ୍ଟେନ୍ଦୁ ବାରିକ

ବିଚିତ୍ର ସୃଷ୍ଟି ର କରତା ଅଟ ହେ
ମହାବାହୁ ଅଟେ ତୁମ ନାମ
ପାପ ପୂଣ୍ୟର ନିତି ହିସାବ କରୁଛ
ରତ୍ନ ସିଂହାସନେ ସୁଖେ ବସି
ଲୀଳା ଖେଳା ତୁମେ ସୃଷ୍ଟିରେ କରୁଛ
ଭକତ କୁ ନଥାଏ ଅଛପା
ନାନା ଯନ୍ତ୍ରଣା ରୁ ମୁକତି ପାଇଁ ସେ
ଡାକୁଛି ଦୁଇ ହାତ କୁ ଟେକି
ଦୟାର ସାଗର ଅଟ ଭାବ ଗ୍ରାହୀ
ମନ ପ୍ରାଣ କଥା ତୁମେ ଜାଣ
ଦାନ ଧର୍ମ କର୍ମେ ଭକତ ଜପଇ
ତୁମ ନାମ ଗୁଣ ରାତି ଦିନ
ମିଛ ଏ ସଂସାରେ ତୁମ ନାମ ସତ
ପାପ ପଙ୍କ ରୁ ଉଧା ର ଲାଗି
ଜନମ ମରଣ ତୁମେ ହିଁ କରୁଛ
ଦିଅ ସୁଖ ଦୁଃଖ ଭାବ ବାଣ୍ଟି
ଧନୀ କି ଗରିବ ନ ରଖି ବିଚାର
ଶୁଣ ସଭିଙ୍କ ର ହୃଦ ଡାକ

ସୃଷ୍ଟି ର ଆଦ୍ୟ ରୁ ଜଗତ ବୋଲାଏ
ଜଗବନ୍ଧୁ ନାମ ଦେଇ
ସଂସାର ସାଗରର ନାବିକ ଅଟ
ସୁ ମଧ୍ୟେ କର ହେ ପାରି
କର୍ମ ମଧ୍ୟେ ଭକତ ନିତି ଜପୁଛି
ବୈକୁଣ୍ଠେ ଦିବ୍ୟ ଦର୍ଶନ ଲାଗି

ବାସୁଦେବପୁର, ଭଦ୍ରକ

# ଫୁଲ ତ କହୁଛି



ଅଜିତ ପାଢ଼ି

ଫୁଲ" ଟି ଫୁଟିଛି ସୁଗନ୍ଧିତ ହୋଇ
ଫୁଲ" ଟି କେଉଁ ହୃଦୟ ରେ
କରୁଅଛି ଅନାବିଳ ପ୍ରେମ !
ଭାବି ନିଏଁ ଫୁଲ,"ସେହି
କେଉଁ ହୃଦୟରେ ଢ଼ାଳି ଦେବି
ହୃଦୟ ର ଟିପ ଚିହ୍ନ ?

ସହିଦ୍ ର ଶବାଧାର ଯେଉଁଠି
ଢ଼ାଳି ଦେବି ମୋ ଫୁଲ କୁ
ବାସିଯିବ ସୁଗନ୍ଧିତ "ସହିଦ୍"ର
ବାସନା ।
କାହା ଭାଗ୍ୟ ରେ ଭାଗ୍ୟ ଡୋରୀ
ସ୍ୱତନ୍ତ୍ର" ଲଢେଇ ର ସହିଦ୍ ସିଏ
ବୁଣି ଦେବି ମୋ ଫୁଲ ର ବାସ୍ନା ।

ଆସିବ ସେହି ଭ୍ରମର
ଗୁଞ୍ଜନ ଗୁଞ୍ଜିତ କୁମାର
ସ୍ୱତନ୍ତ୍ର ଅଟେ ସେହି ଭ୍ରମର
ବକ୍ଷ ରେ ବ କ୍ଷ୍ୟାଜ ମିଶାଇ
ବୁଣି ଦେବି ମୋ ହୃଦୟ ର ବାସ୍ନା ।

ମୁଁ ଗର୍ବିତ ନୁହେଁ କେବେ ସୁଶୋଭିତ
ହେବାକୁ ସତେ !
ନା ଈଶ୍ୱର,! ନା ଦେବଦୂତ
ନା ସମ୍ରାଟ ଙ୍କ ନୁହେଁ କେବେ
ସୁଶୋଭିତ ନାହିଁ କେବେ ଇଚ୍ଛା
"ମୋର"
ମୁଁ ତ ସେହି ଫୁଲ
ଦେଇଦେବି ଆକୁଣ୍ଠିତ ପ୍ରେମ
ଶହୀଦଙ୍କ ଶବାଧାରେ ବୁଣିଦେବି
ରହିଯିବ ମୋ ର ଟିପ ଚିହ୍ନ ।

ଘାସିର୍‌ାମ ମାଝୀ ହାଇସ୍କୁଲ,
ନୂଆଗାଁ

# ତୁମରି
# ଚରଣ ପଥେ



ବର୍ଷାରାଣୀ ଭଟାଗୁରିଆ

ନୀଳ ଆକାଶର ନୀଳିମା ସଦୃଶ
ନୀଳଚକ୍ର ନେତ କରୁଛି ଆଭାସ
ମଧୁର ଝଙ୍କାର ସ୍ୱର ଗଗନ ଗୁଞ୍ଜନ
ସ୍ନେହ ପ୍ରେମରେ ଭରା ଭକତର ମନ
ଜୀବନ ଜଞ୍ଜାଳ ତଥାପି ସପନ
କୃପାର ବରଷା ହେଉ ପ୍ରଭୁରଞ୍ଜନ ।

ସ୍ୱପ୍ନ ଆକାଶର ଜହ୍ନ ନୁହେଁ
ସ୍ୱପ୍ନ ବରଷାର ଜଳଧାରା
ସବୁଜ କ୍ଷେତରେ ସବୁଜିମା ହେଲେ
ହସିବ ମୋ ବସୁନ୍ଧରା ।

ଭାବରେ ବନ୍ଧା ଏ ନିରୋଳା ମନ
ଗାଇଯାଏ ନିତି ଅଜଣା ଗାନ
ବିଶ୍ୱାସ ଭରା ଦୁନିଆ ପାଇଁ
ତୁମକୁ ମୋର ଅନେକ ନିବେଦନ ।

ସବୁରି ଆଖିରେ ବିଶ୍ୱାସ ଖୋଜିଲି
ପାଇଲି ତୋ ଚକା ଆଖି
ସବୁରି ମନରେ ମନ ଟେ ଖୋଜିଲି
ପାଇଲି ତୋ ମନ ମୋ ମନକୁ ଲାଖି ।

ସତ୍ୟ, ଧର୍ମ ଓ ଶାନ୍ତିର ପଥେ
କଟିଯାଉ ଏ ଦିନ ପ୍ରଗତିର ପଥେ
ଦୁଃଖକୁ ଦୁସ୍ୱପ୍ନ ସୁଖକୁ ସପନ
ପାହିଯାଉ ଏ ରାତି ତୁମରି ଚରଣ ପଥେ ।

ମଧପୁର, ବେଲପଡ଼ା,
ଜିଲ୍ଲା– ବଲାଙ୍ଗୀର

# ତିନି ପାଦର ପୃଥିବୀ



ଅଧ୍ୟାପକ ଅଶୋକ ମହାରଣା

ସମ୍ବିତ.....ଅଫିସରୁ ଫେରି କୁଣ୍ଢେଇ ପକାଇଲା ଅଲ୍ପନାକୁ.....ବୋକ ପରେ ବୋକ ଦେଇଗ୍ଲିଲା । ଏତେ ଖୁସିର କାରଣ ବୁଝିବାକୁ ଡେରି ହୋଇନଥିଲା ଅଲ୍ପନାକୁ.... ।

-ଜାଣିଛି ଅଲ୍ପନା ତୁମେ ମାଆ ହୋବାକୁ ଯାଉଛ!

-ମାଆ....ଧାରଧାର ହୋଇ ବହିଯାଉଛି ଲୁହ....କାନ୍ଦୁଛି ଅଲ୍ପନା । ସମ୍ବିତ ଆଖିରୁ ବି ଝରୁଛି ଲୁହ.... ।

ଏମିତି ପରସ୍ପର ବାହୁରେ ଦି ଜଣ....ନା ଅଛି ଶବ୍ଦ ନା କଥା କେବଳ ନଶବ୍ଦର ପାଦଧ୍ୱନ । ଲୁହ ଆଉ ଲୁହ । ଲୁହ କହୁଛି କଥା... ।

-ଅଲ୍ପନା ମୁହଁ ଖୋଲିଲା ....ଏତେ ଖୁସିରେ ତୁମେ କାନ୍ଦୁଛ ସମ୍ବିତ । ଏତକ କହିବା ବେଳକୁ ତା କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା ।

-ଆଉ ତୁମେ.... ।

- ନା ତ... ଏ ଲୁହ ତ ଖୁସିର ଲୁହ ।

ଫ୍ରିଜରେ ଥିବା ଟିକେ ଦହି ଆଣି ସେଥିରେ ଚନ ମିଶାଇ ସମ୍ବିତକୁ ଦେଲା ଅଲ୍ପନା...ମୁହଁ ମିଠା କରିବାକୁ । ସମ୍ବିତ ନଜେ ପାଟିରେ ନେଉନେଉ ଅଲ୍ପନାର ମୁହଁ ବି ମିଠା କରିଦେଲା।

ପରଦିନ ସକାଳୁ ଜଗତର ନାଥ ଜଗନ୍ନାଥଙ୍କୁ ଭୋଗ ଲଗାଇ ...ପ୍ରଣାମ କଲ୍ । ମାତୃତ୍ୱର ନୂତନ ଶିହରଣ ଅନୁଭବ କରିବାକୁ ଆରମ୍ଭ କଲ୍ ଅଲ୍ପନା । ନିଜ ଭିତରେ ନୂତନ ସୃଷ୍ଟିର ଅଧ୍ୟମାରମ୍ଭ... ।

ଦିର୍ଘ ବାର ବର୍ଷର ଅପେକ୍ଷା!

ଅପେକ୍ଷା ନୁହେଁ ତ...ପ୍ରତି ମୁହୁର୍ତରେ ଆକ୍ୱାରିଅମର ମାଛ ଭଳି ଛଟପଟ ହେଉଥିଲ୍ ସେ...। ପ୍ରତିଦିନ....ନିଜକୁ ସମ୍ବିତ ନିକଟରେ ସମର୍ପିତ କରିବା ବେଳେ ଗୋଟିଏ ମାତ୍ର ସ୍ୱପ୍ନ ଏଥର ନିଶ୍ଚିତ....କିନ୍ତୁ ନା.... ।

ବାରମ୍ବାର ବିଫଳତା....ବାରମ୍ବାର ପ୍ରଚେଷ୍ଟା । ପ୍ରତିଦିନ  ନୂଆ ସୃଷ୍ଟିର ସମ୍ଭାବନାରେ ନିଜକୁ ସମର୍ପି ଦେବାବେଳେ ସମ୍ବିତକୁ କହୁଥିଲ୍ ।

-ସମ୍ବିତ ! କେବେ ଆଉ....ଫୁଲ ଫୁଟିବ.... ନା ଫୁଲ ବିନା ଗଛଟା... ।

-ଇଶ୍ୱରଙ୍କ ଇଛା ବିନା କଣ ପତ୍ର ହଲେ କି....କହୁଥିଲ୍ ସମ୍ବିତ ।

ଯେତିକି ବିଳମ୍ବ ହେଉଥିଲ୍ ସେତିକି ଯନ୍ତ୍ରଣା ବଢୁଥିଲ୍ । ଏ ଶରୀର ଉପରେ ଦୟା ଆସୁଥିଲ୍ ଅଲ୍ପନାର.... । ଶାଶୁ କହୁଥିଲେ ଊଷର ମାଟିରେ କଣ ସୁନା ଫଳେ କି? ଏଇ କଥା ପଦକ ଶୁଣିଲେ.... ଛିନ୍ନଭିନ୍ନ ହୋଇଯାଏ ଅଲ୍ପନାର ହୃଦୟ...ଭାଙ୍ଗିପଡେ ସ୍ୱପ୍ନର ତାଜ.... ସେ କଣ ଜାଣି ଜାଣି ମାଆ ହେବାର ମୋହକୁ ନିଜ ଭିତରେ ମାରି ଦେଉଛି... ସେ କଣ ମାତୃତ୍ୱର ସମ୍ଭାଷଣ ଗ୍ରହୁଁନି... ।

କିଏ ଊଷର...ସମ୍ବିତ ନା ସେ.... ।

ଡାକ୍ତର...ଜ୍ୟୋତିଷ....ସମସ୍ତେ କହିଲେ ସବୁଠିକ୍... । ତେବେ ଫୁଲ ଫୁଟିବାର ଅସୁବିଧା କେଉଁଠି? ଦିଅଁଙ୍କ ନିକଟରେ  ଯାଚନା...ପ୍ରାର୍ଥନା.. । ଶୋଇବା ଘର କାନ୍ଥରେ ଟଙ୍ଗା ହୋଇଛି...ଛୋଟଛୋଟ ପିଲ୍ଙ୍କ ଫଟୋ...ହସୁଛି ପିଲାଟା ଯେମିତି ଅଲ୍ପନାକୁ ଚଡେଇ ଚଡେଇ...ପାପା ଦେଉଛି ତା ଭଉଣୀକୁ । ଏଗୁଡା ଘରେ ରଖି ଦେଖିଲେ କୁଆଡେ... ।

କିନ୍ତୁ ନା... ବିଫଳ !

ସମ୍ବିତ କୁହନ୍ତ....ଭଙ୍ଗିପଡିଲେ କଣ ହେବ ! ଯାହା ଭଗବାନଙ୍କ ଇଛା ।

ବାରବର୍ଷ ପରେ ଊଷର ମାଟିରେ ସୁନାର ଫସଲ ଉତ୍ପନ୍ନ ହେବ । ଡାକ୍ତର ପରାମର୍ଶ ପରେ ସବୁପ୍ରକାର କଟକଣା । ଖାଦ୍ୟ ପେୟ...ଗ୍ଲଲି ଚଳଣ...ସବୁକଛି ।

ଘର କାମ ପାଇଁ ଶାଶୁ ଆସିଲେ ଗାଁରୁ.. ।ଏ ବେ ସମସ୍ତଙ୍କ ମୁହଁରେ ହସ । ଏମିତି ହଠାତ ଦିନ ରାତିରେ ...ଅଲ୍ପନାର ପେଟରେ କାହାର ପାଦଶବ୍ଦ....ଅଲ୍ପନା ଅନୁଭବ କଲା...ପେଟ ଭିତରେ କଏ ଗୋଇଠା ମାରିବା ଭଳ ଅନୁଭବ ହେଲା ।

-ଏ ସମ୍ବିତ...ଶୁଣୁଛ...କଏ ଗୋଟେ ପେଟକୁ ଗୋଇଠା ମାରୁଛି ।

-ସମ୍ବିତ ହସିଲେ.... ନଜ ହାତକୁ ଅଲ୍ପନାର ପେଟ ଉପରେ ରଖି ଅନୁଭବ କଲେ ଆଗନ୍ତୁକର ପାଦଶବ୍ଦକୁ... ଆଉ ଅଲ୍ପନାର ହାତଟାକୁ ବି ରଖି କହିଲେ ସେ ପରା....ତୁମରି ରକ୍ତ ।

କହୁଛି ...ଏ ମାଆ... ଏ ମାଆ...ମୁଁ ଆସିଗଲି ଆଉ ଦୁଃଖ କଣ ପାଇଁ...କହିଲେ ସମ୍ବିତ ।
-ସେ କଣ ତୁମର ନୁହେଁ କ ?

ଅଲ୍ପନା ଆଖିରେ ଲୁହ...ଖୁସିର । ସମ୍ବିତ ଲୁହଗୁଡା ପୋଛିଦେଉ ଦେଇ କହିଲେ ଛି...ଆଉ ପୁଣି କଣ... ଏମିତି କାନ୍ଦିଲେ ତା ପ୍ରଭାବ ତୁତୁମ ପିଲା ଉପରେ ପଡିବ । ଶୋଇପଡ...ଏଇତ ଆରମ୍ଭ ମାତ୍ର ।

ଅଲ୍ପନାର ଗର୍ଭରେ...ପିଲାଟା ଖେଳୁଛି.....ବୁଲୁଛି । ଗୋଇଠା ମାରି ଜଣେଇ ଦେଉଛି ତାର ଉପସ୍ଥିତି ଆଉ ଜାହିର କରୁଛି ତାର ଅଧିକାର କୁ... ଏ ମାଆ ମୋର... ଏ ମାଆ ମୋର ।

କେବଳ ଆଲୋକର ଅପେକ୍ଷାରେ ସମସ୍ତେ..... ।

ଦିନେ ଗୋଇଠା ମାଡ ନଖାଇଲେ....ଅଲ୍ପନା ବିଚଳତ ହୋଇପଡୁଥିଲା...ସମ୍ବିତକୁ ବାରମ୍ବାର ଫୋନ କରୁଥିଲା । ଡାକ୍ତରଙ୍କୁ ପଗ୍ଲରେ... ଏ ଗୋଇଠା ହିଁ ଦିବ୍ୟଶକ୍ତିର ଅନୁଭବ । ଦଶମାସ ଦଶ ଦିନର ଅପେକ୍ଷା...ସନ୍ତାନଟି ଆଲୋକ ଦେଖିବାକୁ ଆତ୍ମବିହ୍ୱଳ...ବ୍ୟଗ୍ର...ଉତ୍କଣ୍ଠିତ । ଆଉ ଅଲ୍ପନା...କୁଆଁ କୁଆଁ ଶବ୍ଦରେ...ବାର ବର୍ଷର କଳଙ୍କକୁ ଲିଭାଇବାର ଜିଜ୍ଞାସା । ଦେହ, ମନ, ପ୍ରାଣକୁ ପବିତ୍ର କରିବାର ମାନସିକତା ।

ଦିନେ ଆରମ୍ଭ ହୁଏ ଗର୍ଭ ଯନ୍ତ୍ରଣା… । ନର୍ସିଂ ହୋମରେ ଡାକ୍ତର କୁହନ୍ତୁ ସିଜରିଆନ ହେବ ।

ଅପେକ୍ଷା ନାହିଁ….ଅପରେସନ ବେଡରେ ଅଲ୍ପନା… ।

ବାହାରେ ସମ୍ବିତ…ଭିତରେ ଜୀବନ…ବାହାରେ ଯନ୍ତ୍ରଣା…ଭିତରେ ନୂତନ ସମ୍ଭାବନା । ଅଲ୍ପନା ସବୁ ଦେଖୁଥିଲା । ଡାକ୍ତର ପେଟକୁ କାଟି ଛୁଆଟାକୁ ବାହାର କରିଆଣିଲେ ପେଟ ଭିତରୁ… ଦି ଗୋଡ ଧରି ଝୁଲେଇ ଦେଲେ…ଛୁଆଟା ପିଠିରେ ଥାପୁଡେଇ ଦେଲେ । ବାସ କୁଆଁ କୁଆଁ ଶବ୍ଦରେ ଅପରେସନ ଥିଏଟରଟା ଚହଲି ଉଠିଲା ।

ନର୍ସ କହିଲା ପୁଅ…. ହୋଇଛି…ପୁଅ ।

ପିଲାଟାକୁ କନାରେ ପୋଛିଦେଇ ଅଲ୍ପନାର ଛାତିଉପରେ ଶୋଇଦେଲେ ଡାକ୍ତର । ଛୁଆଟା କାନ୍ଦିବ କଣ ପାଦ ଦିଟା ହଲେଇ ଅଲ୍ପନାର ଛାତିକୁ ଗୋଇଠା ମାରିବାରେ ବ୍ୟସ୍ତ ।

କିଛି ସମୟ ପରେ ଓଟିରୁ କେବିନକୁ ଆସିଲା…ସମ୍ବିତ ମୁହଁରେ ହସ…ଶାଶୁ ବି…ମୁଣ୍ଡକୁ ଥାପୁଡେଇ ଦେଲେ ସ୍ନେହରେ ସମ୍ବିତ । ଏତେ ଦିନ ପରେ ଗଛରେ ଫୁଟିଛି ଫୁଲ…ଊଷର ମାଟିରେ ସୁନାର ଫସଲ ଦୋଳ ଖେଳୁଛି । କି ଆନନ୍ଦ କୃଷକର…ପବନରେ ଖେଳୁଛି ଦୋଳ ।

ପୁଅକୁ ନର୍ସ ଅଲ୍ପନା ପାଖରେ ଛାଡି ଦେଇଗଲା । ଆଉ କିପରି ଅମୃତପାନ କରିବ ବତାଇଦେଲା । ବାସ… ଅଲ୍ପନା ସମ୍ବିତକୁ ତଡିଦେଲା ସେଠାରୁ…କହିଲା ତୁମେ ଏଠି କଣ କରୁଛ! ବାହାରକୁ ଯାଅ…. ।

ପୁଅଟା ମୁହଁରେ ଅମୃତ….ଅମୃତ ପାନର ଐଶ୍ୱରୀୟ ପୁଲକ ଏବେ ତା ସତାରେ…ଅନୁଭବ କେବଳ ମାତୃତ୍ୱ ହିଁ ଜାଣେ । ପୁଅଟା ଅମୃତ ପାନରେ ମଗ୍ନ….ଗୋଡ ଦିଟା ପିଟୁଛି…ପାଦ ଦିଟା ଅଲ୍ପନା ଦେହରେ ବାଜୁଛି… ଏ ଅନୁଭବ….???

ପୁଅ…. ।

ଅଜା ନାଁ ଦେଲେ ଗୁଡୁ..ଶାଶୁଦେଲେ ବିଶିକେସନ….ସମ୍ବିତ କହିଲେ ତୁମେ ନାଁ ଦିଅ….ଅଲ୍ପନା କହିଲେ ତା ନା ….ଅମ୍ରିତ୍ । ବାସ …ସେ ହେଲା ପ୍ରସାଦ କହିଲେ ଜେଜେ। ଗୁଲଗୁଲିଆ ଅମ୍ରିତ୍ ପୁରା ମାଆ ଭଳ….କୁହନ୍ତୁ ସମ୍ବିତ୍ । ଅଫିସ ଯିବା ପୂର୍ବରୁ ଆଉ ପରେ

ଗେଲ କରନ୍ତୁ । ଏମିତି ଦିନେ ଦୁଇହାତରେ ଟେକ ଧରିଲେ ତ ଅମ୍ରିତ ପାଦ ଦିଟା ବାପାଙ୍କ ମୁହଁରେ ଥୋଇଦେଲା ।ଏ ହେଉଛି ଦ୍ୱିତୀୟ ପାଦ । ସେମିତି ଛିଡା ହୋଇଛି....ଚରଚରକ ମୁତି ଦେଲା ଅମ୍ରିତ ବାପାଙ୍କ ମୁହଁରେ....ଅଧା ପରିଶ୍ରା ସମ୍ବିତଙ୍କ ପାଟିରେ...ସବୁଦେଖୁଥିବା ଅଲ୍ପନା ...ହସିବେ ନା....ଅମ୍ରିତକୁ ଧରିବେ....ତଳେ ବସାଇଦେଲେ ସମ୍ବିତ । କହିଲେ ତୁମ ପୁଅକୁ ଆଉ ଧରିବି ନାହିଁ ।

ଶେଷରେ ମୋ ମୁହଁ ଉପରେ ପାଦ ଆଉ ପାଟିରେ ମୁତ... ।

ବାପା ହେଇଛ...ବାପା...କହିଲା ଅଲ୍ପନା । ତଳୁ ଉଠାଇ ଅଲ୍ପନା ଅମ୍ରିତକୁ ଟେକ ଧରି କହିଲେ "ମୋ ପାପାଟା....ଧନ ଟା...ଗେହ୍ଲାଟା....ବାପାଙ୍କ ମୁହଁରେ କଣ ସୁସୁ କରନ୍ତୁ....କ ?'

ଶାଶୁ କହିଲେ....ଆଉ କଣ ତୁଛାକୁ ବାପା ।

କଛିଦିନ ପରେ ଭୂମୀରେ ପାଦଦେଇ ଗ୍ଭଲିବା ଆରମ୍ଭ କଲା ଅମ୍ରିତ । କେତେବେଳେ ମାଆ ହାତ ଧରି ତ କେତେବେଳେ ବାପାଙ୍କ ହାତକୁ ସାହାଯ୍ୟ କରି...ଗ୍ଭଲିବା ଶିଖିଗଲା ।

ୟା ଭିତରେ ପଗ୍ଭଶ ବର୍ଷ....ଅତିକ୍ରାନ୍ତ । ସମ୍ବିତ ଅବସର ପରେ ବାର୍ଦ୍ଧକ୍ୟରେ ଉପନୀତ । ଅଲ୍ପନାଙ୍କ ଅଂଟାରେ ଗ୍ଭଲିବାର ଶକ୍ତ ନାହିଁ । ଉଭୟ ବୟସର ଅପରାହ୍ନରେ .....କେବଳ ସୂର୍ଯ୍ୟାସ୍ତକୁ ଅପେକ୍ଷା... । ଏବେ ସବୁ ଅଛି...ପେନସନ ଟଙ୍କା ଆସୁଛି । କନ୍ତୁ ବୃଦ୍ଧ ବୟସରେ ସେବା କରିବାକୁ ଲୋକ ନାହାଁନ୍ତୁ । ଗୋଟିଏ ବୋଲି ପୁଅ ଅମ୍ରିତ...ସେ ସ୍ତ୍ରୀ ସହ ବାହାରେ... । ବୁଢାବୁଢୀ ଦିଟା ଘରେ...କେହି ମୁଠେ ରାନ୍ଧିଦେଲେ ପାଟିକୁ ଅନ୍ନ ଯାଉଛି । ଗୋଟେ ବିଧବା ମହିଳା ରହିଛି...ମାସକୁ ମାସ ଟଙ୍କା ନେଉଛି...କଛି କହିଲେ ରାଗ ଗରଗର । କହୁଛି ବୁଢାବୁଢୀ ଦିଟା କେମିତି ମରିବେ କେଜାଣି । ଯାହା ଘେଷେଇ କରୁଛି କୁକୁର ବି ଛୁଇଁବ ନାହିଁ । ଅମ୍ରିତକୁ କହିଲେ ସେ କହୁଛି ଛୁଟି ନାହିଁ.... । ବୋହୁ କୁ କହିଲେ ସେ କହୁଛି ପିଲାମାନଙ୍କର ପାଠପଢା ଅଛି.... ।

ଆଉ କଏ ଅଛି... ।

ଦିର୍ଘ ବାରବର୍ଷ ପରେ ଅମ୍ରିତ ପାଇଁ...କଣ କଣ କରିବାକୁ ଆଉ ଶୁଣିବାକୁ ପଡିନାହିଁ....ଆଜି ଜୀବନର ଶେଷ ପାହାଚରେ ସେ ବି.... ।

-କଣ କହୁଛ....ପଗ୍ଭରିଲ୍ ଅଲ୍ପନା ।

- କଛି ନାହିଁ...କହିଲେ ସମ୍ବିତ ।

-ଆଉ କଣ ଗୁଡେ କହି ପକାଉଥିଲ ।

- ଏବେ ପୁଅଟାକୁ ଦେଖିବାକୁ ଭାରୀ ମନ ହେଉଛି....ସେ କେବେ ବିଦେଶରୁ ଫେରିବ ।

-କଏ କହିବ....ତାକୁ ଟିକେ ଗେଲ କରିବାକୁ ବି ମୋର ବହୁତ ଇଛା... କହିଲେ ଅଲ୍ପନା ।

-ପିଲାଟା କେତେ ଖୋଜା ଲୋଡାରେ ଜନମ ହୋଇଛି...ବିଦେଶ ଯାଇନଥିଲେ କଣ ହୋଇନଥାନ୍ତା ।

- ସିଏ କଣ ଶୁଣିଲା....କହିଲା ବିଦେଶ ଗଲେ ବେଶୀ ଟଙ୍କା ମିଳବ ।

-ଟଙ୍କା କଣ ସ୍ୱର୍ଗକୁ ନେବ...କହିଲେ ସମ୍ବିତ ।

-ତାକୁ ଟିକେ ଫୋନ କରନ୍ତ ନାହିଁ ।

-କରିଥିଲି ଯେ ସେଦିନ...କହିଲା ନେଟଓ୍ୱର୍କ ବିଜି ।

-ହଉ ପୁଅଟା ତ...କେମିତି ଅଛି...ଆଉ ଥରେ ଲଗା...କାଳେ ଲାଗିଯିବ ।

-ହଉ ଦିଅ ସେ ମୋବାଇଲ ଟା....

ସମ୍ବିତ ମୋବାଇଲ ନେଇ ପୁଅ ପାଖକୁ ଲଗାଇଲେ ସ୍ୱିଜରଲାଣ୍ଡ...ବହୁ କଷ୍ଟରେ ଲାଗିଲା ଫୋନ । ସେପଟୁ କାହାର କଣ୍ଠସ୍ୱର... ।

-କଏ କହୁଛି...କହିଲେ ସମ୍ବିତ ।

-ଜୋ ଜୋ କହୁଛି ।

ଅଲ୍ପନା କହିଲେ ହଁ ହଁ ସେ ନାତି ଟୋକାଟାପରା... ତା ନାଁ କଣ ଢୋ ଢୋ କହୁଥିଲା ବୋହୁ।

- ତୁମ କାନକୁ କଛି ଶୁଭୁନାହିଁ କ...ଢୋ ଢୋ ନୁହଁ ଜୋ ଜୋ କହିଲେ ସମ୍ବିତ ।

-ହଁ ବା ସେ ଜୋ ଜୋ ହେଉ କ ଢୋ ଢୋ… ତାକୁ କୁହ ବାପାଙ୍କୁ କ ବୋଉକୁ ଫୋନ ଦେବ ।

-ତୋ ବୋଉଙ୍କୁ ଫୋନ ଦେଲୁ..

-ମମି ଆଉଟଡୋର ସପିଂଙ୍କୁ ଯାଇଛନ୍ତ ।

- ଆଉ ତା ହେଲେ ବାପାଙ୍କୁ ଦେ ତ… କହିଲେ ସମ୍ବିତ ।

-ଡାଡି ଟୁରରେ ଯାଇଛନ୍ତ ।

ସମ୍ବିତ କହିଲେ ଅମ୍ରିତ କ ତା ପତ୍ନୀ କେହିଘରେ ନାହାଁନ୍ତ…କଣ କହିବି ।

ତାକୁ କୁହ …ତା ମାଆ ଦେହ ଭୀଷଣ ଖରାପ…ତାକୁ ଦେଖିବାକୁ ସବୁବେଳେ ଖୋଜୁଛି…ସେ ନଷ୍ଚିତ ଗ୍ଚଲିଆସିବ କହିଲେ ଅଲ୍ପନା ।

ମିଛ କହିବି କହିଲେ ସମ୍ବିତ । ମିଛ ନକହିଲେ ସେ ଆସିବନ କହିଲେ ଅଲ୍ପନା ।

- ହଁ ଜୋ ଜୋ ବାପା ମାଆ ଆସିଲେ କହିବୁ ଜେଜେମାଆଙ୍କ ଦେହ ଭାରୀ ଖରାପ….ଆଉ ବେଶୀଦିନ ବଂଚବ ନାହିଁ…ସବୁବେଳେ ତାକୁ ଦେଖିବାକୁ ଖୋଜୁଛି ।

ସେପଟୁ ଜୋଜୋ କହିଲା….ବାପା କହିଛନ୍ତ ଜେଜେ ଫୋନକଲେ କହିବୁ…ଏବେ ଯାଇହେବ ନାହିଁ…ଫଟୋଟା କାନ୍ଥରେ ଟଙ୍ଗା ହୋଇଛି…ତାକୁ ଟିକେ ଦେଖି ଗେଲ କରିଦେବ ।

-ରହୁଛି…କହି ଫୋନଟା କାଟିଦେଲା ଜୋଜୋ..        ।

ଅଲ୍ପନା ଦୁମ କରି ତଳେ ବସିପଡିଲେ । ସମ୍ବିତ କହିଲେ କଣ ଭାବୁଛ… ୟେ ହେଉଛି ତିନ ପାଦର ପୃଥିବୀ ।

ସା/ପୋ: ସିମିନଇ
ଜି: ଢେଙ୍କାନାଳ-୭୫୯୦୨୫
ମୋ:-୯୪୩୭୨୯୦୧୮

# ଝର୍ ଶ୍ରାବଣ



ଶୁଭମ୍ କୁମାର ସାହୁ

ଝରା ଶ୍ରାବଣଗୋ ଝରିଯାଅ ତମେ
ମୋ ମନ ର ଝରଣାରେ
ତୁମରି ପରଶ ଶିହରଣ ଦିଏ
ଏଇ ମୋ ତନୁ ମନରେ ‖0‖

ଛାଟିଦିଅ ତୁମେ ବରଷାର ଛିଟା
ଏଇ ମୋ ଶୁଷ୍କ ଅଧରେ
ଭିଜେ ମୋ ଅଧର ପ୍ରେମରେ ତୁମର
ତୁମେ ଛୁଇଁଦେଲା ପରେ ‖0‖

ଶ୍ରାବଣ ରଜନୀ ନିଶା ଭରିଦିଏ
ଏଇ ମୋ ଦୁଇ ଆଖିରେ
ତୁମ ସାଥେ ଭିଜି ମତୁଆଲା ହୁଏ
ହଜେ ମୁଁ ତୁମ ଭିତରେ ‖0‖

ଏଇ ମଧୁଭରା ପୁଣ୍ୟ ର ତିଥିରେ
ଝୁମିଯାଏ ତୁମ ସାଥୀରେ
ଝରାଶ୍ରାବଣର ଝିପିଝିପି ଧାରା
ଚୁମିଚୁମି ଯାଏ ଓଠରେ ‖0‖

ପଦାପଢ଼ା, ଗୁଡ଼ିଖାଳ, ବାଲେଶ୍ୱର

# ଜଗନ୍ନାଥ ଜଣାଣ



ପ୍ରଦୀପ କୁମାର ଜିଲିକାର୍

ଆଦ୍ୟପ୍ରାନ୍ତ ଅନୁପ୍ରାସରେ
{ ରାଗ- ବଙ୍ଗଳାଶ୍ରୀ }

ଜୟ ଜଗନ୍ନାଥ ନୀଳାଦ୍ରି ବିହାରୀ
ହୃଦାସନରେ ବିଜୟ,
ଜୟ ବାନା ତବ ଉଡୁଛି ବିଶ୍ୱରେ
ଜୟ ଜଗନ୍ନାଥ ଜୟ।

କର ପତ୍ର ଯୋଡ଼ି କହଇ ପାମର
ପଲ୍ଲୁ ଉଦ୍ଧାର କର,
କରବାଳ ଧାରେ ଛେଦି ଦେଇ ଯାଅ
ପାତକ ଜନ ନିକର।

ଅନାଥରେ ଥରେ ହେ କଳାଶ୍ରୀମୁଖ
କରୁଣା କଟାକ୍ଷେ ଅନା,
ଅନାୟସେ ଭବ ଜଳ ପାର ହେବା
ପାଇଁ ତରଣୀ ହୁଅନା?

ଥରେ ଚାହିଁ ଦେଲେ ଶ୍ରୀମୁଖ ମଣ୍ଡଳ
ହୃଦୟ ମଣ୍ଡଳ ଥରେ,
ଥରେ ଯଦି କେହି ତବ ପ୍ରେମେ ପଡ଼େ
ତହୁଁ କି ଆଉ ନିସ୍ତରେ ?

ରଖ ବାନ୍ଧି ତବ ପ୍ରୀତି ଡ଼ୋରେ ମୋତେ
ନୋହିଲେ ହେଲି ଅରକ୍ଷ
ରକ୍ଷକ ଅରକ୍ଷିତେ ନକଲେ ରକ୍ଷା
ମହୀ ଜନେ କି ପରଖ ?

ପତିତ ଉଦ୍ଧାରେ ଦରାରି ଧାରକ
ଦରାରି ଶ୍ରୀ ରମାପତି
ପତି ବିଶ୍ୱ ପୂର୍ବ ପଦେ କନ୍ଧ ହୀନ
ମତ୍ତିରେ ସର୍ବ ସଂପତ୍ତି ।

ହାଡ଼ଶିଙ୍ଗୁଳା, ଗୁଟିକୋଣା,
ବିଷମକଟକ, ରାୟଗଡ଼ା, ୮୨୪୯୪୩୯୯୩୯

# ନାରୀ...

ରେ଼ଜାଲିନ୍ ମିଶ୍ର

କଳି ଯୁଗର ଏ ସାମାନ୍ୟ ନାରୀ ପାଖକୁ
କୁଆଡୁ ଆସିବ ଏତେ ଆଧ୍ୟାତ୍ମିକ ଭାବନା
ଯେ ଯୋଗ ବଳେ କରିପାରିବ
ସେ ଅସାଧ୍ୟ ସାଧନା ।।
ପାଶ୍ଚାତ୍ୟ ସଂସ୍କୃତିର ତାଳେ ତାଳେ
ନିଜକୁ ସଜେଇ ରଖିଥିବା ଝିଅ ମନରେ
କୁଆଡୁ ଆସିଲ ଏମିତି ନୀତି-ନୈତିକତାର ମୂଲ୍ୟବୋଧ,
ଯାହା ଏକ ମୁକ୍ତ ମନକୁ କରିପାରିବ
ସଂଯମତା ଶକ୍ତି ଦ୍ୱାରା ଆବଦ୍ଧ ।।
ପାଶ୍ଚାତ୍ୟ ସଂସ୍କୃତିକୁ ଅନ୍ଧ ଭାବେ
ଅନୁକରଣ କରୁଥିବା
ସେ ଆଧୁନିକ ନାରୀ,
ଅପୂର୍ବ ବିଭବରେ ତୋ ଭଣ୍ଡାର ଅଛି ପୁରି ।।
ତୁ ହିଁ ଯୁଗେ ଯୁଗେ ବନ୍ଦନୀୟା ମା...
ତୁ ହିଁ ଯୁଗେ ଯୁଗେ ସ୍ମରଣୀୟା ।।
କେତେବେଳେ ନିଷ୍ଠୁରତା ପଣେ
ସଂହାର କଲୁ ମହିଷାସୁରକୁ ତ
କେତେବେଳେ ମଥାପୋତି ସହ୍ୟ କଲୁ
ମିଥ୍ୟା ଅପବାଦ ଓ ଚାଲିଗଲୁ ବନପ୍ରାଂଗଣକୁ ।।
ହେ ମା...
ତୋର ଅନେକ ରୂପ
ସାକ୍ଷାତେ ତୁ ଅଟୁ ରୂପମୟୀ,
ପ୍ରେମମୟୀ, ହାସ୍ୟମୟୀ, ଲାସ୍ୟମୟୀ ।।

ହେ ଆଧୁନିକ ନାରୀ,
ଆଧୁନିକତାର ତାଳରେ
ବଜାରରେ ବିକ୍ରି କରି ଦିଅ ନାହିଁ
ନିଜ ଅପରୂପ ଯୌବନକୁ,
ବଣମଲ୍ଲୀର ବାସ୍ନା ପରି
ମୋହିତ କରି ଦିଅ ନାହିଁ ଚତୁର୍ଦ୍ଦିଗକୁ ।।
କଇଁ ଓ ଗଂଗଶିଉଳି ଫୁଲ ପରି
କେବଳ ଗୋଟିଏ ଜହ୍ନ ସାଥେ ଗଣ୍ଠି ପକାଅ
ନିଜ ସଂପର୍କର ଡୋରିକୁ...
କାରଣ ତୁମେ ହିଁ ବଦଳେଇ ପାରିବ
ଏ ଆଧୁନିକ ସମାଜର
ନିଶାଗ୍ରସ୍ତ ପୁରୁଷ ଜାତିକୁ ।।

ଗ୍ରା/ପୋ- ଆଗଲପୁର (ଗ୍ରଜ୍)
ଜି-ବଲାଙ୍ଗିର

# ଭୋକଲ୍ ପେଟ



ବିଶ୍ୱ ରଞ୍ଜନ ମହାନ୍ତ

ବିଶ୍ୱଜିତ ପ୍ରାୟ ପ୍ରତିଦିନ ରାତିରେ ବିଜ୍ଞାପନ ସଂସ୍ଥାରୁ କାମ ସାରି ସହିଦନଗର ରୁ ନବୀନ ନିବାସ ଦେଇ ପଳାଶପଲ୍ଲୀ ଓଭରବ୍ରିଜ ଅତିକ୍ରମ କରି ଲିଙ୍ଗରାଜ ରେଲୱେ ଷ୍ଟେସନ ବାଟ ଦେଇ ଘରକୁ  ଫେରେ । ତେବେ କିଛିଦିନ ହେବ ଲିଙ୍ଗରାଜ ଷ୍ଟେସନ ଛକରେ ବନ୍ଦ ମିଠା ଦୋକାନ ଆଗରେ ବିଶ୍ୱଜିତ କୁ ଲୋକଟିଏ ଅପେକ୍ଷା କରିଥାଏ । ମୁଣ୍ଡରେ ଅଯତ୍ନ ବର୍ଦ୍ଧିତ କେଶ, ମୁହଁରେ ପାଚିଲା ଦାଢ଼ି, ଦେହରେ ମଇଳା ପ୍ୟାଣ୍ଟ ଓ ଛିଣ୍ଡା ଗଞ୍ଜି ପିନ୍ଧିଥିବା ପାଗଳ ପରି ଦିଶୁଥାଏ । ବିଶ୍ୱଜିତ ତାକୁ ଖାଦ୍ୟ ପ୍ୟାକେଟ ଟି ଧରେଇ ଦିଏ, ଆଉ ଦିନସାରା ଭୋକିଲା ଥିବା ଲୋକଟି ପ୍ୟାକେଟ ଟିକୁ ଚଟାପଟ ଖୋଲିଦେଇ ଚଟାପଟ ଗାଉଁ ଗାଉଁ କରି ଗିଳି ପକାଏ ।

କୋଉଠି ଥାଏ କେଜାଣି ବୁଲାକୁକୁର ଟି ଲୋକଟା ପାଖକୁ ମାଡିଆସେ । ସତେ ଯେମିତି ସେ ଖାଦ୍ୟରେ ତାର ବି ଭାଗ ଅଛି ।

ଲୋକଟି ତାକୁ ନିରାଶ କରେନି ତରକାରୀ ଗୋଳା ରୁଟିଟିଏ ତା ମୁହଁକୁ ବଢ଼େଇ ଦିଏ । କୁକୁରଟି ସେତକ ନେଇ ସେଠାରୁ ଚାଲିଯାଏ । ବାଇକରେ ସେମିତି ବସିରହି ଅପଲକ ନୟନରେ ବିଶ୍ୱଜିତ ଏହି ଦୃଶ୍ୟ ସବୁ ଦେଖୁଥାଏ ।

ଲୋକଟି ଚାଟିଚୁଟି ସବୁ ଖାଇ ସାରିଲା ପରେ କୃତଜ୍ଞତା ପୂର୍ଣ୍ଣ ଆଖିରେ ବିଶ୍ୱଜିତ କୁ ଦେଖେ। ବିଶ୍ୱଜିତ ତା ବାଇକ ଷ୍ଟାର୍ଟ କରି ଘରକୁ ଚାଲିଯାଏ । କେହି କାହା ସାଙ୍ଗରେ ପଦିଏ କଥା ହୁଅନ୍ତି ନାହିଁ, କହିବାର ଆବଶ୍ୟକତା ବି ନାହିଁ ।

ବିଶ୍ୱଜିତ ଜାଣିନି ଯେ ସତରେ ଏ ଲୋକଟା କଥା କହିପାରେ କି ନାହିଁ । ଲକ ଡାଉନ ଆରମ୍ଭ ହେବା ପରେ ଦିନେ ଅଫିସ ଯିବା ବାଟରେ ଲୋକଟାକୁ ନିସ୍ତେଜ ପରି ପଡିଥିବାର ଦେଖିଲା ବିଶ୍ୱଜିତ । ଲୋକଟି ମୁହଁରେ ଭଣ ଭଣ ମାଛି ବସିଥାନ୍ତି । ପାଖରେ କେହି କୁଆଡେ ନଥିଲେ । ଲୋକଟା ମରିଯାଇନି ତ ! ବିସ୍ମିତ ହୋଇ ଅନେଇଲା, ବିଶ୍ୱଜିତ ତା ବାଇକ ଅଟକାଇ ଲୋକଟି ପାଖକୁ ଯାଇ ତା ନାକ ପାଖରେ ହାତର ଆଙ୍ଗୁଠି ରଖି ନିଶ୍ୱସ ପରଖିଲା ବେଳକୁ ଲୋକଟି ଉଠି ବସିଲା । ଲୋକଟିର ଅବସ୍ଥା ଦେଖି ବିଶ୍ୱଜିତ ତା ବ୍ୟାଗରେ ଥିବା ବିସ୍କୁଟ ପ୍ୟାକେଟ ଓ ପାଣି ବୋତଲ ଟି ବଢ଼େଇ ଦେଲା ଲୋକଟି ହାତକୁ । ପୁଣି ସେ ତା କାମରେ ଚାଲିଗଲା ବିଶ୍ୱଜିତ ।

ଆଉ ରାତିରେ ଅଫିସରୁ ଫେରିବା ବାଟରେ ହୋଟେଲରୁ ଆଣିଥିବା ଖାଦ୍ୟ ପ୍ୟାକେଟଟି ଲୋକଟିକୁ ଦେଲାବେଳେ ସେ କୃତ କୃତ ହୋଇ ଯାଇଥିଲା । ସେବେଠୁ ପ୍ରାୟ ମାସେ ହେଲା ବିଶ୍ୱଜିତ ର ଏଇଟା ଗୋଟେ ପ୍ରକାର ରୁଟିନ ପାଲଟି ଯାଇଛି । ଏମିତି ବି ଅଫିସ ଛୁଟିଦିନରେ ତାପାଇଁ ହୋଟେଲ ରୁ ଆଣି ଦେଇ ଯାଏ ।

ଗତକାଲି ଅଫିସରୁ ବାହାରିଲା ବେଳକୁ ସନ୍ଧ୍ୟାରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ବି ହେଉଥିଲା । ରେନି କୋଟ ଆଣି ନଥିବାରୁ ଅପେକ୍ଷା କରିବାକୁ ବାଧ୍ୟ ହେଲା ବିଶ୍ୱଜିତ । ବର୍ଷା କିନ୍ତୁ ଛାଡିବାର ନାଁ ନେଉନଥାଏ । ମନେମନେ ବ୍ୟସ୍ତ ହୋଇ ପଡୁଥାଏ ବିଶ୍ୱଜିତ । ଏ ଖରାଦିନରେ ଏତେ ବର୍ଷା, ଲୋକଟି ଭୋକିଲା ପେଟରେ ଚାହିଁ ବସିଥିବ...। ନା ଆଉ ହେବନି । ଆଉ ଅପେକ୍ଷା କରିବା ସମ୍ଭବ ନୁହେଁ । ବାଇକ ଷ୍ଟାର୍ଟ କଲା ବିଶ୍ୱଜିତ । ଲାଇନ କଟି ଯାଇଥାଏ । ପୁରା ସହର ଅନ୍ଧାର । ବର୍ଷାରେ ଭିଜିଭିଜି ଯାଇ ପହଞ୍ଚିଲା ବେଳକୁ ଲୋକଟି ଜାକିଜୁକି ହୋଇ ଶୋଇଥାଏ ବାରଣ୍ଡାରେ, ବାଇକ ର ହେଡ଼ ଲାଇଟ ତା ଉପରେ ପଡ଼ିବାରୁ ଉଠିବସିଲା ଲୋକଟି । ବର୍ଷା ଛିଟାରେ ସେ ବି ପୁରା ଭିଜି ଯାଇଥିଲା । ବିଶ୍ୱଜିତ ତା ପାଖକୁ ଯାଇ ଖାଦ୍ୟ ପ୍ୟାକେଟ ଟି ବଢ଼େଇ ଦେଲା ବେଳେ କହିଲା –

ବୁଝିଲୁ ବର୍ଷା ହେଉଥିଲା ତ ସେଥିପାଇଁ ଡେରି ହୋଇଗଲା । ଲୋକଟି ହସିଦେଲା । ତେବେ ସବୁଦିନ ପରି ପ୍ୟାକେଟ ଖୋଲି ଗାଉଁ ଗାଉଁ କରି ଗିଳି ନ ପକେଇ ଆସ୍ତେ ଆସ୍ତେ ଖାଇବା ପାଇଁ ବିଶ୍ୱଜିତ କହିଲା ।

ଲୋକଟି ତାକୁ ଇସାରାରେ କହିଲା ବାସ !!

ଆଶ୍ଚର୍ଯ୍ୟ ହୋଇଗଲା ବିଶ୍ୱଜିତ ! ଲୋକଟିର କଥା ମାନି ଲଥ କରି ବସି ପଡିଲା ବାରଣ୍ଡାରେ...... ଅନ୍ଧାର ଭିତରେ ଖୋଜି ଖୋଜି ଲୋକଟି ତା ଛିଡା ବ୍ୟାଗ ଭିତରୁ ଏକ ଜରି ପୁଡ଼ିଆ ବାହାର କଲା । ଥରି ଥରି ହାତରେ ବିଶ୍ୱଜିତ କୁ ବଢ଼େଇ ଦେଲା । ବିଶ୍ୱଜିତ କିଛି ବୁଝି ପାରିଲାନି । ସେ ପଚାରିଲା ଏଥିରେ କଣ ଅଛି । ମୋତେ କାଇଁ ଦେଉଛୁ । ଲୋକଟି ପ୍ରଥମ ଥରପାଇଁ ପାଟି ଖୋଲି ମୁହଁରେ ହସ ଫୁଟେଇ କ୍ଷୀଣ ଅଥଚ ସ୍ପଷ୍ଟ ଭାବରେ କହିଲା ବାବୁ ଆଜି କିଛି ଲୋକ ଖାଦ୍ୟ ପୁଡିଆ ବାଣ୍ଟୁଥିଲେ ମୁଁ ଏଠି ପଡିଥିବାର ଦେଖି ଗୋଟେ ପୁଡିଆ ଦେଇଥିଲେ । ପୁଡ଼ିଆ ରୁ ମୁଁ ପାଉଁରୁଟି, ବିସ୍କୁଟ, କଦଳୀ ଖାଇଦେଇଛି । କିନ୍ତୁ ଏଗୁଡ଼ାକ ମୁଁ କଣ କରିବି । ଏ ସବୁ ତୁ ନେଇଯାଆ । ତୋ କାମରେ ଆସିବ । ବିଶ୍ୱଜିତ ପୁଡ଼ିଆ ଖୋଲି ଦେଖିଲା ତା ଭିତରେ କିଛି ମାସ୍କ, ସାନିଟାଇଜର, ଓ ସାବୁନ ଅଛି । ଲୋକଟିର ମୁହଁରେ ଲାଗି ରହିଥିବା କୃତଜ୍ଞତା ର ଅପୂର୍ବ ହସକୁ ଦେଖି ବିଶ୍ୱଜିତ ମନା କରିପାରିଲାନି ।.....

ନମ ବସନ୍ତ, ଜଟଣୀ

# କୁହୁକ କଳ୍ପନା



ଅଜିତ ମହାପାତ୍ର

ଗଭୀର ନଦରେ ଥିବା ଆଖିଡୋଳା
ତୁମରି ସ୍ୱପ୍ନରେ ଆକ୍ରାନ୍ତ ହେଉହେଉ
କାନରେ ବାଜେ ତମ ନୁପୂରର ରୁଣୁଝୁଣୁ ଶବ୍ଦ,
ଯାହା ଏଇ ନୈରାଶ୍ୟ ହୃଦୟର କ୍ଷୀଣ ସ୍ପନ୍ଦନକୁ ଖୀପ୍ର କରେ ।

ଧୀର ଶାନ୍ତ ଶୀତଳ ବାୟୁ ଶାଘ୍ରଣ କରାଏ
ତମ ତନୁର ମାଧୁରୀ ବାସ୍ନା
ଯାହା ଭେଦ ହୁଏ ପ୍ରତିଟି ଶୀରା ଧମନୀ ରେ
ହେଲେ ତମରି ଶାଶ୍ୱତ ଦର୍ଶନର ଅଭିଳାଷା ଅପୂର୍ଣ୍ଣ ରହେ ।

ଚାତକ ପରି ଅପଲକ ନୟନରେ ଚାହିଁଥାଏ
ଐଶାନ୍ୟ କୋଣକୁ, କାଳେ ତମେ ଆସିବ ।
କେଲେଣ୍ଡର ର ତାରିଖ ମାନେ କାହିଁକି ଗୋଟିଏ ଜାଗାରେ ଅଟକି ଯାଆନ୍ତୁ ବୁଝି ହୁଏନା ।

ନିଝୁମ ରାତିର ସେଇ ଶୁନଶାନ୍ ସଡ଼କରେ
ଝିଙ୍କାରୀ ର ଝିମ୍ ଝିମ୍ ଶବ୍ଦ ବିବ୍ରତ କରେ ମନକୁ,
ପ୍ରତୀକ୍ଷାର ମଧୁବେଳା କୁ ଉପଭୋଗ ନକରି
କାହିଁକି ଦୌଡିବୁଲେ ନିର୍ଜନ ନଗରୀରେ,

ହେଲେ ନୈରାଶ୍ୟ ର ନିଷ୍ଠୁର ଆଦେଶ ଆଙ୍କିଦିଏ
ମରୀଚିକା ର ଏକ ସରଳ ରେଖା ।


କପଟୀ ନିଦାଘ କପଟହାସ୍ୟ କରେ
ମୋର ଅତୃପ୍ତ ବେଦନାକୁ ଓ
ନୀଳ ଅନ୍ତରୀକ୍ଷ ର ଜ୍ୟୋସ୍ନାରେ ଲୁଚେଇ ଦିଏ ତୁମକୁ
ଆଉ ତା ପରେ ଅନ୍ତ ହୁଏ ମୋର କଳ୍ପନାର ।

ମୁଁ ଜାଣେ ତୁମେ ସେଇ ଦୂର ଆକାଶର ଆଭା
ଓ ମୁଁ କ୍ଷୁଦ୍ର ଏକ ପ୍ରୀତିର କ୍ଷୁଦ୍ର,
ମର୍ତ୍ତ୍ୟର ଏକ ଖଦ୍ୟୋତ
ଯିଏ ତମ ଅଜ୍ଞାନ କୁହୁକ ରେ ଭିଜା ।

ନିଷ୍ଫଳ ହୁଏ ମୋର ପ୍ରେମ, ଶ୍ରମ ଓ ସ୍ୱେଦ
ରହିଯାଏ ଅଦୃଶ୍ୟ ଅନ୍ଧାରୁଆ ଚେହେର୍ ର ସେଇ ଢଳ ଢଳ ଆଖି
ଓ କେତେକ ଅବର୍ଣ୍ଣନୀୟ କଳ୍ପନାର ଖେଦ ।

କାଶିପଲ୍ଲୀ, ବରଗଡ

# ଅପ୍ରେମ



କରଣ ମନଷା ମହାନ୍ତ

ଫରକ ଅନେକ
ଦୂରତା ବି ଖୁବ ଲମ୍ବା ଏବେ
ଜାତିଟା ବି ଭିନ୍ନ ଭିନ୍ନ
ଯେମିତି ଗୋଟେ ହୃଦୟ ଆଜି
ଦୁଇ ଖଣ୍ଡ
ଖୁବ୍ ମୁସ୍କିଲ୍ ବି ବଞ୍ଚିବାଟା
ପ୍ରେମ ଆଉ ପ୍ରେମିକର ବିନା
ତଥାପି ବୁଝେଇ ନଏ ମନକୁ
ରାତିର ଅନ୍ଧାରଟାରେ ବି
ଅତୀତଟା ଝଲସି ଆସେ ଅନେକ ଥର
ଭିଜି ଆସେ ଆଖି ପତା
ଖୁବ ମନେ ପଡେ ସେ ଦିନ ଗୁଡାକ
ଚକ୍ରାର ବି ଦିଏ ଭଙ୍ଗା ଆଶା
ନରୋଲାରେ ଖୋଜେ
ପାଏ କେବଳ ଶୁନ୍ୟସ୍ଥାନ
ମୁଁ ଏବେ ଅନାମିକା ଫୁଲ
ପରିଚୟ ନାହିଁ
ଷଡଯନ୍ତ୍ର ଖୁବ ମୋ' ପାଇଁ
ପ୍ରେମ ମାନେ ବୋଧ ହୁଏ
ବିରହ ଯନ୍ତ୍ରଣା..!
ପ୍ରାୟଶ୍ଚିତ କାହିଁ..?

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ କଳାପଥର



କଷାନ ମହାକୁର

ବିଦ୍ୟାର ଭଣ୍ଡାର ଅଟେ ଏ ମନ୍ଦିର ଯାହା ନାମ ସତ୍ୟବାଦୀ
ଊଣେଇଶ ଅନଶତ ମସିହାରେ ହୋଇଛି ତାହାର ସୃଷ୍ଟି,

ସୃଷ୍ଟିର ମଞ୍ଚରେ ବିଦ୍ୟା ଭଣ୍ଡାରେ ମାଁ ବୀଣାପାଣି ଆଶୀର୍ବାଦୁ
କଲ୍ ବାଣିଜ୍ୟର ଶିକ୍ଷା ଦାନ ମିଳେ ଗୁରୁ କୃପା ସେହ୍ନଶିଷୁ,

ପରିବେଶ ସବୁଜିମାରେ ପରିପୂର୍ଣ୍ଣ ସୁଶୋଭିତ ଅଗଣା
ଦେଖି ଲ୍ଗଇ ମନରେ ଆନନ୍ଦ ସତେକି ସ୍ୱର୍ଗର ଉପମା,

ପ୍ରବେଶ ଦ୍ୱାରୁ ଛିଡ଼ା ହୋଇ ଅଛି  ନାନା ଜାତି ଫୁଲ ଉଦ୍ୟାନ
ନାରିକେଲ ବୃକ୍ଷ ଧାଡ଼ିକି ଧାଡି ମୋହି ଛାତ୍ରଛାତ୍ରୀଙ୍କ ମନ।

କଳାପଥର କଳା ଯାଦୁଗରୀ ମାୟା ଲ୍ଗିଛି ଏଠାରେ
ବୁଲି ଦେଖି ଦେଲେ ପରିବେଶକୁ ଆନନ୍ଦ ରେ ମନ ଭରେ

ଗୁରୁଜୀ ଶ୍ରୀକାନ୍ତ ପ୍ରଧାନ ର୍‌ଜନୀତି ବିଜ୍ଞାନ କର୍‌ନ୍ତୁ ଅଧ୍ୟାୟନ
ଗଣତନ୍ତ୍ର ଠାରୁ ଲ୍ୋକତନ୍ତ୍ର ଯାଏ କରନ୍ତୁ ସେହୁ ପଠନ,

ଓଡ଼ିଆ ଭାଷାର ଛନ୍ଦ ଅଳଙ୍କାର ବ୍ୟାକରଣେ ଥାଏ ଭରି
ଗୁରୁମା ଦେବଯାନୀ ମେଷୁଆ  ପିଲାମାନଙ୍କୁ ବୁଝାନ୍ତୁ ଆନନ୍ଦ ମନେ କରି,

ଗରୁଜୀ ରାମଚନ୍ଦ୍ର ପ୍ରଧାନ ସାହିତ୍ୟ ର ଜ୍ଞାନ
ବୁଦ୍ଧି ଦିଅନ୍ତୁ ଢାଳ
ପଦ୍ୟ ଠାରୁ ଗଦ୍ୟ, ଗଳ୍ପ, ଏକାଙ୍କିକା
ସର୍ବନ୍ନ ରସରେ ଭରି,

ସାର୍ବଜନୀନ ଶିକ୍ଷାକୁ ପ୍ରସାର ପ୍ରଚ୍ଚାର କରିଥାନ୍ତୁ ସେହୁ
କଠିନ ଶବ୍ଦକୁ ସରଳେ ବୁଝାନ୍ତୁ  ଗୁରୁଜୀ କଶୋର ସାହୁ

ଇଂରାଜୀ ଭାଷାକୁ ସରଳେ ସୁନ୍ଦରେ
କରିଥାନ୍ତୁ ସେହୁ ବ୍ୟାଖ୍ୟା
ଗୁରୁମା ପ୍ରତିମା ବାରିକ ଇଂରାଜୀ ସାଧକ
ଦେଇଥାନ୍ତୁ ସେହୁ ଆଖ୍ୟା,

ଗୁରୁଜୀ ସୁଧାଂଶୁ ପ୍ରଧାନ ସଂସ୍କୃତର ଜ୍ଞାନ ନୀତି ଶ୍ଳୋକ ଆଦି କଥା
ଛାତ୍ରଛାତ୍ରୀ ଆଗେ କରନ୍ତୁ ପ୍ରକାଶ ବୁଝେଇ ସଂସ୍କୃତଗାଥା

ଅତୀତର ଗାଥା ଅତୀତର କଥା
ଇତିହାସେ ଅଛି ଲେଖା
ଗୁରୁଜୀ ଗୋପିନାଥ ଧାରୁଆ ପୁରୁଣା ଗାଥାକୁ କରିନ୍ତୁ ସେହୁ ବ୍ୟାଖ୍ୟା,

ପ୍ରଯୁକ୍ତ ବିଦ୍ୟା ରେ ନୂତନ ମାର୍ଗରେ
ସୁପଥ ଦେଖାନ୍ତୁ ଯିଏ
ଗରୁଜୀ ଶଶାଙ୍କ ସୁରିଆ ଶିଷ୍ୟମାନଙ୍କୁ  ସୁମାର୍ଗ ଦେଖାନ୍ତୁ ସିଏ,

ଛାତ୍ର ଛାତ୍ରି ସୁ-ସଂସ୍କାରେ ଗଢ଼େ ନଜ ଭବିଷ୍ୟ ଉଜ୍ଜ୍ଵଳ ପାଇଁ
ଉର୍ଣ୍ଣିତ ଧରଣେ ଶିକ୍ଷାକୁ ଲଭେ  ଭଲ ମଣିଷ ହେବା ପାଇଁ,

ଶିକ୍ଷା ସମୃଦ୍ଧି ପରିଗ୍ରୃୟକ ଏ ଉଚ୍ଚ ବିଦ୍ୟାଳୟ ହେଉ,
ଉତ୍କଳ ଏକ ଉତ୍କର୍ଷ କ୍ଷେତ୍ରଟି ଦେଶେ ପରିଗ୍ରୃୟ ପାଉ

(ଏତିକରେ ମୋର କଲମ ଲିଖନ କରୁଅଛି ସମାପନ
ତ୍ରୁଟି ଥିଲେ ମୋତେ ନ ଧରିବ ଦୋଷ ଗୁରୁଜୀ ଓ ଗୁରୁମାତ ଗଣ । )

ସୋନପୁର, ନୂଆଁପାଲି

# ହତଭାଗା ମଣିଷ

ସୁଚସ୍ମିତା ପଟ୍ଟନାୟକ

ସତରେ ମୁଁ କି ହତଭାଗା ମଣିଷ ଟିଏ । ଭଗବାନ ବୋଧେ ମୋ ଭାଗ୍ୟ ରେ ଖୁସି ଟିକେ ଲେଖି ନାହାନ୍ତି । ଦୁନିଆଁ ଟା ଏମିତି କେହି ବି ନାହିଁ ଯେ ମୋ ବିଷୟରେ ଟିକେ ଭଲ ଚିନ୍ତା କରିବ । କାହାକୁ ବା କଣ କହିବି ଯାହାର ମା ନାହିଁ ତାହାର କେହି ସାହା ନାହିଁ । ଜନ୍ମ ରୁ ମା ଚାଲିଗଲା । ବାପା ଏକୁଟିଆ ମଣିଷ ମତେ ବା କେମିତି ବଡ଼ କରିଥାନ୍ତେ । ସମସ୍ତେ ବାଧ୍ୟ କଲେ ମୋ କଥା କିଏ ବୁଝିବ ବୋଲି ଯେ ମୋ ପାଇଁ ଆଉ ଗୋଟେ ମା ନେଇ ଆସିଲେ । ମୁଁ ତ ତାଙ୍କୁ ବହୁତ ଭଲ ପାଉଥିଲି କିନ୍ତୁ ସେ ବାପା ଥିଲେ ହିଁ ମୋତେ ଭଲ ପାଉଥିଲେ । ବାପା ଚାଲିଗଲା ପରେ ଘରୁ ସେ କଥା ତ ସ୍ନେହ ଭରା ହିଁ କୁହନ୍ତି କିନ୍ତୁ ଆଉ କିଛି ବି ସ୍ନେହ ର ନଥିଲା । ଗେଲ ରେ କହିବେ କିନ୍ତୁ ସବୁ କାମ କରାଇବେ ମୋ ହାତରେ। ମୋର ପିଲା ମନ ଏସବୁ କଥା ବୁଝି ପାରୁ ନଥିଲା । ମୁଁ ଭାବୁଥାଏ ହଁ ମା ତ କହିଲେ କାମ ପାଇଁ । ନିଜ ଘର ର କାମ ତ କୋ ଆଉ କାହା ଘର ର କାମ କରୁଛି ଯେ ଏତେ ପଡିଛି । କିନ୍ତୁ ଖାଇବା ରେ ବି ସେମିତି ଥିଲା । ଯେଉଁ ଦିନ ବାପା ଙ୍କ ଛୁଟି ଥିବ ମୁଁ ତାଙ୍କ ସହିତ ଖାଇବାକୁ ବସିବି ସେଦିନ ଭଲ ଭଲ ଆଇଟମ୍ ଖାଇବି । ନହେଲେ ଭାତ, ଡାଲି କୁ ଆଳୁ ସିଝା ଟେ । ମା ମୋ ମୁଣ୍ଡ କୁ ଆଉଁଷି କୁହନ୍ତି ଆମର ଏତେ ଧନ ନାହିଁ ସବୁ ଦିନ ଭଲ ଖାଇବାକୁ । ପିଲା ମନ ମୋର ବୁଝି ଯାଉଥିଲା ଏତିକି କଥାରେ । ଟିକେ ବଡ଼ ହେଇ ଥିଲି କି ନାହିଁ ଦିନେ ମୋ ଆଖିରେ ପଡିଲା ମୋତେ ଭାତ ଆଳୁ ସିଝା ଦେଲେ ମା ଖାଇବାକୁ । କିନ୍ତୁ ସେ ନିଜେ ଭାତ କୁ ମାଛ ତରକାରୀ ଖାଉଛନ୍ତି । ସତରେ ସେଦିନ ବହୁତ ବାଧିଲା ମୋତେ । ଗଛ ମୂଳ ରେ ଯାଇ ବହୁତ କାନ୍ଦିଲି କିନ୍ତୁ କହିବି କାହାକୁ ।

ମୋର ଗୋଟିଏ ଛୋଟ ଭାଇ ଆସିଲା । ତାର ସବୁ କାମ ମୁଁ କରେ । ତାକୁ ବହୁତ ଗେଲ କରୁଥିଲି । ମୁଁ ବହୁତ ଖୁସି ଥିଲି । ସେ ବି ଭାଇ ଭାଇ ବୋଲି ମୋ ପଛରେ ପଛରେ ହିଁ ଥାଏ । ମୁଁ ଦଶମ ପାସ କଲା ପରେ ବାପା ଚାହୁଁ ଥିଲେ ମୋତେ ବାହାରକୁ ପଢିବାକୁ ଛାଡି ବାକୁ । କିନ୍ତୁ ମା ସିଧା ସିଧା କହିଦେଲା । ତା ପାଇଁ ଏତେ ଖର୍ଚ୍ଚ କରିବା ଦରକାର ନାହିଁ । ଆମ ପୁଅ ପାଇଁ ରଖ ସମ୍ପତି । ବାପା ଙ୍କୁ କଥା ଟି ବହୁତ ବାଧିଲା । ସେ ଠାଏ କି ଗୋଟେ

ଚାପଡ଼ା ବସାଇଲେ ମା ଗାଲ ରେ । କହିଲେ କାହିଁ ସେ କଣ ଆମ ପୁଅ ନାହିଁ କି । ମା ବି ରାଗି ଯାଇ କହିଲା ନା ସେ ମୋ ପୁଅ ନୁହଁ । ତୁମ ପୁଅ ତୁମେ ସମ୍ଭାଳ । ଆଉ ସେ କୁଆଡେ ପଳେଇଲେ ଘର କାମ କିଏ କରିବ ଯେ । ବାପା ଆଉ କିଛି ନ କହି କାନ୍ଦି କାନ୍ଦି ପଳାଇଲେ ସେହି ଜାଗା ରୁ । ମୁଁ କବାଟ ପଛରୁ ସବୁ ଶୁଣୁ ଥାଏ । ବାପା ସେଦିନ ଗଲେ ଯେ ସେ ଆଉ ଫେରିଲେନି । ତାଙ୍କର ଶବ ଫେରିଲା । ଆମେ ସମସ୍ତେ ବହୁତ କାନ୍ଦୁ ଥିଲୁ। ମୁଁ ଆଉ କି ପାଠ ପଢ଼ିବି । ଗାଁ ରେ ସଉଦା ଦୋକାନ ଟିଏ ଦେଲି । ପାଠ ଟିକେ ପଢ଼ିଥିଲି ଓ ପରିଶ୍ରମ ବହୁତ କଲି । ତେଣୁ ସେ ଯେଉଁ କାରଣ ରୁ ହେଉଛି ହେଉ ବାପାଙ୍କ ଆଶୀର୍ବାଦ କି ମୋ ପରିଶ୍ରମ ବହୁତ କମ ଦିନ ରେ ଭଲ ଆୟ କରି ପାରିଲି । ମୋ ଦୋକାନ ଟି ଭଲ ଚାଲିଲା । ମୁଁ ଘରେ ବେଶୀ ସମୟ ରୁହେନି । ଯେତିକି ସମୟ ବି ରୁହେ ସାନ ଭାଇ ର ପାଠ ପଢା କଥା ବୁଝେ । ମା ସହିତ ଯେତିକି ଦରକାର ସେତିକି କଥାବାର୍ତ୍ତା।

ଥରେ ଘରକୁ ଗଲା ବେଳକୁ କୁଣିଆ ବହୁତ ଜଣ ବସିଛନ୍ତି । ମା  ସେଦିନ ମତେ ବହୁତ ଖୁସି ରେ ନେଇ ସେମାନଙ୍କୁ ଭେଟ କରାଇଲେ ।   ମୁଁ ଏସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲି । ଏମାନେ କିଏ । ଜାଣିବାକୁ ପାଇଲି ସେମାନେ ମୋ ବାହାଘର ପାଇଁ ଆସିଥିଲେ । ମା ସେଠି ମୋ ବାହାଘର ଠିକ କରି ଦେଇଛନ୍ତି । ମୁଁ କହିଲି ମୁଁ ଏବେ ବାହା ହେବିନି । ମା କହିଲେ ତୁ ଯଦି ସେଠି ବାହା ନ ହେବୁ ତାହେଲେ ମୁଁ ବିଷ ଖାଇ ମରିଯିବି । ତାପରେ ମୋ ମୁଣ୍ଡ କୁ ଆଉଁଷି କହିଲେ କେଉଁ ଦିନ କଣ ଟିକେ ରାଗ ରେ କହି ଦେଇଥିଲି ଯେ ଆହୁରି ରାଗିକି ରହିବୁ  କି । ମୁଁ ପରା ତୋ ମା । ମୋ ମନ ବି ଟିକେ ତରଳି ଗଲା । ସେମିତି ରେ କେବେ ନା କେବେ କାହାକୁ ନା କାହାକୁ ତ ବାହା ହେବି । ତାହେଲେ ଏଇଠି କାହିଁକି ନୁହଁ। ମା ଖୁସି ରେ ମୋ ବାହାଘର କରାଇଲେ । ମୁଁ ଭାବିଲି ଏବେ ତ ଯାହା ହେଉ କିଏ ଜଣେ ଜୀବନ ରେ ଆସିବ ଯିଏ ମୋତେ ଭଲ ପାଇବ ।

କିନ୍ତୁ ମୁଁ ହତଭାଗା ର ଭାଗ୍ୟ ରେ ଖୁସି କୁଆଡୁ ଆସିବ । ବାହାଘର ର ପ୍ରଥମ ରାତି ରେ ମୁଁ ପାଖକୁ ଯିବାରୁ ମୋ ସ୍ତ୍ରୀ ମୋତେ ରୋକ ଠୋକ କହିଦେଲା ତାର ଉପରେ ମୋର କିଛି ଅଧିକାର ନାହିଁ ।  ମୁଁ ତାକୁ ଛୁଇଁ ପାରିବି ନାହିଁ । ସେ କେବଳ ଦୁନିଆଁ ଆଗରେ ମୋ ସ୍ତ୍ରୀ। ଘର ଭିତରେ ଅଜଣା ମଣିଷ । ଏତିକି କହି ତା ଜିନିଷ ନେଇ ଅଲଗା ରୁମ୍ କୁ ଚାଲିଗଲା। ଭାବିଲି ମୋ ଭାଗ୍ୟ ରେ ବୋଧେ ଭଗବାନ ଖୁସି ଲେଖିବା କୁ ଭୁଲିଗଲେ । ମା କୁ

ଜଣେଇବି ବୋଲି ଗଲା ବେଳକୁ ମା ରୁମ୍ ରେ ମୋ ସ୍ତ୍ରୀ ଓ ମା କଥା ହେଉଛନ୍ତି । ମୋ ବାପା କୁଆଡେ ମରିବା ପୂର୍ବ ରୁ ସବୁ କିଛି ସମ୍ପତି ମୋର ଓ ମୋ ଭାଇ ର ପିଲା ମାନଙ୍କୁ ମିଳିବ ବୋଲି ଲେଖି ଦେଇଛନ୍ତି । ସେଥିପାଇଁ ମା ଏମିତି ଗୋଟେ ଝିଅ ବାଛିଛନ୍ତି ଯେ ମୋ ସହିତ ସମ୍ପର୍କ ରଖିବାକୁ ନାରାଜ । ଶେଷରେ ମୁଁ ବାପା ହେବାକୁ ଅସମର୍ଥ କହି ମୋ ଠାରୁ ଛାଡପତ୍ର ନେଇ ମୋ ସାନ ଭାଇ କୁ ବାହା ହେବ । ତାପରେ ତାର ପିଲା ସମସ୍ତ ସମ୍ପତି ର ମାଲିକ ହେବ । ସ୍ତ୍ରୀ ର କଥା ଯେତିକି କଷ୍ଟ ଦେଇ ନଥିଲା । ମୋ ମା ର ଷଡ଼ଯନ୍ତ୍ର ମତେ ବହୁତ କଷ୍ଟ ଦେଲା । କିନ୍ତୁ କିଛି ନକହି ଗଲି ଛାତ ଉପରକୁ ବହୁତ କାନ୍ଦିଲି । ଭଗବାନ ଙ୍କୁ ବହୁତ ଗାଳି ଦେଲି । ଜୀବନ ଦେଲ ମତେ କିନ୍ତୁ ମୁଁ ବଞ୍ଚିବି କାହା ପାଇଁ । ଜନ୍ମ ରୁ ମା କୁ ନେଲ । ତାପରେ ସାବତ ମା ଦେଲ ଯେ ସେ କେବେ ମତେ ପୁଅ ଭାବିବା ବି ଛାଡ଼ ମଣିଷ ବୋଲି ହିଁ ଭାବିଲାନି । ଜଣେ ବାପା ଥିଲେ ଯେ ଭଲ ପାଉଥିଲେ ତାଙ୍କୁ ବି ନେଇଗଲ । ଶେଷକୁ ଜୀବନ ସାଥି ବୋଲି ଦେଲ ଯେ ସେ ମୋର ହିଁ ହେବାକୁ ଚାହୁଁନି । କଣ ପାଇଁ ମୁଁ ବଞ୍ଚିବି ଓ କାହା ପାଇଁ ବଞ୍ଚିବି ।

ଏମିତି ଭାବି ଗୋଟିଏ ବ୍ଲେଡ ରେ ହାତ କାଟିବାକୁ ଯାଉଛି କିଏ ଆସି ମୋ ହାତ କୁ ଧରି ଦେଲା । ବୁଲି ପଡି ଦେଖିଲି କିଏ ବୋଲି। ସେ କେହି ନୁହଁ ମୋ ସାନ ଭାଇ ଥିଲା । ମୋ ହାତ ଧରି କହିଲା ଏ କଣ କରୁଛୁ ଭାଇ । ମୁଁ ତାକୁ ଧରି ବହୁତ କାନ୍ଦିଲି । କହିଲି ତୁ ଜାଣି ପାରିବୁନି ମୋତେ କେତେ କଷ୍ଟ ହେଉଛି । ସେ କହିଲା ମୁଁ ସବୁ ଜାଣିଚି । ମୁଁ ଆଶ୍ଚର୍ଯ୍ୟ ହୋଇ ତା ମୁହଁ କୁ ଚାହିଁଲି । ସେ ମୋ ହାତ ଧରି କହିଲା ତଳକୁ ଚାଲ । ମୁଁ ତଳକୁ ଗଲା ବେଳକୁ ଦେଖିଲି ପୋଲିସ ଆସିଛି । ମୋ ମା ଓ ସ୍ତ୍ରୀ କୁ ଆରେଷ୍ଟ କରି ନେଉଛି । ମୁଁ ପୋଲିସ କୁ ଯାଇ ପଚାରିଲି ଏ କଣ କରୁଚ ତାଙ୍କ ଦୋଷ କଣ । ପୋଲିସ କହିଲା ଏ କଥା ଆପଣ ଙ୍କ ଭାଇ କୁ ପଚାରନ୍ତୁ । ମୁଁ ମୋ ସାନ ଭାଇ କୁ ଚାହିଁଲି । ସେ ମା ଓ ମୋ ସ୍ତ୍ରୀ ର ଷଡ଼ଯନ୍ତ୍ରର ଭିଡିଓ ଦେଖାଇଲା । ମୁଁ କହିଲି ତୁ ଏମିତି କାହିଁକି କରୁଥିଲୁ । ଏ ଆମ ଘର କଥା ପୋଲିସ କୁ କାହିଁକି ଡାକୁଥିଲୁ । ଆମେ ସମାଧାନ କରିଥାନ୍ତେ । ସାନ ଭାଇ କହିଲା ଭାଇ ଯେତେବେଳେ ଏ ମା ତୁମ ପରି ପୁଅ ର ହୋଇ ପାରିଲାନି । ସେ ମୋର କୁଆଡୁ ହେବ । ସମ୍ପତି ପାଇଁ କେତେବେଳେ ମୋତେ ବି ମାରିଦେବ ତାହାର ବି କିଛି ଠିକ ନାହିଁ । ଆଉ ପଛେ କଣ ସମାଧାନ ଭାଇ । ମୁଁ ଯଦି ଆଉ ୨ ମିନିଟ ଡେରି କରିଥାନ୍ତି ତୁମେ ହାତ କାଟି ଦେଇଥାନ୍ତ । ଆଉ ମୋତେ ଏ ରାକ୍ଷସ ମା ଦରକାର ନାହିଁ ଭାଇ । କିନ୍ତୁ ମୁଁ ତୁମ ପରି ଗୋଟେ ଭାଇ କୁ ହରେଇବାକୁ ଚାହୁଁନି ।

ଏତିକି କହି ଆସି ମୋତେ ଧରି କାନ୍ଦିଲା । ଜୀବନ ରେ ପ୍ରଥମ ଥର ପାଇଁ ଲାଗିଲା କେହି ତ ମୋର ବୋଲି ଅଛି । ତୁ କେବେ ଠାରୁ ଏତେ ବଡ଼ ହେଇଗଲୁ । ତାକୁ ଧରି କହିଲି ହଁ ହେଉ ମା କୁ କ୍ଷମା କରିଦେ । କିନ୍ତୁ ସାନ ଭାଇ ବିଲକୁଲ ଶୁଣିଲା ନାହିଁ ।

ଆଜି ମା ଓ ସ୍ତ୍ରୀ ମୋର ଜେଲ ରେ । ସାନ ଭାଇ ମୋ ସ୍ତ୍ରୀ ସହିତ ମୋର ଛାଡ଼ପତ୍ର କରାଇ ଦେଲା ଓକିଲ ଲଗାଇ । ନିଜେ ଗୋଟେ ଝିଅ ବାଛି ମୋର ବାହାଘର କରାଇ ଦେଲା । ଭାଗ୍ୟ କୁ ସ୍ତ୍ରୀ ଟି ଭଲ ମିଳିଛି। ମୋତେ ବହୁତ ଭଲ ପାଉଛି ଓ ମୋ ସାନ ଭାଇ କୁ ବି ବହୁତ ସ୍ନେହ କରୁଛି । ଦିଅର ଭାଉଜ ମିଶି ମୋ ସହିତ ବହୁତ ମଜା କରୁଛନ୍ତି । ଥରେ ଥରେ ମୁଁ ଭାଗ୍ୟ କୁ ବିଶ୍ୱାସ କରି ପାରୁନି ଯେ ମୋ ଭାଗ୍ୟ ରେ ବି ଏତେ ଖୁସି ଥିଲା । ମୋର ମା ବାପା ସାଙ୍ଗ ଭାଇ ହେଇ ମୋର ସାନ ଭାଇ ଆସିଛି ମୋ ଜୀବନ ରେ ଖୁସି ନେଇ । ମୁଁ ଏବେ ଆଉ ହତଭାଗା ନୁହଁ ଗୋଟେ ଭାଗ୍ୟବାନ ମଣିଷ ।

# ସପ୍ତମାତୃକା


ସଂଘମିତ୍ରା କବି

ଯଯାତିକେଶରୀ ଯଜ୍ଞ କରିଥିଲେ
ଏହି ପୁଣ୍ୟ ମାଟିରେ !
ଯଜ୍ଞପୁର ଯାହା ଯାଜପୁର ନାମେ
ସ୍ଥାପିଲେ ମହୀତଳେ !!

ମାଆ ବିରଜାଙ୍କ ପାଦ ଧୌତକରି
ଝରେ ପାଦୁକ ପାଣି !
ଅହରହ ଧାରା ବହୁଥାଏ ଏଠି
ଅଚିରେ ବୈତରଣୀ !!

ଦଶାସ୍ୱିନୀ ଘାଟ ପ୍ରସିଦ୍ଧ ଏଠାରେ
ବୁଡ଼ ଦିଅ ଥରୁଟେ !
ସକଳ ପାପ ତା ଖଣ୍ଡିତ ହୁଅଇ
ଅଛି ଲୋକ କଥାଟେ !!

ସେଇ ବୈତରଣୀ ନଦୀ ତୀରେ ତୀରେ
ସପ୍ତମାତୃକା ସ୍ଥାପିତ !
ସୁମ୍ଭ ନିଶୁମ୍ଭଙ୍କ ନିଧନ ନିମନ୍ତେ
ଦୁର୍ଗାଙ୍କ ଠୁ ପ୍ରକଟିତା !!

ଚାମୁଣ୍ଡା, ବରାହୀ, ଇନ୍ଦ୍ରାଣୀ, ବୈଷ୍ଣବୀ
ବ୍ରହ୍ମଣି, କୌମାରୀ ଆଉ !
ମାହେଶ୍ୱରୀ , ନରସିଂହୀ ନାମେ
ସପ୍ତମାତୃକା ପୂଜାପାଉ !!

କଟିକଟା, ଦଶରଥପୁର, ଯାଜପୁର

# ଅପେକ୍ଷାରେ..



ସମୀର ରଣା

ସୂର୍ଯ୍ୟ କୁ ଶତଦଳ ଜହ୍ନ କୁ କଇଁ
ଗ୍ଚହିଁ ରହିଥାନ୍ତ୍ରି ବାଟ ଅନାଇ ।
ସେହିପରି ପ୍ରିୟା ତୋ ବାଟ ଗ୍ଚହିଁ
ଅପେକ୍ଷା ରେ ଅନ୍ଧ ହେଲିଣି ମୁହିଁ ।।

ଗ୍ଚତକ ଯେପରି ପ୍ରଥମ ବର୍ଷା କୁ
ଅପେକ୍ଷାରେ ଥାଏ ଆତ୍ମ ତୃପ୍ତୀ କୁ ।
ମୟୂର ଗ୍ଚହିଁ ଥାଏ କଳା ମେଘ କୁ
ଭ୍ରମର ଯେପରି ପୁଷ୍ପ କଢ଼ କୁ ।।

ତାଙ୍କୁ ଦେଖି ଦୃଢ଼ କରିଛି ମନକୁ
ଆସିବୁ ବୋଲି ତୁ ମୋରି ପାଖକୁ ।
ତୋତେ ପାଇ କେବେ ହେବି ମୁଁ ସୁଖି
ଅପେକ୍ଷା ରେ ତଣ୍ଟି ଗଲାଣି ଶୁଖି ।।

ଶୁଣ ଗୋ ସଜନୀ ଥରେ ମନଦେଇ
ତତେ ଝୁରି ଝୁରି ମରୁଛି ମୁହିଁ ।
ଦେହ ସିନା ଏଠି ମନ ତୋ ପାଖେ
ଅପେକ୍ଷା ରେ ତୋର ଏସବୁ ଲେଖେ ।।

ରିଗଡୁଲ୍, ଟିଟିଲାଗଡ଼

# ଆସୁଛେ ନୂଆଁ ବରଷ



ଦେବାର୍ଚ୍ଚନ ମେହେର

ଆସ ହେ ତୁମେ
ନୂଆଁ ବରଷ,
ସମସ୍ତଙ୍କ ହୃର୍ଦେ
ଖୁସି ମନରେ ବସ।।

କର ହେ ଆଶିର୍ବାଦ
ହେ ନବ ବରଷ,
ସୁଖ, ଶାନ୍ତି ଧରି
ଏ ସଂସାର କୁ ଆସ।।

ତୁମ ଆଗମନେ ଚାହିଁ ରହିଅଛୁ
ଅଗଣିତ ନରନାରୀ,
ନ ଦେଇ ଦୁଃଖ, କଷ୍ଟ
ହସ, ଖୁସି ରେ କରିବ ପାରି।।

ଭଲରେ ଏ ବରଷ
ଜୀବନ ବିତିବ,
ଲୋକଙ୍କ ମନରେ
ପ୍ରେମ ଭରି ଯିବ।।

ମଙ୍ଗଳ ହେବ
ସାରା ବିଶ୍ୱର,
କୃପା କରିବେ
ଜଗତ ଈଶ୍ୱର।।

ଦିନ, ମାସ, ବରଷ
ଯାଉଛି ତ ସରି,
ଆସୁଛି ପୁଣି ଗୋଟେ
ବରଷ ନୂଆଁ କରି।।

ଖୁସି ମନରେ ନୂଆଁ ବରଷକୁ
କରିବା ସ୍ୱାଗତ,
କେତେ ଭୁଜି ପାର୍ଟି କରିବା
ଦିନ, ରାତି ହୋଇ ଏକମତ।।

ନିଜ ସାଙ୍ଗ ସାଥିଙ୍କୁ
କରିବା ଅଭିନନ୍ଦନ,
ଭଗବାନଙ୍କ ଠାରେ କରୁଛି ମୁଁ ପ୍ରାର୍ଥନା
ସମସ୍ତଙ୍କ କଟୁ ସୁଖରେ ଜୀବନ।।

ରାଗ, ରିଷା ମୁଁହ ଫୁଲା
ଯିବା ସବୁ ପାସିରି,
ସ୍ନେହ, ଶ୍ରଦ୍ଧା କରୁ ଥିମା
ମନ ସ୍ୱଚ୍ଛ ରଖି କରି।।

ଯେତେ ସବୁ ନୂଆଁ ସକାଳ
ନୂଆଁ ବରଷ ର,
ନୂଆଁ ଆଶା, ସପନ କୁ
ଟିକେ ପୂର୍ଣ୍ଣ କର।।

ମନ୍ଦ ଛାଡ଼ି ଭଲ କର୍ମେ
ମନ ରଖିଥ ଯିବ ତରି,
ଯେଉଁ କର୍ମେ ହାତ ଦେଲେ
ଛାଡ଼ିବା ପୂର୍ଣ୍ଣ କରି।।

ସମୟ ସଙ୍ଗେ ଚାଲିବା
ପକେଇ ଦୁଇ ପାଦକୁ,
ନ ଫେରିବୁ କେଭେ ଦେଖ
ଲେଉଟି ପୁଣି ପଛକୁ।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ

# ଅନୁଭୂତିରେ ରାଣୀପୁର ଝରିଆଲ୍



ଟଙ୍କଧର ସାହୁ

ସେଦିନ ଥିଲା ଆମ ପାଇଁ ଏକ ସ୍ମରଣୀୟ ଦିନ। ଆମ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆମେ ପାଟଣାଗଡ଼ ରୁ ବସ ଯୋଗେ ବାହାରି ଯାଇଥିଲୁ ଅଧ୍ୟୟନ ଯାତ୍ରାରେ ରାଣୀପୁର ଝରିଆଳ ମାଟିକୁ। ଏ ମାଟି ଐତିହାସିକ ତଥ୍ୟ ଓ ଉପାଦାନରେ ଭରପୁର। ଯାହା ଆମ ପ୍ରାଚୀନ କଳା, କୀର୍ତ୍ତି ଏବଂ ସଂସ୍କୃ ତିର ପରିଚୟ ବହନ କରିବା ସହିତ ଶିଳ୍ପୀ ମାନଙ୍କ ନିଖୁଣ କଳା କାରିଗରୀ ବିଦ୍ୟାକୁ ମଧ୍ୟ ବିଶ୍ୱ ସମ୍ମୁଖରେ ଆଣି ଥୋଇଥାଏ। ତେଣୁ ତାକୁ ଦେଖିବାକୁ ସମସ୍ତଙ୍କ ମନ ଭିତରେ ଉତ୍ସାହ, ଉଦ୍ଦୀପନା ଓ ଉତ୍କଣ୍ଠା ଭାବ ସୃଷ୍ଟି ହେଉଥାଏ, ତାର ସୁନ୍ଦର ଚାରୁକଳାକୁ ଦର୍ଶନ ଓ ଉପଭୋଗ କରିବାକୁ। ପରିଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟି ଆମେ ପହଞ୍ଚି ଯାଇଥିଲୁ ଆମ ଗନ୍ତବ୍ୟ ସ୍ଥଳର ପବିତ୍ର ମାଟିରେ।

ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସବଡିଭିଜନ୍ ଅନ୍ତର୍ଗତ ବଙ୍ଗୋମୁ୍ଡା ବ୍ଲକରେ ଅବସ୍ଥିତ ରାଣୀପୁର ଝରିଆଲ। ବଲାଙ୍ଗୀରରୁ ପ୍ରାୟ ୯୧ କି.ମି ଦୂରରେ ଏହାର ଅବସ୍ଥିତି। ରାଣୀପୁର ଏବଂ ଝରିଆଳ ଏହି ଦୁଇଟି ଗ୍ରାମର ମଧ୍ୟଭାଗରେ ଏହା ଅବସ୍ଥିତ। ଏଠାରେ ଥିବା ଚୌଷଠି ଯୋଗିନୀ ମନ୍ଦିର ଦୁଇଟି ବିସ୍ତୃ ତଟାଙ୍ଗରା ଭୂମିର ମଧ୍ୟଭାଗରେ ରହିଅଛି। ଏହାର ପାଖରେ ଅନେକ ଗୁଡ଼ିଏ ଛୋଟ ଛୋଟ ମନ୍ଦିର ଦେଖିବାକୁ ମିଳେ। ଏହା ଏକ ଐତିହାସିକ ସ୍ଥଳୀ ଭାବରେ ପରିଚିତ। ଏଠାରେ ଥିବା ମନ୍ଦିର ସବୁ ପ୍ରାୟ ଅଷ୍ଟମ ରୁ ଏକାଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ। ରାଣୀପୁର ଝରିଆଲ ର ଚୌଷଠୀ ଯୋଗିନୀ ମନ୍ଦିର ସବୁଠାରୁ ପ୍ରସିଦ୍ଧ। ଏମିତି ମନ୍ଦିର ଗୁଡ଼ିକ ଭାରତର ଚାରିଗୋଟି ଜାଗାରେ ଦେଖିବାକୁ ମିଳେ ଯାହା ଓଡ଼ିଶାରେ ଦୁଇଟି ଏବଂ ମଧ୍ୟପ୍ରଦେଶରେ ଦୁଇଟି ଦେଖିବାକୁ ମିଳିଥାଏ। ଏହି ମନ୍ଦିରର ଆକୃତି ଗୋଲାକୃତ ଭାବରେ ରହିଛି ଆଉ ଏହା ଭିତରେ ହିଁ ଚୌଷଠୀ ଟି

ଯୋଗିନୀ ପୂଜା ପାଉଛନ୍ତି। କେତେକ ମୂର୍ତ୍ତି ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଛି। ଚୌଷଠୀ ଯୋଗିନୀ ମନ୍ଦିରର ମଧ୍ୟଭାଗରେ ଭଗବାନ ଶିବଙ୍କର ଏକ ମୂର୍ତ୍ତି ରହିଛି। ଶିବଙ୍କର ମୂର୍ତ୍ତିର ନିମ୍ନ ଭାଗରେ ଭଗବାନ ଗଣେଶ ଏବଂ ଏକ ଷଣ୍ଢ ର ମୂର୍ତ୍ତି ରହିଛି। ଏହି ମନ୍ଦିର ଛାତ ବିହୀନ ଅଟେ। ଏଠାରେ ଯେତେ ମନ୍ଦିର ରହିଛି ସବୁ ପଥରକୁ ପଥରରେ ଯୋଡ଼ି ନିର୍ମାଣ କରାଯାଇଛି ଯାହା ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି। ରାଣୀପୁର ଝରିଆଳ ଶୈବ, ବୈଷ୍ଣବ, ତନ୍ତ୍ର ସାଧନା ଏବଂ ବୌଦ୍ଧ ଧର୍ମର ମିଳନ ସ୍ଥଳୀ ଅଟେ। ସେଠାରେ ଚଟ୍ଟାଣ ଉପରେ ଛୋଟ ଛୋଟ ପଥରରେ ଚକ୍ରବ୍ୟୁହ ତିଆରି କରାଯାଇଛି ଯାହା ଦେଖିବାକୁ ଭୁଲଭୁଲେୟା ସଦୃଶ। ବର୍ତମାନ ଏଠାରେ ପ୍ରାୟ ଷାଠିଏ ଟି ଛୋଟ ଛୋଟ ମନ୍ଦିର ଦେଖିବାକୁ ମିଳେ। ସେଠାରେ ଏକ ଶିବ ମନ୍ଦିର ରହିଛି, ତା'ର ସମ୍ମୁଖରେ ଚଣ୍ଡୀ ମନ୍ଦିର ଏବଂ ମାତା ଲକ୍ଷ୍ମୀଙ୍କ ର ଏକ ପାଦ ଚିହ୍ନ ମଧ୍ୟ ରହିଛି। ଶିବ ମନ୍ଦିରକୁ ଲାଗି ଏକ ଦୀର୍ଘ ପୋଖରୀ ରହିଛି। ସେଠାରେ ଏକ ଛୋଟିଆ ଉଦ୍ୟାନ ରହିଛି ଯାହା ଆମ ମନକୁ କିଣି ନେଇଥିଲା। ରାଣୀପୁର ଝରିଆଲ୍ ରେ ପିକନିକ ପାଇଁ ଭଲ ସୁବିଧା ରହିଛି। ସେଠାରେ ବୁଲି ଦେଖିସାରିବା ପରେ ଆମେ ଅପରାହ୍ନ ଦୁଇଟା ରେ ଭୋଜନ କରିଥିଲୁ। ରୋଷେଇ କରିବା ପାଇଁ ଆମ ସାଙ୍ଗରେ ଯାଇଥିଲେ ଜଣେ ସ୍ୱତନ୍ତ୍ର ରୋଷେୟା । ସମସ୍ତେ ଭୋଜନ କରିସାରିଲା ପରେ ଚିତ୍ତ ବିନୋଦନ ପାଇଁ ଆମେ ସମସ୍ତେ ମଜ୍ଜି ଯାଇଥିଲୁ ନୃତ୍ୟଗୀତ ର ତାଳେ ତାଳେ ଏବଂ ନାଚି ଉଠିଥିଲା ରାଣୀପୁର ଝରିଆଲ୍।

ସେଠାରୁ ଆମେ ଆମର ସମସ୍ତ ଜିନିଷ ପତ୍ର ସଜାଡ଼ି ବାହାରି ପଡିଥିଲୁ, ରାଣୀପୁର ଝରିଆଲ୍ ରୁ ୧ କି.ମି. ଦୂରରେ ଥିବା ଇନ୍ଦ୍ରଲାଟ ମନ୍ଦିର ଅଭିମୁଖେ। ଇନ୍ଦ୍ରଲାଟ ମନ୍ଦିର ଯାହା ସମ୍ପୂର୍ଣ୍ଣ ପୋଡ଼ା ଇଟାରେ ତିଆରି ହୋଇଛି ଯାହାକି ଓଡ଼ିଶାର ଉଚ୍ଚତମ ଇଟାରେ ତିଆରି ମନ୍ଦିର । ମନ୍ଦିର ଭିତରେ ଏକ ଶିବ ଲିଙ୍ଗ ର ସ୍ଥାପନା କରାଯାଇ ପୁରୁଣା ଶିବଲିଙ୍ଗକୁ ମନ୍ଦିର ବାହାରେ ରଖି ପୂଜା କରାଯାଉଛି। ମନ୍ଦିର ଭିତରେ ଭଗବାନ ନୃସିଂହ, ଗଣେଶ, ବିଷ୍ଣୁ ଏବଂ କାର୍ତ୍ତିକ ଙ୍କର ମୂର୍ତ୍ତି ରହିଛି, ଯେଉଁଥିରୁ ଜଣାଯାଏ ଏହା ଏକ ହରିହର ପୂଜା କେନ୍ଦ୍ର ସ୍ଥଳୀ ଅଟେ। ମନ୍ଦିରର ମଧ୍ୟଭାଗରେ ଭଗବାନ ବୁଦ୍ଧଙ୍କ ମଧ୍ୟ ଏକ ମୂର୍ତ୍ତି ରହିଛି , ଯେଉଁଥିରୁ ଜଣା ପଡ଼ିଥାଏ ଯେ ଏହା ଏକ ସର୍ବଧର୍ମ ସମନ୍ୱୟ ର ପୀଠ ଅଟେ। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୮୦ ଫୁଟ ହେବ । ସେଠାକାର ପ୍ରାକୃତିକ ପରିବେଶ ବହୁତ ମନମୁଗ୍ଧକର ଅଟେ।

ସନ୍ଧ୍ୟା ହେବାକୁ ଯାଉଥାଏ, ଭଗବାନ ଦିନମଣି ଦିନକର ପ୍ରାଚ୍ୟ ଦିଗ ପରିତ୍ୟାଗ କରି ପଶ୍ଚିମ ଦିଗର ନିକଟତର ହେଉଥାନ୍ତି। ସେତିକିବେଳେ ଆମେ ମଧ୍ୟ ରାଣୀପୁର ଝରିଆଲ୍ କୁ ପୁଣିଥରେ ନିଶ୍ଚିତ ରୂପରେ ତା କୋଳକୁ ଫେରିବାର ଦ୍ୱାହି ଦେଇ ତାଠୁ ବିଦାୟ ମାଗି ବାହାରି ପଡିଲୁ ନିଜ କର୍ମ ସ୍ଥଳୀ ଅଭିମୁଖେ। ଆଖି ଆଗରେ ଝଲସି ଉଠୁଥାଏ ସେଠାକାର ପ୍ରାକୃତିକ ଶୋଭା, ମନମୁଗ୍ଧକର ପରିବେଶ ସେଠାରେ ଅତିବାହିତ କରିଥିବା ପ୍ରତ୍ୟେକ ମୁହୂର୍ତ୍ତ ଯାହା ଆମ ମନରେ ଏକ ଅବିସ୍ମରଣୀୟ ସ୍ମୃତିଭାବରେ ରହିଯିବ ସାରା ଜୀବନ।

+୩ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ,ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର

# ଜନ୍ମଦିନର ଶୁଭେଚ୍ଛା



ସରୋଜ କୁମାର ଜେନା

ମୁହିଁ ଯେ ଅଜ୍ଞାତ କହୁଅଛି ସତ
ରଚୁନି ପାଶ୍ଚାତ ଶବ୍ଦ,
ମାତୃଭାଷା ପ୍ରୀତି ଏଥିରେ ମୁଁ ତୃପ୍ତି
ଏହାମୋ ସଂକଳ୍ପବଦ୍ଧ ।
ଓଡ଼ିଆ ର ପଦ ଲାଗେ ଯେ ଆହ୍ଲାଦ
ଶ୍ରବଣେ ଶୃତି ମଧୁର,
ପାଶ୍ଚାତ ଭାଷାକୁ ନ ଆଣି ପାଶକୁ
ରଚିଲି ମାଆ ଅକ୍ଷର ।
ଜଗତର ହର ନାମଟି ତାଙ୍କର
ପାଇଅଛ ଆଶୁତୋଷ,
ତୁମ/ବୁବୁ ଜନ୍ମ ଦିନ ଝରୁ ଯେ ସୁମନ
ବିଭୁ ହେ ଦିଅ ଆଶିଷ ।
ଲେଖୁ ଲେଖୁ ପଦେ ଲେଖିଲି ପ୍ରମୋଦେ
ଏହା ଯେ ମୋର ଶୁଭେଚ୍ଛା,
ତୁମ ଶ୍ରମ କ୍ଲାନ୍ତ ହଉ ମୁଖରିତ
ଏହା ମୋର ଅଟେ ଇଚ୍ଛା ।

ବାଲିଝରୀ,ନରସିଂହପୁର,କଟକ
ମୋ -୯୩୪୮୭୮୩୭୯୧

# ବଣ ଭୋଜି



ଟଙ୍କଧର ଶତପଥି

ଚାଲରେ ପିଲେ ବଣକୁ ଯିବା
ବରଗଛ ମୂଳେ ଭୋଜି କରିବା
ବର ଗଛର ଡାଳେ,
ମଜାରେ ଆମେ ଖେଳିବା ଦୋଳି
ସମୀର ତାଳେ ତାଳେ ॥

ଧରିବା ଆମେ ପରଜାପତି
ରଙ୍ଗବେରଙ୍ଗରେ ହଜିବ ମତି
କରି ତା ସାଥେ ପ୍ରୀତି,
ଚାଲିବା ଆମେ ଝୁଲି ଝୁଲିକା
ସତେ ଗୁଣ୍ଠୁଣି ହାତୀ ॥

ଗଛରୁ ଗଛ ବୁଲି ବୁଲିକା
ଭଲି ଭଲି ଫୁଲ ବାଛି ବାଛିକା
ଭରିବା ଆମ ଥଳି,
ସାଥିରେ ଥିବେ ଯେତେକ ସାଥୀ
ଖୁସିରେ ଦେବେ ତାଳି ॥

ସଭିଏଁ ଆମେ ଏକାଠି ବସି
ଖୁସିରେ ଖୁସିରେ ଖାଇବା ହସି
ବନଦେବୀଙ୍କୁ ସ୍ମରି,
ଆନନ୍ଦେ ଆମେ ଭୁଞ୍ଜିଣ ଦେବା
ପେଟରେ ହାତମାରି ॥

ଶେଷରେ ଆମେ ଘରକୁ ଫେରି
ଜେଜେ ମାଆ ପାଶେ କରିବା ଅଳି
ତେଲ କା ଞ୍ଚିକୁ ଧରି,
ସରାଗେ ଦେବେ ଗୋଡ଼ରେ ମାରି
ସେନେହ ବହୁ କରି॥

ବାଘୁଆ ବୋଲ, ତାଳଚେର, ଅନୁଗୋଳ ।
ଦୂରଭାଷ :୯୯୩୮୨୬୪୪୭୬ ।

# ମାନ ଭଞ୍ଜନ



ତ୍ରିପତି ପ୍ରଧାନ

ତରଙ୍ଗଭାଷିଣୀ ମୋମନ ମୋହିନୀ
କବାଟ ଫିଟାଅ ଯିବି ମୁ ଘର
ଅଭିମାନିନୀ ହେ ଅଭିମାନ ଧରି
ବସି ରହି ଅଛ କିମ୍ପା ଭିତର(୧)
ତୁମ ବିନୁ ସହି ଜୀବନ ମୋ କାହିଁ
ପ୍ରାଣ ସଦା ଥିଲା ତୁମରି ଠାର
ଭଗିନୀର ଅଳି ରଖିଯାଇ ଥିଲି
ଯାତରା ହେଲା ମା ଗୁଣ୍ଡିଚା ପୁର(୨)
କୋଳେ ଧରିବସି ମାଆ ମୋତେ ହସି
ଖୁଆଇ ମିଷ୍ଟାନ୍ନ କେତେ ପ୍ରକାର
ତବ ଗୁଣ ସଖି କହେ ଖୁସି ଭାଷି
ସେପରି ବୋହୂ କି ଅଛି ତ୍ରିପୁର (୩)
ଶୁଣିଣ ପ୍ରଶଂସା ହେ ମୋ ପ୍ରେମରସା
ବିତି ଗଲା ମାତ୍ର ଦିନ କେତର
ତେଣୁ ଗୋ ପାଗଳୀ କପାଟକୁ କିଳି
ରଖି ଅଛ ମୋତେ ଗୃହ ବାହାର (୪)
ତୁମ ପ୍ରିୟ ଜାଣି ସିନ୍ଧୁ ଜେମାମଣି
ଧରି ଆସିଅଛି ରସ ଗୋଳକୁ
କୋଳେମୋ ବସାଇ ଦେବି ହେ ଖୁଆଇ
ଦୁଆର ଖୋଲିଣ ଆସ ଅଙ୍କକୁ (୫)

ସଂସ୍କୃ ତଶିକ୍ଷକ, ଟିକିଟି

# ସନ୍ଦେହ



ମହେଶ୍ୱର ସାହୁ

ରାଜା ବାବୁଙ୍କର ବିବାହ ସରିଯାଇଥିଲା । ଆଜି ତାଙ୍କର ଚଉଠି । ମଣିଷ ଜୀବନରେ ଖୁସି, ସ୍ନେହ, ପ୍ରେମ ଓ ଆତ୍ମତୃପ୍ତି ହିଁ ଏହି ଚଉଠି ଦିନ ଉପଲବ୍ଧି ହୋଇଥାଏ । ଚଉଠି ପାଇଁ ଘର ବାହାର ଟେଣ୍ଟରେ ସୁସଜ୍ଜିତ ହୋଇଥାଏ । ଘରେ ବାହାରେ ବନ୍ଧୁ ବାନ୍ଧବଙ୍କ ସହିତ ଆତ୍ମୀୟ ସ୍ୱଜନଙ୍କ ଭିଡ଼ । ବାସ୍ନା ଭରା ଭବନ, ଆଲୋକର ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ, ନାନାବିଧ ପୁଷ୍ପ ଗୁଚ୍ଛରେ ପ୍ରଲୋଭିତ ଓ ଆକର୍ଷଣୀୟ ହୋଇଛି ନିଜର ବାସଭବନ । ରାଜା ବାବୁ ହେଉଛନ୍ତି ଜମିଦାରଙ୍କର ଅଣ ନାତି । ପରିବାରର ଖାତିରି କହିଲେ ଆଖପାଖ ଅଞ୍ଚଳରେ ବାବୁ ବାବୁ । ତେଣୁ ରାଜବାବୁ ବୋଲି ସମସ୍ତେ କୁଡି ପକାଉଛନ୍ତି । ଜମିଦାରି ବାହାଘର ! ବାହାଘର ହେଲା ଭଲ ହୋଇଛି ମଧ୍ୟ । ଡିଜେ ବାଜୁଛି, ଚକେନ୍ ମଟନ ରୋଷେଇ ଚାଲିଛି । କନିଆଁ ମଧ୍ୟ ଦେଖିବାକୁ ରାଜକୁମାରି ଭଳି । ବର କନିଆଁଙ୍କ ଛବି ଫାଟକ ପାଖରେ ଲଗା ଯାଇଛି ।

ହଠାତ ରାଜା ବାବୁ ନିଜ କୋଠରୀ ମଧ୍ୟକୁ ପ୍ରବେଶ କଲେ । ଦେଖିଲେ ତାଙ୍କର ମନର ମାନସି, ହୃଦୟର ରାଣୀ ଫୋନରେ କଥା ହେବାରେ ବ୍ୟସ୍ତ । ଆଦୌ ରାଜବାବୁଙ୍କ ଆଡକୁ ଅନେଇଲେ ବି ନାହିଁ । ରାଜା ବାବୁ ଯେହେତୁ ମାନସି ପାଇଁ ନୂଆ ତେଣୁ କଥା ହେବାକୁ ତ ନିଶ୍ଚୟ ଲାଜ ଲାଗିବ । ରାଜା ବାବୁ ଟିକେ ସରମ ଭରା କଣ୍ଠରେ କହିଲେ, "ମାନସି ! କିଏ ଫୋନ କରିଛନ୍ତି ।"

"ମୋ ଧରମ ଭାଇ ।" ମାନସି ଉତ୍ସାହର ସହ ଜବାବ ଦେଇଥିଲେ ।

ରାଜା ବାବୁଙ୍କ କଣ୍ଠ ରୋଦ୍ଧ ହୋଇ ଯାଇଥିଲା । ସେ ଧରମ ଭାଇ ଶବ୍ଦଟିକୁ ଆଦୌ ପସନ୍ଦ କରନ୍ତି ନାହିଁ । ହେଲେ ନୂଆ ବୋହୁ କଣ କହିବେ । ଭାବି ଭାବି କହିଲେ, "ଆଛା ମ୍ୟାଡାମ! ମୋ ସହିତ କଥା ହେଇ ପାରିବେ ?"

"ହଁ, ନିଶ୍ଚୟ ! ତମ ସହିତ ତ ଜୀବନ ସାରା କଥା ହେବାକୁ ମୁଁ ତମ ହାତ ଧରିଛି । ହେଲେ ଭାଇଟା କଲ କରିଥିଲେ ତ, ସେଇଥିପାଇଁ କଥା ହେଉଛି ।"

"ଆଜିର ଦିନରେ କେତେ ବନ୍ଧୁ ବାନ୍ଧବ ଓ ସାଙ୍ଗ ସାଥି ଆସିଛନ୍ତି । ହେଲେ ତମେ ଏକୁଟିଆ ଏଇଠାରେ ବସି ଧରମ ଭାଇ ସହିତ କଥା ହେବା ଆଦୌ ଶୋଭା ଦେଉନ । ଏଇନେ ତୁମ ଘର ଲୋକ ସମସ୍ତେ ଆସିବେ ଚଉଠି ଭାର ନେଇ । ହଉ ଠିକ ଅଛି ମୁଁ ଆସୁଛି ।"

ଏତକ କହି ରାଜବାବୁ ବାହାରକୁ ଚାଲିଗଲେ । କିଛି ସମୟ ପରେ ରାଜା ବାବୁଙ୍କ ମନ କେମିତି କଣ ଖୋଳ ତାଡ଼ିଲା ଭଳ ହେଉଥାଏ । ପୁନଶ୍ଚ ରାଜା ବାବୁ କୋଠରୀ ମଧ୍ୟକୁ ଆସିଥିଲେ, ହେଲେ ମାନସି ସେମିତି ହସ ହସ ହୋଇ ବାର୍ତ୍ତାଳାପ ରେ ବ୍ୟସ୍ତ । ରାଜା ବାବୁଙ୍କୁ ଆଦୌ ଗୁରୁତ୍ୱ ନ ଦେଇ ସେମିତି କଥା ହେଉଥାନ୍ତି ହିଁ ହେଉଥାନ୍ତି । ରାଜା ବାବୁ କିଛି ନ କହି ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ଆଉ ସିଧା ମାନସି ପାଖକୁ ନ ଯାଇ, ତାଙ୍କ କୋଠରୀର ଝରକା ପାଖକୁ ଯାଇ, ଟିକେ ଶୁଣିବାକୁ ଚେଷ୍ଟା କଲେ ଯେ ମାନସି କାହା ସହିତ କଥା ହେଉଛି । ହେଲେ ଧୀର କଣ୍ଠସ୍ୱରରୁ ରାଜବାବୁ କିଛି ଶୁଣିପାରିଲେ ନାହିଁ। ସେଠୁ ଫେରି ଆସିଲେ ।

ନିଜ ଭଉଣୀ ମମତାକୁ ଡାକି କହିଲେ, "ତମେ ସବୁ ବାହାରେ ବୁଲୁଥାଅ ସିଆଡେ ନୂଆ ଭାଉଜ ଏକୁଟିଆ ବସିଛନ୍ତି । ଯାଇ ଟିକେ ତାଙ୍କ ପାଖରେ ବସିବ ଯାଅ ।"

ସାନ ଭଉଣୀ ମମତା ରୋକ ଠୋକ ମନା କରିଦେଇ କହିଲା, "ଭାଇ ମୁଁ ସେଠାକୁ ଯିବି ନାହିଁ! ଭାଉଜ ମୋତେ କହିଲେ ତମେ ସବୁ ଏଠାରୁ ଯାଅ । ମୋତେ ଟିକେ ଏକୁଟିଆ ବସିବାକୁ ଦିଅ ।"

ଏଇଥର ରାଜବାବୁଙ୍କର ସନ୍ଦେହ ଆହୁରି ଦୁଇଗୁଣ ବଢିବାକୁ ଲାଗିଲା । ତାଙ୍କର ମନ କେବଳ ମାନସି ପାଖରେ ରହିଥାଏ । ଆଉ କୌଣସି କାମରେ ମଧ୍ୟ ତାଙ୍କୁ ଇଚ୍ଛା ହେଉ ନଥାଏ । ପୁଣି କିଛି ସମୟ ପରେ ସେ ନିଜେ ଯିବାକୁ ଚାହିଁଲେ । ଧୀରେ ଧୀରେ ଯାଇ କବାଟ ପାଖରେ ଛିଡା ହେଲେ । ଭିତରୁ ଠୋ ଠୋ ଶବ୍ଦ ଶୁଣିବାକୁ ପାଇଲେ । କଥାଗୁଡ଼ାକ ସ୍ପଷ୍ଟ ସୁଭାଯାଉ ନଥିଲେ ମଧ୍ୟ ମଝିରେ ମଝିରେ ଠୋ ଠୋ ହୋଇ ହସର ଲହରୀ ରାଜବାବୁଙ୍କ କାଳିଜା କାଟି ଦେଉଥାଏ । କଏ ସେ ଧରମ ଭାଇ ଯିଏ କି ଆଜିଭଳି ଦିନରେ

ମୋତେ ଏତେ କଷ୍ଟ ଦେଉଛି । କଣ ମୋର ବିବାହର ସମସ୍ତ ଆୟୋଜନ ପାଣିଫୋଟକା ଭଳି ଫୁଟି ମିଳେଇଯିବ । କଣ ମୋର ସବୁ ସ୍ୱପ୍ନ ଭାଙ୍ଗି ଚୁର ମାର ହୋଇଯିବ । କଣ ମୋର ସବୁ ଖୁସି ଓ ସବୁ ଆଶା ଆକାଂକ୍ଷା ଧୂଳିସାତ ହୋଇଯିବ । କଣ ପାଇଁ ଏହି ସବୁ ଆୟୋଜନ ? କଣ ପାଇଁ ଏତେ ଫୁଲ୍‌ଣିଆ ଓ ଦେଖାଣିଆ ସାଜସଜ୍ଜା ? କଣ ପାଇଁ ଏହି ବିବାହ ଓ ପ୍ରଗ୍ଭର ?

ଛି ଛି ଛି ମୋର ଏଇ ଅପଦାର୍ଥ ଜୀବନ ! ଏମିତି ଅନେକ ଭାବନା ଓ ସନ୍ଦେହର ଜ୍ୱାଳାରେ ଛଟ ପଟ ହେଉଥାନ୍ତି ରାଜା ବାବୁ । ଗୋରୁ କନ୍ୟା ଭାଗ୍ୟରୁ ପ୍ରାପ୍ତି ହୋଇଥାଏ ବୋଲି ସେ ଶୁଣିଥିଲେ । ହେଲେ ତାଙ୍କର କଣ ଭାଗ୍ୟ ଏତେ ଖରାପ । ସତରେ ଏଇଟା ତାଙ୍କର ଭାଗ୍ୟର ବିଡମ୍ବନା କହିଲେ ଚଳେ ।

ରାଜା ବାବୁ ଅସହ୍ୟ ହୋଇ ଭିତରକୁ ପଶି ଯାଇଥିଲେ । ହେଲେ ମାନସି ଟିକଏ ମଧ ବିଚଳତ ହୋଇ ନଥିଲେ । "କଣ ସେଇ ଧରମ ଭାଇ ଏବେ ପର୍ଯ୍ୟନ୍ତ କଥା ହେଉଛନ୍ତି । ମୋତେ ଟିକେ ଅନେଇବ କି ନାହିଁ ?"

"ହଁ ନିଶ୍ଚୟ ଅନେଇବି । ସେ ସମୟକୁ ଅପେକ୍ଷା କରନ୍ତୁ ! ଏବେ ଠାରୁ ଅଧର୍ଯ୍ୟ କାହିଁକି ?"

ରାଜା ବାବୁଙ୍କର ମାନସିର ଉତ୍ତରରେ କୌଣସି ଜବାବ ନ ଥିଲା । ସନ୍ଦେହର ଜ୍ୱାଳାରେ ସେ ଛଟ ପଟ ହେଉଥିଲେ । ଶୁଣା ଗଲା ଯେ ଝିଅର ବାପାଘରୁ ଭାର ଆସିଛି ! ରାଜାବାବୁଙ୍କ ଘରେ ଶଶୁର ଘର ଲୋକଙ୍କ ଭିଡ଼ ଜମିଗଲା । ଶଶୁର ଘରୁ ଆସିଥିବା ସମସ୍ତ ଲୋକ ମାନେ ଗାଡିରୁ ଓହ୍ଲେଇ ସିଧା ଯାଇ ମାନସି ପାଖରେ ପହଁଚଲେ ।

ଶଶୁର ଘର ଲୋକ ଜ୍ୱାଇଁପୁଅ କୁଆଡେ ଗଲେ କାହିଁ ଦେଖା ଯାଉ ନାହାଁନ୍ତି ବୋଲି ଖୋଜିବାକୁ ଲାଗିଲେ । ସମସ୍ତଙ୍କର ଖୋଜା ପଡିଲା, ରାଜା ବାବୁ କୁଆଡେ ଗଲେ । ହେଲେ ରାଜା ବାବୁ ନାହାନ୍ତି ଏଠି ବୋଲି ଜାଣିବାକୁ ପାଇଲେ । ପରିବାର ଓ ବନ୍ଧୁ ବାନ୍ଧବ ମଧ ଆଖ ପାଖ ଓ ସାହି ପଡ଼ିଶାରେ ଖୋଜିବାକୁ ଲାଗିଲେ । କିନ୍ତୁ ରାଜା ବାବୁଙ୍କୁ ପାଇଲେ ନାହିଁ । ମମତା କହିଲା ଏଇନେ ତ ଭାଇ ଏଇଠି ଥିଲେ । ମାନସି ମଧ କହିଲା ଏଇନେତ ମୋ ପାଖକୁ ଆସିକରି ଗଲେ । ହେଲେ ରାଜା ବାବୁ କୁଆଡେ ଗଲେ ? ରାଜା ବାବୁ ନିଖୋଜ ହୋଇଯାଇଥିଲେ ଯେପରି ।

ସନ୍ଦେହର ଜ୍ୱାଳା ସହି ନ ପାରି ରାଜା ବାବୁ ଅତ୍ୟନ୍ତ ବ୍ୟାକୁଳ ହୋଇ ନିକଟରେ ଥିବା ଏକ ପୋଖରୀ ହୁଡ଼ାରେ ବସି ଆଖିରୁ ଲୋତକ ଗଡାଉ ଥାଆନ୍ତି । ଭାବୁଥାନ୍ତି କଣ ସତରେ ଅନ୍ୟ ଲୋକଙ୍କ ଭଳି ମୋ ଭାଗ୍ୟରେ ଚରିତ୍ର ହୀନା ଓ ହୀନ ପ୍ରକୃତି ନାରୀ ପହଁଚିଲା । ଯାହାର ଚଉଠି ଦିନ ଏମିତି ଆଗକୁ କଣ ନ ହେବ ।

ଲୋକ ମାନେ ଚତୁର୍ଦିଗରେ ଖୋଜା ଖୋଜି କରୁଥାନ୍ତି । ଏହି ସମୟରେ ଜଣେ ପଡିଶା ଲୋକ ଡାକ ଛାଡିଲା ରାଜା ବାବୁ ଏଇଠି ଅଛନ୍ତି । ସମସ୍ତେ ସେଇ ଜାଗାକୁ ଦଉଡି ଯାଇଥିଲେ । ରାଜା ବାବୁଙ୍କର କଣ ଏମିତି ହେଇଛି । ସେ କାହିଁକି ଏମିତି ପାଗଳ ଭଳି ଆଜିର ଶୁଭ ଦିନରେ ଏଠି ବସିଛନ୍ତି ? ସମସ୍ତେ ତାଙ୍କୁ ବୁଝେଇ ସୁଝେଇ ଘରକୁ ନେଲେ । ହେଲେ ରାଜୁ ବାବୁ ସମ୍ପୂର୍ଣ ମୂକ ଭଳି କୌଣସି କଥାର ଉତ୍ତର ଦେଉ ନ ଥାନ୍ତି । ମାଆ ବାପା ଯେତେ ଯାହା ପଚାରିଲେ ମଧ୍ୟ ତାଙ୍କର କୌଣସି ଉତ୍ତର ନ ଥିଲା ।

ଶଶୁର ଘର ଲୋକ ରାଜା ବାବୁଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବାହାରେ ଧୂମ ଧାମରେ ଭୋଜି ଚାଲିଛି ହେଲେ ଏଠି ଯାହା ପାଇଁ ଭୋଜି ଓ ଏତେ ଆୟୋଜନ ସେ କଣ ମୂକ ପଙ୍ଗୁ ଭଳି ଅକର୍ମଣ୍ୟ ହୋଇଗଲା । ସମସ୍ତେ ଆଶ୍ଚର୍ଯ୍ୟ ଓ ନିର୍ବାକ । ରାଜା ବାବୁ ଧୀର ସ୍ୱରରେ କହି ପକାଇଲେ ସମସ୍ତଙ୍କୁ ଅନୁରୋଧ ସସମ୍ମାନେ ଭୋଜନ କରି ନିଜ ଘରକୁ ଯାଆନ୍ତୁ, ହେଲେ ମୁଁ କାହା କଥାରେ କୌଣସି ଉତ୍ତର ଦେଇ ପାରିବି ନାହିଁ ।

ରାଜା ବାବୁ ପୁନଶ୍ଚ କହି ଥିଲେ ମୁଁ ପ୍ରଥମେ ମାନସି ସହିତ କଥା ହେବି, ତା' ପରେ ଯାହା କହିବୁ । ରାଜା ବାବୁ ନିଜ କୋଠରୀକୁ ପ୍ରବେଶ କଲେ । ମାନସି ମଝିରେ ବସିଛି । ତାକୁ ଘେରି ରହିଛନ୍ତି ଶଶୁର ଘରର ଲୋକ । ରାଜା ବାବୁଙ୍କୁ ଦେଖି ମାନସି ସମସ୍ତ ଶଶୁର ଘର ଲୋକଙ୍କୁ କହିଲା ତମେ ମାନେ ବାହାରକୁ ଯାଅ ଖିଆ ପିଆ କରିବ । ମୁଁ ମୋ ପତି ଦେବଙ୍କ ସହ ଟିକେ କଥା ହେବି । ସମସ୍ତେ କୋଠରୀ ମଧ୍ୟରୁ ପଳେଇ ଆସିଥିଲେ । ରାଜା ବାବୁତ ରାଗରେ କାଁ କାଁ ହେଉଥିଲେ । ମାନସିକୁ ଦେଖି ତାଙ୍କ ହାଡ଼ ସହିତ ଶିରା ପ୍ରଶିରା ଜଳ ଯାଉଥିଲା । ସେ ଯାଇ ପଲଙ୍କ ଉପରେ ବସି ଗଲେ । ଠିକ ଏତିକି ବେଳେ ମାନସି କହିଲା, "କଣ ତମେ ମୋ ଉପରେ ରାଗିଛ ? ମୁଁ କଣ ଭୁଲ କଲି ଯେ ?" ରାଜା ବାବୁ କିଛି କହି ପାରୁ ନ ଥିଲେ କି ସହି ପାରୁ ନ ଥିଲେ । ଏଇ ସମୟରେ ଫୋନ ରିଂ ହେଲା ।

ମାନସି ଫୋନ ଉଠାଇ କହିଲା, "ହ୍ୟାଲୋ, ତମେ ମୋ ସହିତ ଆଉ କଥା ହୁଅ ନାହିଁ । ମୋ ପତି ଦେବ ବହୁତ ରାଗ କରୁଛନ୍ତି ।"

ଏତିକି ଶୁଣି ରାଜା ବାବୁ ପଲଙ୍କ ଉପରୁ ଉଠି ବାହାରକୁ ପଳେଇ ଆସିବା ସମୟରେ ମାନସି ଯାଇ ରାଜା ବାବୁଙ୍କ ଆଗରେ ଠିଆ ହୋଇ ଯାଇଥିଲା । କହିଲା, "କାହିଁକି ପଳେଇ ଯାଉଛ। ମୋର ପୂରା ତମ ସହିତ କଥା ଅଛି ।"

"ମୁଁ ତୋ ଭଳି ନଷ୍ଟ ଚରିତ୍ରା ସହିତ କଥା ହେବାକୁ ଚାହେଁ ନାହିଁ । ମୋତେ ସବୁ ଜଣା ପଡିଗଲା ତୁ ଗୋଟେ ନାରୀ ନାଁ ରେ କଳଙ୍କ । ତେଣୁ ମୁଁ କିଛି ଅଘଟଣ ଘଟେଇବା ପୂର୍ବରୁ ମୋତେ ମୋ ରାସ୍ତା ଛାଡି ଦେ !"

ମାନସି କାନ୍ଦି ପକେଇଥିଲା । କହିଲା, "ମୁଁ ଶିକ୍ଷିତା, ମୁଁ ନଷ୍ଟ ଚରିତ୍ରା ନୁହେଁ, ମୁଁ ଜାଣିବାକୁ ଚାହୁଁଥିଲି ମୁଁ ଯାହାକୁ ନେଇ ସାରା ଜୀବନ ସଂସାର କରିବି ସେ ସିନା ସମ୍ପଦ ରେ ଧନୀ ହେଲେ ହୃଦୟରେ ସେ କେତେ ଧନୀ ! ରାଜା ବାବୁ ତମେ ସମ୍ପଦରେ ଧନୀ ହେଲେ ହୃଦୟରେ ସମ୍ପୂର୍ଣ୍ଣ ଗରିବ । ମୋ ପାଖରେ କୌଣସି ଫୋନ ନାହିଁ । ମୁଁ ତମ ଭଉଣୀ ପାଖରୁ ଏଇ ଖେଳଣା ଫୋନ ଆଣିଥିଲି ଏଇ ନାଟକ କରିବାକୁ । ତମ ଭଉଣୀ ମୋତେ ନାଟକରେ ସାହାଯ୍ୟ କରିଥିଲେ । ବିବାହ ଏକ ବନ୍ଧନ । ଏହା ହୃଦୟରୁ ହୋଇଥାଏ ସନ୍ଦେହରୁ ନୁହେ । ତୁମେ ମୋର ପତିଦେବ । ଇହ ପର କାଳର ଦେବତା । ତୁମକୁ ନେଇ ପରା ମୁଁ ସାରା ଜୀବନ ସଂସାର କରିବି ।" ମାନସି ମୁଣ୍ଡରେ ଓଢଣା ଦେଇ ରାଜା ବାବୁଙ୍କୁ ଆଣ୍ଠୁ ମାଡି ପ୍ରଣାମ କରିଥିଲା । ରାଜା ବାବୁଙ୍କ ସମସ୍ତ ରାଗ ଘୃଣା କୁଆଡେ ଉଭେଇ ଯାଇଥିଲା । କହି ପକେଇଲେ, "ତମେ ସତ କହୁଚ ମାନସି।" ରାଜା ବାବୁ ନିଜକୁ ଅତ୍ୟନ୍ତ ହୀନ ଓ ସନ୍ଦେହି ବୋଲି ବହୁତ ଘୃଣା କରୁଥିଲେ । ରାଜା ବାବୁଙ୍କ ଆଖିରୁ କେଇ ଠୋପା ଆନନ୍ଦାଶ୍ରୁ ଗଡି ପଡିଥିଲା ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର
9668363270

# ଜୀବନର ର୍ହା



ଅଜୟ କୁମାର ପଧାନ

ମୁଁ ଭେଟିଥିଲି
ଅନ୍ଧାରର ନିଝୁମ୍ ରାତିରେ
ବାଟବଣା ହୋଇ ବୁଲୁଥିବା
ନିରାଶାୟୀ ପଥିକ କୁ

ମୁଁ ଦେଖିଲି
ମଶାଣି ଫୁଲର ପାଖୁଡ଼ା
ଦେଖିବାକୁ ସତେଜ ସୁନ୍ଦର
ହେଲେ ଅଭିଶପ୍ତ ପିଣ୍ଡକୁ ଡର

ମୁଁ ଛନ୍ଦିହେଲି
ବୁଢିଆଣୀ ବିଛେଇଥିବା
ଜାଲ ଭିତରେ ଧିରେ ଧିରେ
ଫସିଲି ଖୋଜିଖୋଜି ତା ମୂଳ କୁ

ମୁଁ ଛୁଇଁଦେଲି
ପୋଖରୀ ହୁଡ଼ାରେ ଥିବା

ଲାଜକୁଳୀ ଲତାକୁ, ଝାଉଁଳି ଯାଇ
ଇଶାରା କଲା ତା ଦେହର କଣ୍ଟାକୁ

ମୁଁ ନେହୁରା ହେଲି
ମରୁଭୂମିର ଗୁଳ୍ମକୁ ଦେଖି
କହିଲି, କହିବ କି ତୁମ ସୁକ୍ଷ୍ମତାର
ରହସ୍ୟ ତକ୍ଷତ ତୃଷ୍ଣା କୁ

ମୁଁ ପଚାରିଲି
ନ୍ୟାୟାଧିସ ମହୋଦୟଙ୍କୁ
ନ୍ୟାୟର ଚାରାରେ ଅନ୍ୟାୟର
ଫଳ ନ ଫଳିବାର ନିର୍ଦ୍ଧିଷ୍ଟତା କୁ

ମୁଁ ଜାଣିଲି
ଦାବକ ପ୍ରଶ୍ନ କରେ
ଦୁନିଆକୁ, ଉତ୍ତର ନ ପାଇ
ଚାହେଁ ପ୍ରକୃତିର ପାର୍ଶ୍ୱତାକୁ

ରେଶମ, ବରଗଡ଼
ମୋ – ୭୮୭୩୯୫୪୧୫୨

# ଶେଷ ନିଶ୍ୱାସ.....



ବିଶ୍ୱଜିତ୍ ନାୟକ (ଅମର)

ଜୀବନର ଅଙ୍କ କଷି ସାରିଲିଣି
ବାକି ନାହିଁ ଆଉ କିଛି
ପିଣ୍ଡରୁ ମୋପ୍ରାଣ କେବେ ବାହାରିବ
ଅପେକ୍ଷା ତାକୁ କରିଛି

ମଳିନ ପଡିଛି ଦୁଇ ଆଖି ମୋର
କୁଞ୍ଚା କୁଞ୍ଚା ଦିଶେ ଚେମ
ତୁଣ୍ଡ ମୋର ଆଉ ଭଜିଯେ  ପାରୁନି
ହରେ କୃଷ୍ଣ ହରେ ରାମ

ଘେରି ବସିଛନ୍ତି ଆତ୍ମୀୟ ସ୍ୱଜନ
ଦେଉଛନ୍ତି ଗଙ୍ଗାଜଳ
ଦୁଆର ମୁହଁରେ ଛିଡା ହୋଇଛନ୍ତି
ନେବେବୋଲି ମୋତେ କାଳ

ପ୍ରାଣବାୟୁ ଟାକୁ ନେଇ ଚାଲିଯିବେ
ଜାଣିନି ମୁଁ କେତେ ଦୂର

ପୁଣ୍ୟ ଥିଲେ ମୁଁଯେ ଯିବି ସ୍ୱର୍ଗଦ୍ୱାର
ନହେଲେ ନରକ ପୁର

ମୋହମାୟା ମୋତେ ବାନ୍ଧି ପାରିବନି
ମୃତ୍ୟୁ ଯେ ଚିରନ୍ତ ସତ୍ୟ
ଭବ ସଂସାରରେ ପାରି ହୋଇଯିବି
ରାମନାମ ଜପି ନିତ୍ୟ

ଗ୍ରାମ: ଘର ପୋଖରୀ,
ବାସୁଦେବ ପୁର, ଭଦ୍ରକ

# ମୁଁ ରାବଣ କହୁଛି

ଦେବାଶିଷ ଦାସ

ମୁଁ ରାବଣ କହୁଛି
ଦିନ ଥିଲା, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର
ଦେବ, ଦାନବ, ଯକ୍ଷ, ଗନ୍ଧର୍ବ, କିନ୍ନର, ମନୁଷ୍ୟ
ମୋର ପାଦତଳେ ଖଟୁଥିଲେ।
ନବଗ୍ରହଙ୍କୁ କରାୟତ୍ତ କରି
ନିଜ ଇଚ୍ଛା ମୁତାବକ ଚଲାଉଥିଲି ମୁଁ ।
ମନ୍ଦୋଦରୀ ରାଣୀ ମୋର
ଏକ ପତିବ୍ରତା ବ୍ରତରେ ବ୍ରତୀ ବୋଲି
ମୋତେ କେତେ ମିଛ ନକହିଛି ଯେ
ପ୍ରାଣରୁ ପ୍ରିୟ ବିଭୀଷଣ ଭାଇ ମୋର
ଭଗାରି ପାଲଟିଗଲା।
ଜୀବନ ସଂଗ୍ରାମରେ ଏକାକୀ
ବଞ୍ଚିରହିଲି କେବଳ ନିଜର
ସ୍ୱାଭିମାନ ଟିକକ ପାଇଁ ।।୧।।

ଅନେକେ ମୋତେ ପ୍ରଶ୍ନ କରିଛନ୍ତି
ଭଉଣୀ ପ୍ରେମରେ ଅନ୍ଧ ହୋଇ
ପର ସ୍ତ୍ରୀ ଅପହରଣ କରିବା କ'ଣ ଉଚିତ ହେଲା ?
କିନ୍ତୁ ମୁଁ ସେମାନଙ୍କୁ କହି ରଖିବାକୁ ଚାହେଁ
ସୀତା ତ ମୋର ମାତୃତୁଲ୍ୟ
ଅଶୋକ ବନରେ ରଖି ମୁଁ ତାଙ୍କର ଆରାଧନା କରିଛି

ନିଜର ମୁକ୍ତି ପାଇଁ କେତେ କ'ଣ ପାପ ନ କରିଛି ମୁଁ ?
ତା'ର କିଛି ହିସାବ ବି ନାହିଁ ମୋ ପାଖରେ ।।୨।।

ସେଦିନ ମା'ଙ୍କର ସ୍ୱୟଂବର ସଭାରେ
ତାଙ୍କର ମାଳାରୁ କେତୋଟି ପାଖୁଡ଼ା
ପଡ଼ିଥିଲା ଭୂମି ଉପରେ
ସନ୍ତର୍ପଣରେ ଆଗକୁ ଯାଇ ସେଇ ପାଖୁଡ଼ାକୁ
ଉଷ୍ଣୀଷରେ ଧାରଣ କରି ସେଦିନ ଚିତ୍କାର କରି
କହି ଉଠିଥିଲି, ଏଇ ତ ମୋ ମା'ର ଆଶୀର୍ବାଦ ।।୩।।

ମେଘନାଦ ପୁତ୍ର ମୋର
ପିତାର ସ୍ୱାଭିମାନ ପାଇଁ ଆତ୍ମାହୁତି ଦେଲା
ଭାଇ କୁମ୍ଭକର୍ଣ୍ଣ ମୋତେ ଏକାକରି ଚାଲିଗଲା
"ଅଣ୍ଟି ଛୁରୀ ତଣ୍ଟି କାଟେ";
ଏହି ବାଣୀକୁ ସତ୍ୟ କଲା
ଅନୁଜ ବିଭୀଷଣ, ମୋର ମୃତ୍ୟୁର
ରହସ୍ୟ ଉନ୍ମୋଚନ କରି ଶ୍ରୀରାମଙ୍କ ଆଗରେ ।
ପୁଣି ମାତୃସମ ଭାଉଜକୁ ପତ୍ନୀ ରୂପେ ବରଣ କଲା ସେ
ଯିଏ ମୋତେ ଦିନେ
ନୀତି ଓ ଆଦର୍ଶର ପାଠ ପଢ଼ାଉଥିଲା ।।୪।।

ମୁଁ ତ ମୋ ପ୍ରଜାଙ୍କର
କେବେ କିଛି ଅନିଷ୍ଟ କରିନି
ତାଙ୍କ ପାଇଁ ତୋଳାଇଲି ସୁବର୍ଣ୍ଣର ଲଙ୍କା
ରାମଙ୍କୁ କେବେ ମୁଁ ଶତ୍ରୁଜ୍ଞାନ କରିନାହିଁ

ତେଣୁ ତ ସେ ମୋତେ ମାରିବା ପାଇଁ ଆସୁଛନ୍ତି ବୋଲି ଜାଣି ମଧ୍ୟ,
ତାଙ୍କର ସେତୁ ପ୍ରତିଷ୍ଠା ପାଇଁ ମୁଁ ଆଗଭର ହୋଇ ଯାଇଥିଲି ।
ସ୍ୱର୍ଗକୁ ସିଡ଼ି କରିବାର ଥିଲା ମୋର ଯୋଜନା
ମାତ୍ର ମୋର ମୃତ୍ୟୁରେ ସବୁ ପଣ୍ଡ ହୋଇଗଲା ।।୫।।

ହେ କଳିର ମାନବଗଣ
ତୁମେ କେବଳ ନିକିତିର
ଗୋଟିଏ ପାର୍ଶ୍ୱକୁ ଦେଖି ବିଚାର କରନା
ମୁଁ ଏତେ କିଛି କରି ମଧ୍ୟ
ତୁମେ ମୋ ଭିତରର ଦୁର୍ଗୁଣକୁ ଦେଖୁଛ, ହେଲେ
ବିଭୀଷଣ ମୋ ପ୍ରତି ଏତେ ଅନ୍ୟାୟ କଲା
ମୋର ପତ୍ନୀକୁ, ରାଜ୍ୟକୁ, ସିଂହାସନକୁ ସବୁକୁ ଉପଭୋଗ କଲା
ତଥାପି ସେ ହୋଇଗଲା ତୁମ ପାଇଁ
ନୀରିହ, ଦୟାଳୁ, ନୀତିପରାୟଣ, ଧର୍ମପରାୟଣ ? ।।୬।।

ପ୍ରତି ଦଶହରାରେ ମୋର ପୁତ୍ତଳିକାକୁ ଦହନ କର
ହେଲେ ତୁମେ କେବେ
ନିଜ ଭିତରେ ଥିବା ବିଭୀଷଣକୁ ଦେଖିଛ ?
ଏ ବିଭୀଷଣ, ରାବଣଠାରୁ ବି ଆହୁରି ଭୟଙ୍କର, ଆହୁରି କ୍ରୁର
ପର ଝିଅବୋହୂ ପ୍ରତି ଆଖି ପକାଇବା କଥା ଛାଡ଼
ଏ ତ ନିଜ ଝିଅବୋହୂଙ୍କୁ ଆଜି ଦେଇଚାଲିଛି
ନିର୍ଯାତନା, ପୀଡ଼ା
କରିଚାଲିଛି ଅତ୍ୟାଚାର ଓ ଶୋଷଣ....।। ୭।।

ପ୍ରତି ଦଶହରାରେ ମୋର ପୁତ୍ତଳିକା
ପୋଡ଼ିବା ବନ୍ଦ କରି
ନିଜ ଭିତରେ ଥିବା ବିଭୀଷଣକୁ
ଜାଳି ପୋଡ଼ି ପାଉଁଶ କରିଦିଅ, ଦେଖିବ
ଏ ସଂସାରର ସମସ୍ତ ନାରୀ ତୁମକୁ ଦେଖାଯିବେ
ଆଦିଶକ୍ତି ଜଗଜ୍ଜନନୀ ମା' ଦୁର୍ଗା ପରି
ପୁଣି ଏ ସଂସାର ହୋଇଉଠିବ ମଧୁମୟ
ପୁଣି ଫେରିଆସିବ ରାମରାଜ୍ୟ......।।୮।।

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

## ୧୧. ଅହିତକାରୀ ତତ୍ତ୍ୱ

ମୋର ଜଣେ ଈଶ୍ୱର ବିଶ୍ୱାସୀ ବନ୍ଧୁ ପଚାରିଲେ – ଆପଣ ଜଣେ ନିରୀଶ୍ୱରବାଦୀ ବୋଲି କହୁଛନ୍ତି କିନ୍ତୁ ଆପଣ ହିଁ ମୋ ଅପେକ୍ଷା ବେଶୀ ଈଶ୍ୱରଙ୍କ ସମ୍ପର୍କରେ ଚିନ୍ତାକରୁଛନ୍ତି କାହିଁକି ?

ମୁଁ ଉତ୍ତର ଦେଲି – ହଁ ! ଠିକ କହିଛନ୍ତି । ଆପଣ କୁହନ୍ତୁ – ମାଆ ତାର ଛୋଟପିଲା ଅପେକ୍ଷା ପିଲାର ସୁରକ୍ଷା କଥା ବେଶୀ ଚିନ୍ତା କରିଥାଏ କାହିଁକି? ଡାକ୍ତରମାନେ, ରୋଗୀ ଅପେକ୍ଷା, ରୋଗ ସମ୍ପର୍କରେ ବେଶୀ ଚିନ୍ତା କରିଥାନ୍ତି କାହିଁକି? ପୋଲିସମାନେ, ଅପରାଧୀ ଅପେକ୍ଷା, ଅପରାଧ ସମ୍ପର୍କରେ ବେଶୀ ଚିନ୍ତା କରିଥାନ୍ତି କାହିଁକି? କାରଣ ସେମାନେ ସମସ୍ତେ ମାନବର ଅହିତକାରୀ ତତ୍ତ୍ୱଗୁଡିକୁ ମାନବ ଜୀବନରୁ ହଟାଇ ସୁସ୍ଥ ଶରୀର ଓ ସୁରକ୍ଷିତ ସବଭୟ ସମାଜ ଗଠନ କରିବାକୁ ଚାହୁଁଛନ୍ତି । ଠିକ ସେହିବଳି ନିରୀଶ୍ୱରବାଦୀମାନେ ଅନେକ ଭିତ୍ତିହୀନ ବିଶ୍ୱାସ ଓ ଅହେତୁକ ଭୟ ଭଳି ଅହିତକାରୀ ତତ୍ତ୍ୱଗୁଡିକୁ ମାନବ ଜୀବନରୁ ଦୂର କରିବାପାଇଁ ଈଶ୍ୱରଙ୍କ ସମ୍ପର୍କରେ ଚିନ୍ତା କରିଥାନ୍ତି ।

## ୧୨. ଅସ୍ପୃତ୍ତ୍ୱର ପ୍ରଶ୍ନ

ଦୁଇ ଦେଶ ଭିତରେ ଯେ କୌଣସି କାରଣରୁ (ପ୍ରାୟ ଧର୍ମକୁ ନେଇ ହିଁ ଯୁଦ୍ଧ) ଯୁଦ୍ଧ ଚାଲିଥିବା ବେଳେ ସୈନିକମାନେ ନିଜ ନିଜର ଇଷ୍ଟ ଦେବତାଙ୍କୁ ବିଜୟ ପ୍ରାପ୍ତିପାଇଁ ପ୍ରାର୍ଥନା କରିଥାନ୍ତି । ଏପରିକି ତାଙ୍କ ଦେଶର ସମସ୍ତ ଧାର୍ମିକ ଲୋକମାନେ ମଧ୍ୟ ପୂଜା ଅର୍ଚ୍ଚନା, ଧର୍ମୀୟ କର୍ମକାଣ୍ଡ କରି ପ୍ରାର୍ଥନା କରିଥାନ୍ତି । ଶେଷରେ ଗୋଟିଏ ଦେଶ

ଜିତିଯାଏ, ଅନ୍ୟଟି ହାରିଯାଏ । ଯୁଦ୍ଧରେ ଦୁଇ ପକ୍ଷର ଅନେକ ଇଶ୍ୱର ଭକ୍ତ ସୈନିକ ମଧ୍ୟ ପ୍ରାଣ ହରାଇଥାନ୍ତି ।

ଏଇଠି ପ୍ରଶ୍ନ ଉଠୁଛି - ଭଗବାନ ବା ଇଶ୍ୱର ଯଦି ଏକ ଏବଂ ତାଙ୍କର ଇଛା ବିନା କିଛି ବି ଘଟିବା ସମ୍ଭବ ନୁହେଁ, ତେବେ ସେହିଭଳି ସର୍ବଶକ୍ତିମାନ ଇଶ୍ୱରଙ୍କ ଏଭଳି ଅନ୍ୟାୟ ଦେଖିବାକୁ ମିଳେ କାହିଁକି? ତଥାକଥିତ ଇଶ୍ୱରଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ କରିବାପାଇଁ ଏହା କଣ ଏକ କାରଣ ନୁହେଁ?

## ୧୩. ଅନୁସରଣ

ବିଜ୍ଞାନ :- ବିଜ୍ଞାନ ପ୍ରମାଣ ସିଦ୍ଧ ବିଶ୍ୱାସ ପାଇବାପାଇଁ, ସୀମାହୀନ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ସତ୍ୟର ଅନୁସରଣ କରିଥାଏ ।

ଆଧ୍ୟାତ୍ମବାଦ - ଧର୍ମ, ସତ୍ୟକୁ ଜାଣିପାରିଥିବା ଅହେତୁକ ବିଶ୍ୱାସକୁ ନେଇ ଅତୀତକୁ ଅନୁସରଣ କରି ପଛକୁ ଚାଲିଥାଏ । ତାର ବିଶ୍ୱାସକୁ ପ୍ରମାଣ କରିବାପାଇଁ ଅବାନ୍ତର ଯୁକ୍ତି ତର୍କ କରିଥାଏ ଏବଂ ମାନିବାକୁ ଧମକ ବି ଦେଇଥାଏ ।

## ୧୪. ଅସ୍ତିତ୍ୱର ପ୍ରମାଣ

ଦୁନିଆରେ ଇଶ୍ୱର ଅଛନ୍ତି ବୋଲି ଦାବି କରୁଥିବା ଯେକୌଣସି ଧର୍ମଗୁରୁ ଯଦି ଇଶ୍ୱରଙ୍କ ଅସ୍ତିତ୍ୱକୁ ସତରେ ପ୍ରମାଣ କରିଦେଇ ପାରିବେ, ତେବେ ତାହା ଆଉ କେବଳ ଧାର୍ମିକ ବିଶ୍ୱାସ ହୋଇ ରହିବ ନାହିଁ ବରଂ ତାହା ଏକ ବିଜ୍ଞାନ ସିଦ୍ଧ ପ୍ରମାଣ ହୋଇଯିବ । ଯିଏ ଯେତେବେଳେ ଚାହିଁବ, ଇଶ୍ୱରଙ୍କୁ ପରୀକ୍ଷା କରି ତାର ସନ୍ଦେହ ଦୂର କରିପାରିବ । ମଣିଷ ସମାଜର ଗୋଟିଏ ବଡ ଫାଇଦା ହେବ ଯେ ପରସ୍ପରଙ୍କ ମଧ୍ୟରେ ଧାର୍ମିକ ଅସହିଷ୍ଣୁତା ରହିବ ନାହିଁ କିମ୍ବା ଧାର୍ମିକ ହିଂସା ଘଟିବ ନାହିଁ ।

## ୧୫. ଅସ୍ତିତ୍ୱର ପ୍ରମାଣ

ଯଦି ଭଗବାନଙ୍କ ଅସ୍ତିତ୍ୱ ସତ, ତେବେ ତାଙ୍କୁ ଜାଣିବା ପାଇଁ ଧର୍ମଗ୍ରନ୍ଥ ବା ଧର୍ମଗୁରୁଙ୍କ ବର୍ଣ୍ଣନା ଶୁଣିବା ଆବଶ୍ୟକ କାହିଁକି ? ସେ ନିଜେ ନିଜର ଉପସ୍ଥିତି ଯଦି ଜାହିର କରି ପାରୁନାହାନ୍ତି ତେବେ ସେଇଟା ହିଁ ପ୍ରମାଣ କରୁଛି ଯେ ତାଙ୍କର ଅସ୍ତିତ୍ୱ ନାହିଁ ।

(ଆମେରିକାର ଜଣେ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରକ ହେତୁବାଦୀ ପାଲଟି ଯାଇଥିବା ଲେଖକ Dan Barkerଙ୍କ ମନ୍ତବ୍ୟର ଓଡିଆରେ ଅନୁସୃଜନ) ।

## 16. ଅନ୍ଧବିଶ୍ୱାସ କଣ ?

ଜଣେ ରାଜା ତାଙ୍କର ଜଣେ ବିଦ୍ୱାନ ମନ୍ତ୍ରୀଙ୍କୁ ପଚାରିଲେ – "ଅନ୍ଧବିଶ୍ୱାସ କଣ ?" ମନ୍ତ୍ରୀ କହିଲେ, ଛାମୁ, ମୋତେ ଚାରିଦିନର ଛୁଟି ଦିଅନ୍ତୁ, ମୁଁ ଏହାର ଉତ୍ତର ଦେବି ।

ମନ୍ତ୍ରୀ ଛୁଟି ନେଇ ତାଙ୍କ ରାଜ୍ୟର ଜଣେ ବିଖ୍ୟାତ ଜୋତା ତିଆରି କରୁଥିବା କାରିଗର ପାଖକୁ ଗଲେ । ତାଙ୍କୁ କହିଲେ – "ମୋ ପାଇଁ ହଳେ ଜୋତା ତିନି ଦିନ ଭିତରେ ତିଆରି କରିଦିଅ । ସେଥିରେ ସୁନା ଓ ରୂପାର ଜରି ଲଗେଇ ଯେତେ ମୂଲ୍ୟବାନ ବସ୍ତୁ ସବୁ ବ୍ୟବହାର କରି ଅତି ସୁନ୍ଦର ଜୋତା ତିଆରି କରିବ ।"

କାରିଗର ମନ୍ତ୍ରୀଙ୍କୁ ପଚାରିଲେ – "ମହାଶୟ, କେଉଁ ମାପର ଜୋତା ଦରକାର ?"

ମନ୍ତ୍ରୀ କହିଲେ – "ଦୁଇ ଫୁଟ ଲମ୍ବା ଏବଂ ଏକ ଫୁଟ ଚୌଡା ହେବା ଦରକାର । ଯାହା ଖର୍ଚ୍ଚ ହେବ, ମୁଁ ଦେଇ । ଗୋଟିଏ କଥା କିନ୍ତୁ ମନେ ରଖିବ, ଏହି ଜୋତା ବିଷୟରେ ତୁମେ କାହାକୁ ମଧ୍ୟ କହିବ ନାହିଁ ।"

କାରିଗର ଅତି ସୁନ୍ଦର ଜୋତା ହଳେ ତିଆରିକରି, ଠିକ ତିନିଦିନ ପରେ ମନ୍ତ୍ରୀଙ୍କୁ ଦେଇଆସିଲେ । ମନ୍ତ୍ରୀ ସେହି ଜୋତା ଦୁଇଟିରୁ ଗୋଟିଏ ନିଜ ପାଖରେ ରଖି ଅନ୍ୟଟି ରାଜ୍ୟର ଏକ ବିଖ୍ୟାତ ମନ୍ଦିର ବେଢାରେ ନିରୋଳା ସମୟରେ ଫିଙ୍ଗିଦେଇ ଆସିଲେ ।

ପୂଜାରୀ ମନ୍ଦିରର ଦ୍ୱାର ଖୋଲି ଦେଖିଲେ, ଗୋଟିଏ ସୁନ୍ଦର ମୂଲ୍ୟବାନ ଜୋତା ପଡିଛି । ସେ ଜୋତାଟିକୁ ହାତରେ ଉଠାଇ ଭାବିଲେ, – "ଏହା କୌଣସି ମଣିଷର ଜୋତା ନୁହେଁ, ନିଶ୍ଚୟ କୌଣସି ଦେବତାଙ୍କର ହିଁ ହୋଇପାରେ ।" ସେ ଜୋତାକୁ ଏକ ସ୍ୱତନ୍ତ୍ର ଖଟୁଲିରେ ଥୋଇ ଧୂପ ଦୀପ ଜାଳି, ପୁଷ୍ପ ଅର୍ପଣ କରି ପୂଜା ଆରମ୍ଭ କରିଦେଲେ । ମନ୍ଦିରକୁ ଆସୁଥିବା ଭକ୍ତମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଜୋତାକୁ ମୁଣ୍ଡିଆ ମାରି ପୂଜା କରିବାକୁ ଲାଗିଲେ । ଏହି ଖବର ସାରା ରାଜ୍ୟରେ ଚହଳ ସୃଷ୍ଟିକଲା । ରାଜାଙ୍କ ପାଖରେ ବି ଖବର ପହଞ୍ଚିଲା । ରାଜା ଓ ରାଣୀ ମଧ୍ୟ ମନ୍ଦିରକୁ ଦୌଡିଗଲେ । ସେମାନେ ମଧ୍ୟ ଅନ୍ୟମାନଙ୍କ ଭଳି ଜୋତାକୁ ମୁଣ୍ଡିଆ ମାରି ପୂଜାକଲେ । ମନ୍ତ୍ରୀଙ୍କର ଛୁଟି ସରିବାପରେ ପଞ୍ଚମ ଦିନ ରାଜାଙ୍କ ଦରବାରକୁ ବଡ ଦୁଃଖୀମନରେ ଆସିଲେ । ରାଜା ପଚାରିଲେ – "ତୁମେ ଏତେ ଦୁଃଖୀ କାହିଁକି ମନ୍ତ୍ରୀ ?"

ମନ୍ତ୍ରୀ କହିଲେ – "ଛାମୁ; ମୋ ଘରେ ଚୋରି ହୋଇଯାଇଛି । ମୋର ପ୍ରପିତାମହଙ୍କ ମୂଲ୍ୟବାନ ଜୋତାରୁ ଗୋଟିଏ କିଏ ଚୋରି କରି ନେଇଗଲା । ଏଇ ଦେଖନ୍ତୁ, ମୋ ପାଖରେ ଗୋଟିଏ ମାତ୍ର ଅଛି ।"

ରାଜା ଭାବିଲେ, ସେହିଭଳି ଗୋଟିଏ ଜୋତା ତ ସେ ମନ୍ଦିରରେ ଦେଖିଛନ୍ତି ଏବଂ ତାକୁ ନିଜେ ମୁଣ୍ଡିଆ ମାରି ପୂଜା ବି କରିଛନ୍ତି । ସେ ତୁରନ୍ତ ମନ୍ଦିରରୁ ଜୋତାଟି ମଗାଇଲେ ।

ମନ୍ତ୍ରୀ ଜୋତାକୁ ଦେଖି ଖୁସି ହୋଇ କହିଲେ – "କ୍ଷମା କରିବେ ଛାମୁ, ଏହା ହିଁ ହେଉଛି ଅନ୍ଧବିଶ୍ୱାସ । (ହ୍ୱାଟ୍ସଆପ୍ ରେ ପ୍ରସାରିତ ଏକ ହିନ୍ଦୀ ପୋଷ୍ଟରୁ ଓଡିଆରେ ଅନୁସୃଜନ କରାଯାଇଛି ।)

କ୍ରମଶଃ.....

Mob:9482016260

# ଆହୁରି ରହିଛି ବାକି



ରାଧାରାଣୀ ରାଉଳ

ନୀଳକଇଁ ପରି ପାଖୁଡା ଫିଟେଇ
ରେଣୁ ସବୁ ଝାରୀ ଦିଏ
ଆଗରେ ମରଣ ପଛରେ ଜୀବନ
ତଥାପି ମୁଁ ଚାଲୁଥାଏ
କେବେ ଭାସୁଥାଏ ଶୂନ୍ୟ ଜଳରେ
କେବେ ଏ ଜୀବନ ପଥେ
କେତେ ମୁଁ ଜିତିଛି କେତେ ମୁଁ ଯାଇଛି ହାରି
ମୁଁ ଯେ ନୀଳରାତି ଲୁହମୟ ଛାତି
କିଛି ମୁଁ ପାରୁନି ଦେଖି
ଆଖି ଲୁହ ନେଇ ଛାତିର କାଗଜେ
ସେଇ ଦିନ ଦେଇଛି ଲେଖି
ଭଲ ପାଇବାର ସ୍ୱହରଭ ଯେତେ
ପାଖୁଡାରେ ଥିବ ଲାଖି
ଜୀବନର କଥା କେତେ ମୁଁ କହିଛି
ଆହୁରି ରହିଛି ବାକି ॥

କଟିକଟା, ଯାଜପୁର

# ପ୍ରଥମ ଅକ୍ଷର



ଦୁଷ୍ମନ୍ତ ବେହେରା

ଲୁହ ରେ ଲେଖିଛି ପ୍ରଥମ ଅକ୍ଷର
ଲୋହୁରେ ଲେଖୁଛି ଶେଷ
ଅକ୍ଷର ଦିନ ସରି ରାତି ଅଳପ ବାକି
ତଥାପି ପାରୁନି ଲେଖି ଇତି  !!

ଅତି ର ଇତି ସୁନିଶ୍ଚିତ ହୁଏ
ତୁମ ଇତି ରୁ ନୂଆ ପ୍ରେମ
ଆରମ୍ଭ ର ସମ୍ଭାବନା ଥାଏ ସବୁ
ଭାବନା ବଳିନ ହୁଏ  !!

ଇତି ରେ ଆରମ୍ଭ ଇତି ରେ ଶେଷ
ଇତି ଥିଲା ତୁମ ଛଳନା କଥା
ଇତି ରେ ମିଛ ଇତି ରେ ଲେଛ
ଇତି ତମ ଶେଷ ଠିକଣା !!

କଳଙ୍କେ ଲେଖିଦେଲ ମୋ ନାଁ
ଛଡେଇଲା ବେଳକୁ
ସମୟ କାହିଁ
ତୁମେ ନଇ ଠାରୁ ବେଶୀ ମିଛେଇ

ସଜେଇ ଦେଲ ମୋତେ
ଭଣ୍ଡେଇ ଦେଇ !!

ଭାବିଲ ନି ମୋ ଚେହେରା ଛବି
ଲକ୍ଷ୍ୟ ସହନରେ ପହଞ୍ଚିବା
ଆଗରୁ ହାତ ଛାଡି ଦେଇ ଗଲ
ଦେହ ସହ ମୁହଁ ମୁଡି ଦେଇ !!

ରାତି ରେ ଝରୁଛି ସକାଳେ ସୁଖୁଛି
ଦିନ ରେ ହସୁଛି ମୋ ମନ
ଏ ଲୁହ ଆଶା ଛଳନା ନେଇ ହସନ୍ତି
ମୋତେ ଦେଖି ଦେଖି !!

ଥିଲ ଛାଇ ଠାରୁ ବେଶୀ ଆପଣା
ହେଲ ଭାଗ୍ୟ ଠାରୁ ବେଶୀ
ଯାତନା ଭୁଲି ଯାଉଛ ମୋ ପ୍ରେମ
ପ୍ରଥମ ଅକ୍ଷର ପ୍ରଥମ ଇତି !!

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ସ୍ମୃତି ର ନଈ କୂଳ



ଦୀପକ କୁମାର ନାୟକ

ଜୀବନ ର କେତେ ସ୍ମୃତି
ତାରି ଛାତି ରେ ଦେଇଚି ଆଙ୍କି ।
ସେଇ ନଈ ମୋର ଅତି ପ୍ରିୟ
ତା ରି ପାଖେ ଯାଏ ହଜି ।
କେଡେ ସୁନ୍ଦର ରୂପ ତାର
ସରାଗେ ନିଏ ଆଦରି ମତେ ।
ତାରି ପାଖେ ବସି ମୁଁ ନୀତି
ଦୁଃଖ କୁ ଯାଏ ଭୁଲି ।
ଯୋଉ ଦିନ ଯିବି ଦୁନିଆ ଛାଡି
ତାରି କୋଳେ ଯିବି ହଜି ।
ଏଇ ମୋ ଗାଁ ନଈ
ମୋ ପାଇଁ ଅମୃତ ପିୟୁଷ ।
ଜାଣିନି କାହିଁ ଏମିତି ଲାଗେ
ଏକଲା ପଣା ଟାଣି ନିଏ ତା କୂଳ କୁ ।
ସମୟ ସାଥିରେ ବଦଳି ଯାଇଚି ମୁଁ
ବଦଳି ଯାଇଚି ମୋ ପ୍ରିୟ ପଥ ।
ଦୂର ଆକାଶର ଜହ୍ନ
ତା ଛାତି ଉପରେ ଯାଇଚି ଲାଖି।

ଦୂର ପାହାଡ଼ ସବୁଜିମା ବେଶ୍
ବେଶ୍ ମନୋଲୋଭା ତା ପାର୍ଶ୍ୱରେ ।
ନିଇତି ସନ୍ଧ୍ୟାରେ ଦୂର ଆକାଶ ରେ
ପକ୍ଷୀ ମାନଙ୍କ ର ଗହଳି ।
ସତେ ଯେମିତି ଅପୂର୍ବ ମୁହୂର୍ତ୍ତ
ମୋ ଜୀବନ ଭିଡ ଭିତରେ ।
ଖୁବ୍ ଭଲ ଲାଗେ ମତେ
ଏକୁଟିଆ ତା ପାଖ ରେ ବସିବାକୁ ।
ସ୍ମୃତି ମୋର ରୂପା ଜହ୍ନ ପରି
ମୋ ଗାଁ ନଈ ର ।

କୁସ୍ତିରା, ଧର୍ମଶାଳା, ଯାଜପୁର

# ଅଘରିଆ ଜାତିର ଲୋକସଂସ୍କୃତି: ଅନୁଶୀଳନ



ସନ୍ତୋଷ କୁମାର ରାଉତ

ଜୀବିକା ଏବଂ ଜୀବନର ସମନ୍ୱୟରେ ଜୀବନାନନ୍ଦର ସ୍ୱାଦ ହିଁ ସଂସ୍କୃତି। ଆଜିର ମଣିଷ ପାଇଁ ଏହା ହିଁ ରକ୍ଷାକବଚ। ଜଳ ବିନା ଜୀବନ ଧାରଣ ପରି ସଂସ୍କୃତି ବିନା ମଣିଷ ତିଷ୍ଠି ରହିବା ଅସମ୍ଭବ (୧)। ଲୋକସଂସ୍କୃତି ମାନବ ଜୀବନ ସହ ଓତପ୍ରୋତ ଭାବରେ ଜଡ଼ିତ। ଜୀବନର ସବୁ କ୍ଷେତ୍ରରେ ଓ ସବୁ ସ୍ତରରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ। ଲୋକସଂସ୍କୃତିର ମୂଳଦୁଆ ଉପରେ ସମଗ୍ର ମାନବ ସଭ୍ୟତା ଗଢ଼ିଉଠିଛି। ଏହାର ଐତିହାସିକ, ସାମାଜିକ, ନୃତାତ୍ତ୍ୱିକ ଓ ନାନ୍ଦନିକ ମୂଲ୍ୟ ଅକଳନୀୟ। ମାନବ ଜୀବନ ଓ ସମାଜକୁ ଏହା ସୁସଂହତ କରିଥାଏ । ସଂସ୍କୃତି ଏକ ଚିରନ୍ତନ ପ୍ରବାହ ଓ ଚଳନଶୀଳ। ଏହାର ଗତିଧାରା ଅତୀତ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଲମ୍ବିତ। ଏହା ଗୋଟିଏ ଜାତିର ପରିଚୟ ତଥା ସ୍ୱାତନ୍ତ୍ର୍ୟର ସ୍ମାରକୀ । ଏଥିରେ ଗୋଟିଏ ଜାତିର ସ୍ୱରୂପ, ବୈଶିଷ୍ଟ୍ୟ ଏବଂ ମହାନତା ପ୍ରଦର୍ଶିତ ହୋଇଥାଏ।

ଅଘରିଆ ମାନେ ହେଉଛନ୍ତି କୁରୁ କୁଳୋଦ୍ଭବ ବିଦୁରଙ୍କ ବଂଶଜ ପୁଣି ସୋମବଂଶୀ। ଯେତେବେଳେ ମହାଭାରତ ଯୁଦ୍ଧରେ ବିଦୁରଙ୍କ ପୁତ୍ରଦ୍ୱୟ ବୈଭାନୁ ଓ ସୁରତନୁଙ୍କ ବୀରଗତି ପ୍ରାପ୍ତ ହେଲା ପରେ ତାଙ୍କର ସନ୍ତାନ ସନ୍ତତିମାନେ ଧୃତରାଷ୍ଟ୍ର ଏବଂ ଜନ୍ମେଜୟଙ୍କ ଆଶ୍ରୟରେ କିଛି ଦିନ ରହିଲା ପରେ ମାଥୁର ମଣ୍ଡଳ ଅନ୍ତର୍ଗତ (ଆଗ୍ରା, ଗୋପ, ମଥୁରା ଓ ବୃନ୍ଦାବନ) ଆଦି ଅଞ୍ଚଳକୁ ଚାଲି ଆସି ସେଠାରେ ଅନେକ ବର୍ଷ, ଅନେକ ପୀଢ଼ି ପର୍ଯ୍ୟନ୍ତ ବସବାସ କଲା ପରେ ପଞ୍ଚଦଶ ଷୋଡ଼ଶ ଶତାବ୍ଦୀରେ ମୁସଲମାନ ଶାସକ ମାନଙ୍କ ଅତ୍ୟାଚାରକୁ ସହି ନପାରି ଭରୋସ ଓ ବାମଜଟାଙ୍କ ନେତୃତ୍ୱରେ ଉତ୍କଳକୁ ଚାଲିଆସିଲେ। ଆଗ୍ରାରୁ ଆଗତ

ହେତୁ ଉତ୍କଳରେ ଅଗ୍ରିଆ/ଅଗରିଆ ଓ ପରେ ଅପଭ୍ରଂଶ ହୋଇ "ଅଘରିଆ" ଜାତି ନାମରେ ଖ୍ୟାତ ହେଲେ।

ଅଘରିଆମାନେ ବିଶେଷତଃ ଓଡ଼ିଶାର ପଶ୍ଚିମାଞ୍ଚଳ ଅର୍ଥାତ ସୁନ୍ଦରଗଡ଼, ଝାରସୁଗୁଡା, ବଲାଙ୍ଗିର, ସମ୍ବଲପୁର, ବରଗଡ଼, କଳାହାଣ୍ଡି, ନୂଆପଡ଼ା ସହିତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ବାସ କରନ୍ତି । ଏମାନେ ଓଡ଼ିଶାର ପଶ୍ଚିମାଞ୍ଚଳରେ ଦୀର୍ଘଦିନରୁ ବସବାସ କରୁଥିବାରୁ ଏହି ଅଞ୍ଚଳର ସଂସ୍କୃତି ଏବଂ ଅଘରିଆ ଜାତିର ସଂସ୍କୃତି ମଧ୍ୟରେ ସମନ୍ୱୟ ପରିଲକ୍ଷିତ ହୋଇଥାଏ ।

ଅଘରିଆମାନଙ୍କ ସଂସ୍କୃତିର ରହିଛି ବିରାଟ ପରଂପରା । ତାଙ୍କ ସଂସ୍କୃତିର ବୈଶିଷ୍ଟ୍ୟ ହେଲା ତାଙ୍କ ବାହାଘର ସମୟରେ ହେଇଥିବା ଥାଳଉଁଚା ପରଂପରାଟି ସ୍ୱତନ୍ତ୍ର, ଯାହା ଅନ୍ୟ କୌଣସି ସମାଜରେ ପ୍ରଚଳିତ ନୁହେଁ, ଯାହା ଅଘରିଆ ସଂସ୍କୃତିକୁ ସ୍ୱତନ୍ତ୍ର ଭାବେ ପରିଚିତ କରାଇଥାଏ । ଦେବାଦେବୀ ଓ ପର୍ବପର୍ବାଣୀ ପାଳନ କରିବା ଅବସରରେ ଏମାନେ ଓଡ଼ିଶାରେ ପାଳନ କରାଯାଇଥିବା ବିଭିନ୍ନ ଦେବାଦେବୀ ପୂଜା ଓ ପର୍ବପର୍ବାଣୀକୁ ଗ୍ରହଣ କରିଛନ୍ତି । ଦେବାଦେବୀ ପୂଜା ଅବସରରେ ଦେଖିବାକୁ ମିଳିଥାଏ ଇଷ୍ଟ ବା ଆରାଧ୍ୟ ପ୍ରତି ଅଖଣ୍ଡ ବିଶ୍ୱାସ । ଏମାନଙ୍କ ଆରାଧ୍ୟ ଦେବତା ହେଲେ ଜଗନ୍ନାଥ । ଏହା ବ୍ୟତୀତ ଏମାନେ ସତୀ, ବଘୁଆ, ବଂଜାରୀ ଆଦି ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି ।

ଅଘରିଆମାନଙ୍କ ସାମାଜିକ ଜୀବନ ଅତ୍ୟନ୍ତ ସହଜ ଓ ସରଳ । ଏମାନେ ଚାକଚକ୍ୟ ବେଶପୋଷାକ ପରିଧାନ ନ କରି ସାଧାରଣ ବେଶପୋଷାକ ପରିଧାନ କରିଥାନ୍ତି । ପ୍ରାଚୀନ କାଳରେ ପୁରୁଷମାନେ ଧୋତି, ପାଇଜାମା ଓ ନାରୀମାନେ ଶାଢ଼ୀ (କପ୍‌ଟା) ବ୍ୟତୀତ ବିଭିନ୍ନ ସୁନା ତଥା ବହୁତ ରୂପା ଅଳଙ୍କାର ପରିଧାନ କରୁଥିଲେ, ଏବେ କିନ୍ତୁ ସମୟ ବଦଳି ଯାଇଛି ଆଧୁନିକ ଚାକଚକ୍ୟ ବେଶପୋଷାକ ପରିଧାନ କରିବା ସହିତ ନିଜକୁ ସଜାଇବା ପାଇଁ ବହୁତ ପରିମାଣରେ ସୁନାର ଅଳଙ୍କାର ପରିଧାନ କରୁଛନ୍ତି ।

ଅଘରିଆମାନେ ସାମାଜିକ ଜୀବନର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଗୋଷ୍ଠୀଗତ ଭାବରେ ଜୀବନ ବିତାଇବା । ଏମାନେ ପ୍ରାୟତଃ ଦଳ ଦଳ ହୋଇ ଜୀବନ ବିତାଇବାକୁ ପସନ୍ଦ କରନ୍ତି ଏବଂ ଯୌଥ ପରିବାର ଉପରେ ଗୁରୁତ୍ୱ ଦେଇଥାନ୍ତି । ଏମାନଙ୍କ ଜୀବନ ଜୀବିକା ଅତ୍ୟନ୍ତ ସରଳ । ଏମାନେ ପରିଶ୍ରମୀ, ଚାକିରୀ ଅପେକ୍ଷା ଚାଷ ଉପରେ ଗୁରୁତ୍ୱ

ଦେଇଥାନ୍ତି। ଚାଷକରି ଦେଶ ମାତୃକାକୁ ଅନ୍ନ ପ୍ରଦାନ କରିବା ତାଙ୍କର ମୁଖ୍ୟ କର୍ତ୍ତବ୍ୟ ବୋଲି ମାନିଥାନ୍ତି, ଏହାର ଅର୍ଥ ନୁହେଁ ଯେ ସେମାନେ ଶିକ୍ଷା ଉପରେ ଗୁରୁତ୍ୱ ଦେଇନାହାନ୍ତି। ବର୍ତ୍ତମାନ ଏମାନେ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅନେକ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସାରିଛନ୍ତି ।

ଅଘରିଆ ମାନେ ଖାଦ୍ୟ ପ୍ରିୟ ହୋଇଥିଲେ ମଧ୍ୟ ଏମାନଙ୍କ ଖାଦ୍ୟପେୟ ଅତ୍ୟନ୍ତ ସରଳ । ଚାଷକାର୍ଯ୍ୟ ଏମାନଙ୍କ ମୂଖ୍ୟବୃତ୍ତି ହୋଇଥିବାରୁ ଭାତ, ମୁଢ଼ି, ଖଇ, ଗୁଡ ଓ କ୍ଷୀର ଆଦିକୁ ପ୍ରଧାନ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଆଖୁକୁ ଗୁଡ଼ କରି ତାକୁ ମୁଢି ଓ ଖଇ ସହିତ ଖାଇବା ତାଙ୍କର ବହୁତ ପସନ୍ଦ । ଏମାନେ ଧାନ, ଆଖୁ, କପା ଆଦି ଅର୍ଥକାରୀ ଫସଲ ଚାଷ କରିଥାନ୍ତି

ଅଘରିଆ ସଂସ୍କୃତିର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ତାଙ୍କ ଭାଷା । ଏମାନେ କେବଳ ନିଜ ପରଂପରା ଓ ଚାଳିଚଳଣିକୁ ମାନିଥାନ୍ତି, କେବଳ ସେତିକି ନୁହେଁ ତତସହିତ ସେମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ପାଇଁ ସ୍ୱତନ୍ତ୍ର ଭାଷା ମଧ୍ୟ ବ୍ୟବହାର କରିଥାନ୍ତି, ଯାହାକି ପ୍ରାୟତଃ ଅନ୍ୟ ସମାଜରେ ଦେଖାଯାଏନି । ବ୍ୟାକରଣର ଧ୍ୱନି ସ୍ତରର, ଶବ୍ଦସ୍ତର, ରୂପସ୍ତର ଏବଂ ବାକ୍ୟସ୍ତର ଦୃଷ୍ଟିରୁ ମଧ୍ୟ ଏହି ଭାଷାର ସ୍ୱତନ୍ତ୍ରତା ରହିଛି ।

ଅଘରିଆ ଭାଷା ଏକ ଉପଭାଷା ବା ବୋଲି । ପ୍ରାୟତଃ ଦେଖଯାଏ ଉପଭାଷା ଗୁଡ଼ିକ କଥାବାର୍ତ୍ତା ମଧ୍ୟରେ ସୀମିତ । କିନ୍ତୁ ଅଘରିଆ ଗୋଟିଏ ଏମିତି ଉପଭାଷା ଯେ ଏହାର ବିଶାଳକାୟ ସାହିତ୍ୟ ସୃଷ୍ଟି ହେବାରେ ଲାଗିଛି। ତନ୍ମଧ୍ୟରୁ ଆମେ ଗୋକୁଳଚନ୍ଦ୍ର ନାଏକଙ୍କ ଗୀତା, କେଲିକଦମ୍ ଓ ଦ୍ରୋପଦୀ ସଏମ୍ବର ଓ ୰ ଗୁରୁଦେବ ପଟେଲଙ୍କ ରାମ ବନବାସ ଆଦି କାବ୍ୟକୁ ଉଦାହରଣ ସ୍ୱରୂପ ନେଇପାରିବା। ଯେମିତିକି–

"କୃଷ୍ଣ କଥେଁ କର୍ମ ଫଲନେ ଯାହାର ଆଶା ନିରହେ
ସେ ସନ୍ୟାସୀ କର୍ମ ଯୁଗୀଲା କର୍ମ ଶୂଇନ ତ ନହେ"।
(ଗୀତା– ଗୋକୁଳ ଚନ୍ଦ୍ର ନାଏକ)

ପୁଣି ୰ଗୁରୁଦେବ ପଟେଲଙ୍କ ଭାଷାରେ–
"ମାଏଗୋ ମୋର ଲାଲ କରିଆ ବାହାର କରା ଦେ।

ଯାତ୍ରା ଦେଖି ଯାହାଁ ତଏଁ ଜଲଦି କଲା ଦେ
ମାଏଗୋ ମୋର ଲାଲ କରିଆ ବାହାର କରା ଦେ।
ସାଙ୍ଗର ପିଲା ଭାଗ ଯାଥେନ ଡାକ ଦେ ଦେ
ମାଏଗୋ ମୋର ଲାଲ କରିଆ ବାହାର କରା ଦେ।
ଖଜା ଘିନହ ମିଠେଇ ଘିନହ ଟଙ୍କା ଗୁଟେ ଦେ
ତୋର ବହ ଲା ପଠା ଦେବୋ ଗଲେ କିଏ କିଏ
ମାଏଗୋ ମୋର ଲାଲ କରିଆ ବାହାର କରା ଦେ"।
(୰ଗୁରୁଦେବ ପଟେଲ- ଯାତ୍ରା ଦେଖି)

ଅଘରିଆ ସଂସ୍କୃତି ଏକ ମହାନ ସଂସ୍କୃତି । ବର୍ତ୍ତମାନ ଆଧୁନିକ ଶିକ୍ଷା ଓ ପାଶ୍ଚାତ୍ୟ ଜଗତର ପ୍ରଭାବ ଯୋଗୁଁ ପ୍ରାୟତଃ ଅନେକ ଗୁଡ଼ିଏ ସଂସ୍କୃତି ବିଲୁପ୍ତ ହେବାରେ ଲାଗିଛି । କିନ୍ତୁ ଏଭଳି ଅସମୟରେ ମଧ୍ୟ ଅଘରିଆମାନେ ଭାଙ୍ଗି ନ ପଡି ନିଜ ସଂସ୍କୃତିକୁ ଜାବୋଡି ଧରିଛନ୍ତି, ଯାହା ଅଘରିଆ ସଂସ୍କୃତିର ମହାନତାକୁ ସୁଚାଇ ଥାଏ।

## ସହାୟକ ଗ୍ରନ୍ଥସୂଚୀ

(୧) ମହାପାତ୍ର, ଡଃ ଶ୍ୟାମସୁନ୍ଦର- ଲୋକସାହିତ୍ୟ ତତ୍ତ୍ୱ- ଓଡ଼ିଆ ବୁକ୍ ଷ୍ଟୋର, କଟକ ୨୦୧୧
(୨) ପାଣ୍ଡେ, ବାଲୁଙ୍କେଶ୍ୱର-ଆଗ୍ରିଆ ବଂଶ ବିବରଣୀ- ସମ୍ବଲପୁର, ୧୯୨୫
(୩) ନାଏକ, ଗୋକୁଳ ଚନ୍ଦ୍ର- ଗୀତା- ଦେବାନନ୍ଦ ନାଏକ, ୟୁନିଟ-୮ ଭୁବନେଶ୍ୱର-୧୨ -୨୦୧୦
(୪) ପଟେଲ, ରାମଚନ୍ଦ୍ର-ଅଘରିଆ ସମାଜର ସାମାଜିକ ସାଂସ୍କୃତିକ ପରମ୍ପରା-୨୦୧୯
(୫) ବଲାଙ୍ଗୀର ଜିଲ୍ଲା ୮୪ ଘର ଅଘରିଆ ସମାଜର ସଂବିଧାନ ଓ ନିୟମାବଳୀ- ୨୦୧୮
(୬) ପ୍ରଧାନ, ଡଃ କୃଷ୍ଣଚନ୍ଦ୍ର- ଲୋକସାହିତ୍ୟ ଓ ଲୋକସଂସ୍କୃତି- ବିଦ୍ୟାପୁରୀ, ୨୦୧୩

ଏମ୍ ଫିଲ୍ (ଓଡ଼ିଆ)
ରତାଖଣ୍ଡି, ବଲାଙ୍ଗୀର- ୭୬୭୦୪୧
ମୋ-୯୪୩୮୭୬୭୦୯୬୩

# ଫେରି ଯାଉଛି ପୁରୁଣା ବର୍ଷ



ଦୁର୍ଯ୍ୟୋଧନ ଚଣ୍ଡୀ

କେତେ ସୁଖେ ଦୁଃଖେ ବିତୁଥିଲା ଦିନ
ଭାବିଲେ ଲାଗୁଛି ଦୁଃଖ
ମୋ ଆଖିରେ ସତେ ଲୁହ ବୋହି ଆଜି
ବହୁଛି ଲୁହର ସ୍ରୋତ,

ନୁଆଁ ନୁଆଁ ବୋଲି ସମସ୍ତେ ଖୁସିରେ
ପୁରୁଣା ବର୍ଷକୁ ଭୁଲି
ଆନନ୍ଦ ଅନ୍ତରେ ନୁଆଁ ବରଷକୁ
ଶୁଭେଚ୍ଛା ଦିଅନ୍ତି ଢାଳି,

ନୁଆଁ ପୁରୁଣା ର ଭେଦଭାବ ଏଠି
ଦେଖ ସର୍ବେ ବିଜ୍ଞଜନ
ନିଜ କର୍ମକରି ନିଜ ବୁଦ୍ଧି ବଳେ
ଆନନ୍ଦେ କାଟିବା ଦିନ,

କର୍ମ ନ କରିଣ ଅଳସୁଆ ହୋଇ
ପଢି ରହିଥିଲେ ଘରେ
ନୁଆଁ କି ପୁରୁଣା ଅଜାଡି ଦେବ କି
ଆମକୁ ରଖି ଖୁସିରେ,

ନିଜ କର୍ମ ପଥେ ହୁଅ ଅଗ୍ରସର
ହେ ମାନବେ ସର୍ବେ ଜନ
ନୁଆଁ ପୁରୁଣା ର ଭେଦ ରଖନାହିଁ
କ୍ଷଣୀକ ଏଇ ଜୀବନ,

ମଣିଷ ଜୀବନ ପାଣିର ଫୋଟକା
ଆଜି ଅଛି କାଲି ନାହିଁ
ଜୀଇଁଥିବା ଯାଏଁ ନିଜ କର୍ମ କରି
ଆନନ୍ଦରେ ଥିବା ରହି,

ମନେ ମନେ ମୁହିଁ ଗୁଣୁ ଗୁଣୁ ହୋଇ
କରିଛି ଭାବି ଲିଖନ
ତ୍ରୁଟି ଥିଲେ ମୋତେ ନ ଧରିବ ଦୋଷ
କ୍ଷମିବ ହେ ସାଧୁଜନ ।

ଗ୍ରାମ :-ଡାଲଗୁମା
ବ୍ଲକ :- କୋକସରା, କଳାହାଣ୍ଡି

# ମୋ ବାପା



ଲୀଳାବତୀ ପରିଡ଼ା

ବାପା ତୁମେ ଆକାଶ ପରି ଅଟ ବିଶାଳ,
ଜୀବନ ର ସତ୍ତା ଯେହ୍ନେ ବାୟୁ ଆଉ ଜଳ,
କେତେ ଉଦାର ହୃଦୟ,
ମୋର ଅତି ଆପଣାର ଆଦ୍ୟ ପରିଚୟ।

ଅପରିସୀମ ସେନେହ ର ଲଫାପାଟିଏ,
ଦୁନିଆର ସବୁ ଖୁସିର ଅମାରଟିଏ
କଳପ ବଟର ଛାଇ,
ନିଜେ କାନ୍ଦି ପରିବାରକୁ ହସାଉଥାଇ।

ପିଲାଦିନର ମୋ ସପନର ବାଲିଘର,
ଶତ ଚେଷ୍ଟିତ ପ୍ରୟାସେ ପୂରଣ ମୋ କର,
ଈଶ୍ୱରଙ୍କ ଅବତାର,
ତୁମ ପାଦେ ପ୍ରଣିପାତ କରେ ବାର ବାର।

ନୂଆ ସକାଳ ର ସପନ ମୋତେ ଦେଖାଅ,
ଅବାଟ ରୁ ବାଟେ ଆଣି ଚାଲିବା ଶିଖାଅ,
ଦୁନିଆରେ ଟେକି ମଥା
ଚଳାଇ ବାକୁ ଦିନ ରାତି କର ହେ ଚିନ୍ତା।

ମୁଣ୍ଡ ଝାଳ ତୁଣ୍ଡେ ମାରି ଲୁହ ପିଇ ପିଇ,
ଅନ୍ତର ଭରା କୋହକୁ ଛାତିରେ ଲୁଚାଇ,
ମିଛେ ମିଛେ ହସୁଥାଅ,
ନେପଥ୍ୟ ରେ ଥାଇ ସବୁ ଖଞ୍ଜି ଦେଉ ଥାଅ।

ସତ୍ୟ ଧର୍ମ ନ୍ୟାୟ ଆଉ ସାହସ ଶକତି,
ପ୍ରଗତି ମୁକତି ର ଯେ ସାକ୍ଷାତ ମୂରତି,
ମାନି ତୁମ ଉପଦେଶ
ଚଳି ଚାଲୁଥିବା ସିନା ପାଇବି ସୁଯଶ।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ - ୯୮୬୧୯୪୫୬୨୬

# କୁହୁଡ଼ି ଓ ଜୀବନ

ମନଜିତ ମୋହନ୍ ଗୁନ୍ଦ

ଝାପସା ଝାପସା ଦୃଶ୍ୟମାନ ହେଉଥିବା
ସକାଳର ଘନ କୁହୁଡି ଭିତରେ
କଳା ରଙ୍ଗ ର ଅଦୃଶ୍ୟ ରାସ୍ତା
ଦୂରରୁ ସବୁବେଳେ ସଂଶୟ ଭରୁ ଥାଏ
ଶୁକ୍ଳ ବର୍ଣ୍ଣ ଆବରଣ ମଧ୍ୟରେ ଜୀବନ ।

ଚିହ୍ନା ପଥ ହଠାତ୍ ହୋଇଯାଏ ଅଚିହ୍ନା
ନୂଆ ନୂଆ ରୂପରେ ପଥ ଆବିଷ୍କାର ହୁଏ
ଭାବନାର ପୃଷ୍ଠଭୂମିରେ ଥିବା ପାଦ ଚିହ୍ନ
ଠିକ୍ ଜୀବନ ହୁଏ ଯେମିତି ପରିଭାଷିତ
ଲୁଚି ରହିଥିବା ଘନ କୁହୁଡିର ଆବରଣରେ ।

ଆକାଶରୁ ଝରି ପଡୁ ଥିବା ଘନ କୁହୁଡି ଭିତରେ
କ୍ଷିତିଜ ମଧ୍ୟକୁ ବିକିରିତ ହେଉଥିବା ସୂର୍ଯ୍ୟ ରଶ୍ମୀ
ସ୍ୱଳ୍ପ ସଂଘର୍ଷ ଭିତରେ ଶୁଷ୍କ କରି ଦିଏ ଘନ କୁହୁଡିକୁ
ପଥ ପରିଷ୍କାର ପଥିକ ହୋଇଯାଏ ଉତ୍ସାହୀ
ସୂକ୍ଷ୍ମ ପରିଭାଷା ଜୀବନ ଆଉ ସଂଘର୍ଷର ।

ଶିଶିରରେ ଆଚ୍ଛାଦିତ ଧରିଣୀରେ
ରୁଧିର-ସମ ଜଳ କୁ କଠୋର କରିଦିଏ
ପୁଣି ଅପେକ୍ଷା ଜୀବନ ରଶ୍ମୀର
ପ୍ରବାହିତ ହେବାକୁ ପୁଣି ଜୀବନ ଯାତ୍ରା ରେ
ପୁନର୍ବାର ଗତିମାନ ହେବାର ଅହେତୁକ ଇଚ୍ଛା ।

ବୌଦ୍ଧ

# ଗୋଲାପ ଗଛ



ସୂର୍ଯ୍ୟ ନାରାୟଣ ସାହୁ

ସବୁ ଦିନ ପରି  ଆଜି ବି ବାରି ବଗିଚା ରେ ନାଲି ଗୋଲାପ ଟି ଫୁଟିଛି। ଯେ ହେଉଛି ସେଇ ଗଛ ଯେଉଁ ଟା କି ଅନିତା ତାଂକ ପ୍ରେମ ଭରା ହାତ ରେ ଲଗେଇ ଥିଲେ । ଅନିତା ର ସ୍ମୃତି, ତଥା ଭଲପାଇବା ସବୁ ଏଇ ଗଛରେ ଲୁକ୍କାୟିତ ହୋଇ ରହିଛି।

(କାହାଣୀ ଟି ବୁଝିବା ପାଇଁ ୨ବର୍ଷ ପୂର୍ବକୁ ଯିବା ..)

ସେ ଦିନ ମେଡିକାଲ୍ ରେ ଅନିତା ର ପ୍ରାଣବାୟୁ.......(ମନେ ମନେ ଭାବିବା) ସେ କଥା ଭାବିଲା ବେଳକୁ ଆଜି ବି ଲୋମ ଟାଂକୁରି ଉଠୁଛି । ସେ ଗଲା ବେଳେ ମୋର ଏଇ କୋଳରେ ଶୋଇ ରହିଥିଲେ ଆଉ ମତେ ଏତିକି କହିଥିଲେ, "ସବୁବେଳେ ସେଇ ଗଛ କୁ ପାଣି ଦେଉଥିବ, ସେଇ ଗଛ ତୁମ କୁ ଲାଗିଲା, ସେଇ ଗଛ ତୁମ ପାଖରେ ଥିଲେ ତମକୁ ଲାଗିବ ମୁଁ ତୁମ ପାଖରେ ଅଛି। "ଯଦି ପାରିବ ଜୀବନରେ ଗୋଲାପ ବଗିଚା ଟେ କରିବ। ମୁଁ ମଲା ପରେ ତୁମେ ଆଉ ନିଜକୁ କଷ୍ଟ ଦେବନି, ପୁଣି; ଗୋଟେ ଝିଅ ଦେଖି ବାହା ହୋଇଯିବ। ନହେଲେ, ରିମି, ସିମି, ବାପା, ମାଂକ କଥା ବୁଝିବ କିଏ? ମୁ ଜାଣିଛି ମୋ ପାଇଁ ତୁମେ ବହୁତ କଷ୍ଟ ସହିଲଣି, ବହୁତ ହଇରାଣ ହେଲଣି, ତୁମ ପରି ସ୍ୱାମୀ ପାଇ ମୁ ଆଜି ଧନ୍ୟ ମନେ କରୁଛି।", "ମତେ କ୍ଷମା କରିଦେବ, ତୁମ ର ସାତ ଜନମର ସାଥୀ ହେବି ବୋଲି କଥା ଦେଇ ଅଧା ରାସ୍ତାରେ ଛାଡି ଚାଲିଯାଉଛି ଆର ପାରିକୁ।", "ଇଶ୍ୱରଙ୍କୁ ପ୍ରାର୍ଥନା କରୁଛି ମୁ ପୁଣି ଆର ଜନ୍ମ ରେ ତମକୁ ସ୍ୱାମୀ ରୂପେ ପାଇବା ପାଇଁ।", "ବିଧାତା ଗୋଟେ ମା କୁ ଛଡାଇ ନେଉଛି ତା' ଛୋଟ ଛୁଆ ମାନଂକ ପାଖରୁ, ଛଡାଇ ନେଉଛି ଜଣେ ସ୍ନେହପୂର୍ଣ୍ଣ ସ୍ୱାମୀଂକ ପାଖରୁ," ହାଏ! ... (ଅନିତା କାନ୍ଦିଲା ...)

ମେଡିକାଲ ରେ ରହି ମୋ ସେବା କରି କରି ତୁମ ଦେହ ବି ଖରାପ ହେଲଣି, ମତେ କଥା ଦିଅ ....ଅରୁଣ "ତୁମେ ପୁଣି ଦ୍ୱୀତୀୟ ବିବାହ କରିବ।" ଅନିତା ହାତ ବଢାଇଲା ପରେ, ଅନିତା ର ହାତ କୁ ଅରୁଣ ଧରି କାନ୍ଦି କାନ୍ଦି କହେ; "ନାଇଁ...ଅନିତା, ନାଇଁ ...ତମର କିଛି ହବନି, ସବୁ ଠିକ୍ ହୋଇଯିବ, ମୁଁ ଅଛି ପରା, ସବୁ ଠିକ୍ ହୋଇଯିବ।" ମୋ କଥା ଶୁଣି ଅନିତା .....ହେ ରାମ କହି, ଆଖି ଟଳମଳ କରି, ଶ୍ୱାସ ରୁଦ୍ଧ ହୋଇ, ଦୀର୍ଘ ନିଶ୍ୱାସ ମାରି ଟଳି ପଡିଲେ, ମୋର ଏଇ କୋଳ ରେ। ଆଉ ଯେତେ ଡାକିଲେ ବି ଶୁଣିଲେନି। ବୋଧେ ସେ ଆଉ ପାରିଜୁ ..... (ନାଇଁ ଏମିତି ହୋଇପାରିବନି)।

(ବଡ ପାଟିରେ...) ଡକ୍ଟର...ଡକ୍ଟର.....ଚିତ୍କାର କରି ଡାକିଲି । ଡକ୍ଟର ଦୌଡିଆସିଲେ... ଆଉ ଅନିତା ର ହାତ ର ନାଡୀ ଦେଖି, ମୃତ୍ୟୁ ଘୋଷଣା କଲେ। ସେତିକି ବେଳେ ମୁଁ ଭୋ... ଭୋ...ହୋଇ କାନ୍ଦିବାକୁ ଲାଗିଲି । ମତେ ଚାରି ଦିଗ ଅନ୍ଧକାର ଦେଖାଗଲା, ମୋ ପାଟି ଜାଡୁ ଜାଡୁ ହେଲା, ଅନିତା ର ଶବକୁ କୋଳେଇ ପାଗଳଂକ ପରି ହେଲି, ପୁଣି ଭୋ... ଭୋ.. ହୋଇ ଚିତ୍କାର କରି ଉଠିଲି । ମୋ ପାଟିରେ ଯେମିତି ହସ୍ପିଟାଲ ସାରା ସ୍ତବ୍ଧ ହୋଇଯାଇଥିଲା ।....

ଅନିତା ମରିବାର ୨ ବର୍ଷ ହୋଇଗଲାଣି ହେଲେ ତା ପ୍ରେମ ଭରା ସ୍ମୃତି ଆଜି ବି ଜୀବନ୍ତ ହୋଇ ରହିଛି ମୋ ପାଖରେ । ସେଇ ଗୋଲାପ ଗଛ। ତୁମେ ସିନା ଚାଲି ଗଲ ଅନିତା ..... ଲାଗୁଛି ଯେମିତି ତୁମ ପ୍ରାଣ ଯେମିତି ଏଇ ଗଛରେ ରହିଛି.... ଆଉ ତା ପ୍ରେମ ଭିଜା ପାଖୁଡା ରେ ମତେ ମହକାଇ ଦେଉଛି....

ଜଗନ୍ନାଥ ପ୍ରସାଦ, ଗଂଜାମ

# ସ୍ୱାଗତ ନବବର୍ଷ

ନକୁଞ୍ଜ କୁମାର ଘୋଷ

ଆନନ୍ଦ ମୁଖର ଏ ସଜ ସକାଳ
ଖିଲି ଖିଲି ହସେ ଜନ
ଶୀତ କାକରର ଟୋପା ବିନ୍ଦୁ ଦେଇ
ତୁମକୁ ଏ ଅଭିନନ୍ଦନ ।।

ଅଧ ରାତେ ଆସ କାହିଁ ପାଇଁ କୁହ
କୀଟ ଖୋଦ୍ୟତର ଆଲେ
ପାପ ଛୁଏଁ ମନେ ଅତୀତକୁ ଭାବି
ତୁମ କଥା ବସି ଭାଳେ ।।

ବିଗତେ ଆଣିଲ କରୋନା ଯନ୍ତ୍ରଣା
ଏଯାଏଁ ଲିଭିନି ମନେ
ଓମିକ୍ରନ୍ ସାଥେ ଆସିଲ କି ତୁମ୍ଭେ
ସଂଶୟ ଆସଇ ମନେ ।।

କଷଣର ସ୍ୱର ଶୁଭୁଛି ସବୁଠି
ନିନ୍ଦ ଟିକେ ଆସୁ ନାହିଁ
ନାରୀ ଓ ପୁରୁଷ ଉଭୟଙ୍କେ ପାଇଁ
ଲୋତକ ଦେଉଛି ବହି ।।

ଅତୀତର ଦୁଃଖ ନ ଦିଅ ଜୀବନେ
କରୁଣା ଏତିକି କର
ପ୍ରାଣ ରଖି ପିଣ୍ଡେ ସନ୍ତାପ ଦିଅନା
ଜୀବନରୁ ଅବା ମାର ।।

ନାନା କଷାଘାତେ ଜର୍ଜରିତ ଜନ
ମୁଖେ ଫୁଟାଇ ହରଷ
ନୂତନ ବରଷେ ପିଆଇ ପୀୟୁଷ
ଜୀବନେ ଭର ସରସ ।।

ମାଧବପୁର, ଲକ୍ଷ୍ମଣନାଥ, ଜଳେଶ୍ୱର,
ଜିଲ୍ଲା-ବାଲେଶ୍ୱର, ମୋ-8144851045

# କ୍ୟଲେଣ୍ଡର ବଦଳଗଲା ବୋଲି..

ପ୍ରବୋଧ କୁମାର ହୋତା

କ୍ୟାଲେଣ୍ଡରଟି ବଦଳିଗଲା ବୋଲି
କାହିଁକି ଯେ ଉଲ୍ଲାସ ଏତେ ହର୍ଷ
ସମୟର ଚକ  ଘୁରେ ଅବିରତ
ବଦଳିଯାଏ ଦିନ, ମାସ, ବର୍ଷ
ସମୟର ଅଛି କି କାହାପାଇଁ ଦରଦ
ବିତିଗଲାଣି ପରା ଶତାବ୍ଦୀ, ସହସ୍ରାବ୍ଦ !!

ମନରେ ତ ଭରିଯାଏ  ଆବେଗ –ଉଚ୍ଛ୍ୱାସ
ଶୁଭେଚ୍ଛା  ଓ ଅଭିନନ୍ଦନର ବାର୍ତ୍ତା ଛୁଇଁଯାଏ
ସାଗର କୂଳକୁ ଯେହ୍ନେ ପୂର୍ଣ୍ଣମୀ ଜୁଆରର ହାସ
ବଦଳେନି ସୂର୍ଯ୍ୟଙ୍କର ପରାଚୀ ଠିକଣା
ଯାହାକୁ ତାହା ଅଛି ପବନର ବାସ
ଜହ୍ନର କଳଙ୍କ ବି କିଛି ହୋଇନି ଊଣା !!

ହାପି ନ୍ୟୁ ଇଅର ଶୁଭୁଛି ସାରା ରାତି
ରାଜପଥେ ମାଳମାଳ ପୁଷ୍ପର ବିପଣୀ
ଟ୍ରାଫିକରେ ବିକଳରେ ହାତପାତି
ଭୋକରେ ଆଉଟୁ ପାଉଟୁ ଲୋକଟି

କାଖରେ ଛୁଆକୁ ଜାକିଥିବା ସ୍ତ୍ରୀଲୋକଟି
ପାଇଗଲେ କି ବଞ୍ଚିବାର କିଛି ସମାଧାନ !!

କାହିଁକି ଚାଲିଛି ଘରେ, ଗଳିକନ୍ଦିରେ
ଅର୍ଦ୍ଧରାତ୍ରୀର ଏ ଉତ୍ସବ ଉଦଘୋଷ
ମୁକୁଳା ଆକାଶର ବିମୁକ୍ତ ଛାତତଳେ,
କାଲୁଆ ପବନରେ, ପଲିଥିନ ତଳେ
ଥଣ୍ଡାରେ ଥରଥର ଥରୁଥିବା ଲୋକଟି
ବୋଧେ ପାଇଗଲା ଏକ ଉଷୁମ ଆବାସ !!

କାହିଁକି ଚାରିଆଡ଼େ ଏତେ ତୁମ୍ବିତୋଫାନ
ମଦମାଂସଭରା ଭୋଜିର ଆୟୋଜନ
ରଙ୍ଗୀନ ଆଲୋକରେ ଝଲସେ ସହର
ନିର୍ଦ୍ଧନ ପାଇଁ ନିସ୍ପନ୍ଦନ ଏବେବି ଏ ନଗର
ବସ୍ତିରେ ବସ୍ତିରେ ଭୋକିଲା ଯେ ହୁଅଇ ନିରବ
ପାଇଗଲାକି କେଉଁଠି ନୂତନ ଜୀବନ !!!

ଏଠି ଆଶାହିଁ ଜୀବନର ଆଲୋକ,
ନିରାଶା-ମୃତ୍ୟୁର ଘନ ଅନ୍ଧକାର
ଏଇ ବୋଧେ ଜୀବନ ଏଇ ତା'ର ଆସର
ମରି ମରି ପୁଣି ଉଠି ବଂଚିବା
ଧାର ଧାର ଲୁହରେ ବି ହସିବା
ଜୀବନର କଳା, ଆମେ ସବୁ କଳାକାର ।

ବିଭାଗୀୟ ମୁଖ୍ୟ, ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଆଶା



ସଙ୍ଗୀତା ମହାନ୍ତ

ତୁମେ କଣ ଜାଣିଥିଲ୍ ତୁମେ ଯେଉଁ ରାସ୍ତାର ପଥିକ ଥିଲ

ମୁଁ ସେ ରାସ୍ତାର ପଥିକ ଥିବି ବୋଲି

ମତେ ଦେଖିଲ୍ ପରେ ତୁମେ ତୁମ ଆଖି ସହିତ

ମୋ ଆଖିର ମିଳନ ହେବ ବୋଲି

ଆମେ ଜାଣି ନଥିଲେ ବିଧାତା ଆମ ଦି ଜଣଙ୍କୁ ଦୁହିଁଙ୍କ ପାଇଁ ଗଢିଛି

କେମିତି ଅଫେରନ୍ତା ରାଇଜରୁ ଆସିଲି ମୁଁ ତୁମ ପାଖକୁ ଉଡି ଉଡି

ହେଲେ ତୁମକୁ ଦେଖିଲ୍ ପରେ ଆଶା ମୋର ଯାଉଛି ବଢି ବଢି

ଆଶାର ନଉକା ମୋର ହେଉ ଅମର

ସେଇ ନଉକା ର ଆଶାକୁ କରିବ ମୋର ସାକାର

ତୁଳସୀପୁର, ମଠସାହି

# ପରଦେଶୀ ଚଢେଇ

କ୍ଷୀରେନ୍ଦ୍ର କୁମାର ସାହୁ

ସେଦିନ ଭାରି ଫୁଲେଇ ହେଇ ନିଜର ପ୍ରେମିକା ର ତାରିଫ ରେ ମସଗୁଲ ସମ୍ବିତ ଦୃଢୋକ୍ତି ରେ କହୁଥିଲା-"ନାଁ ସ୍ମିତା ସେମିତିକା ଭୁଲି ଯିବା ଝିଅ ନୁହେଁ ।"

ଜୀବନ କୁ ବେପରୁଆ ଭାବରେ ହାଲକା ହାଲକ ନେଉଥିଲା ସମ୍ବିତ । ଟିକେ ସରଳ ବିଶ୍ୱାସୀ ସେ । ପ୍ଲେନ ମେମୋରୀ ର ଡିସ୍କ ପରି ଖାଲି ତାର ମସ୍ତିଷ୍କ । ସବୁକଥା କୁ ଖୁବ ସହଜରେ ବେଶ ଆପଣେଇ ନିଏ ସେ ।

ଜୀବନର ଅଜବ ଖିଆଲ ଭିତରେ ପ୍ରେମ କୁ ବେଶ ହାଲକେଇ ନେଇ ଅନ୍ତର ଭରି ଭଲ ପାଉଥିଲା ସମ୍ବିତ ସ୍ମିତା କୁ । ଅଜବ ପ୍ରେମର ଗଜବ କାହାଣୀ । ପ୍ରେମ ବି କୁହୁଡି ଭରା ଜହ୍ନ ରାତିର ଅସରା ଅସରା ଶୀତ । ମୁଗ୍ଧ କୋକିଳ ର ପଞ୍ଚମ ରାଗିଣୀ । କୃଷ୍ଣଚୁଡା ର ସ୍ମିତ ଲେଲିହାନ ରୂପ । ଶାନ୍ତ ସକାଳ ର କଅଁଳ ପରଶ । ଜୀବନ ଜଞ୍ଜାଳ ଠୁ ଖୁବ ଦୂରରେ ଏଇ ପ୍ରେମ । ଏ ସବୁ ଭାବ ଉଙ୍କି ମାରେ ସମ୍ବିତ ର ସରଳ ମନରେ ।

କେହି ଟିକେ ତାଚ୍ଛଲ୍ୟ ରେ ସ୍ମିତାର ବିରୋଧାଭାସ କଲେ ତା ବିରୁଦ୍ଧରେ ବିଦ୍ରୋହ କରିବସେ ସମ୍ବିତ ମୁହୂର୍ତ୍ତକ ପାଇଁ, ସତେ ଯେମିତି ସେ ପାଗଳ ପ୍ରେମିକ ।

କିନ୍ତୁ ସ୍ମିତା

ଅପରୂପା, ବିଚକ୍ଷଣା, ବାକ ଚାତୁରୀ ନିପୁଣା, ଉଗ୍ର ଅତ୍ୟାଧୁନିକା ।

ଯାହା କରେ ଭାବିଚିନ୍ତି କରେ । ସ୍ମିତା ଭାରି ସ୍ମାର୍ଟ, ନିର୍ଭିକା । ଯାହା କହିବ ଚଟାପଟ, କଥାରେ ବାଟୁଲି ବାଜେନା । ସହରୀ ଝିଅ ଭାରି ସ୍ୱାଭିମାନି । ଝିଅ ହେଇ ବି ଭାରି ବେପରୁଆ । ନିତି ସ୍କୁଟିରେ କଲେଜ ଆସୁଥିବା ଏଇ ଝିଅ ଟି ରାସ୍ତା ମଝିଟାରେ ଏମିତି ଗାଡି ଚଲାଏ, ଯେ କେହି ବି ଡରିଯିବ ।

ବାପରେ କ'ଣ କି ଜୋରରେ ଗାଡ଼ି ନ ଚଳାଉଛି ଝିଅ ଟା ।

କେବେ କେମିତି ଟିପ୍ପଣୀ ଦିଅନ୍ତି ଦେଖଣାହାରୀ ।

କଲେଜ ନିତି ଯିବା ଆସିବା ହୁଏ । ଆକସ୍ମିକ ଭାବେ କେମିତି ଭେଟ ହୁଏ ସମ୍ବିତ ସାଥିରେ ସ୍ମିତା ର।ପ୍ରେମ ବି ହୁଏ । ସେ କଥା କେହି ଜାଣି ନାହାଁନ୍ତି କି ସେମାନେ ବି କାହାକୁ ଜାଣିବାର ସୁଯୋଗ ଦେଇ ନାହାନ୍ତି । ସେ ଦୁହେଁ ବୋଧ ହୁଏ ମନେ ବି ରଖି ନ ଥିବେ ସେମାନଙ୍କ ପ୍ରଥମ ମିଳନ ର ଅନୁଭୂତି କୁ ।

କିନ୍ତୁ ଏହା ଡାହା ମିଛ, ସବୁ ପ୍ରହେଳିକା ।

କେବେ କିଏ ଭୁଲି ପାରେ ନିଜର ପ୍ରେମର ପ୍ରଥମ ମିଳନ କୁ ।

ସମ୍ବିତ ମନ ଖୋଲି ସବୁ କଥା କହି ଦିଏ ସ୍ମିତା କୁ । କିନ୍ତୁ ସ୍ମିତା ଭାରି ଚାଲାକ କଥା ଭିତରେ କଥା କୁ ଲୁଚେଇ ଫୁଲେଇ ହେଇ କହିଥାଏ ତାର କଥା ସବୁ ସମ୍ବିତ ଆଗରେ ।

ବିଚରା ସମ୍ବିତ, ସେଦିନ ଆଉ  କିଛି କହୁ ନ ଥିଲା, ଖାଲି ନୀରବ ଆଉ ନୀରବ । ପୁରାପୁରି ଚୁପଚାପ । ଲାଗୁଥିଲା ରକ୍ତ ମାଂସ ଭରା ପଥରର ଜୀବନ୍ତ ମୂର୍ତ୍ତି ଟେ । ଦେହରେ ଜୀବନ ଅଛି, ସମ୍ପୂର୍ଣ୍ଣ ଅବୟବ ଅଛି ରକ୍ତ ମାଂସର, କିନ୍ତୁ ବାକଶକ୍ତି ବିହୀନ ମାନବର ପ୍ରତିଛବି ମାତ୍ର ।କିଛି ବି କହୁନି ,ଅନେକ ବାହାସ୍ଫୋଟ ମାରି ପ୍ରେମିକା ର ତାରିଫ କରୁଥିବା ଏଇ ପାଗଳ ପ୍ରେମିକ ଜଣକ ହେଇ ଯାଇଥିଲା ହତାଶ । ନିରାଶାର କଳା ବାଦଲ ଛାଇ ଯାଇଥିଲା ସମ୍ବିତ ର ଦେହ ଆଉ ମନରେ । ତା' ପାଦତଳର ମାଟି ଧସି ଯାଇଥିଲା ପାତାଳ ଗର୍ଭକୁ । ଆକାଶ ଟା ଛିଣ୍ଡି ଯାଇଥିଲା ତାର ମୁଣ୍ଡ ଉପରେ ।

ସ୍ମିତା, ଛୁ ହୋଇ ଯାଇଛି ଆଉ କାହା ସାଥିରେ । ଘର ଲୋକେ ଖୋଜୁଛନ୍ତି । ଥାନାରେ ରିପୋର୍ଟ ବି ଦିଆ ସରିଲାଣି । ଫୋନ ବି ସ୍ୱିଚ ଅଫ । କେହି ଦେଖି ନାହାନ୍ତି ସେମାନଙ୍କୁ କାଲି ରାତି ନାଇଟ ସୋ ସିନେମା ଗଲା ବେଳଠୁ ଦୀପକ ସାଥିରେ ।

ଛି କେଡେ ଅଭଦ୍ର ଝିଅ ଟେ, ଦୁଇ ଜଣକୁ ପ୍ରେମ କରି ଜଣକୁ ପାଗଳ କରି ଦେଲା ।

ଧେତ ତେରିକି, ପ୍ରେମିକ ପ୍ରବର, କଣ ନା ସ୍ମିତା ମତେ ବହୁତ ଭଲ ପାଏ । ମତେ ଭୁଲି ଯିବା ଝିଅ ନୁହଁ ।

ପାଗଳ ଟା, ସେମିତି ଝିଅ ମାନେ କେବେ ବୁଝିବ ପ୍ରେମ ର ମାନେ ।

ସେମାନେ ପରା ବୁଲି ବୁଲି ବସା ବାନ୍ଧୁଥିବା ପରଦେଶୀ ଚଢ଼େଇ ।

ସମ୍ବିତ ସବୁ ଶୁଣୁଥିଲା, ଆଉ ଚୁପ ଚାହୁଁଥିଲା ନୀଳ ଆକାଶ କୁ । ଅପେକ୍ଷା ରେ ଥିଲା ଆଉ ଏକ ନୂତନ ପ୍ରତ୍ୟାଶା ର ।

ବରପିଟା, ପାଟଣାଗଡ଼
ବଲାଙ୍ଗୀର
ମୋ:-୯୮୬୧୮୫୨୫୮୬

# ଶ୍ରଦ୍ଧାଞ୍ଜଳି



ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

✓ ଶ୍ରୀମତୀ କାଞ୍ଚନ କୁମାରୀ ତ୍ରିପାଠୀ

ଜନ୍ମ – 20.11.1950, ତିରୋଧାନ – 6.2.2021

ଲକ୍ଷ୍ମୀସାଗର, ଭୁବନେଶ୍ୱର

ସ୍ୱାମୀ – ମାଧବ ମିଶ୍ର

ଶ୍ରଦ୍ଧାଞ୍ଜଳି

ନାତି, ନାତୁଣୀ, ପୁଅ, ବୋହୁ, ଜ୍ୱାଇଁ ଏବଂ ପରିବାରବର୍ଗ

# ସ୍ୱାସ୍ଥ୍ୟ ବିଭାଗ

# ସୁସ୍ଥ ପରିବେଶ ଓ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ୱରେ ବୈଜ୍ଞାନିକ ମାନଙ୍କ ସିଦ୍ଧାନ୍ତ ତଥା ଭୌଗଳିକ ବିଜ୍ଞାନ ସମ୍ମତ ତଥ୍ୟ ଅନୁଯାଇ ସାରା ବିଶ୍ୱରେ ରହିଥିବା ବିଭିନ୍ନ ଦେଶ ମାନଙ୍କରେ ବର୍ଷର ୧୨ ମାସ ବା ୩୬୫ ଦିନରେ ଋତୁ ଚକ୍ରରେ ପରିବର୍ତ୍ତନ ହୋଇ ଭିନ୍ନ ଭିନ୍ନ ପ୍ରକାରର ଜଳବାୟୁ ମଧ୍ୟ ପରିବର୍ତ୍ତନ ହେବାର ଦେଖାଯାଇଥାଏ। ସେହିପରି ବିଭିନ୍ନ ଦେଶର ସମୟ, ଦିବା ଓ ରାତ୍ରି ମଧ୍ୟ ଭିନ୍ନ ଭିନ୍ନ ପରିଲକ୍ଷିତ ହୋଇଥାଏ । ଏପରି ସ୍ଥଳେ ଆମ ଦେଶ ର ପୌରାଣିକ, ପାରମ୍ପାରିକ ରୀତିନୀତି ତଥା ବୈଦିକ ଶାସ୍ତ୍ର ମତାନୁସାରେ ବର୍ଷକ ବାରମାସ, ୬ଟି ଋତୁ (ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ) ବୋଲି ବିବେଚନା କରାଯାଇ ଋତୁ ଅନୁଯାଇ ମନୁଷ୍ୟ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ଯେପରି ବର୍ଷା ଋତୁରେ ଦୂଷିତ ପାଣି, ତଥା ପ୍ରକୃତି ଓ ପରିବେଶର ପାଣିପାଗ ପରିବର୍ତ୍ତନ ହେତୁ ମନୁଷ୍ୟ ଶରୀରରେ ବିଭିନ୍ନ ରୋଗ ଦେଖାଦେଉଥିବା ବେଳେ, ଗ୍ରୀଷ୍ମ ଋତୁରେ ମଧ୍ୟ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ର ତାପ ତଥା ଜଳବାୟୁରେ ଆଦ୍ରତା ହ୍ରାସ ପାଇବା ହେତୁ ବେଳେ ବେଳେ ମନୁଷ୍ୟ ଅଂଶୁଘାତ(Sunstroke) ର ଶିକାର ହେବାସହ ନଦୀ, ନାଳ, ପୁଷ୍କରିଣୀ, କୂପ ମାନଙ୍କରେ ଜଳର ପରିମାଣ ହ୍ରାସ ହେତୁ ପାଣି ଦୂଷିତ ହେବା, ଉକ୍ତ ଜଳକୁ ମନୁଷ୍ୟ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଦେଖାଯାଇଥାଏ । ସେହିପରି ଶୀତ ଋତୁରେ ମଧ୍ୟ ଭାରତ ର କୋଣନୁକୋଣେ ଶୀତର ପ୍ରକୋପ ହେତୁ ଅସ୍ଥେମା, କଫ, ଶ୍ୱାସ, ମୁଣ୍ଡବିନ୍ଧା, ଉଚ୍ଚ ରକ୍ତଚାପ, ରକ୍ତ ହୀନତା ତଥା ବିଭିନ୍ନ ପ୍ରକାର ଚର୍ମ ରୋଗ ମନୁଷ୍ୟ ଶରୀରରେ ଦେଖାଦେଇଥାଏ ।

ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟ ଓଡିଶାର ଜଳବାୟୁ କୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଋତୁ ଚକ୍ରରେ କିଛି ତାରତମ୍ୟ ହେବାର ପରିଲକ୍ଷିତ ହୋଇଥାଏ, ଏହାର ମୂଳ କାରଣ ଜଙ୍ଗଲ କାଟି ନଷ୍ଟ କରିବା, ବୃକ୍ଷ ରୋପଣ ନକରିବା, ସବୁଜ ବନକୁ କାଟି ନଷ୍ଟକରିବା

ଯଦ୍ୱାରା ଜଳବାୟୁରେ ଅମ୍ଳଜାନ ର ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ଗ୍ୟାସ ର ପରିମାଣ ବୃଦ୍ଧିପାଇଥାଏ, ଯଦ୍ୱାରା ବର୍ଷା ଓ ଶୀତ ର ପ୍ରକୋପ ନିୟମ ଅନୁଯାଇ ନହୋଇ ହ୍ରାସ ପାଇ ଗ୍ରୀଷ୍ମ ର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ, ଏହାର କୁପ୍ରଭାବ ସିଧାସଳଖ ମନୁଷ୍ୟ ସମାଜ ଉପରେ ପଡିଥାଏ ।

ବିଜ୍ଞାନ ମତ ଅନୁଯାଇ ମାନବ ଜାତି ପୃଥିବୀ ପୃଷ୍ଠରେ ତିଷ୍ଠି ରହିବା ପାଇଁ ପ୍ରକୃତି ଦତ୍ତ ଉପାଦେୟ ଗୁଡିକ ସୁରକ୍ଷିତ ରହିଲେ ହିଁ ମାନବ ସଭ୍ୟତା ସୁସ୍ଥ ପରିବେଶ ରେ ପୃଥିବୀ ପୃଷ୍ଠରେ ନିରୋଗ ଜୀବନ ଯାପନ କରି ଦୀର୍ଘାୟୁ ଭାବେ ବଞ୍ଚିରହିବା ପାଇଁ ପଥ ପରିଷ୍କାର ହୋଇପାରିବ ।

କିନ୍ତୁ ଆଜିର ମନୁଷ୍ୟ ନିଜର କ୍ଷଣସ୍ଥାୟୀ ଉପଯୋଗିତାକୁ ଗୁରୁତ୍ୱ ଦେଇ, ଦୀର୍ଘବର୍ଷ ଧରି ବଣଜଙ୍ଗଲ ରେ ବଞ୍ଚି ରହିଥିବା ବିଶାଳ କାୟ ବୃକ୍ଷ ଗୁଡିକୁ କାଟି ସଫା କରିଦେଉଛି, ନିଜର ସୁବିଧା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ କରିବା ହେତୁ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଅଳ୍ପ ସମୟ ମଧ୍ୟରେ ଜଳିପୋଡି ପାଉଁଶ ହେଇଯାଉଛି, ଯଦ୍ୱାରା ବଣଜଙ୍ଗଲରେ ବାସ କରୁଥିବା ବାଘ, ଭାଲୁ, ବାରହା, ହାତୀ, ସର୍ପ ଆଦି ବିଭିନ୍ନ ସରୀସୃପ ଜାତୀୟ ବନ୍ୟ ଜନ୍ତୁ ସମୂହ ଗ୍ରାମାଭିମୁଖ ହୋଇ ମନୁଷ୍ୟ କୁ ଆକ୍ରମଣ କରିବା ହେତୁ ମନୁଷ୍ୟ ଆହତ ହେବାସହ ବହୁ ଧନ ଜୀବନ ହାନି ହେବାର ମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏପରି ପ୍ରକୃତି ଦତ୍ତ ପ୍ରାକୃତିକ ସମ୍ପଦକୁ ମନୁଷ୍ୟ ହେୟମନେକରି ନଷ୍ଟ କରି ନିଜର ଓ ମନୁଷ୍ୟ ସମାଜର ସ୍ୱାସ୍ଥ୍ୟ ସୁରକ୍ଷାରେ ବାଧକ ସାଜୁଛି । ଏହାର ପ୍ରତିକାର ଓ ପ୍ରତିରୋଧ ପାଇଁ ନିଜେ ସଚେତନତା ସହ ଜନ ସଚେତନତା ଆବଶ୍ୟକତା ରହିଛି ।

ବହୁ ବର୍ଷ ଧରି ତିଷ୍ଠି ରହିଥିବା ବିଶାଳ କାୟ ବୃକ୍ଷ ସମୂହ ପ୍ରଚୁର ପରିମାଣରେ ଅମ୍ଳଜାନ ସୃଷ୍ଟି କରି ବାୟୁମଣ୍ଡଳ କୁ ଛାଡ଼ିଥାନ୍ତି, ଯଦ୍ୱାରା ମନୁଷ୍ୟ ସୁସ୍ଥ ଅମ୍ଳଜାନ ପାଇବା ହେତୁ ଶରୀରରେ "ରୋଗପ୍ରତିରୋଧକ ଶକ୍ତି" (Immunity Power )ବୃଦ୍ଧି ରେ ସହାୟକ ହୋଇ ସୁସ୍ଥ ଓ ଦୀର୍ଘାୟୁ ଜୀବନ ଯାପନରେ ସହାୟକ ହୋଇଥାଏ । ଯଦି ମନୁଷ୍ୟ ଏପରି ବନ୍ୟ ସମ୍ପଦକୁ ନଷ୍ଟ କରିଚାଲିବ ଭବିଷ୍ୟତ ପିଢ଼ି ମାନଙ୍କ ପାଇଁ ଅମ୍ଳଜାନ ଅଭାବ ଜନିତ ସମସ୍ୟା ତଥା ବିଭିନ୍ନ ପ୍ରକୃତି ଓ ପରିବେଶ ଅସନ୍ତୁଳିତ ହେତୁ ବିଭିନ୍ନ ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଏହାର ପରିଣାମ ସ୍ୱରୂପ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ (Natural Calamities) ହେତୁ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ଘୂର୍ଣ୍ଣିଝଡ଼,

ବନ୍ୟା, ବାତ୍ୟା, ଘଡଘଡି, ବିଜୁଳି ଆଦି କାରଣରୁ ବହୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି।

ପରିସଂଖ୍ୟାନ ରୁ ଜଣାଯାଇଛି ଯେ ପ୍ରତିବର୍ଷ ବିଶ୍ୱରେ ୨୪୦,୦୦୦ ବଜ୍ରପାତ ଜନିତ ଘଟଣା ଘଟୁଥିବାବେଳେ ହାରାହାରି ୨୦୦୦ ଜଣ ମୃତ୍ୟୁ ବରଣ କରିଥାନ୍ତି। ଭାରତରେ ମଧ୍ୟ ପ୍ରତିବର୍ଷ ପ୍ରାୟ ହାରାହାରି ୨୦୦୦ ରୁ ୨୫୦୦ ଜଣଙ୍କ ବଜ୍ରପାତ ଜନିତ ମୃତ୍ୟୁ ହୋଇଥାଏ । ସେହିପରି ଓଡ଼ିଶାରେ ୨୦୧୫-୨୦୨୦ ସାଲ ମଧ୍ୟରେ ପ୍ରତିବର୍ଷ ୩୪୩ ଜଣ ଙ୍କ"ବଜ୍ରପାତ ଜନିତ ମୃତ୍ୟୁ"(LIGHTING DEATHS) ଘଟୁଥିବା ବେଳେ ଏକାକୀ ୨୦୧୭ ରେ ୪୬୩ ଜଣ ଓ ୨୦୨୦ ସାଲ ରେ ୧୭୬ ଜଣଙ୍କ ବଜ୍ରପାତ ଜନିତ ମୃତ୍ୟୁ ଘଟିଛି ଯାହାକି ଚିନ୍ତା ଜନକ ଘଟଣା ଅଟେ। ସେହିପରି ଓଡ଼ିଶାରେ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟତଃ ୨,୬୩୪ଜଣ ଅଂଶୁଘାତ (Sunstroke) ହେତୁ ମୃତ୍ୟୁ ବରଣ ଘଟିଛି।

ଉକ୍ତ ସମସ୍ତ ବିଷୟ କୁ ଗଭୀର ଭାବେ ଚିନ୍ତା କଲେ ଜଣାଯାଏ ଯେ ପ୍ରକୃତି ଓ ପରିବେଶ ଅସନ୍ତୁଳିତ ହେତୁ ଏପରି ପ୍ରାକୃତିକ ବିପର୍ଯ୍ୟୟ ଦେଖାଯାଇଥାଏ। ତେଣୁ ସୁସ୍ଥ ଓ ଦୀର୍ଘାୟୁ ଭାବେ ବଞ୍ଚି ରହିବା ପାଇଁ ଉତ୍ତମ ପରିବେଶ ହିଁ ନିହାତି ଜରୁରୀ ଅଟେ। ଏହାର ଆସୁ ପ୍ରତିକାର ନିମନ୍ତେ ଆମର ବାସଗୃହ ତଥା ପାରିପାର୍ଶ୍ୱିକ ସ୍ଥାନ ମାନଙ୍କରେ ବିଭିନ୍ନ ବୃକ୍ଷ ଲଗାଇବା ସହ ସବୁଜ ବନ ସୃଷ୍ଟି କରିବା, ବଣଜଙ୍ଗଲର ବୃକ୍ଷକୁ ନକାଟିବା ଦ୍ୱାରା ହିଁ ଆମେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ପାଇବାରେ ପ୍ରତିବନ୍ଧକ ଦୂର ହେବାସହ ପରିବେଶ ସୁସ୍ଥ ରହି ଆମେ ସ୍ୱାସ୍ଥ୍ୟ ବାନ ଓ ଦୀର୍ଘାୟୁ ହୋଇ ବଞ୍ଚିପାରିବା।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ହାଣ୍ଡିଶାଳ



ତ୍ରିପତି ପ୍ରଧାନ

ହାଣ୍ଡିଶାଳ ମୁରବି ଟି
        ସମୟର ତାଳେ
ବନିଯାଏ ଅଲୋଡ଼ା ଟି
          ବିଧତାର କାଳେ (1)
ଯା ହାତ ପରଷା ଆହା
          ଲାଗୁଥିଲା ମିଠା
ଖଜୁଥାଏ ସିଏ ସାହା
           ହୀନ ସମୟଟା (2)
ପରିବାର ମନ ଜାଣି
            ରୁଚିଅନୁ ଯାଇ
ନେଉଥିଲା ହୃଦ କିଣି
             ପରଷିଣ ଦେଇ (3)
ତା ହୃଦୟ ବୁଝିବାକୁ
            କା ପାଖେ ସମୟ
ଦେଖାଏ ତ ଅଭାବକୁ
          ବ୍ୟସ୍ତ ନୁହଁ ଥୟ (4)
ତଥାପି ସେ ଚିତ୍ତେ ସଦା
              କହି ହରି ହରି
ସନ୍ତାନ ସନ୍ତତିସୁତା
               ରକ୍ଷ ଦଇତାରୀ (5)

କଷ୍ଟ ଦୁଃଖ ଯାହା ଅଛି
ଦିଅ ମୋ ଉପରେ
ମଥା ପାତି ରଖି ଅଛି
ତବ ଶ୍ରୀ ପୟରେ (6)
ମୋ କୁଟୁମ୍ବେ ଭାବଗ୍ରାହୀ
ରଖ ଭାବ ନୂଆ
ନୁହଁ ସେହି ଆଉ କେହି
ଜନ୍ମ ଦାତ୍ରୀ ମାଆ (7)

ସଂସ୍କୃତ ଶିକ୍ଷକ, ଚିକିଟି

# କ୍ୟାପସିକମ୍ ପନୀର



ଜୟନ୍ତୀ ଦେବୀ

ଉପକରଣ: କ୍ୟାପସିକମ୍ - ୨୦୦ ଗ୍ରାମ

ପନିର - ୨୦୦ ଗ୍ରାମ୍

ପିଆଜ - ୨୦୦ ଗ୍ରାମ

କଞ୍ଚାଲଙ୍କା - ୪ ଟା

ଚା ଚାମଚରେ ଅଧା ଚାମଚ ଗୋଲମରିଚ ଗୁଣ୍ଡ

ବଟର ବା ରିଫାଇନ୍ ତେଲ -୨୦୦ ଗ୍ରାମ୍

ଟମାଟୋ ସସ୍ ଅଧାକପ୍ ଓ ଲୁଣ ସ୍ୱାଦ ଅନୁସାରେ

ପ୍ରଣାଳୀ : କ୍ୟାପସିକମ୍ ପିଆଜକୁ ସରୁସରୁ ଲମ୍ବା କରି କାଟି ରଖନ୍ତୁ । ପନୀରକୁ ଡାଇମଣ୍ଡ ସାଇଜରେ କାଟନ୍ତୁ । କଞ୍ଚାଲଙ୍କାକୁ ଚିରି ଭାଜି ରଖିଦିଅନ୍ତୁ । କଡେଇରେ ତେଲ ଦେଇ ଡାଇମଣ୍ଡ ସାଇଜର କଟା ହୋଇଥିବା ପନୀରକୁ ଅଳ୍ପ ଆଞ୍ଚରେ ଭାଜନ୍ତୁ । ଅଳ୍ପ ବାଦାମୀ ରଙ୍ଗ ଦେଖାଗଲେ ବାହାର କରିଦିଅନ୍ତୁ । ସେହି ତେଲରେ ପିଆଜ ଓ କ୍ୟାପସିକମ୍ କୁ ଭାଜି ଲୁଣ ପକାନ୍ତୁ । ପିଆଜ ବାଦାମି ରଙ୍ଗ ହୋଇଗଲେ, ସେଥିରେ ଟମାଟୋ ସସ୍ ଓ ଗୋଲମରିଚ ଗୁଣ୍ଡ ପକାଇ ଭାଜି ଦିଅନ୍ତୁ । ଏଥର ଭଜା ହୋଇଥିବା ପନୀରକୁ ଏଥିରେ ମିଶାଇ ମିକ୍ସ କରିଦିଅନ୍ତୁ । ଏବେ କ୍ୟାପସିକମ୍ ପନୀର ପ୍ରସ୍ତୁତ । ଏହାକୁ ରୁଟି ବା ପୁରୀ ସହିତ ପରଷି ଦିଅନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

# ଆଞ୍ଚଳିକ

# ଜୀବନ୍ ଗଣିତ୍



ବାଙ୍କାବିହାରି ମହାକୁର

ଇ ଜୀବନ୍'ଟା ଗୁଟେ ଗଣିତ୍'ଟେ
ଚାର୍'ହି ସୂତର୍ ଥାଏସି ମେଲନ୍'ମେଶା
ବତର୍ ଛତର୍ ଦେଖି ଲଗାଲେ କାମେ
ବଦ୍'ଲି ଯାଏସି ଇତାର୍ ଭାଷା ।

ଯୁଗ୍'ଠାନେ ଅଛେ ବଢ଼େ ଦରଦ୍
ବାଁଧିଛଁଦିପକାସି ଭାବର୍ ଡୁର
ସାଁଗ୍'ସର୍'ସା କୁଟୁମ୍ ବଁଧୁବାଧବ୍
ଗହଗହ ହେସନ୍ ହେଇ ଆତୁର ।

ବିଯୁଗ୍ କରି ପକାଲେ ରାଗ୍ ରିସିମି
ଗରବ୍ ଲୁଭ୍ ଆରୁ ମିଛୁ ସପନ୍
ଭରମ୍ ପଲେଇ ବଢ଼୍'ତା ଧରମ୍
ସର୍'ସା ହେଇ ଯାଏତା ନିର୍'ସା ମନ୍ ।

ଗୁଣନ୍'କେ ଠାନ୍'ଦେଲେ ମହତ୍'କାମେ
ନୂଆଁଗୁଟେ ଯୁଗର୍ ମୁଲ୍ ହେଇଯାଏତା
ଦୁଖର୍ ଡଁଗର୍ ହେଇ ଛିନ୍'ଛତର୍
ତହିଁନୁ ସୁଖର୍ ଝରନ୍'ଗୁଟେ ଝର୍'ତା ।

ହରଣ୍ କରିପକାଲେ ଛଁଦ୍'କପଟ୍
ଚୁରିହାରି ମରାହଜା ଉବାଟ୍ କବାର
ଦୁନିଆଁନୁ ହଜିଯାଏତା ଶତ୍'ରୁ ଭଏ
ସମ୍'କର୍ ହୁରୁଦ୍'ନୁ ଜାଗ୍'ତା ନୁକୋବିଚାର ।

ଜୀବନ୍ ଗଣିତ୍'ଟା ଲାଗ୍'ତା ଡଉଲ୍
ବଡ୍'ଖା ସମ୍'ସିଆମାନ୍ ଯାଏତା ହଜି
ସଁସାର୍ ରୁଡେ ମନର୍ ଯେତ୍'କି ସପନ୍
ଅଲପ୍ ସମିଆନେ ପାଇହେତା ନୁରିଖୁଜି ।

ବୁରୁବୁଡା,ବୀରମହାରାଜପୁର,
ସୁବର୍ଣ୍ଣପୁର

# ସବରୀ



ଶୁଭେନ୍ଦୁ ମେହେର

ଭିଲ ଜାତି ଜନମ ସବରୀ ପାଇଛେ
ମୁଖିଆ ଘରର ଝି ।
ଜୁଆନ ହେଲା ଯେନ୍ତା ଖୁଜଲେ କୁମାର
କଲେ ଠିକ ବନ ଯାଇ ।।

ବିହା ଠିକ ହେଲା ଲଗନ ବାହାରଲା
ଭୁଜି ଭାତି ହେବାର କାଜେ।
ଆନଲେ ଜନ୍ତୁ ଗୁହୁଡେ ଘିନି କରି
ସବରୀ ସୁମରି କାନ୍ଦେ ।।

ବିହା ଗୁଟେ ଲାଗି ମାରା ହେବେ ଆଏଜ
କେତନିକେତେ ଯନ୍ତ ।
ଇଟା ହେଲା ଗୁଟେ ଅସଗୁନଆଁ କଥା
ପଲାମି ଇଠାନୁ ତୁରନ୍ତ ।।

ଘରୁ ଗୋଡ଼ କାଢି ସବରୀ ପଲାଲା
ରାତା ରାତ ଝାର ଭିତର।
ଦଣ୍ଡକା ଝାରେ ତପ ଖଟୁଥିଲେ
ମାତଙ୍ଗ ଋଷି ପରାପୂର ।।

ଅବସରି କରି ଯାଏ ସବରୀ
ଗୁରୁର ପାସକେ ପାସ।
ଅଛୁଆଁ ଯାଏତ କେ କେଁ ବଲବେ ଗୁରୁ
କେଁ ବଲି କରମି ଆସ ।।

ପାସକେ ଯାଇ କହେଲା ସବରୀ
ସବୁ କଥାକେ ଖୁଲି ।
ମାତଙ୍ଗ ଋଷି ଚିହ୍ନିଗଲେ ସବରୀ କେ
କହେଲେ ସହମତ ଦେଲି।।

ଦେଖଲେ ଗୁରୁ ସବରୀର ଗୁନ କେ
କହେଲେ ରେ ମା ସବରୀ ।
ତୁଇ ଇନ ରହି ତପ ଖଟୁଥିବୁ
ନିଶ୍ଚେ ଆଇବେ ରାମ ହରି ।।

ଯେନ ଦିନୁ ସବରୀ ତପ ଖଟଲା
ରାମ ନେଇଁ ହେଇ ଜନମ ।
ଜନମ କରମ ବନବାସ ହେବା
କେଭେ ପାଏବା ଦର୍ଶନ ।।

ଦୁରୁଢ଼ ମନେ ତପ ଖଟଲା
ରାମର ନାଁ କେ ଜପି ।
ହରୁ ହରଦମ ପୁଜୁଥିଲା ସେନ
ଫୁଲେ ଦେଉଥିଲା ଢାପି ।।

ରାମ ରାମ କହି ହରୁ ହରଦମ
ରାମେ ରଖିଥାଏ ଲଏ ।

ଆଶ୍ରମ ଭିତରେ ଯାହିଁ ଦେଖେ ତାହାକେ
ଦିଶେ ରାମ ମଏ ରାମ ମଏ ।।

ଭୁକେ କୁଦସି ଯେନ୍ତା ଦାମୁର
ଗାଏର ପାସକେ ତୁରତି ।
ଦିନକର ଦିନେ ପୁହୁଁଛି ଆସଲେ
ପରଭୁ ରାମ ମୂରତି ।।

କହେଲା ସବରୀ କେତେ ପରିଶ୍ରମ
କରିଥିବେ ପରଭୁ ମୋର ।
ଝାର ପତ୍ରା ନ କିନ୍ଦରି କିନ୍ଦରି
ଆସିଛ ସବରୀର ଘର ।।

ରାମ କହୁଚନ ଭକ୍ତି ଥିଲେ ସବରୀ
ନୁହେ ଇଟା ଯହ ଧୁର ।
ମାର ପାଶେ ଥିଲେ ଯେନ୍ତା ଲାଗସି
ହେନ୍ତା ଲାଗୁଚେ ସୋର ।।

ଗୁଟେ ଗୁଟେ କରି ଅଇଁଠା ଫଲ କେ
ଖାଉଚନ ସେନ ବସି ।
ଭକ୍ତିର ରସେ ରସେଇ ଦେଇଚେ
ରାମ ଯାଇଚନ ଫସି ।।

ଅଛିଆଁ ସବରୀ ଦର୍ଶନ ପାଏଲା
ଭାବ କେ କରି ଟାନ ।
ଭକ୍ତି ଥିଲେ ସବୁ ସମ୍ଭବ ହେସି
ଇଟା ଆଏ ଗୁରୁ ଜ୍ଞାନ ।।

ଯାଲ୍ଲେଏ, ସୁବର୍ଣ୍ଣପୁର-୧୮

# ପରଭୁ

ସୁନୀଲ କୁମାର ଅଗସ୍ତି

କାଏଁ ଛାରର୍ ଗାଗର୍ କେ
ପରଘେଇ ପରଘେଇ
ଜୀବନର୍ ଅସଲ୍ ନିଦାନର୍ 'ସାର୍' କେ
ଆ' ଦେ ଦେଲି ନ' ମୁଁଇଁ ପାସରି,
ହାତୀ ଘିନମି ଘୁଡା ଘିନମି
ବଲି ବଲି ଆ' ଦେ ଦିନ୍ ଗଲା ସରି
ଆଖରୀ ସମିଆଁ ଆଏଲା ଖେଟି,,
କାଏଁ ଛାରର୍ ମୁନୁଷର୍ 'ନିଦାନ୍'
ତମେ ମୁଁଇଁ ଆଏ ତ' ତାର୍ କାଲ୍,
ଅସଲ୍ ଥିଁ 'ସମିଆଁ' ଆଏ ତ'
ହର୍ ମୁନୁଷର୍ ମହାକାଲ୍,,
ବିନ୍ ଢାପେନ୍ ବିନ୍ ମୋଲର୍
ହର୍ ଦରବେ ଜୀବନ୍ ଗୁଲା ହଁ ହଁ ହଏ
ହର୍ ମୁନୁଷର୍ ଅବଗା ଭରମ୍,
ହେଲା' ନେ ପରଭୁ, ମିଲଲା ନେ
ନିଅ ଇହାଛିନ୍ ତମର୍ ଶରନ୍ ,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

# ଶିଶୁ ବିଭାଗ



# ତେନ୍ତୁଳ ନା ପାଚଲା କଇଁଆ



ଡ଼ଃ ରଞ୍ଜିତ କୁମାର ସାହୁ

"ଭୁଲି ଯାଇଥିଲି ବୋଉ, ଚାହା ପିଇ ଦିଏ, ବଜାରକୁ ଯାଇ କଇଁଆ ନେଇ ଆସିବି," ଘରକୁ ଫେରୁ ଫେରୁ ବାପା କହିଲେ I ଘରେ ପୂଲେରୀ ଅମାବାସ୍ୟା ପାଳନ ହେବ ତାହା ପରଦିନ I କେତେ ପ୍ରକାର ବ୍ୟଞ୍ଜନ ସବୁ ହେବ I ଚଗଲାର ମନେ ପଡିଗଲା ପୂର୍ବ ବର୍ଷ କଥା। ସକାଳୁ ତାକୁ ବୋଉ ଗାଧେଇକି ନୂଆ ଲୁଗା ପିନ୍ଧେଇକି, ହାତରେ ଝୋଲାଟିଏ ଧରେଇ କହିଥିଲା ସାହି ଆଉ ପାଖ ଦୁଇ ସାହିରୁ ଘର ଘର ବୁଲି ଯାହା ମିଳିବ ଧରିକି ଆସିବ I ସେଥିରୁ ସବୁ ବ୍ୟଞ୍ଜନ ହେବ I କିନ୍ତୁ ଭୋଗ ପାଇଁ ଯେଉଁ ସବୁ ପାଣି ପରିବା ବ୍ୟବହାର ହେବ ସେ ସବୁ କିଛି ମିଳିବ କି ନ ମିଳିବ ସେଥିର ଠିକଣା ନାହିଁ। ତେଣୁ ଆଇ ଅଲଗାରେ ମଧ୍ୟ ବାପାଙ୍କୁ କହି ଜିନିଷ ଆଗତୁରା ମଗେଇ ଦେଇଥାଏ ଅଳ୍ପ ପରିମାଣରେ I ବ୍ୟଞ୍ଜନ ଭିତରୁ ଛେନା ଆମ୍ବିଳ ଅନ୍ୟତମ I ଖଟ୍ଟା ହେବା ପାଇଁ ସେଥିରେ କଇଁଆ ପଡ଼ିବ I ଆଇ କହିଥିଲେ, କିନ୍ତୁ ବାପା ଭୁଲି ଯାଇଥିଲେ !

"ବାପା ଆମେ ଏମିତି ଘର ଘର ବୁଲି କାହିଁକି ସମସ୍ତଙ୍କୁ ମାଗିକି ଆଣିକି ପୂଜା କରୁଛେ? ଆମର କଣ ଏହି ଗୋଟିଏ ପୂଜା ପାଇଁ ସାମଗ୍ରୀ ଆଣିବାର ସାମର୍ଥ୍ୟ ନାହିଁ କି?" ଚଗଲା ପଚାରିଲା I

"ସମର୍ଥ ଅସମର୍ଥର କଥା ନୁହେଁରେ ଚଗଲା, ଏହା ଆମ ପରମ୍ପରା I ଏହା ଦ୍ୱାରା ଧନୀ ଆଉ ଗରିବ ଭିତରେ ଥିବା ପାତର ଅନ୍ତର ଦୂର ହୋଇ ଥାଏ କାରଣ ସମସ୍ତେ ଅନ୍ୟଙ୍କୁ ଅନ୍ନ ଆଉ ଖାଦ୍ୟ ସାମଗ୍ରୀ ମାଗି ଏହି ପୂଜା କରନ୍ତି I ଏହା ଦ୍ୱାରା ସମାଜରେ ପରସ୍ପର ପ୍ରତି ଭାତୃଭାବ ଆଉ ସହଯୋଗ ମଧ୍ୟ ବଢି ଥାଏ," ବାପା ଉତ୍ତର ଦେଲେ I

"କିନ୍ତୁ ଏହି କଇଁଆ କଣ?" ଆଇ କାହିଁକି କହୁଛନ୍ତି ତାକୁ ଆଣିବାକୁ?"

"ତୁ କଣ ଏତିକି ଜାଣିନୁ ? କଇଁଆ ହେଲା କଞ୍ଚା ତେନ୍ତୁଳି । କଞ୍ଚା ଥିଲେ ଏହାକୁ କଇଁଆ କୁହାଯାଏ ଏବଂ ପାଚିଲେ ତାକୁ ଶୁଖେଇ ତେନ୍ତୁଳି କରି ରଖା ଯାଏ," ବାପା ଉତ୍ତର ଦେଲେ।

"ଓଃ, ସେ ଯୋଉ ସବୁ କଳା ମାଟିଆ ରଙ୍ଗର ଖଟ୍ଟା ଜିନିଷ ଯେଉଁଥିରୁ ବେଳେ ବେଳେ ମଞ୍ଜି ମଧ୍ୟ ବାହାରେ, ସେଇଟା ତାହା ହେଲେ ପାଚିଲା କଇଁଆ ?" ଚଗଲା କହିଲା ।

"ପାଚିଲା କଇଁଆ ନୁହେଁ ତେନ୍ତୁଳି । ହଁ ତେନ୍ତୁଳି ରୋଷେଇରେ ବ୍ୟବହାର ହେଉଥିବା ଏକ ଲୋକପ୍ରିୟ ସାମଗ୍ରୀ, କିନ୍ତୁ ଏହାକୁ ସରବତ ଭଳି ମଧ୍ୟ ପିଆ ଯାଏ ମେକ୍ସିକୋରେ," ବାପା କହିଲେ ।

"ମୋ ସାଙ୍ଗ ଥରେ କହୁଥିଲା ତେନ୍ତୁଳି ଗଛରେ କୁଆଡେ ଭୂତ ରୁହନ୍ତି," ଚଗଲା କହିଲା । ସିଏ ମଧ୍ୟ କହୁଥିଲା ତାଙ୍କ ଗାଆଁରୁ ତେନ୍ତୁଳି ଚାରା ସବୁଆଡେ ଯାଉଛି ।



"ଭୂତ ରହିବା କଥା ମିଛ  କିନ୍ତୁ ତେନ୍ତୁଳି ଗଛ ଘଞ୍ଚ ହୋଇଥିବାରୁ ଅନେକ ପଶୁ ପକ୍ଷୀ ସେଥିରେ ବସା କରି ରୁହନ୍ତି I ତାହାର ପତ୍ରକୁ ଛେଳି ଆଉ ମେଣ୍ଢା ବହୁତ ଖୁସିରେ ଖାଆନ୍ତି।  ବେଳେବେଳେ ତଳେ ପଡିଥିବା କଇଆଁ ମଧ୍ୟ ଖାଇ  ଯାଆନ୍ତି I କିଛି ଦେଶରେ ତେନ୍ତୁଳି ପତ୍ରକୁ ମଧ୍ୟ ରୋଷେଇରେ ବ୍ୟବହାର କରନ୍ତି I  ତେନ୍ତୁଳି ଏତେ ଲୋକପ୍ରିୟ ହୋଇଥିଲେ ମଧ୍ୟ ଏହା ପ୍ରଥମେ ଆଫ୍ରିକା ମହାଦେଶରେ ଚାଷ କର ଯାଇଥିଲା I ଅନେକ ସହ ବର୍ଷ ତଳେ ଏହା ସବୁଆଡେ ବ୍ୟାପି ଥିଲା ଏବଂ ଏବେ ପୃଥିବୀର ବିଷୁବୀୟ ଅଂଚଳରେ ଏହାକୁ ଲଗାଯାଏ I ଘଞ୍ଚ ହୋଇଥିବାରୁ ଏହାକୁ ବେଳେ ବେଳେ ରାସ୍ତା କଡରେ ଛାଇ ପାଇଁ ମଧ୍ୟ ଲଗା ଯାଇଥାଏ  I କିଛି ଲୋକ ଏହାକୁ ଗହ୍ୱର ଭିତରେ କ୍ଷୁଦ୍ର ରୂପରେ ରଖିଥାନ୍ତି ଯାହାକୁ ବନସାଇ କୁହାଯାଏ," ବାପା କହିଲେ  I



"ମୋର ଏବେ ମନେ ପଡିଲା ଥରେ ପିଙ୍କି ତାହାର ସାଙ୍ଗ ଦେଇଛି ବୋଲି ଥୋଡିଏ କଇଁଆ ଆଣିଥିଲା ଆଉ ଲୁଣ ଲଙ୍କା ଗୁଣ୍ଡ ଦେଇକି ଖାଇକି ସୁ ସୁ ଗର୍ଜନ କରୁଥିଲା," ଚଗଲା କହିଲା  I

"କିନ୍ତୁ ତେନ୍ତୁଳି ରୁ ତ ବୋଉ ରସ ବାହାର କରିକି ରୋଷେଇ କରେ, ତାକୁ ଭିଜେଇ ରଖି ସାରିଲା ପରେ I ବେଳେ ବେଳେ ସେଥିରୁ ଚାରୁ, ଚଟଣି ଆଉ ସାମ୍ବର ମଧ୍ୟ କରେ," ଚଗଲା କହିଲା  I

"ତେନ୍ତୁଳି ରସ କେବଳ ବ୍ୟଞ୍ଜନରେ ନୁହେଁ ଔଷଧ ରୂପରେ ମଧ୍ୟ ବ୍ୟବହାର ହୁଏ I ଏହାର ସେବନ ଦ୍ଵାରା ପାଚନ ଶକ୍ତି ଭଲ ହେବା, ଯକୃତ ଉପକୃତ ହେବା, ମେଦ ହ୍ରାସ ହେବା, ହୃତପିଣ୍ଡ ଉପକୃତ ହେବା ଆଉ ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ ହେବାର ବର୍ଣ୍ଣନା ରହିଛି," ବାପା କହିଲେ I "ଏହା ବ୍ୟତୀତ ତେନ୍ତୁଳି ଗଛର କାଠରୁ ଅନେକ ଉପକରଣ ମଧ୍ୟ ତିଆରି କରା ଯାଇ ଥାଏ I ତେନ୍ତୁଳି ମଞ୍ଜିକୁ କିଛି ଲୋକ ଭାଜିକି ମଧ୍ୟ ଖାଇ ଥାଆନ୍ତି," ବାପା ପୁଣି କହିଲେ I

"ଓଃ ତାହା ହେଲେ ସମସ୍ତେ ଏଥର ଆଉ ସେ ବିଦେଶୀ ଗଛ ସବୁ ନ ଲଗେଇକି ତେନ୍ତୁଳି ଗଛ ହିଁ ଲଗେଇବା I ସେ ଯେଉଁ ବିଦେଶୀ ଗଛ ଗୁଡିକ ଲଗା ହେଇଛି ସେଥିରୁ ଯେଉଁ ସବୁ ଫଲ ଝାଡୁଛି ତାକୁ କୌଣସି ପାଖି କି ପଶୁ ଖାଉ ନାହାନ୍ତି," ଚଗଲା କହିଲା I

"ଠିକ ଅଛି ଆଉ ଯାହା ପ୍ରଶ୍ନ ଅଛି ଆଇକୁ ପଚାରେ," କହିକି ବାପା ଚାଲିଗଲେ ବଜାରକୁ I

"ଆଇ ଲୋ ବାପା ତ କହିଲେ କଇଁଆ ଆଉ ତେନ୍ତୁଳୀ ଗୋଟିଏ ଗଛରୁ ହୁଏ ବୋଲି," ଚଗଲା ପ୍ରଶ୍ନ କଲା ଯାଇକି ଆଇକୁ I

"ତୁ କଣ ଜାଣି ନଥିଲୁ କି ? ଆଇ ପଚାରିଲେ I

"ନା ଏବେ ଜାଣିଲି କିନ୍ତୁ ମୋର ପ୍ରଶ୍ନ ହେଲା ତେନ୍ତୁଳି କୁ ପାଚିଲା କଇଁଆ କାହିଁକି କୁହା ଯାଏ ନାହିଁ ?"ଚଗଲା କହିଲା I

"ସେଥିପାଇଁ ସବୁବେଳେ ଚଗଲାମୀ ନ କରି ପାଠ ପଢିବାକୁ ହୁଏ, ନୂଆ କଥା ଶିଖିବାକୁ ହୁଏ," ଆଇ କହିଲେ I

"କିନ୍ତୁ ମୁଁ ବୁଝି ପାରୁନି ଆଇ ତୁ କାହିଁକି ଘରେ ଏତେ ସବୁ ତେନ୍ତୁଳି ଥାଉ ଥାଉ କଇଆଁ ହିଁ ଖୋଜୁଛୁ କାଲି ଛେନା ଆମ୍ବିଳ ରାନ୍ଧିବା ପାଇଁ!" ଚଗଲା ପୁଣି ପ୍ରଶ୍ନ କଲା I

"ମୋର କାଲି ପୂଜା ପାଇଁ ସବୁ ଯୋଗାଡ଼ କରିବାର ଅଛି I ଏବେ ତୁ ଚଗଲା ନ ହେଇକି ଯା ପଢ଼ିବୁ," ଆଇ ତାଗିଦ କଲେ ଚଗଲାକୁ I ଫେଁ ଫେଁ କରି ହସିକି ଚଗଲା ଚାଲିଗଲା ପଢ଼ିବାକୁ I

ଯୁକ୍ତରାଷ୍ଟ୍ର ଆମେରିକା

# ପଙ୍କରେ ପଙ୍କ



ନୀଳମଣି ଗୁନ୍ଧ

ପିଲାଏ ଯାହାର ନାଆଁଟି ପଙ୍କ
ଶୁଣୁଶୁଣୁ ନାକ ଟେକଇ ରଙ୍କ
ଅପା ତ କହନ୍ତି ଥାଉ
ତା କଥାଟି ଆମେ ହେବାରେ ପରେ
କଇଁ ତୋଳା ସରିଯାଉ।'
ଗାଆଁର ପୋଖରୀ ପାଟ ଗଡ଼ିଆ
ପାଣି ତଳେ ପଙ୍କ ସଡ଼ସଡ଼ିଆ
ସେଇଠି ପଙ୍କର ଘର
ରହନ୍ତି ମାଗୁର, କୋଚିଆ, ଗେଣ୍ଡା,
ନ ଥାଏ ଟିକିଏ ଡର।
ଫୁଲରେ ଫୁଲ ସେ ଏମିତି ଫୁଲ
କେଉଁ ଫୁଲ ନୁହଁ ପଦୁଅଁ ତୁଲ
ପଙ୍କରେ ଫୁଟଇ ସିଏ
ସେ ପାଇଁ ନାଆଁଟି 'ପଙ୍କଜ' ତା'ର
କୁହରେ ନ ଜାଣେ କିଏ ।
ଧିନିକି ଧିନିକି ଧିନିକି ଧେଇ
ଶୁଖିଗଲେ ପଙ୍କ ଢାଳରେ ନେଇ
ଖେତ ଯେ ଉର୍ବର ହେବ
ଫୁଲଫଳ ଶସ୍ୟ ଆମରି ପାଇଁ
କେତେ ସେ ଅଜାଡ଼ି ଦେବ।
'ପଙ୍କୋଦ୍ଧାର ଏକାଦଶୀ'ର ଦିନ

ଲୋକନାଥ ପୀଠଟି ଲୋକାରଣ୍ୟ
ପଙ୍କ ଯେ ଉଖୁଳା ହୁଏ
କେ କହେ ଟିକିଏ ମଥାରେ ମାର
ଆଉକି ପାତକ ରୁହେ ?
ପାଖରେ ବସେଇ କହନ୍ତି ଆଈ
ପଙ୍କପାଣି ପରା ଦୁଇଟି ଭାଇ
ପଙ୍କର ଚେହେରା କଳା
ପଶନି ପଙ୍କରେ ଲାଖିବ ଜୋତା
ଡିଆଁ ମାରି ସ୍କୁଲ୍ ପଳା ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

# ଗରିବ ଛୁଆର କାଳୀପୂଜା



ଅଙ୍କିତା ପାଢ଼ୀ

ସାଧାରଣତଃ କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ଦୀପାବଳି ପାଳନ କରା ଯାଇଥାଏ । ଆମ ଓଡ଼ିଶାରେ ଦୀପାବଳି ଦିନ ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ସହ ସଂଧ୍ୟାରେ ବଡବଡୁଆ ଡାକିବାର ପରମ୍ପରା ରହିଛି । ସେହିପରି ଉତ୍କଳ, ପଶ୍ଚିମ ବଙ୍ଗରେ ଦୀପାବଳିରେ କାଳିପୂଜା କରାଯାଏ । ଆମ ଓଡ଼ିଶାର ଭଦ୍ରକ ଜିଲ୍ଲାରେ କାଳୀପୂଜା ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ । ଏଠିକାର ଭଦ୍ରକାଳୀ ମନ୍ଦିରରେ ମାଆ ଭଦ୍ରକାଳୀଙ୍କର ପୂଜା କରାଯାଇଥାଏ ।

"ଜୟନ୍ତୀ ମଙ୍ଗଳା କାଳି ଭଦ୍ରକାଳୀ କପାଳିନୀ।
ଦୁର୍ଗା କ୍ଷମା ଶିବା ଧାତ୍ରୀ ସ୍ୱାହା ସ୍ୱଧା ନମସ୍ତୁତେ"।

ଓଡିଶା ରେ ପ୍ରତିଷ୍ଠିତ ବିଭିନ୍ନ ଶକ୍ତି ପୀଠ ମଧ୍ୟରୁ ମା ଭଦ୍ରକାଳୀ ଙ୍କ ପୀଠ ଅନନ୍ୟ । ଏହା ସର୍ବ ପୁରାତନ ଶକ୍ତି ପୀଠ ମଧ୍ୟରୁ ଗୋଟିଏ । ମା ଭଦ୍ରକାଳୀ ହେଉଛନ୍ତି ମାତା ସତୀ ଙ୍କ ଅଂଶ। ମାତା ସତୀ ଙ୍କ ଅଂଶବିଶେଷ ରୁ ମା" ଜନ୍ମି ଥିବାରୁ, ମାତା ଙ୍କ ପୀଠ ଏକ ଶକ୍ତି ପୀଠ ଭାବେ ସର୍ବଜନ ବିଦିତ। ମା ଭଦ୍ରକାଳୀଙ୍କ ମନ୍ଦିର ଭଦ୍ରକ ସହରଠାରୁ ପ୍ରାୟ ୭ କି.ମି.ଦୂରରେ ଥିବା ଆହାରପଦା ଗ୍ରାମ ରେ ଅବସ୍ଥିତ ।

ଏଠାରେ ଚତୁର୍ଭୁଜା ମା" ଭଦ୍ରକାଳୀ ସିଂହପୃଷ୍ଠରେ ପଦ୍ମାସନରେ ବିରାଜମାନ କରିଛନ୍ତି । ଉପର ଭୁଜ ଦୁଇଟି ମଧ୍ୟରୁ ଦକ୍ଷିଣରେ ଖଡ୍‌ଗ ଓ ବାମ ଭୁଜରେ ଖର୍ପର ଧାରଣ କରିଛନ୍ତି। ତଳଭୁଜ ଦୁଇଟି ମଧ୍ୟରୁ ବାମଭୁଜରେ ଜପାମାଳି ଓ ଦକ୍ଷିଣ ଭୁଜରେ ଶିଶୁ କୃଷ୍ଣଙ୍କୁ କୋଳରେ ଧରିଛନ୍ତି । ଏହା ଏକମାତ୍ର ଶକ୍ତିପୀଠ ଯେଉଁଠି ମା କାଳୀ ଶ୍ରୀକୃଷ୍ଣଙ୍କୁ କୋଳରେ ଧରିଛନ୍ତି । ଏହି ପୀଠକୁ "ଦୁର୍ଗା ମାଧବ ପୀଠ" ମଧ୍ୟ କୁହାଯାଏ ।

ଏହି ଭଦ୍ରକାଳୀ ପୀଠ ଚରମ୍ପା, ଭଦ୍ରକରେ ଦୀପାବଳୀର ବେଶ ଧୂମ ଧାମରେ ମେଳା ଲାଗିଥାଏ । ଏଠାରେ ପ୍ରାୟତଃ ଛଅ ରୁ ସାତ ମେଢ଼ କାଳୀ ମଣ୍ଡପ ପ୍ରତିଷ୍ଠା କରା ଯାଇଥାଏ । ବହୁତ ଧୂମ ଧାମରେ ମେଳା ନଅ ଦିନ ପର୍ଯ୍ୟନ୍ତ ଲାଗିରହେ । ବହୁ ଦୂର ଦୁରାନ୍ତରୁ ଲୋକମାନେ ମାଆ ଭଦ୍ରକାଳୀଙ୍କର ଦର୍ଶନ କରିବାକୁ ଆସିଥାନ୍ତି । ପୂଜା ସମୟର ସଂଧ୍ୟାର ଝଲକ ଅତ୍ୟନ୍ତ ମନ ମୁଗ୍ଧକର । ନାନା ରଙ୍ଗର ଅଲୋକରେ ରାସ୍ତା ଗୁଡିକ ସୁସଜ୍ଜିତ ହୋଇଥାଏ । ପୂଜା ମଣ୍ଡପ ଗୁଡିକ ମଧ୍ୟ ସମାଜ ସଚେତନତା ପୂର୍ବକ ନାନା ବିଧ ମୂର୍ତ୍ତି ମାନ ନିର୍ମାଣ କରା ଯାଇଥାଏ ।

ବବୁଲର ଏକାନ୍ତ ଜିଦ୍ ଯେ ସେ ଭଦ୍ରକ କାଳି ପୂଜାରେ ମାଆ କାଳୀଙ୍କ ଦର୍ଶନ କରିବ । ନାନାବିଧ ଦୋକାନ ଓ ଖେଳଣା ଦେଖିବ ।

ବବୁଲ ଜିଦ୍ କରିବା ଯୋଗୁଁ ବାପା ମାଆ ଦୁହେଁ ବବୁଲକୁ ଭଦ୍ରକ କାଳୀ ଦେଖିବାକୁ ବୁଲାଇ ନେଲେ । ବବୁଲ ବସରେ ବସି ସହରକୁ ଯିବାକୁ ବହୁତ ପସନ୍ଦ କରେ । ସେମାନେ ଯାଇ ବସ ଷ୍ଟାଣ୍ଡରେ ପହଁଚିଲେ । କିଛି ସମୟ ଅପେକ୍ଷା ପରେ ବସ ଆସିଲା । ବସ ଭଦ୍ରକ ଯିବ ବୋଲି କଣ୍ଡକ୍ଟର ଡାକ ଛାଡୁଥାଏ ଭଦ୍ରକ....ଭଦ୍ରକ... ଚରମ୍ପା ଭଦ୍ରକାଳୀ...ଚରମ୍ପା ଭଦ୍ରକାଳୀ.... । କଣ୍ଡକ୍ଟରର ଡାକରେ ବବୁଲ ଅତ୍ୟନ୍ତ ଆନନ୍ଦିତ ହୋଇଗଲା । ସେ ଆଜି ମନ ଭରି ସବୁ ଜିନିଷ ଦେଖିବ । କେତେ କାର, ବସ, ଟ୍ରକ ଆଦି ଗାଡି ଦେଖିବ । ହେଲେ ବସକୁ ଦେଖି ତାର ମନ ଦୁଃଖ ହୋଇ ଯାଇଥିଲା । ବାପ ରେ ବାପ ଏତେ ଭିଡ଼ ! କେମିତି ଚଢ଼ିବା ବସ ଭିତରକୁ ! ପାଦ ରଖିବାକୁବି ଜାଗା ନାହିଁ ! ସୋରିଷ ପକାଇଲେ ତଳକୁ ଆସିବ ନାହିଁ ।

ଏତିକି ବେଳେ କଣ୍ଡକ୍ଟର ଟାଣି ନେଇ ଭିଡ଼ ଭିତରକୁ ଠେସା ମାରିଦେଲା । ବାପା, ମାଆ ଓ ବବୁଲ ସହିତ ଅନ୍ୟାନ୍ୟ ଯାତ୍ରୀମାନଙ୍କୁ, କେଇ ସେକେଣ୍ଡ ମଧ୍ୟରେ ଠେସା ଠେସି କରି ବସ ଭିତରକୁ ପେଲି ଦେଲେ କଣ୍ଡକ୍ଟର । ବବୁଲ ଛୋଟିଆ ପିଲା ଯାହା ହେଉ କାହା ଗୋଡ଼ ତଳେ ଚାପି ହୋଇ ବସି ଯାଇଥାଏ । ମାଆ ଡାକ ଛାଡିଲେ ବବୁଲ ସେଇ ସିଟ ପାଖକୁ ସେମିତି ଆଉଜି ହୋଇ ବସି ରହିଥା । ବିଚରା ନିଜ ମୁହଁକୁ ସେଇ ସିଟ ତଳକୁ ଦେଇ ମାଙ୍କଡ ଭଳି ବସି ରହିଥାଏ ।

ବସ ଚାଲିଲା ! ହେଲେ ବବୁଲ ଭାବିଥିଲା ବସରେ ବସି ଗାଡି ଘୋଡା ଦେଖିବ ! ବଡ଼ ବଡ଼ କୋଠା ଦେଖିବ ! କେତେ ଖୁସି ହେବ ! ହେଲେ ତାର ସବୁ ଭାବନା ଭାବନାରେ ରହିଗଲା। ଏମିତି ଭାବୁଥିବା ବେଳେ ପାଖରେ ଛିଡା ହେଇଥିବା କେହି ଜଣେ ଯାତ୍ରୀ ମାରିଦେଉଥାଏ ଗୋଇଠା, ଓଃ ଓଃ ମୋ କମର ଭାଙ୍ଗିଗଲା ! କହି ଡାକ ଛାଡୁଥାଏ । ହେଲେ କିଏ ଶୁଣୁଛି ? ବେଳେ ବେଳେ ହମ୍ପସ ଉପରେ ଗାଡି ଏମିତି କଚାଡି ଦେଉଥାଏ ଯେ ପ୍ରାଣ ବାହାରି ଯାଉଥାଏ । ଟିକେ ଏପଟକୁ ଅନାଇଦେଲା ବେଳକୁ ଛୋଟ ପିଲାଟିଏ ଭିଡ ଭିତରୁ ଦୁର୍ଗନ୍ଧ ଭରା ବାନ୍ତି ବୋହି ପକାଉଥାଏ । ଟିକେ ପୋଛି ପାଛି ହୋଇ ପୁଣି ତଳ ଆଡ଼କୁ ଅନେଇ ଦେଲା ବେଳକୁ ମଝି କୁଜରେ କାହାର ଆଣ୍ଠୁ ମାଡ଼ ହୋଇ ଜୀବନ ବାହାରି ଯାଉଥାଏ । ବହୁତ କଷ୍ଟରେ ଯାଇ ଚରମ୍ପା ବସ ଷ୍ଟାଣ୍ଡରେ ଗାଡି ପହଁଚିଲା । ଅଗଣିତ ଯାତ୍ରୀ ଓହ୍ଲାଉ ଥାଆନ୍ତି । କଣ୍ଡକ୍ଟର ଜଣ ଜଣକୁ ପଇସା ନେଇ ଓହ୍ଲାଇ ଦେଉଥାନ୍ତି । ହେଲେ ବବୁଲର ସମସ୍ତ ପୋଷାକ ପରିଚ୍ଛଦ ମଇଳା ହୋଇଯାଇଥାଏ । ହନୁ ମାଙ୍କଡ ଭଳି ବାନ୍ତି ଭିଜା ମୁଣ୍ଡ ବାଳ ଉପର ମୁହାଁ ହୋଇ ଠିଆ ହୋଇଥାଏ । ଯାହାହେଉ ବାହାରକୁ ବାହାରି ଆସିଲା । ବାପା ମାଆ ବବୁଲର ଅବସ୍ଥା ଦେଖି ଝାଡୀ ଝୁଡ଼ି ଟିକେ ସଫା ସୁତୁରା କରିଦେଇ ନିଜ ଆଙ୍ଗୁଳି ଦେଖେଇ କହିଲେ, "ବାପାରେ ବହୁତ ଭିଡ ! ମୋ ଆଙ୍ଗୁଳି ଜାବୁଡି ଧର, କେବେ ବି ଛାଡ଼ିବୁ ନାହିଁ । ନ ହେଲେ ହଜିଯିବୁ !"

ବାପା ମାଆଙ୍କ ସହିତ ବବୁଲ ଆଗକୁ ଆଗକୁ ଚାଲିଲା । କିଛି ବାଟ ଗଲା ପରେ ନାନା ପ୍ରକାର ଖେଳଣା ଦୋକାନ ଦେଖି ବବୁଲର ପେଟ ଭରି ଯାଉଥାଏ । ମଝିରେ ମଝିରେ ମାଆଙ୍କ ଆଙ୍ଗୁଳି ଛାଡି ଦେଇ ଖେଳଣା ଦୋକାନକୁ ଦଉଡି ଯାଉଥାଏ । ମାଆ ଡାକ ଛାଡ଼ନ୍ତି ବବୁଲ...ବବୁଲ...ପଳେଇ ଆ ବାପା... ହଜିଯିବୁ !

କିଛି ବାଟ ଗଲା ପରେ ହାଇସ୍କୁଲ କାଳୀ ମେଢ଼ ଗଳିରେ ବାପା ମାଆଙ୍କ ସହିତ ବବୁଲ ପ୍ରବେଶ ହେଲା । ସାମ୍ନାରେ ଜଣେ ଉଡାଯାହାଜ ବିକାଳୀ ରିମୋଟ ବାଲା ଉଡାଯାହାଜ ଉଡାଇ ଉଡାଇ ପିଲାଙ୍କୁ ଆକର୍ଷିତ କରାଉ ଥାଏ । ବବୁଲର ଭାରି ଇଚ୍ଛା ହେଉଥାଏ ଉଡାଯାହାଜ କିଣିବ । ସେ ମଧ୍ୟ ଜାଣିଥାଏ ବାପାଙ୍କୁ କହିଲେ ବାପା କିଣି କିଣିବେ ନାହିଁ । କହିବେ ଅଧିକ ଦାମ । ତେଣୁ ବାପାଙ୍କୁ କହିବା ପୂର୍ବରୁ ଆଗକୁ ଚାଲିବାକୁ ଲାଗିଥାଏ ।

ଜଣେ ଲଡୁ ବାଲା ଡାକ ଛାଡୁଥାଏ ପାଳୁଅ ଲଡୁ....ପାଳୁଅ ଲଡୁ ...

ବବୁଲର ପାଳୁଅ ଲଡୁ ଭାରି ପ୍ରିୟ । ପାଟିରୁ ପାଣି ଆସିଯାଉଥାଏ । ଗୋଟେ ପେକେଟ ଦଶ ଟଙ୍କା ବୋଲି ଡାକ ଛାଡୁଥାଏ । ବବୁଲ ବାପାଙ୍କୁ କହିଲା, "ବାପା ମୁଁ ପାଳୁଅ ଲଡୁ ଖାଇବି, ବାପା ଦୟାକରି ମୋତେ ଗୋଟେ ପେକେଟ କିଣି ଦିଅ"

ବାପା ନାଲି ଆଖି ଦେଖେଇ, "ଚୁପ କର, ଏଇଥିପାଇଁ ତତେ କୁଆଡେ ଆଣିବା କଥା ନୁହେଁ।"

ଏତେକ ଶୁଣି ବବୁଲ ସିଧା ଚାଲିବାକୁ ଲାଗେ । କିଛି ବାଟ ଉତ୍ତାରୁ, ସୁନ୍ଦର ସୁନ୍ଦର ବେଲୁନ ବାଲା ଡାକ ଛାଡିଲା, "ବେଲୁନ ନିଅ ନାଲି ବେଲୁନ..., ହଳଦିଆ ବେଲୁନ..., ଗୋଲାପୀ ବେଲୁନ....। ବବୁଲର ଭାରି ମନ ହେଲା ଗୋଟେ ବେଲୁନ କିଣିବ । ପବନରେ ଉଡେଇବ। ଏହିଥର ସାହସର ସହିତ କହି ପକେଇଲା, "ବାପା ମୋତେ ଗୋଟେ ନାଲି ଉଡନ୍ତା ବେଲୁନ କିଣିଦିଅ । ମୁଁ ଆଉ କୌଣସି ଖେଳଣା ମାଗିବି ନାହିଁ ।"

ଏହିଥର ବାପାଙ୍କର କ୍ରୋଦ୍ଧର ସୀମା ପାର ହୋଇ ଯାଇଥିଲା । ଗାଲ ମୁଳିକୁ ନିର୍ଘାତିଆ ଗୋଟେ ଜାବୁଡା ଦେଇ କହିଲେ, "ଏଇଟାକୁ ମୁଁ ଯାତ୍ରା କି ମଉଛୁକକୁ ନେବା ପାଇଁ ଇଚ୍ଛା କରେ ନାହିଁ । ଯାହାଦେଖିବ ମାଗିବ । କିଣିବି...କିଣିବି...ଯେମିତି ତା ବୋପାର ଜାହାଜ ଚାଲିଛି ।"

ମାଆ ସାନ୍ତ୍ୱନା ଦେଲେ ଥାଉ ପିଲାଟକୁ ଏମିତି ମାରିବା ଠିକ ନୁହେଁ । ବବୁଲ ଗାଲକୁ ଆଉଁସି ଆଉଁସି ଚାଲିଥାଏ । ହଠାତ କାଳୀ ମଣ୍ଡପ ପାଖରେ ଭିଡ଼ ବଢି ଯାଇଥିଲା । ଭିଡ଼ ଭିତରେ ବବୁଲ ମାଆଙ୍କର ଆଙ୍ଗୁଳି ଛାଡି ଦେଇଥିଲା । ତା'ପରେ କିଏ କୁଆଡେ ଚାଲିଯାଇଥିଲେ କେ ଜାଣେ? ବବୁଲ ଆଉ ବାପା ମାଙ୍କୁ ଦେଖିବାକୁ ପାଇଲା ନାହିଁ । ଭିଡ଼ ଭିତରୁ ଲୋକଙ୍କର ପାଦ ଛନ୍ଦା ମଧ୍ୟ ଦେଇ ବାହାରକୁ ଗଳି ଗଳି ଆସିବାକୁ ଚେଷ୍ଟା କଲା । ହେଲେ କେହି ଲାତ ମରିଦେଉଥାଏ ତ କେହି ଗୋଇଠା । ବିଚରା ବାହାରକୁ ଆସିବା ପାଇଁ ବହୁତ କଷ୍ଟ ପାଉଥାଏ । ଜୋରରେ ବାପା...ମାଆ..କାନ୍ଦିବାକୁ ଲାଗିଲା । ମୋ ବାପା କାହିଁ??? ମୋ ମାଆ କାହିଁ??? ହେଲେ କାନ୍ଦ କିଏ ଦେଖୁଛି ନା ଶୁଣୁଛି । ଭିଡ଼ ଭିତରେ ଆହୁରି ଅଧିକ ଚାପି ଯାଉଥାଏ ।

ଜଣେ ଡେଙ୍ଗା, ହୃଷ୍ଟପୃଷ୍ଟ ଓ ହୃଦୟବାନ ବ୍ୟକ୍ତିଙ୍କର ଦୃଷ୍ଟି ପଡିଲା ବବୁଲ ଉପରେ । ସଙ୍ଗେ ସଙ୍ଗେ ପିଲାଟାକୁ ଭିଡ ମଧ୍ୟରୁ ଟେକି ନେଇଥିଲେ । ପଚାରିଲେ, ବାପାରେ ତୋ ନାଁ କଣ ?"

ମୋ ନାଁ ବବୁଲ । ମୋ ବାପା ମାଆ ଭିଡରେ କୁଆଡେ ଚାଲିଗଲେ ମୁଁ ପାଉ ନାହିଁ । ମୋତେ ମୋ ବାପା ଦରକାର ଓ ମାଆ ଦରକାର !" ଉଁ ଉଁ ହୋଇ ଜୋରରେ କାନ୍ଦୁଥାଏ ବବୁଲ ।

ଭଦ୍ରଲୋକ ଜଣଙ୍କୁ ଭାରି ଦୟା ଆସିଲା । ଭିଡରୁ ବାହାରକୁ ପିଲାଟିକୁ ଆଣିବାକୁ ଚେଷ୍ଟା କଲେ । ଯାହା ହେଉ କଷ୍ଟେ ମଷ୍ଟେ ବବୁଲକୁ ବାହାରକୁ ନେଇ ଆସିଲେ । ବବୁଲ କେବଳ କନ୍ଦୁଥିଲା ହିଁ କନ୍ଦୁଥିଲା ।

ଭଦ୍ର ଲୋକ ଜଣଙ୍କ ବବୁଲ କୁ ନେଇ ପାଲୁଅ ଲଡୁ ଦୋକାନକୁ ଗଲେ । ମନ ଭୁଲେଇବା ପାଇଁ ଗୋଟେ ପ୍ୟାକେଟ ଲଡୁ କିଣିଲେ । ହେଲେ ବବୁଲ ଆଡ଼ ଆଖିରେ ଚାହିଁଲା ନାହିଁ । ମୁହଁ ବୁଲେଇ ଦେଇ, କଇଁ କଇଁ ହୋଇ କାନ୍ଦି କହୁଥାଏ ମୋତେ ମୋ ବାପା ଦରକାର ମୋ ମାଆ ଦରକାର !

ପୁନଶ୍ଚ ଭଦ୍ରଲୋକ ଜଣଙ୍କ ବେଲୁନ ବାଲା ପାଖକୁ ଯାଇଥିଲେ କିନ୍ତୁ ସେଠାରେ ମଧ୍ୟ ବବୁଲ ମୁହଁ ବୁଲେଇ ଦେଇ, କେବଳ କହିଥିଲା ମୋତେ ମୋ ବାପା ଦରକାର । ମୋତେ ମୋ ମାଆ ଦରକାର ।

ପୁନଶ୍ଚ ଉଡନ୍ତା ରିମୋଟ ବାଲା ଉଡାଜାହାଜ ଜାହାଜ ପାଖକୁ ନେଇ, ଭଦ୍ରଲୋକ ଜଣଙ୍କ କହିଲେ, ଏଇ ଜାହାଜ କେବଳ ବବୁଲ ପାଇଁ । ଭାଇ ଗୋଟେ ଦେଲ ।"

ହେଲେ ବବୁଲ କଇଁ କଇଁ ହୋଇ କାନ୍ଦି କାନ୍ଦି ମୁହଁ ବୁଲେଇ ଦେଇ କହିଲା, ମୋର କିଛି ଦରକାର ନାହିଁ କେବଳ ମୋ ବାପା ଓ ମୋ ମାଆ ଦରକାର ।"

ଭଦ୍ରଲୋକ ଯେତେ ବୁଝେଇଲେ ଓ ଯେତେ ନୂଆ ନୂଆ ଜିନିଷ ଦେଖେଇ ଭୁଳେଇବାକୁ ଚାହିଁଲେ ମଧ୍ୟ, ବବୁଲର କାନ୍ଦ ବନ୍ଦ ହେଉ ନ ଥାଏ କେବଳ କହୁଥାଏ, "ମୋତେ ମୋ ବାପା ଓ ମୋ ମାଆ ଦରକାର ।"

ହଠାତ କିଛି ଦୂରରୁ ଶୁଣା ଯାଇଥିଲା, ବବୁଲ....ବବୁଲ... ।

ବବୁଲ ଅନେଇ ଦେଇ ଦେଖିଲା ତା ମାଆ କାନ୍ଦ କାନ୍ଦ ହୋଇ ଡାକ ଛାଡ଼ୁଛି । ବାପା ମଧ୍ୟ କାନ୍ଦୁଛନ୍ତି । ବାବୁ ବାବୁ ମୋ ମାଆ ଓ ମୋ ବାପା....

ଏକା ଡିଆଁରେ ଯାଇ ସିଧା ବାପା ମାଆ ପାଖରେ ହଜାର । ବାପା କୋଳେଇ ନେଇଥିଲେ ବବୁଲକୁ । ବବୁଲ କହି ପକେଇଲା ବାପା....ମୋର କିଛି ଦରକାର ନାହିଁ । ମୋର ବେଲୁନ ଦରକାର ନାହିଁ କି ଲଡ୍ଡୁ ଦରକାର ନାହିଁ । ମୁଁ ଆଉ କିଛି ଖେଳଣା କିଣିବି ନାହିଁ । ମୋର କେବଳ ମୋ ବାପା ଦରକାର । ମୋ ମାଆ ଦରକାର..

ଶ୍ରେଣୀ: ନବମ
ବ୍ରାହ୍ମଣଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ,
ବ୍ରହ୍ମଣଗାଁ,ଭଦ୍ରକ
Mobile: 9668363270

# ଶିଶୁ ଅଧିକାର



ଦୁଷ୍ମନ୍ତ ବେହେରା

ମୋର ସ୍ୱାଧୀନତା କାହିଁ ଯେମିତି
ଚାହୁଁଛ ମୋ ସ୍ୱାଧୀନ ଛଡାଇ
ବୋଝ ଲଦି ଦେଉଛ !!

ମୋର ବ୍ୟକ୍ତିଗତ ବିକାଶ ପାଇଁ
ମୌଳିକ ଅଧିକାର କହୁଛ
ମୋ ସ୍ୱାର୍ଥ ପାଇଁ !!

ଏଠି ସେଠି ପୃଥକ କରି
ମୋ ସହିତ ଲୋକ ହସା
କରି ହସି ଦେଉଛ !!

ମୋର ଅଧିକାର ଅଛି ବୋଲି
ଡିମ୍ବିରା ପିଟୁଛ ଭୟ ମୁକ୍ତ
କରିଦେବ କହୁଛ !!

ହସ ଅକ୍ଷମ ପଥ କହି ମୋ
ମୌଳିକ ଅଧିକାର
ଛଡେଇ ନେଉଛ !!

ନ୍ୟାୟ ଦେବନା ଅଧିକାର ନା
ସୁରକ୍ଷା ଆଶ୍ରୟ ଦେବା ବାହାନା
ରେ ପ୍ରଶ୍ନ ଉଠାଅ  !!

ମୁକ୍ତ ଜୀବନ ଠାରୁ ମନ ର
ଅଧିକାର ଆଗରେ ତୁମେ
ଦାଉ ସାଜୁଛ  !!

ମନ ଖୋଲି ହସି କଥା ପଦେ
କହିବା ଆଗରୁ ନାଲି ଆଖି
ଦେଖେଇ ଦଉଛ  !!

ମୁଁ ଶିଶୁ ମୋ ଅଧିକାର ସହ
ଖେଳି ମୁଚୁକି ହସ ଟେ
ମାରି ଦେଉଛ  !!

ମୋ ଭବିଷ୍ୟତ ସହ
ଉଠାଣୀ ଗଡାଣି ପରି
ଖେଳି ଦେଉଛ  !!

ମୁଁ ଶିଶୁ

ମୋ ଅଧିକାର କେଉଁଠି ରଖିଛ........

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ବାଲେର୍ ମୂଷାର ଫଳଖିଆ



ନୀଳମାଧବ ସାହୁ

ଅଙ୍କିତ ଥରେ ଓଡ଼ିଶାର ଏକ ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିର ବା ମହାଦେବ ଚନ୍ଦ୍ରଶେଖର ମନ୍ଦିରକୁ ଯାଇଥାଏ, ଯାହାକି ଢ଼େଙ୍କାନାଳ ଜିଲ୍ଲାର କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟରେ ଅବସ୍ଥିତ । ମନ୍ଦିର ଚାରିପାଖରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚଜଙ୍ଗଲ ଓ ଝରଣା ସମସ୍ତଙ୍କୁ ବିମୋହିତ କରେ। ପୂର୍ବରୁ ସେଠାରେ ଯୋଗୀ ଋଷିମାନେ ତପସ୍ୟା କରୁଥିଲେ ବୋଲି ସେହି ଅଞ୍ଚଳର ଲୋକମାନେ କୁହନ୍ତି । କପିଳାସକୁ ୨୦୧୧ ମସିହାରେ ବନ୍ୟଜନ୍ତୁ ଅଭୟାରଣ୍ୟର ମାନ୍ୟତା ଦିଆଯାଇଥିଲା ଓ ୨୦୧୪ ରେ ଇକୋ-ସେନସିଟିଭଜୋନ (ପରିବେଶ ସମ୍ବେଦନଶୀଳ କ୍ଷେତ୍ର) ଭାବେ ଘୋଷଣା କରାଯାଇଥିଲା । ଅଙ୍କିତ ମନ୍ଦିର ଦର୍ଶନ କରିସାରିଲା ପରେ ବାହାରିଲା କପିଳାସର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପାଇଁ । ରାସ୍ତାରେ ଯିବା ସମୟରେ ସେ ଦେଖିଲା ଯେ, ବେଲେରା ମୂଷାଟି ଗୋଟିଏ ଗଛରୁ ଅନ୍ୟ ଏକ ଗଛକୁ ଡେଉଁଥିବାର ଦେଖିଲା । ପ୍ରଥମେ ଅଙ୍କିତ ସେହି ପଶୁଟିକୁ ଚିହ୍ନିପାରିଲା ନାହିଁ, ତେଣୁ ସେ ଜଙ୍ଗଲରେ ଥିବା ଗାଁଲୋକଙ୍କୁ ପଚାରି ବୁଝିଲା । ଏହି ବେଲେରା ମୂଷାଟି ଗୁଣ୍ଡୁଚିମୂଷା ତୁଳନାରେ ବହୁତ ବଡ, ଗାଢ଼ ମାଟିଆ ଓ କଳାରଙ୍ଗର ହୋଇଥାଏ । ଏହାପରେ ସେ ଗାଁଲୋକଟି ଜଣାଇଲା ଯେ, କପିଳାସ ବେଲେରା ମୂଷା ପାଇଁ ପ୍ରସିଦ୍ଧ ହେବା ସହ ହାତୀ ପାଇଁ ମଧ୍ୟ ବେଶ ପରିଚିତ । କପିଳାସଠାରେ ଏକ ଛୋଟ ପ୍ରାଣୀଉଦ୍ୟାନ ଓ ହାତୀ ରେସକ୍ୟୁ ସେଣ୍ଟର ମଧ୍ୟଅଛି । ଫଳରେ ଏଠିକୁ ଆସୁଥିବା ଲୋକସବୁ ପ୍ରାଣୀ ଉଦ୍ୟାନକୁ ଜଙ୍ଗଲୀ ପଶୁପକ୍ଷୀ ଦେଖିବାକୁ ଯାଆନ୍ତି ।



କିଛିବାଟ ଚାଲୁଚାଲୁ ଅଙ୍କିତ ଓ ତା' ସାଙ୍ଗମାନେ ଦେଖିଲେ ଯେ ବେଲେରା ମୂଷାଟି ଡ଼ିମିରି ଗଛର ଫଳକୁ ଖାଉଥିଲା । କିଛି ସମୟପରେ ସେମାନଙ୍କୁ ଦେଖି ସେ ବେଲେରା ମୂଷାଟି ଦୂରେଥିବା ଅନ୍ୟ ଗଛକୁ ଲମ୍ଫ ମାରି ଚାଲିଗଲା । ଅଙ୍କିତ ଓ ସାଙ୍ଗମାନେ ସେହି ବେଲେରା ମୂଷାକୁ ପାଖରୁ ଦେଖିବାପରେ ସେମାନଙ୍କ ବିଷୟରେ ଜାଣିବାକୁ ମନ ବଳେଇଲେ । ତେଣୁ ସେଠାରେ ଥିବା ଜଙ୍ଗଲ କର୍ମଚାରୀମାନଙ୍କୁ ତା' ବିଷୟରେ ପଚାରିଲେ ।

ଜଙ୍ଗଲ କର୍ମଚାରି ଜଣକ ଜଣାଇଲେ ଯେ, ଏହି ପ୍ରଜାତି ମୁଖ୍ୟତଃ ଗଛରେହିଁ ରହିଥାଏ । ଗୋଟିଏ ଗଛରୁ ଅନ୍ୟଗଛକୁ ଡେଇଁବା ସମୟରେ ଲାଞ୍ଜ ଦ୍ୱାରା ନିଜ ଶରୀରର ଓଜନକୁ ସନ୍ତୁଳନ କରନ୍ତି । ବେଲେରା ମୂଷା ବିଭିନ୍ନ ଗଛର ଫଳ, ଫୁଲ, ମଞ୍ଜି, ଗଛର ବକଳ, କେତେକ ପକ୍ଷୀର ଅଣ୍ଡା ଓ ଛୋଟ କୀଟପତଙ୍ଗକୁ ଖାଦ୍ୟରୂପରେ ଗ୍ରହଣକରନ୍ତି । ଏମାନେ ପ୍ରାୟତଃ ଏକାନ୍ତରେ ରହିବାକୁ ପସନ୍ଦକରନ୍ତି ଓ ଗଛରେ ଥିବା କରୋଡ ଓ ମୁଖ୍ୟଡାଳରେ ବାସ କରନ୍ତି । ଗୋଟିଏ ବେଲେରା ମୂଷା, ସେ ରହୁଥିବା କ୍ଷେତ୍ରରେ ପାଞ୍ଚରୁ ଛ'ଟି ବସା ବ୍ୟବହାର କରିଥାନ୍ତି ।

ଅଙ୍କିତ ପୁଣି ପଚାରିଲା, "ଏହି ବେଲେରା ମୂଷା ଆଉ କେଉଁକେଉଁ ସ୍ଥାନରେ ଦେଖିବାକୁ ମିଳନ୍ତି ?"

ସେହି ରାସ୍ତାଦେଇ ଯାଉଥିବା ଜଣେ କଲେଜ ଛାତ୍ର ଉତ୍ତରଦେଲେ ଯେ ବେଲେରା ମୂଷା ଭାରତର ଗୋଟିଏ ଦେଶୀ ପଶୁ, ମୁଖ୍ୟତଃ ଭାରତୀୟ ଉପଦ୍ୱୀପର ବିଷୁବ ମଣ୍ଡଳୀୟ ଚିରହରିତ ଅରଣ୍ୟ ଓ ଆଦ୍ର ପତ୍ରଝଡ଼ା ଦେଉଥିବା ଜଙ୍ଗଲରେ ମଧ୍ୟ ଦେଖାଯାନ୍ତି ।

ଓଡ଼ିଶାରେ ବି ଏମାନଙ୍କ ବିସ୍ତୃତ ତିଭଲଅଛି କହିଲେ ଚଳେ କାରଣ ଏମାନଙ୍କୁ ପ୍ରାୟ ସବୁ ସଂରକ୍ଷିତ ଜଙ୍ଗଲରେ ଗଛଉପରେ ବିଚରଣ କରିବାର ଦେଖାଯାଇଛି । ସେମାନେ ମୁଖ୍ୟତଃ ସକାଳେ ଓ ସନ୍ଧ୍ୟାରେ ସକ୍ରିୟ ରହିଥାନ୍ତି ।

ଏହି ପ୍ରଜାତିଟି ପରିବେଶ ପାଇଁ ବହୁତ ଉପଯୋଗୀ ବୋଲି ଜଙ୍ଗଲ କର୍ମଚାରୀମାନେ ଅଙ୍କିତ ଓ ତା' ସାଙ୍ଗମାନଙ୍କୁ ଜଣାଇଲେ । ସେମାନେ ବିଭିନ୍ନ ଗଛର ଫଳ ଖାଉଥିବାରୁ ସେମାନଙ୍କ ବୀଜ ବିସ୍ତାରଣ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି, ସେହି ବୀଜ ପରବର୍ତୀ ସମୟରେ ବଡ ଗଛର ରୂପନେଇ ଜଙ୍ଗଲର ସବୁଜିମାକୁ ବଜାୟ ରଖିଥାଏ । ବେଳେବେଳେ ଫଳ ବା ମଞ୍ଜି ଖାଇବାବେଳେ ଗଛରୁ ତଳେ ପଡ଼ିଯାଏ ଫଳରେ ଅନ୍ୟ ସ୍ଥଳଜୀବ ମାନେ ଏହାଦ୍ୱାରା ଉପକୃତ ହୁଅନ୍ତି । ସେମାନଙ୍କ ଉପସ୍ଥିତି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଗଛର ଉପସ୍ଥିତି ଓ ଜଙ୍ଗଲ ପରିବେଶ ଭଲଥିବା ସୁଚାଇଥାଏ । କହିବାକୁ ଗଲେ ବେଲେରା ମୂଷାମାନେ ସେମାନେ ରହୁଥିବା ପରିବେଶକୁ ଉ୍କୃଷ୍ଟକରିଦିଅନ୍ତି ।



ପୁଣି ଅଙ୍କିତ ପ୍ରଶ୍ନକଲା, "ଏମାନଙ୍କ ଉପରେ କିଛି ବିପଦ ନାହିଁକି ?" ଜଙ୍ଗଲ କର୍ମଚାରୀମାନେ ଉତ୍ତରଦେଲେ ଯେ ସେମାନେ ସବୁବେଳେ ବିପଦକୁ ଏଡ଼ାଇବା ପାଇଁ ଗଛ ଉପରେ ହିଁ ରହନ୍ତି ଓ ବହୁତ ଲାଜକୁଳିଆ ସ୍ୱଭାବର ହୋଇଥାନ୍ତି । ଯଦି କୌଣସି ବିପଦକୁ ଆଶଙ୍କା କରନ୍ତି ତେବେ ସେମାନେ ଗଛର ଡାଳରେ କିମ୍ବା କୋରଡରେ ଧିରସ୍ଥିର ରହି

ଲୁଚିଯାନ୍ତି । କୌଣସି ଶିକାରୀର ସମ୍ମୁଖରେ ପଡିଲେ ଏ ଗଛକୁ ସେ ଗଛକୁ ଡେଇଁ ସେମାନଙ୍କୁ ବିଚଳିତ କରିଦିଅନ୍ତି । କିନ୍ତୁ ବେଳେବେଳେ କଲରାପତ୍ରିଆ ବାଘ, ଏହି ବେଲେରା ମୂଷାକୁ ଶିକାର କରିବାର ମଧ୍ୟ ନଜର ଆସିଛି । ଜଙ୍ଗଲ ମଧ୍ୟରେ ଥିବା ଗ୍ରାମମାନଙ୍କରେ ବିଦ୍ୟୁତ ଖୁଣ୍ଟ ଓ ତାରର ସଂସ୍ପର୍ଶରେ ଆସି ସେମାନଙ୍କ ଜୀବନ ଯିବାର ଉଦାହରଣ ମଧ୍ୟ କେତେକ ସ୍ଥାନରେ ଦେଖିବାକୁ ମିଳୁଛି । ରାସ୍ତାଘାଟ ନିର୍ମାଣ, ଜଙ୍ଗଲ ନଷ୍ଟ ଓ ବିଦେଶୀ ଗଛର ଏକଚାଟିଆ ରୋପଣ ଏହି ବେଲେରା ମୂଷାର ବଂଚିବାରେ ବାଧା ସୃଷ୍ଟି କରିଥାଏ । ପୂର୍ବତଟ ପର୍ବତମାଳାର କେତେକ ସ୍ଥାନରେ ଆଦିବାସୀମାନେ ଏହି ବେଲେରା ମୂଷାକୁ ଶିକାର କରିବାର ତଥ୍ୟ ବି ରହିଛି ।

"ଏହି ବେଲେରା ମୂଷାଙ୍କ ଉପରେ ଥିବା ବିପଦକୁ କିପରି ଏଡାଯାଇ ପାରିବ ?", ଅଙ୍କିତ ପୁଣି ପ୍ରଶ୍ନକଲା ।

ସେତେବେଳେ ଜଙ୍ଗଲ କର୍ମଚାରୀଙ୍କ ମଧ୍ୟରୁ ଜଣେ ଉତ୍ତରଦେଲା ଯେ ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଜୀବ ପ୍ରତି ସଚେତନତା ସୃଷ୍ଟି କରାଇବାକୁ ପଡିବ । ଯେତେବେଳେ ରାସ୍ତା ତିଆରି ହେଉଛି ବା ବିଦ୍ୟୁତ ତାର ଲଗାଯାଉଛି ସେତେବେଳେ ଏହି ଜୀବଜନ୍ତୁଙ୍କୁ ନଜରରେ ରଖି ତା'ର ଉପଯୁକ୍ତ ବ୍ୟବସ୍ଥା ଅବଲମ୍ବନ କରିବାକୁ ହେବ । ଏ କ୍ଷେତ୍ରରେ ଜୀବଜନ୍ତୁଙ୍କ ପାଇଁ ରାସ୍ତା ପାରିହେବାକୁ ବ୍ୟବସ୍ଥା ଓ ଇନସୁଲେଟେଡ୍ ତାରର ବ୍ୟବହାର କରାଯାଇ ପାରିବ । ଯେଉଁ ଜଙ୍ଗଲରେ ପୁନଃ ବନୀକରଣ କରାଯାଉଛି ସେଠି ବିଭିନ୍ନ ଦେଶୀ ଗଛ ଯେପରିକି ବର, ଓସ୍ତ, ଡ଼ିମିରି, ବଉଳ, ଆମ୍ବ, ବେଲ, ଅର୍ଜୁନ, ଇତ୍ୟାଦି ରୋପଣ କରିବା ଉଚିତ ଯାହାଫଳରେ ଏହି ଜୀବମାନଙ୍କ ଅବସ୍ଥାନରେ କୌଣସି ଅସୁବିଧା ହେବନାହିଁ ।

ଅଙ୍କିତ ଓ ତା' ସାଙ୍ଗମାନେ ବେଲେରା ମୂଷା ବା ନେପାଳୀ ମୂଷା ବିଷୟରେ ବହୁତକିଛି ରୋମାଞ୍ଚକର ତଥ୍ୟ ଜାଣି ବହୁତ ଖୁସିହେଲେ ଓ ସେମାନଙ୍କ ଯାତ୍ରା ସମ୍ପୂର୍ଣ୍ଣ କରି ଘରକୁ ଫେରିଲେ ।

ସମରଝୋଳ, ଗଂଜାମ, ଓଡିଶା

# ପ୍ରାଣୀ ଉଦ୍ୟାନ
# ନନ୍ଦନକାନନ



ଅମରନାଥ ବାରିକ

ଯେଉଁଠି ମିଳନ୍ତି ଦେଖିବାକୁ ପ୍ରାଣୀ
ଜାତି ପ୍ରଜାତିର ପଶୁ ପକ୍ଷୀ
ସେ ଆମ ନନ୍ଦନକାନନ ଉତ୍କଳେ
ରହିଅଛି ଇତିହାସ ସାକ୍ଷୀ ।

ଯେଠାକୁ ଯାଆନ୍ତି ବୁଲି ପର୍ଯ୍ୟଟକ
କରିବାକୁ ରଙ୍ଗେ ବଣଭୋଜି
ସେ ହୋଇଛି ଲୋକପ୍ରିୟ ଉତ୍ତ୍ରଦେଶେ
ନନ୍ଦନକାନନ ନାମେ ଆଜି ।

ଯା ବକ୍ଷ ପାଳିଛି କେତେ ଜୀବ ଜନ୍ତୁ
ଖୋଜି ଆଣି ଦେଶ ବିଦେଶରୁ
ପଶୁ ପକ୍ଷୀଙ୍କର ସୁରକ୍ଷା ସେ ଦିଏ
ରଖି ଅଛି ବଂଶ ବୁଡ଼ିବାରୁ ।

ଯେଉଁ ସରୀସୃପ ନ ମିଳେ ଭାରତେ
ତାହା ଦେଖା ମିଳେ ଏହି ଠାରେ
ଏ ପରା ନନ୍ଦନକାନନ ଜଗତେ
ଭୁବନେଶ୍ୱରର ନିକଟରେ ।

ସୁନ୍ଦର ତୃପ୍ତିର ମର୍ତ୍ତ୍ୟର ବିସ୍ମୟ
ନାହିଁ ଅବସାଦ ତା'ର କେବେ
ଯେତେ ଗଲେ ପୁଣି ଲାଗେ ନୂଆ ନୂଆ
ବାରମ୍ବାର ଗଲେ ଏହି ଠାବେ ।

ଯେତେ ବା ଆନନ୍ଦ ନଲାଗେ କାନନେ
ଲାଗିଥାଏ ଏହି ଉଦ୍ୟାନରେ
ଥରେ ଦେଖିଦେଲେ ଏହାକୁ ଜୀବନେ
ସ୍ମୃତି ସାଇତା ହୁଏ ମନରେ ।

ଯାଜପୁର, ମଙ୍ଗଳପୁର, କଯ୍ଯାଁ

# ଜୀବନ – ଚରସ୍ଥାୟୀ ନୁହେଁ



ପ୍ରତୀକ୍ଷା ଶତପଥୀ

ଜୀବନ – ଚରସ୍ଥାୟୀ ନୁହେଁ,
ଏହା ଆମ ସମସ୍ତଙ୍କୁ ଜଣା ।
ହେଲେ ସମସ୍ତଙ୍କ ମନରେ ସମସ୍ତଙ୍କ ପ୍ରତି
ଏତେ ଘୃଣା ଅହଙ୍କାର.... କାହିଁକି ?
ଜୀବନ ବହୁତ ଅମୂଲ୍ୟ ସମ୍ପଦ,
ହେଲେ କଣ ଆମେ ତାର ସଠିକ୍ ବ୍ୟବହାର କରୁଛୁ ?
ଜୀବନ ଆମର ଯେମିତି ବି ଥାଉ,
ତାକୁ ବଦଳାଇବାର ଦାୟିତ୍ୱ ଆମର ।
ଆମେ ଜିବନକୁ ଦୋଷ ଦେଲେ
ଆମ ଜୀବନ ବଦଳବ ନାହିଁ ।
ତେଣୁ ଏଥିପାଇଁ ଦରକାର
କଠୋର ସାଧନା, ଆତ୍ମବଳ ଓ ସାହସ ।
ନଜ ଜୀବନକୁ ସାର୍ଥକ କରିବା ସହିତ
ଅନ୍ୟମାନଙ୍କ ଜୀବନକୁ ମଧ୍ୟ ସାର୍ଥକ କର ।
ଜୀବନରେ ସମସ୍ତଙ୍କ ପ୍ରତି
ସକାରାତ୍ମକ ଭାବ ଉତ୍ପନ୍ନ କରିବା ଉଚତ୍ ।
ଜୀବନର ଉପଭୋଗ ମନ ଖୋଲି କର,
କାରଣ ଜୀବନ ଆଜି ଅଛି ତ କାଲି ନାହିଁ !!

ସିଭିଲ ଟାଉନସିପ୍,ରାଉରକେଲା
Pratikshyasatpathy07@gmail.com

# ଚିତ୍ର



ଅଦ୍ୱିକା ପଟ୍ଟନାୟକ




ପ୍ରେପ୍, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆ ଦିଲ୍ଲୀ

# ଆପଣଙ୍କ ମତାମତ

ଶୁଭ ସକାଳ ତଥା ଇଂରାଜୀ ନବ ବର୍ଷ ଆରମ୍ଭରେ ସାରସ୍ୱତ ଅଭିନନ୍ଦନ, ଶୁଭେଚ୍ଛା ସହ ନମନ ।

ଜାନୁଆରୀ ସଂଖ୍ୟା ବେଦାନ୍ତୀ ପତ୍ରିକା ଦେଖିବାର ସୁଯୋଗ ମିଳିଲା । ବହୁତ ସୁନ୍ଦର । ଉଚ୍ଚକୋଟିର ଲେଖାମାନ ପ୍ରକାଶ ପାଇଛି । ସମସ୍ତ ସାଧକ ସାଧିକାଙ୍କୁ ସାରସ୍ୱତ ପ୍ରଣାମ ।

କିନ୍ତୁ, ଏ ପର୍ଯ୍ୟନ୍ତ ମୋର ଗୋଟିଏ ଲେଖା ପ୍ରକାଶ ପାଇଲା ନାହିଁ । ଆଶା ବିଶ୍ୱାସ ଯେ, ଆଗାମୀ ସଂଖ୍ୟାରେ ନିଶ୍ଚୟ ସୁଯୋଗ ମିଳିବ ।

ପରିଶେଷରେ, ଆପଣଙ୍କର ନୂତନ ବର୍ଷଟି ସୁଖମୟ ହେଉ । ଏହାହିଁ କାମନା ।

ମନୋଜ କୁମାର ଦାସ
କେନ୍ଦ୍ରାପଡ଼ା

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୨/୨୦୨୨ | ତ୍ରିବେଣୀ ଅମାବାସ୍ୟା ଓ ଗୋସହସ୍ରୀ ସ୍ନାନ |
| ୦୨/୦୨/୨୦୨୨ | ଶ୍ରୀ ଜଗନ୍ନାଥ ଅହାପ୍ରଭୁଙ୍କର ପଦ୍ମମୁଖ ବେଶ ଓ ଚନ୍ଦ୍ରଦର୍ଶନ |
| ୦୪/୦୨/୨୦୨୨ | ବରଦା ଚତୁର୍ଥୀ ଓ ଶରଣ ଶେଷ |
| ୦୫/୦୨/୨୦୨୨ | ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥ କାଠ ଅନୁକୂଳ |
| ୦୭/୦୨/୨୦୨୨ | ମାଘ ସପ୍ତମୀ ଓ ଚନ୍ଦ୍ରଭଗା ତୀର୍ଥେ ସ୍ନାନ |
| ୦୮/୦୨/୨୦୨୨ | ଭୀଷ୍ମାଷ୍ଟମୀ |
| ୧୨/୦୨/୨୦୨୨ | ଭୈମୀ ଏକାଦଶୀ, ବ୍ୟାସ ସର୍‌ୱେବର ମେଳା |
| ୧୩/୦୨/୨୦୨୨ | କୁମ୍ଭ ସଂକ୍ରାନ୍ତୀ, ବର୍‌ହ ଦ୍ୱାଦଶୀ |
| ୧୪/୦୨/୨୦୨୨ | ଶ୍ରୀ ନତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ |
| ୧୫/୦୨/୨୦୨୨ | ଶିବଚତୁର୍ଦ୍ଦଶୀ ଉପବାସ |
| ୧୬/୦୨/୨୦୨୨ | ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ, ଗଜ ଉଦ୍ଧାରଣ ବେଶ, ଅଗ୍ନ୍ୟୁତ୍ସବ ଓ ଯୋରନ୍ଦା ମେଳା |
| ୨୧/୦୨/୨୦୨୨ | ଓଁକାରନାଥଙ୍କ ଜୟନ୍ତୀ |
| ୨୭/୦୨/୨୦୨୨ | ପଙ୍କୋଦ୍ଧାର ଏକାଦଶୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜାନୁୟାରୀ ମାସର ବିଜେତାଙ୍କ ନାମ



ଶିକାରେ ରହିଛି ଭଜା ଇଲିସି
ଦାଣ୍ଡ ଅଗଣାକୁ ଯାଉଛି।
ଧାଇଁ ଆସି ପୁଷି ଛକ ବସିଛି
ମଉକା ପାଇଲେ ନେବ କ ଝାମ୍ପି
ଆରେ ବାଃ ...
ଶିକାରୁ ଝୁଲୁଛି ଲହୁଣୀ ଲୋଟା
ଇଲିସି ସାଙ୍ଗକୁ ଲହୁଣୀ ଛଟା
ଭୋଜି ଭୂତ ହେବ ବିଲେଇ ଘରେ
ପୁଷି ନାଚେ ତାକ୍ ଧିନା ଧିନ୍ ଖୁସିରେ

ବିଜେତାଃ ମୀନାକ୍ଷୀ ପାଢୀ, ଥାନେ

ଦ୍ୱାପର ଯୁଗରେ ନନ୍ଦସୁତ କଳା କହ୍ନେଇ
ଖାଇଲେ ସର ଲବଣୀ ଲୁଚ ଶିକା ଛିଣ୍ଡେଇ।
ବୋଉ ମୋର ଭଲ ମନ୍ଦ ଯାହା ଟିକେ କରଇ
ନିଜେ ନଖାଇ ଶିକାରେ ରଖିଥାଏ ମୋପାଇଁ।
ସମୟ ସାଥିରେ ଧୀରେ ବଦଳୁଛି ଚଳଣୀ
ଶିକାଟିଏ ଦେଖିବା ଆଜି ସପନ ହେଲାଣି।

ପୁଷ୍ପଲତା ବେହେରା

ଆଜିର ପିଲାଏ କେମିତି ବୁଝିବେ
ଶିକା କେତେ ଉପକାରୀ
ପୋକ ମାଛି ମୂଷା ବିଲେଇ ଦାଉରୁ
ଶିକା ଅଟେ ରକ୍ଷାକାରୀ
ଦୁଧ ଦହି ଘିଅ ସର ଲହୁଣୀକୁ ଶିକାରେ ସଯତ୍ନେ ଥୋଇ
ଆଇ ଜେଜେମା ନିଶ୍ଚିନ୍ତ ରହନ୍ତୁ କେହି ନପାରନ୍ତୁ ଖାଇ

ପୁରୁଣା ଚଳଣୀ ଘୁଞ୍ଚି ଘୁଞ୍ଚି ଯାଏ
ନୂଆ ଆସୁଅଛି ମାଡି
ଭଲ ମନ୍ଦ କଛି ପରଖୁନୁ ଆମେ
ନୂଆକୁ ଧରୁଛୁ ଭିଡି

ସୁମିତ୍ରା ପଣ୍ଡା, ଶ୍ରୀବିହାର, ପଟିଆ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢ଼ିବା ପାଇଁwww.vedantimagazine.com visit କରନ୍ତୁ ।

# ବେଦାନ୍ତୀ ପତ୍ରିକା ତରଫରୁ ଏହି ମାସରେ ହୋଇଥିବା କ୍ଷୁଦ୍ରଗଳ୍ପ ପ୍ରତିଯୋଗିତାର ବିଜେତାଙ୍କ ନାମ:

ପ୍ରଥମ ପୁରସ୍କାର - **Debajani Swain & Abhimanyu Kanungo**

ଦ୍ୱିତୀୟ ପୁରସ୍କାର - **Kisan Mahaura & Ojaswini Satpathy**

ତୃତୀୟ ପୁରସ୍କାର - **Jhilmil Sahu & Prafulla Chandra Padhi**

**Consolation Prizes:**

(1) **Singdha Samantray**
(2) **Janmajaya Nayak**
(3) **Swapnashree Jena**
(4) **Prabhat Nalini Sahoo**
(5) **Jayanti Devi**
(6) **Ashis Kumar Swain**

**Congratulation to All the Winners & Participants. Prize money & certificates already sent to the participants who have shared their address / bank account details to us. All the stories / entries submitted would be a part of Vedanti's Special Story Issue to be published shortly. And be ready for another competition shortly.**

^^^^^

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ ।  ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**